CLASS - 8

SOCIAL SCIENCE

(ENGLISH - ODIA VERSION)

SEMESTER - 1

C6S9T4

© Government of Andhra Pradesh, Amaravati

First Published 2026

DISCLAIMER

Any form of copying of the content, information and illustrations from this textbook is a punishable offence.

All rights reserved

No part of this publication may be reproduced, stored in a retrieval system, or transmitted, in any form or by any means without the prior permission in writing of the publisher, nor be otherwise circulated in any form of binding or cover other than that in which it is published. Without a similar condition including this condition being imposed on the subsequent purchaser. The copyright holder of this book is the Commissioner of School Education, Amaravati, Andhra Pradesh.

This book has been printed on 70 GSM, SS Maplitho, Title Page 220 GSM, White Artcard.

Published by Samagra Shiksha & SCERT - Government of Andhra Pradesh, Amaravati.

Our National Anthem | ଆମ ଜାତୀୟ ସଙ୍ଗୀତ

Jana-gana-mana-adhinayaka jaya he
Bharata-bhagya-vidhata
Panjaba-Sindhu-Gujarata-Maratha
Dravida-Utkala-Banga
Vindhya-Himachala-Yamuna-Ganga
uchchala-jaladhi-taranga
Tava Subha name jage,
tava subha asisa mage,
gahe tava jaya-gatha.
Jana-gana-mangala-dayaka jaya he
Bharata-bhagya-vidhata.
Jaya he, Jaya he, Jaya he,
jaya jaya jaya jaya he.

- Rabindranath Tagore

ଜନ ଗଣ ମନ ଅଧିନାୟକ ଜୟ ହେ !
ଭାରତ ଭାଗ୍ୟ ବିଧାତା !
ପଞ୍ଜାବ, ସିନ୍ଧୁ, ଗୁଜରାଟ, ମରାଠା,
ଦ୍ରାବିଡ଼, ଉତ୍କଳ, ବଙ୍ଗ !
ବିନ୍ଧ୍ୟ, ହିମାଚଳ, ଯମୁନା, ଗଙ୍ଗା !
ଉଚ୍ଛଳ ଜଳଧି ତରଙ୍ଗ !
ତବ ଶୁଭ ନାମେ ଜାଗେ !
ତବ ଶୁଭ ଆଶିଷ ମାଗେ !
ଗାହେ ତବ ଜୟ ଗାଥା !
ଜନ ଗଣ ମଙ୍ଗଳ ଦାୟକ ଜୟ ହେ !
ଭାରତ ଭାଗ୍ୟ ବିଧାତା !
ଜୟ ହେ ! ଜୟ ହେ ! ଜୟ ହେ !
ଜୟ ଜୟ ଜୟ ଜୟ ହେ !

– ରବୀନ୍ଦ୍ରନାଥ ଠାକୁର

NCF(SE) 2023 - Curricular Goals (Middle Stage)

CURRICULAR GOAL (CG)	COMPETENCY (C)
CG-1: Comprehends and interprets sources related to different aspects of human life and makes meaningful interpreta -tions.	**C-1.1 :** Collects and interprets multiple sources of information (primary and secondary) to understand the historical, cultural, geographical, and socio-political aspects of human life. **C-1.2 :** Represents and analyses data related to various aspects of human life given in the form of text, tables, charts, diagrams, and maps.
CG-2 : Explores the process of continuity and change in human civilisations through specific examples from their context and a few historical episodes.	**C-2.1:** Explains and analyses major changes in the past and their impact on society. **C-2.2:** Recognises elements of the continued prevalence of certain beliefs, relationships, practices, and activities in human society, notwithstanding major changes in society.
CG-3: Draws connections between the causes and effects of different social and historical events or episodes and connects them with the overall impact on human life.	**C-3.1:** Analyses the effect of various changes in early human society from nomadism to settled life and early civilisation (such as agriculture, food habits, technologies like construction, transport, pottery, metallurgy), and changes in habitation, family structures, and socio-cultural beliefs (e.g., Ahimsa, wars, invasions). **C-3.2:** Identifies reasons behind harmony and conflict among social groups and communities, in their region and elsewhere, and their impact on human societies.
CG-4: Understands the functioning of social, cultural, and political institutions and their impact on society, and the way individuals and collectives shape these institutions.	**C-4.1:** Collects, organises, and interprets information about various social, cultural, economic, and political institutions in their vicinity and region, and realises its significance for human society. **C-4.2:** Assesses the influence of social, cultural, and political institut -ions on an individual or group or community or society in general.
CG-5: Understands various forms of inequality and prejudice in society, from those prevalent in a family to those at a community or regional or national level, and also the initiatives and efforts at various levels to address these issues.	**C-5.1:** Identifies, explains, and raises questions about different forms of inequality, prejudice, and discrimination prevailing in one's own family, locality, region, and national and global levels. **C-5.2:** Identifies, explains, and appreciates efforts made at different levels through various (social, cultural, economic, and political) mechanisms and institutions, and what individuals can do to ensure equity, inclusion, and justice.
CG-6: Understands the spatial distribution of resources (from local to global), their conservation, the interdependence between natural phenomena and human life, and their environmental and other implications.	**C-6.1:** Explains key natural phenomena, such as climate, weather, ocean cycles, soil formation, and the flow of rivers, and how they are spatially distributed. **C-6.2:** Identifies the distribution of resources such as water, agriculture, raw materials, and services across geographies. **C-6.3:** Analyses Indian perspectives on and efforts towards conservation and sustainability, and advocates what more needs to be done, including in the context of global climate change. **C-6.4:** Correlates patterns of livelihoods with types of landforms, availability of resources, and climatic conditions and changes (local to global).

CONTENTS

Chapter	Chapter Name	Month	Page No.
	Readiness (ପ୍ରସ୍ତୁତି)	June/ଜୁନ୍	2
Theme A – India and the World : Land and the People (ଭାଗ 'କ' – ଭାରତ ଏବଂ ବିଶ୍ୱ : ଭୂମି ଓ ମାନବ)			
1.	Natural Resources and Their Use ପ୍ରାକୃତିକ ସମ୍ବଳ ଓ ତା'ର ବ୍ୟବହାର	July ଜୁଲାଇ	32
Theme B – Tapestry of the Past (ଭାଗ 'ଖ' – ଅତୀତର ସ୍ମୃତିଫର୍ଦ୍ଦ)			
2.	Reshaping India's Political Map ଭାରତର ରାଜନୈତିକ ମାନଚିତ୍ରର ପୁନର୍ଗଠନ	July ଜୁଲାଇ	66
3.	The Rise of the Marathas ମରାଠାମାନଙ୍କର ଉତ୍ଥାନ	July ଜୁଲାଇ	124
4.	The Colonial Era in India ଭାରତରେ ଔପନିବେଶିକ ଯୁଗ	August ଅଗଷ୍ଟ	164
5.	The Kakatiya kingdom କାକତୀୟ ରାଜ୍ୟ	August ଅଗଷ୍ଟ	220
Theme D – Governance and Democracy (ଭାଗ 'ଘ' – ଶାସନ ଏବଂ ଗଣତନ୍ତ୍ର)			
6.	Universal Franchise and India's Electoral System ସାର୍ବଜନୀନ ମତଦାନ ଏବଂ ଭାରତର ନିର୍ବାଚନ ବ୍ୟବସ୍ଥା	September ସେପ୍ଟେମ୍ବର	240
7.	The Parliamentary System : Legislature and Executive ଭାରତର ସଂସଦୀୟ ବ୍ୟବସ୍ଥା: ବ୍ୟବସ୍ଥାପିକା ଏବଂ କାର୍ଯ୍ୟପାଳିକା	September ସେପ୍ଟେମ୍ବର	278
Theme E – Economic Life Around Us (ଭାଗ 'ଙ' – ଆମ ଚତୁଃପାର୍ଶ୍ୱର ଅର୍ଥନୈତିକ ଜୀବନ)			
8.	Factors of Production ଉତ୍ପାଦନର କାରକ	October ଅକ୍ଟୋବର	320
9.	Integrating AI (କୃତ୍ରିମ ବୁଦ୍ଧିମତା ସହ ସମନ୍ୱୟ)	October/ଅକ୍ଟୋବର	358
	Glossary (ପରିଭାଷା)		378
	Mind Map (ପ୍ରତ୍ୟୟ ଚିତ୍ରଣ)		382

X8B1N9
Teacher Corner

A6H6N1
Student Corner

ପ୍ରସ୍ତୁତି

ଦିବସ- 1 ଭାରତର ଭୌଗୋଳିକ ବିବିଧତା

M2U5B9

ଶିକ୍ଷଣ ଫଳାଫଳ : ଶିକ୍ଷାର୍ଥୀମାନେ ଏହା କରି ପାରିବେ -

- ଭାରତର ଭୌତିକ ଲକ୍ଷଣ ଗୁଡ଼ିକୁ ଚିହ୍ନଟ କରିବେ ।
- ଦେଶର ପ୍ରାକୃତିକ ବିବିଧତା ଓ ଏହାର ଭୌଗୋଳିକ ସୀମାଗୁଡ଼ିକୁ ଚିହ୍ନଟ କରିବେ ।

ଶିକ୍ଷକଙ୍କ କାର୍ଯ୍ୟ

ଶିକ୍ଷକ ଭାରତର ଭୌଗୋଳିକ ଲକ୍ଷଣ ବିଷୟରେ ଆଲୋଚନା ଆରମ୍ଭ କରିବେ ।

ଆଲୋଚିତ ଅଂଶ :

1. ଭାରତର କେତୋଟି ପଡ଼ୋଶୀ ଦେଶର ନାମ କହିପାରିବେ କି ?
2. ଆମ ଦେଶର ଭୌତିକ ସ୍ୱରୂପ(ପର୍ବତ, ସାଗର, ମରୁଭୂମି ପ୍ରଭୃତି) ବିଷୟରେ ଚିନ୍ତା କରି ତୁମ ଭାବନାକୁ ସେୟାର୍ କର ।
3. ତୁମେ ହିମାଳୟ ବିଷୟରେ ଶୁଣିଛ କି ? ଏଥି ବିଷୟରେ ତୁମେ କ'ଣ ଜାଣ ?
4. ପର୍ବତ, ନଦୀ ଓ ସମତଳ ଭୂମିଗୁଡ଼ିକ ଲୋକମାନଙ୍କ ପାଇଁ କାହିଁକି ମୁଖ୍ୟ ଅଟେ ?
5. ଭୌଗୋଳିକ ଲକ୍ଷଣଗୁଡ଼ିକ, ଜଳବାୟୁ ଓ ମାନବ ଜୀବନ ଉପରେ କିପରି ପ୍ରଭାବ ପକାଏ ?

ଶିକ୍ଷାର୍ଥୀଙ୍କ କାର୍ଯ୍ୟ

କାର୍ଯ୍ୟକଳାପ-1 : ଚିନ୍ତାକରି ଉତ୍ତର ଦିଅ ।

1. ଗାଙ୍ଗେୟ ସମତଳ ଭୂମି କୃଷି ପାଇଁ କାହିଁକି ଉର୍ବର ଅଟେ ?
2. କେଉଁ ପର୍ବତ ଶ୍ରେଣୀ ଭାରତର ଉତ୍ତର ସୀମା ଗଠନ କରୁଛି ?
3. ହିମାଚଳ ପର୍ବତ ଶ୍ରେଣୀରେ ଥିବା କୌଣସି ଦୁଇଟି ବିଖ୍ୟାତ ଶୈଳନିବାସର ନାମ କୁହ ।
4. ହିମାଳୟ ପର୍ବତ ଭାରତ ପାଇଁ ମୁଖ୍ୟ କାହିଁକି ?

କାର୍ଯ୍ୟକଳାପ-2 :

ଭାରତର ବାହ୍ୟରେଖା ମାନଚିତ୍ରରେ ନିମ୍ନ ସ୍ଥାନଗୁଡ଼ିକୁ ଚିହ୍ନଟ କର ।

ହିମାଳୟ, ଥର୍ ମରୁଭୂମି, ଆରବ ସାଗର, ବଙ୍ଗୋପ ସାଗର, ଭାରତ ମହାସାଗର, ଗାଙ୍ଗେୟ ସମତଳ ଅଞ୍ଚଳ, ଲଦାଖ୍(ଶୀତଳ ମରୁଭୂମି), ଆରାବଳୀ ପର୍ବତ, ଲାକ୍ଷାଦ୍ୱୀପ, ଆଣ୍ଡାମାନ୍ ଓ ନିକୋବାର୍ ଦ୍ୱୀପପୁଞ୍ଜ ।

କାର୍ଯ୍ୟକଳାପ-3 : ସାରଣୀଟି ପୂରଣ କର ।

ଭୌତିକ ଲକ୍ଷଣ	ଭାରତରେ ସେଥିର ଅବସ୍ଥିତି	ସେଥିର ପ୍ରାମୁଖ୍ୟତା

ଦିବସ - 2 ଭାରତର ଭୌଗୋଳିକ ବିବିଧତା

ଶିକ୍ଷଣ ଫଳାଫଳ : ଶିକ୍ଷାର୍ଥୀମାନେ ଏହା କରି ପାରିବେ -

- ଭାରତର ମରୁଭୂମି ଓ ଶୀତଳ ମରୁଭୂମି ଅଞ୍ଚଳ ବିଷୟରେ ଅବଗତ ହେବେ ।
- ଭାରତର ଆରାବଳୀ ପର୍ବତ ଓ ଉପକୂଳ ରାଜ୍ୟଗୁଡ଼ିକୁ ଚିହ୍ନଟ କରିବେ ।



ଭାରତର ବିଭିନ୍ନ ଭୌଗୋଳିକ ଅଞ୍ଚଳ ବିଷୟରେ ଶିକ୍ଷକ ଏକ ଆଲୋଚନା ଆରମ୍ଭ କରିବେ ଯାହା ଶିକ୍ଷାର୍ଥୀଙ୍କ ଅନ୍ୱେଷଣରେ ସହାୟକ ହେବ ।

ଆଲୋଚିତ ଅଂଶ

1. ମରୁଭୂମି, ପର୍ବତ କିମ୍ବା ଦ୍ୱୀପ ଭଳି ସ୍ଥାନ ବିଷୟରେ ତୁମେ ଶୁଣିଛ କି ?
2. ଭାରତର ମରୁଭୂମି ଅଞ୍ଚଳରେ କେଉଁ ପ୍ରକାର ଜଳବାୟୁ ରହିଛି ବୋଲି ତୁମେ ଭାବୁଛ ?
3. ପର୍ବତ ବା ପାହାଡ଼ କ'ଣ ? ଭାରତର ବିଖ୍ୟାତ ପର୍ବତଗୁଡ଼ିକୁ ତୁମେ କହିପାରିବ କି ?
4. ତୁମେ ଦ୍ୱୀପପୁଞ୍ଜ ବିଷୟରେ ଶୁଣିଛ କି ? ତାହା କେଉଁଠାରେ ଥାଏ ?



କାର୍ଯ୍ୟକଳାପ-1 :

1. ବଙ୍ଗୋପସାଗର ଉପକୂଳରେ କେଉଁ ଭାରତୀୟ ରାଜ୍ୟଗୁଡ଼ିକ ରହିଛି ?
2. ଆରବ ସାଗର ଉପକୂଳରେ କେଉଁ ଭାରତୀୟ ରାଜ୍ୟଗୁଡ଼ିକ ରହିଛି ?

କାର୍ଯ୍ୟକଳାପ-2 :

1. ଭାରତର ପଶ୍ଚିମରେ ..... ଜଳଭାଗ ରହିଛି ।
2. ଭାରତର ଉତ୍ତର ସୀମା ..... ପର୍ବତ ଶ୍ରେଣୀରେ ଗଠିତ ।
3. ଭାରତର ଶୀତଳ ମରୁଭୂମି ହେଉଛି .....।
4. ଭାରତରେ ..... ଗୋଟି ଉପକୂଳ ରାଜ୍ୟ ରହିଛି ।
5. ନିମ୍ନ ମଧ୍ୟରୁ କେଉଁଟି ଭାରତର ମୌସୁମୀ ଶୈଳୀକୁ ପ୍ରଭାବିତ କରେ ? ( )

   A) ଥାର୍ ମରୁଭୂମି **B)** ଭାରତ ମହାସାଗର **C)** ହିମାଳୟ **D)** ବଙ୍ଗୋପସାଗର
6. ଥାର୍ ମରୁଭୂମି ମୁଖ୍ୟତଃ କେଉଁ ରାଜ୍ୟରେ ରହିଛି ? ( )

   A) ଗୁଜରାଟ **B)** ରାଜସ୍ଥାନ **C)** ପଞ୍ଜାବ **D)** ହରିଆନା

କାର୍ଯ୍ୟକଳାପ-3 :

ତୁମେ କୌଣସି ଏକ ସ୍ଥାନ(ମରୁଭୂମି, ପର୍ବତ, ଶୀତଳ ଅଞ୍ଚଳ)କୁ ବାଛି ନିଅ । ସେଠାରେ ତୁମେ ବାସ କରୁଛ ବୋଲି କଳ୍ପନା କରି ସେଥି ବିଷୟରେ କିଛି ତଥ୍ୟ ଲେଖ ।

ଦିବସ - 3 ରାଜନୈତିକ ମାନଚିତ୍ର

ଶିକ୍ଷଣ ଫଳାଫଳ : ଶିକ୍ଷାର୍ଥୀମାନେ ଏହା କରି ପାରିବେ -

- ମାନଚିତ୍ରର ଉପାଦାନ(ଅଂଶ)ଗୁଡ଼ିକୁ ଜାଣିବେ ।
- ମୁଖ୍ୟ ଦିଗ ଓ କୋଣ (ଚାରିଦିଗର କୋଣ)ଗୁଡ଼ିକୁ ଅବଗତ ହେବେ ।

ଶିକ୍ଷକଙ୍କ କାର୍ଯ୍ୟ

ଶିକ୍ଷକ ମାନଚିତ୍ର ଦକ୍ଷତା, ଦିଗଗୁଡ଼ିକର ଅବବୋଧ ଓ ମାନଚିତ୍ରର ପ୍ରକାର ଭେଦ ବିଷୟରେ ଆଲୋଚନା ଆରମ୍ଭ କରିବେ ।

ଆଲୋଚିତ ଅଂଶ :

1. ଚାରୋଟି ମୁଖ୍ୟ ଦିଗ କ'ଣ ? ତାହାକୁ ଆମେ ମାନଚିତ୍ରରେ କିପରି ଚିହ୍ନଟ କରିବା ?
2. ଦିଗଗୁଡ଼ିକର କୋଣ କ'ଣ ? ସେଥିର ନାମ ତୁମେ କହିପାରିବ କି ?
3. ରାଜନୈତିକ, ଭୌତିକ(ପ୍ରାକୃତିକ) ଓ ପ୍ରାସଙ୍ଗିକ ମାନଚିତ୍ର ମଧ୍ୟରେ ପ୍ରଭେଦ କ'ଣ ?


ଶିକ୍ଷାର୍ଥୀଙ୍କ କାର୍ଯ୍ୟ

କାର୍ଯ୍ୟକଳାପ-1 : ନିମ୍ନଗୁଡ଼ିକୁ ଯୋଡ଼ ।

ସ୍ତମ୍ଭ - A	ସ୍ତମ୍ଭ - B
1. ରାଜନୈତିକ ମାନଚିତ୍ର	a) ପର୍ବତ ଓ ନଦୀ
2. ଭୌତିକ(ପ୍ରାକୃତିକ) ମାନଚିତ୍ର	b) ରାଜ୍ୟ ଓ ସୀମା
3. ପ୍ରାସଙ୍ଗିକ ମାନଚିତ୍ର	c) ପର୍ବତ
4. ଆଣ୍ଡାମାନ୍ ଓ ନିକୋବାର୍	d) ବୃଷ୍ଟିପାତ ଓ ଜନସଂଖ୍ୟା
5. ଆରାବଳୀ	e) ବଙ୍ଗୋପ ସାଗର

କାର୍ଯ୍ୟକଳାପ-2 :

କୋଣ(ଚାରିଦିଗର କୋଣ)ଗୁଡ଼ିକୁ ଚିହ୍ନଟ କର ।



କାର୍ଯ୍ୟକଳାପ-3 :


ଦିକ୍‌ସୂଚୀ ଅଙ୍କନର ବିଭିନ୍ନ ସୋପାନକୁ ଅନୁଧ୍ୟାନ କରି ତୁମ ନୋଟ୍ ବହିରେ ଦିକ୍‌ସୂଚୀଟିଏ ଅଙ୍କନ କର ।

କାର୍ଯ୍ୟକଳାପ-4 : ଚିନ୍ତାକରି ଉତ୍ତର ଦିଅ ।

1. ମୁଖ୍ୟ ଦିଗ ଗୁଡ଼ିକ କ'ଣ ? କୋଣ ଗୁଡ଼ିକ କ'ଣ ?
2. ଭୂଗୋଳରେ ମାନଚିତ୍ର ଗୁଡ଼ିକ ମୁଖ୍ୟ ଅଟେ କାହିଁକି ?
3. ପର୍ବତ ଓ ନଦୀ ଗୁଡ଼ିକୁ କେଉଁ ପ୍ରକାରର ମାନଚିତ୍ର ଦର୍ଶାଏ ?
4. ଜନସଂଖ୍ୟା ଓ ବୃଷ୍ଟିପାତକୁ କେଉଁ ପ୍ରକାରର ମାନଚିତ୍ର ଦର୍ଶାଏ ?

କାର୍ଯ୍ୟକଳାପ-5 : ମାନଚିତ୍ର ଦକ୍ଷତା

ଶିକ୍ଷାର୍ଥୀମାନେ ଭାରତର ରାଜନୈତିକ ମାନଚିତ୍ରକୁ ଅନୁଧ୍ୟାନ କରି ନିମ୍ନ ପ୍ରଶ୍ନର ଉତ୍ତର ଦେବେ ।



1. ନେପାଳ ସହ ସୀମା ବଣ୍ଟନ କରୁଥିବା ଭାରତର ଦୁଇଟି ରାଜ୍ୟର ନାମ ଉଲ୍ଲେଖ କର ।
2. ଶ୍ରୀଲଙ୍କା ନିକଟସ୍ଥ ସମୁଦ୍ର ସୀମା ବଣ୍ଟନ କରୁଥିବା ଭାରତର ରାଜ୍ୟଗୁଡ଼ିକର ନାମ କ'ଣ ?
3. ପାକିସ୍ତାନ ସହ ସୀମା ବଣ୍ଟନ କରୁଥିବା ଭାରତର ରାଜ୍ୟଗୁଡ଼ିକର ନାମ କ'ଣ ?
4. ବଙ୍ଗଳା ଦେଶ ସହ ସୀମା ବଣ୍ଟନ କରୁଥିବା ଭାରତର ରାଜ୍ୟଗୁଡ଼ିକର ନାମ କ'ଣ ?

ଦିବସ- 4 ରାଜ୍ୟ ଓ ଜନରାଜ୍ୟଗୁଡ଼ିକର ଆବିର୍ଭାବ

ଶିକ୍ଷଣ ଫଳାଫଳ : ଶିକ୍ଷାର୍ଥୀମାନେ ଏହା କରି ପାରିବେ -

- ଜନପଦ ଓ ମହାଜନପଦ ଗୁଡ଼ିକର ଆବିର୍ଭୂତ ପାଇଁ ଦାୟୀ ହେବା କାରଣ ଗୁଡ଼ିକୁ ଜାଣିବେ ।
- ମଗଧ ଓ ୱ୍ରଜିର ଗୁରୁତ୍ୱକୁ ଭାରତୀୟ ପ୍ରାରମ୍ଭିକ ଇତିହାସରୁ ଚିହ୍ନଟ କରିବେ ।



ଶିକ୍ଷକଙ୍କ କାର୍ଯ୍ୟ



ପ୍ରାଚୀନ ମହାଜନପଦ ଗୁଡ଼ିକ ଆଜିର ଭାରତୀୟ ରାଜ୍ୟଗୁଡ଼ିକ ସହ କିପରି ଜଡ଼ିତ ଶିକ୍ଷକ ଶିକ୍ଷାର୍ଥୀଙ୍କ ସହ ଆଲୋଚନା ଆରମ୍ଭ କରିବେ ।

1. ମଗଧ କିମ୍ବା ୱ୍ରଜି ଭଳି ରାଜ୍ୟଗୁଡ଼ିକ ବିଷୟରେ ତୁମେ ଶୁଣିଛ କି ? ସେଗୁଡ଼ିକ ବିଷୟରେ ତୁମେ କ'ଣ ଜାଣ ?
2. ଗଙ୍ଗା ଓ ଯମୁନା ଭଳି ନଦୀଗୁଡ଼ିକ ନିକଟରେ ଅଧିକ ଲୋକ କାହିଁକି ବାସ କରନ୍ତି ବୋଲି ତୁମେ ଭାବୁଛ ।
3. ଜଣେ ରାଜା ଶାସନ କରିବା ରାଜ୍ୟ ଓ ଦଳେ ଶାସକଙ୍କ ଦ୍ୱାରା ଶାସିତ ରାଜ୍ୟ ମଧ୍ୟରେ ପ୍ରଭେଦ କ'ଣ ?



ଶିକ୍ଷାର୍ଥୀଙ୍କ କାର୍ଯ୍ୟ



କାର୍ଯ୍ୟକଳାପ-1 : ସାରଣୀଟି ପୂରଣ କର ।

ଲକ୍ଷଣ	ମଗଧ	ୱ୍ରଜି
ଶାସନ ପ୍ରଣାଳୀ		
ମୁଖ୍ୟ ଲକ୍ଷଣ		
ଶାସକ ଗଣ		

କାର୍ଯ୍ୟକଳାପ-2 : ଚିନ୍ତାକରି ଉତ୍ତର ଦିଅ ।

1. ଗାଙ୍ଗେୟ ଉପତ୍ୟକାରେ ଅନେକ ଜନଜାତି କାହିଁକି ସ୍ଥିର ହୋଇଛନ୍ତି ?
2. ଉତ୍ତର ଭାରତର 4ଟି ଜନପଦର ନାମ ଉଲ୍ଲେଖ କର ।
3. ମଗଧ କାହିଁକି ଏକ ଶକ୍ତିଶାଳୀ ରାଜ୍ୟ ହୋଇଥିଲା ?
4. ଗଣ ସରକାର କହିଲେ କ'ଣ ?


କାର୍ଯ୍ୟକଳାପ-3 : ମାନଚିତ୍ର ଦକ୍ଷତା

ପ୍ରାଚୀନ ଭାରତର ବାହ୍ୟରେଖା ମାନଚିତ୍ରରେ ନିମ୍ନ ସ୍ଥାନଗୁଡ଼ିକୁ ଚିହ୍ନଟ କର ।

- ମଗଧ, ୱ୍ରଜି, ଅସ୍ମକ
- ଗଙ୍ଗା ନଦୀ, ଯମୁନା ନଦୀ, ଗୋଦାବରୀ ନଦୀ

ଭାରତର କେଉଁ ଆଧୁନିକ ରାଜ୍ୟଗୁଡ଼ିକ ଏହି ଅଞ୍ଚଳରେ ଅବସ୍ଥିତ ଆଲୋଚନା କର ।

କାର୍ଯ୍ୟକଳାପ-4 : ମାନଚିତ୍ର ଦେଖି ଶୂନ୍ୟସ୍ଥାନ ପୂରଣ କର ।



1. ..... ଜନପଦ ଯମୁନା ନଦୀର ଉଭୟ ପାର୍ଶ୍ୱରେ ସ୍ଥିର ହୋଇଛି ।
2. ପାଞ୍ଚାଳ ..... ନଦୀର ଉଭୟ ପାର୍ଶ୍ୱରେ ସ୍ଥିର ହୋଇଛି ।
3. ..... ଜନପଦ ଶୂରସେନର ପଶ୍ଚିମରେ ରହିଛି ।
4. ..... ଜନପଦ ସବୁଠାରୁ ଉତ୍ତରରେ ରହିଛି ।
5. ..... ଜନପଦ ଗୋଦାବରୀ ନଦୀର କୂଳରେ ଅବସ୍ଥିତ ।
6. ଗାନ୍ଧାର ..... ନଦୀକୂଳରେ ଅବସ୍ଥିତ ଥିଲା ।

ଦିବସ- 5 ରାଜ୍ୟ ଓ ସାମ୍ରାଜ୍ୟ

ଶିକ୍ଷଣ ଫଳାଫଳ : ଶିକ୍ଷାର୍ଥୀମାନେ ଏହା କରି ପାରିବେ -

- ମୌର୍ଯ୍ୟ ରାଜବଂଶର ସ୍ଥାପନ ବିଷୟରେ ଶିକ୍ଷା କରିବେ ।
- ଗୁପ୍ତ ରାଜବଂଶର ମୁଖ୍ୟ ରାଜାଗଣ ଓ ସେମାନଙ୍କ ଅବଦାନ ଜାଣିବେ ।
- ଦକ୍ଷିଣ ଭାରତର ଇତିହାସରେ ଶାତବାହାନ ମାନଙ୍କ ଭୂମିକାକୁ ଅବଗତ ହେବେ ।



ପ୍ରାଚୀନ ଭାରତର ମୁଖ୍ୟ ରାଜବଂଶ ଓ ଶାସକମାନଙ୍କ ପରିଚୟ ବିଷୟରେ ଶିକ୍ଷକ ଆଲୋଚନା ଆରମ୍ଭ କରିବେ ।

ଆଲୋଚିତ ଅଂଶ

1. ପ୍ରାଚୀନ ଭାରତର କୌଣସି ରାଜା ଓ ସାମ୍ରାଜ୍ୟ ବିଷୟରେ ତୁମେ ଶୁଣିଛ କି ? ଜଣକର ନାମ କହିପାରିବ କି ?
2. ଜଣେ ରାଜା ନିଜ ରାଜ୍ୟ ପାଇଁ କେଉଁ ପ୍ରକାର କାର୍ଯ୍ୟ କରନ୍ତି ବୋଲି ତୁମେ ଭାବୁଛ ?
3. ଜଣେ ରାଜା କିପରି ଖ୍ୟାତି ଅର୍ଜନ କରନ୍ତି ?
4. ସମସ୍ତ ରାଜା ଏକାଭଳି ଶାସନ କରନ୍ତି ବୋଲି ତୁମେ ଭାବୁଛ କି ?
5. ଜଣେ ସୁଶାସକ ନିଜ ରାଜ୍ୟରେ କେଉଁ ପ୍ରକାର ପରିବର୍ତ୍ତନ ଆଣି ପାରିବେ ତୁମେ କଳ୍ପନା କରିପାରିବ କି ?



କାର୍ଯ୍ୟକଳାପ-1 : ଚିନ୍ତାକରି ଉତ୍ତର ଦିଅ ।

1. ମୌର୍ଯ୍ୟ ସାମ୍ରାଜ୍ୟର ପ୍ରତିଷ୍ଠାତା କିଏ ?
2. କଳିଙ୍ଗ ଯୁଦ୍ଧ ପରେ ତୁମେ ଅଶୋକଙ୍କର କେଉଁ ପରିବର୍ତ୍ତନ ଲକ୍ଷ୍ୟ କଲ ?
3. 'ନବରତ୍ନ' ମାନଙ୍କୁ କେଉଁ ଗୁପ୍ତ ରାଜା ପୃଷ୍ଠପୋଷକତା କରିଥିଲେ ?
4. ମୌର୍ଯ୍ୟ ମାନଙ୍କ ପରେ ଦାକ୍ଷିଣତ୍ୟ ଅଞ୍ଚଳକୁ କିଏ ଶାସନ କରିଥିଲେ ?

କାର୍ଯ୍ୟକଳାପ-2 :

ଏହା ଦର୍ଶାଇ ପୋଷ୍ଟର ବା ଚାର୍ଟ ପ୍ରସ୍ତୁତ କର ।

1. ମୌର୍ଯ୍ୟ ରାଜବଂଶ
2. ଗୁପ୍ତ ବଂଶ
3. ଶାତବାହାନ ରାଜବଂଶ

ପ୍ରତ୍ୟେକ ରାଜବଂଶରୁ ଜଣେ ମୁଖ୍ୟ ରାଜାଙ୍କୁ ନେଇ, ପ୍ରତ୍ୟେକ ରାଜାଙ୍କର ଗୋଟିଏ ମୁଖ୍ୟ ସଫଳତା ବିଷୟରେ ଲେଖ ।

ଦିବସ- 6 ରାଜ୍ୟ ଓ ସାମ୍ରାଜ୍ୟ

ଶିକ୍ଷଣ ଫଳାଫଳ : ଶିକ୍ଷାର୍ଥୀମାନେ ଏହା କରି ପାରିବେ -

- ମୌର୍ଯ୍ୟ ରାଜବଂଶର ପ୍ରତିଷ୍ଠା ବିଷୟରେ ଶିକ୍ଷା କରିବେ ।
- ଗୁପ୍ତ ରାଜବଂଶର ମୁଖ୍ୟ ରାଜା ଓ ସେମାନଙ୍କ ଅବଦାନ ବିଷୟରେ ଜାଣିବେ ।
- ଦକ୍ଷିଣ ଭାରତୀୟ ଇତିହାସରେ ଶାତବାହାନ ମାନଙ୍କ ଭୂମିକା ବିଷୟରେ ଅବଗତ ହେବେ ।

ଶିକ୍ଷକଙ୍କ କାର୍ଯ୍ୟ

ପ୍ରାଚୀନ ଭାରତର ମୁଖ୍ୟ ରାଜବଂଶ ଓ ଶାସକମାନଙ୍କ ପରିଚୟ ବିଷୟରେ ଶିକ୍ଷକ ଆଲୋଚନା ଆରମ୍ଭ କରିବେ ।

ଆଲୋଚିତ ଅଂଶ

1. ପ୍ରାଚୀନ ଭାରତରେ କୌଣସି ରାଜା ଓ ସାମ୍ରାଜ୍ୟ ବିଷୟରେ ଶୁଣିଛ କି ? ତୁମେ ଗୋଟିଏ ନାମ କହିପାରିବ କି ?
2. ଜଣେ ରାଜା ତାଙ୍କ ରାଜ୍ୟ ପାଇଁ କ'ଣ କରନ୍ତି ବୋଲି ତୁମେ ଭାବୁଛ ?
3. ଜଣେ ରାଜା କିପରି ଖ୍ୟାତି ଲାଭ କରିପାରନ୍ତି ?
4. ସମସ୍ତ ଶାସକ ଏକା ଭଳି ଶାସନ କରନ୍ତି ବୋଲି ତୁମେ ଭାବୁଛ କି ? କାହିଁକି ବା କାହିଁକି ନୁହେଁ ?
5. ଜଣେ ଉତ୍ତମ ଶାସକ ନିଜ ରାଜ୍ୟରେ କେଉଁ ପ୍ରକାରର ପରିବର୍ତ୍ତନ ଆଣିପାରିବେ ତୁମେ କଳ୍ପନା କରିପାରିବ କି ?

ଶିକ୍ଷାର୍ଥୀଙ୍କ କାର୍ଯ୍ୟ

କାର୍ଯ୍ୟକଳାପ -1 : **ଶୂନ୍ୟସ୍ଥାନ ପୂରଣ କର ।**

1. ..... ନଦୀ ନିକଟରେ ଉର୍ବର ଜମି ଥିବା ଯୋଗୁଁ ମଗଧ ରାଜ୍ୟ ଶକ୍ତିଶାଳୀ ହୋଇପାରିଲା ।
2. ୱିଜିରେ ..... ସରକାରୀ ରୂପେ ଥିଲା ।
3. ମୌର୍ଯ୍ୟ ସାମ୍ରାଜ୍ୟର ରାଜଧାନୀ ହେଉଛି ..... ।
4. ଅଶୋକ ..... ଯୁଦ୍ଧ ଲଢ଼ିଥିଲେ ।

କାର୍ଯ୍ୟକଳାପ -2 : **ବହୁଳ ଚୟନ ମୂଳକ ପ୍ରଶ୍ନ ।**

1. ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ..... ସାମ୍ରାଜ୍ୟ ପ୍ରତିଷ୍ଠିତ କରିଥିଲେ । ( )

   A) ଗୁପ୍ତ **B)** ମୌର୍ଯ୍ୟ **C)** ଶାତବାହାନ **D)** ମୋଗଲ

2. ଅଶୋକ ..... ଯୁଦ୍ଧ ଲଢ଼ିଥିଲେ । ( )

   A) ପାନିପଥ **B)** କଳିଙ୍ଗ **C)** ପଲାସୀ **D)** ତାଲିକୋଟ

3. ଗୁପ୍ତ ସାମ୍ରାଜ୍ୟ ..... ଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ( )

   A) ସମୁଦ୍ର ଗୁପ୍ତ **B)** ଅଶୋକ **C)** ଚନ୍ଦ୍ରଗୁପ୍ତ-1 **D)** ହର୍ଷ

4. ଚନ୍ଦ୍ରଗୁପ୍ତଙ୍କ ଦରବାରର 9 ଜଣ ପଣ୍ଡିତଙ୍କୁ ..... କୁହାଯାଉଥିଲା । ( )

   A) ନବରତ୍ନ **B)** ପଞ୍ଚତନ୍ତ୍ର **C)** ଅଷ୍ଟଦିଗ୍ଗଜ **D)** ସପ୍ତ ଋଷି

ଦିବସ- 7 ମଧ୍ୟ ଯୁଗୀୟ ଆଞ୍ଚଳିକ ରାଜ୍ୟ – କାକତୀୟ

ଶିକ୍ଷଣ ଫଳାଫଳ : ଶିକ୍ଷାର୍ଥୀମାନେ ଏହା କରି ପାରିବେ –

- ◆ ଆନ୍ଧ୍ର ଇତିହାସରେ କାକତୀୟମାନଙ୍କ ଗୁରୁତ୍ୱକୁ ପ୍ରଶଂସା କରିବେ ।
- ◆ କାକତୀୟ ରାଜବଂଶର ମୁଖ୍ୟ ଶାସକମାନଙ୍କୁ ଚିହ୍ନଟ କରିବେ ।

ଶିକ୍ଷକଙ୍କ କାର୍ଯ୍ୟ

କାକତୀୟ ରାଜବଂଶ ଓ ଏଥିର ଶାସକମାନଙ୍କ ପରିଚୟ ବିଷୟରେ ଶିକ୍ଷକ ଆଲୋଚନା ଆରମ୍ଭ କରିବେ ।

ଆଲୋଚିତ ଅଂଶ

1. ତୁମେ ରାଜବଂଶ ବିଷୟରେ ଶୁଣିଛ କି ? ତୁମେ ଏଥି ବିଷୟରେ କ'ଣ ଜାଣ ?
2. ଇତିହାସରେ କେତେକ ଶାସକ କାହିଁକି ମନେ ରହିଯାଆନ୍ତି ?
3. ରାଜାମାନେ ନିଜ ରାଜ୍ୟ ପାଇଁ କେଉଁ ପ୍ରକାର କାର୍ଯ୍ୟ କରିଥିଲେ ବୋଲି ତୁମେ ଭାବୁଛ ?
4. ଗୋଟିଏ ଅଞ୍ଚଳ ଓ ଏହାର ସଂସ୍କୃତିର ବିକାଶ ପାଇଁ ଶାସକମାନେ କିପରି ଅବଦାନ ଦେଇଥିଲେ ?
5. ରାଜାମାନଙ୍କ ଦ୍ୱାରା ନିର୍ମିତ ବିଖ୍ୟାତ ସ୍ମୃତିଚିହ୍ନ(କୀର୍ତ୍ତି)କୁ ତୁମେ ଦେଖିଛ ବା ଶୁଣିଛ କି ?


ଶିକ୍ଷାର୍ଥୀଙ୍କ କାର୍ଯ୍ୟ

କାର୍ଯ୍ୟକଳାପ-1 : ନିମ୍ନଗୁଡ଼ିକୁ ଯୋଡ଼ ।

ସ୍ତମ୍ଭ - A	ସ୍ତମ୍ଭ - B
1 ପ୍ରୋଳ ରାଜୁ– II	A) ସହସ୍ର ସ୍ତମ୍ଭର ମନ୍ଦିର
2. ରୁଦ୍ରଦେବ	B) ତେଲୁଗୁ ସଂସ୍କୃତିକୁ ପ୍ରୋତ୍ସାହନ କରିଥିଲେ
3. ଗଣପତି ଦେବ	C) ବିଖ୍ୟାତ ମହିଳା ଶାସକ
4. ରୁଦ୍ରାମା ଦେବୀ	D) ମୋଟୁପଲ୍ଲୀ ଶିଳା ଲିପି
5. କାକତୀୟମାନେ	E) ହାନୁମା କୋଣ୍ଡାରୁ ଶାସନ ଆରମ୍ଭ କରିଥିଲେ

କାର୍ଯ୍ୟକଳାପ-2 : ମାନଚିତ୍ର କାର୍ଯ୍ୟକଳାପ

ତେଲାଙ୍ଗାଣା/ଆନ୍ଧ୍ର ପ୍ରଦେଶ ଅଞ୍ଚଳର ବାହ୍ୟରେଖା ମାନଚିତ୍ରରେ ନିମ୍ନ ସ୍ଥାନଗୁଡ଼ିକୁ ଚିହ୍ନଟ କର ।
ହାନୁମା କୋଣ୍ଡା, ୱାରାଙ୍ଗାଲ୍, ଗୋଦାବରୀ ନଦୀ, ମୋଟୁପଲ୍ଲୀ ବନ୍ଦର ।
କାକତୀୟମାନଙ୍କ ସମୟରେ ଏହି ସ୍ଥାନଗୁଡ଼ିକ କିପରି ଗୁରୁତ୍ୱପୂର୍ଣ୍ଣ ଥିଲା ଆଲୋଚନା କର ।



ଦିବସ - ୫

ସରକାର

ଶିକ୍ଷଣ ଫଳାଫଳ : ଶିକ୍ଷାର୍ଥୀମାନେ ଏହା କରି ପାରିବେ -

- ସରକାରଙ୍କ ତିନୋଟି ଅଙ୍ଗକୁ ଚିହ୍ନଟ କରିବେ ।
- ବିଭିନ୍ନ ପ୍ରକାରର ସରକାରୀ ରୂପକୁ ଅବଗତ ହେବେ ।



ନିଜ ପରିପାର୍ଶ୍ୱରେ ଥିବା ବିଦ୍ୟାଳୟ, ଚିକିତ୍ସାଳୟ, ସଡ଼କ, ଜଳ ଯୋଗାଣ ଓ ବିଦ୍ୟୁତ୍ ଭଳି ଯୋଗାଇଦିଆଯାଉଥିବା ସରକାରୀ ସୁବିଧାଗୁଡ଼ିକ ବିଷୟରେ ଶିକ୍ଷକ ଶିକ୍ଷାର୍ଥୀଙ୍କ ସହ ଆଲୋଚନା କରିବେ ।

ଆଲୋଚିତ ଅଂଶ

1. ସରକାର କେଉଁ କାର୍ଯ୍ୟ କରନ୍ତି ତୁମେ କେହି କହିପାରିବ କି ?
2. ସରକାର କହିଲେ କ'ଣ ଆମେ କିପରି ସଂଜ୍ଞା ଦେବା ?
3. ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଦୁଇଟି କାର୍ଯ୍ୟକ୍ରମର ନାମ କୁହ ।
4. ଆମ ସମାଜ ପାଇଁ ସରକାର କାହିଁକି ମୁଖ୍ୟ ଅଟନ୍ତି ?
5. ସରକାରଙ୍କ ତିନୋଟି ଅଙ୍ଗ(ବିଭାଗ) କ'ଣ ଓ ତାହା କ'ଣ କରେ ?



କାର୍ଯ୍ୟକଳାପ-1 : ଚିନ୍ତାକରି ଉତ୍ତର ଦିଅ ।

1. ସରକାର କହିଲେ କ'ଣ ?
2. ସରକାରଙ୍କ ତିନୋଟି ଅଙ୍ଗ(ବିଭାଗ)ର ନାମ ଉଲ୍ଲେଖ କର ।
3. ପ୍ରତ୍ୟକ୍ଷ ଗଣତନ୍ତ୍ର ଓ ପରୋକ୍ଷ ଗଣତନ୍ତ୍ର ମଧ୍ୟରେ ପ୍ରଭେଦ କ'ଣ ?

କାର୍ଯ୍ୟକଳାପ-2 : ଶୂନ୍ୟସ୍ଥାନ ପୂରଣ କର ।

1. ସରକାରଙ୍କ ତିନୋଟି ଅଙ୍ଗ ହେଉଛି ....., ... ଏବଂ .....।
2. ଜଣେ ରାଜା କିମ୍ବା ରାଣୀଙ୍କ ଦ୍ୱାରା ଶାସିତ ଦେଶକୁ ..... କହନ୍ତି ।
3. ..... ଗଣତନ୍ତ୍ରରେ ଲୋକମାନେ ସିଧାସଳଖ ନିଷ୍ପତ୍ତି ଗ୍ରହଣ କରିବାରେ ଅଂଶ ଗ୍ରହଣ କରନ୍ତି ।
4. ସୁଇଜରଲ୍ୟାଣ୍ଡ୍ ..... ଗଣତନ୍ତ୍ରର ଏକ ଉଦାହରଣ ।

କାର୍ଯ୍ୟକଳାପ-3 :

ସରକାର ଆମ ପାଇଁ କାହିଁକି ଆବଶ୍ୟକ ? ଦୁଇଟି କିମ୍ବା ତିନୋଟି ବାକ୍ୟ ଲେଖ ।

ଦିବସ - 9 ସ୍ଥାନୀୟ ସ୍ୱାୟତ୍ତ ଶାସନ

ଶିକ୍ଷଣ ଫଳାଫଳ : ଶିକ୍ଷାର୍ଥୀମାନେ ଏହା କରି ପାରିବେ -

- ସ୍ଥାନୀୟ ସ୍ୱାୟତ୍ତ ଶାସନ ଧାରଣାଟିକୁ ଅବଗତ ହେବେ ।
- ଗ୍ରାମାଞ୍ଚଳରେ ତିନିସ୍ତରୀୟ ପଞ୍ଚାୟତ ରାଜ ବ୍ୟବସ୍ଥାକୁ ଚିହ୍ନଟ କରିବେ ।

ଶିକ୍ଷକଙ୍କ କାର୍ଯ୍ୟ

ଶିକ୍ଷକ ଶିକ୍ଷାର୍ଥୀମାନଙ୍କ ସହ ତିନି ସ୍ତରୀୟ ପଞ୍ଚାୟତ ରାଜ ବ୍ୟବସ୍ଥା ବିଷୟରେ ଆଲୋଚନା କରିବେ । ଯଥା–ସଡ଼କ, ପରିମଳ, ଜଳଯୋଗାଣ ଓ ବିଦ୍ୟାଳୟ ଭଳି ଗ୍ରାମ ବିକାଶରେ ସ୍ଥାନୀୟ ସ୍ୱାୟତ୍ତ ଶାସନର ଭୂମିକା ।


ଆଲୋଚିତ ଅଂଶ

1. ଆମ ଗ୍ରାମରେ ଆମେ କେଉଁ ସମସ୍ୟାଗୁଡ଼ିକ ଦେଖିଥାଉ ? ତାହା କିଏ ସମାଧାନ କରନ୍ତି ?
2. ତୁମେ ଗ୍ରାମ ପଞ୍ଚାୟତ ବିଷୟରେ ଶୁଣିଛ କି ? ଏହା କ'ଣ କରେ ବୋଲି ତୁମେ ଭାବ ?
3. ସରପଞ୍ଚ ଭଳି ନେତା ମାନେ କିପରି ନିର୍ବାଚିତ ହୁଅନ୍ତି ତୁମେ ଜାଣ କି ?
4. ଗ୍ରାମଗୁଡ଼ିକରେ ସ୍ଥାନୀୟ ସ୍ୱାୟତ୍ତ ଶାସନ ଆମ ପାଇଁ କାହିଁକି ଆବଶ୍ୟକ ?
5. ପଞ୍ଚାୟତ କେଉଁ ପ୍ରକାର ବିକାଶମୂଳକ କାର୍ଯ୍ୟ କରେ ?

ଶିକ୍ଷାର୍ଥୀଙ୍କ କାର୍ଯ୍ୟ

କାର୍ଯ୍ୟକଳାପ - 1 : ଚିନ୍ତାକରି ଉତ୍ତର ଦିଅ ।

1. ସ୍ଥାନୀୟ ସ୍ୱାୟତ୍ତ ଶାସନ କହିଲେ କ'ଣ ?
2. ପଞ୍ଚାୟ ରାଜ ବ୍ୟବସ୍ଥାର ତିନୋଟି ସ୍ତରର ନାମ ଉଲ୍ଲେଖ କର ।
3. ଗ୍ରାମ ପଞ୍ଚାୟତ ନିର୍ବାଚନ କେତେ ଥର ହୋଇଥାଏ ?
4. ଗ୍ରାମ ପଞ୍ଚାୟତର ମୁଖ୍ୟ(ଅଧିପତି) କିଏ ?



କାର୍ଯ୍ୟକଳାପ - 2 : ପଞ୍ଚାୟତ ରାଜ ବ୍ୟବସ୍ଥାର ତିନୋଟି ସ୍ତରକୁ ଚିହ୍ନଟ କର ।

ଗ୍ରାମ ପଞ୍ଚାୟତ ମଣ୍ଡଳ ପରିଷଦ ଜିଲ୍ଲା ପରିଷଦ

ଏହାକୁ ନିମ୍ନରୁ ଉଚ୍ଚ ସ୍ତର କ୍ରମରେ ଲେଖ ।

କାର୍ଯ୍ୟକଳାପ - 3 : ତୁମ ଗ୍ରାମ ପଞ୍ଚାୟତ ବିଷୟରେ ତଥ୍ୟ ସଂଗ୍ରହ କର ।

1. ସରପଞ୍ଚଙ୍କ ନାମ
2. ୱାର୍ଡ୍ ସଭ୍ୟଙ୍କ ସଂଖ୍ୟା
3. କାର୍ଯ୍ୟକାରୀ ହୋଇଥିବା ବିକାଶମୂଳକ କାର୍ଯ୍ୟ, ଯଥା–ସଡ଼କ, ଜଳ ଯୋଗାଣ, ପରିମଳ, ବିଦ୍ୟାଳୟ, ପାଠାଗାର ପ୍ରଭୃତି ।

ଦିବସ - 10 ରାଜ୍ୟ ସରକାର

ଶିକ୍ଷଣ ଫଳାଫଳ : ଶିକ୍ଷାର୍ଥୀମାନେ ଏହା କରି ପାରିବେ -

- ରାଜ୍ୟ ସରକାରଙ୍କ ରୂପାୟନ(ଗଠନ) ବିଷୟରେ ଅବଗତ ହେବେ ।
- ରାଜ୍ୟରେ ଆଇନ ପ୍ରଣୟନ ପ୍ରଣାଳୀ ବିଷୟରେ ଅବଗତ ହେବେ ।



ଶିକ୍ଷକଙ୍କ କାର୍ଯ୍ୟ



ଶିକ୍ଷକ ରାଜ୍ୟପାଳ, ବିଧାନ ସଭା ଓ ବିଧାନ ପରିଷଦର ଚିତ୍ର ଦର୍ଶାଉଥିବା ରେଖାଚିତ୍ର ବ୍ୟବହାର କରି ରାଜ୍ୟ ସରକାରଙ୍କ ଗଠନ ବିଷୟରେ ଶିକ୍ଷାର୍ଥୀ ମାନଙ୍କ ସହ ଆଲୋଚନା କରିବେ ।

ଆଲୋଚିତ ଅଂଶ

1. ଆନ୍ଧ୍ର ପ୍ରଦେଶର ରାଜଧାନୀ ନଗର କ'ଣ ?
2. ସରକାର ଶବ୍ଦଟି ତୁମେ କେବେ ଶୁଣିଛ କି ?
3. ଏମ୍.ଏଲ୍.ଏ.ର ଅର୍ଥ କ'ଣ ତୁମେ ଜାଣ କି ?
4. ଆମ ରାଜ୍ୟ ସରକାରଙ୍କ ଅଧିନେତା କାହାକୁ କହନ୍ତି କହିପାରିବ କି ?



ଶିକ୍ଷାର୍ଥୀଙ୍କ କାର୍ଯ୍ୟ



କାର୍ଯ୍ୟକଳାପ-1 : ଚିନ୍ତାକରି ଉତ୍ତର ଦିଅ ।

1. ରାଜ୍ୟ ଶାସନ ସଭାର ଅର୍ଥ କ'ଣ ?
2. ରାଜ୍ୟପାଳଙ୍କୁ କିଏ ନିଯୁକ୍ତି କରନ୍ତି ?
3. ବିଧାନ ସଭା ଓ ବିଧାନ ପରିଷଦ ମଧ୍ୟରେ ପ୍ରଭେଦ କ'ଣ ?
4. ବିଧାନ ପରିଷଦକୁ କାହିଁକି ସ୍ଥାୟୀ ଗୃହ ବା ସଦନ କୁହାଯାଏ ?

କାର୍ଯ୍ୟକଳାପ-2 : ଶୂନ୍ୟସ୍ଥାନ ପୂରଣ କର ।

1. ରାଜ୍ୟପାଳଙ୍କୁ ଭାରତର _____ ନିଯୁକ୍ତି ଦିଅନ୍ତି ।
2. ରାଜ୍ୟ ଶାସନ ସଭାର ନିମ୍ନ ସଦନକୁ _____ କହନ୍ତି ।
3. ବିଧାନ ପରିଷଦ ସଭ୍ୟମାନଙ୍କୁ _____ କହନ୍ତି ।
4. ବିଧାନ ସଭାର ନିର୍ବାଚନ ପ୍ରତି _____ ବର୍ଷରେ ଥରେ ହୋଇଥାଏ ।

କାର୍ଯ୍ୟକଳାପ-3 : ବହୁଳ ଚୟନ ମୂଳକ ପ୍ରଶ୍ନ ।

1. ରାଜ୍ୟ ଶାସନ ସଭାର ଉଚ୍ଚ ସଦନ ହେଉଛି :

   A) ବିଧାନ ସଭା **B)** ବିଧାନ ପରିଷଦ **C)** ପାର୍ଲିଆମେଣ୍ଟ **D)** ପଞ୍ଚାୟତ

2. ବିଧାନ ପରିଷଦ ସଭ୍ୟମାନଙ୍କ ସେବା କାର୍ଯ୍ୟକାଳ

   A) 4 ବର୍ଷ **B)** 5 ବର୍ଷ **C)** 6 ବର୍ଷ **D)** 7 ବର୍ଷ

ଦିବସ- 11 ରାଜ୍ୟ ସରକାର - ନ୍ୟାୟପାଳିକା ଓ ଆଇନ ପ୍ରଣୟନ ପ୍ରଣାଳୀ

ଶିକ୍ଷଣ ଫଳାଫଳ : ଶିକ୍ଷାର୍ଥୀମାନେ ଏହା କରି ପାରିବେ -

- ରାଜ୍ୟ ସରକାରଙ୍କ ଆଇନ ପ୍ରଣୟନ ପ୍ରଣାଳୀକୁ ଅବଗତ ହେବେ ।
- ଆଇନ କିପରି କାର୍ଯ୍ୟକାରୀ ହୁଏ ସେଥି ବିଷୟରେ ସଚେତନତା ବୃଦ୍ଧି କରିବେ ।

ଶିକ୍ଷକଙ୍କ କାର୍ଯ୍ୟ

ଶିକ୍ଷକ ବୋର୍ଡ୍ ଉପରେ ସରଳ ଫ୍ଲୋ ଚାର୍ଟ୍ ବ୍ୟବହାର କରି ରାଜ୍ୟ ସରକାର, ରାଜ୍ୟ ବିଧାନ ସଭା, ବିଧାନ ପରିଷଦ ଓ ଆଇନ ପ୍ରଣୟନ ପ୍ରକ୍ରିୟା ବିଷୟରେ ଶିକ୍ଷାର୍ଥୀଙ୍କ ସହ ଆଲୋଚନା କରିବେ ।

ଆଲୋଚିତ ଅଂଶ

1. ତୁମ ଘରେ କେହି ହେଲେ ବିନା ଲାଇସେନ୍ସ୍‌ରେ ଦୁଇଚକିଆ ଯାନ ଚଲାଉଛନ୍ତି କି ?
2. ଲାଇସେନ୍ସ୍ କହିଲେ କ'ଣ ?
3. ଆଇନ ପ୍ରଣୟନ ଓ କାର୍ଯ୍ୟକାରୀରେ କିଏ ଜଡ଼ିତ ରହିଥାନ୍ତି ?
4. ସମାଜରେ ଆଇନ ଅନୁସରଣ କରିବା କାହିଁକି ଗୁରୁତ୍ୱପୂର୍ଣ୍ଣ ?

ଶିକ୍ଷାର୍ଥୀଙ୍କ କାର୍ଯ୍ୟ



ଆନ୍ଧ୍ର ପ୍ରଦେଶ ଉଚ୍ଚ ବିଚାରାଳୟ



ଆନ୍ଧ୍ର ପ୍ରଦେଶ ବିଧାନ ସଭା

କାର୍ଯ୍ୟକଳାପ - 1 : **ଶୂନ୍ୟସ୍ଥାନ ପୂରଣ କର ।**

1. ..... ହେଉଛି ରାଜ୍ୟ ଶାସନ ସଭାର ଉଚ୍ଚ ସଦନ ।
2. ବିଧାନ ପରିଷଦର ସଭ୍ୟମାନଙ୍କୁ ..... କହନ୍ତି ।

କାର୍ଯ୍ୟକଳାପ - 2 : **ଚିନ୍ତାକରି ଉତ୍ତର ଦିଅ ।**

1. ନ୍ୟାୟପାଳିକା କହିଲେ କ'ଣ ?
2. ରାଜ୍ୟ ସ୍ତରରେ ଉଚ୍ଚତମ ବିଚାରାଳୟ କେଉଁଟି ?
3. ବିଲ୍ କ'ଣ ?

କାର୍ଯ୍ୟକଳାପ - 3 :

ଆଇନ୍ ପ୍ରଣୟନ ପ୍ରଣାଳୀ ବିଷୟରେ ପ୍ରବାହୀ ଚାର୍ଟ୍‌ଟିଏ ପ୍ରସ୍ତୁତ କର ।

ଦିବସ - 12 ଭାରତ ସମ୍ବିଧାନ - ଏକ ଉପକ୍ରମ

ଶିକ୍ଷଣ ଫଳାଫଳ : ଶିକ୍ଷାର୍ଥୀମାନେ ଏହା କରି ପାରିବେ -

- ସମ୍ବିଧାନର ମୌଳିକ ତାତ୍ପର୍ଯ୍ୟ ଅବଗତ ହେବେ ।
- ଗଣତନ୍ତ୍ରରେ ନାଗରିକ ମାନଙ୍କର ଅଧିକାର ଓ ଦାୟିତ୍ୱ ବିଷୟରେ ଅବଗତ ହେବେ ।



ସମ୍ବିଧାନ ଓ ପ୍ରସ୍ତାବନାର ପ୍ରାମୁଖ୍ୟତା ଓ ଦୈନନ୍ଦିନ ଜୀବନରେ ନାଗରିକ ମାନେ ଉପଭୋଗ କରୁଥିବା ପ୍ରାଥମିକ ଅଧିକାର ବିଷୟରେ ଶିକ୍ଷକ ଶିକ୍ଷାର୍ଥୀମାନଙ୍କ ସହ ଆଲୋଚନା କରିବେ ।

ଆଲୋଚିତ ଅଂଶ

1. ସମ୍ବିଧାନ ଶବ୍ଦଟିକୁ ତୁମେ କେବେ ଶୁଣିଛ କି ?
2. ଅଧିକାର ଶବ୍ଦଟିର ତାତ୍ପର୍ଯ୍ୟ ତୁମେ ଜାଣ କି ?
3. ତୁମେ ସ୍ୱାଧୀନ ଭାବେ ପଢ଼ିବା ଅଧିକାର ରହିଛି ବୋଲି ଭାବୁଛ କି ?
4. ଗଣତନ୍ତ୍ରରେ ନାଗରିକ ମାନଙ୍କର କେଉଁ ପ୍ରକାର ଅଧିକାର ରହିଛି ବୋଲି ତୁମେ ଭାବୁଛ ?
5. ଅଧିକାର ଓ ଦାୟିତ୍ୱ ସମାଜରେ ଶାନ୍ତି ରକ୍ଷା କରିବା ପାଇଁ କିପରି ସହାୟକ ହୋଇଥାଏ ?



କାର୍ଯ୍ୟକଳାପ - 1 : ଶୂନ୍ୟସ୍ଥାନ ପୂରଣ କର ।

1. ..... ହେଉଛି ଗୋଟିଏ ଦେଶକୁ ଶାସନ କରିବା ପାଇଁ ରହିଥିବା ଆଇନ ସମୂହ ।
2. ..... ହେଉଛି ଭାରତ ସମ୍ବିଧାନର ଉପକ୍ରମ(ପରିଚୟ) ।
3. ମୌଳିକ ଅଧିକାରଗୁଡ଼ିକ ..... ଙ୍କ ଦ୍ୱାରା ସୁରକ୍ଷିତ ହୋଇଥାଏ ।
4. ମୌଳିକ ଅଧିକାର ..... ଠାରୁ ..... ଯାଏଁ ରହିଥିବା ଅନୁଚ୍ଛେଦରେ ଉଲ୍ଲିଖିତ ରହିଛି ।

କାର୍ଯ୍ୟକଳାପ - 2 : ବହୁଳ ଚୟନ ମୂଳକ ପ୍ରଶ୍ନାବଳୀ

1. ଭାରତ ସମ୍ବିଧାନ କାର୍ଯ୍ୟକାରୀ ହେବା ବର୍ଷଟି ( )

   a) 1945 **b)** 1947 **c)** 1950 **d)** 1952

2. ପ୍ରାଥମିକ ଅଧିକାରଗୁଡ଼ିକ ସମ୍ବିଧାନର କେଉଁ ଭାଗରେ ପ୍ରସ୍ତାବିତ ହୋଇଛି ? ( )

   a) ଭାଗ **I** **b)** ଭାଗ **II** **c)** ଭାଗ **III** **d)** ଭାଗ **IV**

କାର୍ଯ୍ୟକଳାପ - 3 :

ସମ୍ବିଧାନ ଆମ ପାଇଁ କାହିଁକି ଗୁରୁତ୍ୱପୂର୍ଣ୍ଣ ଦୁଇଟି କିମ୍ବା ତିନୋଟି ବାକ୍ୟରେ ବର୍ଣ୍ଣନା କର ।

ଲଘୁ ପରୀକ୍ଷା

ବିଭାଗ – A : ଶୂନ୍ୟସ୍ଥାନ ପୂରଣ କର(ଜ୍ଞାନ & ଯାନ୍ତ୍ରିକ)

1. ଭାରତ ହେଉଛି ପୃଥିବୀରେ ..... ବୃହତ୍ତମ ଦେଶ ।
2. ଭାରତର ଶୀତଳ ମରୁଭୂମି ହେଉଛି ..... ।
3. ଚାରୋଟି ମୁଖ୍ୟ ଦିଗ ହେଉଛି ଉତ୍ତର, ଦକ୍ଷିଣ ..... ଓ ..... ।
4. ମୌର୍ଯ୍ୟ ସାମ୍ରାଜ୍ୟର ପ୍ରତିଷ୍ଠାତା ..... ଥିଲେ ।
5. ଶାତବାହାନ ସାମ୍ରାଜ୍ୟର ରାଜଧାନୀ..... ଥିଲା ।
6. ସରକାରଙ୍କ ତିନୋଟି ବିଭାଗ ହେଉଛି ଶାସନ ପାଳିକା, ... ଓ ..... ।
7. ରାଜା କିମ୍ବା ରାଣୀଙ୍କ ଦ୍ୱାରା ଶାସିତ ଦେଶକୁ ..... କୁହାଯାଉଥିଲା ।

ବିଭାଗ – B : ବହୁ ଚୟନ ମୂଳକ ପ୍ରଶ୍ନ(ଅବବୋଧ & ପ୍ରୟୋଗ)

8. ଉତ୍ତର ସମତଳ ଦେଇ ପ୍ରବାହିତ ନଦୀ ? ( )

   A) ଗୋଦାବରୀ **B)** ଗଙ୍ଗା **C)** କୃଷ୍ଣା **D)** କାବେରୀ

9. ଥର୍ ମରଭୂମି ମୁଖ୍ୟତଃ ଏଠାରେ ଅବସ୍ଥିତ: ( )

   A) ଗୁଜରାଟ **B)** ରାଜସ୍ଥାନ **C)** ପଞ୍ଜାବ **D)** ହରିଆନା

10. କେଉଁ ପ୍ରକାର ମାନଚିତ୍ର ପର୍ବତ ଓ ନଦୀଗୁଡ଼ିକୁ ଦର୍ଶାଏ ? ( )

    A) ରାଜନୈତିକ ମାନଚିତ୍ର **B)** ଭୌତିକ ବା ପ୍ରାକୃତିକ ମାନଚିତ୍ର

    C) ପ୍ରାସଙ୍ଗିକ ମାନଚିତ୍ର **D)** ସଡ଼କ ମାନଚିତ୍ର

11. ଅଶୋକ କେଉଁ ବିଖ୍ୟାତ ଯୁଦ୍ଧ ଲଢ଼ିଥିଲେ ? ( )

    A) ପାନିପଥ **B)** ପଲାସୀ **C)** କଳିଙ୍ଗ **D)** ତାଲିକୋଟା

12. ଅତି ଶକ୍ତିଶାଳୀ କାକତୀୟ ଶାସକ ଥିଲେ : ( )

    A) ରୁଦ୍ର ଦେବ **B)** ପ୍ରୋଲାରାଜୁ **C)** ଗଣପତି ଦେବ **D)** ମହାଦେବ

13. ସୁଇଜରଲ୍ୟାଣ୍ଡ୍ ଏଥିର ଉଦାହରଣ– ( )

    A) ରାଜତନ୍ତ୍ର **B)** ପ୍ରତ୍ୟକ୍ଷ ଗଣତନ୍ତ୍ର **C)** ଏକଚ୍ଛତ୍ରବାଦ **D)** ଜନରାଜ୍ୟ

14. ଏକ ପ୍ରସ୍ତାବିତ ଆଇନ କହିଲେ ( )

    A) ଅଧିନିୟମ **B)** ନିୟମ **C)** ବିଧେୟକ(ବିଲ୍) **D)** ଆଦେଶ

ବିଭାଗ – C : କ୍ଷୁଦ୍ର ଉତ୍ତର ମୂଳକ ପ୍ରଶ୍ନ (ଅବବୋଧ & ପ୍ରୟୋଗ)

15. ଗାଙ୍ଗେୟ ସମତଳ ଭୂମି କୃଷି ପାଇଁ କାହିଁକି ଉତ୍ତମ ଅଟେ ?
16. ପଞ୍ଚାୟତ ରାଜ ବ୍ୟବସ୍ଥାର ତିନୋଟି ସ୍ତର କ'ଣ ?

ବିଭାଗ – D : ସୃଜନଶୀଳ ପ୍ରଶ୍ନ

17. ସ୍ଥାନୀୟ ବଜାର ଓ ଆନ୍ତର୍ଜାତୀୟ ବଜାର ମଧ୍ୟରେ ଦୁଇଟି ପ୍ରଭେଦ ଲେଖ ।

ପ୍ରାକୃତିକ ସମ୍ବଳ ଓ ତା'ର ବ୍ୟବହାର

ଅଧ୍ୟାୟ
1

S5K3H9

ଶିକ୍ଷଣ ଫଳାଫଳ

ଶିକ୍ଷାର୍ଥୀମାନେ ଏହା କରିପାରିବେ :

- → ସମ୍ପଦ ଶବ୍ଦକୁ ବ୍ୟାଖ୍ୟା କରିବେ ଏବଂ ବିଭିନ୍ନ ବର୍ଗର ପ୍ରାକୃତିକ ସମ୍ପଦକୁ ଚିହ୍ନଟ କରିପାରିବେ । (CG - 1)
- → ଭାରତର ମାନଚିତ୍ରରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଉପଲବ୍ଧ ସ୍ଥାନଗୁଡିକୁ ଚିହ୍ନଟ କରିପାରିବେ । (CG - 1)
- → ପ୍ରାକୃତିକ ସମ୍ପଦର ବଣ୍ଟନ ଏବଂ ଏହାର ପ୍ରଭାବ ପରୀକ୍ଷଣ କରିପାରିବେ । (CG - 5)
- → ଭୂତଳ ଜଳ ସ୍ତର ବୃଦ୍ଧି ଏବଂ ମୃତ୍ତିକାର ପୁନରୁଦ୍ଧାର ପାଇଁ ପାରମ୍ପରିକ ଅଭ୍ୟାସଗୁଡିକୁ ଚିହ୍ନଟ କରିପାରିବେ । (CG - 1)
- → ଭୂତଳ ଜଳର ଅତ୍ୟଧିକ ଉପଯୋଗ ଉପରେ ସବୁଜ ବିପ୍ଳବର ପ୍ରଭାବ ବିଶ୍ଳେଷଣ କରିପାରିବେ । (CG - 1)

'ପ୍ରକୃତି ସହିତ ସମନ୍ୱୟ ରକ୍ଷାକରି ଆମକୁ ଏକ ପୁନଃସୃଷ୍ଟିକାରୀ ଅର୍ଥନୀତି ଦିଗରେ ଅଗ୍ରସର ହେବାପାଇଁ ସମାଜବିଜ୍ଞାନୀମାନେ ସ୍ପଷ୍ଟ ମତ ଦେଇଛନ୍ତି । ଏ ପ୍ରକାର ଅର୍ଥନୀତି ବ୍ୟବହୃତ ସମ୍ବଳଗୁଡ଼ିକର ପୁନଃ ଉପଯୋଗ, ଅପଚୟ ହ୍ରାସ ଏବଂ କ୍ଷୟପ୍ରାପ୍ତ ସମ୍ବଳଗୁଡ଼ିକର ପୁନଃ ଭରଣା କରେ । ଆମକୁ ପ୍ରକୃତିର ଅନ୍ତର୍ନିହିତ ଜ୍ଞାନକୁ ଫେରିଯିବାକୁ ପଡ଼ିବ – ଯାହା ସମସ୍ତ ସମ୍ବଳର ଅନ୍ତିମ ପୁନଃ ସୃଷ୍ଟିକାରୀ ଓ ପୁନଃ ଚକ୍ରୀକରଣ ଅଟେ ।''

– ଖ୍ରୀଷ୍ଟିଆନ ଫିଗ୍ୟୁରେସ ଓ ଟମ୍ ରିଭେଟ୍–କାନାର୍କ 'ଆମ ପସନ୍ଦର ଭବିଷ୍ୟତ'

ଚିତ୍ର : 1,1 ଭାରତର ଗୋଆସ୍ଥିତ ଦୁଧ୍‌ସାଗର ଜଳ ପ୍ରପାତ ଏବଂ ରେଳ ସେତୁ



କଥା ଓ ପ୍ରଶ୍ନାବଳୀ ?

1. ପ୍ରାକୃତିକ ସମ୍ବଳକୁ ଆମେ କିପରି ଶ୍ରେଣୀଭୁକ୍ତ କରିବା ?
2. ପ୍ରାକୃତିକ ସମ୍ବଳର ବଣ୍ଟନ ଓ ଜୀବନର ବିଭିନ୍ନ ଦିଗ ମଧ୍ୟରେ କି ସମ୍ପର୍କ ରହିଛି ?
3. ପ୍ରାକୃତିକ ସମ୍ପଦର ଅସ୍ଥାୟୀ ବ୍ୟବହାର / ଅତ୍ୟଧିକ ଶୋଷଣର ପରିଣାମ କ'ଣ ?



ଚିତ୍ର 1.2. ହିମାଚଳ ପ୍ରଦେଶର ଏକ କ୍ଷୁଦ୍ର ଜଳବିଦ୍ୟୁତ୍ କେନ୍ଦ୍ର -ପ୍ରବାହିତ ଜଳର ଶକ୍ତି ବିଦ୍ୟୁତ୍‌ରେ ପରିଣତ ହୁଏ ।



ଚିତ୍ର1.3. ତଟବର୍ତ୍ତୀ ସମୁଦ୍ର ତଳଭୂମି ଅଭ୍ୟନ୍ତରରୁ ତୈଳ ଉତ୍ତୋଳନକାରୀ ଯନ୍ତ୍ର ।

ପ୍ରକୃତି କେତେବେଳେ ସମ୍ବଳରେ ପରିଣତ ହୁଏ

ମନୁଷ୍ୟ ଦ୍ୱାରା ସୃଷ୍ଟି ହୋଇନଥିବା ପରିବେଶ ଅନ୍ତର୍ଗତ ସମସ୍ତ ସଜୀବ ଓ ନିର୍ଜୀବ ପ୍ରରୂପଗୁଡ଼ିକର ସମାହାର ହିଁ ପ୍ରକୃତିର ଅନ୍ୟତମ ଅର୍ଥ । ପ୍ରକୃତି ସେତେବେଳେ 'ସମ୍ବଳ'ର ରୂପ ନିଏ, ଯେତେବେଳେ ଏ ବଞ୍ଚିବା ପାଇଁ ପ୍ରକୃତିରୁ ନୂତନ ଦ୍ରବ୍ୟ ସୃଷ୍ଟିକରେ ଓ ତାହାର ଉପଯୋଗ କରେ । ଉଦାହରଣ ସ୍ୱରୂପ, ବୃକ୍ଷଲତାଗୁଡ଼ିକ ପରିବେଶର ଅଂଶଭାବେ ମନୁଷ୍ୟ ବିନା ସ୍ୱାଧୀନଭାବେ ତିଷ୍ଠି ରହିଥାନ୍ତି । ଆମେ ଗଛକୁ କାଟି ତା'ର କାଠକୁ ବିଭିନ୍ନ ଗୃହ ଉପକରଣରେ ପରିଣତ କଲେ ହିଁ ଏହା ସମ୍ବଳରେ ପରିଣତ ହୁଏ ।

ପ୍ରାୟତଃ ଏହି ଜିନିଷଗୁଡ଼ିକ ସହଜରେ ଉପଲବ୍ଧ ହୋଇନଥାଏ। ଉଦାହରଣ ସ୍ୱରୂପ, ସମୁଦ୍ରର ଅତି ଗଭୀରରେ ପେଟ୍ରୋଲିୟମ୍ ଥାଇପାରେ, କିନ୍ତୁ ତାହାକୁ ବାହାର କରିବା ପାଇଁ ଆବଶ୍ୟକ ଜ୍ଞାନକୌଶଳ ଆମ ପାଖରେ ଉପଲବ୍ଧ ନଥାଇପାରେ, କିମ୍ବା ତାହାକୁ ବାହାର କରିବା ପାଇଁ ହେଉଥିବା ଖର୍ଚ୍ଚ ବହୁତ ଅଧିକ ହୋଇପାରେ କିମ୍ବା ପବିତ୍ର ବନଗୁଡ଼ିକରେ ଗଛ କାଟିବା ସାଂସ୍କୃତିକ ଦୃଷ୍ଟିକୋଣରୁ ଗ୍ରହଣୀୟ ହୋଇନଥାଇପାରେ । ତେଣୁ, ଗୋଟିଏ ବସ୍ତୁକୁ ସମ୍ବଳ ବୋଲି କହିବାକୁ ହେଲେ, ତାହା ବୈଷୟିକ ଜ୍ଞାନକୌଶଳ ଦୃଷ୍ଟିରୁ ଉପଲବ୍ଧ ହେବା ଉଚିତ, ଏବଂ ତାର ବ୍ୟବହାର ଆର୍ଥିକ ଦୃଷ୍ଟିରୁ ବିନିଯୋଗ ବା ଲାଭଦାୟକ ଓ ସାଂସ୍କୃତିକ ଦୃଷ୍ଟିକୋଣରୁ ଗ୍ରହଣୀୟ ହେବା ଆବଶ୍ୟକ। (ସାଧାରଣତଃ, 'ବିନିଯୋଗ' ଶବ୍ଦର ଏକ ନକାରାତ୍ମକ ଅର୍ଥ ଥାଏ କିନ୍ତୁ ଆମେ ଏଠାରେ ଯେଉଁ ପ୍ରସଙ୍ଗରେ ଏହାକୁ ବ୍ୟବହାର କରୁଛୁ, ତାର ଅର୍ଥ ହେଉଛି 'ପ୍ରାକୃତିକ ସମ୍ବଳଗୁଡ଼ିକୁ ବାହାର କରିବା, ଉପଯୋଗ କରିବା ଏବଂ ବ୍ୟବହାର କରିବା'।)

ପୃଥିବୀ ସମ୍ବଳର ଏକ ଭଣ୍ଡାର, ମାତ୍ର ଅଧିକାଂଶ ସମ୍ବଳ ସୃଷ୍ଟି ପାଇଁ ଲକ୍ଷ ଲକ୍ଷ ବର୍ଷ ସମୟ ଲାଗିଛି । ମନୁଷ୍ୟ ଏଗୁଡ଼ିକୁ ନେଇ ବ୍ୟବହାର କରିବା ଶିଖିଛି । ଏଥିରେ ସହଜରେ ଉପଲବ୍ଧ ହେଉଥିବା ଜଳ, ବାୟୁ ଓ ମୃତ୍ତିକା ଏବଂ ସହଜରେ ଉପଲବ୍ଧ ହେଉନଥିବା କୋଇଲା, ପେଟ୍ରୋଲ, ମୂଲ୍ୟବାନ ପଥର, ଧାତବ ଖଣିଜ ଓ କାଠ ଇତ୍ୟାଦି ସମ୍ବଳ ଅନ୍ତର୍ଭୁକ୍ତ ।



ଚିତ୍ର : 1.4 ମୃଦୁ କର୍ଷଣ ଦ୍ୱାରା ଭୂମି ନିମ୍ନସ୍ଥ ପରିସଂସ୍ଥାରେ କମ୍ ବାଧା ସୃଷ୍ଟି ହୁଏ ଏବଂ ମାଟିର ଆର୍ଦ୍ରତା ବଜାୟ ରହେ ।




ଚିତ୍ର : 1.5. ମହୁଫେଣାରେ ଥିବା ମହୁ

ମନେ ରଖ

→ ପୃଥିବୀର ଅନେକ ଆଦିମ ଅଧିବାସୀ ପରମ୍ପରାରେ ପ୍ରକୃତିକୁ ପବିତ୍ର ବୋଲି ବିବେଚନା କରାଯାଇଥାଏ । ତୁମେ ଏ ବିଷୟରେ ଆଗରୁ ପଢ଼ିଛ । ଏସବୁ ପରମ୍ପରାରେ ପ୍ରକୃତି ହିଁ ପାଳକ ଓ ପୋଷକ ଅଟେ ।

→ ଏହାକୁ ପ୍ରତିବିମ୍ବିତ କରୁଥିବା କିଛି ପ୍ରଥା ବିଷୟରେ ତୁମେ ଜାଣ କି ?



1.6 ସୁସ୍ଥ ସମୃଦ୍ଧି ପାଇଁ ତୁଳସୀ ପୂଜା

ଏହା ବିଷୟରେ ଚିନ୍ତା କର

ଅଳ୍ପ ବିରତି ନିଅ । ନିଜକୁ ଓ ନିଜ ଚତୁଃପାର୍ଶ୍ୱରେ ଥିବା ପଦାର୍ଥଗୁଡ଼ିକୁ ଦେଖ । ପ୍ରତ୍ୟେକ ପଦାର୍ଥର ଉତ୍ପତ୍ତି କିପରି ହୋଇଛି ? କୌଣସି ନା କୌଣସି ସମୟରେ ଏ ସମସ୍ତ ପଦାର୍ଥର ସୃଷ୍ଟି ପ୍ରକୃତିଗତ, ଏପରିକି ତୁମ ସାର୍ଟର ପ୍ଲାଷ୍ଟିକ ବୋତାମ ମଧ୍ୟ ପ୍ରକୃତିର ଦାନ ।

ସଂକ୍ଷେପରେ କହିବାକୁ ଗଲେ, ପ୍ରକୃତିରୁ ମିଳୁଥିବା ଓ ମନୁଷ୍ୟ ପାଇଁ ଉପଯୋଗୀ ସମସ୍ତ ମୂଲ୍ୟବାନ ସାମଗ୍ରୀ ବା ପଦାର୍ଥକୁ 'ପ୍ରାକୃତିକ ସମ୍ବଳ' କୁହାଯାଏ ।

ପ୍ରାକୃତିକ ସମ୍ପଦର ବର୍ଗୀକରଣ

ବିଜ୍ଞାନରେ, ଆମେ ବର୍ଗୀକରଣ ଏବଂ ନାମକରଣର ଉପଯୋଗିତା ବିଷୟରେ ଜାଣିଛେ । ଯେତେବେଳେ ଆମ ଚିନ୍ତାଧାରା ବା ବସ୍ତୁଗୁଡ଼ିକୁ ବର୍ଗୀକୃତ କରୁ, ସେତେବେଳେ କେତେକ ସାଧାରଣ ଲକ୍ଷଣ (କିମ୍ବା ମାନଦଣ୍ଡ)ର ବ୍ୟବହାର କରିଥାଉ । ଆମେ ସେହି ବର୍ଗଗୁଡ଼ିକୁ କେବଳ ଗୋଟିଏ ଶବ୍ଦ ବା ଏକ ଛୋଟ ବାକ୍ୟାଂଶ ଦ୍ୱାରା ସୂଚାଇବା ପାଇଁ ସେଗୁଡ଼ିକର ନାମକରଣ କରିଥାଉ । ଯେତେବେଳେ ଏହି ନାମ ଏବଂ ଅର୍ଥଗୁଡ଼ିକ ବିଷୟରେ ଜନସାଧାରଣଙ୍କ ମଧ୍ୟରେ ଆଲୋଚନା ହୁଏ, ସେତେବେଳେ ପ୍ରତିଥର ସେଗୁଡ଼ିକୁ ବିସ୍ତୃତ ଭାବେ ବୁଝାଇବା ଆବଶ୍ୟକ ପଡ଼େନାହିଁ ଏବଂ ଏହା କେତେକ ଚିନ୍ତାଧାରା ବା ବିଷୟ ଉପରେ ଆଲୋଚନା କରିବାରେ ସାହାଯ୍ୟ କରିଥାଏ । ଏହାଦ୍ୱାରା ଆମେ ଅଧିକ ଦକ୍ଷତାର ସହ ଯୋଗାଯୋଗ କରିପାରୁ । ପୂର୍ବ ଶ୍ରେଣୀଗୁଡ଼ିକରେ, ତୁମେ ସଜୀବ ଏବଂ ନିର୍ଜୀବ ବସ୍ତୁଗୁଡ଼ିକ ବିଷୟରେ ଶିଖିଛ । ଆମେ ଏହି ଶବ୍ଦଗୁଡ଼ିକୁ ବ୍ୟବହାର କରିବା ମାତ୍ରେ, ସେଗୁଡ଼ିକର ଅର୍ଥ କ'ଣ ତାହା ଆମେ ବୁଝିପାରୁ । ଏହା ବର୍ଗୀକରଣର ଏକ ଉଦାହରଣ । ପ୍ରାକୃତିକ ସମ୍ବଳ କ୍ଷେତ୍ରରେ ମଧ୍ୟ ଆମେ ଏହିପରି କରିଥାଉ ।

ଏହା ବିଷୟରେ ଚିନ୍ତା କର

ପ୍ରାକୃତିକ ସମ୍ବଳର ବର୍ଗୀକରଣ କରିବା ପାଇଁ ଆମେ କେଉଁ ବିଭିନ୍ନ ମାନଦଣ୍ଡ ବ୍ୟବହାର କରିପାରିବା ?
ପ୍ରାକୃତିକ ସମ୍ବଳକୁ ବିଭିନ୍ନ ଆଧାରରେ ବର୍ଗୀକରଣ କରାଯାଇପାରେ ଯଥା–ବଞ୍ଚିବାପାଇଁ ଆବଶ୍ୟକତା, ପଦାର୍ଥର ଉତ୍ସ ଓ ଶକ୍ତି ଉତ୍ସ ଆଦି ଆଧାରକୁ ନେଇ ବିଚାର କରାଯାଇପାରେ ।

ବଞ୍ଚିବା ପାଇଁ ଆବଶ୍ୟକ ସମ୍ବଳ

ନିଶ୍ୱାସ ପ୍ରଶ୍ୱାସ ପାଇଁ ଆବଶ୍ୟକ ବାୟୁ, ପିଇବା ପାଇଁ ପାଣି ଓ ଖାଇବା ପାଇଁ ଖାଦ୍ୟ ବିନା ଆମେ ପୃଥିବୀରେ ବଞ୍ଚିପାରିବା ନାହିଁ । ଆମେ ଏସବୁ ବାୟୁମଣ୍ଡଳ, ନଦୀ ଓ ପୋଖରୀ ଏବଂ କୃଷିକାର୍ଯ୍ୟ ବା ଅନ୍ୟାନ୍ୟ ପ୍ରାଣୀମାନଙ୍କଠାରୁ ପାଇଥାଉ । ଆମ ପ୍ରଶ୍ୱାସ ବାୟୁ, ପିଉଥିବା ପାଣି ଓ ଆମକୁ ଖାଦ୍ୟ ଯୋଗାଉଥିବା ମୃତ୍ତିକାକୁ ତିଆରି କରିପାରିବା ନାହିଁ ।

ବିଭିନ୍ନ ସାମଗ୍ରୀ ପାଇଁ ସମ୍ବଳ

ପ୍ରକୃତିର ଉପହାରରୁ ମଣିଷ ଭୌତିକ ବସ୍ତୁ ସୃଷ୍ଟି କରେ । ଆମେ ସେଗୁଡ଼ିକୁ ଆମର ଉପଯୋଗୀତା ପାଇଁ କିମ୍ବା ସୌନ୍ଦର୍ଯ୍ୟ ସାମଗ୍ରୀ ତିଆରି କରିବା ପାଇଁ ବ୍ୟବହାର କରିଥାଉ । ଏହା ଆମ ଜୀବନ ତଥା ଅନ୍ୟମାନଙ୍କ ଜୀବନକୁ ସମୃଦ୍ଧ କରିଥାଏ । କାଠର ଏକ ଖଣ୍ଡକୁ ଚୌକିରେ ପରିଣତ କରାଯାଇପାରେ ଏବଂ ଏକ ମୂର୍ତ୍ତିରେ ମଧ୍ୟ ଖୋଦେଇ କରାଯାଇପାରେ । ଭାରତର ଭୌଗୋଳିକ ବିବିଧତା ଆମକୁ କାଠ ଠାରୁ ଆରମ୍ଭ କରି ମାର୍ବଲ ପର୍ଯ୍ୟନ୍ତ ଏବଂ କୋଇଲାରୁ ସୁନା ପର୍ଯ୍ୟନ୍ତ ବ୍ୟାପକ ପ୍ରାକୃତିକ ସମ୍ବଳ ଯୋଗାଇଥାଏ ।

ଶକ୍ତି ପାଇଁ ସମ୍ବଳ

ଶକ୍ତି ହେଉଛି ଆଧୁନିକ ଜୀବନର ଏକ ମୂଳଦୁଆ । ଆମର ଗୃହ, ପରିବହନ ଏବଂ ସମସ୍ତ ପ୍ରକାରର ଉତ୍ପାଦନ ପ୍ରକ୍ରିୟା ପାଇଁ ବିଦ୍ୟୁତ୍ ଆବଶ୍ୟକ । ଏହି ଶକ୍ତି କୋଇଲା, ଜଳ, ପେଟ୍ରୋଲିୟମ୍, ପ୍ରାକୃତିକ ଗ୍ୟାସ୍, ସୂର୍ଯ୍ୟାଲୋକ ଓ ପବନ ଭଳି ବିଭିନ୍ନ ପ୍ରାକୃତିକ ସମ୍ବଳରୁ ମିଳିଥାଏ।



ଚିତ୍ର : 1.7 ହିମବାହ ଓ ଜଙ୍ଗଲ ଥିବା ପର୍ଯ୍ୟନ୍ତ ନଦୀଜଳ ଏକ ନବୀକରଣ ଯୋଗ୍ୟ ସମ୍ବଳ



ଚିତ୍ର : 1.8 ଜଙ୍ଗଲକୁ ପୁନଃସୃଷ୍ଟିକାରୀ କରାଇବା ଦ୍ୱାରା ଆମେ ଏଠାରୁ ସୀମିତ ପରିମାଣର କାଠ ଦୀର୍ଘ ସମୟ ପାଇଁ ସଂଗ୍ରହ କରିପାରିବା ।

ନବୀକରଣ ଯୋଗ୍ୟ ଓ ନବୀକରଣ ଅଯୋଗ୍ୟ ସମ୍ବଳ

ସମ୍ବଳଗୁଡ଼ିକ ପୁନଃସୃଷ୍ଟି ହୋଇପାରିବ କି ନାହିଁ, ତାହାକୁ ଆଧାର କରି ସେଗୁଡ଼ିକୁ ଅନ୍ୟ ପ୍ରକାରରେ ଶ୍ରେଣୀଭୁକ୍ତ କରାଯାଇପାରେ ।

ପୁନରୁଦ୍ଧାର କରିବା ଓ ପୁନଃସୃଷ୍ଟି କରିବା ପ୍ରକୃତିର ଏକ ସାଧାରଣ ନିୟମ । କୌଣସି ଦ୍ରବ୍ୟ ଯଦି ନଷ୍ଟ କିମ୍ବା କ୍ଷତିଗ୍ରସ୍ତ ହୋଇଥାଏ, ଏହାକୁ ପ୍ରାରମ୍ଭିକ ଅବସ୍ଥାକୁ ଫେରାଇ ଆଣିବାକୁ **ପୁନରୁଦ୍ଧାର** ପ୍ରକ୍ରିୟା କୁହାଯାଏ । ପ୍ରକୃତି ସମୟାନୁସାରେ ନିଜକୁ ସୁସ୍ଥ ଓ ନବୀକରଣ କରି ସ୍ଥିତାବସ୍ଥା ବଜାୟ ରଖେ । ତୁମ ଚର୍ମରେ କ୍ଷତ ହେଲେ ଏହା ସହଜରେ ଭଲ ହୋଇଯାଏ ଓ ସେହିପରି ଜଙ୍ଗଲରେ ଅଗ୍ନିକାଣ୍ଡ ଘଟିଲେ ଏହା ପ୍ରାକୃତିକ ଉପାୟରେ ପୁନରୁଦ୍ଧାର ହୋଇଥାଏ । ପୁନରୁଦ୍ଧାରକୁ ଅତିକ୍ରମ କରି ପୁନଃସୃଷ୍ଟି ଆଗେଇ ଚାଲିଥାଏ । ନୂତନ ଜୀବନ ସୃଷ୍ଟି କରିବା ଓ ଟିକିବା ପାଇଁ ଉପଯୁକ୍ତ ପରିସ୍ଥିତି ପ୍ରସ୍ତୁତ କରିବାର ସାମର୍ଥ୍ୟ ପ୍ରକୃତିର ଅଛି ।

ଗୃହ ନିର୍ମାଣ ପାଇଁ ମାନବୀୟ ହସ୍ତକ୍ଷେପ ଜନିତ ଜଙ୍ଗଲ କ୍ଷୟ ହୋଇଥିବା ସ୍ଥାନଗୁଡ଼ିକରେ ଆମେ ବୃକ୍ଷରୋପଣ କରିଥାଉ । ସେଠାରେ ମୂଳତଃ ଜନ୍ମିଥିବା ବୃକ୍ଷଗୁଡ଼ିକର ପ୍ରତିରୋପଣ କରିବା ଦ୍ୱାରା ପରିସଂସ୍ଥାର ପୁନରୁଦ୍ଧାର ହୋଇଥାଏ । ବୃକ୍ଷଗୁଡ଼ିକ ବିଭିନ୍ନ ପକ୍ଷୀ, ଗୁଣ୍ଠୁଚି ମୂଷା ଓ ଅନ୍ୟାନ୍ୟ ପ୍ରାଣୀମାନଙ୍କୁ ଖାଦ୍ୟ ଓ ଆଶ୍ରୟ ପ୍ରଦାନ କରେ ଓ ଜୀବନ ପୁନଃ ସଞ୍ଚରିତ ହୁଏ ।

ପ୍ରକୃତିର ଚକ୍ରାକାର ଗତି କୌଣସି ଅପଚୟ ଘଟିବାକୁ ଦେଇନଥାଏ । ମନେକରାଯାଉ, ଜଙ୍ଗଲରେ ଏକ ଗଛ ତଳେ ପଡ଼ି ଯାଇଛି । ଏହା ବ୍ୟାକ୍ଟେରିଆ, କବକ ଓ କୀଟପତଙ୍ଗମାନଙ୍କ ଦ୍ୱାରା ବିଘଟିତ ହୋଇ ମାଟିର ଏକ ଅଂଶ ହୋଇଯାଏ ଓ ମୃତ୍ତିକାକୁ ସମୃଦ୍ଧ କରେ । ପୁନଶ୍ଚ ମଞ୍ଜିରୁ ନୂତନ ଗଛ ସୃଷ୍ଟି ହୁଏ ଓ ବଡ଼ ହୁଏ... ଶେଷରେ କିଛି ଗଛ ପୁଣି ପଡ଼ିଯାଏ ଓ ଚକ୍ରଗତି ପୂର୍ଣ୍ଣବାର ଆରମ୍ଭ ହୁଏ ।

ଏଗୁଡ଼ିକ କାର୍ଯ୍ୟକ୍ଷେତ୍ରରେ ପ୍ରକୃତିର ପୁନରୁଦ୍ଧାର ଏବଂ ପୁନଃସୃଷ୍ଟି ନୀତିର ଉଦାହରଣ ।

ନବୀକରଣ ଯୋଗ୍ୟ ସମ୍ବଳ

ସମୟାନୁକ୍ରମେ ନବୀକରଣ ଯୋଗ୍ୟ ସମ୍ବଳଗୁଡ଼ିକ ଉପରୋକ୍ତ ବୈଶିଷ୍ଟ୍ୟମାନ ପ୍ରଦର୍ଶନ କରନ୍ତି । ଭାରତର ଅଧିକାଂଶ ସ୍ଥାନରେ ପ୍ରଚୁର ସୂର୍ଯ୍ୟକିରଣ ଉପଲବ୍ଧ ହୋଇଥାଏ । ନିୟମିତ ବର୍ଷା ଓ ହିମବାହ ତରଳିବା ଯୋଗୁଁ ନଦୀଗୁଡିକରେ ଜଳ ପ୍ରବାହ, ଜଙ୍ଗଲର ପୁନଃସୃଷ୍ଟି ଓ ମୃତ୍ତିକାର ପୁନରୁଦ୍ଧାର ଇତ୍ୟାଦି ପ୍ରାକୃତିକ ପ୍ରକ୍ରିୟାରେ ସଂଗଠିତ ହୋଇଥାଏ ।



ଚିତ୍ର : 1.9.: କୃତଜ୍ଞତା ସ୍ୱରୂପ ସୂର୍ଯ୍ୟ ଦେବତାଙ୍କୁ ଅର୍ଘ୍ୟ ଅର୍ପଣ

ସୌରଶକ୍ତି, ପବନ ଶକ୍ତି ଓ ପ୍ରବାହିତ ଜଳରୁ ଉତ୍ପନ୍ନ ଶକ୍ତି, ଜଙ୍ଗଲରୁ କାଠ ଆଦିର ଧାରଣୀୟ(ପୋଷଣୀୟ) ପରିଚାଳନା ଦ୍ୱାରା ସେଗୁଡିକ ନବୀକରଣ ଯୋଗ୍ୟ ସମ୍ବଳ ହୋଇ ରହିବ ।

ତେବେ, ନବୀକରଣ ଯୋଗ୍ୟ ସମ୍ବଳ ନିମ୍ନୋକ୍ତ ସର୍ତ୍ତ ଉପରେ ପର୍ଯ୍ୟବସିତ, ଯଥା– ଏହା ପୁନରୁଦ୍ଧାର ଓ ପୁନଃସୃଷ୍ଟିର ପ୍ରାକୃତିକ ନିୟମକୁ ପ୍ରତିହତ କରୁନଥିବା ଆବଶ୍ୟକ । ଜଙ୍ଗଲରେ ଗଛ ସୃଷ୍ଟି ତୁଳନାରେ ଆମେ ଅଧିକରୁ ଅଧିକ କାଠ କାଟିଲେ, ଶେଷରେ ଜଙ୍ଗଲ ସମ୍ପୂର୍ଣ୍ଣ କ୍ଷୟ ହୋଇଯିବ । ମନୁଷ୍ୟର ଏହି ଦାୟିତ୍ୱହୀନ କାର୍ଯ୍ୟପାଇଁ ପ୍ରକୃତିରେ କିଭଳି ଅନେକ ଚକ୍ରାକାର ଗତି ବାଧାପ୍ରାପ୍ତ ହୋଇଛି ତାହା ବୈଜ୍ଞାନିକମାନେ ଲୋକଲୋଚନକୁ ଆଣିଛନ୍ତି । ଅନେକଗୁଡିଏ କାରକ ସମ୍ମିଳିତ ଭାବେ କାର୍ଯ୍ୟ କରୁଛନ୍ତି+ ଆମେ ଅନୁଭବ କରୁଥିବା ଅତ୍ୟଧିକ ତାପମାତ୍ରା ବୃଦ୍ଧିର ଦୁଇଟି କାରଣ ରହିଛି ଯଥା-ଜୀବାଶ୍ମ ଇନ୍ଧନ ଭିତ୍ତିକ ଶିଳ୍ପାୟନ ଏବଂ କୃଷି ଓ ଅନ୍ୟାନ୍ୟ ଉଦ୍ଦେଶ୍ୟରେ ଜଙ୍ଗଲକ୍ଷୟ । ତାପବୃଦ୍ଧି କାରଣରୁ ହିମାଳୟର କେତେକ ସ୍ଥାନରେ ହିମବାହର ଗଳନ ହାର ବର୍ଷଣ ଦ୍ୱାରା ପୁନଃଭରଣାଠାରୁ ଅଧିକ ରହୁଛି । 'ୱାଟର ଟାୱାର' ଉପରେ ନିର୍ଭର କରୁଥିବା ସମତଳ ଅଞ୍ଚଳରେ ରହୁଥିବା ବାସିନ୍ଦାଙ୍କ ପାଇଁ ଜଳ ନିରାପତ୍ତା ଉପରେ ଏହାର ପ୍ରଭାବ ପଡିଥାଏ ।


ଅର୍ଘ୍ୟ: ସାଧାରଣତଃ ଜଳ ଅର୍ପଣ, ସମ୍ମାନ କିମ୍ବା କୃତଜ୍ଞତାର ପ୍ରତୀକ ଭାବରେ କରାଯାଏ ।

ମନେ ରଖ

→ ସାଧାରଣତଃ ମାଛ ସଂଖ୍ୟାର ସୁରକ୍ଷା ପାଇଁ ପ୍ରଜନନ ଋତୁରେ ମାଛଧରିବାରୁ ନିବୃତ୍ତ ରହିବା ଭଳି ପ୍ରଥା ବିଭିନ୍ନ ଗୋଷ୍ଠୀମାନଙ୍କ ମଧ୍ୟରେ ପାରମ୍ପରିକ ଭାବେ ରହିଥିଲା । ମାତ୍ର ବାଣିଜ୍ୟିକ ଭିତ୍ତିରେ ମାଛଧରା ଅଧିକ ହେଲା । ଉଦାହରଣ ସ୍ୱରୂପ, ଟୁନା ପ୍ରଜାତି ମାଛ ସଂଖ୍ୟା ଦ୍ରୁତ ହ୍ରାସ ଯୋଗୁଁ ଏହି ମାଛ ଧରିବା ଉପରେ ନିୟନ୍ତ୍ରଣ ଲାଗୁ ହେଲା । ତଥାପି ଛୋଟ ଛୋଟ ମାଛ ଓ ଚିଙ୍ଗୁଡିକୁ ଖାଦ୍ୟ ଭାବରେ ଗ୍ରହଣ କରି ସାମୁଦ୍ରିକ ପରିସଂସ୍ଥାକୁ ସନ୍ତୁଳିତ ରଖୁଥିବା ଏ ପ୍ରଜାତିର ମାଛ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି ।

→ ପ୍ରାକୃତିକ ପରିସଂସ୍ଥାରେ ସନ୍ତୁଳନ ରକ୍ଷା ପାଇଁ କିଛି ପାରମ୍ପରିକ ପ୍ରଥା ବିଷୟରେ ତୁମେ ଜାଣ କି ?

ଆମେ ବ୍ୟବହାର କରୁଥିବା ବିଭିନ୍ନ ସାମଗ୍ରୀ ଉତ୍ପାଦନ ପାଇଁ ଶିଳ୍ପର ଆବଶ୍ୟକତା ରହିଛି । ଏହି ପ୍ରକ୍ରିୟାରେ ବର୍ଜ୍ୟବସ୍ତୁ ମଧ୍ୟ ସୃଷ୍ଟି ହୁଏ । ସେଗୁଡ଼ିକୁ ପ୍ରାୟତଃ ନଦୀ ଓ ଅନ୍ୟାନ୍ୟ ଜଳାଶୟକୁ ନିଷ୍କାସିତ କରାଯାଏ । ଅଧିକାଂଶ ସମୟରେ ଏହି ବର୍ଜ୍ୟବସ୍ତୁ ଅପଘଟିତ ହୋଇ ନପାରିବାରୁ କୌଣସି ଜୀବର ଖାଦ୍ୟଭାବେ ବ୍ୟବହୃତ ହୋଇନଥାଏ । ଫଳତଃ ପ୍ରକୃତିର ପୁନରୁଦ୍ଧାର ଏବଂ ପୁନଃସୃଷ୍ଟି ଚକ୍ରରେ ବ୍ୟାଘାତ ସୃଷ୍ଟି ହୁଏ । ନଦୀ ତଥା ଜଳାଶୟ ବିଷାକ୍ତ ହୋଇଯାଏ ଓ ଜୀବନ ପାଇଁ ଅନୁକୂଳ ହୋଇ ନ ଥାଏ ।



ଚିତ୍ର : 1.10 ଅଧିକାଂଶ ସମୟରେ ଶିଳ୍ପ ବର୍ଜ୍ୟବସ୍ତୁଗୁଡ଼ିକୁ ଉପଯୁକ୍ତ ପ୍ରକ୍ରିୟାକରଣ ବିନା ଫିଙ୍ଗି ଦିଆଯାଏ ।

ଆସ ମନେ ପକାଇବା

ତୁମ ଚତୁଃପାର୍ଶ୍ୱସ୍ଥ ପରିବେଶରେ ପ୍ରକୃତି ନିଜସ୍ୱ ପୁନରୁଦ୍ଧାର ଓ ପୁନଃସୃଷ୍ଟି କ୍ଷମତା ହରାଇବାପାଇଁ ଦାୟୀ ମାନବୀୟ କାର୍ଯ୍ୟକଳାପଗୁଡ଼ିକୁ ଚିହ୍ନଟ କର । ପ୍ରକୃତି ଚକ୍ରକୁ ପୁନରୁଦ୍ଧାର କରିବା ପାଇଁ କି' କି' ପଦକ୍ଷେପ ନିଆଯାଇପାରିବ ?

ମନେ ରଖ

→ **ପରିସଂସ୍ଥାର କାର୍ଯ୍ୟ ଓ ପରିସଂସ୍ଥାର ସେବା** : ପ୍ରକୃତି ନିଜସ୍ୱ ଅନ୍ତର୍ନିହିତ ଢଙ୍ଗରେ କାର୍ଯ୍ୟକରେ । ଉଦାହରଣ ସ୍ୱରୂପ, ବୃକ୍ଷମାନେ ପ୍ରାକୃତିକ ଭାବରେ ଅମ୍ଳଜାନ ଉତ୍ପାଦନ କରନ୍ତି । ଯେତେବେଳେ ଏହିଭଳି ପ୍ରାକୃତିକ ପ୍ରକ୍ରିୟାଗୁଡ଼ିକ ମଣିଷର କଲ୍ୟାଣ କରେ, ସେତେବେଳେ ଆମେ ତାକୁ **'ପରିସଂସ୍ଥା ସେବା'** କହିଥାଉ । ଆମେ ଏହାକୁ ଏପରି ଭାବରେ ମଧ୍ୟ ଭାବି ପାରିବା-ଜଙ୍ଗଲ ପ୍ରାକୃତିକ ଭାବରେ ଜଳକୁ ସ୍ୱଚ୍ଛ କରେ, ମୃତ୍ତିକା କ୍ଷୟକୁ ରୋକେ, ପ୍ରାଣୀମାନଙ୍କ ପାଇଁ ବାସସ୍ଥାନ ଯୋଗାଇଥାଏ, ଆମେ ଏହାକୁ **'ପରିସଂସ୍ଥା କାର୍ଯ୍ୟ'** କହୁ । ଯେତେବେଳେ ଆମେ ସେହି ଜଙ୍ଗଲ ଯୋଗୁଁ ସ୍ୱଚ୍ଛ ଜଳ, ଉର୍ବର ଚାଷଜମି ଏବଂ ପରାଗସଂଗମ ହୋଇଥିବା ଫସଲରୁ ଉପକୃତ ହେଉ, ସେତେବେଳେ ଆମେ ପ୍ରକୃତିରୁ 'ପରିସଂସ୍ଥା ସେବା' ପାଇଥାଉ ।

→ ଗୋଟିଏ ପରିପକ୍ୱ ବୃକ୍ଷ ଦୈନିକ ପ୍ରାୟ 275 ଲିଟର ଅମ୍ଳଜାନ ଉତ୍ପାଦନ କରେ (ବୃକ୍ଷର ପ୍ରକାର ଉପରେ ନିର୍ଭର କରି ଏହା ସାମାନ୍ୟ ଭିନ୍ନ ହୋଇଥାଏ) । ଜଣେ ମନୁଷ୍ୟ ଦୈନିକ ପ୍ରାୟ 350 ଲିଟର ଅମ୍ଳଜାନ ଆବଶ୍ୟକ କରିଥାଏ । (ଏହି ଆବଶ୍ୟକତା ମନୁଷ୍ୟର ପରିଶ୍ରମ, ଉଚ୍ଚତା ଓ ଓଜନ ଭିତ୍ତିରେ ଅଲଗା ହୋଇଥାଏ) ।

ଆସ ଅନୁସନ୍ଧାନ କରିବା

ତୁମ ଅଞ୍ଚଳର ବିଭିନ୍ନ ନବୀକରଣ ଯୋଗ୍ୟ ସମ୍ବଳର ମୂଲ୍ୟାୟନ କରିବା ପାଇଁ ଗୋଟିଏ ଛୋଟ ଗବେଷଣାତ୍ମକ ଅନୁଧ୍ୟାନ କର । ତୁମ ଅଧ୍ୟୟନର ଭୌଗୋଳିକ କ୍ଷେତ୍ର ଏବଂ ତୁମକୁ ଆବଶ୍ୟକ ସୂଚନାର ଉତ୍ସ ସମ୍ବନ୍ଧରେ ଶିକ୍ଷକଙ୍କ ସହ ଆଲୋଚନା କରିପାରିବ । ସମୟ ସହିତ ଏହି ସମ୍ବଳଗୁଡ଼ିକର ସ୍ଥିତିରେ କ'ଣ ପରିବର୍ତ୍ତନ ଆସିଛି ? ପରିବର୍ତ୍ତନର କାରଣ ସବୁକୁ ଚିହ୍ନଟ କର ଓ ଏହାର ନିରାକରଣ ନିମନ୍ତେ କ'ଣ କରିହେବ, ଏହା ସମ୍ବନ୍ଧରେ ଏକ ଛୋଟ ରିପୋର୍ଟ ପ୍ରସ୍ତୁତ କର ।

ନବୀକରଣ ଅଯୋଗ୍ୟ ସମ୍ବଳ


ନବୀକରଣ ଅଯୋଗ୍ୟ ସମ୍ବଳ ସୃଷ୍ଟି ହେବା ପାଇଁ ବହୁବର୍ଷ ଲାଗିଥାଏ । ଆମେ ଯେଉଁ ହାରରେ ସେଗୁଡ଼ିକୁ ବ୍ୟବହାର କରୁଛେ, ସେଗୁଡ଼ିକର ସେହି ହାରରେ ପୁନଃଭରଣ ସମ୍ଭବ ନୁହେଁ । ଉଦାହରଣ ସ୍ୱରୂପ, ଜୀବାଶ୍ମ ଇନ୍ଧନ (କୋଇଲା ଓ ପେଟ୍ରୋଲିୟମ୍), ଲୁହା, ତମ୍ବା ଓ ସୁନା ଭଳି ଖଣିଜ ଏବଂ ଧାତୁଗୁଡ଼ିକ ନବୀକରଣ ଅଯୋଗ୍ୟ ସମ୍ବଳର ଅନ୍ତର୍ଭୁକ୍ତ । ଭାରତରେ ଯଥେଷ୍ଟ ପରିମାଣର କୋଇଲା ଭଣ୍ଡାର ରହିଛି । ବର୍ଦ୍ଧିତ ଜନସଂଖ୍ୟାର ଶକ୍ତି ଆବଶ୍ୟକତା ପୂରଣ ପାଇଁ ଆମେ ଏହି କୋଇଲାର ଖନନ କରିଥାଉ । ତେବେ, ଭାରତରେ ଗଚ୍ଛିତ ଥିବା କୋଇଲା ଭଣ୍ଡାର ଆଉ ୫୦ ବର୍ଷ ପର୍ଯ୍ୟନ୍ତ ରହିପାରେ ବୋଲି ଆକଳନ କରାଯାଇଛି । କ୍ରମାଗତ ଜନସଂଖ୍ୟା ବୃଦ୍ଧି ଓ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହେବା ଯୋଗୁଁ ଦିନକୁ ଦିନ ବିଦ୍ୟୁତ୍ ଶକ୍ତିର ଚାହିଦା ବୃଦ୍ଧି ପାଇବାରେ ଲାଗିଛି । ଯେପର୍ଯ୍ୟନ୍ତ ଏହାର ସ୍ଥାୟୀ ବିକଳ୍ପ ବ୍ୟାପକ ଭାବରେ ଉପଲବ୍ଧ ହୋଇନାହିଁ, ସେ ପର୍ଯ୍ୟନ୍ତ ଆମେ ଗଚ୍ଛିତଥିବା କୋଇଲାର ଯଥୋଚିତ ବ୍ୟବହାର କରିବାକୁ ହେବ ।

ଆସ ଅନୁସନ୍ଧାନ କରିବା

ତୁମେ ପ୍ରତିଦିନ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ବ୍ୟବହାର କରୁଥିବା ନବୀକରଣ ଅଯୋଗ୍ୟ ସମ୍ବଳଗୁଡ଼ିକ କ'ଣ ? ଏହି ସମ୍ବଳଗୁଡ଼ିକର ସମ୍ଭାବ୍ୟ ନବୀକରଣ ଯୋଗ୍ୟ ବିକଳ୍ପଗୁଡ଼ିକ କ'ଣ ? କେଉଁ ସବୁ ପଦକ୍ଷେପ ଦ୍ୱାରା ଏଗୁଡ଼ିକ ନବୀକରଣ ଯୋଗ୍ୟ ସମ୍ବଳରେ ରୂପାନ୍ତରିତ ହୋଇପାରିବ ?

ପ୍ରାକୃତିକ ସମ୍ବଳଗୁଡ଼ିକର ବଣ୍ଟନ ଏବଂ ଏହାର ପ୍ରଭାବ

ପ୍ରାକୃତିକ ସମ୍ବଳଗୁଡ଼ିକ ପୃଥିବୀର ବିଭିନ୍ନ ପ୍ରାନ୍ତରେ କିମ୍ବା କୌଣସି ଦେଶ ଭିତରେ ସମାନ ଭାବରେ ବଣ୍ଟନ ହୋଇନାହିଁ । ଏହି ଅସମାନ ବଣ୍ଟନ ମାନବବସତି, ବାଣିଜ୍ୟର ପ୍ରକାରଭେଦ, ଆନ୍ତର୍ଜାତୀୟ ସମ୍ପର୍କ ଓ ସଂଘର୍ଷକୁ ରୂପ ଦେଇଥାଏ । ଏହି ପ୍ରାକୃତିକ ସମ୍ବଳ ଉପରେ ଅଧିକାର ସାବ୍ୟସ୍ତ କରିବା ପାଇଁ ଅତୀତରେ ଅନେକ ଯୁଦ୍ଧ ହୋଇଛି ଏବଂ ଏବେ ମଧ୍ୟ ଅନେକ ଯୁଦ୍ଧ ଜାରି ରହିଛି ।



ଚିତ୍ର : 1.11
ମୁଖ୍ୟ ଖଣିଜ ଦ୍ରବ୍ୟର ବଣ୍ଟନ

ଆସ ଅନୁସନ୍ଧାନ କରିବା

ଚିତ୍ର : 1.11ରେ ଥିବା ମାନଚିତ୍ରକୁ ଅନୁଧ୍ୟାନ କର । ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ଅସମାନ ବଣ୍ଟନକୁ ଲକ୍ଷ୍ୟ କର । ତୁମ ଅଞ୍ଚଳରେ କେଉଁ ପ୍ରକାର ସମ୍ବଳ ଉପଲବ୍ଧ ? ସେଗୁଡ଼ିକ ବଣ୍ଟନ କିପରି ଭାବରେ ହୋଇଅଛି ?



ଚିତ୍ର : 1.12 ବ୍ରହ୍ମପୁତ୍ର ନଦୀ ଜଳର ସହଭାଗୀତା

ପ୍ରାକୃତିକ ସମ୍ବଳ ମିଳୁଥିବା ସ୍ଥାନରେ ସ୍ଥାପିତ ଶିଳ୍ପାନୁଷ୍ଠାନଗୁଡ଼ିକ ସ୍ଥାନୀୟ ଲୋକମାନଙ୍କ ପାଇଁ ନିଯୁକ୍ତିର ସୁଯୋଗ ସୃଷ୍ଟି କରେ । ଏଗୁଡ଼ିକର ଚତୁଃପାର୍ଶ୍ୱରେ ସହର ଗଢ଼ିଉଠିଥାଏ, ଯାହାକି ଅନ୍ୟମାନଙ୍କ ପାଇଁ ଆର୍ଥିକ ସୁଯୋଗ ସୃଷ୍ଟି କରେ । ଆଧୁନିକ ସୁବିଧା ସୁଯୋଗ ଦ୍ୱାରା ଜୀବନଶୈଳୀ ଉନ୍ନତ ହୋଇଥାଏ । ତଥାପି, ସୁବିଧାଗୁଡ଼ିକ ସ୍ୱଳ୍ପକାଳୀନ ହେଉ ବା ଦୀର୍ଘକାଳୀନ ହେଉ, ଉନ୍ନତ ଜୀବନଶୈଳୀ ଖର୍ଚ୍ଚ ବହୁଳ ହୋଇଥାଏ । ଏହିପରି ବିକାଶ ନିମନ୍ତେ, ପୃଥିବୀର ସମ୍ବଳ ସମୃଦ୍ଧ ଅଞ୍ଚଳରୁ ମଧ୍ୟ ଲୋକମାନେ **ବିସ୍ଥାପିତ** ହେବାର ଅନେକ ଉଦାହରଣ ରହିଛି । କେତେକ କ୍ଷେତ୍ରରେ ବିସ୍ଥାବିତମାନଙ୍କ ପବିତ୍ର ବାସଭୂମୀ ସଙ୍କଟାପନ୍ନ ଅବସ୍ଥାରେ ରହିଛି ଓ ଏଥିପାଇଁ ଅନେକ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି । ଜାତୀୟ ଏବଂ ଆନ୍ତର୍ଜାତୀୟ ବାଣିଜ୍ୟ ପ୍ରାକୃତିକ ସମ୍ପଦର ଭୌଗୋଳିକ ଅବସ୍ଥିତି ଉପରେ ନିର୍ଭର କରେ । ମାନବିକ ଜ୍ଞାନ ଏବଂ କୌଶଳ ସହିତ ମିଳିତ ହୋଇ, ଏଗୁଡ଼ିକ ଉଚ୍ଚ ଷ୍ଟିଲ୍ ଭଳି ଇସ୍ପାତ୍ ସ୍ୱତନ୍ତ୍ର ଉତ୍ପାଦ ସୃଷ୍ଟି କରିପାରେ । ଆମେ ଜାଣୁ ଯେ, ବାଣିଜ୍ୟ ଭାରତରେ ବୃହତ୍ ସାମ୍ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିଥିଲା ।

ଆସ ଅନୁସନ୍ଧାନ କରିବା

→ ଯେକୌଣସି ଦୁଇଟି ପ୍ରାକୃତିକ ସମ୍ବଳ ଚୟନ କର । ଭାରତର ବିଭିନ୍ନ ସ୍ଥାନରେ ସେଗୁଡ଼ିକର ଉପଲବ୍ଧତା ବିଷୟରେ ସୂଚନା ସଂଗ୍ରହ କରି, ଗୋଟିଏ ମାନଚିତ୍ରରେ ଚିହ୍ନିତ କର । ସେଗୁଡ଼ିକର ବଣ୍ଟନ ବିଷୟରେ କ'ଣ ଲକ୍ଷ୍ୟକରିଛ ? ଏଗୁଡ଼ିକ ସହିତ କେଉଁ ପ୍ରକାରର ଆର୍ଥିକ କାର୍ଯ୍ୟକଳାପ ଜଡ଼ିତ ?

→ ସେ ସବୁ ସ୍ଥାନରୁ ପ୍ରାକୃତିକ ସମ୍ବଳର ଉତ୍ତୋଳନ, ବର୍ତ୍ତମାନ ଓ ଭବିଷ୍ୟତ ପିଢ଼ି ଉପରେ କିପରି ପ୍ରଭାବ ପକାଇବ ଆଲୋଚନା କର । ପ୍ରକୃତିର ଏହି ଉପହାରକୁ ଆମେ କିପରି ଦାୟିତ୍ୱପୂର୍ଣ୍ଣଭାବେ ବ୍ୟବହାର କରିପାରିବା, ସେ ବିଷୟରେ କିଛି ପ୍ରସ୍ତାବ ଦିଅ ।

ପ୍ରକୃତି ରାଜନୈତିକ ସୀମାକୁ ଧ୍ୟାନ ଦିଏ ନାହିଁ । ଏଥିପାଇଁ ବିଭିନ୍ନ ଦେଶ ଓ ରାଜ୍ୟ ମଧ୍ୟରେ ପ୍ରାକୃତିକ ସମ୍ବଳ ଅଂଶୀଦାରୀ ପାଇଁ ଉତ୍ତେଜନା ସୃଷ୍ଟି ହୋଇଥାଏ । ଏହାର ଗୋଟିଏ ଉଦାହରଣ ହେଉଛି କର୍ଣ୍ଣାଟକ, ତାମିଲନାଡୁ, କେରଳ ଓ ପୁଡୁଚେରୀ ମଧ୍ୟରେ କାବେରୀ ନଦୀର ଜଳବଣ୍ଟନ; ମହାରାଷ୍ଟ୍ର, କର୍ଣ୍ଣାଟକ, ତେଲାଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶ, ଓଡିଶା ଏବଂ ଛତିଶଗଡ ମଧ୍ୟରେ ଗୋଦାବରୀ ନଦୀର ଜଳବଣ୍ଟନ କରାଯାଇଛି । ଏହି ରାଜ୍ୟଗୁଡ଼ିକ ମଧ୍ୟରେ ଆଲୋଚନା ଓ ଦକ୍ଷତାପୂର୍ଣ୍ଣ ପରିଚାଳନା ଦ୍ୱାରା ଶାନ୍ତି ବଜାୟ ରଖିବା ସହ ନ୍ୟାୟସଂଗତ ବଣ୍ଟନର ଆବଶ୍ୟକତା ରହିଛି । ଏହା ନିଶ୍ଚିତ ଯେ, ପଡ଼ୋଶୀ ଦେଶମାନଙ୍କ ମଧ୍ୟରେ ଏହିଭଳି ଚୁକ୍ତିନାମାରେ ପହଞ୍ଚିବା ଏତେ ସହଜ ସାଧ୍ୟ ବ୍ୟାପାର ନୁହେଁ ।

ଆସ ଅନୁସନ୍ଧାନ କରିବା

ଆନ୍ତର୍ଜାତୀୟ ସ୍ତରରେ ସୃଷ୍ଟ ଏହିଭଳି ଏକ ବିବାଦକୁ ଖୋଜି ବାହାର କର । ଶ୍ରେଣୀରେ ତୁମର ଅନୁସନ୍ଧାନ ଉପରେ ଆଲୋଚନା କର ।



ଚିତ୍ର : 1.13 କାବେରୀ ନଦୀ ଉପରେ ନିର୍ମିତ ତାମିଲନାଡୁର ମେଟୁରୁ ବନ୍ଧ(ଡ୍ୟାମ୍)

'ପ୍ରାକୃତିକ ସମ୍ବଳର ଅଭିଶାପ(ବିଲକ୍ଷଣ)'

ପ୍ରାକୃତିକ ସମ୍ବଳର ପ୍ରାଚୁର୍ଯ୍ୟ ଅର୍ଥନୈତିକ ସମୃଦ୍ଧିକୁ ସୁନିଶ୍ଚିତ କରି ନଥାଏ । କେତେକ ଅଞ୍ଚଳ ପ୍ରାକୃତିକ ସମ୍ବଳରେ ସମୃଦ୍ଧ ଥିବା ସତ୍ତ୍ୱେ ସେଠାରେ ଆର୍ଥିକ ଅଭିବୃଦ୍ଧି ଓ ବିକାଶର ଧାରା ମନ୍ଥର ହୋଇଥାଏ । ଫଳତଃ ଦେଶରେ ଅନେକ ସାମାଜିକ ଓ ଆର୍ଥିକ ସମସ୍ୟାମାନ ସୃଷ୍ଟି ହୁଏ । ଏହି ପରିସ୍ଥିତିକୁ ଅର୍ଥନୀତିଜ୍ଞମାନେ 'ପ୍ରାକୃତିକ ସମ୍ବଳର ଅଭିଶାପ' କିମ୍ବା 'ପ୍ରଚୁରତାର ବିରୋଧାଭାସ' ବୋଲି କହିଛନ୍ତି । ସରଳ ଭାବେ କହିଲେ, ପ୍ରଚୁର ପ୍ରାକୃତିକ ସମ୍ବଳ ରହିଥିବା ଦେଶକୁ ଧନୀ କୁହାଯାଇପାରିବ ନାହିଁ । ବହୁ କ୍ଷେତ୍ରରେ ସମ୍ବଳକୁ ଉଚ୍ଚମୂଲ୍ୟର ଉତ୍ପାଦନରେ ପରିଣତ କରିବାକୁ ଆବଶ୍ୟକ ଶିଳ୍ପ ବିକାଶ ଦେଶର ଆର୍ଥିକ ପରିସ୍ଥିତି ଯୋଗୁଁ ସମ୍ଭବ ହେଉନାହିଁ । ଏହି ପୁସ୍ତକର ଶେଷରେ ଦିଆଯାଇଥିବା ''ଉତ୍ପାଦନର କାରକ'' ଅଧ୍ୟାୟରେ ଏ ବିଷୟରେ ଅଧିକ ବୁଝିପାରିବ ।

ଆମର ବଢୁଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ଏଭଳି ଶିଳ୍ପଗୁଡ଼ିକର ବିକାଶରେ ନିବେଶ କରି ଭାରତ ସାଧାରଣତଃ ଏହି ଅଭିଶାପକୁ ଏଡ଼ାଇ ଦେଇଛି ।

ଆସ ଅନୁସନ୍ଧାନ କରିବା

→ବିଭିନ୍ନ ଭୌଗୋଳିକ ଅଞ୍ଚଳରେ ଉପଲବ୍ଧ ପ୍ରାକୃତିକ ସମ୍ବଳକୁ ବ୍ୟବହାରକ୍ଷମ କରିବା ପାଇଁ କେଉଁ ସବୁ ନିବେଶ(ଇନପୁଟ୍) ଆବଶ୍ୟକ ବୋଲି, ତୁମେ ଭାବୁଛ ?

ସମ୍ବଳର ସଂଗ୍ରହଣ ଓ ଏହାର ଧାରଣୀୟତା ମଧ୍ୟରେ ସନ୍ତୁଳନ ରକ୍ଷା ତଥାପି ଏକ ଆହ୍ୱାନ ହୋଇ ରହିଛି । ପ୍ରାକୃତିକ ସମ୍ବଳ ସମ୍ବନ୍ଧରେ ଯଥାର୍ଥ ଜ୍ଞାନ ଓ ଏହାର ସୁପରିଚାଳନା ବିଷୟରେ ଆମେ ପ୍ରଥମେ ଜାଣିବା ଦରକାର । ତେବେ ମଣିଷର ବୋଧଶକ୍ତି, ସୁଶାସନ ଏବଂ ଉପଯୁକ୍ତ ଯୋଜନା ଉପରେ ହିଁ ଏହାର ସ୍ଥାୟୀ ଲାଭ ବା ତତ୍କାଳ ଲାଭ ନିର୍ଭର କରିଥାଏ ।

ଜୈବ ବିବିଧତାର କ୍ଷତି : *ପୃଥିବୀରେ ଜୈବ ବିବିଧତାରେ ନିରନ୍ତର ହ୍ରାସ*

ପ୍ରାକୃତିକ ସମ୍ବଳର ଦାୟିତ୍ୱ ସମ୍ପନ୍ନ ସୁବିନିଯୋଗ : ସୁରକ୍ଷିତ ପରିଚାଳନା

ପୃଥିବୀରେ ଜୀବନ ତିଷ୍ଠିବା ପାଇଁ ଆମେ ପ୍ରକୃତିକୁ ସମ୍ମାନ କରିବା ଆବଶ୍ୟକ । ପ୍ରାକୃତିକ ସମ୍ବଳକୁ ଏପରି ଭାବରେ ବ୍ୟବହାର କରିବା ଯାହା ନବୀକରଣଯୋଗ୍ୟ ସମ୍ବଳର ପୁନରୁଦ୍ଧାର ଏବଂ ପୁନଃସୃଷ୍ଟିକୁ ସକ୍ଷମ କରିଥାଏ, ଏବଂ ନବୀକରଣ ଅଯୋଗ୍ୟ ସମ୍ବଳଗୁଡ଼ିକର ଦାୟିତ୍ୱପୂର୍ଣ୍ଣ ଏବଂ ବିବେକପୂର୍ଣ୍ଣ ବ୍ୟବହାର କରିବା ଆବଶ୍ୟକ ।

ଏହି ବିଷୟରେ ଅଧ୍ୟୟନ କରୁଥିବା ବୈଜ୍ଞାନିକମାନେ ଚେତାବନୀ ଦେଇଛନ୍ତି ଯେ ପ୍ରାକୃତିକ ସମ୍ବଳର ଦାୟିତ୍ୱହୀନ ବ୍ୟବହାର ଦ୍ୱାରା ପ୍ରଦୂଷଣ, ଜୈବ ବିବିଧତାର କ୍ଷତି ଏବଂ ଜଳବାୟୁ ପରିବର୍ତ୍ତନ ଘଟୁଛି । ଆଜିକାଲି ଏହି ଘଟଣାମାନ ଅଧିକରୁ ଅଧିକ ଭାବେ ସଂଗଠିତ ହେଉଛି ।

ନବୀକରଣ ଯୋଗ୍ୟ ସମ୍ବଳର ପୁନରୁଦ୍ଧାର ଓ ପୁନଃସୃଷ୍ଟି

କ୍ରମାଗତ ବ୍ୟବହାର ବୃଦ୍ଧି ଯୋଗୁଁ ପ୍ରାକୃତିକ ସମ୍ବଳକୁ ଆମେ କିପରି ପୁନଃ ସୃଷ୍ଟି କରିବାର କ୍ଷମତା ବାହାରକୁ ନେଇଯାଉଛେ, ତାହାର ଦୁଇଟି ଉଦାହରଣ ଏଠାରେ ଦିଆଯାଇଛି ।



ଚିତ୍ର : 1.14 ରାସାୟନିକ ସାରର ଅନୁଚିତ ବ୍ୟବହାର ଜନିତ ଫସଲ କ୍ଷତି

ଆମ ଦେଶର ଅନେକ କୃଷକ ଜଳସେଚନ ଉଦ୍ଦେଶ୍ୟରେ ଭୂତଳ ଜଳ ଉତ୍ତୋଳନ କରନ୍ତି । ଅନେକ ରାଜ୍ୟରେ ଅଧିକ ପରିମାଣରେ ଜଳ ଉତ୍ତୋଳନ ହେବା କାରଣରୁ ଭୂତଳ ଜଳସ୍ତର ପୁନଃଭରଣ ତୁଳନାରେ ଅଧିକ ନିମ୍ନଗାମୀ ହେଉଛି । ସମୟାନୁକ୍ରମେ, ଭୂତଳ ଜଳର ଅଭାବ ବୃଦ୍ଧି ପାଇବାରେ ଲାଗିଛି ଏବଂ ଏହାର ଉପଲବ୍ଧତା ହ୍ରାସ ଯୋଗୁଁ ଜଳ ଉତ୍ତୋଳନ ବ୍ୟୟବହୁଳ ହେଉଛି । ପୂର୍ବାନୁମାନ କରାଯାଇଛି ଯେ, ଆମର ବର୍ଦ୍ଧିଷ୍ଣୁ ସହର ଗୁଡ଼ିକରେ ଭୂତଳ ଜଳ ଶୀଘ୍ର ଶେଷ ହୋଇଯିବ । ସୁତରାଂ ଭୂତଳ ଜଳସ୍ତର ବୃଦ୍ଧି ନିମନ୍ତେ ଅନେକ ପ୍ରତିକାରମୂଳକ ପଦକ୍ଷେପ ଆରମ୍ଭ କରାଯାଇଛି । ଏଥିପାଇଁ ଜଳ ଅମଳର ବିଭିନ୍ନ ପାରମ୍ପରିକ ପଦ୍ଧତି, ପୋଖରୀ ଓ ବିଭିନ୍ନ ଜଳାଶୟ ଗୁଡ଼ିକର ପୁନରୁଦ୍ଧାର, ଜଳର ଅଯଥା ବ୍ୟବହାର ହ୍ରାସ କରିବା, ଜଳର ବିଶୋଧନ ଏବଂ ପୁନଃବ୍ୟବହାର ଭଳି କିଛି ରଣନୀତି ଗ୍ରହଣ କରାଯାଉଛି ।

ସେହିପରି, ରାସାୟନିକ ସାର ଏବଂ କୀଟନାଶକର ଅନୁପଯୁକ୍ତ ବ୍ୟବହାର ଦ୍ୱାରା ମୃତ୍ତିକା ଅବକ୍ଷୟ ହେଉଛି । ପାରମ୍ପରିକ କୃଷି ପଦ୍ଧତି ମୃତ୍ତିକାକୁ ପୃଥିବୀ ମାଆର ଅଂଶ ବୋଲି ବିବେଚନା କରୁଥିଲା । ସେ ସମୟରେ ଗୋବର ଓ ଅନ୍ୟାନ୍ୟ ପ୍ରାକୃତିକ ସାରର ବ୍ୟବହାର, ମୃତ୍ତିକା ଆଚ୍ଛାଦନ , ବହୁ ଫସଲ ଭିତ୍ତିକ କୃଷି ପଦ୍ଧତି ଆଦି ଅଭ୍ୟାସଗୁଡ଼ିକ ମୃତ୍ତିକା ପରିଚାଳନାକୁ ବ୍ୟବସ୍ଥିତ କରିଥିଲା । ବର୍ତ୍ତମାନ ସମୟରେ ଆମକୁ ପୁନଶ୍ଚ ଏହି ପଦ୍ଧତିଗୁଡ଼ିକୁ ଶିଖିବାକୁ ହେବ ଏବଂ ପ୍ରୟୋଗ କରିବାକୁ ପଡ଼ିବ । ଏହାଦ୍ୱାରା ମୃତ୍ତିକାକୁ ପୁନଃଭରଣ ଓ ପୁନଃର୍ଜୀବିତ କରି ଅବକ୍ଷୟରୁ ରୋକାଯାଇ ପାରିବ ।

ଭୂତଳ ଜଳର ଅତ୍ୟଧିକ ବ୍ୟବହାର : ପଞ୍ଜାବର ଏକ ଘଟଣା

ପଞ୍ଜାବର ଉର୍ବର ସମତଳ ଭୂମିରେ ଭୂତଳ ଜଳ ହ୍ରାସ ଯୋଗୁଁ ଉତ୍କଟ ଜଳ ସଙ୍କଟ ଦେଖା ଦେଇଛି । ପଞ୍ଜାବ ହେଉଛି ସବୁଜ ବିପ୍ଳବର ଘର ଯାହା ଆମ ଜନସଂଖ୍ୟାର ଏକ ବଡ଼ ଅଂଶକୁ ଖାଦ୍ୟ ଯୋଗାଉଥିଲା ଏବଂ ଭାରତକୁ ଖାଦ୍ୟ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବାରେ ସାହାଯ୍ୟ କରିଥିଲା । ଆଜି ସେହି ରାଜ୍ୟ ନିରନ୍ତର(ପୋଷଣୀୟ) ସମସ୍ୟାର ସମ୍ମୁଖୀନ ହେଉଛି । ପୁନଃସୃଷ୍ଟି ଓ ପୁନଃ ଭରଣ ତୁଳନାରେ ସାମୟିକ ପ୍ରଗତି ପାଇଁ ପ୍ରକୃତିକୁ ମାତ୍ରାଧିକ ବ୍ୟବହାର କରାଯାଉଛି । ଏହି ସମସ୍ୟା କେବଳ ପଞ୍ଜାବ ନୁହେଁ, ଅନ୍ୟ ବହୁ ରାଜ୍ୟକୁ ମଧ୍ୟ ପ୍ରଭାବିତ କରୁଛି ।

1960 ଦଶକରେ, ପଞ୍ଜାବର ଚାଷୀମାନେ କୃଷିକ୍ଷେତ୍ରରେ ଗହମ ଓ ଧାନର ଉଚ୍ଚ ଅମଳକ୍ଷମ ବିହନ ବ୍ୟବହାର କରୁଥିଲେ । ଏହା ପାରମ୍ପରିକ ବିହନ ଅପେକ୍ଷା ଅଧିକ ଜଳ ଆବଶ୍ୟକ କରୁଥିଲା । ତେଣୁ ଚାଷୀମାନେ ଏହି ଆବଶ୍ୟକତା ପୂରଣ କରିବା ପାଇଁ ଭୂତଳ ଜଳ ଉତ୍ତୋଳନ କରିବା ଆରମ୍ଭ କଲେ । ଏହା ସହିତ ମାଗଣା ବିଦ୍ୟୁତ୍ ଯୋଗାଣ (ମଟର ପମ୍ପର ବ୍ୟବହାର ପାଇଁ) ଭୂତଳ ଜଳର ଅତ୍ୟଧିକ ଉତ୍ତୋଳନକୁ ତ୍ୱରାନ୍ୱିତ କଲା (ଆଜି ମଧ୍ୟ ଭାରତର ଅଧିକାଂଶ ସ୍ଥାନରେ ଏହି ପରିସ୍ଥିତି ସୃଷ୍ଟି ହୋଇଛି) । ଆଧୁନିକ କୃଷି କୌଶଳ ପାଇଁ ଅଧିକରୁ ଅଧିକ କୀଟନାଶକ ଏବଂ ରାସାୟନିକ ସାରର ବ୍ୟବହାର ମଧ୍ୟ ଆବଶ୍ୟକ ।

ଉପରୋକ୍ତ କାରଣଗୁଡ଼ିକର ମିଳିତ ପ୍ରଭାବରେ ପଞ୍ଜାବର ଏକ ବଡ଼ ଅଞ୍ଚଳରେ (ଚିତ୍ର : 1.17 ଦେଖ) ଭୂତଳ ଜଳ ସ୍ତର ପ୍ରାୟ 30 ମିଟର ତଳକୁ ଖସି ଗଲାଣି । ଏହି ଭୂତଳ ଜଳରେ କୀଟନାଶକ ଓ ସାରରୁ ରାସାୟନିକ ପଦାର୍ଥ ମିଶି ସ୍ୱାସ୍ଥ୍ୟ ପାଇଁ ବିପଦ ସୃଷ୍ଟି କରୁଛି ।




ଚିତ୍ର : 1.15. : ଭୂତଳ ଜଳ ଉତ୍ତୋଳନ



ଚିତ୍ର 1.16 : ଆର୍ଦ୍ର ଧାନ କ୍ଷେତ

ପଞ୍ଜାବର ପ୍ରାୟ 80% ଅଞ୍ଚଳ 'ଅତ୍ୟଧିକ ଶୋଷିତ' ଅଞ୍ଚଳ ଭାବରେ ଶ୍ରେଣୀଭୁକ୍ତ କରାଯାଇଛି । ଅନ୍ୟ ଅର୍ଥରେ କହିବାକୁ ଗଲେ ଆମେ ଭୂତଳ ଜଳର ପୁନଃଭରଣ ଏବଂ ସମ୍ଭାବ୍ୟ ସୁରକ୍ଷିତ ଉତ୍ତୋଳନଠାରୁ ଅଧିକ ଜଳ ଉତ୍ତୋଳନ ଓ ବ୍ୟବହାର କରୁଛୁ ।

ଆମେ ଦେଖିପାରୁଛୁ ଯେ, ସ୍ୱଳ୍ପ ସମୟ ପାଇଁ ଖାଦ୍ୟ ନିରାପତ୍ତା ନିଶ୍ଚିତ ହୋଇଥିଲା, କିନ୍ତୁ ଦୀର୍ଘକାଳୀନ ପରିଣାମକୁ ସୁଧାରିବା ପାଇଁ ସମୟ ଏବଂ ପ୍ରୟାସ ଆବଶ୍ୟକ ।



ଚିତ୍ର 1.17 : ପଞ୍ଜାବ ଏବଂ ଚଣ୍ଡିଗଢ଼ର ଜଳସ୍ତର ଗଭୀରତାର ମାନଚିତ୍ର ଜୁନ୍ 2022
(*m bgl* = ଭୂସ୍ତରରୁ ଜଳର ଗଭୀରତା ମିଟରରେ)




*ଚିତ୍ର : **1.18.** ରାଜସ୍ଥାନର ଜୈସଲମେର ଦୁର୍ଗ । ଏହା ଏକ ଦ୍ୱାଦଶ ଶତାବ୍ଦୀର ମାଟିର ନିର୍ମାଣ ଏବଂ ପରେ ବାଲିପଥର ଦ୍ୱାରା ପୁନଃ ନିର୍ମାଣ ।*

ସିମେଣ୍ଟ ପ୍ରସଙ୍ଗ

ସିମେଣ୍ଟ ବିନା ଜୀବନ ଅକଳ୍ପନୀୟ । ଆମ ଘର, ବିଦ୍ୟାଳୟ ଓ ଡାକ୍ତରଖାନା ଏବଂ ତତ୍ ସହିତ ଅନ୍ୟାନ୍ୟ କୋଠା, ପୋଲ, ରାସ୍ତା ଏବଂ ବିମାନବନ୍ଦର ଆଦିର ନିର୍ମାଣ ପାଇଁ ସିମେଣ୍ଟ ଆବଶ୍ୟକ । ସିମେଣ୍ଟ ଶିଳ୍ପ ସବୁଠାରୁ ପ୍ରଦୂଷଣକାରୀ ଶିଳ୍ପ ମଧ୍ୟରୁ ଅନ୍ୟତମ ବୋଲି ତାଲିକାଭୁକ୍ତ କରାଯାଇଛି । ସିମେଣ୍ଟ ଉତ୍ପାଦନ ପ୍ରକ୍ରିୟାରେ କାରଖାନାରୁ ନିର୍ଗତ ସୂକ୍ଷ୍ମ ଧୂଳି ଆମର ତଥା ପଶୁମାନଙ୍କ ଫୁସ୍‌ଫୁସ୍‌ରେ ପ୍ରବେଶ କରି କ୍ଷତି ପହଞ୍ଚାଇଥାଏ । ଏହା ମଧ୍ୟ ଗଛର ପତ୍ର ଉପରେ ଜମା ହୋଇ ସେମାନଙ୍କର ଉତ୍ପାଦନ ହ୍ରାସ କରେ ଏବଂ ମୃତ୍ତିକା ଓ ଜଳ ପ୍ରଦୂଷଣ କରିଥାଏ । ପ୍ରଦୂଷଣକୁ ଅତି କମ୍ ବା ଦୂର କରିବା ପାଇଁ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସିମେଣ୍ଟ କାରଖାନା ନିମନ୍ତେ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିଛନ୍ତି ।

ଏହାବ୍ୟତୀତ ବିକଳ୍ପ ସାମଗ୍ରୀ ବ୍ୟବହାର ମାଧ୍ୟମରେ ପ୍ରଦୂଷଣ ହ୍ରାସ କରିବାପାଇଁ ପଦକ୍ଷେପ ନିଆଯାଉଛି । ଏଥିରେ ପଥର ଓ ମାଟି ବା କର୍ଦ୍ଦମ ପରି ପାରମ୍ପରିକ ସାମଗ୍ରୀ, ଉଦ୍ଭିଦ ଆଧାରିତ ନୂତନ ସାମଗ୍ରୀ ଏବଂ ବର୍ଜ୍ୟ ପ୍ଲାଷ୍ଟିକରୁ ପୁନଃବ୍ୟବହାର ହୋଇଥିବା ସାମଗ୍ରୀର ବ୍ୟବହାର ଅନ୍ତର୍ଭୁକ୍ତ ।



ଚିତ୍ର : 1.19 ଆରାଭିଲ୍ ଆର୍ଥ ଇନ୍‌ଷ୍ଟିଚ୍ୟୁଟ୍ (ମାଟିର ସ୍ଥାପତ୍ୟ ନିର୍ମାଣ ପାଇଁ ୟୁନେସ୍କୋ ଚେୟାର ଅଳଙ୍କୃତ କରିଥିବା) ଦ୍ୱାରା ନିର୍ମିତ ଆରୋଭିଲ୍‌ରେ ଏକ ଗୋଷ୍ଠୀ ଭବନ । ଏହି ଆଧୁନିକ କୋଠା ବିଶେଷ କୌଶଳ ବ୍ୟବହାର ଦ୍ୱାରା କାନ୍ଥରେ ନିର୍ମିତ ।

ଏବେ ପାରମ୍ପରିକ ଦ୍ରବ୍ୟ ଓ ପଦ୍ଧତିଗୁଡ଼ିକୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ସହିତ ମିଶାଇ କମ୍ ପ୍ରଦୂଷଣକାରୀ ଓ ଧାରଣୀୟ ସାମଗ୍ରୀ ସୃଷ୍ଟି କରାଯାଉଛି । ଏହାଦ୍ୱାରା ସ୍ଥାନୀୟ ନିଯୁକ୍ତି ସୃଷ୍ଟି ହେବା ସହ ସେହି ସ୍ଥାନର ଜଳବାୟୁ ପ୍ରତି ଧ୍ୟାନ ଦିଆଯାଇପାରୁଛି ।

ବୃକ୍ଷାୟୁର୍ବେଦ ଏକ ପ୍ରାଚୀନ ଭାରତୀୟ ଉଦ୍ଭିଦ ବିଜ୍ଞାନ । ଏଥିରେ ବୃକ୍ଷ ଓ ଉଦ୍ଭିଦ ସମ୍ବନ୍ଧରେ ଅଧ୍ୟୟନ ଏବଂ ଯତ୍ନ ଉପରେ ଗୁରୁତ୍ୱ ଦିଆଯାଇଥାଏ । ଏହି ଶବ୍ଦଟି ସଂସ୍କୃତରୁ ଆସିଛି, ବୃକ୍ଷର ଅର୍ଥ ହେଉଛି ଗଛ ଓ ଆୟୁର୍ବେଦ ଅର୍ଥ ହେଉଛି ଜୀବନ କିମ୍ବା ସ୍ୱାସ୍ଥ୍ୟର ବିଜ୍ଞାନ । ଏହି ପାରମ୍ପରିକ ଜ୍ଞାନ ପ୍ରଣାଳୀ ହଜାର ହଜାର ବର୍ଷ ପୁରୁଣା ଏବଂ ଏହା ପ୍ରାୟ ଦଶମ ଶତାବ୍ଦୀରେ ସୁରପାଳଙ୍କ ବୃକ୍ଷାୟୁର୍ବେଦ ଗ୍ରନ୍ଥରେ ଆନୁଷ୍ଠାନିକ ଭାବେ ପ୍ରକାଶିତ ହୋଇଥିଲା ।

ଏହି ଗ୍ରନ୍ଥରେ ନିର୍ଦ୍ଦିଷ୍ଟ ମୃତ୍ତିକା ଭିତ୍ତିରେ ଅଲଗା ଅଲଗା ଗଛ ଲଗାଇବା ସମ୍ବନ୍ଧରେ ବିସ୍ତୃତ ବର୍ଣ୍ଣନା କରାଯାଇଛି । ଏହାବ୍ୟତୀତ ଏଥିରେ ବିହନ ସଂଗ୍ରହ ଓ ସଂରକ୍ଷଣ ଏବଂ ପ୍ରାକ୍ ଚାରାରୋପଣ ଯତ୍ନ ସମ୍ପର୍କରେ ମଧ୍ୟ ଉଲ୍ଲେଖ ରହିଛି । ଋତୁଭିତ୍ତିରେ ଜଳସେଚନର କୌଶଳ, ଉଦ୍ଭିଦ ପ୍ରଜାତି ଓ ବୃଦ୍ଧିର ପର୍ଯ୍ୟାୟ ଆଦିର ବିସ୍ତୀର୍ଣ୍ଣ ବର୍ଣ୍ଣନା ପୁସ୍ତକରେ ରହିଛି । ଏକକାଳୀନ ପ୍ରାକୃତିକ ପ୍ରତିଷେଧକ ସହ ଚାରାରୋପଣ ଦ୍ୱାରା ଫସଲ ହାନିକାରକ କୀଟ ପରିଚାଳନା ରଣନୀତି ଏଥିରେ ରହିଛି । ଏହି ପ୍ରକାର ଧାରଣୀୟ କୃଷି ମୃତ୍ତିକାର ସ୍ୱାସ୍ଥ୍ୟ ବଜାୟ ରଖିବା ପାଇଁ ପର୍ଯ୍ୟାୟଭିତ୍ତିକ ଓ ମିଶ୍ରିତ କୃଷିକୁ ପ୍ରୋତ୍ସାହିତ କରିଥାଏ । ମାଟିକୁ ହଳ କରିବାର ସଠିକ୍ ପଦ୍ଧତି ଦ୍ୱାରା ମାଟିର ଆର୍ଦ୍ରତା ବଜାୟ ରଖିବା ଓ ଏଥିରେ କବକ, ବ୍ୟାକ୍ଟେରିଆ, ଜିଆ ବା କେଞ୍ଚୁଆ ଭଳି ଜୀବନ୍ତ ପ୍ରାଣୀଙ୍କ ବୃଦ୍ଧିକୁ କିପରି ସହଜ କରାଯାଇପାରିବ, ତାହା ବୃକ୍ଷାୟୁର୍ବେଦ ପରାମର୍ଶ ଦେଇଛି ।

ସିକିମ୍‌ର ଏକ ଘଟଣା

ସିକ୍କିମ୍‌ରେ ପେମାଙ୍କ ପାରିବାରିକ କୃଷିଫାର୍ମରେ ବ୍ୟୟବହୁଳ ରାସାୟନିକ ପଦାର୍ଥର ବ୍ୟବହାର ସତ୍ତ୍ୱେ ଅମଳ କ୍ରମଶଃ ହ୍ରାସ ପାଇଲା ଓ ଋଣଭାର ଯୋଗୁଁ ସେମାନେ ଚାପଗ୍ରସ୍ତ ହୋଇଥିଲେ । ରାଜ୍ୟ ସରକାର ସାରା ରାଜ୍ୟରେ ଜୈବିକ କୃଷିକୁ ପ୍ରୋତ୍ସାହିତ କରିବା ପାଇଁ ନୀତି ଘୋଷଣା କଲା ପରେ, ପେମାଙ୍କ ପରିବାର ଏହି ପଦ୍ଧତିକୁ ଆପଣେଇବାକୁ ନିଷ୍ପତ୍ତି ନେଲେ । ପ୍ରଥମେ ପ୍ରଥମେ ଏହି ନୀତିକୁ ଆପଣେଇବା ତାଙ୍କପାଇଁ ଏତେଟା ସହଜ ନଥିଲା । କାରଣ ବର୍ଷ ବର୍ଷ ଧରି ରାସାୟନିକ ପଦାର୍ଥର ବ୍ୟବହାର ଜନିତ ଅବକ୍ଷୟଗତ ମୃତ୍ତିକାର ପୁନରୁଦ୍ଧାର ଧୀରେ ଧୀରେ ହେଉଥିଲା । ଫଳତଃ ଅମଳ ଆଶାନୁରୂପକ ହେଉନଥିଲା ।




ଚିତ୍ର 1.20 ସିକ୍କିମ୍‌ରେ ଜୈବିକ ଚାଷ

ସେହି ପରିବାର କମ୍ପୋଷ୍ଟ (ଖତ) ବ୍ୟବହାର କରିବା ଆରମ୍ଭ କଲେ, ନିମ ଓ ରସୁଣ ଆଦିରୁ ପ୍ରସ୍ତୁତ ପ୍ରାକୃତିକ କୀଟନାଶକ ବ୍ୟବହାର କରି ବର୍ଷସାରା ଏକାଧିକ ଫସଲ ଚାଷ କଲେ । ପ୍ରାୟ ପାଞ୍ଚ ବର୍ଷ ପରେ, ପେମାଙ୍କ ଫାର୍ମ ପୁନଶ୍ଚ ଉତ୍ପାଦନକ୍ଷମ ହେଲା । ସେ ତାଙ୍କର ଅଲେଇଚ, ଅଦା ଓ ପାରମ୍ପରିକ ପନିପରିବା ସଠିକ୍ ମୂଲ୍ୟରେ ବିକ୍ରିକରି ଲାଭବାନ ହେଲେ । 2016 ମସିହାରେ, ସମସ୍ତ ଚାଷଜମି ସ୍ୱୀକୃତ ବା ପ୍ରାମାଣିକ ଭାବେ ଜୈବିକ କୃଷି ଅନ୍ତର୍ଗତ ହେବାରୁ ସିକ୍କିମ୍ 100 ପ୍ରତିଶତ **ଜୈବିକ କୃଷି ରାଜ୍ୟ**ରେ ପରିଣତ ହେଲା । ଏହାର ପ୍ରଭାବରେ ସ୍ଥାନୀୟ ଜୈବ ବିବିଧତା ବୃଦ୍ଧି ପାଇଲା ଓ ଉପକାରୀ କୀଟପତଙ୍ଗ ଏବଂ ପକ୍ଷୀ ପୁନଶ୍ଚ ଫେରି ଆସିଲେ । ଜୈବିକ କୃଷି ପଦ୍ଧତି ଦେଖିବା ପାଇଁ ପରିଦର୍ଶକମାନଙ୍କ ଆଗମନ ହେବା ସହିତ ପର୍ଯ୍ୟଟନ ବୃଦ୍ଧି ପାଇଲା ଏବଂ ଚାଷୀଙ୍କ ଆୟ ହାରାହାରି 20 ପ୍ରତିଶତ ବୃଦ୍ଧି ଘଟିଥିଲା । ଆଜି, ସିକ୍କିମ୍ ବିଶ୍ୱରେ ଏକ ଆଦର୍ଶ କୃଷି ରାଜ୍ୟର ମାନ୍ୟତା ପାଇଛି । ଏଥିରୁ ସ୍ପଷ୍ଟ ଯେ, ଉଦ୍ୟମ ଦ୍ୱାରା ବିଭିନ୍ନ ଅଞ୍ଚଳରେ ସ୍ଥାୟୀ କୃଷି ପଦ୍ଧତିକୁ ସଫଳତାର ସହ ଆପଣେଇ ହେବ ଏବଂ ଏଥିସହ ପାରିବେଶିକ ଓ ଆର୍ଥିକ ଉନ୍ନତି ହୋଇପାରିବ ।

ସମ୍ବଳର ଦାୟିତ୍ୱପୂର୍ଣ୍ଣ ଓ ନ୍ୟାୟସଙ୍ଗତ ବ୍ୟବହାର

ନବୀକରଣ ଅଯୋଗ୍ୟ ସମ୍ବଳ କ୍ଷେତ୍ରରେ ଆମକୁ ଅଧିକ ସ୍ଥାୟୀ ବିକଳ୍ପ ସମ୍ବଳ ଖୋଜିବା ପର୍ଯ୍ୟନ୍ତ ଗଚ୍ଛିତ ସମ୍ବଳର ଦୀର୍ଘ ସ୍ଥାୟୀ ବ୍ୟବହାର ନିଶ୍ଚିତ କରିବାକୁ ପଡ଼ିବ । ଉଦାହରଣ ସ୍ୱରୂପ, ଆମକୁ ଯଥାସମ୍ଭବ ଅଧିକରୁ ଅଧିକ ଚାହିଦା ପୂରଣ କରିବା ନିମନ୍ତେ ନବୀକରଣ ଯୋଗ୍ୟ ଶକ୍ତିର ଉତ୍ସ ଉପରେ ନିର୍ଭର କରିବାକୁ ହେବ ।



ଚିତ୍ର 1.21 ରାଜସ୍ଥାନରେ ଅବସ୍ଥିତ ବିଶ୍ୱର ଅନ୍ୟତମ ବୃହତ୍ ସୌର ପାର୍କର ସାଟେଲାଇଟ୍ ଚିତ୍ର । ଏହା ରାଜସ୍ଥାନର ବର୍ତ୍ତମାନର ଆବଶ୍ୟକତାର ପ୍ରାୟ 15% ପୂରଣ କରିବା ପାଇଁ ଯଥେଷ୍ଟ ବିଦ୍ୟୁତ୍ ଉତ୍ପାଦନ କରିପାରିବ ।



ଚିତ୍ର 1.22 କର୍ଣ୍ଣାଟକର ରାଇଚୁର ନିକଟରେ ସୋଲାର ଫାର୍ମ (ସୌର ଫାର୍ମ)

ଆନ୍ତର୍ଜାତୀୟ ସୌର ମେଣ୍ଟ— ନବୀକରଣ ଯୋଗ୍ୟ ଶକ୍ତିରେ ଭାରତର ନେତୃତ୍ୱ

2015 ମସିହାରେ ଭାରତ ଓ ଫ୍ରାନ୍ସ ମିଶି ସୌର ଶକ୍ତି ପାଇଁ ଏକ ଆନ୍ତର୍ଜାତୀୟ ମେଣ୍ଟ ଗଠନ କରିଥିଲେ । ସୌର ରଶ୍ମିରେ ସମୃଦ୍ଧ ଦେଶ ଗୁଡ଼ିକର ସୌରଶକ୍ତି ବ୍ୟବହାର ପାଇଁ ପ୍ରତିବଦ୍ଧତା ଏହି ମେଣ୍ଟର ଉଦ୍ଦେଶ୍ୟ ଥିଲା । ବିକାଶଶୀଳ ରାଷ୍ଟ୍ରଗୁଡ଼ିକରେ ସୌର ପ୍ରକଳ୍ପର ଉନ୍ନତି ନିମନ୍ତେ ଭାରତ କୋଟି କୋଟି ଡଲାର ନିବେଶ ସହିତ ବୈଷୟିକ ସହାୟତା ପ୍ରଦାନ କରିଛି ଓ ଏହାଦ୍ୱାରା ସୁଲଭ ଆର୍ଥିକ ବିକାଶ ସୃଷ୍ଟି ହୋଇପାରିଛି । ଭାଡ଼ଲା ସୌର ପ୍ରକଳ୍ପ ଭାରତର ସୌର ମହତ୍ତ୍ୱାକାଂକ୍ଷାର ଏକ ଉଜ୍ଜ୍ୱଳ ପ୍ରତୀକ । ଆମ ଦେଶ କିପରି ପାରମ୍ପରିକ ଶକ୍ତି ଉତ୍ସରୁ ନବୀକରଣଯୋଗ୍ୟ ବିକଳ୍ପକୁ ପରିବର୍ତ୍ତିତ ହେଉଛି, ଏହା ଦର୍ଶାଉଛି । ଭାରତୀୟମାନଙ୍କ ପାଇଁ ଏହି ମେଣ୍ଟ ଉଭୟ ପରିବେଶଗତ ଦାୟିତ୍ୱ ଓ ଆର୍ଥିକ ସୁଯୋଗକୁ ପ୍ରତିନିଧିତ୍ୱ କରେ ।

ଆମେ ଏହି ସମସ୍ୟାଗୁଡିକର ସମ୍ମୁଖୀନ ହେଉଥିବା ବେଳେ ମଧ୍ୟ ଆମକୁ ଧ୍ୟାନ ରଖିବାକୁ ହେବ ଯେ ଜଳ ଏବଂ ବିଶୁଦ୍ଧ ବାୟୁ ଭଳି ମୌଳିକ ସମ୍ବଳ ସମେତ ସମ୍ବଳର ବଣ୍ଟନ ଏବଂ ଉପଲବ୍ଧତା ସମାଜର କିଛି ବର୍ଗଙ୍କ ପାଇଁ ଅନେକ ସମୟରେ ଅନ୍ୟାୟ ଅଟେ । ସହରଗୁଡ଼ିକରେ ଅନେକ ଅଞ୍ଚଳ ପର୍ଯ୍ୟାପ୍ତ ଏବଂ ନିୟମିତ ପିଇବା ପାଣି ପାଆନ୍ତି ନାହିଁ । ଶିଳ୍ପାୟନ ଓ ଜୀବାଶ୍ମ ଇନ୍ଧନର ବହୁଳ ବ୍ୟବହାର ଯୋଗୁଁ ବାୟୁମଣ୍ଡଳ ଅଧିକରୁ ଅଧିକ ପ୍ରଦୂଷିତ ହେଉଛି । ଏହିସବୁ ବିପତ୍ତିରୁ ନିଜକୁ ରକ୍ଷା କରିବାରେ ଅସମର୍ଥ ଲୋକମାନେ ବିଶେଷ ଭାବେ ପ୍ରଭାବିତ ହେଉଛନ୍ତି ।

ପ୍ରକୃତି ସହିତ ଆମର ସମ୍ପର୍କକୁ ଆମେ ମନେ ରଖିବା ଉଚିତ୍ ଏବଂ ପ୍ରାକୃତିକ ସମ୍ବଳର ପୁନରୁଦ୍ଧାର, ପୁନଃସୃଷ୍ଟି ଏବଂ ସ୍ଥାୟୀତ୍ୱ ଦିଗରେ ରକ୍ଷକ ଭାବରେ କାର୍ଯ୍ୟ କରିବା ଉଚିତ୍ । ମାନବ କଲ୍ୟାଣ ପାଇଁ ପ୍ରତ୍ୟେକ ନିଜର ବ୍ୟକ୍ତିଗତ ଇଚ୍ଛାକୁ ଅତିକ୍ରମ କରି ସମସ୍ତଙ୍କର ମଙ୍ଗଳ କରିବାର ଆବଶ୍ୟକତା ସମ୍ବନ୍ଧରେ **ଭଗବଦ୍ ଗୀତାର ଲୋକ ସଂଗ୍ରହ**ରେ ଉଲ୍ଲେଖ ଅଛି । ଏହାକୁ ଗମ୍ଭୀରତାର ସହିତ ବିଚାର କରିବାର ସମୟ ଉପନୀତ ହୋଇନାହିଁ କି ?



ଶେଷ କରିବା ପୂର୍ବରୁ...

- → 'ପ୍ରାକୃତିକ ସମ୍ବଳ' ହେଉଛି ପ୍ରକୃତିରେ ଲଭ୍ୟ, ମଣିଷ ପାଇଁ ମୂଲ୍ୟବାନ ପଦାର୍ଥ ଓ ସାମଗ୍ରୀ ଅଟେ ।
- → ସମ୍ବଳଗୁଡ଼ିକ ବର୍ଗୀକରଣ କରିବାର ବିଭିନ୍ନ ଉପାୟ ଅଛି; ତନ୍ମଧ୍ୟରୁ ନବୀକରଣ ଯୋଗ୍ୟ ଏବଂ ନବୀକରଣ ଅଯୋଗ୍ୟ ହେଉଛି ଉପଯୋଗୀ ବର୍ଗୀକରଣ ।
- → ପ୍ରଯୁକ୍ତି ବିଦ୍ୟା ଓ ଦକ୍ଷତା ବିକାଶ ମାଧ୍ୟମରେ ଆମେ ''ସମ୍ବଳର ଅଭିଶାପ (ବିଲକ୍ଷଣ)'' ସମସ୍ୟାର ସମାଧାନ କରିପାରିବା ।
- → ଆମେ ନବୀକରଣ ଯୋଗ୍ୟ ସମ୍ବଳର ବ୍ୟବହାର ମାତ୍ରା ଯେପରି ଅଧିକ ନହୁଏ, ସେ ବିଷୟରେ ସତର୍କ ରହିବା ଦରକାର । ତତ୍ସହିତ ନବୀକରଣ ଅଯୋଗ୍ୟ ସମ୍ବଳର ଯଥୋଚିତ ଓ ଦାୟିତ୍ୱପୂର୍ଣ୍ଣ ବ୍ୟବହାର କରିବାକୁ ହେବ, ଯାହାଦ୍ୱାରା ଏହା ବହୁବର୍ଷ ପର୍ଯ୍ୟନ୍ତ ମାନବ କଲ୍ୟାଣରେ ଲାଗି ପାରିବ ।

ପ୍ରଶ୍ନାବଳୀ, ଅଭ୍ୟାସ କାର୍ଯ୍ୟ ଏବଂ ପ୍ରକଳ୍ପ



1. ନିମ୍ନଲିଖିତ ମଧ୍ୟରୁ କେଉଁ ଅଭ୍ୟାସ ସାମଗ୍ରିକ ମୃତ୍ତିକା ପରିଚାଳନାକୁ ସର୍ବୋତ୍ତମ ଭାବରେ ପ୍ରତିଫଳିତ କରେ ଯାହା ମୃତ୍ତିକା ଅବକ୍ଷୟକୁ ରୋକିଥାଏ ? ( )

   A) ରାସାୟନିକ ସାର ଏବଂ କୀଟନାଶକର ଅତ୍ୟଧିକ ବ୍ୟବହାର

   B) ଗୋବର ଏବଂ ଅନ୍ୟାନ୍ୟ ପ୍ରାକୃତିକ ସାରର ବ୍ୟବହାର

   C) ମଲଚିଂ ଏବଂ ବହୁ–ଫସଲ

   D) ଉଭୟ (b) ଏବଂ (c)

2. ଦୃଢ଼ୋକ୍ତି (A): ସମ୍ବଳର ଅସମାନ ବଣ୍ଟନ ମାନବ ବସତି, ବାଣିଜ୍ୟ ପଦ୍ଧତି, ଆନ୍ତର୍ଜାତୀୟ ସମ୍ପର୍କ ଏବଂ ଦ୍ୱନ୍ଦ୍ୱକୁ ପ୍ରଭାବିତ କରେ । ( )

   କାରଣ (R): ସମଗ୍ର ପୃଥିବୀରେ ପ୍ରାକୃତିକ ସମ୍ବଳ ସମାନ ଭାବରେ ବଣ୍ଟାଯାଇ ନାହିଁ ।

   i. ଉଭୟ A ଏବଂ R ସତ୍ୟ, ଏବଂ R ହେଉଛି Aର ସଠିକ୍ ବ୍ୟାଖ୍ୟା ।

   ii. ଉଭୟ A ଏବଂ R ସତ୍ୟ, କିନ୍ତୁ , R ହେଉଛି Aର ସଠିକ୍ ବ୍ୟାଖ୍ୟା ନୁହେଁ ।

   iii. A ସତ୍ୟ, କିନ୍ତୁ R ମିଥ୍ୟା ଅଟେ ।

   iv. A ମିଥ୍ୟା ଅଟେ, କିନ୍ତୁ R ସତ୍ୟ ଅଟେ ।

3. ଆମେ ଆଜି ଯାହାକୁ ନବୀକରଣ ଯୋଗ୍ୟ ସମ୍ବଳ ବୋଲି ଭାବୁଛେ, ତାହା ଆସନ୍ତାକାଲିକୁ କିପରି ନବୀକରଣ ଅଯୋଗ୍ୟ ହୋଇଯିବ ? ଏହି ଘଟଣାକୁ ରୋକିବାପାଇଁ କେଉଁ କେଉଁ ପଦକ୍ଷେପ ନିଆଯାଇପାରିବ ଲେଖ ।

4. ମନୁଷ୍ୟର ସେବାରେ ଆସୁଥିବା ପାଞ୍ଚଟି ପରିସଂସ୍ଥା କାର୍ଯ୍ୟାବଳୀର ନାମ ଲେଖ ।

5. ନବୀକରଣ ଯୋଗ୍ୟ ସମ୍ବଳ ଗୁଡ଼ିକ କ'ଣ ? ସେଗୁଡ଼ିକ ନବୀକରଣ ଅଯୋଗ୍ୟ ସମ୍ବଳଠାରୁ କିପରି ଭିନ୍ନ ? ବର୍ତ୍ତମାନ ଏବଂ ଭବିଷ୍ୟତ ପିଢ଼ି ନିମନ୍ତେ ନବୀକରଣ ଯୋଗ୍ୟ ସମ୍ବଳର ଉପଲବ୍ଧି ନିଶ୍ଚିତ କରିବାପାଇଁ ଲୋକମାନେ କ'ଣ କରିପାରିବେ, ଏହାର ଦୁଇଟି ଉଦାହରଣ ଦିଅ ।

6. ନବୀକରଣ ଅଯୋଗ୍ୟ ସମ୍ବଳର ସଂରକ୍ଷଣ କରିବା କାହିଁକି ଗୁରୁତ୍ୱପୂର୍ଣ୍ଣ ?

7. ତୁମ ଘର ଏବଂ ଆଖପାଖରେ ପ୍ରାକୃତିକ ସମ୍ବଳ ବ୍ୟବହାର ସମ୍ପର୍କିତ ସଚେତନତାକୁ ସୂଚାଉଥିବା ସାଂସ୍କୃତିକ ଅଭ୍ୟାସଗୁଡ଼ିକୁ ଚିହ୍ନଟ କର ।

8. ଆମର ବର୍ତ୍ତମାନର ବ୍ୟବହାର ପାଇଁ ସାମଗ୍ରୀ ଉତ୍ପାଦନ ସମୟରେ କେଉଁ ବିଷୟଗୁଡ଼ିକ ପ୍ରତି ଧ୍ୟାନ ଦେବା ଆବଶ୍ୟକ ?

9. ମାନବ କାର୍ଯ୍ୟକଳାପ କେଉଁ ପରିମାଣରେ 'ପ୍ରାକୃତିକ ସମ୍ବଳ ଅଭିଶାପ' ଆଡ଼କୁ ନେଇଯାଏ ?

10. ପରିବେଶ ସୁରକ୍ଷା ବିଷୟରେ ସଚେତନତା ସୃଷ୍ଟି କରୁଥିବା ସ୍ଲୋଗାନ ପ୍ରସ୍ତୁତ କର ।

ଇତିହାସର ଅନ୍ଧକାରମୟ ସମୟ ଉପରେ ଏକ ଟିପ୍ପଣୀ

ଅନେକ ସମୟରେ ଇତିହାସ, ଯୁଦ୍ଧ ଓ ବିନାଶର ଗାଥାରେ ପରିପୂର୍ଣ୍ଣ ଭଳି ମନେହୁଏ । ଏହା ସତ୍ୟ ଯେ, ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମୟର ଗାଥା ଉପରେ ଏହା କମ୍ ଧ୍ୟାନ ଦେଇଛି । ପ୍ରତ୍ୟେକ ଦେଶରେ ଏହିପରି ଶାନ୍ତିପୂର୍ଣ୍ଣ ଯୁଗ ଓ ଅନେକ ହିତୈଷୀ ଶାସକ ଥିଲେ ମଧ୍ୟ ଇତିହାସର ପୃଷ୍ଠା ଅଯୋଗ୍ୟ, ଦୁର୍ନୀତିଗ୍ରସ୍ତ ଓ ନିଷ୍ଠୁର ଶାସକମାନଙ୍କ ଦ୍ୱାରା ପରିପୂର୍ଣ୍ଣ । ଇତିହାସର ଏହି କ୍ରୁର ସମୟକୁ ''ଅନ୍ଧକାରମୟ ସମୟ'' କହିପାରିବା । କାରଣ ଏହି ସମୟରେ ଯୁଦ୍ଧ, ଲାଞ୍ଛନା, ଧର୍ମାନ୍ଧତା, ରକ୍ତପାତ ଇତ୍ୟାଦି ବିଭୀଷିକା ଭୂଭାଗକୁ କବଳିତ କରି ସମଗ୍ର ସମାଜ ବା ଦେଶ ଉପରେ ଦୁଃଖ–ଦୁର୍ଦ୍ଦଶାର ବାଦଲ ସୃଷ୍ଟି କରିଥିଲା ।

ବିଶ୍ୱବ୍ୟାପୀ ଐତିହାସିକମାନେ ଏହି ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇଛନ୍ତି : ଆମେ ଏପରି ଅନ୍ଧକାରମୟ ସମୟ ପ୍ରତି କେତେ ଧ୍ୟାନ ଦେବା ଉଚିତ୍? ଆମେ ଏହି ସମୟକୁ ଇତିହାସରୁ ସମ୍ପୂର୍ଣ୍ଣ ଭାବରେ ବାଦ୍ ଦେବା ଉଚିତ୍ ଅଥବା ସେଗୁଡ଼ିକରୁ କେତେକ ମୁଖ୍ୟ ବିବରଣୀକୁ ବାଦ୍ ଦେଇ ଉଲ୍ଲେଖ କରିବା ଉଚିତ୍ ହେବ କି ? ନଚୁବା ସେଗୁଡ଼ିକୁ ସାମ୍ନା କରିବା ସହ ଏପରି ଘଟଣାକୁ ବିକଶିତ କରିବାରେ ସାହାଯ୍ୟ କରିଥିବା କାରକ ଏବଂ ଏଗୁଡ଼ିକର ପୁନରାବୃତ୍ତିକୁ ଏଡ଼ାଇବା ପାଇଁ ବିଶ୍ଳେଷଣ ଦ୍ୱାରା ନିଶ୍ଚିତ କରିବା ଉଚିତ ହେବ ? ଆମ ମତରେ, ଶେଷ ବା ତୃତୀୟ ବିକଳ୍ପଟି ହେଉଛି ସର୍ବୋତ୍ତମ, ଯଦି ଏହା ଯଥେଷ୍ଟ ନିରପେକ୍ଷତା ଓ ସମ୍ବେଦନଶୀଳତା ସହ କରାଯାଇପାରିବ । ଆମେ ଅତୀତକୁ ଜାଣିବା ଗୁରୁତ୍ୱପୂର୍ଣ୍ଣ, ତାହା ସୁଖଦ ହେଉ କିମ୍ବା ଅପ୍ରୀତିକର, କାରଣ ଅତୀତ ଆମ ସହିତ ବଞ୍ଚି ରହିଥାଏ ଏବଂ ବର୍ତ୍ତମାନକୁ ରୂପ ଦେଇଥାଏ ।

''ନିରପେକ୍ଷତା ଏବଂ ସମ୍ବେଦନଶୀଳତା'' କହିଲେ ଆମେ କ'ଣ ବୁଝୁଛେ ? ସରଳ ଭାବରେ କହିଲେ, ଆଜି ବଞ୍ଚିଥିବା କାହାକୁ ଦୋଷ ନଦେଇ ସେହି ଅନ୍ଧକାରମୟ ଘଟଣାବଳୀକୁ ନିରପେକ୍ଷ ଭାବରେ ଅଧ୍ୟୟନ କରିବା ଗୁରୁତ୍ୱପୂର୍ଣ୍ଣ । ଉଦାହରଣ ସ୍ୱରୂପ, ଦ୍ୱିତୀୟ ବିଶ୍ୱଯୁଦ୍ଧ (1939–1945)ର ଭୟଙ୍କର ପରିଣାମ ସ୍ୱରୂପ ସାରା ବିଶ୍ୱରେ ଲକ୍ଷ ଲକ୍ଷ ଲୋକ ମୃତ୍ୟୁବରଣ କରିଥିଲେ । ଏହା ତୁମେ ପରବର୍ତ୍ତୀ ଶ୍ରେଣୀରେ ପଢ଼ିବ । ସେତେବେଳେ ଜର୍ମାନୀ ଏକ ଘୃଣ୍ୟତମ ନିଷ୍ଠୁର ଚିନ୍ତାଧାରା ବା ଆଦର୍ଶ ('ନାଜିବାଦ' ନାମରେ ଜଣା) ଅନୁସରଣ କରି ''ନୀଚ ଜାତି''ର ବିନାଶରେ ବିଶ୍ୱାସ କରିବାକୁ ଲାଗିଲା । ଏହାଦ୍ୱାରା ସେହି ଦେଶରେ କିଛି ଜାତି ବା ସମ୍ପ୍ରଦାୟର ଜନସାଧାରଣଙ୍କ ପ୍ରତି ଅମାନବୀୟ ବ୍ୟବହାର ସହ ଅଧିକୃତ ରାଷ୍ଟ୍ରଗୁଡ଼ିକୁ ନିଷ୍ଠୁର ଭାବେ ଶାସନ କରାଯାଉଥିଲା । ଏଣୁ ଆଠ ଦଶନ୍ଧି ପୂର୍ବେ ଯାହା ଘଟିଥିଲା, ସେଥିପାଇଁ ଆଜିର ଜର୍ମାନମାନଙ୍କୁ ଦୋଷ ଦେବା ସ୍ପଷ୍ଟଭାବେ ଗ୍ରହଣଯୋଗ୍ୟ ନୁହେଁ । ବରଂ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, କେଉଁ କାରଣରୁ ନାଜି ଚିନ୍ତାଧାରାର ଉଦ୍ଭବ ହେଲା ଓ ଏ ପ୍ରକାର ଚିନ୍ତାଧାରାକୁ ଏବେ ବା ଭବିଷ୍ୟତରେ କିପରି ପ୍ରତିହତ କରିପାରିବା, ସେ ବିଷୟରେ ଅଧିକ ଜାଣିବାର ଆବଶ୍ୟକତା ରହିଛି ।

ଏହି ପାଠ୍ୟପୁସ୍ତକରେ 'ଅତୀତର ସ୍ମୃତିଫର୍ଦ୍ଦ' ଅଧ୍ୟାୟରେ ଯୁଦ୍ଧର ବିଭୀଷିକା, ପଶୁତ୍ୱ ଓ ନିଷ୍ଠୁରତାର ଅନେକ ଉଦାହରଣ ରହିଛି । ସେଥିପାଇଁ ମଧ୍ୟ ଉପରୋକ୍ତ ନୀତି ପ୍ରଯୁଜ୍ୟ । ଯଦିବା ସେହି ଘଟଣାଗୁଡ଼ିକୁ ଅସ୍ୱୀକାର ବା ଲିଭା ଯାଇ ପାରିବ ନାହିଁ, ସେଥିପାଇଁ ଆଜି କାହାକୁ ଦାୟୀ କରିବା ମଧ୍ୟ ଭୁଲ୍ ହେବ । ନିଷ୍ଠୁର ହିଂସା, ଦମନମୂଳକ କୁଶାସନ, ଦୁର୍ବାର କ୍ଷମତା ଲାଳସା ଆଦି ଅତୀତର ଯନ୍ତ୍ରଣା ଲାଘବ କରିବା ଓ ସମ୍ଭବତଃ, ଏସବୁ ଭବିଷ୍ୟତରେ ଯେପରି ସ୍ଥାନ ନ ପାଏ ସେଥିପାଇଁ ଉପରୋକ୍ତ ଐତିହାସିକ ଘଟଣାବଳୀର ଉପଯୋଗିତାକୁ ଆମକୁ ବୁଝିବାକୁ ହେବ ।

ଭାରତର ରାଜନୈତିକ ମାନଚିତ୍ରର ପୁନର୍ଗଠନ

ଅଧ୍ୟାୟ
2

Y4N5Z5

ଶିକ୍ଷଣ ଫଳାଫଳ

ଶିକ୍ଷାର୍ଥୀମାନେ ଏହା କରିପାରିବେ :

→ 11 ରୁ 17 ତମ ଶତାବ୍ଦୀ ପର୍ଯ୍ୟନ୍ତ ସମୟକୁ ଭାରତରେ ମଧ୍ୟଯୁଗୀୟ ସମୟ ଭାବରେ ଚିହ୍ନଟ କରିବେ । (CG - 1)

→ ରାଜ୍ୟ ଏବଂ ସାମ୍ରାଜ୍ୟର ଉତ୍‌ଥାନ ଏବଂ ପତନକୁ ଚିହ୍ନି ପାରିବେ ଏବଂ ନିରନ୍ତର ଯୁଦ୍ଧ, ମେଣ୍ଟ ଏବଂ ବିଜୟ ଭାରତର ରାଜନୈତିକ ସୀମାକୁ ପୁନଃ ଆକୃତି ଦେଇଥିବା ବିଷୟଗୁଡିକ ବୁଝିପାରିବେ । (CG - 2)

→ ପ୍ରସଙ୍ଗ ସମ୍ବନ୍ଧୀୟ ଚିତ୍ର ଏବଂ ମାନଚିତ୍ରଗୁଡିକୁ ବ୍ୟାଖ୍ୟା କରିପାରିବେ । (CG - 1)

→ ଦିଲ୍ଲୀ ସୁଲତାନାତ୍‌ର ଉତ୍‌ଥାନ ଓ ପତନ ବ୍ୟାଖ୍ୟା କରିପାରିବେ । (CG - 1)

→ ସ୍ମାରକୀ ଏବଂ କଳାକୃତିଗୁଡ଼ିକୁ ଧାର୍ମିକ ଦୃଷ୍ଟିକୋଣରୁ ଦେଖିବା ପରିବର୍ତ୍ତେ ସାଂସ୍କୃତିକ ଐତିହ୍ୟର ଏକ ଅଂଶ ଭାବରେ ସମ୍ମାନ ଏବଂ ସଂରକ୍ଷଣ ପାଇଁ ସମ୍ବେଦନଶୀଳତା ବିକାଶ କରିବେ । (CG - 3)


ଯଦି ପୃଥିବୀରେ ଏକ ସ୍ୱର୍ଗ ଅଛି ତେବେ ଏହା ଏଠାରେ ଅଛି, ଏହା ଏଠାରେ ଅଛି, ଏହା ଏଠାରେ ଅଛି ... ଏହା ହେଉଛି ଭାରତ

– ଅମୀର ଖୁସ୍ରୋ



ମୁଖ୍ୟ ପ୍ରଶ୍ନାବଳୀ ?

1. ଏହି ସମୟରେ ବିଦେଶୀ ଆକ୍ରମଣ ଓ ନୂତନ ରାଜବଂଶର ଅଭ୍ୟୁଦୟ କିପରି ରାଜନୈତିକ ସୀମାରେଖାର ପୁନର୍ଗଠନ କରିଥିଲା ?
2. ଭାରତୀୟ ସମାଜ ଏହି ଆକ୍ରମଣକୁ କିପରି ଗ୍ରହଣ କରିଥିଲା ଭାରତୀୟ ଅର୍ଥନୀତି ଏହି ରାଜନୈତିକ ଅସ୍ଥିରତା ସମୟରେ କିପରି ଉପଯୋଜିତ ହୋଇଥିଲା ?
3. ଏହି ସମୟ ଲୋକଙ୍କ ଜୀବନ ଉପରେ କେଉଁ ସବୁ ପ୍ରଭାବ ପକାଇଥିଲା ?



ଚିତ୍ର 2.2.

ଏହି ଅଧ୍ୟାୟର କାଳଖଣ୍ଡ ଏବଂ ପର ସମୟକୁ ଭାରତୀୟ ଇତିହାସରେ 'ମଧ୍ୟଯୁଗର' ପରବର୍ତ୍ତୀ ସମୟ ଭାବେ ବିବେଚନା କରାଯାଏ । ମଧ୍ୟଯୁଗ ଶବ୍ଦଟି('ଦୁଇ ଯୁଗର ମଧ୍ୟାବସ୍ଥା'କୁ ବୁଝାଏ) ଯାହା ୟୁରୋପର ଇତିହାସରେ ବ୍ୟବହୃତ ହୁଏ, ପ୍ରାୟତଃ ରୋମାନ୍ ସାମ୍ରାଜ୍ୟର ପରମ୍ପରାଠାରୁ (5ମ ଶତାବ୍ଦୀ) ରୁ ନବଜାଗରଣ ଯାଏଁ(14-16ଶ ଶତାବ୍ଦୀ ମଧ୍ୟରେ ୟୁରୋପର ସାଂସ୍କୃତିକ ଜାଗରଣ ଯାହା ଗ୍ରୀକ୍ ଏବଂ ରୋମାନ୍ କଳା ଓ ସାହିତ୍ୟ ପୁନଃ ଆବିଷ୍କାରକୁ ପରିପୃଷ୍ଠ କରିଥିଲା ।) ଆଧୁନିକ ବିଜ୍ଞାନର ଉନ୍ନତି ପୂର୍ବରୁ ଏହାକୁ ଅନ୍ଧକାର ଯୁଗ ଭାବେ ବିବେଚନା କରାଯାଉଥିଲା । ଅବଶ୍ୟ ୟୁରୋପ ଓ ଭାରତର ଇତିହାସ ପୁରାପୁରୀ ଅଲଗା ଥିଲା, ଏଣୁ ଉଭୟ ଇତିହାସରେ 'ମଧ୍ୟଯୁଗ'ର ପ୍ରୟୋଗ ଉଚିତ ନୁହେଁ, ଭାରତରେ ଏହା କେଉଁ ସମୟକୁ ଗ୍ରହଣ କରାଯିବ ଐତିହାସିକମାନେ ଏଥିରେ ସଦା ସହମତ ହୋଇପାରନ୍ତି ନାହିଁ, ଆମେ ସମୟ ଏହି ମଧ୍ୟଯୁଗୀୟ ଶବ୍ଦକୁ ବ୍ୟବହାର କରିବା ଯାହାର ସରଳ ଅର୍ଥ 11ଶ ଶତାବ୍ଦୀରୁ 17ଶ ଶତାବ୍ଦୀ ମଧ୍ୟରେ କାଳାଂଶକୁ ବୁଝାଏ ।

ଅତୀତ ଅଧ୍ୟାୟଗୁଡିକର 'ବୈଚିତ୍ର୍ୟ ଫର୍ଦ୍ଦ' ଗୁଡିକରେ ଆମେ ଯଥାସମ୍ଭବ କିଛି ତଥ୍ୟ ଦେବା ପାଇଁ ଚେଷ୍ଟା କରିଅଛୁ । ସେଗୁଡିକ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ସୂଚୀତ କରେ । ତୁମେ ବିଭିନ୍ନ ଅଧ୍ୟାୟର ସମୟ ରେଖାକୁ ଜାଣିବା ପାଇଁ ଏଗୁଡିକ ତୁମ ଲାଗି ସହାୟକ ହେବ । ମାନଚିତ୍ର ଅଧ୍ୟୟନରେ ଏ ସବୁ ତୁମର କଳ୍ପନା କରିବା ଓ ବୁଝିବାରେ ସାହାଯ୍ୟ କରିବ । ଏହା ତୁମକୁ ସେନା, ସାଧାରଣ ଲୋକ, ବ୍ୟବସାୟୀ, ପଣ୍ଡିତ ଓ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱଙ୍କ ଦ୍ୱାରା ପରିକ୍ରମା କରାଯାଇଥିବା ଭୂଗୋଳ ସହିତ ପରିଚିତ କରିବ ।


ତୁର୍କୀକ୍ : କେନ୍ଦ୍ର ଏସିଆର ତୁର୍କୀ ଏବଂ ସାଇବେରିଆର ବିସ୍ତୃତ ଅଞ୍ଚଳର ଲୋକ ଭାଷା ଏବଂ ସଂସ୍କୃତି ସହ ଜଡିତ ଶବ୍ଦକୁ ସୂଚୀତ କରେ ।

ବନାନ, ବନାନ....


ପାର୍ସିଲିପିକୁ ରୋମାନ୍ ଲିପିରେ ନକଲ କରିବା ଅସୁବିଧା କାରଣରୁ ତୁମେ କିଛି ବିକଳ୍ପ ବନାନ ବନ୍ଧନୀ ମଧ୍ୟରେ ଦେଖୁପାରିବ । ଉଦାହରଣ ସ୍ୱରୂପ– ' ଖିଲ୍‌ଜୀ' ବା 'ଖାଲଜି' ସମାନ ଅଟେ । ସେହିପରି ଆମେ ଏଠାରେ ମାନକ 'ମୋଗଲ' ବନାନ ବ୍ୟବହାର କରିଛୁ କିନ୍ତୁ ବିକଳ୍ପ ଭାବେ ବନାନ 'ମୋଘଲ୍' କିମ୍ବା 'ମୁଘୋଲ' ଏ ପର୍ଯ୍ୟନ୍ତ ଅନେକ ସମୟରେ ବ୍ୟବହୃତ ହେଉଛି।

11ଶ ଶତାବ୍ଦୀର ପ୍ରାରମ୍ଭରେ ଭାରତରେ ଏକ ନୂତନ ଯୁଗର ଆରମ୍ଭ ହୋଇଥିଲା । ହିନ୍ଦୁକୁଶ ପର୍ବତମାଳା ପାରହୋଇ ଯେଉଁ ବୈଦେଶିକ ଆକ୍ରମଣ ହେଲା ତାହା ଭାରତର ରାଜନୈତିକ ମାନଚିତ୍ରକୁ ନୂତନ ରୂପଦେଲା । ନିଃସନ୍ଦେହରେ କୁହାଯାଇପାରେ ଯେ ଭାରତ ପ୍ରାରମ୍ଭିକ ଅବସ୍ଥାରେ ବହୁ ଯୁଦ୍ଧ ଘନଘଟା ଦେଖୁ ଆସିଛି କିନ୍ତୁ ବର୍ହି ଆକ୍ରମଣକାରୀମାନେ ଅଜଣା ଓ ଅତର୍କିତ ଭାବେ ଭାରତୀୟ ଉପମହାଦେଶକୁ ଆକ୍ରମଣ କରିଥିଲେ। ସେମାନଙ୍କ ମଧ୍ୟରୁ ଅନେକ ଆକ୍ରମଣକାରୀ ମଧ୍ୟ ଏସିଆର ତୁର୍କୀ କିମ୍ବା ଆଫଗାନୀ ଥିଲେ । ସେମାନେ ଯେ କେବଳ ଭାରତର ପର୍ଯ୍ୟାପ୍ତ ଧନ ଦୌଲତ ଦ୍ୱାରା ଆକର୍ଷିତ ହୋଇଥିଲେ ତାହା ନୁହେଁ, ଆବଶ୍ୟକସ୍ଥଳେ ହିଂସାତ୍ମକ କାର୍ଯ୍ୟକଳାପ ଦ୍ୱାରା ନିଜ ଧର୍ମର ପ୍ରଚାର ପ୍ରସାର ପାଇଁ ଉଦ୍ୟମ କରିଥିଲେ ।

ଏହି ଅଧ୍ୟାୟରେ ତ୍ରୟୋଦଶ ଶତାବ୍ଦୀ ଓ ପରବର୍ତ୍ତୀ ସମୟର ନିରନ୍ତର ପରିବର୍ତ୍ତନଶୀଳ ଭାରତର ଭୌଗୋଳିକ ରୂପ ଓ ସୀମାରେଖା ସମ୍ବନ୍ଧରେ ଆସ ଜାଣିବା ।



ଚିତ୍ର2.3 ତୁଗଲାକ ଓ ଲୋଦୀ ଶାସନ କାଳର ଏକ ତୁଳନାତ୍ମକ ମାନଚିତ୍ର(13 ଶ ରୁ 15 ଶ ଶତାବ୍ଦୀ) ଓ ଦକ୍ଷିଣ ପୂର୍ବର ଆଞ୍ଚଳିକ ଶାସନ





ଚିତ୍ର :2.4. : କୁତବମିନାର, ଚିତ୍ର : 2.5. କୁୱାତ-ଉଲ-ଇସ୍‌ଲାମ (ଇସ୍‌ଲାମଙ୍କର ସର୍ବ ଶକ୍ତିମାନ) ଦିଲ୍ଲୀର କୁତବମିନାର ପରିସରରେ ଥିବା ଏକ ମସ୍‌ଜିଦ୍ । ଏହାର ନିର୍ମାଣ କାର୍ଯ୍ୟ ତ୍ରୟୋଦଶ ଶତାବ୍ଦୀ ଆରମ୍ଭରେ କୁତବୁଦ୍ଦିନ୍ ଆଇବାକ୍ ଆରମ୍ଭ କରିଥିଲେ ଯାହାକୁ ପରବର୍ତ୍ତୀ ସୁଲତାନମାନେ ଶେଷ କରିଥିଲେ। ଏଥିରେ ଥିବା ଏକ ଶିଳା ଲେଖ ସୂଚୀତ କରେ ଯେ ଧ୍ୱଂସ କରାଯାଇଥିବା କେତେକ ମନ୍ଦିରର ଶିଳାଖଣ୍ଡରେ ଏହା ନିର୍ମିତ ହୋଇଥିଲା ଯାହା ତୁମେ ଏଠାରେ ଦେଖିପାରିବ ।

ଦିଲ୍ଲୀ ସୁଲତାନମାନଙ୍କର ଉତ୍‌ଥାନ ଓ ପତନ

ଭାରତର ଉତ୍ତର ପଶ୍ଚିମରେ 1192 ଖ୍ରୀଷ୍ଟାବ୍ଦରେ ଶାସନ କରୁଥିବା ପୃଥ୍ୱୀରାଜ ଚୌହାନଙ୍କ ପରାଜୟ ପରେ, ଦିଲ୍ଲୀ ସୁଲତାନଙ୍କର ଶାସନ କିପରି ଆରମ୍ଭ ହେଲା ସେ ବିଷୟରେ ଆମେ ଜାଣିବା । ତୁର୍କୀ ଆଫଗାନ ବଂଶଜ ପାଞ୍ଚଟି ବୈଦେଶିକ ରାଜବଂଶ ଯଥା: ମାମୁଲକ୍(ଦାସ ବଂଶ), ଖଲିଜୀ(ଖାଲଜୀ), ତୁଗ୍‌ଲକ, ସୟଦ୍ ଏବଂ ଲୋଦୀ(ଲୋଧ) ବଂଶଗୁଡ଼ିକ ଦିଲ୍ଲୀକୁ କ୍ରମାଗତ ଭାବେ ଶାସନ କରିଥିଲେ । ଯେତେବେଳେ ଉତ୍ତର ଭାରତର କେତେକାଞ୍ଚଳ ଦିଲ୍ଲୀ ସୁଲତାନମାନଙ୍କ ନିୟନ୍ତ୍ରଣକୁ ଆସିଥିଲା, ଠିକ୍ ସେତିକିବେଳେ, ପୂର୍ବରେ ଗଙ୍ଗବଂଶ, ଦକ୍ଷିଣରେ ହୟଶାଳ ବଂଶ ପ୍ରଭୃତି ପଡ଼ୋଶୀ ରାଜ୍ୟଗୁଡ଼ିକ ସୁଲତାନଙ୍କୁ ପ୍ରତିରୋଧ କରିଥିଲେ ଏବଂ କଳା, ସଂସ୍କୃତି ଓ ଶାସନର ସମୃଦ୍ଧଶାଳୀ କେନ୍ଦ୍ରଭାବେ ନିଜକୁ ପ୍ରତିଷ୍ଠିତ କରିଥିଲେ । ଦିଲ୍ଲୀ ନଗରୀ ଉତ୍ତର ଭାରତର ରାଜନୈତିକ ଦୃଶ୍ୟପଟ୍ଟରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ଉତ୍ତର ଭାରତରେ ଦିଲ୍ଲୀ ଏକ ପ୍ରମୁଖ ଶାସନ କେନ୍ଦ୍ରସ୍ଥଳ ଭାବେ ପ୍ରତିଷ୍ଠା ପାଇଥିଲା ।

ସୁଲତାନ ମାନଙ୍କର ଶାସନକାଳ, ସାମ୍ରାଜ୍ୟବିସ୍ତାର ଓ ରାଜନୈତିକ ଅସ୍ଥିରତା ମଧ୍ୟରେ ଗତି କରିଥିଲା । ଫଳରେ ସେମାନଙ୍କ ସାମରିକ ଅଭିଯାନ ଯୋଗୁଁ ବହୁ ଗ୍ରାମ, ସହର, ଶିକ୍ଷାକେନ୍ଦ୍ର, ମନ୍ଦିର କ୍ଷତିଗ୍ରସ୍ତ ଓ ଲୁଣ୍ଠିତ ହେବା ସହ ଧ୍ୱଂସ ହୋଇଥିଲା । (ଉତ୍ତରାଧିକରଣ ଜଣେ ସୁଲତାନଙ୍କ ପରେ ପରବର୍ତ୍ତୀ ସୁଲତାନଙ୍କ ଶାସନ ଗ୍ରହଣ)ଅନେକ ସମୟରେ ଭୟ ଓ ହିଂସାର ବାତାବରଣ ସୃଷ୍ଟି କରିଥିଲା । ତିନିଜଣ ସୁଲତାନଙ୍କ ମଧ୍ୟରୁ ଦୁଇଜଣ ସେମାନଙ୍କ ପୂର୍ବ ଶାସକଙ୍କୁ ବିତାଡ଼ିତ ପୂର୍ବକ କ୍ଷମତା ଅପହରଣ କରିନେଉଥିଲେ । ଫଳରେ ସେମାନଙ୍କ ଶାସନ କାଳ ଅତି ବେଶିରେ ନଅ ବର୍ଷରୁ ଅଧିକ ସମୟ ହୋଇପାରି ନଥିଲା ।



ଚିତ୍ର : 2.6. : ଆଲ୍ଲାଉଦ୍ଦିନ୍ ଖଲିଜୀଙ୍କ ଦ୍ୱାରା ପ୍ରଚଳିତ ଏକ ମୁଦ୍ରା, ଯେଉଁଥିରେ ସିକନ୍ଦର ସାନୀ ବା ଦ୍ୱିତୀୟ ଆଲେକଜାଣ୍ଡାର ବୋଲି ପାର୍ସିଭାଷାରେ ଖୋଦିତ ହୋଇଛି ।

ସୁଲତାନାତ୍: *ଏହା ହେଉଛି ଏକ ଅଞ୍ଚଳ ଯାହା ଜଣେ ସୁଲତାନଙ୍କ ଦ୍ୱାରା ଶାସିତ ଏବଂ ଏକ ପଦବୀ । ଏହା ଅନେକ ମୁସଲମାନଙ୍କ ଦ୍ୱାରା ଗୃହୀତ ହୋଇଥିଲା ।*

ଆସ ଅନୁସନ୍ଧାନ କରିବା

ଚିତ୍ର 2.6 କୁ ଲକ୍ଷ୍ୟକର । ଆଲ୍ଲାଉଦ୍ଦିନ୍ ଖିଲିଜୀ ନିଜକୁ ' ଦ୍ୱିତୀୟ ଆଲେକଜାଣ୍ଡାର' ବୋଲି ମନେ କରିବା କାରଣ କ'ଣ ବୋଲି ତୁମେ ଭାବୁଛ ?


14ଶ ଶତାବ୍ଦୀର ଶେଷବେଳକୁ **ଆଲ୍ଲାଉଦ୍ଦିନ୍ ଖିଲିଜୀ** ଉତ୍ତର ଏବଂ କେନ୍ଦ୍ର ଭାରତର ଅନେକ ଅଞ୍ଚଳରେ ସାମରିକ ଅଭିଯାନ ଆରମ୍ଭ କଲେ ଅନେକ ସହରକୁ ଲୁଣ୍ଠନ ଓ ଧ୍ୱଂସ କରିବା ସହ ଭାରତକୁ ଶାସନାଧୀନ କରିବାକୁ ଗହୁଁଥିବା ଆକ୍ରମଣକାରୀ ମୋଗଲମାନଙ୍କ (ସେହି ସମୟରେ ଏହା ଏସିଆର ଅଧିକାଂଶ ଅଞ୍ଚଳକୁ ବ୍ୟାପିଥିଲା)ସାମରିକ ଅଭିଯାନକୁ ପ୍ରତିହତ କରିବା ସହ ଭାରତରୁ ବିତାଡ଼ିତ କରିବାକୁ ସକ୍ଷମ ହୋଇଥିଲେ ।

ତାଙ୍କ ଦାସ ଜେନେରାଲ୍ ମାଲିକାଫୁରଙ୍କୁ ଦାକ୍ଷିଣାତ୍ୟ ଯୁଦ୍ଧାଭିଯାନରେ ପଠାଇ ଅନ୍ୟ ରାଜ୍ୟ ଜୟ କରି ଅନେକ ଧନ ଦୌଲତ ଲୁଣ୍ଠନ କରିଥିଲେ ଯାହା ସୁଲତାନଙ୍କର ଆର୍ଥକ ଶକ୍ତିକୁ ବୃଦ୍ଧି କରିବା ସହ ସାମରିକ ସରଞ୍ଜାମ ବୃଦ୍ଧିରେ ସହାୟକ ହୋଇଥିଲା । ସେ ବହୁ ହିନ୍ଦୁ ଧର୍ମ ସ୍ଥଳୀ ଯଥା– ଶ୍ରୀରଙ୍ଗମ୍, ମଦୁରାଇ ଓ ଚିଦାମ୍ବରମ୍‌କୁ ଆକ୍ରମଣ କରିଥିଲେ ।

ଆସ ଅନୁସନ୍ଧାନ କରିବା

ସେହି ସମୟରେ ଏକ ସୈନ୍ୟବାହିନୀ ପରିଚାଳନା ଓ ଯୁଦ୍ଧ ଅଭିଯାନ ପାଇଁ କେଉଁ ପ୍ରକାର ସମ୍ବଳର ଆବଶ୍ୟକତା ଥାଏ ବୋଲି ତୁମେ ଭାବୁଛ ? ଅସ୍ତ୍ରଶସ୍ତ୍ରଠାରୁ ଆରମ୍ଭ କରି ସୈନ୍ୟ ତଥା ପଶୁଙ୍କ ଲାଗି ଖାଦ୍ୟ ପଦାର୍ଥ ଏବଂ ରାସ୍ତାଘାଟ ନିର୍ମାଣ ପାଇଁ ଆବଶ୍ୟକ ଥିବା ବିଭିନ୍ନ ଖର୍ଚ୍ଚ ସମ୍ପର୍କରେ ନିଜ ଦଳ ଭିତରେ ଆଲୋଚନା କର ।

କିଛି ଦଶନ୍ଧି ପରେ ମହମ୍ମଦ୍ ବିନ୍ ତୁଗଲକ୍ (କିମ୍ବା ତୁଗ୍‌ଲୁକ୍ ')ଦିଲ୍ଲୀରେ ଶାସନ କରି ନିଜ ସାମ୍ରାଜ୍ୟକୁ ବୃଦ୍ଧି କରିବାକୁ ଲାଗିଲେ । ମୌର୍ଯ୍ୟ ସାମ୍ରାଜ୍ୟ ପରେ ପ୍ରଥମଥର ପାଇଁ ଭାରତୀୟ ଉପମହାଦେଶର ବହୁ ଅଞ୍ଚଳ ତାଙ୍କ ଶାସନାଧିନ ହେଲା । ଯଦିଓ ଏହା ତାତ୍ପର୍ଯ୍ୟପୂର୍ଣ ତଥାପିକ୍ଷଣସ୍ଥାୟୀ ଥିଲା । ମହମ୍ମଦ ବିନ୍–ତୁଗଲକ୍‌ଙ୍କର ବହୁ ଉଚ୍ଚ ପରିକଳ୍ପନା ଥିଲା । କିନ୍ତୁ ସେ ସବୁର କାର୍ଯ୍ୟକାରିତା ଠିକ୍ ଭାବେ ହୋଇପାରି ନଥିଲା । ଏହିପରି ଏକ ଯୋଜନା ଥିଲା ଦିଲ୍ଲୀରୁ ଦୌଲତାବାଦ ରାଜଧାନୀ ସ୍ଥାନାନ୍ତର(ସେତେବେଳେ ଏହାକୁ ଦେବଗିରି କୁହାଯାଉଥିଲା, ଯାହା ଆଜିର ସାମ୍ଭାଜୀନଗର) । ନିଜ ଶାସନର ସୁପରିଚାଳନା ପାଇଁ ଏହି କେନ୍ଦ୍ରୀୟ ଅଞ୍ଚଳଟିକୁ ସେ ଉପଯୁକ୍ତ ମନେକରି ଥିଲେ । ସେ ଲୋକମାନଙ୍କୁ 1,000 କି.ମି. ପଥ ଅତିକ୍ରମ କରି ଦୌଲତାବାଦରେ ପହଞ୍ଚିବା ପାଇଁ ବାଧ କରିଥିଲେ । କିଛି ବର୍ଷ ପରେ ଏହି ଯୋଜନା ତାଙ୍କର ବିଫଳ ହୋଇଥିଲା ଏବଂ ପୁନଶ୍ଚ ସେ ନିଜ ରାଜଧାନୀ ଦିଲ୍ଲୀକୁ ଫେରାଇ ନେଇଥିଲେ । କିଛି ସୂତ୍ରରୁ ଜଣାଯାଏ ଏହି ଉଭୟ ସ୍ଥାନାନ୍ତର ଯୋଗୁ ବହୁଧନ ଜୀବନ ନଷ୍ଟ ହୋଇଥିଲା, ତାଙ୍କର ଆଉ ଏକ ଯୋଜନା ଥିଲା ନୂତନ ମୁଦ୍ରାର ପ୍ରଚଳନ । ସୁନା ଓ ରୂପା ମୁଦ୍ରା ପ୍ରତିବଦଳରେ ଶସ୍ତା ତମ୍ବା 'ମୁଦ୍ରାର ପ୍ରଚଳନ' କରିଥିଲେ । ଯଦିଓ ଏହି ବିଚାର ପ୍ରଗତିଶୀଳ ଧାରଣା ଥିଲା(ଆଜି ଆମର ଅଧିକାଂଶ ମୁଦ୍ରା ପ୍ରକୃତରେ ପ୍ରଚଳିତ ମୁଦ୍ରା ଅଟେ) କିନ୍ତୁ,



*ଚିତ୍ର **2.7.** ମହମ୍ମଦ ବିନ ତୁଗ୍‌ଲକ୍ ତାଙ୍କ ରାଜଦରବାରରେ ଚିତ୍ରିତ **19**ଶ ଶତାବ୍ଦୀର ଚିତ୍ର*

ଏହା ବାଣିଜ୍ୟିକ ବିଭ୍ରାନ୍ତି ସୃଷ୍ଟି କରିବା ସହ ତାମ୍ର ମୁଦ୍ରାକୁ ଜାଲ୍ କରିବା ଓ ନକଲି ତାମ୍ର ମୁଦ୍ରା ପ୍ରସ୍ତୁତ କରିବା ପାଇଁ ଲୋକମାନଙ୍କୁ ଏହା ଉତ୍ସାହିତ କରିଥିଲା ।

ସୁଲତାନ ଏବଂ ତାଙ୍କ ସମ୍ଭ୍ରାନ୍ତ ପାରିଷଦବର୍ଗ ବିଳାସମୟ ରାଜ ପ୍ରାସାଦରେ ବାସ କରି ଉତ୍ତମ ଖାଦ୍ୟ, ବସ୍ତ୍ର ଓ ଅଳଙ୍କାର ପରିଧାନ ସହ ଆମୋଦଦାୟକ ଜୀବନ ଅତିବାହିତ କରୁଥିଲେ । ଏହି ଅର୍ଥର ବହୁଭାଗ ସାମରିକ ଅଭିଯାନ ଦ୍ୱାରା ଲୁଣ୍ଠିତ ଅର୍ଥ, ସାଧାରଣ ଲୋକଙ୍କ ଉପରେ ପଡ଼ୁଥିବା କର, ବିଜିତ ଅଞ୍ଚଳରୁ ସଂଗୃହୀତ ଅର୍ଥ ଓ ଦାସ ବ୍ୟବସାୟରୁ (ମୁକ୍ତଶ୍ରମ ପାଇଁ ଲୋକମାନଙ୍କୁ ବ୍ୟବହାର କରି ଅର୍ଥ ରୋଜଗାର କରିବା ଲାଗି ସେତେବେଳେ ଲୋକମାନଙ୍କୁ କେନ୍ଦ୍ର ଏସିଆ ଅଞ୍ଚଳକୁ ପଠାଯାଇଥିଲା) ଅର୍ଥ ସଂଗୃହୀତ ହେଉଥିଲା କିନ୍ତୁ ଏହି ଲୁଣ୍ଠନ ବାଣିଜ୍ୟ କାରବାର ଓ କୃଷି ଉତ୍ପାଦନକୁ ପ୍ରଭାବିତ କରିଥିଲା । ଏହି ସମୟ ଭିତରେ ବହୁ ପବିତ୍ର ହିନ୍ଦୁ, ଜୈନ ଓ ବୌଦ୍ଧ ମୂର୍ତ୍ତି ଉପରେ ଆକ୍ରମଣ ହୋଇଥିଲା ।

ମୂର୍ତ୍ତି ବିଦ୍ୱେଷୀ ବିଧ୍ୱଂସକାରୀ:ଧାର୍ମିକ ମୂର୍ତ୍ତି, ପ୍ରତିମା ଓ ମୂର୍ତ୍ତି ପୂଜକର ବିରୋଧ କିମ୍ବା ଧ୍ୱଂସକୁ ମୂର୍ତ୍ତି ବିଦ୍ୱେଷୀ ବିଧ୍ୱଂସକାରୀ କୁହାଯାଏ ।

ଏହା ବିଷୟରେ ଚିନ୍ତାକର

ତୁମେ ଦିଲ୍ଲୀ ସୁଲତାନ ସମୟରେ ଜଣେ ଶାସକ ବୋଲି କଳ୍ପନା କର ।

ତୁମ ରାଜ୍ୟରେ, କିଛି ଲୋକ ଅତି ଧନୀ ହୋଇଥିବା ବେଳେ ଅନ୍ୟମାନେ ଅତି ଗରିବ ଅଟନ୍ତି ।

ଏହି ପରିସ୍ଥିତିକୁ ପରିବର୍ତ୍ତନ କରିବା ପାଇଁ ତୁମେ କିପରି ଚେଷ୍ଟା କରିବ ?

ଯଦି ତୁମେ ଏକ ନୂତନ ଅଞ୍ଚଳକୁ ଜୟ କଲ, ତେବେ ବିଭିନ୍ନ ସଂସ୍କୃତି ଏବଂ ବିଶ୍ୱାସର ଲୋକଙ୍କ ସହିତ ତୁମେ କିପରି ବ୍ୟବହାର କରିବ?

ଅଣ ମୁସଲମାନ୍ ଲୋକଙ୍କର ସୁରକ୍ଷା ତଥା ସାମରିକ ସେବାରେ ଯୋଗଦେବାକୁ ଅନିଚ୍ଛୁକ ଥିବା ଲୋକମାନଙ୍କ ଉପରେ କେତେକ ସୁଲତାନ ଜିଜିୟା କର ବସାଇଥିଲେ । ଏହି ପକ୍ଷପାତିତା ଏକ ଆର୍ଥିକ ବୋଝ ଓ ଜନ ଅସନ୍ତୋଷ ସୃଷ୍ଟି କରିବା ସହ ଅନ୍ୟମାନଙ୍କୁ ମୁସଲମାନଧର୍ମରେ ପରିଣତ କରିବା ପାଇଁ ଆର୍ଥିକ ଓ ସାମାଜିକ ପ୍ରୋତ୍ସାହନ ଥିଲା । **14**ଶ ଶତାବ୍ଦୀର ଶେଷ ବେଳକୁ ମଧ୍ୟ ଏସିଆର ତୈମୁର ଏକ ନୃଶଂସ ତୁର୍କୀ ମୋଙ୍ଗଲ ବିଜେତା ଭାରତର ଉତ୍ତର ପଶ୍ଚିମାଞ୍ଚଳରୁ ଆକ୍ରମଣ କରି ସମୃଦ୍ଧଶାଳୀ ଦିଲ୍ଲୀ ନଗରୀରେ ଧ୍ୱଂସର ବିପ୍ଳାତ ସୃଷ୍ଟି କରିଥିଲା । ସେ ନିଜ ସ୍ମୃତି ଲେଖାରେ ଏହାର ଦୁଇଟି ମୁଖ୍ୟ ଉଦ୍ଦେଶ୍ୟ ଉଲ୍ଲେଖ କରିଛନ୍ତି । ପ୍ରଥମତଃ ବିଧର୍ମୀଙ୍କ ସହ ଯୁଦ୍ଧ ଚଳାଇବା ଏବଂ ଦ୍ୱିତୀୟତଃ ବିଧର୍ମୀମାନଙ୍କ ଧନ ଦୌଲତ ଲୁଣ୍ଠନ କରି ଅର୍ଥ ଯୋଗାଡ଼ କରିବା । ସେ ବହୁ ଲୋକଙ୍କୁ ହତ୍ୟା କରିବା ସହ ଅନେକଙ୍କୁ କ୍ରୀତ ଦାସ ଭାବରେ ସଙ୍ଗରେ ନେଇ ଦିଲ୍ଲୀକୁ ଧ୍ୱଂସ କରି ଦେଇଥିଲେ । ତୈମୁର ଅବିଳମ୍ବେ ପ୍ରଚୁର ଲୁଣ୍ଠିତ ଧନଦୌଲତ ଧରି ଭାରତକୁ ଧ୍ୱଂସ ସ୍ତୂପରେ ପରିଣତ କରି ଫେରି ଯାଇଥିଲେ । ଏହାର ଫଳସ୍ୱରୂପ ଲୋଦୀ ରାଜବଂଶର ଅଭ୍ୟୁଦୟ ହେଲା । ଦିଲ୍ଲୀ ସୁଲତାନୀର ଶେଷ ରାଜବଂଶ ଭାବେ ଏମାନେ ପରିଚିତ । ପରେ ପରେ ଦେଶ ଭିତରେ ବିଭିନ୍ନ ରାଜ୍ୟ ଓ ରାଜବଂଶର ବିଦ୍ରୋହ ଓ ବିରୋଧ ଯୋଗୁଁ ବିରାଟ ସୁଲତାନୀ ସାମ୍ରାଜ୍ୟ ସଙ୍କୁଚିତ ହେବାକୁ ଲାଗିଲା (2.3 ଚିତ୍ର ଦେଖ) ।

ବିଧର୍ମୀ: ଆକ୍ଷରିକ ଅର୍ଥରେ ଯିଏ ନିଜ ଧାର୍ମିକ ବିଶ୍ୱାସକୁ ବ୍ୟକ୍ତ ବା ପ୍ରକାଶ କରେ ନାହିଁ । ମଧ୍ୟଯୁଗର ଖ୍ରୀଷ୍ଟଧର୍ମାବଲମ୍ବୀଙ୍କ ପାଇଁ ମୁସଲମାନମାନେ ବିଧର୍ମୀ କିମ୍ବା ମୁସଲମାନଙ୍କ ପାଇଁ ଖ୍ରୀଷ୍ଟିଆନମାନେ ବିଧର୍ମୀ କିମ୍ବା ଭାରତ ପରିପ୍ରେକ୍ଷରେ ହିନ୍ଦୁ, ବୌଦ୍ଧ ଓ ଜୈନମାନଙ୍କୁ ମଧ୍ୟ ଗ୍ରହଣ କରାଯାଇପାରେ ।

ଦିଲ୍ଲୀ ସୁଲତାନକୁ ପ୍ରତିରୋଧ


ସମଗ୍ର ଶାସନ କାଳ ଭିତରେ ଦିଲ୍ଲୀ ସୁଲତାନୀ ବିଭିନ୍ନ ସ୍ତରରୁ ବହୁ ବିରୋଧର ସାମନା କରିଥିଲା । ବହୁ ରାଜ୍ୟ ଏହି ଜାଲରେ ଫସିଯାଇଥିଲେ । ଏହା କିନ୍ତୁ ପୂର୍ବାଞ୍ଚଳର ଗଙ୍ଗରାଜ୍ୟକୁ ଜୟ କରିବାରେ ବିଫଳ ହୋଇଥିଲା (ଚିତ୍ର : 2.3 ଦେଖ) । ଏହା ବର୍ତ୍ତମାନର ଓଡ଼ିଶା, ବଙ୍ଗଳା ଓ ଆନ୍ଧ୍ର ପ୍ରଦେଶର କିଛି ଅଂଶକୁ ନେଇ ଗଠିତ ହୋଇଥିଲା । 13ଶ ଶତାବ୍ଦୀର ମଧ୍ୟ ଭାଗରେ ପ୍ରଥମ ନରସିଂହଦେବ ନିଜ ସାମରିକ ଶକ୍ତି ଓ ସାଂସ୍କୃତିକ ବିଚକ୍ଷଣତାରେ ନିଜ ସାମ୍ରାଜ୍ୟକୁ ସମୃଦ୍ଧ କରିପାରିଥିଲେ । ବିଭିନ୍ନ ପ୍ରକାର ଆକସ୍ମିକ ଆକ୍ରମଣକୁ ପ୍ରତିହତ କରିବା ସହ ସେ ବଙ୍ଗଳାରେ ଦିଲ୍ଲୀ ସୁଲତାନଙ୍କ ଗଭର୍ଣ୍ଣରଙ୍କୁ ପରାସ୍ତ କରିଥିଲେ । ଏହି ବିଜୟ ପାଳନର ସ୍ମୃତିରେ ସେ କୋଣାର୍କଠାରେ(ଏବେକାର ଓଡିଶାରେ) ବିଖ୍ୟାତ ସୂର୍ଯ୍ୟମନ୍ଦିର ନିର୍ମାଣ କରିଥିଲେ ।



ଚିତ୍ର : 2.8. : ସିଂହାସନରେ ପରିଚାରିକା ଓ ସଙ୍ଗୀତଜ୍ଞଙ୍କ ମେଳରେ ବସିଥିବା ନରସିଂହ ଦେବଙ୍କର ଏକ ଖୋଦିତ ମୂର୍ତ୍ତି

ଏହା ବିଷୟରେ ଚିନ୍ତାକର

ତୁଗଲକ୍‌ଙ୍କ ସମୟରେ ତେଲୁଗୁ ସଂପ୍ରଦାୟର ମୁଖ୍ୟ ମୁସୁନୁରି ନାୟକମାନେ ସେହି ଅଞ୍ଚଳର ପ୍ରାୟ 75 ଜଣ ଦଳପତିଙ୍କୁ ଏକାଠି କରି ଛୋଟ ଛୋଟ ପ୍ରଦେଶକୁ ପରାଜୟ କରିଥିବା ସମସ୍ତ ଅଞ୍ଚଳ ମିଶି ଏକ ରାଷ୍ଟ୍ରସଂଘ ଗଠନ କଲେ, ଯାହା ଦିଲ୍ଲୀ ସୁଲତାନୀ ସେନାକୁ ପରାସ୍ତ କଲା ଏବଂ 1330 ରୁ 1336 ମଧ୍ୟରେ ମହମ୍ମଦ ବିନ୍ ତୁଗଲକ୍‌ଙ୍କ ସୈନ୍ୟକୁ ୱାରାଙ୍ଗଲ (ଆଜିର ତେଲେଙ୍ଗାଣା)ରୁ ବିତାଡ଼ିତ କଲେ । ତୁମେ କଣ ଭାବୁଛ ସେ ସମୟରେ 75 ଜଣ ଦଳପତିଙ୍କୁ ଏକାଠି କରି ଏକ ରାଷ୍ଟ୍ର ସଂଘ ଗଢ଼ିବା ସହଜ କଥା ଥିଲା ?



ଚିତ୍ର: 2.9 ହୋୟଶାଳା ମାନଙ୍କ ଦ୍ୱାରା ନିର୍ମିତ ସୁନ୍ଦର ଓ ଭବ୍ୟମନ୍ଦିର ବେଲୁର ଓ ହଲେବିଡୁ ଠାରେ ଦେଖିବାକୁ ମିଳେ

ଆମେ ଆଗରୁ କହିଛୁ, ଆଲ୍ଲାଉଦ୍ଦିନ୍‌ଙ୍କ ଦକ୍ଷିଣକୁ ଯୁଦ୍ଧାଭିଯାନର ଏକମାତ୍ର ଲକ୍ଷ୍ୟ ଥିଲା ମୂଲ୍ୟବାନ ଧନ ଦୌଲତ ଲୁଣ୍ଠନ କରିବା । ସେହି ସମୟରେ ଦକ୍ଷିଣରେ ହୋୟଶାଳ ରାଜବଂଶ ରାଜୁତି କରୁଥିଲେ । (ମୁଖ୍ୟତଃ ଆଜିର କର୍ଣାଟକ ଚିତ୍ର : 2.3 ଦେଖ) ଦିଲ୍ଲୀ ସୁଲତାନୀର ବହୁ ଆକ୍ରମଣକୁ ପ୍ରତିହତ କରିପାରିଥିବା ଏହା ଏକମାତ୍ର ସ୍ୱାଧୀନ ରାଜ୍ୟଭାବେ ଦାକ୍ଷିଣାତ୍ୟରେ ତିଷ୍ଠି ରହି ପାରିଥିଲା । ପରେ ପରେ ଚତୁର୍ଦ୍ଦଶ ଶତାବ୍ଦୀର ମଧ୍ୟଭାଗ ବେଳକୁ ସୁଲତାନମାନଙ୍କର କ୍ରମାଗତ (ବହିଃଶତ୍ରୁ) ଆକ୍ରମଣ ଓ ଆଭ୍ୟନ୍ତରୀଣ କଳହ ହୋୟଶାଳ ରାଜ୍ୟକୁ ଦୁର୍ବଳ କରିଦେଲା ଏବଂ ଏହା ପରେ ଦକ୍ଷିଣରେ ବିଜୟନଗର ରାଜ୍ୟ ସହ ମିଶିଯାଇଥିଲା (ନିମ୍ନରେ ଚିତ୍ରକୁ ଦେଖ) ।

ମନେ ରଖ

ଚିତ୍ର : 2.9 : ପ୍ରସ୍ତର ମୂର୍ତ୍ତିକଳା ହୋୟଶାଳଙ୍କର ସ୍ମୃତି ଚିହ୍ନର କାହାଣୀ ପ୍ରକାଶ କରେ । କନ୍ନଡ଼ ଲୋକ କଥାର ବର୍ଣ୍ଣନାନୁସାରେ ଶାଳଦ ଜଣେ ଯୁବକ ଯିଏ ନିଜ ଗୁରୁଙ୍କୁ ରକ୍ଷା କରିବା ପାଇଁ ସିଂହ ସହ ଲଢ଼ିଥିଲା, ହୟଦ (ମାରିବା) । ଯାହା ଯୋଗୁଁ ପରବର୍ତ୍ତୀ ସମୟରେ ରାଜବଂଶର ନାମକରଣ ହୋୟଶାଳ ହୋଇଥିଲା ।

ଦିଲ୍ଲୀ ସୁଲତାନୀ ମଧ୍ୟ ବହୁ ସ୍ୱାଧୀନ ଆଞ୍ଚଳିକ ସୁଲତାନମାନଙ୍କ ବିଦ୍ରୋହକୁ ସାମନା କରିଥିଲା । 14ଶ ଶତାବ୍ଦୀର ମଧ୍ୟଭାଗ ବେଳକୁ ଦକ୍ଷିଣ ଭାରତରେ ବାହାମନୀ ସୁଲତାନୀ କିଛି ସମୟ ପାଇଁ ବହୁ ଅଞ୍ଚଳ ନିଜ ନିୟନ୍ତ୍ରଣକୁ ଆଣିପାରିଥିଲେ । ସେହି ସମୟରେ ଗୁଜୁରାଟ, ବଙ୍ଗଳା ଓ ଅନ୍ୟାନ୍ୟ ଅଞ୍ଚଳରେ କେତେକ ସ୍ୱାଧୀନ କ୍ଷମତାଶାଳୀ ସୁଲତାନମାନେ ମୁଣ୍ଡ ଟେକିଲେ, ଯେଉଁମାନେ ସ୍ୱାଧୀନ ଭାବରେ ପୁଣି କେତେବେଳେ ଏକତ୍ରିତ ହୋଇ ପରସ୍ପର ମଧ୍ୟରେ ଯୁଦ୍ଧ କରୁଥିଲେ । ରାଜସ୍ଥାନର ଅନେକ ଅଂଶ ଦିଲ୍ଲୀ ସୁଲତାନୀ କବଳରୁ ମୁକ୍ତ ଥିଲା । ପଞ୍ଚଦଶ ଶତାବ୍ଦୀବେଳକୁ ମେୱାର ରାଜ୍ୟର ଶାସକ ରାଣାକୁମ୍ଭଙ୍କ ଦ୍ୱାରା ଦିଲ୍ଲୀ ସୁଲତାନୀ ଦୃଢ଼ ବିରୋଧୀର ସମ୍ମୁଖୀନ ହୋଇଥିଲେ । ଯିଏ ପରବର୍ତ୍ତୀ ସୁଲତାନମାନଙ୍କୁ ସଫଳତାର ସହ ଏହି ଅଞ୍ଚଳରୁ ବିତାଡ଼ିତ କରିଥିଲେ ।



ଚିତ୍ର : 2.10. : ଆରାବଳି ପର୍ବତ ଉପରେ ଥିବା କୁମାଲଗଡ଼ ଦୁର୍ଗର ଏକ ଦୃଶ୍ୟ

ମନେ ରଖ


ପଞ୍ଚଦଶ ଶତାବ୍ଦୀରେ ମେୱାରର ଶାସକ ରାଣାକୁମ୍ଭ ଆରାବଳି ପର୍ବତ ଉପରେ କୁମ୍ଭାଲଗଡ଼ ଦୁର୍ଗ(ଚିତ୍ର:2.10) ନିର୍ମାଣ କରିଥିଲେ । ମେୱାର ସେତେବେଳେ ଏକ ପ୍ରମୁଖ ରାଜପୁତ ରାଜ୍ୟ ଥିଲା ଏବଂ ଏହି ଦୁର୍ଗ ଥିଲା ସବୁଠୁ ସୁରକ୍ଷିତ ସ୍ଥାନ (ଯାହା ଆଜିର ରାଜସ୍ଥାନର କେନ୍ଦ୍ର ଓ ଦକ୍ଷିଣାଂଶରେ ରହିଥିଲା) । ଏହି ଦୁର୍ଗ ଗଡ଼ାଣିଆ ପାହାଚ ଓ ଜଙ୍ଗଲ ପରିବେଷ୍ଟିତ ଥିଲା । ଏହା 36 କି.ମି. ଦୀର୍ଘ ଓ ବିରାଟ ପ୍ରାଚୀର ପାଇଁ ପ୍ରସିଦ୍ଧ ଥିଲା । ଏହା ପୃଥିବୀର ସୁଦୀର୍ଘ ପ୍ରାଚୀର ମଧ୍ୟରେ ଅନ୍ୟତମ ।

ଆସ ଅନୁସନ୍ଧାନ କରିବା

ମଧ୍ୟଯୁଗରେ ଦୁର୍ଗ ନିର୍ମାଣ ପାଇଁ ଏଭଳି ସ୍ଥାନ କାହିଁକି ନିରୂପଣ ହେଉଥିଲା ବୋଲି ତୁମେ ଭାବୁଛ ? ଏହାର ଲାଭ ଓ କ୍ଷତିଗୁଡିକ ଆଲୋଚନା କର । (ସୂଚନା : ସମସ୍ୟା, ରଣକୌଶଳ, ନିରାପତ୍ତା, ଭେଦ୍ୟ ରହସ୍ୟ ଇତ୍ୟାଦି) ।

ବିଜୟନଗର ସାମ୍ରାଜ୍ୟ

ଯେତେବେଳେ ଦିଲ୍ଲୀ ସୁଲତାନୀ ରାଜନୈତିକ ଦୃଷ୍ଟିକୋଣରୁ ଅସ୍ଥିର ହୋଇଉଠିଲା, ସେତେବେଳେ ଦକ୍ଷିଣରେ ଏକ ନୂତନ କ୍ଷମତା କେନ୍ଦ୍ରର ଅଭ୍ୟୁଦୟ ହେଲା । ଚତୁର୍ଦ୍ଦଶ ଶତାବ୍ଦୀରେ ଦୁଇଭାଇ ହରିହର ଓ ବୁକ୍କା ଯେଉଁମାନେ ପ୍ରଥମେ ମହମ୍ମଦ ବିନ୍ ତୁଗ୍‌ଲକଙ୍କ ଅଧୀନରେ ପ୍ରାଦେଶିକ ଶାସକ ଥିଲେ, ସେମାନେ ପରିଶେଷରେ ଦିଲ୍ଲୀ ଶାସକଙ୍କ କ୍ଷମତାକୁ ଅସ୍ୱୀକାର କରି ଏକ ନୂତନ ରାଜ୍ୟର ସ୍ଥାପନା କଲେ ଯାହା ଦକ୍ଷିଣ ଭାରତରେ ଏକ ଗୁରୁତ୍ୱପୂର୍ଣ ଶକ୍ତି ଭାବେ ଉଭା ହେଲା । ଏହା ହିଁ ବିଜୟନଗର ସାମ୍ରାଜ୍ୟର ଉତ୍‌ଥାନ ।



ଚିତ୍ର:2.11 ବିଜୟନଗର ସାମ୍ରାଜ୍ୟ ଧ୍ୱଂସାବଶେଷର କିଛି ଅଂଶରେ(ଆଜିର ହାମ୍ପି) ବୃହତ୍ତ କୋଠାଟି ହେଉଛି ବିରୂପାକ୍ଷ ମନ୍ଦିର ।


ମନେ ରଖ

ଜନପ୍ରିୟ ଲୋକକଥା ଅନୁସାରେ ହରିହର ଓ ବୁକ୍କା ଉଲ୍ଲେଖନୀୟ ହାମ୍ପି ସାମ୍ରାଜ୍ୟର (ଆଜିର କର୍ଣାଟକ) ସ୍ରଷ୍ଟା ଓ ସାକ୍ଷୀ । ଗୋଟିଏ ଠେକୁଆ ବୁଲିପଡ଼ି ଦଳେ ଶିକାରୀ କୁକୁର ପଛରେ ଗୋଡ଼ାଇବା ଦୃଶ୍ୟ, ଅପ୍ରତ୍ୟାଶିତ ଶକ୍ତି ଓ ସାହସକୁ ସଂକେତ କରୁଛି । ସେମାନେ ଯେତେବେଳେ ଏହି ଘଟଣାକୁ ତାଙ୍କ ଗୁରୁ ବିଦ୍ୟାରଣ୍ୟକୁ ବର୍ଣ୍ଣନା କରୁଥିଲେ, ସେ ଏହାକୁ ସାହସ ଏବଂ ନମ୍ର ପ୍ରତିରୋଧର ଚିହ୍ନ ବୋଲି ବ୍ୟାଖ୍ୟା କରିବା ସହ ହରିହର ଓ ବୁକ୍କାଙ୍କୁ ସେଠାରେ ରାଜଧାନୀ ସ୍ଥାପନ ପାଇଁ ଉପଦେଶ ଦେଲେ ।

ବିଜୟନଗର ସାମ୍ରାଜ୍ୟର ଉତ୍ତରରେ (ଚିତ୍ର : 2.12) ସୁଲତାନ ଶାସିତ ବାହମନୀ ରାଜ୍ୟ ମୁଖ୍ୟ ପ୍ରତିଦ୍ୱନ୍ଦୀ ଭାବେ ରହିଥିଲା । ପରିଶେଷରେ ଏହା ପାଞ୍ଚ ଭାଗରେ ବିଭକ୍ତ ହୋଇ ସ୍ୱାଧୀନ ରାଜ୍ୟରେ ପରିଣତ ହେଲା। ଯାହାକୁ ଦାକ୍ଷିଣାତ୍ୟର ସୁଲତାନୀ କୁହାଗଲା । ରାଜ୍ୟଗୁଡ଼ିକ ହେଲା ବିଜାପୁର, ଗୋଲକୋଣ୍ଡା, ବେରାର, ଅହମ୍ମଦନଗର ଓ ବିଦର । ପ୍ରତ୍ୟେକ ରାଜ୍ୟ ଜଣେ ପୂର୍ବବର୍ତ୍ତୀ ପ୍ରାଦେଶିକ ଶାସକଙ୍କ (ତରଫଦାର) ଦ୍ୱାରା ଶାସିତ ହେଉଥିଲା, ଯେଉଁମାନେ ନିଜକୁ ସ୍ୱାୟତ୍ତ ଘୋଷଣା କରିଥିଲେ । ବିଜୟନଗର ଶାସକଗଣ ବିଜାପୁର ଓ ଗୋଲକୋଣ୍ଡା ସହ ଯୁଦ୍ଧ କରିବା ସହିତ ପୂର୍ବ ଭାରତର ଓଡ଼ିଶାର ଗଜପତି ରାଜାମାନଙ୍କ ସହ ମଧ୍ୟ ଯୁଦ୍ଧ କରିଥିଲେ ।

ଏହା ବିଷୟରେ ଚିନ୍ତାକର

'ଗଜପତି'ରେ ତୁମେ ପତି ଶବ୍ଦଟିକୁ ଲକ୍ଷ୍ୟ କରିଛ କି ? ପତି ଅର୍ଥ 'ମୁନିବଦ' କିମ୍ବା 'ପ୍ରଭୁ' ଯାହା ବହୁ ରାଜବଂଶ ଦ୍ୱାରା ସେ ସମୟରେ ବ୍ୟବହୃତ ହୋଇ ଆସିଥିଲା, ତାହା କ୍ଷମତା ଓ ପ୍ରତିଷ୍ଠାକୁ ସୂଚୀତ କରେ । ବିଜୟ ନଗରର ରାଜାମାନଙ୍କୁ 'ନରପତି' କୁହାଯାଉଥିଲା । ବାହାମନୀ ରାଜ୍ୟର ସୁଲତାନୀ ଶାସକଙ୍କୁ 'ଅଶ୍ୱପତି' ଏବଂ ମରାଠା ଶାସକମାନଙ୍କୁ 'ଛତ୍ରପତି' କୁହାଯାଇଥିଲା । ପ୍ରତ୍ୟେକ ଉପାଧି ରାଜତ୍ୱ ଓ କ୍ଷମତାର ବିଭିନ୍ନ ଦିଗକୁ ସୂଚୀତ କରୁଥିଲା । ଏହି ତିନୋଟି ଶବ୍ଦର ଅର୍ଥ କଣ ବୁଝାଇଛି ତୁମେ ଅନୁମାନ କରିପାରିବ କି ?



ଚିତ୍ର: 2.12 ଦାଣିକ୍ଷାତ୍ୟର ରାଜ୍ୟସମୂହ ଏବଂ ବିଜୟନଗର ସାମ୍ରାଜ୍ୟ

କୃଷ୍ଣଦେବରାୟ

16ଶ ଶତାବ୍ଦୀରେ, ବିଖ୍ୟାତ ଶାସକ କୃଷ୍ଣଦେବ ରାୟଙ୍କ ସମୟରେ ବିଜୟ ନଗର ରାଜ୍ୟ ବିକାଶର ଶୀର୍ଷରେ ପହଞ୍ଚିଥିଲା, ଯିଏ ଦାକ୍ଷିଣାତ୍ୟରେ ନିଜ ସୁରକ୍ଷିତ ସାମ୍ରାଜ୍ୟର ପ୍ରଭୁତ୍ୱ ବିସ୍ତାର କରିଥିଲେ । ତାଙ୍କ ଶାସନ କାଳରେ ସାମରିକ କ୍ଷମତା ଓ ସାଂସ୍କୃତିକ ନବଜାଗରଣର ବିଶେଷ ଉନ୍ନତି ଘଟିଥିଲା । ସେ ସଂସ୍କୃତ, ତେଲୁଗୁ ଓ କନ୍ନଡ଼ ଭାଷାର କବି ଓ ପଣ୍ଡିତମାନଙ୍କର ପୃଷ୍ଠପୋଷକତା କରିଥିଲେ ନିଜେ ସେ ତେଲୁଗୁ ଭାଷାରେ ଏକ ମହାକାବ୍ୟ *ଆମୁକ୍ତ ମାଲ୍ୟଦା* ରଚନା କରିଥିଲେ । ଏହା ତାମିଲ ସନ୍ଥକବି ଆନ୍ଦାଲାଙ୍କ ଜୀବନୀ ଉପରେ ଆଧାରିତ ଅଟେ । ଏହି ମହାକାବ୍ୟର ଗୋଟିଏ ଅଂଶ ହେଲା *ରାଜନୀତି* ଯେଉଁଠି ସେ ଉତ୍ତମ ଶାସନ ନୀତିକୁ ପ୍ରତିପାଦନ କରିଛନ୍ତି । କୃଷ୍ଣଦେବ ରାୟ ବହୁ ମନ୍ଦିରରକୁ ଅର୍ଥ ପ୍ରଦାନ କରିଥିଲେ, ତନ୍ମଧ୍ୟରୁ ଆନ୍ଧ୍ର ପ୍ରଦେଶର ତିରୁପତି ମନ୍ଦିର ଓ ନିଜର ରାଜଧାନୀ ବିଜୟନଗରର ବିଠଲ ମନ୍ଦିର, ଯାହା ବହୁ ଭବ୍ୟ ମନ୍ଦିର, ପ୍ରାସାଦ ଓ ଅନ୍ୟ ସ୍ଥାପତ୍ୟକୁ ପ୍ରଦର୍ଶନ କରିଥାଏ ।



ଚିତ୍ର : 2.13. : ବିଠଲ ମନ୍ଦିରର ମହାମଣ୍ଡପ, ଯାହା ସ୍ଥାପତ୍ୟ କୋଟିକମ ସୌନ୍ଦର୍ଯ୍ୟର ପ୍ରତୀକ । ବିଶେଷ ଭାବେ ବହୁ ସ୍ତମ୍ଭ ବିଶିଷ୍ଟ ଏ ମନ୍ଦିର ସୁନ୍ଦର ଭାବେ ନିର୍ମିତ, ଏହାର ଛୋଟ ଗୋଲାକାର ସ୍ତମ୍ଭକୁ ଆଘାତ କଲେ ସଙ୍ଗୀତର ବିଭିନ୍ନ ସ୍ୱର ସୃଷ୍ଟି ହୋଇଥାଏ – ଏଣୁ ସ୍ତମ୍ଭଗୁଡ଼ିକୁ ସଙ୍ଗୀତ ସ୍ତମ୍ଭ କୁହାଯାଏ ।

ମନେ ରଖ

ବିଦେଶୀ ବେପାରୀମାନେ ବିଜୟ ନଗର ପରିଦର୍ଶନରେ ଆସିଥିଲେ । ରାଜା ପର୍ତ୍ତୁଗୀଜମାନଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ସହ ଅଶ୍ୱବେପାର କରୁଥିବା ବ୍ୟବସାୟୀମାନେ ବାହାରକୁ ଯାଇ ଶତ୍ରୁରାଜ୍ୟକୁ ମୂଲ୍ୟବାନ ଅଶ୍ୱ ବିକନ୍ତୁ ନାହିଁ, ଏହା ସେ ଚାହୁଁ ଥିଲେ । ସେମାନଙ୍କ ଭିତରୁ ଜଣେ ଡୋମିନଗୋ ପଏସ, ବିଜୟ ନଗର ରାଜ୍ୟରେ ନିଜ ରହଣିକାଳର ଏକ ଦୀର୍ଘ ଲିଖିତ ବିବରଣୀ ଛାଡ଼ି ଯାଇଛନ୍ତି । ଏହାର ଏକ ଉଦ୍ଧୃତି ଅଂଶ "ଏହି ସହର ବୃହତ ରୋମ ନଗରୀ ଭଳି ଦେଖାଯାଉଥିଲା । ଦୃଶ୍ୟ ସବୁ ମନୋରମ ଲାଗୁଥିଲା ବୃକ୍ଷଲତା, ଉପବନ ଶୋଭିତ ନଗର ଓ ଗୃହଉଦ୍ୟାନ ବେଶ୍ ଚିତ୍ତାକର୍ଷକ ଥିଲା । ପାଇପଦ୍ୱାରା ସହର ମଧ୍ୟରେ ଜଳ ଯୋଗାଣ ସହ ସ୍ଥାନେ ସ୍ଥାନେ କୃତ୍ରିମ ହ୍ରଦ ରହିଥିଲା । ଏହି ନଗରରେ ଅସଂଖ୍ୟ ଲୋକ ବାସ କରୁଥିଲେ । ଏହା ଥିଲା ପୃଥିବୀର ସର୍ବୋତ୍ତମ ସୁବିଧା ଉପଲବ୍ଧ ସହର । ସଡ଼କ ଓ ବଜାରରେ ପରିବହନପାଇଁ ବଡ଼ ବଡ଼ ବୋଝ ବୋହିବା ବଳଦ ଦେଖାଯାଉଥିଲେ । ତୁମେ ଖୋଜୁଥିବା ପ୍ରତ୍ୟେକ ଦ୍ରବ୍ୟର ପ୍ରାଚୁର୍ଯ୍ୟ ସେଠାରେ ପୂରି ରହିଥିଲା ।"




ଚିତ୍ର : 2.14: ବିଠଲ ମନ୍ଦିରର ଏକ ପ୍ୟାନେଲ୍ ଉପରେ ଖୋଦିତ ଚିତ୍ର

ଆସ ଅନୁସନ୍ଧାନ କରିବା

ଚିତ୍ର : 2.14 ରେ ତୁମେ କେଉଁ ଉପାଦାନଗୁଡ଼ିକ ଦେଖୁଛ ? ସେଗୁଡ଼ିକ ତୁମକୁ ସେ ସମୟର ଜୀବନ ବିଷୟରେ କଣ କହେ? (*ସୂଚନା : ଅସ୍ତ୍ରଶସ୍ତ୍ର, ପ୍ରାଣୀ ଓ କ୍ରିୟା କଳାପକୁ ନିରୀକ୍ଷଣ କର*) ।

ପଡ଼ୋଶୀ ରାଜ୍ୟ ବିରୋଧରେ ବହୁ ଯୁଦ୍ଧରେ ଜୟଲାଭ କରିବା ପରେ କୃଷ୍ଣଦେବ ରାୟ ଅସୁସ୍ଥ ହୋଇ 1529 ଖ୍ରୀଷ୍ଟାବ୍ଦରେ ମୃତ୍ୟୁବରଣ କଲେ । 1565 ରେ ଦାକ୍ଷିଣାତ୍ୟର ସୁଲତାନମାନେ ଏକତ୍ରିତ ହୋଇ ବିଜୟନଗର ରାଜାଙ୍କ ଜାମାତ ରାମାରାୟଙ୍କୁ ତାଲିକୋଟା ଯୁଦ୍ଧରେ ପରାସ୍ତ କଲେ । ମାସ ମାସ ଧରି ସେମାନେ ସହର ଲୁଣ୍ଠନ କଲେ ଘର, ଦୋକାନ, ମହଲ, ପ୍ରାସାଦ ଏବଂ ବହୁ ମନ୍ଦିରକୁ ଧ୍ୱଂସ କରିଥିଲେ । ଅନେକ ସାଧାରଣ ଜନତା ଏହି ଗଣହତ୍ୟାର ଶିକାର ହେଲେ । ସହରକୁ ଧ୍ୱଂସାବସ୍ଥାରେ ଛାଡ଼ି ଦିଆଗଲା । ଏହାପରେ ବିରାଟ ସାମ୍ରାଜ୍ୟ ଛୋଟ ଛୋଟ ପ୍ରଦେଶରେ ପରିଣତ ହୋଇଗଲା । ରାଜ୍ୟଗୁଡ଼ିକ କ୍ରମେ ନାୟକମାନଙ୍କ ଦ୍ୱାରା ଶାସିତ ହେଲା, ଯେଉଁମାନେ ପୂର୍ବରୁ ସାମରିକ ଶାସନକର୍ତ୍ତା ଥିଲେ । 17ଶ ଶତାବ୍ଦୀର ମଧ୍ୟଭାଗ ବେଳକୁ ଏହି ସାମ୍ରାଜ୍ୟର ପତନ ଘଟିଲା ।



ମୋଗଲ

ଦିଲ୍ଲୀ ସୁଲତାନୀ ଶାସନ ଦୁର୍ବଳ ହେବା ପରେ ବାବର ନାମକ ଜଣେ ତୁର୍କୀ ମୋଗଲ ସାମରିକ ଶାସକ ଓ ରଣକୌଶଳ ଧୁରୀଣ ବ୍ୟକ୍ତି ନିଜ ଭୂଖଣ୍ଡ ସମରକନ୍ଦ (ଆଧୁନିକ ଉଜ୍‌ବେକିସ୍ଥାନ)ରୁ ବିତାଡ଼ିତ ହେବା ପରେ ଭାରତ ଆଡ଼କୁ ନଜର ପକାଇଲେ । ତିମୁର(ତୈମୁର)ର ଉତ୍ତରାଧିକାରୀ ବାବର 1526 ରେ ପାନିପଥଠାରେ ଇବ୍ରାହିମ ଲୋଦୀଙ୍କୁ ପରାସ୍ତ କଲେ । ଏହାକୁ 'ପ୍ରଥମ ପାନିପଥ' ଯୁଦ୍ଧ କୁହାଯାଏ । ଏହି ଯୁଦ୍ଧରେ ବହୁମାତ୍ରାରେ ବନ୍ଧୁକ, ତୋପ, ଗୋଳା ବାରୁଦ ବ୍ୟବହାର କରାଯାଇଥିଲା ଯାହା ପରବର୍ତ୍ତୀ ସମୟରେ ଭାରତୀୟ ଯୁଦ୍ଧ କାର୍ଯ୍ୟରେ ବ୍ୟବହାର କରାଯାଇଥିଲା । ଏହା ଦିଲ୍ଲୀ ସୁଲତାନୀ ଶାସନର ଅଧୋପତନ ଘଟାଇ ମୋଗଲ ସାମ୍ରାଜ୍ୟର ଭିତ୍ତି ପ୍ରସ୍ତର ସ୍ଥାପନ କଲା ଏବଂ ବାବର ହେଲେ ଦିଲ୍ଲୀ ସିଂହାସନର ସର୍ବମୟ କର୍ତ୍ତା ।

ଚିତ୍ର: 2.15 ଦିଲ୍ଲୀ ସୁଲତାନ ଏବଂ ମୋଗଲ ବାବରନାମାରେ ବର୍ଣ୍ଣିତ ପାନିପଥ ଯୁଦ୍ଧର ଦୃଶ୍ୟ ଯେଉଁଠି ତୋପ ବ୍ୟବହାରର ଚିତ୍ର ଦେଖିବାକୁ ମିଳେ

ବାବର ଏବଂ ଭାରତ

ବାବର ନିଜର ଏକ ସ୍ପଷ୍ଟ ଆତ୍ମଜୀବନୀ ବାବରନାମା (ବାବର ସ୍ମୃତିପାଞ୍ଜି) ଛାଡ଼ିଯାଇଛନ୍ତି ଯାହାର ଐତିହାସିକ ମୂଲ୍ୟ ବେଶ୍ ଅଧିକ । ଏହି ପୁସ୍ତକରେ ସେ ଜଣେ ସଂସ୍କୃତି ସଂପନ୍ନ, ବୁଦ୍ଧିମାନ କୌତୁହଳୀ ମଣିଷ ଭାବେ ନିଜକୁ ପ୍ରଦର୍ଶନା କରିଛନ୍ତି । ଯାହାର ସ୍ଥପତି ବିଦ୍ୟା, କବିତା, ପଶୁପକ୍ଷୀ (ଦୀର୍ଘ ଓ ପ୍ରାଞ୍ଜଳ ତାଲିକା) ବନସ୍ପତି (ଫୁଲ ଓ ଫଳଗଛ) ପ୍ରତି ଶ୍ରଦ୍ଧା ଥିଲା । ଏ ସବୁର ସେ ଥିଲେ ଯୁଗ୍ମ ପ୍ରଶଂସକ । ଅନ୍ୟପଟେ ସେ ଥିଲେ ଅତି ନିଷ୍ଠୁର, ନିର୍ଦ୍ଦୟ ବିଜେତା । ପୁରା ନଗରର ଜନସାଧାରଣକୁ ପଶୁପରି ହତ୍ୟା କରି ମହିଳା ଓ ଶିଶୁଙ୍କୁ ଦାସ କରି ରଖିଥିଲେ ।

ବାବର କେନ୍ଦ୍ର ଏସିଆର ସ୍ମୃତି ରୋମନ୍ଥନ କରି ଗର୍ବ ଅନୁଭବ କରିବା ସହ ଭାରତ ପ୍ରତି ମଧ୍ୟ ତାଙ୍କର ମୋହ ଥିଲା । ବିରାଟ ହିନ୍ଦୁସ୍ଥାନକୁ ସୁନା ଓ ରୂପାର ଏକ ଦେଶ ବୋଲି ସେ ଜାଣିଥିଲେ । ବର୍ଷା ଋତୁରେ ବାୟୁର ମାନ ଖୁବ୍ ଭଲ ଥିଲା । ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟର ଭୂଖଣ୍ଡ ଥିଲା ହିନ୍ଦୁସ୍ଥାନ । ବିଭିନ୍ନ ପ୍ରକାର ଅସଂଖ୍ୟ କଳାକାର ଓ କାରୀଗର ଭାରତରେ ଥିଲେ । ବୋଧହୁଏ ଶେଷ କାରଣ ଭାରତର ଧନଦୌଲତ ବାବରଙ୍କୁ କେନ୍ଦ୍ର ଏସିଆକୁ ଫେରିବା ଅପେକ୍ଷା ଭାରତରେ ସବୁଦିନ ଲାଗି ରହିଯିବାକୁ ବାଧ୍ୟ କରିଥିଲା ।



ଏହା ବିଷୟରେ ଚିନ୍ତାକର



ଭାରତ ସମ୍ପର୍କରେ ବାବରଙ୍କ ଧାରଣା ତୁମ ମନକୁ କେମିତି ଛୁଇଁଛି ? ଦଳଗତ ଭାବେ ଆଲୋଚନା କର ।

1530 ରେ ବାବରଙ୍କ ମୃତ୍ୟୁପରେ, ତାଙ୍କ ପୁଅ ହୁମାୟୁନ ନିଜ ସାମ୍ରାଜ୍ୟକୁ ଧରି ରଖିବା ପାଇଁ ସଂଘର୍ଷ କରିଥିଲେ । ଏହାର ସୁଯୋଗ ନେଇ ଶେରଶାହା ଶୁରୀ ନାମକ ଜଣେ ଶକ୍ତିଶାଳୀ ଆଫଗାନ୍ ନେତା ଉତ୍ତର ଭାରତର ବିରାଟ ଅଞ୍ଚଳରେ ଶେର୍ ସମ୍ରାଜ୍ୟ ପ୍ରତିଷ୍ଠା କଲେ । ସେ ଅନେକ ଦୀର୍ଘସ୍ଥାୟୀ ସଂସ୍କାର ପ୍ରଚଳନ କରିଥିଲେ । ଏହି ସାମ୍ରାଜ୍ୟ ସ୍ୱଳ୍ପସ୍ଥାୟୀ ଥିଲା । ଯା ହେଉ ହୁମାୟୁନ ଅବିଳମ୍ବେ ହରେଇ ଥିବା ରାଜ୍ୟକୁ ପୁନର୍ବାର ଜୟ କରିଥିଲେ।

ଏ ଘଟଣା ଘଟିବା ପୂର୍ବରୁ, ହିମୁ (ହେମୁ) ଜଣେ କୁଶଳୀ ସାମରିକ ସେନାପତି ଓ ମୁଖ୍ୟମନ୍ତ୍ରୀ (' ୱାଜିର') ଏବଂ ଶେଷ ଶୁରୀ ଶାସକ ଭାବେ ଦିଲ୍ଲୀ ଅଧିକାର କରି ଶାସନ କଲେ । ସେ ହେମଚନ୍ଦ୍ର ବିକ୍ରମାଦିତ୍ୟ ରାଜକୀୟ ନାମରେ ସ୍ୱଳ୍ପ ସମୟ ଶାସନ କଲେ । ଯଦିଓ କିଛି ଦିନ ସାମରିକ ସଫଳତାକୁ ଉପଭୋଗ କଲେ, କିନ୍ତୁ ସେ ଦ୍ୱିତୀୟ ପାନିପଥ ଯୁଦ୍ଧରେ କ୍ଷତାକ୍ତ ହେଲେ, ଏହି ଯୁଦ୍ଧ ବାବରଙ୍କ ନାତି ଆକବର ଓ ହିମୁ ମଧ୍ୟରେ ହୋଇଥିଲା । ଆକବର ତାଙ୍କୁ ପରାସ୍ତ କରି ପୁନର୍ବାର ଦିଲ୍ଲୀ ଉଦ୍ଧାର କରି ମୋଗଲ ଶାସନକୁ ସୁଦୃଢ଼ କଲେ ।


ଆକବର

ହୁମାୟନୁଙ୍କ ଅକସ୍ମାତ ମୃତ୍ୟୁ ପରେ **13** ବର୍ଷ ବୟସରେ ଆକବରଙ୍କୁ ଦିଲ୍ଲୀ ସମ୍ରାଟ ଭାବେ ଘୋଷଣା କରାଗଲା । ଆକବର ଭାରତୀୟ ଉପମହାଦେଶକୁ ଏକ ମୋଗଲ ଶାସନାଧୀନ କରିବା ପାଇଁ ଯାତ୍ରା ଆରମ୍ଭ କଲେ । ତାଙ୍କ ଶାସନ କାଳ ଥିଲା ନିଷ୍ଠୁରତା ଓ ସହନଶୀଳତାର ଏକ ସମ୍ମିଶ୍ରଣ ରୂପ । ପୁନଶ୍ଚ ଉଚ୍ଚାଭିଳାଷ ଓ ରଣକୌଶଳରେ ତାଙ୍କ ସାମ୍ରାଜ୍ୟ ସଂଗଠିତ ଥିଲା । ପୂର୍ବ ବିଜୟ ଗୁଡ଼ିକରେ ତାଙ୍କ ପୂର୍ବ ପୁରୁଷଙ୍କୁ ଅନୁସରଣ କରି ସେ ନିର୍ଦ୍ଦୟ ହୋଇ ଚିତ୍ତୋର ଦୁର୍ଗ (ରାଜସ୍ଥାନର ଚିତ୍ତୋରଗଡ଼)ରାଜପୁତ ସୈନ୍ୟମାନଙ୍କର ପ୍ରବଳ ପ୍ରତିରୋଧ ସତ୍ତ୍ୱେ

ଅନେକ ମାସ ଧରି ଅବରୋଧ କରିଥିଲେ । ଏହି ସମୟରେ ରାଜପୁତ ସୈନ୍ୟମାନେ ମୋଗଲଙ୍କ ବହୁ କ୍ଷତି ଘଟାଇଲେ । ବହୁ ସଂଖ୍ୟାରେ ରାଜପୁତ ସୈନିକ ମୃତ୍ୟୁବରଣ କଲେ ଶତାଧିକ ରାଜପୁତ ରମଣୀ ଜହର ବ୍ରତ ପାଳନ କଲେ ବୋଲି କେତେକ ବିବରଣୀରୁ ଜଣାପଡିଛି । କେତେକ ସମସାମୟିକ ଉତ୍ସ ବର୍ଣ୍ଣନା କରେ ଯେ ଦୁର୍ଗର ପତନ ପରେ ବହୁ ସଂଖ୍ୟକ ଲୋକ ପ୍ରାଣ ହରାଇଥିଲେ ଏବଂ ଏହି ଆକ୍ରମଣରୁ ରକ୍ଷା ପାଇଯାଇଥିବା ନାରୀ ଓ ଶିଶୁଙ୍କୁ ଦାସ କରି ରଖିଥିଲେ । ତେବେ, ଉତ୍ସ ଉପରେ ନିର୍ଭର କରି ସଠିକ୍ ସଂଖ୍ୟା ଭିନ୍ନ ଭିନ୍ନ ହୋଇଥାଏ ଏବଂ ତାଙ୍କ ଦ୍ୱାରା ଘଟିଥିବା ଏହି ଘଟଣାଗୁଡ଼ିକ ତାଙ୍କ ଯୁଦ୍ଧର କଠୋର ପ୍ରକୃତିକୁ ପ୍ରତିଫଳିତ କରିଥାଏ।


ଜହର କ'ଣ ?

ବହୁ ରାଜପୁତ ରମଣୀ ସେମାନଙ୍କ ହାତରେ ଧରା ପଡ଼ିବା କିମ୍ବା ଦୁର୍ବ୍ୟବହାରର ଶିକାର ହେବା ପୂର୍ବରୁ ନିଆଁକୁ ଡେଇଁ ଆତ୍ମହତ୍ୟା କରୁଥିଲେ ବୋଲି କେତେକ ଐତିହସିକ ଉଦାହରଣ ରହିଛି । ଜହରକୁ ଶେଷ ପ୍ରତିରୋଧ ଓ ଆତ୍ମସମ୍ମାନ ରକ୍ଷା କରିବାର ଏକ ବୀରତ୍ୱପୂର୍ଣ କର୍ମ ଭାବେ ବିବେଚନା କରାଯାଉଥିଲା ।



ଚିତ୍ର: 2.16 : ମୋଗଲ ଏବଂ ବିଭିନ୍ନ ସମୟରେ ଆଞ୍ଚଳିକ ଶକ୍ତିର ଅଭ୍ୟୁଦୟ

ଆକବର ନିଜ ପୂର୍ବଜମାନଙ୍କୁ ଏହି ବିଚାରରେ ଅନୁସରଣ କରିଥିଲେ । ଜଣେ ମହାରାଜ ସର୍ବଦା ବିଜୟ ଅଭିଳାଷୀ ହେବା ଉଚିତ, ନଚେତ ତାର ଶତ୍ରୁଗଣ ତା ବିରୋଧରେ ଅସ୍ତ୍ର ଉତ୍ତୋଳନ କରିବେ । ତାଙ୍କ ସାମ୍ରାଜ୍ୟ ଯେତିକି ବଢ଼ି ଚାଲିଲା (ଚିତ୍ର 2.16)), ସେ ନିଜ ସାମ୍ରାଜ୍ୟର ସ୍ଥିରତା ପାଇଁ ଅଧିକରୁ ଅଧିକ ରାଜନୈତିକ ରଣକୌଶଳ ବ୍ୟବହାର କରିଥିଲେ । ସେ ପଡ଼ୋଶୀ ରାଜ୍ୟଗୁଡ଼ିକ ସହ ବୈବାହିକ ବନ୍ଧୁତା ସ୍ଥାପନ କରିବା ସହିତ ରାଜପୁତ ଓ ପ୍ରାଦେଶିକ ଶାସକମାନଙ୍କୁ ନିଜ ପ୍ରାସାଦରେ ସ୍ୱାଗତ କରୁଥିଲେ । ସେ ଜିଜିଆ କର ଉଚ୍ଛେଦ କରିବା ସହ ସୁଲହ-ଇ-କୁଲ ମତବାଦ ପ୍ରଚଳନ କରିଥିଲେ ଯାହାର ଆକ୍ଷରିକ ଅର୍ଥ ହେଲା 'ସମସ୍ତଙ୍କ ସହ ଶାନ୍ତି' କିମ୍ବା ସବୁ ଧର୍ମ ବିଶ୍ୱାସ ପ୍ରତି ସହନଶୀଳତା, ଯାହା ବିଭିନ୍ନ ଧର୍ମ ବିଶ୍ୱାସ ମଧ୍ୟରେ ବିଚାର ବିନିମୟ । ଉଚ୍ଚ ରାଜକାର୍ଯ୍ୟରେ ହିନ୍ଦୁମାନଙ୍କୁ ନିଯୁକ୍ତି ଦେବା ଏବଂ ଅନ୍ୟାନ୍ୟ ସାହସିକ ସଂସ୍କାର ଦ୍ୱାରା ଆକବର ତାଙ୍କ ସାମ୍ରାଜ୍ୟରେ ସ୍ଥିରତା ଆଣିପାରିଥିଲେ। ଏପରିକି ସେ ବହୁ ରାଜପୁତ ରାଜାମାନଙ୍କର ସମର୍ଥନ ହାସଲ କରିଥିଲେ ।



ଆକବରଙ୍କ ଶାସନ ପ୍ରାୟ 50 ବର୍ଷ ତିଷ୍ଠି ରହିଥିଲା । (1556 ରୁ 1605); ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ । ତାଙ୍କ ଶାସନର ମଧ୍ୟବର୍ତ୍ତୀ ସମୟ ଶାନ୍ତିପୂର୍ଣ୍ଣ ଥିଲା । ଶେଷ 15 ବର୍ଷ କାଶ୍ମୀର, ସିନ୍ଧୁ, ଦାକ୍ଷିଣାତ୍ୟ ଓ ଆଫଗାନରେ ସାମରିକ ଶିବିର ଥିଲା ଅନ୍ୟତମ । ଯାହା ସେହି ଅଞ୍ଚଳଗୁଡିକରେ ଅଶାନ୍ତ ଓ ଅସନ୍ତୋଷର କାରଣ ଥିଲା ।

ଚିତ୍ର :2.17 : ଏହି ଚିତ୍ରରେ ଦର୍ଶାଯାଇଛି, ଆକବର ତାଙ୍କ ଦରବାରକୁ ପଣ୍ଡିତମାନଙ୍କୁ ସ୍ୱାଗତ କରୁଛନ୍ତି, ତନ୍ମଧ୍ୟରୁ ଦୁଇଜଣ ଖ୍ରୀଷ୍ଟୀୟ ସନ୍ନ୍ୟାସୀ (କଳାପୋଷାକ ପରିହିତ)

ଏହା ବିଷୟରେ ଚିନ୍ତାକର

ପୂର୍ବ ଶାସକମାନେ ଯେତେବେଳେ ରାଜ୍ୟ ବିସ୍ତାର ଲାଗି ମୁଖ୍ୟତଃ ସାମରିକ ଶକ୍ତିକୁ ଗୁରୁତ୍ୱ ଦେଉଥିଲେ, ଆକବର ସାମ୍ରାଜ୍ୟ ବିସ୍ତାର ପାଇଁ କାହିଁକି ବିଭିନ୍ନ ପ୍ରକାର ରଣକୌଶଳ ବ୍ୟବହାର କରୁଥିଲେ ?

ଆସ ଅନୁସନ୍ଧାନ କରିବା

2.3, 2.12 ଏବଂ 2.16 (ମାନଚିତ୍ର)କୁ ତୁଳନା କର । ତୁମେ କେଉଁ ପାର୍ଥକ୍ୟ ସବୁ ଲକ୍ଷ୍ୟ କରୁଛ ? ମାନଚିତ୍ରରେ ଘଟିଥିବା ପୁନଃରୂପ ଗୁଡ଼ିକ କଣ ?



ଚିତ୍ର : *2.18.* ପାଞ୍ଚ ମହଲା ବିଶିଷ୍ଟ ଏହି ସ୍ମୃତିସୌଧ ମହରଦ ଫତେପୁର ସିକ୍ରିଠାରେ ଆକବର ନିର୍ମାଣ କରିଥିଲେ ଯାହା ଆଜିର ଆଗ୍ରା ନିକଟରେ ଅବସ୍ଥିତ।

ଆକବର ନିରକ୍ଷର ସତ୍ତ୍ୱେ ପାରସିକ ଓ ଭାରତୀୟ ଗ୍ରନ୍ଥଗୁଡ଼ିକୁ ଜାଣିବା ପାଇଁ ଅତ୍ୟନ୍ତ ଆଗ୍ରହ ପ୍ରକାଶ କରିଥିଲେ । ଅନେକ ସମୟରେ ତାଙ୍କ ଦରବାରକୁ ପଣ୍ଡିତମାନଙ୍କୁ ନିମନ୍ତ୍ରଣ କରୁଥିଲେ (ଚିତ୍ର : 2.17)। ସେ ଫତେପୁର ସିକ୍ରି ଠାରେ ଅନୁବାଦ ସଦନ ପ୍ରତିଷ୍ଠା କରିଥିଲେ । ଯେଉଁଠି ସେ ବହୁ ଗୁରତ୍ୱପୂର୍ଣ ସଂସ୍କୃତ ଗ୍ରନ୍ଥକୁ ପାର୍ସି ଭାଷାରେ ଅନୁବାଦ କରିଥିଲେ, ତନ୍ମଧ୍ୟରୁ ମହାଭାରତ (ରାଜମ୍‌ନାମା ପାର୍ସୀରେ ବା ଯୁଦ୍ଧର ପୁସ୍ତକ), ରାମାୟଣ (176 ଟି ସୁନ୍ଦର ଓ କ୍ଷୁଦ୍ରାକୃତି ଚିତ୍ରର ସମାହାର), *ଭଗବତ୍ ଗୀତା, ଏବଂ ପଞ୍ଚତନ୍ତ୍ର* ଥିଲା ପ୍ରମୁଖ ।

ଆକବରଙ୍କ ପୁତ୍ର ଜାହାଙ୍ଗୀର ତାଙ୍କ ବାପାଙ୍କର କଳା ଓ ସ୍ଥାପତ୍ୟ ପ୍ରତି ଥିବା ଶ୍ରଦ୍ଧାକୁ ପାଥେୟ କରି ଦାକ୍ଷିଣାତ୍ୟରେ ସାମ୍ରାଜ୍ୟ ବିସ୍ତାର କଲେ । ତାଙ୍କ ପୁତ୍ର ଶାହାଜାହାନ୍ ବହୁ ବିଦ୍ରୋହ ବିରୋଧରେ ଯୁଦ୍ଧ କରିଥିଲେ । ଆଗ୍ରାସ୍ଥିତତାଜମହଲର ନିର୍ମାତା ଭାବେ ସେ ମୁଖ୍ୟତଃ ସ୍ମରଣୀୟ ।



ଆଜି ବି ତାଜମହଲକୁ ସାରା ପୃଥିବୀରେ ମାର୍ବଲର ଏକ ମହାନ୍ ସ୍ଥାପତ୍ୟ ଭାବରେ ଗଣାଯାଏ । ଏହି ସମୟରେ କଳା ସ୍ଥାପତ୍ୟର ସଫଳତା ଶୀର୍ଷକୁ ଛୁଇଁ ଥିଲା । ଏଥି ମଧ୍ୟରେ ଦିଲ୍ଲୀର ହୁମାୟୁନଙ୍କ ସମାଧିସ୍ଥଳ, ଦିଲ୍ଲୀ ଏବଂ ଆଗ୍ରାର ଲାଲକିଲ୍ଲା ସମୂହ ଅନ୍ତର୍ଭୁକ୍ତ । ଭାରତର ଅନ୍ୟାନ୍ୟ ଶାସ୍ତ୍ରୀୟ କଳା ଓ ସଙ୍ଗୀତ ଏହି ସମୟରେ ସମୃଦ୍ଧ ହୋଇଥିଲା । ଏ ସମୟର ସୁନ୍ଦର ଲିପି ଓ କ୍ଷୁଦ୍ରାକୃତି ଚିତ୍ରକଳା ମଧ୍ୟ ଉଲ୍ଲେଖନୀୟ ।

ଚିତ୍ର : 2.19. ରେ ଏକ କ୍ଷୁଦ୍ରାକାର ଚିତ୍ରରେ ପାର୍ସି ଭାଷାରେ ରାମାୟଣର ଏକ ଧାରାବାହିକ ଦୃଶ୍ୟ ଦେଖୁ ଯେଉଁଠି ରାମଚନ୍ଦ୍ର ସୁନାହରିଣ ପଛରେ ଗୋଡ଼ାଇବାର ଚିତ୍ରଣ କରାଯାଇଛି ।

ଆଉରଙ୍ଗଜେବ୍

ଆମେ ଆଗରୁ ବର୍ଣନା କରିଛୁ ଯେ ସୁଲତାନଙ୍କ ଶାସନ କାଳରେ ନିରନ୍ତର ହିଂସା ଓ ରକ୍ତପାତ ହୋଇଛି । ଏହାର ପୁନରାବୃତି ଶାହାଜାହାନଙ୍କ ସମୟରେ ହୋଇଥିଲା । ସେ **1657** ରେ ଅସୁସ୍ଥ ହୋଇପଡ଼ିଲେ । ସେ ଇଚ୍ଛା କରିଥିଲେ ତାଙ୍କ ଜ୍ୟେଷ୍ଠପୁତ୍ର ଦାରା ଶିଖୋ ସିଂହାସନ ଗ୍ରହଣ କରୁ କିନ୍ତୁ ଦାରାଙ୍କର କନିଷ୍ଠ ଭାଇ ଆଉରଙ୍ଗଜେବ ଏକ ଭୟଙ୍କର ଯୁଦ୍ଧରେ ଦାରାଙ୍କୁ ପରାସ୍ତ କଲେ ଏବଂ ଶେଷରେ ତାଙ୍କୁ ଫାଶୀ ଦେଲେ । ଆଉରଙ୍ଗଜେବ୍ ତାଙ୍କର ଅନ୍ୟ ଦୁଇ ଭାଇଙ୍କୁ ବିତାଡିତ କଲେ । ଜଣକୁ ବନ୍ଦୀ ପର୍ବକ ଫାଶୀ–ଦେଲେ ଏବଂ ଅନ୍ୟ ଜଣଙ୍କୁ ନିଜ ସାମ୍ରାଜ୍ୟରୁ ନିର୍ବାସିତ କଲେ । ତାଙ୍କ ପରବର୍ତ୍ତୀ ଶାସନର ଆହ୍ୱାନକୁ ମୁକାବିଲା କରିବା ପାଇଁ ଆଉରଙ୍ଗଜେବ୍ ନିଜ ପିତା ଶାହାଜାହାନଙ୍କୁ ଆଗ୍ରା ଦୁର୍ଗରେ ବନ୍ଦୀ କଲେ, ସେଠି ସେ ମୃତ୍ୟୁ ପର୍ଯ୍ୟନ୍ତ ରହିଲେ । ଆଉରଙ୍ଗଜେବ 1658 ରେ ନିଜକୁ ସମ୍ରାଟ ଭାବେ ଘୋଷଣା କଲେ ଏବଂ ନିଜକୁ ଆଲମ୍‌ଗିରି ବା ବିଶ୍ୱବିଜେତା ଭାବେ ଅଭିହିତ କଲେ । ସେ ପ୍ରାୟ 49 ବର୍ଷ ଧରି ଶାସନ କରିଥିଲେ ।

ଏହା ବିଷୟରେ ଚିନ୍ତାକର

ଆମେ ଦେଖୁଲେ ଯେ, ଦିଲ୍ଲୀ ସୁଲତାନଙ୍କର ହାରାହାରି ରାଜତ୍ୱକାଳ ପ୍ରାୟ 9 ବର୍ଷ । ଏହା ମୋଗଲ ସମ୍ରାଟମାନଙ୍କ କ୍ଷେତ୍ରରେ ଆଉରଙ୍ଗଜେବ୍ ପର୍ଯ୍ୟନ୍ତ 27 ବର୍ଷ ଏବଂ ଆମେ ଯଦି ସବୁ ମୋଗଲ ଶାସକଙ୍କ ବିଷୟରେ ବଚାର କରିବା ତେବେ ଏହା 16 ବର୍ଷ । ଉନବିଂଶ ଶତାବ୍ଦୀର ଶେଷ ଯାଏଁ ତୁମେ ଏହି ରାଜତ୍ୱ କାଳର ବର୍ଷଗୁଡ଼ିକ ବିଷୟରେ କଣ ଭାବୁଛ ?

ସାମରିକ ବିଦ୍ୟାରେ ଆଉରଙ୍ଗଜେବ୍ ଦକ୍ଷ ଥିଲେ । ମୁଖ୍ୟତଃ ଦାକ୍ଷିଣାତରେ ଅନେକ ସାମରିକ ଶିବିର ପରିଚାଳନା କରି ବହୁ ଅଞ୍ଚଳ ସେ ଜୟ କରିଥିଲେ । ତାଙ୍କ ରାଜତ୍ୱ କାଳରେ ମୋଗଲ ସାମ୍ରାଜ୍ୟ ସର୍ବାଧିକ ସଂପ୍ରସାରିତ ହୋଇଥିଲା ।

ଆଉରଙ୍ଗଜେବ୍ ତାଙ୍କ ଜୀବନର ଶେଷ 25ବର୍ଷକାଳ ଦାକ୍ଷିଣାତ୍ୟ (ଡେକାନ୍)ରେ ଗୋଟିଏ ପରେ ଗୋଟିଏ ଯୁଦ୍ଧ କରି ଚାଲିଥିଲେ । ଫଳସ୍ୱରୂପ, ସେ ଏକ ଶକ୍ତିଶାଳୀ ପ୍ରଶାସନିକ ବ୍ୟବସ୍ଥା ଗଠନ କରିବାରେ ଅସମର୍ଥ ହୋଇଥିଲେ । ସେହି ଅଭିଯାନଗୁଡ଼ିକ ପାଇଁ ବୃହତ ସୈନ୍ୟବାହିନୀ ବଜାୟ ରଖିବା, ମୁସଲମାନମାନଙ୍କୁ ଦିଆଯାଇଥିବା ଟିକସ ଛାଡ଼ ଏବଂ ଦୁର୍ଗ ଦଖଲ କରିବା ସମୟରେ ଦିଆଯାଇଥିବା ଲାଞ୍ଚ ସାମ୍ରାଜ୍ୟର ରାଜକୋଷକୁ ହ୍ରାସ କରିଥିଲା ଏବଂ ପ୍ରଶାସନ ଉପରେ ଏକ ବଡ଼ ଚାପ ସୃଷ୍ଟି କରିଥିଲା । ଶିବାଜୀ ଏବଂ ତାଙ୍କ ଉତ୍ତରାଧିକାରୀଙ୍କ ଅଧୀନରେ ମରାଠାମାନଙ୍କ ସହ ବାରମ୍ବାର ସଂଘର୍ଷ ସାମ୍ରାଜ୍ୟବାଦୀ ଶକ୍ତିକୁ ଆହୁରି ଦୁର୍ବଳ କରିଥିଲା। ବାସ୍ତବରେ, **1707** ମସିହାରେ ଔରଙ୍ଗଜେବଙ୍କ ମୃତ୍ୟୁ ପରେ ମୋଗଲ କ୍ଷମତାର ଦ୍ରୁତ ଅବନତିର ପ୍ରମୁଖ କାରଣ ମଧ୍ୟରୁ ଏହି କାରଣଗୁଡ଼ିକୁ ପ୍ରାୟତଃ ବିବେଚନା କରାଯାଏ ।



ଚିତ୍ର: 2.20 : ନିଜ ଦରବାରରେ ଆଉରଙ୍ଗଜେବ ନିଜ ପୁତ୍ର ସମ୍ମୁଖରେ ହାତରେ ଏକ ବାଜପକ୍ଷୀ ଧରି ଦଣ୍ଡାୟମାନ (17ଶ ଶତାବ୍ଦୀର ଏକ ଚିତ୍ର)

ଆଉରଙ୍ଗଜେବ ଇସ୍‌ଲାମ୍ ସୁନ୍ନି ସଂପ୍ରଦାୟର ଥିଲେ । ସେ ଥିଲେ କଠୋର ଧାର୍ମିକ ବ୍ୟକ୍ତି, ସେ ଆକବରଙ୍କ ଭଳି ନହୋଇ ସମସ୍ତ ଧାର୍ମିକ ରୀତିନୀତି ଏବଂ ଅବସରକୁ ପାଳନ କରିବାକୁ ପସନ୍ଦ କରୁଥିଲେ । ସଙ୍ଗୀତ, ନୃତ୍ୟ ଭଳି ଅଣ ଇସଲାମିକ୍ ଅଭ୍ୟାସ ଗୁଡ଼ିକୁ କ୍ରମେ ତାଙ୍କ ଦରବାରରେ ନିଷିଦ୍ଧ କରିଦେଲେ ଏବଂ ଅଣ ମୁସଲମାନଙ୍କ ଉପରେ ଜିଜିଆ କର ଏବଂ ହିନ୍ଦୁମାନଙ୍କର ପବିତ୍ର ତୀର୍ଥ ସ୍ଥାନଗୁଡ଼ିକୁ ଯାତ୍ରା କରିବା ଉପରେ ପୁନଃ ତୀର୍ଥଯାତ୍ରା କର ଲାଗୁ କରିଥିଲେ । (ଯାହା ଏକଦା ଆକବରଙ୍କ ଦ୍ୱାରା ଉଚ୍ଛେଦ ହୋଇଥିଲା)। ଧାର୍ମିକ ଅସହିଷ୍ଣୁତା, ସଂକୀର୍ଣ୍ଣ ମାନସିକତା, ଆବେଗପୂର୍ଣ୍ଣତା ତାଙ୍କର ମୁଖ୍ୟ ତ୍ରୁଟି ଥିଲା । କେତେକ ବିଦ୍ୱାନ ଯୁକ୍ତି କରନ୍ତି ଯେ ଔରଙ୍ଗଜେବଙ୍କ ଉଦ୍ଦେଶ୍ୟ ମୁଖ୍ୟତଃ ରାଜନୈତିକ ଥିଲା, ଅର୍ଥାତ୍ ତାଙ୍କ ସାମ୍ରାଜ୍ୟର ଆଧିପତ୍ୟ ପ୍ରତିଷ୍ଠା ଏବଂ ଦୃଢ଼ କରିବା । ସେମାନେ କିଛି ମନ୍ଦିରକୁ ସେ ଦେଇଥିବା ଅନୁଦାନ ଏବଂ ସୁରକ୍ଷା ପ୍ରତିଶ୍ରୁତିର ଉଦାହରଣ ମଧ୍ୟ ଦିଅନ୍ତି । ଅନ୍ୟ କେତେକଲୋକଙ୍କ ମତରେ, ରାଜନୀତି ତାଙ୍କ ନିଷ୍ପତ୍ତିରେ ଭୂମିକା ଗ୍ରହଣ କରିଥିଲା, ଔରଙ୍ଗଜେବ୍ ତାଙ୍କ ନିଜ ଫରମାନ (ଅର୍ଥାତ୍ ଆଦେଶ) ରେ ବିଧର୍ମୀମାନଙ୍କ ବିଦ୍ୟାଳୟ ଏବଂ ମନ୍ଦିରଗୁଡ଼ିକୁ ଭାଙ୍ଗିବାକୁ ନିର୍ଦ୍ଦେଶ ଦେଇଥିଲେ। ବନାରସ (ବର୍ତ୍ତମାନର ବାରାଣସୀ), ମଥୁରା, ସୋମନାଥ ସମେତ ଜୈନ ମନ୍ଦିର, ଶିଖ ଗୁରୁଦ୍ୱାରରେ ଥିବା ମନ୍ଦିରଗୁଡ଼ିକୁ ଧ୍ୱଂସ କରାଯାଇଥିଲା। ସେ ଅନ୍ୟ ସମ୍ପ୍ରଦାୟର ମୁସଲମାନମାନଙ୍କୁ ନିର୍ଯାତନା ଦେଇଥିଲେ ।

ଆସ ଅନୁସନ୍ଧାନ କରିବା

ଆଉରଙ୍ଗଜେବ୍ ତାଙ୍କ ଶେଷ ଚିଠିରେ ତାଙ୍କ ଦୁଇପୁଅଙ୍କୁ ଲେଖୁଥିଲେ, "ମୁଁ ଏକା ଆସିଥିଲି ଏବଂ ଏକା ଯାଉଛି । ମୁଁ ଜାଣିନାହିଁ ମୁଁ କିଏ ଏବଂ ମୁଁ କ'ଣ କରୁଛି ।... ମୁଁ ଦେଶ ଓ ଲୋକଙ୍କ ପାଇଁ ଭଲ କରିନାହିଁ ଏବଂ ଭବିଷ୍ୟତର କୌଣସି ଆଶା ନାହିଁ । ମୁଁ ଜୀବନରେ ଅସହାୟ ଥିଲି ଏବଂ ମୁଁ ଅସହାୟ ହୋଇଯାଉଛି ।" ଏହି ଶବ୍ଦଗୁଡ଼ିକ ଆମକୁ ଆଉରଙ୍ଗଜେବଙ୍କ ବିଷୟରେ କଣ କହୁଛି ? ସେମାନଙ୍କ ବିଷୟରେ ତୁମେ କ'ଣ ଅନୁଭବ କର ?


ଏହା ବିଷୟରେ ଚିନ୍ତାକର

ଉପରେ ଉଲ୍ଲେଖ କରାଯାଇଥିବା କିଛି ଆକ୍ରମଣକାରୀ ଏବଂ ଶାସକ ଭୟଙ୍କର ନୃଶଂସ କାର୍ଯ୍ୟ କରିଥିଲେ । ଆମକୁ ସ୍ମରଣ ରଖିବାକୁ ହେବ ଯେ ଏହା ଅତୀତ ଲୋକଙ୍କ ବିଷୟରେ, ଆଜିର ଲୋକଙ୍କ ବିଷୟରେ ନୁହେଁ । ଆମକୁ ଅତୀତର ସତ୍ୟ ଜାଣିବା ଆବଶ୍ୟକ ଏବଂ ଏହି ଅତ୍ୟାଚାରର ଶିକାର ହୋଇଥିବା ଲୋକମାନେ ଆମର ସ୍ମରଣୀୟ ଓ ସମ୍ମାନର ପାତ୍ର । ଏଠାରେ କିନ୍ତୁ ମନେ ରଖିବା ଗୁରୁତ୍ୱପୂର୍ଣ ଯେ ଶହ ଶହ ବର୍ଷ ପୂର୍ବେ ବ୍ୟକ୍ତିଗଣ କରିଥିବା କାର୍ଯ୍ୟ ପାଇଁ ଆଜି ଆମେ ଉତ୍ତରଦାୟୀ ନୁହଁ ।

ମୋଗଲମାନଙ୍କୁ ପ୍ରତିରୋଧ

ଆସନ୍ତୁ ଆମେ କିଛି ପ୍ରମୁଖ ବିଦ୍ରୋହର ସର୍ଭେକ୍ଷଣ କରିବା ଯାହା ମୋଗଲ ଶକ୍ତିକୁ ନଷ୍ଟ କରିଦେଇଥିଲା (ପରବର୍ତ୍ତୀ ଅଧ୍ୟାୟରେ ମରାଠା ମାନଙ୍କର ଅବଦାନକୁ ରଖାଯାଇଛି)। ଶତାବ୍ଦୀ ଶତାବ୍ଦୀ ଧରି କୃଷକ ଗୋଷ୍ଠୀ, ନିର୍ମମ ଶୋଷଣ ବିରୋଧରେ ବିଦ୍ରୋହ କରିଥିଲେ। 17ଶ ଶତାବ୍ଦୀରେ ଏପରି ଏକ ଘଟଣା ଜାଠ କୃଷକଙ୍କ ବିଦ୍ରୋହ ସହିତ ଜଡ଼ିତ (ବର୍ତ୍ତମାନର ପଶ୍ଚିମ ଉତ୍ତର ପ୍ରଦେଶ, ହରିଆଣା ଏବଂ ପୂର୍ବ ରାଜସ୍ଥାନ) ଯେଉଁମାନେ ଗୋଗଲ ପ୍ରଶାସନର ଜଣେ ଦମନକାରୀଙ୍କୁ ହତ୍ୟା କରିବାରେ ସଫଳ ହୋଇଥିଲେ । ପରବର୍ତ୍ତୀ ଯୁଦ୍ଧରେ **20,000** ଲୋକ ମୋଗଲ ସେନାର ମୁକାବିଲା କରିଥିଲେ ଏବଂ ବୀରତ୍ୱର ସହିତ ଲଢ଼ିଥିଲେ, କିନ୍ତୁ ସେମାନଙ୍କର ଜାଠ ନେତାଙ୍କୁ ହତ୍ୟା କରାଯାଇ ବିଦ୍ରୋହକୁ ଦମନ କରାଯାଇଥିଲା । ଅନେକ ଆଦିବାସୀ ଗୋଷ୍ଠୀ ଯଥା ଭିଲ୍, ଗୋଣ୍ଡ, ସାନ୍ତାଳ ଓ କୋର୍ ସେମାନଙ୍କ ଅଞ୍ଚଳକୁ ମିଶାଇବା କିମ୍ବା ସେମାନଙ୍କ ଉପରେ କର ଲାଗୁ କରିବା ବିରୋଧରେ ଲଢ଼ିଥିଲେ । ଏହି ଗୋଷ୍ଠୀଗୁଡ଼ିକ ମଧ୍ୟରୁ କିଛି ଗୋଷ୍ଠୀଙ୍କୁ ଦମନ କରାଯାଇଥିଲା କିମ୍ବା ଦିଲ୍ଲୀ ସୁଲତାନୀ ବା ମୋଗଲ ସାମ୍ରାଜ୍ୟରେ ମିଶାଇ ଦିଆଯାଇଥିଲା । ବିଶେଷତଃ ଯେଉଁମାନେ ଘଞ୍ଚ ଜଙ୍ଗଲ, ପର୍ବତ ଓ ଦୂରବର୍ତ୍ତୀ ସ୍ଥାନରେ ବାସ କରୁଥିଲେ, କୌଣସି ମତେ ସେମାନେ କିଛି ସ୍ୱାଧୀନତା ରକ୍ଷା କରିପାରିଥିଲେ ।

ରାଣୀ ଦୁର୍ଗାବତୀଙ୍କୁ ଗଢ଼ ରାଜ୍ୟର ଜଣେ ବୀରା ରାଣୀ ଭାବେ ସ୍ମରଣ କରାଯାଏ (ମଧ୍ୟଭାରତର ଗୋଣ୍ଡ ରାଜ୍ୟ ମଧ୍ୟରେ) । ସେ ବୁଦ୍ଧିମତୀ ରାଣୀ ଭାବେ ଶାସନ କରି ତାଙ୍କ ରାଜ୍ୟକୁ ସମସ୍ତ ଦିଗରୁ ସମୃଦ୍ଧ କରିଥିଲେ । ସେ **20,000** ସୈନ୍ୟ ଏବଂ **1,000** ହସ୍ତୀ ବାହିନୀକୁ ନିଜ ପାଖରେ ରଖିଥିଲେ । ଯାହା ଫଳରେ ସେ ବାହ୍ୟ ଆକ୍ରମଣକୁ ପ୍ରତିହତ କରିପାରିଥିଲେ । **1564** ମସିହାରେ ଆକବରଙ୍କ ଦ୍ୱାରା ପ୍ରେରିତ ଜଣେ ସେନାପତି ତାଙ୍କ ରାଜ୍ୟ ଉପରେ ଆକ୍ରମଣ କରିଥିଲେ । ତାଙ୍କର ସୈନ୍ୟବଳ, ଅସ୍ତ୍ର, ଶସ୍ତ୍ର ଅଧିକ ଥିବା ସତ୍ତ୍ୱେ ସେ ନିଜେ ସୈନ୍ୟବାହିନୀର ନେତୃତ୍ୱ ନେଇ ସାହସର ସହିତ ଲଢ଼ିଥିଲେ । ବନ୍ଦୀହେବା ଆଗରୁ କ୍ଷତାକ୍ତହୋଇ ମାତ୍ର **40** ବର୍ଷ ବୟସରେ ସେ ଯୁଦ୍ଧ ଭୂମିରେ ନିଜକୁ ନିଜେ ହତ୍ୟା କରିଥିଲେ । ତାଙ୍କ ତ୍ୟାଗ ଓ ବଳିଦାନ ଆଞ୍ଚଳିକ ଗର୍ବ ଓ ପ୍ରତିରୋଧର ପ୍ରତୀକ ହୋଇଗଲା ଏବଂ ଏଯାବତ୍ ସେ ଭାରତୀୟ ଇତିହାସରେ ଜଣେ ବୀରା ରମଣୀ ଭାବେ ପରିଚିତ ।



ଚିତ୍ର 2.21 ରାଣୀ ଦୁର୍ଗାବତୀଙ୍କ ପ୍ରତି ଜଣେ କଳାକାରଙ୍କ ଧାରଣା

ରାଜପୁତଙ୍କ ଉତ୍‌ଥାନ

ଉତ୍ତର ପଶ୍ଚିମ ଭାରତରେ ରାଜପୁତଙ୍କ ଅବସ୍ଥିତି ଏବଂ ସେମାନେ ପ୍ରତିହାର ବଂଶର ଉତ୍ତରଦାୟାଦ(ଯେଉଁ ପ୍ରତିହାରମାନେ କିଛି ଶତାବ୍ଦୀ ପୂର୍ବରୁ ସିନ୍ଧ୍‌ରେ ଆରବ ଆକ୍ରମଣକୁ ପ୍ରତିରୋଧ କରିଥିଲେ) ଭାବେ ପାଇଥିବା ବୀରତ୍ୱପୂର୍ଣ୍ଣ ପରମ୍ପରା ଯୋଗୁଁ ରାଜପୁତମାନେ ପ୍ରାୟତଃ ଉପମହାଦେଶର ସୁରକ୍ଷା ପାଇଁ ବାହ୍ୟ ଆକ୍ରମଣକାରୀମାନଙ୍କ ସହିତ ଲଢ଼ିଥିଲେ । ସେମାନେ ଖିଲିଜୀଙ୍କ ପରେ ସେମାନଙ୍କ ରାଜ୍ୟର ପୁନଃନିର୍ମାଣ କରିଥିଲେ । ଏହି ପ୍ରକ୍ରିୟାରେ ମେୱାର ଓ ମାଁରୱାର ଅଞ୍ଚଳରେ ଦୁଇଟି ପ୍ରମୁଖ ରାଜବଂଶ ଉଭା ହୋଇଥିଲା । ସେମାନଙ୍କ ବୀରତ୍ୱପୂର୍ଣ୍ଣ କାର୍ଯ୍ୟର ପ୍ରେରଣାଦାୟୀ କାହାଣୀ ବିଶେଷକରି ଲୋକପ୍ରିୟ ଗାଥା ଆଜି ମଧ୍ୟ କୁହାଯାଏ । ସେହି ପୂର୍ବପୁରୁଷଙ୍କ ବଂଶଧର ଭାବେ ପୂର୍ବରୁ ଆମେ **ରାଣା କୁମ୍ଭ**ଙ୍କୁ ଭେଟି ଅଧ୍ୟୟନ କରିଥିଲେ । **ରାଣା ସଂଗ** (**16**ଶ ଶତାବ୍ଦୀ ପୂର୍ବରୁ) ଅନେକ ରାଜପୁତ ବଂଶକୁ ଏକତ୍ରିତ କରିଥିଲେ । ସୁଲତାନମାନଙ୍କ ବିରୋଧରେ ବହୁ ଯୁଦ୍ଧରେ ସେ ବିଜୟ ଲାଭ କରିଥିଲେ । ଶେଷରେ ଖାନ୍‌ୱା ଯୁଦ୍ଧରେ ବାବରଙ୍କ ବିରୋଧରେ ଯୁଦ୍ଧକରି ପରାଜୟ ବରଣ କରିଥିଲେ।



ଚିତ୍ର 2.22.: ଜଣେ ଚିତ୍ର କରର ତୂଳୀରେ ହଳଦୀଘାଟ ଯୁଦ୍ଧର ଚିତ୍ର (ଉଦୟପୁର ରାଜପ୍ରାସାଦରୁ ପ୍ରାପ୍ତ)

ସେ ତାଙ୍କ ପୂର୍ବପୁରୁଷଙ୍କଠାରୁ ଏକ ଖଣ୍ଡବିଖଣ୍ଡିତ ରାଜ୍ୟ ଉତ୍ତରାଧିକାରୀ ଭାବରେ ପାଇଥିଲେ । ମେୱାର ଶାସକ **ମହାରାଣା ପ୍ରତାପ** ମୋଗଲ ଆଧିପତ୍ୟ ଗ୍ରହଣ କରିବାକୁ ମନା କରିଥିଲେ ଏବଂ ରାଜପୂତ ପ୍ରତିରୋଧର ମୁଖ୍ୟପାତ୍ର ପାଲଟି ଥିଲେ। **1576** ରେ ଆରାବଳୀର ଗିରିପଥରେ ମୋଗଲ ସେନାଙ୍କ ସହ ମହାରାଣା ପ୍ରତାପଙ୍କ ମୁକାବିଲା ହୋଇଥିଲା । (ଚିତ୍ର :**2.22**) ଯଦିଓ ମୋଗଲ ସେନା ଶକ୍ତିଶାଳୀ ଥିଲେ ତଥାପି ମହାରାଣା ପ୍ରତାପ ଖସି ପଳାଇ ଯାଇଥିଲେ ଏବଂ ବର୍ଷ ବର୍ଷ ଧରି ଆରାବଳୀ ପାହାଡ଼ରୁ ମୋଗଲମାନଙ୍କ ବିରୋଧରେ ଗରିଲା ଯୁଦ୍ଧ କରିଥିଲେ । ସେ କଠୋର ପରିସ୍ଥିତିରେ ଜୀବନଯାପନ କରିଥିଲେ । ସେ ଥିଲେ ଦୃଢ଼ ସ୍ୱାଧୀନଚେତା । ଏହା ଉଲ୍ଲେଖନୀୟ ଯେ ମହାରାଣା ପ୍ରତାପ ଭିଲ୍‌ମାନଙ୍କଠାରୁ ଦୃଢ଼ ସମର୍ଥନ ପାଇଥିଲେ, ଯେଉଁମାନେ କେବଳ ଧନୁର୍ଦ୍ଧାରୀ ଭାବେ ତାଙ୍କ ସୈନ୍ୟ ବାହିନୀରେ ଯୋଗ ଦେଇ ନଥିଲେ ବରଂ ସେହି ଅଞ୍ଚଳ ବିଷୟରେ ସେମାନଙ୍କର ପର୍ଯ୍ୟାପ୍ତ ଜ୍ଞାନ ଥିଲା । ସେମାନଙ୍କର ସେବା (ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ) ହିଁ ସେମାନଙ୍କୁ



ଚିତ୍ର 2.23. ବାମ ଭାଗରେ ଭିଲ୍ ଯୋଦ୍ଧାଥିବା ମେୱାରର ପ୍ରତୀକ

ଗରିଲା ଯୁଦ୍ଧ କୌଶଳ: ଯୁଦ୍ଧର ଏକ କୌଶଳ ଯେଉଁଠି ଛୋଟ ଛୋଟ ଦଳ ଲୁଚି ଛପି ଅଚାନକ ଆକ୍ରମଣ କରି ବିରାଟ ସୈନ୍ୟବାହିନୀକୁ ପରାସ୍ତ କରିପାରୁଥିଲେ ।

ମେୱାରର ସାମରିକ ପରମ୍ପରାରେ ଏକ ସମ୍ମାନଜନକ ସ୍ଥାନ ପ୍ରଦାନ କରିଥିଲା ଯାହା ମେୱାରର ପ୍ରତୀକରୁ ଜଣାପଡେ (ଚିତ୍ର: 2.22) । ଯେତେବେଳେ କିଛି ରାଜପୁତ ରାଜ୍ୟ, ମୋଗଲମାନଙ୍କ ସହ ମେଣ୍ଟ କରିଥିଲେ ବିଶେଷତଃ କୂଟନୀତି ଓ ବିବାହ ବନ୍ଧନ ଦ୍ୱାରା, ମେୱାର କିନ୍ତୁ ମୋଗଲ ପ୍ରାଧାନ୍ୟକୁ ଗ୍ରହଣ କରିନଥିଲା । ଆଉରଙ୍ଗଜେବ୍‌ଙ୍କ ରାଜତ୍ୱ ସମୟରେ ଅନେକ ସମ୍ଭ୍ରାନ୍ତ ରାଜପୁତ ବିଦ୍ରୋହ କରିଥିଲେ, ସେମାନଙ୍କ ମଧ୍ୟରେ ମେୱାରର ଦୁର୍ଗାଦାସ ରାଠୋର ଥିଲେ ଅନ୍ୟତମ । ସେମାନେ ଯୋଧପୁରର ସ୍ୱାଧୀନତା ରକ୍ଷା ପାଇଁ ଲଢ଼ିଥିଲେ । ତେଣୁ ମୋଗଲ କର୍ତ୍ତୃତ୍ୱ ରାଜସ୍ଥାନରେ ସୀମିତ ରହିଥିଲା ।

ଅହୋମ ରାଜ୍ୟ

ତ୍ରୟୋଦଶ ଶତାବ୍ଦୀରେ ଅହୋମ୍ ଜାତିର ଏକ ଗୋଷ୍ଠୀ ବର୍ତ୍ତମାନର ମିଆଁମାର ଦେଶରୁ ବ୍ରହ୍ମପୁତ୍ର ଉପତ୍ୟକାକୁ ସ୍ଥାନାନ୍ତରିତ ହୋଇଥିଲେ ଏବଂ ସେଠାରେ ଅହୋମ ରାଜ୍ୟ ଗଠନ କରିଥିଲେ ।

ସୁଲତାନୀ ଓ ମୋଗଲଯୁଗ ଉଭୟ ସମୟରେ ଅହୋମ୍ ଶାସକମାନେ ଉତ୍ତର ପୂର୍ବରେ ସାମ୍ରାଜ୍ୟ ବିସ୍ତାର ପ୍ରୟାସକୁ ଦୃଢ଼ ପ୍ରତିରୋଧ କରିଥିଲେ । ସେମାନଙ୍କର ଅନନ୍ୟ ପାଇକ ବ୍ୟବସ୍ଥା ଦ୍ୱାରା ପ୍ରତ୍ୟେକ ସମର୍ଥ ବ୍ୟକ୍ତିଙ୍କୁ ଭୂମି ଅଧିକାର ପ୍ରଦାନ କରାଯାଇଥିଲା, ତା ବଦଳରେ ଶ୍ରମ କିମ୍ବା ସାମରିକ କର୍ତ୍ତବ୍ୟ ମାଧ୍ୟମରେ ସେମାନେ ରାଜ୍ୟକୁ ସେବା ଯୋଗାଇଦେବାକୁ ରାଜା ଆହ୍ୱାନ ଦେଇଥିଲେ। ଏହା ଶାସକମାନଙ୍କୁ ସାର୍ବଜନୀନ ଭିତ୍ତିଭୂମି ସୃଷ୍ଟି କରିବାକୁ ଏବଂ ସ୍ଥାୟୀ ସେନା ବିନା ମଧ୍ୟ ଏକ ଦୃଢ଼ ସାମରିକ ଶକ୍ତି ସୃଷ୍ଟି କରିଥିଲେ । ସମୟ ସହିତ ଅହୋମ୍‌ମାନେ ସ୍ଥାନୀୟ ସଂସ୍କୃତିକୁ ଆତ୍ମିକରଣ କରିଥିଲେ ଏବଂ ଆସାମର ସମୃଦ୍ଧ ପରମ୍ପରାରେ ଯୋଗଦାନ କରିଥିଲେ ।

ଆସ ଅନୁସନ୍ଧାନ କରିବା

ଅହୋମ୍ ରାଜ୍ୟର ଲୋକମାନଙ୍କ ଦୈନନ୍ଦିନ ଜୀବନକୁ ପାଇକ ବ୍ୟବସ୍ଥା ଆହ୍ୱାନ ଓ ସୁଫଳ ଦୃଷ୍ଟିରୁ କିପରି ପ୍ରଭାବିତ କରିଥିଲା ଏବଂ ରାଜାଙ୍କୁ ସେବା ଏବଂ ଅର୍ଥନୀତି ଉଭୟ ପରିଚାଳନା କରିବାରେ କିପରି ସାହାଯ୍ୟ କରିଥିଲା ତାହା ଶ୍ରେଣୀରେ ଆଲୋଚନା କର ।

17ଶ ଶତାବ୍ଦୀରେ ଯେତେବେଳେ ଆଉରଙ୍ଗଜେବ୍ ମୋଗଲ ସେନା ପଠାଇ ଅହୋମ୍ ରାଜଧାନୀ ଗଡ଼ଗାଓଁକୁ କିଛି ସମୟ ପାଇଁ ଦଖଲ କରିଥିଲେ, ସେତେବେଳେ ଅହୋମ୍‌ମାନେ ନିଜ ଅଞ୍ଚଳର ଘଞ୍ଚ ଅରଣ୍ୟ, ପର୍ବତମାଳା ଏବଂ ନଦନଦୀ ବିଷୟରେ ବିସ୍ତୃତ ଜ୍ଞାନ ଥିବାରୁ ମୁସଲ୍‌ମାନ ଆକ୍ରମଣକୁ ପ୍ରତିହତ କରିବା ପାଇଁ ଗରିଲା ରଣନୀତି ଅନୁସରଣ କରିଥିଲେ । ଯଦିଓ ଶତ୍ରୁ ପକ୍ଷରେ ଅଧିକ ସୈନ୍ୟ ଏବଂ ନଦୀତଙ୍କାର ଏକ ବଡ଼ ନୌବାହିନୀ ଥିଲା ତଥାପି ଅହୋମ୍‌ମାନେ ଉଲ୍ଲେଖନୀୟ ଦୃଢ଼ ଆତ୍ମବିଶ୍ୱାସର ସହ ଲଢ଼ିଥିଲେ । ସରେଇଘାଟ ଯୁଦ୍ଧରେ (1671)ବର୍ତ୍ତମାନର ଗୌହାଟି ନିକଟବର୍ତ୍ତୀ ବ୍ରହ୍ମପୁତ୍ର ନଦୀରେ ଉଭୟ ପକ୍ଷ ଲଢ଼ିଥିଲେ । ଅହୋମ୍ ସାମରିକ ସେନାପତି ଲଚିତ ବୋରଫୁକନ ଏବଂ ତାଙ୍କର 10,000 ସୈନ୍ୟ 30,000 ମୋଗଲ ସୈନ୍ୟ ବାହିନୀକୁ ପରାସ୍ତ କରିଥିଲେ, ଶେଷରେ ଅହୋମ୍‌ମାନେ ବିଜୟୀ ହେଲେ ଓ ନିଜ ସ୍ୱାଧୀନତାକୁ ବଜାୟ ରଖିପାରିଥିଲେ ।

ମନେ ରଖ

ମୋଗଲ ସେନାପତି ରାମସିଂହ ଏହି ଅହୋମ ଯୋଦ୍ଧାମାନଙ୍କୁ ପ୍ରଶଂସା କରି କହିଥିଲେ, "ପ୍ରତ୍ୟେକ ଆସାମୀ ସୈନିକ ଡଙ୍ଗା ଚଳାଇବାରେ, ତୀର ମାରିବାରେ, ଖାତ ଖୋଳିବାରେ, ବନ୍ଧୁକ ଓ ତୋପ ଚଳାଇବାରେ ପାରଙ୍ଗମ ଥିଲେ । ମୁଁ ଭାରତର ଅନ୍ୟ କୌଣସି ସ୍ଥାନରେ ଏଭଳି ବହୁମୁଖୀ ପ୍ରତିଭାର ନିଦର୍ଶନ ଦେଖୁନାହିଁ ।"

ଆସ ଅନୁସନ୍ଧାନ କରିବା

ଅହୋମମାନେ କିପରି ଆସାମର ନଦୀ, ପାହାଡ଼ ଓ ଜଙ୍ଗଲକୁ ନିଜ ସୁବିଧା ପାଇଁ ବ୍ୟବହାର କରିଥିଲେ ? ତୁମେ କଣ ଭାବୁଛ ଯେ ଭୌଗୋଳିକ ସ୍ଥିତି ସେମାନଙ୍କ ପ୍ରତିରକ୍ଷା ପ୍ରସ୍ତୁତି ଓ ଯୁଦ୍ଧ ଲଢ଼ିବାରେ ସାହାଯ୍ୟ କରିଥିଲା ?



ଚିତ୍ର 2.24. ଏହି କାଠପଟାରେ ଖୋଦିତ ଚିତ୍ର ସରାଇଘାଟ ଯୁଦ୍ଧର ସ୍ମୃତି ରୂପେ ଏକ ଯୁଦ୍ଧପୋତ(ସରାଇଘାଟ ଯୁଦ୍ଧ ସ୍ମାରକୀ ପାର୍କ) ।



ଚିତ୍ର 2.25 ସରେଇଘାଟ ଯୁଦ୍ଧ ସମୟରେ ଅହୋମ୍ ଯୋଦ୍ଧାମାନଙ୍କ ଚିତ୍ର ପ୍ରଦର୍ଶନ କରୁଥିବା ପ୍ରତିମୂର୍ତ୍ତି ।


ଶିଖମାନଙ୍କର ଉତ୍‌ଥାନ

15ଶ ଶତାବ୍ଦୀରେ ପଞ୍ଜାବରେ ଗୁରୁ ନାନକ ସମାନତା, କରୁଣା ଏବଂ ଏକ ଈଶ୍ୱରବାଦ (ଇକ୍ ଓଙ୍କାର) ର ବାର୍ତ୍ତା ପଚାର କରିଥିଲେ । ତାଙ୍କ ଅନୁଗାମୀମାନେ ଶିଖ ଭାବରେ ପରିଚିତ ଥିଲେ । ଯଦିଓ ଶିଖଧର୍ମ ସମ୍ପୂର୍ଣ୍ଣଭାବେ ଏକ ଆଧ୍ୟାତ୍ମିକ ଆନ୍ଦୋଳନ ରୂପରେ ଆରମ୍ଭ ହୋଇଥିଲା, ପରବର୍ତ୍ତୀ ଶିଖଗୁରୁମାନଙ୍କୁ କିଛି ମୋଗଲ ଶାସକଙ୍କ ଅଧୀନରେ ବଢୁଥିବା ଅସହିଷ୍ଣୁତା ଓ ନିର୍ଯ୍ୟାତନା ବିରୋଧରେ ପ୍ରତିକ୍ରିୟା ପ୍ରକାଶ କରିବାକୁ ପଡ଼ିଥିଲା । ଯେତେବେଳେ ସମ୍ରାଟ ଜାହାଙ୍ଗୀର ଜାଣିବାକୁ ପାଇଲେ ଯେ ଗୁରୁ ଅର୍ଜ୍ଜୁନ ତାଙ୍କ ବିଦ୍ରୋହୀ ପୁଅକୁ ସମର୍ଥନ କରିଛନ୍ତି ସେ ଗୁରୁ ଅର୍ଜ୍ଜୁନଙ୍କୁ ନିର୍ଯ୍ୟାତନ ସହିତ ମୃତ୍ୟୁଦଣ୍ଡ ଦେଇଥିଲେ । ଏହା ଗୁରୁ ଅର୍ଜ୍ଜୁନଙ୍କ ପୁତ୍ର ଏବଂ ଉତ୍ତରାଧିକାରୀ ଗୁରୁ ହରଗୋବିନ୍ଦଙ୍କୁ ଏକ ଶିଖ୍ ସେନା ଗଠନ କରି ସାମରିକ ତାଲିମ ପ୍ରଦାନ କରିବାକୁ ପ୍ରେରଣା ଦେଇଥିଲା । ସେମାନେ ପରେ ମୋଗଲ ବାହିନୀ ବିରୋଧରେ ଅନେକ ଯୁଦ୍ଧ କରିଥିଲେ ।

ମନେ ରଖ

ଏହି ଅଧ୍ୟାୟର ପରିପ୍ରକ୍ଷୀରେ 'ପଞ୍ଜାବ' କହିଲେ ଭାରତ ଓ ପାକିସ୍ଥାନ ଅନ୍ତର୍ଗତ ଏକ ବିଭାଜିତ ବିଶାଳ ଅଞ୍ଚଳକୁ ବୁଝାଏ । ଶିଖମାନଙ୍କର ପବିତ୍ରଗ୍ରନ୍ଥ ଗୁରୁଗ୍ରନ୍ଥ ସାହେବ ପ୍ରଥମେ ଗୁରୁ ଅର୍ଜୁନଙ୍କ ଦ୍ୱାରା ସଂକଳିତ କରାଯାଇଥିଲା । ଗୁରୁ ତେଗ୍ ବାହାଦୂରଙ୍କ ସ୍ତୁତିଗୁଡ଼ିକ ପରେ ଏହା ସହିତ ଯୋଡ଼ା ଯାଇଥିଲା । ଏହା ଗୁରତ୍ୱ ଦିଏ ଯେ ସମସ୍ତଙ୍କ ପାଇଁ ଜଣେ ଈଶ୍ୱର ଅଛନ୍ତି (ଯିଏ ଧର୍ମ ପାଇଁ ପୃଥିବୀକୁ ଏକ ଘର ଭାବରେ ପ୍ରତିଷ୍ଠା କରିଥିଲେ) ଏବଂ ଶିଖମାନଙ୍କୁ ସତ୍ୟବାଦୀ, କରୁଣା, ନମ୍ରତା ଏବଂ ବିଭିନ୍ନ ମୂଲ୍ୟବୋଧ ଭିତରେ ଆତ୍ମ ନିୟନ୍ତ୍ରଣର ଅଭ୍ୟାସ କରିବାକୁ ନିର୍ଦ୍ଦେଶ ଦିଅନ୍ତି । ଉଦାହରଣ : "ସତ୍ୟ ଉଚ୍ଚ କିନ୍ତୁ ସତ୍ୟବାଦୀ ଜୀବନ ଆହୁରି ଉଚ୍ଚ" ଇତ୍ୟାଦି ।

ଔରଙ୍ଗଜେବ ଗୁରୁ ତେଗ ବାହାଦୁରଙ୍କୁ କାରାଗାରରେ ରଖି ତାଙ୍କ ଧର୍ମ ପରିବର୍ତ୍ତନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତାଙ୍କୁ ନିର୍ଯ୍ୟାତନା ଦେଇଥିଲେ ଏବଂ ତାଙ୍କ ତାଙ୍କ ସମ୍ମୁଖରେ ତାଙ୍କର ଦୁଇ ଶିଷ୍ୟଙ୍କୁ ଅସହ୍ୟ ନିର୍ଯ୍ୟାତନା ସହିତ ମୃତ୍ୟୁଦଣ୍ଡ ଦେବା ଦୃଶ୍ୟ ଦେଖିବା ପରେ ମଧ୍ୟ ଗୁରୁ ଧର୍ମ ପରିବର୍ତ୍ତନ ପାଇଁ ମନା କରିଦେଇଥିଲେ । ଏକ କାହାଣୀକୁ ଗ୍ରହଣ କରି ଗୁରୁ ତେଗ ବାହାଦୁର ଔରଙ୍ଗଜେବଙ୍କୁ ଏଭଳି କହିଥିଲେ, ପୃଥିବୀରେ ସମସ୍ତେ ଭଗବାନଙ୍କ ଇଚ୍ଛାର ଅଧୀନ । ଏହା ଈଶ୍ୱରଙ୍କ ଇଚ୍ଛା ଯେ ଦୁନିଆରେ ଏକରୁ ଅଧିକ ଧର୍ମ ରହିବା ଉଚିତ୍ । ଶେଷରେ ସେ ଉପାସନାର ସ୍ୱାଧୀନତାକୁ ରକ୍ଷା କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିବାକୁ ନିଜକୁ ପ୍ରସ୍ତୁତ କରିଥିଲେ । ଏହାର ଜବାବରେ ତାଙ୍କର ପୁତ୍ର ଗୁରୁଗୋବିନ୍ଦ ସିଂହ, ଦଶମ ଏବଂ ଶେଷ ଗୁରୁ ଖାଲ୍‌ସା ପ୍ରତିଷ୍ଠା କରିଥିଲେ । ତାହା ହେଲା ନ୍ୟାୟ, ସମାନତା ଏବଂ ଧର୍ମର ସୁରକ୍ଷା ପାଇଁ ଏକ ସାମରିକ ଭାରତର ପ୍ରତିବନ୍ଧକ ସେମାନେ ପ୍ରାୟତଃ ଜୀବନର ବହୁ ମୂଲ୍ୟ ଦେଇ ମୋଗଲ ବାହନୀ ସହିତ ସତତ ସଂଘର୍ଷ ଜାରି ରଖିଥିଲେ ।



ଚିତ୍ର 2.26. ଗୁରୁ ଗୋବିନ୍ଦ ସିଂହଙ୍କ ଏକ କ୍ଷୁଦ୍ର ଚିତ୍ର


ମନେ ରଖ

ଦିଲ୍ଲୀର ପ୍ରସିଦ୍ଧ ବଜାର ଚାନ୍ଦିନୀଚୌକରେ ଥିବା ଗୁରୁଦ୍ୱାର ସିସ୍‌ଗୁଞ୍ଜ ସାହିବ କ'ଣ ସୂଚୀତ କରୁଛି ତାହା ତୁମେ ଜାଣ କି ? ଶିଖ ଧର୍ମରେ ଗୁରୁଦ୍ୱାର ହିଁ ଏକ ପୂଜାସ୍ଥଳ । ଏହା ସେହି ସ୍ଥାନକୁ ଚିହ୍ନଟ କରେ ଯେଉଁଠାରେ **1675** ମସିହାରେ ଆଉରଙ୍ଗଜେବ ନବମ ଶିଖ ଗୁରୁ ତେଗ୍‌ବାହାଦୁରଙ୍କ ମୁଣ୍ଡକାଟି ଦେଇଥିଲା। ଏହି ଐତିହାସିକ ଗୁରୁଦ୍ୱାରକୁ ଶିଖ ରେଜିମେଣ୍ଟ୍ ଦ୍ୱାରା ଅନନ୍ୟ ଭାବରେ ସମ୍ମାନିତ କରାଯାଇଛି । ଯେଉଁ ରେଜିମେଣ୍ଟ **1979** ମସିହାରୁ ପ୍ରତିବର୍ଷ ଗଣତନ୍ତ୍ର ଦିବସ ପ୍ୟାରେଡ୍‌ରେ ରାଷ୍ଟ୍ରପତିଙ୍କ ସମ୍ମୁଖରେ ସଲାମ୍ ଦେଇ ଆସୁଛନ୍ତି । ଏହା ଭାରତୀୟ ଇତିହାସରେ ବିଶ୍ୱାସ ଓ ବଳିଦାନର ଏକ ଶକ୍ତିଶାଳୀ ପ୍ରତୀକ ଭାବରେ ଦଣ୍ଡାୟମାନ ।

ଏହା ବିଷୟରେ ଚିନ୍ତାକର

- → ତୁମେ କାହିଁକି ଭାବୁଛ ଯେ ତେଗ୍‌ବାହାଦୁର ଧର୍ମ ପ୍ରତିବଦଳ କରିବା ପରିବର୍ତ୍ତେ ନିର୍ଯ୍ୟାତନା ସହିଥିଲେ ? ସେ କାହିଁକି ଭାବୁଥିଲେ ଯେ ତାଙ୍କ ବଳିଦାନ ନିଶ୍ଚିତ କିଛି ପରିବର୍ତ୍ତନ ଆଣିବ ?
- → ଶିଖଗୁରୁ ଏବଂ ଖାଲସା କେଉଁ ମୂଲ୍ୟବୋଧକୁ ଗ୍ରହଣ କରିଥିଲେ ?
- → ଆଜିର ଦିନରେ ସେମାନେ କେତେ ପ୍ରାସଙ୍ଗିକ ?

ମୋଗଲ ସାମ୍ରାଜ୍ୟର ଅବନ୍ନତି ସହ ମରାଠାମାନଙ୍କର ଭୟଙ୍କର ଆକ୍ରମଣ (ପରବର୍ତ୍ତୀ ଅଧ୍ୟାୟ ଦେଖ) ପରେ ପଞ୍ଜାବ ଅଞ୍ଚଳରେ ଅନେକ ଶିଖ ସଂଘର ଉଦୟ ହୋଇଥିଲା । ଉନବିଂଶ ଶତାବ୍ଦୀର ଆରମ୍ଭରେ ମହାରାଜା ରଣଜିତ ସିଂହଙ୍କ ପ୍ରୟାସରେ ନିଜକୁ ରକ୍ଷା କରିବା ଉଦ୍ଦେଶ୍ୟରେ ଶିଖମାନେ ଏକଜୁଟ ହୋଇଥିଲେ । ରଣଜିତ ସିଂହଙ୍କ ସାମରିକ ତୀକ୍ଷଣ୍ ବୁଦ୍ଧି, କୂଟନୈତିକ ଦକ୍ଷତା ଏବଂ ଧାର୍ମିକ ସହିଷ୍ଣୁତା ତାଙ୍କୁ ଏକ ଦୃଢ଼ କେନ୍ଦ୍ରୀୟ ଶିଖ୍ ସାମ୍ରାଜ୍ୟ ପ୍ରତିଷ୍ଠା କରିବାରେ ସାହାଯ୍ୟ କରିଥିଲା , ଯାହା ଉତ୍ତର ପଶ୍ଚିମର ବହୁଦୂର ଏପରିକି କାଶ୍ମୀର କିଛି ଅଂଶ ପର୍ଯ୍ୟନ୍ତ ବ୍ୟାପିଥିଲା । ଉନବିଂଶ ଶତାବ୍ଦୀର ମଧ୍ୟଭାଗ ଯାଏଁ ଏହି ସାମ୍ରାଜ୍ୟ ଉଭୟ ମୋଗଲ ସାମ୍ରାଜ୍ୟର ଅବଶେଷ ଓ ପରବର୍ତ୍ତୀ ଇଂରେଜ ସାମ୍ରାଜ୍ୟ ବିସ୍ତାରକୁ ପ୍ରତିରୋଧ କରିପାରିଥିଲା ।



ଚିତ୍ର : .27 : ଏହି ଅଧ୍ୟାୟରେ ଥିବା ପ୍ରମୁଖ ରାଜବଂଶଗୁଡ଼ିକର ରେଖକ ସାରାଂଶ ଯାହା ସେଗୁଡ଼ିକର ଭୌଗୋଳିକ ଅବସ୍ଥିତିକୁ ମୋଟାମୋଟି ଭାବରେ ଦର୍ଶାଉଛି ।


ଦିଲ୍ଲୀରେ ସୁଲତାନୀ ଶାସନ ସମୟର ଭାରତ ପ୍ରଶାସନ

ଦିଲ୍ଲୀ ସୁଲତାନୀ ଏକ କୈନ୍ଦ୍ରିକ ରାଜନୈତିକ ବ୍ୟବସ୍ଥା ପ୍ରଚଳନ କରିଥିଲା ଯେଉଁଥିରେ ସୁଲତାନ୍ ରାଜନୈତିକ ଏବଂ ସାମରିକ ମୁଖ୍ୟ ଭାବରେ ସମ୍ପୂର୍ଣ କ୍ଷମତାର ଅଧିକାରୀ ଥିଲେ । ସମସାମୟିକ ବିବରଣୀ ଅନୁଯାୟୀ ତାଙ୍କର କର୍ତ୍ତବ୍ୟ ଥିଲା ସମ୍ଭାବ୍ୟ ଆକ୍ରମଣ ବିରୁଦ୍ଧରେ ଇସଲାମ ଅଞ୍ଚଳଗୁଡ଼ିକୁ ରକ୍ଷା କରିବା । ପାଉଣା ଓ କର ସଂଗ୍ରହ କରିବା ଏବଂ ବ୍ୟକ୍ତିଗତ ଯୋଗାଯୋଗ ଦ୍ୱାରା ସାର୍ବଜନୀନ ବ୍ୟାପାର ଏବଂ ଲୋକଙ୍କ ଅବସ୍ଥା ସହିତ ଯୋଗାଯୋଗ ରଖିବା । ତଥାପି ସୁଲତାନଙ୍କୁ ଏକ ମନ୍ତ୍ରୀ ପରିଷଦ ସାହାଯ୍ୟ କରୁଥିଲା ଯେଉଁମାନେ ସୁଲତାନୀର ବିଭିନ୍ନ ବିଭାଗ ଦାୟିତ୍ୱରେ ଥିଲେ ।

ପ୍ରଶାସନର ଏକ ମାଧ୍ୟମ ଥିଲା ଇକ୍ତା ବ୍ୟବସ୍ଥା, ଯଦ୍ୱାରା ସଂପୃକ୍ତ ଅଞ୍ଚଳଗୁଡ଼ିକରୁ କର ସଂଗ୍ରହ ପାଇଁ ସମ୍ଭ୍ରାନ୍ତ ବ୍ୟକ୍ତି (ଇକ୍ତାଦାର)ଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା ଖର୍ଚ୍ଚକୁ ବାଦଦେବା ପରେ ଅବଶିଷ୍ଟ କର ସୁଲତାନଙ୍କ କୋଷାଗାରକୁ ଯାଉଥିଲା, ଯାହା ସେନାର ପରିଚାଳନା ପାଇଁ ଆବଶ୍ୟକତା ଥିଲା । ଏହି ବ୍ୟବସ୍ଥା ସ୍ଥାନୀୟ ପ୍ରଶାସକମାନଙ୍କର ଏକ ଶୃଙ୍ଖଳ ସୃଷ୍ଟି କରିଥିଲା । ଯାହା କେନ୍ଦ୍ରୀୟ କର୍ତ୍ତୃପକ୍ଷଙ୍କ ପ୍ରତି ବିଶ୍ୱସନୀୟତାର ଅଂଶ ଥିଲା, କିନ୍ତୁ ସେମାନଙ୍କର ପଦବୀ ବଂଶାନୁକ୍ରମିକ ନଥିଲା । ପ୍ରତ୍ୟେକ ପର୍ଯ୍ୟାୟରେ ବାଣିଜ୍ୟ ଉପରେ କର ଲାଗୁ ହେଉଥିଲେ ମଧ୍ୟ ଚାଷୀମାନଙ୍କ ଉପରେ ବୋଝ ସବୁଠାରୁ ଅଧିକ ପଡ଼ିଥିଲା । କିଛି ବିବରଣୀରୁ ଜଣାଯାଏ ବହୁ ନିଷ୍ଠୁରତାର ସହ ସେମାନଙ୍କର ଭୂମିରୁ ରାଜସ୍ୱ ଆଦାୟ କରାଯାଉଥିଲା ।

ମୋଗଲ ପ୍ରଶାସନିକ ଢାଞ୍ଚା :

ଦକ୍ଷତା ଓ ଉତ୍ତମ ନିୟନ୍ତ୍ରଣକୁ ଲକ୍ଷ୍ୟକରି ଆକବର ତାଙ୍କ ପ୍ରଶାସନିକ କଳକୁ ପୁନଃ ସଂଗଠିତ କରିଥିଲେ । ଦିୱାନ ଆର୍ଥକ ବ୍ୟବସ୍ଥାର ଦେଖାରଖା କରୁଥିଲେ। ମୀରବକ୍ସି ସାମରିକ ମାମଲାର ଦେଖାଶୁଣା କରୁଥିଲେ । ଖାନ୍-ଇ-ସମ୍ମାନ ରାଜକୀୟ ପରିବାର ଦାୟିତ୍ୱ ସହ ସାଧାରଣ କାର୍ଯ୍ୟ, ବାଣିଜ୍ୟ, ଶିଳ୍ପ ଏବଂ କୃଷିର ତଦାରଖ କରୁଥିଲେ । ସଦର ନ୍ୟାୟ, ଧାର୍ମିକ ଏବଂ ଶିକ୍ଷାଗତ ମାମଲାର ଦାୟିତ୍ୱରେ ଥିଲେ । ଏହି ମନ୍ତ୍ରୀଗଣ ପ୍ରତ୍ୟେକ ବାରଟି ପ୍ରଦେଶ (ସୁବା) ପାଇଁ ନିଯୁକ୍ତ ହୋଇଥିଲେ । ଏହାକୁ ଆହୁରି ଅଧିକ ବିଭକ୍ତ କରାଯାଇ ସରକାରୀ ଅଧିକାରୀମାନଙ୍କ ଦ୍ୱାରା ପ୍ରଭାବଶାଳୀ ଯାଞ୍ଚ ଓ ସନ୍ତୁଳନ ରକ୍ଷା କରାଯାଉଥିଲା । ଗ୍ରାମାଞ୍ଚଳରେ ପାରମ୍ପରିକ ସ୍ୱାୟତ୍ତଶାସନ ଉଣା ଅଧିକେ ପ୍ରଚଳିତ ଥିଲା ।



ଆକବର *ମାନସବଦାରୀ ପ୍ରଥା* ପ୍ରଚଳନ କରିଥିଲେ । ଆବୁଲ ଫଜଲ ତାଙ୍କ ଆଇନ-ଇ-ଆକବରୀରେ ଏହା ଲିପିବଦ୍ଧ କରିଛନ୍ତି, ଯେଉଁଥିରେ ଆକବରଙ୍କ ପ୍ରଶାସନର ବର୍ଣ୍ଣନା କରାଯାଇଛି । *ମାନସବଦାର* (ଅଫିସର) ସେମାନଙ୍କ ମାନସବ (ପଦବୀ) ଅନୁସାରେ ରାଜ୍ୟପାଇଁ ହାତୀ, ଘୋଡ଼ା, ଓଟ ଏବଂ ସୈନ୍ୟଙ୍କର ଏକ ସଠିକ ସଂଖ୍ୟା ବଢ଼ାଇ ରଖିବାକୁ ପଡ଼ୁଥିଲା । ଏହା ସ୍ଥାନୀୟ କେନ୍ଦ୍ରୀୟ ସେନା ପରଚାଳନା ବିନା ଏକ ସଂକ୍ଷିପ୍ତ ସୂଚନାରେ ସେନା ସଂଗ୍ରହକୁ ସହଜ ଓ ସମ୍ଭବ କରି ଏହି ଅନୁପାଳନକୁ ସୁନିଶ୍ଚିତ କରିବା ପାଇଁ ବ୍ୟବସ୍ଥାକୁ ନିୟମିତ ଯାଞ୍ଚ କରାଯାଉଥିଲା । ମାନସବଦାରମାନଙ୍କୁ ସାଧାରଣତଃ ଜମି (*ଜାଗିର*) ପ୍ରଦାନ କରି ଦରମା ଦିଆଯାଉଥିଲା ଏବଂ ସେମାନଙ୍କୁ *ଜାଗିରଦାର* ଭାବେ ଗଣା ଯାଉଥିଲା । ଆକବରଙ୍କ ବିଭିନ୍ନ ଧର୍ମ ପ୍ରତି ବଢ଼ୁଥିବା ସହିଷ୍ଣୁତା ସତ୍ତ୍ୱେ ପ୍ରଶାସନରେ ଉଚ୍ଚ ପଦବୀ

ଚିତ୍ର : 2.28.: ଆବୁଲ ଫାଜଲଙ୍କ ଚିତ୍ରିତ ପାଣ୍ଡୁଲିପିରେ ସେ ଅଗଣାରେ ପୂର୍ଣ ବିବରଣୀ ସହ ସମ୍ମୁଖରେ ବସିଛନ୍ତି ।

ଅଣ ମୁସଲମାନଙ୍କୁ ସଂଖ୍ୟାଲଘୁ ଭାବରେ ରଖାଯାଉଥିଲା । ଉଦାହରଣ ସ୍ୱରୂପ ତାଙ୍କ ପ୍ରଶାସନରେ ଅଣମୁସଲମାନ୍ ଅଧିକାରୀ ସଂଖ୍ୟା ମୋଟ ମୁସଲମାନ୍ ଅଧିକାରୀଙ୍କ ସଂଖ୍ୟାର ଏକ ତୃତୀୟାଂଶରୁ କ୍ୱଚିତ ଅଧିକ ଥିଲା ବା ପ୍ରାୟତଃ ସେମାନଙ୍କ ସଂଖ୍ୟା କମ୍ ଥିଲା ।

ଆକବରଙ୍କ ଅର୍ଥମନ୍ତ୍ରୀ ତୋଡ଼ରମଲ୍ଲ ଏକ ଦକ୍ଷ ରାଜସ୍ୱ ବ୍ୟବସ୍ଥା ପ୍ରଚଳନ କରିଥିଲେ । ସେ ଫସଲ ଉତ୍ପାଦନ ଏବଂ ମୂଲ୍ୟ ପାଇଁ ଏକ ବିସ୍ତୃତ ସର୍ଭେକ୍ଷଣ କରିଥିଲେ ଏବଂ ସେହି ସୂଚନା ଆଧାରରେ ପ୍ରତ୍ୟେକ ଫସଲ ପାଇଁ ମୂଲ୍ୟ ନିର୍ଣ୍ଣୟ କରିଥିଲେ । ସେ ସାରା ମୋଗଲ ସାମ୍ରାଜ୍ୟରେ ଜମିର ଏକ ପଦ୍ଧତିଗତ ସର୍ଭେକ୍ଷଣ ମଧ୍ୟ ଆରମ୍ଭ କରିଥିଲେ ଯାହା ରାଜସ୍ୱ ସଂଗ୍ରହ ବୃଦ୍ଧି କରିବା ସହ ରାଷ୍ଟ୍ର ଶାସନକୁ ମଜବୁତ କରିଥିଲା । ପରବର୍ତ୍ତୀ ଅଧ୍ୟାୟରେ ଆମେ ମରାଠାମାନଙ୍କ ପରି ଏକ ଭିନ୍ନ ପଦ୍ଧତିର ପ୍ରଶାସନ ଦେଖିବା ।

ଲୋକଙ୍କ ଜୀବନ

13ଶ ଏବଂ **17**ଶ ଶତବ୍ଦୀ ମଧ୍ୟରେ ରାଜନୈତିକ କ୍ଷମତା ପରିବର୍ତ୍ତନ ସତ୍ତ୍ୱେ, ଭାରତ ଏହାର କୃଷି ଭିତ୍ତିଭୂମି, ସମୃଦ୍ଧ କାରିଗର ଶିଳ୍ପ, ସଂପ୍ରଦାୟ-ଭିତ୍ତିକ ଏବଂ ମନ୍ଦିର-ଭିତ୍ତିକ ଅର୍ଥନୀତି ଏବଂ ବ୍ୟାପକ ବାଣିଜ୍ୟ ନେଟୱାର୍କ ଯୋଗୁ ଏକ ଉଜ୍ଜଳ ଆର୍ଥିକ କାର୍ଯ୍ୟକଳାପକୁ ଦେଖିଥିଲା । ଶ୍ରେଣୀସଂଘ, ଜାତିଭିତ୍ତିକ ବୃତ୍ତି, ଋଣ ପାଇଁ ବ୍ୟବସ୍ଥା ଭଳି ବିକେନ୍ଦ୍ରୀକରଣ ଅର୍ଥନୀତି ଏବଂ ସାମାଜିକ ବ୍ୟବସ୍ଥା ଉପରେ ନିର୍ମିତ ଏହାର ଅର୍ଥନୀତି ଏହି ଉପମହାଦେଶକୁ ବିଶ୍ୱରେ ସବୁଠାରୁ ଧନୀ ଅଞ୍ଚଳ ଭିତରୁ ଗୋଟିଏରେ ପରିଣତ କରିଥିଲା ।

ସୁଲତାନ ଶାସନ କାଳରେ ନୂତନ ସହର ସୃଷ୍ଟି ବ୍ୟତୀତ, ବିଶେଷକରି ଉତ୍ତର ଭାରତରେ ରାସ୍ତା, ସେତୁ, କେତୋଟି କେନାଲ ଓ ଅନ୍ୟାନ୍ୟ ଜଳସେଚନ କାର୍ଯ୍ୟରେ ବିଶେଷ ଉନ୍ନତି ହୋଇଥିଲା । ଏହାସବୁ ମୋଗଲ ଶାସନ କାଳରେ ଯଥେଷ୍ଟ ବିସ୍ତାର ଲାଭ କରିଥିଲା । ବିଭିନ୍ନ ଧାତୁର ମୁଦ୍ରା ଭିନ୍ନ ଭିନ୍ନ ମୂଲ୍ୟରେ ପ୍ରଚଳନ କରାଯାଇଥିଲା । ମୋଗଲମାନେ ଏକ ଭିନ୍ନ ବ୍ୟବସ୍ଥା ବ୍ୟବହାର କରିଥିଲେ ଯେଉଁଥରେ ରୂପାର *ଏକ ରୂପୟା* ଓ ତମ୍ବାର *ଏକ ଦାମ୍* ରହିଥିଲା ।



ଚିତ୍ର: 2.29 ଏକ ପାରସିକ ଚକ ଦ୍ୱାରା କୂଅରୁ ପାଣି କାଢି ଜମିରେ ଜଳସେଚନ ପାଇଁ ବ୍ୟବହୃତ ହେଉଥିବାର ଦୃଶ୍ୟ ।



ଚିତ୍ର : 2.30 : ବିଜୟନଗରର ଭୂମି ଅନୁଦାନ, ଏକ ତମ୍ବା ଫଳକରେ ଲେଖାଯାଇଥିଲା ଯାହା ଆଧୁନିକ ଯୁଗରେ ସମ୍ପତ୍ତି କିଣାବିକାର ସମକକ୍ଷ ଥିଲା ।

କୃଷି ଭାରତୀୟ ଅର୍ଥନୀତିର ମୁଖ୍ୟ ଆଧାର ଥିଲା । ଆମେ ପୂର୍ବରୁ ଦେଖୁଛୁ ଯେ କିପରି ଶାସକମାନେ ସେମାନଙ୍କର ପ୍ରଶାସନ ଓ ସାମରିକ ବ୍ୟବସ୍ଥାକୁ ବଜାଇ ରଖିବା ପାଇଁ କୃଷି ରାଜସ୍ୱ ଉପରେ ନିର୍ଭର କରୁଥିଲେ । ସାଧାରଣତଃ ଉତ୍ପାଦିତ ଦ୍ରବ୍ୟର ଏକ ପଞ୍ଚମାଂଶ ରାଜସ୍ୱ ଭାବରେ ଆଦାୟ କରାଯାଉଥିଲା, ଯଦିଓ କିଛି ସୁଲତାନ ଏହାକୁ ଅଧା ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ। ଜଳସେଚନ ବ୍ୟବସ୍ଥାର ପ୍ରସାର କୃଷି ଉତ୍ପାଦନକୁ ବୃଦ୍ଧି କରିଥିଲା। ବହୁବିଧ ଶସ୍ୟର ଉତ୍ପାଦନ ଖାଦ୍ୟ (ଚାଉଳ, ଗହମ, ଯବ, ବାଲି, ଆଖୁ, ମସଲା ଇତ୍ୟାଦି) ସମେତ ଅଣଖାଦ୍ୟ ସାମଗ୍ରୀ (କପା ଯାହା ବସ୍ତ୍ର ଉତ୍ପାଦନକୁ ଖୋରାକ ଦେଇଥିଲା, ରେଶମ, ପଶମ, ରଙ୍ଗ କାଠ, ଝୋଟ ଇତ୍ୟାଦି) ଫସଲ ଉତ୍ପାଦନ ହୋଇଥିଲା । ଆସ ଆମେ ଦେଖିବା ଯେ ଅଞ୍ଚଳ ଅନୁସାରେ କୃଷି ଉତ୍ପାଦନ ସମୟ ସମୟରେ କିପରି ଭିନ୍ନ ଭିନ୍ନ ଥିଲା। ଏହି ସମୟରେ କୃଷକମାନେ ଅନେକ ଭୟଙ୍କର ଦୁର୍ଭିକ୍ଷର ସମ୍ମୁଖୀନ ହେଉଥିଲା, ଯେଉଁଥିରୁ ମୁକ୍ତି ପାଇବା, ନିର୍ଦ୍ଦିଷ୍ଟ ଶାସକଙ୍କ ଦାନଶୀଳତା ଉପରେ ନିର୍ଭର କରୁଥିଲା ।

ବସ୍ତ୍ର ବ୍ୟତୀତ କାରିଗରମାନେ ଅସ୍ତ୍ରଶସ୍ତ୍ରଠାରୁ ବାସନକୁସନ ଏବଂ ଅଳଙ୍କାର ସାମଗ୍ରୀ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ଦ୍ରବ୍ୟ ତିଆରି କରୁଥିଲେ । ନଦୀ ଓ ସମୁଦ୍ରରେ ବାଣିଜ୍ୟ କରିବା ପାଇଁ ଜାହାଜ ନିର୍ମାଣ ଏ ସମୟରେ ଯଥେଷ୍ଟ ବିକଶିତ ହୋଇଥିଲା । ଭାରତୀୟ ସାମଗ୍ରୀ କାଲିକଟ, ମାଙ୍ଗାଲୋର, ସୁରଟ, ମାଛଲିପଟ୍ଟନମ୍ କିମ୍ବା ହୁଗୁଳି ଭଳି ଉପକୂଳ ଏବଂ ନଦୀକୂଳ ସହର ମାଧ୍ୟମରେ ରପ୍ତାନି କରାଯାଇଥିଲା । ଭାରତ ରପ୍ତାନି ତୁଳନାରେ ବହୁତ କମ୍ ଆମଦାନି କରୁଥିଲା । ଆମଦାନି ଉତ୍ପାଦଗୁଡ଼ିକରେ ରେଶମ, ଘୋଡ଼ା, ଧାତୁ ଏବଂ ସମସ୍ତ ପ୍ରକାରର ବିଳାସପୂର୍ବ ସାମଗ୍ରୀ ଅନ୍ତର୍ଭୁକ୍ତ ଥିଲା । ଆରବ, ପାରସ୍ୟ (ବର୍ତ୍ତମାନ ଇରାନ୍) ଏବଂ ମଧ୍ୟ ଏସିଆର ବ୍ୟବସାୟୀମାନେ ଭାରତୀୟ ବନ୍ଦର ଗୁଡ଼ିକ ନିକଟରେ ବସତି ସ୍ଥାପନ କରିଥିଲେ । ଏଗୁଡ଼ିକର ବ୍ୟସ୍ତବହୁଳ ବାଣିଜ୍ୟ କାରବାରରେ ବିଷେଶ ଅବଦାନ ଥିଲା ।

ହୁଣ୍ଡି ବ୍ୟବସ୍ଥା ବ୍ୟବସାୟୀମାନଙ୍କୁ ମୁଦ୍ରା ପରିବହନ ନକରି ରାଜନୈତିକ ସୀମା ପାରକରି ମୂଲ୍ୟ ହସ୍ତାନ୍ତର କରିବାକୁ ସକ୍ଷମ କରିଥିଲା । ଫଳରେ ବାଣିଜ୍ୟ ପଥରେ ଲୁଣ୍ଠନ କରିବା ଏତେ ସହଜ ନଥିଲା । ମାରୱାଡି ଭଳି ବ୍ୟବସାୟୀ ସଂପ୍ରଦାୟ, ବିଭିନ୍ନ ରାଜନୈତିକ ଶାସନ ବ୍ୟବସ୍ଥାରେ କାର୍ଯ୍ୟ କରିବାରେ ଦକ୍ଷ ହୋଇଗଲେ । ସରକାରୀ ଢାଞ୍ଚାଠାରୁ ସ୍ୱାଧୀନ ଭାବରେ କାର୍ଯ୍ୟ କରୁଥିବା ଋଣ ଏବଂ ବିଶ୍ୱାସର ସମାନ୍ତରାଳ ବ୍ୟବସ୍ଥା ସେମାନେ ବିକଶିତ କଲେ ।

ମନେ ରଖ

ହୁଣ୍ଡି ଜଣେ ବ୍ୟକ୍ତିକୁ ଦେୟଦେବା ପାଇଁ ଏକ ଲିଖିତ ନିର୍ଦ୍ଦେଶନାମା ଥିଲା । ଏହାକୁ ରାଜନୈତିକ ସୀମା ପାରିକରି ନିଆଯାଇପାରିବ ଏବଂ ଆଧୁନିକ ବ୍ୟାଙ୍କ ବ୍ୟବସ୍ଥାର ପୂର୍ବବର୍ତ୍ତୀ ଧାରା ଯାହା ମୁଦ୍ରା ବହନ ନ କରି ଆର୍ଥିକ କାରବାରକୁ ସକ୍ଷମ କରାଇ ପାରୁଥିଲା । ଏହି ବ୍ୟବସ୍ଥାଗୁଡ଼ିକରେ ଶାସକ ବର୍ଗଙ୍କ ଅଂଶ ଗ୍ରହଣ ବିନା ବାଣିଜ୍ୟ ନେଟ୍‌ୱାର୍କ କାମ କରୁଥିଲା ।

ମନ୍ଦିରଗୁଡ଼ିକ ଅର୍ଥନୈତିକ କାର୍ଯ୍ୟକଳାପର କେନ୍ଦ୍ର

ଅନେକ ମନ୍ଦିର ଉପାସନା, ଅତିରିକ୍ତ ଶିକ୍ଷା, ସାମାଜିକ, ପାରସ୍ପରିକ କ୍ରିୟାକଳାପ, ପ୍ରଦର୍ଶନ କଳାର କେନ୍ଦ୍ର ଥିଲା । ସେମାନେ ବ୍ୟସ୍ତ ବହୁଳ ବଜାର ସହିତ ସାମାଜିକ ପରିସଂସ୍ଥା ସୃଷ୍ଟି କରିଥିଲେ । ଶାସକବର୍ଗ ମନ୍ଦିର ଦେବାଦେବୀଙ୍କୁ ଜମି ଓ ଧନ ଦାନ କରୁଥିଲେ ଯାହା ମନ୍ଦିର ପରଚାଳକମାନଙ୍କ ଦ୍ୱାରା ବିଶ୍ୱାସରେ ରଖାଯାଇଥିଲା । ସେମାନେ ଗୋଷ୍ଠୀ ଭିତ୍ତିଭୂମି (ଜଳସେଚନ ବ୍ୟବସ୍ଥା, ପୋଖରୀ ଇତ୍ୟାଦି) ଏବଂ ତୀର୍ଥଯାତ୍ରାଙ୍କ ପାଇଁ ଆଶ୍ରୟସ୍ଥଳ (*ଧର୍ମଶାଳା ଏବଂ ଛତ୍ରମ୍*) ସ୍ଥାପନ କରିଥିଲେ । ମନ୍ଦିରଗୁଡ଼ିକ ବ୍ୟବସାୟୀମାନଙ୍କୁ ଋଣ ପ୍ରଦାନ କରୁଥିଲେ ଏବଂ ଅଭ୍ୟନ୍ତରୀଣ ଓ ସାମଗ୍ରିକ ବାଣିଜ୍ୟ ପାଇଁ ପାଣ୍ଠି ଯୋଗାଉଥିଲେ ।

ପ୍ରାରମ୍ଭିକ ସମୟ ସମୃଦ୍ଧ ହୋଇଥିବାବେଳେ ଷୋଡ଼ଶ ଦଶକର ଶେଷ ଭାଗରେ ଆର୍ଥିକ ଚାପ ଦେଖାଯାଇଥିଲା । ମଧ୍ୟସ୍ଥି ପକ୍ଷମାନଙ୍କୁ କର ଏବଂ ଦେୟ ଦେବାପରେ କୃଷକମାନେ ପ୍ରାୟତଃ ସେମାନଙ୍କ ଉତ୍ପାଦର ଏକ ଛୋଟ ଅଂଶ ପାଉଥିଲେ । ଏହାଦ୍ୱାରା ଅନେକ ଲୋକ ସେମାନଙ୍କର ଜମି ହରାଇ ବନ୍ଧକ ଶ୍ରମିକ ହୋଇଗଲେ ।

ଐତିହାସିକମାନେ ମତ ଦିଅନ୍ତି ଯେ କାରିଗର ଏବଂ ଶ୍ରମିକମାନେ ମଧ୍ୟ ପ୍ରାୟତଃ କଠିନ ଆର୍ଥିକ ପରିସ୍ଥିତିର ସମ୍ମୁଖୀନ ହେଉଥିଲେ । ଏଯାବତ୍ ଭାରତ ପ୍ରାଚୁର୍ଯ୍ୟର ଦେଶ ଥିଲା ଯାହା ଅନେକ ଆରବୀୟ ଓ ୟୁରୋପୀୟ ପରିବ୍ରାଜକଙ୍କ ଦ୍ୱାରା ପ୍ରମାଣିତ, କିନ୍ତୁ ଧନ ସମ୍ପତ୍ତି ମୁଖ୍ୟତଃ ଶାସକ, ଦରବାରର ଉଚ୍ଚ ଅଧିକାରୀ ଏବଂ ବ୍ୟବସାୟୀ ଶ୍ରେଣୀଙ୍କ ହାତରେ କେନ୍ଦ୍ରିତ ଥିଲା । ଏହା ସହିତ ବାରମ୍ବାର ଯୁଦ୍ଧ ଜନସଂଖ୍ୟାକୁ ବାଧତାମୂଳକ ବିସ୍ଥାପନ କରାଇଥିଲା ।

ସାଧାରଣ ଲୋକଙ୍କ ସ୍ତରରେ ସଂଘର୍ଷ ଉଦାହରଣ ଥିଲା, ବିଶେଷକରି ଶାସକଙ୍କ ସମ୍ମତିରେ ପବିତ୍ର ସ୍ଥଳଗୁଡ଼ିକ ଅନେକ ସମୟରେ ଆକ୍ରମଣ ଯୋଗୁ ଧ୍ୱଂସ ଓ ଅପବିତ୍ର ହୋଇପଡ଼ିଥିଲା । କିନ୍ତୁ ମୋଟାମୋଟି ଭାବରେ ବିଭିନ୍ନଧର୍ମ ଏବଂ ସମ୍ପ୍ରଦାୟର ଲୋକମାନେ ପରସ୍ପର ଉପରେ ଆର୍ଥିକ ଭାବରେ ନିର୍ଭରଶୀଳ ହୋଇ ଶାନ୍ତିପୂର୍ଣ ଭାବରେ ସହାବସ୍ଥାନ କରୁଥିଲେ ।

ଭାରତର ଅଧିକାଂଶ ଶାସକ କଳାକୁ ପୃଷ୍ଠପୋଷକତା ଦେଇଥିଲେ ମଧ୍ୟ ସମ୍ପ୍ରଦାୟଗୁଡ଼ିକ ସେମାନଙ୍କର ପରମ୍ପରାକୁ ବଢାଇ ରଖିବା କିମ୍ବା ପୁନର୍ଜୀବିତ କରିବାକୁ ଚେଷ୍ଟା କରିଥିଲେ, ଯାହା ଫଳରେ ଅନେକ ପରିବର୍ତ୍ତିତ ପରିସ୍ଥିତି ସହିତ ଖାପଖୁଆଇ ପାରିଥିଲେ । ସେହି ସାଂସ୍କୃତିକ ପରମ୍ପରାଗୁଡ଼ିକ ମଧ୍ୟରେ ଏକ ସମାନ ପରିମାଣର ପାରସ୍ପରିକ କ୍ରିୟା ଏକ ସହଭାଗିତାର ଐତିହ୍ୟ ସୃଷ୍ଟି କରିଥିଲା ।

ଏସବୁ ଭିତରେ ଭାରତ ସାମଗ୍ରିକ ଭାବରେ ଅର୍ଥନୈତିକ ସମୃଦ୍ଧି ସହ ରାଜନୈତିକ ଅସ୍ଥିରତାକୁ ସହ୍ୟ କରିଥିଲା । ରାଜନୈତିକ ମାନଚିତ୍ର ବାରମ୍ବାର ବଦଳିବା ସହିତ ବିଭିନ୍ନ ପ୍ରକାର ଆହ୍ୱାନକୁ ସାମ୍ନା କରି ତିଷ୍ଠି ରହିଥିଲା । ଏହା କେବଳ ଯାତନାର କାହାଣୀ ନୁହେଁ ବରଂ ସହିଷ୍ଣୁତା ଓ ନମ୍ରତାର କାହାଣୀ । ଯେତେବେଳେ ଖଣ୍ଡାର ଚାହିଦା ବେଶୀ ଥିଲା ସେତେବେଳେ ଭାରତ କଳା, ସାହିତ୍ୟ, ଆଧ୍ୟାତ୍ମିକତା ଓ କାଳଜୟୀ ମୂଲ୍ୟବୋଧର ସର୍ଜନା କରିଚାଲିଥିଲା ।



ଶେଷ କରିବା ପୂର୍ବରୁ ...

→ ଏହି ସମୟ ଦେଖିଥିଲା–ତୁର୍କୀ, ଆଫଗାନ ଏବଂ ମୋଗଲ ବୈଦେଶିକଙ୍କ କ୍ରମାଗତ ଆକ୍ରମଣ ଯାହା ବ୍ୟାପକ ବିନାଶ, ପୁରୁଣା ରାଜବଂଶର ପତନ ଏବଂ ବହୁ ରାଜ୍ୟ ଓ ସାମ୍ରାଜ୍ୟର ଉତ୍‌ଥାନ ପତନ । ନିରନ୍ତର ଯୁଦ୍ଧ, ସନ୍ଧି(ମେଣ୍ଟ) ଏବଂ ବିଜୟ ଭାରତର ରାଜନୈତିକ ସୀମାକୁ ପୁନଃ ନିର୍ଦ୍ଧାରଣ କରିଥିଲା ।

→ ଏ ସମୟରେ ଧାର୍ମିକ ଅସହିଷ୍ଣୁତାର ଅନେକ ଦୃଷ୍ଟାନ୍ତ ଥିଲା । ବୌଦ୍ଧ, ଜୈନ, ହିନ୍ଦୁ, ଶିଖ, ଜୋରାଷ୍ଟ୍ରୀୟ ଏବଂ ଆଦିବାସୀମାନେ ଅନେକ ସମୟରେ କଠୋର ନିର୍ଯ୍ୟାତନା ଭୋଗ କରିଥିଲେ, ଯଦିଓ କିଛି ଶାସକ ଅନ୍ୟମାନଙ୍କ ତୁଳନାରେ ଅଧିକ ଉଦାର ମନୋଭାବର ଥିଲେ ।

→ କୃଷି ଓ ବାଣିଜ୍ୟର ବିସ୍ତାର ହୋଇଥିଲା, ଯାହା ଭାରତର ବୈଭବ ଓ ବିଶ୍ୱ ସହିତ ଯୋଗାଯୋଗକୁ ବୃଦ୍ଧି କରିଥିଲା । ତଥାପି ସାଧାରଣ ପ୍ରଜାଙ୍କର ଆର୍ଥିକ ଅବସ୍ଥା ଶୋଚନୀୟ ଥିଲା ।

→ ଭାରତୀୟ ସମାଜ, ସହର, ନଗର, ମନ୍ଦିର ଅର୍ଥନୀତିର ଅନ୍ୟାନ୍ୟ ଦିଗ ଗୁଡ଼ିକର ପୁନଃ ନିର୍ମାଣରେ ଅନୁକୂଳ ମନୋଭାବ ଓ ନମନୀୟତାକୁ ପ୍ରଦର୍ଶନ କରିଥିଲା । ସେହି ସମୟରେ ସାଂସ୍କୃତିକ ପରମ୍ପରାର ସଂରକ୍ଷଣ କରିବା ଏବଂ ନୂତନ ସାଂସ୍କୃତିକ ଅଭିବ୍ୟକ୍ତି ସୃଷ୍ଟି କରିବା ପାଇଁ ସ୍ୱଦେଶୀ ଓ ବିଦେଶୀ ଉପାଦାନଗୁଡ଼ିକୁ ମିଶ୍ରଣ କରିବାର ଉପାୟ ପାଇଲା । କଳା ଏବଂ ସଂସ୍କୃତିର ଅନେକ ରୂପ, ସ୍ଥାପତ୍ୟ, ସଙ୍ଗୀତ ଓ ଚିତ୍ରକଳାରେ ଏ ସମୟ ସମୃଦ୍ଧ ହୋଇଥିଲା ।

ପ୍ରଶ୍ନାବଳୀ, ଅଭ୍ୟାସ କାର୍ଯ୍ୟ ଏବଂ ପ୍ରକଳ୍ପ



1. 1. ଦିଲ୍ଲୀ ସୁଲତାନ ରାଜବଂଶର ସଠିକ୍ କାଳାନୁକ୍ରମିକ କ୍ରମଟି ଚିହ୍ନଟ କର । ( )

   A) ମାମଲୁକ→ ଖାଲ୍‌ଜି → ତୁଗ୍‌ଲାକ → ସୟଦ→ ଲୋଦି

   B) ଖାଲ୍‌ଜି → ମାମଲୁକ → ତୁଗ୍‌ଲାକ→ ସୟଦ →ଲୋଦି

   C) ମାମଲୁକ → ତୁଗ୍‌ଲାକ→ ଖାଲ୍‌ଜି → ସୟଦ→ଲୋଦି

   D) ମାମଲୁକ → ଖାଲ୍‌ଜି → ସୟଦ→ ତୁଗ୍‌ଲାକ → ଲୋଦି

2. ଆକବରଙ୍କ ପ୍ରଶାସନରେ ମାନସବଦାରୀ ବ୍ୟବସ୍ଥାର ମୂଳ ଉଦ୍ଦେଶ୍ୟ କଣ ଥିଲା ( )

   A) ଏକ ସ୍ଥାୟୀ କେନ୍ଦ୍ରୀୟ ସେନା ବଜାୟ ରଖିବା ।

   B) ବିକେନ୍ଦ୍ରୀକୃତ ସେନା ବଜାୟ ରଖିବା ।

   C)ଅଧିକାରୀଙ୍କ ସଂଖ୍ୟା ହ୍ରାସ କରିବା ।

   D) ବ୍ୟବସାୟ ଓ ବାଣିଜ୍ୟକୁ ପ୍ରୋତ୍ସାହନ ଦେବା ।

3. ଦିଲ୍ଲୀ ସୁଲାତନ ଏବଂ ମୋଗଲମାନଙ୍କର ରାଜନୈତିକ ରଣନୀତି ତୁଳନା କର । ସେମାନଙ୍କ ମଧ୍ୟରେ କଣ ସମାନତା ଏବଂ ପାର୍ଥକ୍ୟ ଥିଲା ?

4. ବିଜୟନଗର ସାମ୍ରାଜ୍ୟ ଏବଂ ଅହୋମ ରାଜ୍ୟ ଭଳି ରାଜ୍ୟ ଗୁଡିକ ଅନ୍ୟମାନଙ୍କ ତୁଳନାରେ କାହିଁକି ଦୀର୍ଘ ସମୟ ଧରି ବିଜୟକୁ ରକ୍ଷା କରିପାରିଥିଲେ ? ସେମାନଙ୍କ ସଫଳତାରେ କେଉଁ ଭୌଗୋଳିକ, ସାମରିକ ଏବଂ ସାମାଜିକ କାରଣ ଯୋଗଦାନ ଦେଇଥିଲା ?

5. କଳ୍ପନା କର ଯେ ତୁମେ ଆକବର କିମ୍ବା କୃଷ୍ଣଦେବ ରାୟଙ୍କ ଦରବାରରେ ଜଣେ ବିଦ୍ୱାନ। ତୁମେ ଦେଖିଥିବା, ରାଜନୀତି, ବାଣିଜ୍ୟ, ସଂସ୍କୃତି ଏବଂ ସମାଜ ବିଷୟରେ ବର୍ଣ୍ଣନା କରି ଜଣେ ବନ୍ଧୁଙ୍କୁ ଏକ ଚିଠି ଲେଖ ।

6. ଯୁବାବସ୍ଥାରେ ଜଣେ ନିଷ୍ଠୁର ବିଜେତା ଆକବର କିଛି ବର୍ଷ ପରେ କିପରି ସହନଶୀଳ ଏବଂ ଦୟାଳୁ ହୋଇଗଲେ ? ଏହି ପରିବର୍ତ୍ତନର କାରଣ କଣ ହୋଇପାରେ ?

7. ଯଦି ବିଜୟନଗର ସାମ୍ରାଜ୍ୟ ତାଲିକୋଟ ଯୁଦ୍ଧରେ ବିଜୟୀ ହୋଇଥାନ୍ତା ତେବେ ଫଳାଫଳ କଣ ହୋଇଥାନ୍ତା ? କଳ୍ପନା କର ଏବଂ ବର୍ଣ୍ଣନା କର ଯେ ଏହା ଦକ୍ଷିଣ ଭାରତର ରାଜନୈତିକ ଏବଂ ସାଂସ୍କୃତିକ ଇତିହାସକୁ କିପରି ପରିବର୍ତ୍ତନ କରିଥାନ୍ତା ?

8. ସମାନତା, ସେବା ଓ ନ୍ୟାୟ ସମେତ ପ୍ରାରମ୍ଭିକ ଶିଖ ଧର୍ମଦ୍ୱାରା ପ୍ରୋତ୍ସାହିତ ଅନେକ ମୂଲ୍ୟବୋଧର ଆଜି ବି ପ୍ରାସଙ୍ଗିକତା ରହିଛି । ଏହି ମୂଲ୍ୟବୋଧଗୁଡ଼ିକ ମଧ୍ୟରୁ ଗୋଟିଏ ବାଛ ଏବଂ ସମସାମୟିକ ସମାଜରେ ଏହା କିପରି ପ୍ରାସଙ୍ଗିକ ରହିଛି ତାହା ଆଲୋଚନା କର ।

9. କଳ୍ପନା କର ଯେ ତୁମେ ଏକ ବନ୍ଦର ନଗରୀ (ସୁରତ, କାଲିକଟ୍ କିମ୍ବା ହୁଗୁଳି)ର ବ୍ୟବସାୟୀ । ତୁମ ସାମଗ୍ରୀ, ତୁମେ ଯେଉଁ ଲୋକଙ୍କ ସହ ବାଣିଜ୍ୟ କରୁଛ ଓ ଜାହାଜର ଗତିବିଧ ଇତ୍ୟାଦିର ଦୃଶ୍ୟଗୁଡ଼ିକ ବର୍ଣ୍ଣନା କର ।

10. ଏହି ସମୟ ମଧ୍ୟରେ ବିଦେଶୀ ଆକ୍ରମଣ ଏବଂ ନୂତନ ରାଜବଂଶର ଉତ୍‌ଥାନ କିପରି ଭାରତର ରାଜନୈତିକ ସୀମାକୁ ପୁନଃ ଆକାର ଦେଇଥିଲା ?



ମରାଠାମାନଙ୍କର ଉତ୍ଥାନ

ଅଧ୍ୟାୟ
3

K9L4K7

ଶିକ୍ଷଣ ଫଳାଫଳ


ଶିକ୍ଷାର୍ଥୀମାନେ ଏହା କରିପାରିବେ:


→ ମରାଠାମାନଙ୍କ ଉତ୍ଥାନରେ ଭକ୍ତି ଆନ୍ଦୋଳନର ପ୍ରଭାବକୁ ବୁଝିପାରିବେ । (CG -1)
→ ମରାଠା ସାମ୍ରାଜ୍ୟର ମୂଳଦୁଆକୁ ସୁଦୃଢ଼ କରିବାରେ ଶିବାଜୀଙ୍କ ଭୂମିକାକୁ ବର୍ଣ୍ଣନା କରିପାରିବେ । (CG -4)
→ ଶିବାଜୀଙ୍କ ପରେ ରାଜ୍ୟ ବିସ୍ତାରରେ ମରାଠାମାନଙ୍କ ଭୂମିକାକୁ ବର୍ଣ୍ଣନା କରିପାରିବେ । (CG -2)
→ ମରାଠାମାନଙ୍କ ନାଗରିକ, ଐକିକ, ସାମୁଦ୍ରିକ, ନ୍ୟାୟିକ ଏବଂ ସାଂସ୍କୃତିକ ଅବଦାନକୁ ବୁଝିପାରିବେ । (CG -4)
→ ଶକ୍ତିଶାଳୀ ମରାଠା ମହିଳା ଶାସକଙ୍କ ଭୂମିକାକୁ ପ୍ରଶଂସା କରିପାରିବେ । (CG -1)

"ପର୍ତ୍ତୁଗୀଜ, ଇଂରେଜ, ଡଚ୍, ଫରାସୀ ଏବଂ ଡାନିସ୍‌ମାନଙ୍କ(ଦିନାମାର) ଭଳି ପଗଡ଼ି ଧାରୀ ଜାତି ଅନ୍ୟମାନଙ୍କ ଭଳିବ୍ୟବସାୟ ବାଣିଜ୍ୟ ମଧ କରୁଥିଲେ, କିନ୍ତୁ ସେମାନେ ଅନ୍ୟ ବ୍ୟବସାୟୀଙ୍କ ପରି ନ ଥିଲେ । ଏହି ଭୂମିରେ ପ୍ରବେଶ କରି ସେମାନଙ୍କର ଅଧିକୃତ ପରିସର ବୃଦ୍ଧି କରିବା ସଙ୍ଗେ ସଙ୍ଗେ ସେମାନଙ୍କର ଧର୍ମପ୍ରଚାର କରିବାର ମୂଳ ଲକ୍ଷ୍ୟ ରଖିଥିଲେ । ସେମାନେ ଜିଦିଖୋର ଥିଲେ । ନୌସେନା ଓ ଗୋଳାବାରୁଦ ସେମାନଙ୍କର ପ୍ରଧାନ ଅସ୍ତ୍ର ଥିଲା । ସେମାନଙ୍କର ଯାତାୟାତକୁ ନିୟନ୍ତ୍ରଣ କରିବା ସହିତ ସେମାନଙ୍କର ସୁଦୃଢ଼ କୋଠାବାଡ଼ି ନିର୍ମାଣକୁ ଅନୁମତି ଦେବାର ନଥିଲା ।."

– ରାମଚନ୍ଦ୍ର ପନ୍ତ ଅମାତ୍ୟ, ଆଦ୍‌ନ୍ୟାପାତ୍ର(1715)


ଚିତ୍ର 3.1 ବିଶାଳ ପ୍ରବେଶ ଦ୍ୱାର ସହିତ ମହାରାଷ୍ଟ୍ରର ରାୟଗଡ଼ ଦୁର୍ଗ: ଯେଉଁଠାରେ ଛତ୍ରପତି ଶିବାଜୀଙ୍କର 1674 ମସିହାରେ ରାଜାଭିଷେକ ଉତ୍ସବ ଅନୁଷ୍ଠିତ ହୋଇଥିଲା ଏବଂ ସେଠାରୁ ତାଙ୍କର ଆନୁଷ୍ଠାନିକ ଭାବରେ ମରହଟ୍ଟା ସାମ୍ରାଜ୍ୟର ଶାସନ ଆରମ୍ଭ ହୋଇଥିଲା ।





ମୁଖ୍ୟ ପ୍ରଶ୍ନାବଳୀ ?


1. କେଉଁମାନେ ମରାଠା ଥିଲେ ? ବ୍ରିଟିଶମାନେ କ୍ଷମତା ଦଖଲ କରିବା ପୂର୍ବରୁ ସେମାନେ କିପରି ବିଶାଳ ଅଞ୍ଚଳରେ ନିଜର ପ୍ରଭୁତ୍ୱ ଜାହିର କରିପାରିଥିଲେ ?
2. ସେମାନଙ୍କର ଶାସନର ବୈଶିଷ୍ଟ୍ୟ କ'ଣ ଥିଲା ?
3. ଭାରତ ଇତିହାସରେ ମରାଠା ସାମ୍ରାଜ୍ୟ କି ପ୍ରଭାବ ପକାଇଥିଲା ?



ଚିତ୍ର :3.2

କେଉଁମାନେ ମରାଠା ?

ବର୍ତ୍ତମାନର ମହାରାଷ୍ଟ୍ର ତଥା ଦାକ୍ଷିଣାତ୍ୟ ମାଳଭୂମିରେ ବସବାସ କରୁଥିବା ଏକ ଜନସମୂହ ବା ଲୋକମାନଙ୍କୁ ମରାଠା ବୋଲି କୁହାଯାଇଥାଏ । ସେମାନଙ୍କର ଭାଷା ମରାଠୀ ପାଇଁ ସେମାନେ ବେଶ୍ ପରିଚିତ । ଦ୍ୱାଦଶ ଶତାବ୍ଦୀରୁ ଏହି ଭାଷାର ସାହିତ୍ୟିକ ଇତିହାସ ବେଶ୍ ସମୃଦ୍ଧ ହୋଇ ଆସିଅଛି । ଏହି ଅଧ୍ୟାୟରେ ଆମେ ଜାଣିବା ସେମାନଙ୍କର ରାଜନୈତିକ ଶକ୍ତି ବୃଦ୍ଧି ଘଟି କିପରି ପରବର୍ତ୍ତୀ ସମୟରେ ଭାରତ ଇତିହାସର ଗତିକୁ ପରିବର୍ତ୍ତନ କରିଥିଲା ।



ଚିତ୍ର 3.3 - ସନ୍ଥ ରାମଦାସ



ଚିତ୍ର 3.4 - ଡାକଟିକଟରେ ସନ୍ଥ ତୁକାରାମ

13ଶ ଶତାବ୍ଦୀ ବେଳକୁ ମହାରାଷ୍ଟ୍ରର ଅଧିକାଂଶ ଅଞ୍ଚଳ ଯାଦବ ରାଜବଂଶ ଦ୍ୱାରା ଶାସିତ ହେଉଥିଲା ଏବଂ ଦେବଗିରି(ବର୍ତ୍ତମାନର ଦୌଲତାବାଦ) ଏହାର ରାଜଧାନୀ ଥିଲା । 14ଶ ଶତାବ୍ଦୀର ଆରମ୍ଭ ବେଳକୁ ଦିଲ୍ଲୀର ଖିଲ୍‌ଜୀ ସୁଲତାନମାନଙ୍କ ଦ୍ୱାରା ଯାଦବ ରାଜବଂଶର ଶାସକମାନେ କ୍ଷମତାଚ୍ୟୁତ ହୋଇଥିଲେ ।

ଏହିସବୁ ରାଜନୈତିକ ପରିବର୍ତ୍ତନ ମଧ୍ୟରେ ସାଂସ୍କୃତିକ ପରମ୍ପରା ବଜାୟ ରହିଥିଲା । ବିଶେଷକରି ଭକ୍ତି ଭାବନା ବା ନିର୍ଦ୍ଦିଷ୍ଟ ଏକ ଦେବାଦେବୀଙ୍କୁ ଉପାସନା କରିବାର ଧାରା ସମାଜରେ ସୃଷ୍ଟି ହୋଇଥିଲା ।



7ମ ଶତାବ୍ଦୀରୁ 17ଶ ଶତାବ୍ଦୀ ମଧ୍ୟରେ ସମାଜରେ ଆଧ୍ୟାତ୍ମିକତାର ବିକାଶ ନିମନ୍ତେ ଅନେକ ସନ୍ଥ ଓ ସାଧକମାନେ ବାହ୍ୟ ଆଚାର ଅପେକ୍ଷା ଭକ୍ତିମାର୍ଗ ସର୍ବଶ୍ରେଷ୍ଠ ମାର୍ଗ ବୋଲି ଅଭିହିତ କରିଥିଲେ । ସମାଜର ବିଭିନ୍ନ କ୍ଷେତ୍ରରୁ ଏବଂ ସଂପ୍ରଦାୟରୁ ଆସିଥିବା ସାଧୁସନ୍ଥ ତଥା ସମାଜ ସଂସ୍କାରକ ମାନଙ୍କର ଆଧ୍ୟାତ୍ମିକ ସଙ୍ଗୀତ ଓ କବିତାଗୁଡ଼ିକ ଆଞ୍ଚଳିକ ଭାଷା ମାଧ୍ୟମରେ ପ୍ରକାଶିତ ହେବାରୁ ଦେଶର ସର୍ବତ୍ର ଆଦୃତ ଓ ଲୋକପ୍ରିୟତା ଲାଭ କଲା ।

ସାହିତ୍ୟିକ ଇତିହାସ: ଏକ ନିର୍ଦ୍ଦିଷ୍ଟ ଭାଷାରେ ପଦ୍ୟ ବା ଗଦ୍ୟରେ ଲିଖିତ ଐତିହାସିକ କୃତି ।

ଆସ ଅନୁସନ୍ଧାନ କରିବା

ତୁମେ କେବେ '**ଭକ୍ତି**' ଶବ୍ଦ ସମ୍ପର୍କରେ ଶୁଣିଛ ? ତୁମେ ଏହାର ଅର୍ଥ କ'ଣ ବୁଝୁଛ ? ଭାରତର ଯେକୌଣସି ଅଂଶର ଜଣେ ଭକ୍ତି ସନ୍ଥଙ୍କୁ ଚୟନ କର । ତାଙ୍କର ଜୀବନୀ, ବାଣୀ ଓ ସେ ସମାଜକୁ ଦେଇଥିବା ବାର୍ତ୍ତା ସମ୍ପର୍କରେ ଅନୁଧ୍ୟାନ କର । ତାଙ୍କର କବିତା ବା ଭଜନଗୁଡ଼ିକ ମଧ୍ୟରୁ ଗୋଟିକୁ ବାଛ ଓ ସାଙ୍ଗମାନଙ୍କ ସହିତ ଆଲୋଚନା କର ।

ଏହି ସମୟରେ ଜ୍ଞାନେଶ୍ୱର, ନାମଦେବ, ତୁକାରାମ ଏବଂ ରାମଦାସଙ୍କ ପରି ମହାରାଷ୍ଟ୍ରର ଅନେକ ସନ୍ଥ ବହୁତ ଲୋକପ୍ରିୟତା ହାସଲ କରିଥିଲେ । ସେମାନେ ଉପନିଷଦ ଏବଂ ଭଗବତ୍ ଗୀତା ପରି ଗୁରୁତ୍ୱପୂର୍ଣ୍ଣ ପୁସ୍ତକଗୁଡ଼ିକୁ ମରାଠାରେ ଅନୁବାଦ କରିବା ଫଳରେ ସେମାନଙ୍କର ଦର୍ଶନ ଓ ଚିନ୍ତାଧାରା ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରିଥିଲା । ସେମାନଙ୍କ ମଧ୍ୟରୁ ଅନେକ ଶିଖଗୁରୁମାନଙ୍କ ପରି ସାମାଜିକ ସଂଗଠନ ଓ ରାଜନୀତିକ ସଚେତନତା ପାଇଁ ଗୁରୁତ୍ୱ ଆରୋପ କରିଥିଲେ । ଯାହାର ଫଳସ୍ୱରୂପ ପରବର୍ତ୍ତୀ ସମୟରେ ମରାଠାମାନେ ଏକ ରାଜନୈତିକ ଶକ୍ତିରୂପେ ନିଜକୁ ସଂଗଠିତ କରିପାରିଥିଲେ ।

17ଶ ଶତାବ୍ଦୀ ବେଳକୁ କେତେକ ମରାଠା ମୁଖ୍ୟ ନିଜର ସାର୍ବଭୌମତ୍ୱ ପ୍ରତିଷ୍ଠା ପାଇଁ ଉଦ୍ୟମ କରିଥିଲେ ମଧ୍ୟ ଶିବାଜୀ ମରାଠାମାନଙ୍କୁ ଏକତ୍ର କରି କ୍ଷମତା ଆହରଣ କରିବା ପର୍ଯ୍ୟନ୍ତ ସଫଳ ହୋଇପାରି ନଥିଲେ ।

ମରାଠା ଶକ୍ତିର ପ୍ରତିଷ୍ଠା ଓ ଶିବାଜୀଙ୍କର ଉତ୍‌ଥାନ



*ଚିତ୍ର 3.5: - ବ୍ରିଟିଶ ସଂଗ୍ରହାଳୟରେ ଥିବା **1680** ଶତକରେ ଚିତ୍ରିତ ହୋଇଥିବା ଶିବାଜୀଙ୍କର ଏକ ଚିତ୍ରଣ*

1630ରେ ଶିବାଜୀ ଭୋନ୍‌ସଲେ ବଂଶର ସାହାଜୀ ଓ ଜୀଜାବାଈଙ୍କ ଠାରୁ ଜନ୍ମଲାଭ କରିଥିଲେ । ସେହି ସମୟରେ ସାହାଜୀ ଦାକ୍ଷିଣାତ୍ୟ ସୁଲତାନତ୍‌ରେ କାର୍ଯ୍ୟ କରୁଥିଲେ ଓ ଅନେକ ସମୟରେ ପରିବାରଠାରୁ ଦୂରରେ ରହୁଥିଲେ । ସେତେବେଳେ ପୁନେଠାରେ ଥିବା ତାଙ୍କର ଜାଗିର ସ୍ଥାନରେ ଶିବାଜୀ ନିଜ ମାତା ଜୀଜାବାଈଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବଢ଼ିବା ସଙ୍ଗେ ସଙ୍ଗେ କେତେକ ବିଶ୍ୱସ୍ତ କର୍ମଚାରୀଙ୍କ ଠାରୁ ମୂଲ୍ୟବୋଧ ଓ ଉତ୍ତମ ଶିକ୍ଷା ଲାଭ କରିବାକୁ ସକ୍ଷମ ହୋଇଥିଲେ । ଏହି ସମୟରେ ପୁନେ ଅଞ୍ଚଳ ନିୟମିତ ଭାବରେ ଦକ୍ଷିଣର ସୁଲତାନଙ୍କ(ଯେଉଁମାନଙ୍କ ଅଧୀନରେ ମରାଠାମାନେ କାର୍ଯ୍ୟ କରୁଥିଲେ) ମଧ୍ୟରେ ସୃଷ୍ଟି ହେଉଥିବା ବିବାଦ ଓ ଯୁଦ୍ଧ ସାଧାରଣ ଜନତାଙ୍କୁ ଅକଥନୀୟ ଦୁଃଖ ଓ ଦୁର୍ଦ୍ଦଶା ଦେଉଥିଲା ।

ଶିବାଜୀଙ୍କୁ ଯେତେବେଳେ ମାତ୍ର 16 ବର୍ଷ ବୟସ ହୋଇଥିଲା ସେ ସାମରିକ ଅଭିଯାନ ଆରମ୍ଭ କରିଥିଲେ । ପ୍ରଥମେ ସେ ଅବହେଳିତ ଓ ଅନଧିକୃତ ଦୁର୍ଗଗୁଡ଼ିକୁ ଅଧିକାର କରି ସେଗୁଡ଼ିକର ସୁରକ୍ଷାକୁ ସୁଦୃଢ଼ କରିବା ସହିତ ନିଜ ଅଧିକୃତ ପୁନେର ଅଞ୍ଚଳଗୁଡ଼ିକୁ ଏକତ୍ରୀକରଣ କଲେ । ରାଜନୈତିକ, ଅର୍ଥନୈତିକ ଓ ସାଂସ୍କୃତିକ ବିକାଶକୁ ଗୁରୁତ୍ୱ ଦେବା ସହିତ ତାଙ୍କର 'ସାର୍ବଭୌମତ୍ୱ ରାଜ୍ୟ' ବା 'ସ୍ୱରାଜ୍ୟ'ର ଦୂର ଦୃଷ୍ଟିକୁ ବର୍ଷ ବର୍ଷ ଧରି ଜୀବିତ ରଖିଥିଲା, ଯାହାକୁ ଆମେ ଏହି ଅଧ୍ୟାୟରେ ଆଲୋଚନା କରିବା ।

ଜାଗିର: *ଜାଗିର ହେଉଛି ଖଣ୍ଡିଏ ଜମି ଯାହାକୁ ଜଣେ ରାଜା ବା ଶାସକ ଜଣେ ସାମନ୍ତ ବା ସୈନିକଙ୍କୁ ନିଜର କର୍ତ୍ତବ୍ୟ ପାଇଁ ପୁରସ୍କାର ସ୍ୱରୂପ ଦେଇଥାନ୍ତି । ଜାଗିର ପାଇଥିବା ବ୍ୟକ୍ତି ସେହି ଜମିରୁ କର ସଂଗ୍ରହ କରି ନିଜ ବ୍ୟବହାରରେ ଲଗାଇଥାନ୍ତି ଓ ଆବଶ୍ୟକ ସମୟରେ ରାଜାଙ୍କୁ ସାହାଯ୍ୟ ମଧ୍ୟ କରିଥାନ୍ତି ।*



ଚିତ୍ର 3.6 - ମହାରାଷ୍ଟ୍ର - ଗୋଆ ସୀମାନ୍ତରେ ଥିବା 'ସିନ୍ଧୁଦୁର୍ଗ' ଯାହା ମରାଠାମାନେ ନିର୍ମାଣ କରିଥିବା ଦୁର୍ଗମାନଙ୍କ ମଧ୍ୟରୁ ଗୋଟିଏ ।

ଶିବାଜୀଙ୍କ ରାଜ୍ୟ ଖୁବ୍ ଶୀଘ୍ର ଭାରତର ପଶ୍ଚିମ ଉପକୂଳ ଆଡ଼କୁ ପ୍ରସାରିତ ହେଲା ଏବଂ ଉପକୂଳ ଅଞ୍ଚଳର ସମ୍ପଦକୁ ଅକ୍ତିଆର କରିବାର ଲକ୍ଷ୍ୟରେ ତାକୁ ଏକ ନୌସେନା ଗଠନ କରିବାର ଆବଶ୍ୟକ ପଡ଼ିଲା । ବାସ୍ତବରେ ସେହି ସମୟରେ ଶିବାଜୀଙ୍କର ଏହା ଥିଲା ଏକ ବୈପ୍ଲବିକ ପଦକ୍ଷେପ । ତୁଳନାତ୍ମକ ଦୃଷ୍ଟିରୁ ଦେଖିଲେ, ବିଜାପୁରର ଆଦିଲ ଶାହୀ ସୁଲ୍‌ତାନେତ୍ ବାଣିଜ୍ୟିକ ଜାହାଜଗୁଡ଼ିକ ରଖିଥିଲେ ମଧ୍ୟ ଉପକୂଳକୁ ସୁରକ୍ଷା ଦେବାପାଇଁ ଏକ ନିୟମିତ ନୌସେନାର ବ୍ୟବସ୍ଥା କରିପାରିନଥିଲେ । ଏପରିକି ମୋଗଲ ସାମ୍ରାଜ୍ୟ ଦ୍ୱାରା ନିଯୁକ୍ତ ନୌଶକ୍ତି ଅତ୍ୟନ୍ତ ସୀମିତ ଥିଲା । ତେଣୁ ମରାଠା ନୌବାହିନୀ ଗଠନ ଏକ ନୂତନ ଦିଗନ୍ତ ସୃଷ୍ଟି କରିଥିଲା ।

ନିଜର ଲୋକମାନଙ୍କୁ ଶତ୍ରୁ କବଳରୁ ରକ୍ଷା କରିବା ପାଇଁ ଶିବାଜୀ ଏକ ଅଭିନବ ଯୁଦ୍ଧ ବିଦ୍ୟା 'ଗରିଲା' ରଣ କୌଶଳ ଆରମ୍ଭ କରିଥିଲେ । ଯେଉଁଥିରେ କେତେକ ଲୋକଙ୍କୁ ଛୋଟ ଛୋଟ ଦଳରେ ବିଭକ୍ତ କରାଯାଇ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ନିୟୋଜିତ କରାଯାଇଥାଏ । ସେମାନେ ନିର୍ଦ୍ଦିଷ୍ଟ ଏକ ସ୍ଥାନରେ ଲୁଚି ରହି ଅତର୍କିତ ଭାବରେ ଖୁବ୍ ଦ୍ରୁତ ଗତିରେ ଶତ୍ରୁ ଉପରେ ଆକ୍ରମଣ କରି ପରାସ୍ତ କରିଥାନ୍ତି । ଶିବାଜୀଙ୍କର ସଫଳତା ଖୁବ୍ ଶୀଘ୍ର ବିଜାପୁର ସୁଲ୍‌ତାନ୍‌ଙ୍କର କ୍ରୋଧର କାରଣ ହେଲା । ଯାହାର ଫଳସ୍ୱରୂପ ବିଜାପୁର ସୁଲତାନ ତାଙ୍କର ଦକ୍ଷ ସେନାପତି ଆଫ୍‌ଜଲ୍ ଖାଁଙ୍କୁ ଶିବାଜୀଙ୍କ ବିରୁଦ୍ଧରେ ପ୍ରେରଣ କରିଥିଲେ । ଘଞ୍ଚ ଜଙ୍ଗଲ ମଧ୍ୟରେ ଥିବା ପ୍ରତାପଗଡ଼ ଦୁର୍ଗରେ ପରସ୍ପର ସାମ୍ନାସାମ୍ନୀ ସାକ୍ଷାତ କରିବା ପାଇଁ ଶିବାଜୀ ଓ ତାଙ୍କର ପରାମର୍ଶଦାତାମାନେ ଆଫଜଲ ଖାଁଙ୍କୁ ମନେଇ ପାରିଥିଲେ । ସେଠାରେ ଶିବାଜୀ ଆଫଜଲ୍ ଖାଁଙ୍କୁ ହତ୍ୟା କରିଥିଲେ ଏବଂ ପାହାଡ଼ରେ ଲୁଚିରହିଥିବା ସୈନ୍ୟମାନେ ଗରିଲା ଯୁଦ୍ଧରେ ଆଫଜଲ ଖାଁଙ୍କ ସୈନ୍ୟଙ୍କର ମୂଲୋପ୍ୟାଟନ କରିଥିଲେ ।

ଏହା ବିଷୟରେ ଚିନ୍ତାକର

ଯଦି ତୁମେ ସମୟ ଯାତ୍ରା କରି ଶିବାଜୀଙ୍କ ସହିତ ସାକ୍ଷାତ କରିଥାନ୍ତ, ତେବେ କେଉଁ ତିନୋଟି ପ୍ରଶ୍ନ ତୁମେ ତାଙ୍କୁ ପଚାରିଥାନ୍ତ ଓ କାହିଁକି ?

ମନେ ରଖ

ବାଘନଖ ହେଉଛି ଏକ କ୍ଷୁଦ୍ର ଅସ୍ତ୍ର ଯାହା ବାଘର ପଞ୍ଜାପରି ଦେଖାଯାଇଥାଏ । ଶିବାଜୀ ଏହି ବାଘନଖ ଦ୍ୱାରା ଆଫଜଲ ଖାଁଙ୍କୁ ହତ୍ୟା କରିଥିଲେ ।



ଚିତ୍ର 3.7 - ବାଘନଖ ବା ବାଘର ପଞ୍ଜା

ଆସ ଅନୁସନ୍ଧାନ କରିବା

ଗରିଲା ଯୁଦ୍ଧ କୌଶଳ ସମ୍ପର୍କରେ ଅଧିକ ଜାଣିବାକୁ ଚେଷ୍ଟା କର । ପୃଥିବୀର ଅନ୍ୟ କେଉଁ ଦେଶ ଏ ପ୍ରକାର ଯୁଦ୍ଧ କୌଶଳ ଅନୁସରଣ କରିଛନ୍ତି ? ଏହି ଯୁଦ୍ଧ କୌଶଳ ଅନୁସରଣ କରିବା ପାଇଁ କେଉଁ ପ୍ରକାର ଭୌଗୋଳିକ ଅବସ୍ଥା ବିଶେଷ ଫଳପ୍ରଦ ? ତୁମର ଚିନ୍ତାଧାରା ଦଳ ଭିତରେ ଆଲୋଚନା କର ।

ପରବର୍ତ୍ତୀ ସମୟରେ ମୋଗଲ ସେନାପତି ସାୟସ୍ତ ଖାଁ ଏକ ବିଶାଳ ସୈନ୍ୟବାହିନୀ ଦ୍ୱାରା ଦୀର୍ଘ ତିନି ବର୍ଷ କାଳ ଶିବାଜୀଙ୍କ ରାଜ୍ୟକୁ ଆକ୍ରମଣ କଲେ । ଶେଷରେ ମାତ୍ର ଅଳ୍ପ କେତେକ ସୈନ୍ୟଙ୍କ ସହାୟତାରେ ଶିବାଜୀ ରାତି ସମୟରେ ସାୟସ୍ତ ଖାଁଙ୍କ ଶିବିର ଉପରେ ଆକ୍ରମଣ କଲେ । ଏହି ଆକ୍ରମଣରେ ସାୟସ୍ତ ଖାଁ ନିଜର କେତୋଟି ଅଙ୍ଗୁଳି ହରାଇବା ସହିତ ଅଳ୍ପକେ ଖସିଗଲେ ଏବଂ ଖୁବ୍ ଶୀଘ୍ର ମହାରାଷ୍ଟ୍ର ପରିତ୍ୟାଗ କଲେ । ଶିବାଜୀଙ୍କର ଏହି ଅତର୍କିତ ଆକ୍ରମଣକୁ ଆଜିର ସମୟରେ ସର୍ଜିକାଲ ଷ୍ଟ୍ରାଇକ୍ ବା ଲକ୍ଷ୍ୟଭେଦୀ ଆକ୍ରମଣ ବୋଲି କୁହାଯାଏ ।

ସର୍ଜିକାଲ୍ ଷ୍ଟ୍ରାଇକ୍: ଏହା ହେଉଛି ଏକ ସାମରିକ ଆକ୍ରମଣ ଯେଉଁଥିରେ ଏକ ନିର୍ଦ୍ଦିଷ୍ଟ ବସ୍ତୁ ବା ଅଞ୍ଚଳ ଧ୍ୱଂସ ସାଧନ କରାଯାଇଥାଏ । ବିନା କ୍ଷତି ବା ସାମାନ୍ୟ ପରିମାଣ ଧନ ଜୀବନ ନଷ୍ଟ ଘଟିଥାଏ ।

ଦୀର୍ଘ 3 ବର୍ଷ ଧରି ଲଗାତାର ଆକ୍ରମଣାତ୍ମକ କାର୍ଯ୍ୟକଳାପ ଯୋଗୁଁ ମୋଗଲ ସାମ୍ରାଜ୍ୟର ଏକ ଧନଶାଳୀ ବନ୍ଦର ନଗର ସୁରତ୍(ବର୍ତ୍ତମାନର ଗୁଜରାଟରେ)କୁ ନିଜ ଅକ୍ତିଆରକୁ ଆଣିଥିଲେ । ସେଠାରୁ ସେ ଏକ କୋଟିରୁ ଅଧିକ ଅର୍ଥ ଲାଭ କରିଥିଲେ ଯାହା ସେତେବେଳର ଏକ ବୃହତ୍ ପରିମାଣର ସମ୍ପଦ । କିନ୍ତୁ ସେ କୌଣସି ଧାର୍ମିକ ସ୍ଥାନକୁ ଆକ୍ରମଣ କରିନଥିଲେ, ଏପରିକି ମୋହନ ଦାସ ପାରେଖ ନାମକ ଜଣେ ଦାନୀ ବ୍ୟକ୍ତିଙ୍କ ଗୃହକୁ ମଧ୍ୟ ଆକ୍ରମଣରୁ ବାଦ୍ ଦେଇଥିଲେ । କିଛି ବର୍ଷ ପରେ ସେ ପୁନର୍ବାର ସୁରତ ଅଧିକାର କରିଥିଲେ । ଏହି ଘଟଣା ସେତେବେଳେ ଏତେ ଖ୍ୟାତିଲାଭ କରିଥିଲା ଯେ ଇଂରାଜୀ ସମ୍ବାଦପତ୍ର ଲଣ୍ଡନ ଗେଜେଟ୍ ରେ ଏହା ପ୍ରକାଶ ପାଇଥିଲା । ତାଙ୍କୁ ଯଦି ଯଥାଶୀଘ୍ର ଅର୍ଥ ଉପହାର ପ୍ରଦାନ କରାନଯାଏ, ତେବେ ସେ ପୁନର୍ବାର ସୁରତ ସହରକୁ ଅଧିକାର କରି ଧ୍ୱଂସ କରି ଦେବେ ବୋଲି ୟୁରୋପୀୟ କୂଟନୈତିକ ପ୍ରତିନିଧିମାନଙ୍କୁ ଚିଠି ଲେଖିଥିଲେ ।

ସୁରତ ସହରକୁ ଅଧିକାର କରିବା ଶକ୍ତିଶାଳୀ ମୋଗଲ ସାମ୍ରାଜ୍ୟ ପ୍ରତି ଅତ୍ୟନ୍ତ ଅପମାନଜନକ ଥିଲା । ତେଣୁ ମୋଗଲ ବାଦଶାହା ଆଉରଙ୍ଗଜେବ ଶିବାଜୀଙ୍କୁ ପରାସ୍ତ କରିବା ପାଇଁ ବିଶିଷ୍ଟ ରାଜପୁତ୍ ସେନାପତି ଜୟ ସିଂହଙ୍କୁ ପଠାଇଥିଲେ । ଶିବାଜୀ ପରାଜିତ ହେବାପରେ ପୁନେ ନିକଟବର୍ତ୍ତୀ ପୁରନ୍ଦର ଦୁର୍ଗରେ ଜୟସିଂହଙ୍କ ସହିତ ଏକ ଚୁକ୍ତି ସ୍ୱାକ୍ଷରିତ କରିଥିଲେ । ଶିବାଜୀ ତାଙ୍କ ରାଜ୍ୟର ଏକ ବୃହତ୍ତମ ଅଂଶ ଦେବା ସହିତ ତାଙ୍କର ପୁତ୍ର ସାମ୍ଭାଜୀଙ୍କୁ ମୋଗଲ ଶାସନ କାର୍ଯ୍ୟରେ ନିୟୋଜିତ ହେବାକୁ ପଡ଼ିଥିଲା ।

ଆଗ୍ରାସ୍ଥିତ ମୋଗଲ ଦରବାରକୁ ପରିଦର୍ଶନ କରିବା ପାଇଁ ଜୟ ସିଂହ ଶିବାଜୀଙ୍କୁ ପ୍ରବର୍ତ୍ତାଇଥିଲେ । ସେଠାରେ ଶିବାଜୀଙ୍କୁ ଆଉରଙ୍ଗଜେବ ଓ ପୂର୍ବରୁ ତାଙ୍କଦ୍ୱାରା ପରାଜିତ ହୋଇଥିବା ମୋଗଲ ସେନାପତିଙ୍କ ସମ୍ମୁଖରେ ଠିଆ ହେବାକୁ କୁହାଯାଇଥିଲା । ଶିବାଜୀ ଅପମାନରେ କ୍ରୋଧିତ ହୋଇ ଆଉରଙ୍ଗଜେବଙ୍କ ଦରବାରରୁ ବାହାରକୁ ଚାଲି ଆସିଲେ, କିନ୍ତୁ ଆଉରଙ୍ଗଜେବ ତାଙ୍କୁ ଗୃହବନ୍ଦୀରେ ରଖିଥିଲେ । ଏଥିରୁ ମୁକ୍ତି ପାଇବା ପାଇଁ ଶିବାଜୀ ଏକ ରଣକୌଶଳ ପ୍ରସ୍ତୁତ କଲେ । ସେ ଧାର୍ମିକ ବ୍ୟକ୍ତି, ସାଧୁ ସନ୍ଥ ଓ ମୋଗଲ ସେନାପତିମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ଉପହାର ବଣ୍ଟନ କରିବା ଆରମ୍ଭ କଲେ । ଏହିସବୁ ଉପହାର ମୁଖ୍ୟତଃ ବିଭିନ୍ନ ଫଳ ଓ ମିଠା ଥିଲା ଯାହା ବଡ଼ ବଡ଼ ଟୋକେଇରେ ଭର୍ତ୍ତି କରାଯାଇଥିଲା । ପ୍ରଥମେ ପ୍ରଥମେ ସୁରକ୍ଷାକର୍ମୀ ବା ଜଗୁଆଳୀମାନେ ଏହିସବୁ ଉପହାର ଭର୍ତ୍ତି ଟୋକେଇଗୁଡ଼ିକୁ ତନଖି କରୁଥିଲେ, କିନ୍ତୁ ପରବର୍ତ୍ତୀ ସମୟରେ ଆଉ ସେପରି କଲେ ନାହିଁ । ଏହାରି ସୁଯୋଗରେ ଶିବାଜୀ ଏବଂ ତାଙ୍କର ପୁତ୍ର ସାମ୍ଭାଜୀ ଟୋକେଇ ଭିତରେ ପଶି ବାହାରକୁ ଖସି ଚାଲିଯାଇଥିଲେ । ଆଉରଙ୍ଗଜେବ ପୁନର୍ବାର ଶିବାଜୀଙ୍କୁ ବନ୍ଦୀ କରିପାରି ନଥିଲେ ।



ଚିତ୍ର 3.4 – ଶିବାଜୀଙ୍କର ରାଜ ଦରବାରର ଏକ ଦୃଶ୍ୟ ଯେଉଁଠାରେ ଶିବାଜୀ ସିଂହାସନରେ ବସିଛନ୍ତି ଏବଂ ଦର୍ଶକମାନଙ୍କୁ ସ୍ୱାଗତ କରୁଛନ୍ତି

କିଛି ବର୍ଷ ପରେ 1674 ମସିହାରେ ବୈଦିକ ରୀତିନୀତି ଅନୁସାରେ ସୁଦୃଢ଼ ପାର୍ବତ୍ୟ ଦୁର୍ଗ ରାୟଗଡ଼ ଠାରେ ଶିବାଜୀଙ୍କର ଅଭିଷେକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଅଭିଷେକ ପରେ ଶିବାଜୀ ତାଙ୍କ ପାରମ୍ପରିକ ପଦବୀ 'ଶ୍ରୀରାଜା ଶିବ ଛତ୍ରପତି' ଗ୍ରହଣ କରିବା ସହିତ ପୂର୍ବ ଶାସକମାନଙ୍କ ପରି ଏକ ନୂତନ ଅବ୍ଦ 'ରାଜ୍ୟାଭିଷେକ ଶକ' ପ୍ରଚଳନ କରିଥିଲେ ।


ଏହାପରେ ଶିବାଜୀ ତାଙ୍କର ଦାକ୍ଷିଣାତ୍ୟ ବିଜୟରେ ଅଗ୍ରସର ହୋଇଥିଲେ ଯାହାକୁ 'ଦକ୍ଷିଣ ଦିଗ୍‌ବିଜୟ' ବୋଲି କୁହାଯାଏ । ଏଥିରେ ସେ ବର୍ତ୍ତମାନର ଉତ୍ତର ତାମିଲନାଡୁ ଏବଂ କର୍ଣ୍ଣାଟକର କେତେକ ଗୁରୁତ୍ୱପୂର୍ଣ୍ଣ ତଥା ଅସୁରକ୍ଷିତ ଅଞ୍ଚଳକୁ ଅନ୍ତର୍ଭୁକ୍ତ କରିଥିଲେ ।(ଚିତ୍ର: **3.9** ଦେଖ)। ଶିବାଜୀଙ୍କର ଏହି ଦାକ୍ଷିଣାତ୍ୟ ଅଭିଯାନ ପରବର୍ତ୍ତୀ ସମୟରେ ମରାଠାମାନଙ୍କୁ ଶକ୍ତିଶାଳୀ ମୋଗଲ ଆକ୍ରମଣ ବିରୁଦ୍ଧରେ ରଣକୌଶଳ ପାଇଁ ବିଶେଷ ସହାୟକ ହୋଇଥିଲା ।



ମନେ ରଖ



ଶିବାଜୀ ଦକ୍ଷିଣରେ ଥିବାବେଳେ ଡଚ୍‌ମାନଙ୍କ ଦ୍ୱାରା କରାଯାଉଥିବା କ୍ରୀତଦାସ ବ୍ୟବସାୟକୁ ବନ୍ଦ କରାଇଥିଲେ । ସେତେବେଳେ ଅଧିକାଂଶ ୟୁରୋପୀୟମାନେ ଭାରତୀୟମାନଙ୍କୁ ବନ୍ଦୀକରି କ୍ରୀତଦାସ ଭାବରେ ବିକ୍ରୟ କରୁଥିଲେ ଏବଂ ଶିବାଜୀ ଏହାର ପ୍ରତିବାଦ କରିବା ପୂର୍ବରୁ କୌଣସି ଭାରତୀୟ ଶକ୍ତି ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିନଥିଲେ । ଏପରି ଘୃଣ୍ୟ କାର୍ଯ୍ୟ ବିରୁଦ୍ଧରେ ଶିବାଜୀଙ୍କର ପ୍ରତିବାଦ ତାଙ୍କର ପ୍ରଜାମାନଙ୍କ ପ୍ରତି ଥିବା ଗଭୀର ଚିନ୍ତାକୂଳର ଉଦାହରଣ ।



ଚିତ୍ର 3.9 - ପ୍ରାୟ 1680 ମସିହାରେ ଶିବାଜୀଙ୍କର ରାଜ୍ୟ(ଏକୋଜୀଙ୍କ ଭୂମିକା ସମ୍ପର୍କରେ ଏହି ଅଧ୍ୟାୟର ଶେଷରେ ବର୍ଣ୍ଣନା କରାଯାଇଛି)

50 ବର୍ଷ ବୟସରେ ଜ୍ୱର ଯୋଗୁଁ ଶିବାଜୀଙ୍କର ମୃତ୍ୟୁ ହୋଇଥିଲା । ସେ ଥିଲେ ବାସ୍ତବରେ ଜଣେ ପ୍ରକୃତ ଦୂରଦ୍ରଷ୍ଟା ଓ ଦକ୍ଷ ରଣନୀତିଜ୍ଞ । ଜୀବନକାଳ ମଧ୍ୟରେ ତାଙ୍କର କାର୍ଯ୍ୟକଳାପ ଆଜି ଭାରତ ତଥା ବାହାରେ କିମ୍ବଦନ୍ତୀ ରୂପ ନେଇଛି । ୟୁରୋପୀୟମାନେ ଶିବାଜୀଙ୍କୁ ପ୍ରାଚୀନ ଯୋଦ୍ଧା ଗ୍ରୀକ୍‌ବୀର ଆଲେକଜାଣ୍ଡାରଙ୍କ ସହିତ ତୁଳନା କରିଥାନ୍ତି । ବୁନ୍ଦେଲ ରାଜକୁମାର ଛତ୍ରସାଲ୍ ମୋଗଲମାନଙ୍କ ବିରୁଦ୍ଧରେ ଶିବାଜୀଙ୍କ ରଣନୀତି ଦ୍ୱାରା ଏପରି ଭାବରେ ପ୍ରଭାବିତ ହୋଇଥିଲେ ଯେ ପରବର୍ତ୍ତୀ ସମୟରେ ଏକ ସ୍ୱାଧୀନ ବୁନ୍ଦେଲଖଣ୍ଡ ରାଜ୍ୟ(ବର୍ତ୍ତମାନର ଉତ୍ତର ପ୍ରଦେଶ ଓ ମଧ୍ୟପ୍ରଦେଶର ଅଂଶ)ପ୍ରତିଷ୍ଠା କରିବାରେ ସକ୍ଷମ ହୋଇଥିଲେ । ବିଖ୍ୟାତ ହିନ୍ଦୀ କବି ଭୂଷଣ ବିଶେଷକରି ଶିବାଜୀଙ୍କୁ ଦେଖା କରିବାକୁ ମହାରାଷ୍ଟ୍ର ଆସିଥିଲେ ଏବଂ ତାଙ୍କୁ ପ୍ରଶଂସା କରି ଅନେକ କବିତା ରଚନା କରିଥିଲେ ଯାହା ଆଜି ମଧ୍ୟ ଲୋକପ୍ରିୟ ହୋଇରହିଛି।

ଆସ ଅନୁସନ୍ଧାନ କରିବା

ଶିବାଜୀଙ୍କ ଜୀବନର କୌଣସି ଏକ ଘଟଣାକୁ ନିଅ ଏବଂ ଶ୍ରେଣୀରେ ସାଙ୍ଗମାନଙ୍କ ସହିତ ଏହାକୁ ମଞ୍ଚାଭିନୟ କର ।

ଶିବାଜୀଙ୍କ ପରେ ମରାଠା



ଚିତ୍ର 3.10 - ଛତ୍ରପତି ସାହୁ ମହାରାଜ(ସାମ୍ଭାଜୀଙ୍କ ପୁତ୍ର) ଡାହାଣକୁ ବସିଛନ୍ତି, ଉପରେ ବାଜପକ୍ଷୀର ପ୍ରଦର୍ଶନ ଏବଂ ନାନାସାହେବ ପେଶୱା ଉପସ୍ଥିତ ଅଛନ୍ତି ।

ଶମ୍ଭାଜୀ ଓ ରାଜାରାମ ନାମରେ ଶିବାଜୀଙ୍କର ଦୁଇ ପୁତ୍ର ଥିଲେ । ଶିବାଜୀଙ୍କ ମୃତ୍ୟୁପରେ ଶମ୍ଭାଜୀ 'ଛତ୍ରପତି' ହେଲେ । ସେତେବେଳେ ଦକ୍ଷିଣରେ କେବଳ ମରାଠାମାନେ ହିଁ ମୋଗଲମାନଙ୍କର ପ୍ରତିରୋଧ କରୁଥିଲେ । ଆଉରଙ୍ଗଜେବ ଦାକ୍ଷିଣାତ୍ୟ ଆକ୍ରମଣ କରି ବିଜାପୁର (ଆଦିଲ ସାହି ଏବଂ ଗୋଲକୋଣ୍ଡା (କୁତବ ସାହି) ଅଧିକାର କରିଥିଲେ । ତା'ପରେ ସେ ଶମ୍ଭାଜୀଙ୍କୁ ବନ୍ଦୀ କରିଥିଲେ ଏବଂ ତାଙ୍କୁ ଅମାନୁଷିତ ଯନ୍ତ୍ରଣା ଦେଇ ହତ୍ୟା କରିଥିଲେ । ଏହାପରେ ସେ ମରାଠାର ରାଜଧାନୀ ରାୟଗଡ଼କୁ ଅଧିକାର କରିଥିଲେ ।

ଶମ୍ଭାଜୀଙ୍କ ପରେ ରାଜାରାମ ଛତ୍ରପତି ହେଲେ ଏବଂ ଗିଞ୍ଜୀ(ବର୍ତ୍ତମାନର ତାମିଲନାଡୁ)କୁ ପଳାୟନ କଲେ । ଫଳରେ ମୋଗଲ–ମରାଠା ବିବାଦ ଦକ୍ଷିଣ ଭାରତକୁ ବ୍ୟାପୀ ଯାଇଥିଲା । ମରାଠାମାନେ ଦୃଢ଼ ଭାବରେ ସେମାନଙ୍କର ଦୁର୍ଗଗୁଡ଼ିକୁ ସୁରକ୍ଷା ଦେଇଥିଲେ ଏବଂ ଯୁଦ୍ଧ ବା ଲଢ଼େଇରେ ମୋଗଲ ବାହିନୀକୁ ଶକ୍ତ ଜବାବ ଦେଇଥିଲେ । ତେଣୁ ଆଉରଙ୍ଗଜେବ ଦାକ୍ଷିଣାତ୍ୟକୁ ଛାଡ଼ି ଯାଇପାରିଲେ ନାହିଁ ଏବଂ ମୃତ୍ୟୁବରଣ କରିବା ପର୍ଯ୍ୟନ୍ତ ମରାଠାମାନଙ୍କୁ ଦମନ କରିବାକୁ ସକ୍ଷମ ହୋଇପାରିନଥିଲେ । ଫଳରେ ଦାକ୍ଷିଣାତ୍ୟରେ ମରାଠାମାନେ ମୋଗଲମାନଙ୍କର ପ୍ରମୁଖ ପ୍ରତିଯୋଗୀ ହୋଇ ଉଭା ହେଲେ ।

ରାଜାରାମଙ୍କ ରାଣୀ ତାରାବାଇଙ୍କ ନେତୃତ୍ୱରେ ମରାଠାମାନେ ମୋଗଲ ଶାସିତ ଅଞ୍ଚଳମାନଙ୍କରେ ନିଜ ଆଧିପତ୍ୟ ବିସ୍ତାର କରିବା ସଙ୍ଗେ ସଙ୍ଗେ ଭାରତର ଅନେକ ଅଞ୍ଚଳକୁ ନିଜ ଅଧିକାରକୁ ଆଣିପାରିଥିଲେ । ଦ୍ରୁତ ସାମ୍ରାଜ୍ୟ ବିସ୍ତାର ସହିତ ମରାଠାମାନେ ସଂରଚନାତ୍ମକ ପରିବର୍ତ୍ତନ ପ୍ରତି ବିଶେଷ ଧ୍ୟାନ ଦେଇଥିଲେ । ଶିବାଜୀଙ୍କ ସମୟରୁ ନାମକୁ ମାତ୍ର ଛତ୍ରପତିଙ୍କ ଠାରେ କେନ୍ଦ୍ରୀଭୂତ ହୋଇଥିବା ରାଜ୍ୟ ଅଧିକ ବିକେନ୍ଦ୍ରୀକରଣ ପାଇଁ ବାଟ ଦେଖାଇଲା । କିନ୍ତୁ ମୁଖ୍ୟ ଶାସକଙ୍କୁ ଅଧିକ କ୍ଷମତା ପ୍ରଦାନ କଲା । ବିଶେଷ କରି ପେଶୱା(ଏକ ପାରସ୍ୟ ଶବ୍ଦ ଯାହା ପ୍ରଧାନମନ୍ତ୍ରୀଙ୍କ ନିମନ୍ତେ ବ୍ୟବହୃତ ହୋଇଥାଏ) ଛତ୍ରପତିଙ୍କ ଆପେକ୍ଷ ବିଶେଷ ପ୍ରଭାବ ପକାଇଥିଲେ । ମୁଖ୍ୟତଃ ପେଶୱା ବାଜିରାଓ-1 ଏବଂ ତାଙ୍କର ପୁତ୍ର ନାନାସାହେବ ପେଶୱା ସର୍ବଭାରତୀୟ ମରାଠା ଶାସନ ପ୍ରସାରରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।

ମରାଠାମାନେ ଭାରତର ଏକ ବୃହତ୍ ଅଞ୍ଚଳକୁ ନିଜ ନିୟନ୍ତ୍ରଣକୁ ନେବା ସହିତ ସେଠାରେ ସୁଶାସନ ପ୍ରଣୟନ କରିଥିଲେ । କିନ୍ତୁ ଆଞ୍ଚଳିକ ଶାସକମାନେ ଅଧିକ କ୍ଷମତା ଓ ସ୍ୱାଧୀନତା ଲାଭ କରିବାରୁ ଅନେକ ସମୟରେ ବିଶୃଙ୍ଖଳାର ଅଭାବ ପରିଲକ୍ଷିତ ହେଲା, ଯାହା ଶିବାଜୀଙ୍କ ଶାସନର ମୂଲ୍ୟବୋଧର ବିରୋଧ କରୁଥିଲା । ଉଦାହରଣ ସ୍ୱରୂପ ବଙ୍ଗଳାରେ ମରାଠାମାନଙ୍କର 10 ବର୍ଷର ଯୁଦ୍ଧ ଅଭିଯାନ ସମୟରେ ସାଧାରଣ ଜନତାଙ୍କ ଉପରେ ଅନେକ ବର୍ବରତା ଓ ଧ୍ୱଂସର ଦମନଲୀଳା ଦେଖିବାକୁ ମିଳିଥିଲା ।

ସେମାନଙ୍କର ଉତ୍ତରାଭିମୁଖୀ ଅଭିଯାନ ସମୟରେ ମରାଠାମାନେ ଲାହୋର, ଆଟକ୍ ଏବଂ ଏପରିକି ପେସାୱାର୍(ଆଧୁନିକ ପାକିସ୍ତାନ) ଆଦି ଅଞ୍ଚଳକୁ ନିଜ ନିୟନ୍ତ୍ରଣକୁ ଆଣିଥିଲେ । ସେମାନେ ଆଫଗାନ୍‌ମାନଙ୍କ ସହିତ ସଂଘର୍ଷ କରିଥିଲେ ଏବଂ 1761 ରେ ପାନିପଥ ଯୁଦ୍ଧରେ ଶୋଚନୀୟ ଭାବେ ପରାଜିତ ହୋଇ ମଧ୍ୟ ପେଶୱା ମାଧବରାଓ-1ଙ୍କ ସମୟରେ ପୁଣି ନିଜକୁ ସୁଦୃଢ଼ କରିପାରିଲେ । ମହାଦ୍‌ଜୀ ସିନ୍ଦେ(ମହାଦ୍‌ଜୀ ସିନ୍ଦିଆ)ଙ୍କ ନେତୃତ୍ୱରେ 1771 ମସିହାରେ ମରାଠାମାନେ ପୁନର୍ବାର ଦିଲ୍ଲୀ ଅଧିକାର ନିମିତ୍ତ ଅଗ୍ରସର ହୋଇଥିଲେ ଏବଂ ତିନି ଦଶନ୍ଧି ପରେ ଇଂରେଜମାନେ ଏହାକୁ ଅଧିକାର କରିବା ପର୍ଯ୍ୟନ୍ତ ଦିଲ୍ଲୀ ମରାଠାମାନଙ୍କ ନିୟନ୍ତ୍ରଣରେ ରହିଲା ।

18ଶ ଶତାବ୍ଦୀର ଶେଷ ଭାଗ ବେଳକୁ ଭାରତରେ ଇଂରେଜମାନଙ୍କର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଭାବରେ ମରାଠାମାନେ ହିଁ ଉଭା ହୋଇଥିଲେ । 1775-1818 ମଧ୍ୟରେ ତିନୋଟି ଆଙ୍ଗ୍ଲୋ-ମରାଠା(ଇଂରେଜ-ମରାଠା) ଯୁଦ୍ଧ ଇଂରେଜ ଓ ମରାଠାମାନଙ୍କ ମଧ୍ୟରେ ହୋଇଥିଲା । ମରାଠାମାନଙ୍କ ମଧ୍ୟରେ ଅନ୍ତର୍ଦ୍ୱନ୍ଦ ତଥା ଇଂରେଜମାନଙ୍କର ସାଙ୍ଗଠନିକ ଓ ବୈଷୟିକ ଦକ୍ଷତା ଯୋଗୁଁ ସେମାନେ ମରାଠା ଶକ୍ତି ଉପରେ ବିଜୟ ଲାଭ ସହିତ ସେମାନଙ୍କ ଶକ୍ତିକୁ ସମାପ୍ତ କରିବାରେ ସକ୍ଷମ ହୋଇପାରିଲେ । ଏହା ଫଳରେ ଇଂରେଜମାନେ ମୋଗଲ ଓ ଅନ୍ୟାନ୍ୟ ଶକ୍ତିମାନଙ୍କ ଅପେକ୍ଷା ମରାଠାମାନଙ୍କ ଠାରୁ ଭାରତର ଅଧିକ ଅଞ୍ଚଳ ଅକ୍ତିଆର କରିଥିଲେ ।



ଚିତ୍ର 3.11 : - 1759 ସା.ଅ.ରେ ମରାଠା ସାମ୍ରାଜ୍ୟର ପରିସର

ମନେ ରଖ

ତୁମେ ଜାଣିଥିଲ କି ପେଶୱାଙ୍କ ଅଧୀନସ୍ଥ ଜଣେ କ୍ଷମତାଶୀଳ ଅଧିକାରୀ ନାନା ଫଡ଼ନାବିଶ୍ ଯାହାଙ୍କୁ ପ୍ରଥମ ଅଖିଳ ଭାରତୀୟ ବ୍ରିଟିଶ ବିରୋଧୀ ମେଣ୍ଟ କରିଥିବାର ଗୌରବ ଦିଆଯାଇଥାଏ ? ସେ ମଧ୍ୟ ମୈଶୁରର ହାଇଦର ଅଲ୍ଲୀ ଏବଂ ହାଇଦ୍ରାବାଦର ନିଜାମଙ୍କ ପରି ପୂର୍ବର ବ୍ରିଟିଶ ବିରୋଧୀମାନଙ୍କୁ ଏକତ୍ରିତ କରିବା ପ୍ରୟାସରେ ସକ୍ଷମ ହୋଇପାରିଥିଲା ।



ଚିତ୍ର 3.12 : - ପ୍ରଥମ ଇଂରେଜ–ମରାଠା ଯୁଦ୍ଧ ପରେ ଜଣେ ବ୍ରିଟିଶ ଅଧିକାରୀ ନାନା ଫଡ଼ନାବିଶ୍ ଓ ମହାଦ୍‌ଜୀ ସିନ୍ଦେଙ୍କ ନିକଟରେ ଆତ୍ମ ସମର୍ପଣ କରୁଛନ୍ତି ।

ମରାଠା ଶାସନ

ସାଧାରଣ ପ୍ରଶାସନ

ଶିବାଜୀ ତାଙ୍କର ରାଜ୍ୟ ପାଇଁ ଅପେକ୍ଷାକୃତ ଏକ କେନ୍ଦ୍ରୀକୃତ ଶାସନ ପ୍ରତିଷ୍ଠା କରିଥିଲେ । (ସୁଲତାନ ଓ ମୋଗଲମାନଙ୍କ ଦ୍ୱାରା ପ୍ରଚଳିତ) ବଂଶାନୁକ୍ରମିକ ସରକାରୀ ପଦବୀ ତଥା ଜାହିରୀ ବ୍ୟବସ୍ଥାକୁ ଉଚ୍ଛେଦ କରି ରାଜକୋଷରୁ କର୍ମଚାରୀମାନଙ୍କୁ ଦରମା ଦେବାର ବ୍ୟବସ୍ଥା କରିଥିଲେ । ଅନେକ ଅଧିକାରୀଙ୍କୁ ସମୟାନୁକ୍ରମେ ବିଭିନ୍ନ ସ୍ଥାନକୁ ବଦଳି କରାଯାଉଥିଲା, ଯାହାଫଳରେ ବିଭିନ୍ନ ସମୟରେ ରାଜାଙ୍କ ସହିତ ଅଧିକାରୀମାନେ କୌଣସି ସର୍ତ୍ତ ରଖିବାର ସୁଯୋଗ ପାଉନଥିଲେ ।



ଚିତ୍ର 3.12 : ଶିବାଜୀ ନିଜର ସାର୍ବଭୌମତ୍ୱର ନିଦର୍ଶନ ସ୍ୱରୂପ ନିଜ ନାମରେ ସ୍ୱର୍ଣ୍ଣ ଓ ରୌପ୍ୟ ମୁଦ୍ରା ପ୍ରଚଳନ କରିଥିଲେ । ଏଥିରେ ଖୋଦିତ ଦେବନାଗରୀ ଲିପି ତାଙ୍କର ସାଂସ୍କୃତିକ ବୈଶିଷ୍ଟ୍ୟର ପରିଚୟ ଦେଉଥିଲା ।

ଶିବାଜୀ ଯୁଦ୍ଧରେ ମୃତ୍ୟୁବରଣ କରିଥିବା ସୈନିକଙ୍କ ବିଧବାମାନଙ୍କୁ ଶିବାଜୀ ପେନ୍‌ସନ୍ ଦେଉଥିଲେ, ସେମାନଙ୍କ ପୁତ୍ରମାନଙ୍କୁ ସାମରିକ ପଦବି ପ୍ରଦାନ କରୁଥିଲେ । ସେ ଏହିପରି ସେନା ଏବଂ ସେମାନଙ୍କ ପରିବାର ପ୍ରତି ତାଙ୍କର ସହାନୁଭୂତି ପ୍ରଦର୍ଶନ କରିଥିଲେ ।

ଏହା ବିଷୟରେ ଚିନ୍ତାକର

ରାଜ୍ୟର କୌଣସି ପ୍ରଜାଙ୍କୁ ଖରାପ ବ୍ୟବହାର କରିବା କିମ୍ବା ବଳପୂର୍ବକ କାହାଠାରୁ ତୃଣ ପତ୍ରଟିଏ ମଧ୍ୟ ନ ହେବା ପାଇଁ ଶିବାଜୀ ସରକାରୀ କର୍ମଚାରୀମାନଙ୍କୁ କଠୋର ଭାବରେ ନିର୍ଦ୍ଦେଶ ଦେଇଥିଲେ । ତାଙ୍କର ରାଜକର୍ମଚାରୀମାନଙ୍କୁ ଏକ ପତ୍ରରେ ଶିବାଜୀ ନିର୍ଦ୍ଦେଶ ଦେଇଥିଲେ – "ନୌସେନା ପାଇଁ ସାଗୁଆନ ପରି ବଡ଼ ବଡ଼ ବୃକ୍ଷର ଆବଶ୍ୟକତା ରହିଛି । ଯଦି ଆବଶ୍ୟକ ପଡ଼େ ତେବେ ଜଙ୍ଗଲ ବିଭାଗର ଅନୁମତି ନେବା ପରେ ଏପରି ବୃକ୍ଷ କାଟିବାକୁ ହେବ । ଆମ୍ବ ଓ ପଣସ ପରି ଗଛଗୁଡ଼ିକ ମଧ୍ୟ ଅତ୍ୟନ୍ତ ଦରକାରୀ କିନ୍ତୁ ସେ ସବୁକୁ ଆଦୌ ହାତ ଦେବା ଠିକ୍ ନୁହେଁ । କାରଣ ଏହିସବୁ ବୃକ୍ଷ ପରିପକ୍ୱ ବା ପୂର୍ଣ୍ଣ ବିକଶିତ ହେବା ପାଇଁ ବହୁବର୍ଷ ଲାଗିଯାଇଥାଏ ଏବଂ ଲୋକମାନେ ନିଜ ସନ୍ତାନମାନଙ୍କ ପରି ତାହାର ଯତ୍ନ ନେଇଥାନ୍ତି । ଯଦି ତୁମେ ସେଗୁଡ଼ିକୁ କାଟିଦିଅ, ତେବେ ସେହି ଲୋକମାନଙ୍କର ଦୁଃଖ କ'ଣ ସବୁଦିନ ପାଇଁ ଦୂର ହୋଇଯିବ ? କାହାକୁ ଦମନ କରି ବା ଦୁଃଖ ଦେଇ ଯେଉଁ ସଫଳତା ହାସଲ କରାଯାଇଥାଏ, ତାହା ଦମନକାରୀ ସହିତ ସେହି ସଫଳତାର ଶୀଘ୍ର ବିଲୟ ଘଟିଥାଏ । ଠିକ୍ ସେହିପରି ଏହିସବୁ ବୃକ୍ଷର ଅନୁପସ୍ଥିତିରେ ଭୟଙ୍କର ପରିଣାମ ଘଟିଥାଏ । ତେଣୁକରି କୌଣସି ପରିସ୍ଥିତିରେ କେବେହେଲେ ବଳ ପ୍ରୟୋଗ କରିବା ଉଚିତ ନୁହେଁ ।"

ଶିବାଜୀଙ୍କ ପତ୍ରକୁ ଭିତ୍ତିକରି ତାଙ୍କର ମୂଲ୍ୟବୋଧ ଉପରେ ଜଣେ ଶାସକ ଭାବରେ ତୁମେ କ'ଣ କହିପାରିବ ?

ଶାସନ କାର୍ଯ୍ୟରେ ସହଯୋଗ କରିବା ପାଇଁ ଶିବାଜୀ ତାଙ୍କ ମନ୍ତ୍ରୀମଣ୍ଡଳରେ ଆଠଜଣ ମନ୍ତ୍ରୀଙ୍କୁ ନିଯୁକ୍ତି ଦେଇଥିଲେ ଯାହାଙ୍କୁ ଅଷ୍ଟ ପ୍ରଧାନ ମଣ୍ଡଳ ବା ଅଷ୍ଟ ମନ୍ତ୍ରୀ ପରିଷଦ ବୋଲି କୁହାଯାଉଥିଲା ।



ଚିତ୍ର .3.14.

ମରାଠାମାନେ ଅନେକ ସମୟରେ 'ଚୌଥ'(25 ଶତକଡ଼ା) ଏବଂ 'ସରଦେଶମୁଖୀ' (ଚୌଥକୁ ଛାଡ଼ି ଅତିରିକ୍ତ ଦଶଭାଗ) ନାମକ ଦୁଇ ପ୍ରକାର କର ଆଦାୟ କରୁଥିଲେ । ଦକ୍ଷିଣ ଓ ଉତ୍ତରର କେତେକ ଅଞ୍ଚଳ ସହିତ ଯେଉଁସବୁ ପ୍ରଦେଶ ବା ରାଜ୍ୟ ମରାଠା ସାମ୍ରାଜ୍ୟ ସହିତ ପ୍ରତ୍ୟକ୍ଷ ଭାବରେ ସଂଯୁକ୍ତ ନଥିଲା, ସେହିସବୁ ଅଞ୍ଚଳରେ ପ୍ରଜାମାନଙ୍କ ଠାରୁ ଏହି ପ୍ରକାର କର ଆଦାୟ କରାଯାଉଥିଲା । ପ୍ରତିବଦଳରେ ମରାଠାମାନେ ଏହି ସବୁ ରାଜ୍ୟର ସୁରକ୍ଷା ପ୍ରତି ଧ୍ୟାନ ଦେବା ସହିତ ସେମାନଙ୍କର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରୁନଥିଲେ । ମୋଗଲମାନେ ମଧ୍ୟ ବିଭିନ୍ନ ଚୁକ୍ତି ମାଧ୍ୟମରେ ଏହି ବ୍ୟବସ୍ଥାକୁ ଅନୁମୋଦନ କରୁଥିଲେ । ପରବର୍ତ୍ତୀ ସମୟରେଏଥି ମଧ୍ୟରୁ କେତେକ ରାଜ୍ୟ ବା ପ୍ରଦେଶ ମରାଠା ସାମ୍ରାଜ୍ୟଭୁକ୍ତ ହୋଇଥିଲା ।

ମନେ ରଖ




(ଚିତ୍ର 3.15)

18ଶ ଶତାବ୍ଦୀରେ ନିଜର ଲୋକପ୍ରିୟତା ପାଇଁ ମରାଠାମାନେ ଅନେକ ସମୟରେ ମୋଗଲ ମୁଦ୍ରା ନିର୍ମାଣ କୌଶଳକୁ ଅନୁକରଣ କରିଥିଲେ ମଧ୍ୟ ଏଥିରେ ନିଜର ସାଂସ୍କୃତିକ ସଙ୍କେତକୁ ବ୍ୟବହାର କରୁଥିଲେ । ଉଦାହରଣ ସ୍ୱରୂପ 19ଶ ଶତାବ୍ଦୀର ପ୍ରାରମ୍ଭରେ 'ଗଣପତି-ପନ୍ତ ପ୍ରଧାନ ରୂପି' ନାମକ ଏହି ମୁଦ୍ରା ପଙ୍ଗବର୍ଦ୍ଧନ(ପେଶୱାଙ୍କ ଅଧୀନସ୍ଥ ସେନାପତି)ଙ୍କ ଦ୍ୱାରା ପ୍ରଣିତ ହୋଇଥିଲା । ଏଥିରେ ଦେବନାଗରୀ ଓ ପାର୍ସୀ – ଦୁଇଟି ଲିପିରେ ଖୋଦିତ ହୋଇଛି । ଏହାର ଗୋଟିଏ ପାର୍ଶ୍ୱରେ ଗଣପତି (ଗଣେଶ)ଙ୍କ ମଙ୍ଗଳାଚରଣ କରାଯାଇଥିବା ବେଳେ ଅନ୍ୟ ପାର୍ଶ୍ୱରେ ପେଶୱା(ମରାଠୀରେ ପନ୍ତ ପ୍ରଧାନ କୁହାଯାଇଥାଏ)ଙ୍କ ପ୍ରତି ବିଶ୍ୱାସ ଓ ପ୍ରତିବଦ୍ଧତା ଦର୍ଶାଯାଇଥାଏ ।

ସାମରିକ ଶାସନ

ମରାଠା ସଶସ୍ତ୍ର ବାହିନୀକୁ ତିନି ଭାଗରେ ଯଥା –ପଦାତିକ, ଅଶ୍ୱବାହିନୀ ଓ ନୌବାହିନୀରେ ବିଭକ୍ତ କରାଯାଇଥିଲା । ଅଶ୍ୱ ବାହିନୀକୁ ପୁନର୍ବାର ବର୍ଗୀ ଓ ଶିଲାଦାରରେ ବିଭକ୍ତ କରାଯାଇଥିଲା । ଯେଉଁମାନେ ବର୍ଗୀ ଶ୍ରେଣୀର, ସେମାନଙ୍କର ଅଶ୍ୱ ଓ ଅନ୍ୟାନ୍ୟ ଉପକରଣ ଖର୍ଚ୍ଚ ରାଜ୍ୟ ବହନ କରୁଥିଲା ଏବଂ ଯେଉଁମାନେ ଶିଲାଦାର, ସେମାନଙ୍କର ଅଶ୍ୱ ଓ ଅନ୍ୟାନ୍ୟ ଉପକରଣ ଖର୍ଚ୍ଚ ସେମାନେ ନିଜେ ବହନ କରୁଥିଲେ । 18ଶ ଶତାବ୍ଦୀରେ ମରାଠାମାନେ ୟୁରୋପୀୟମାନଙ୍କର ସୈନ୍ୟବାହିନୀ ଓ ତୋପଖାନାର ସୁବ୍ୟବସ୍ଥିତ ପରିଚାଳନା ସମ୍ପର୍କରେ ଅବଗତ ହେଲେ ଏବଂ ସେମାନେ ସେହିପରି ସୈନ୍ୟବାହିନୀ ଗଠନ କରିବାକୁ ଉଦ୍ୟମ କଲେ । ନିର୍ଦ୍ଦିଷ୍ଟ ଭାବରେ ମହାଦ୍‌ଜୀ ସିନ୍ଦେ ୟୁରୋପୀୟ ଢାଞ୍ଚାରେ ଏକ ବିଶାଳ ସୈନ୍ୟବାହିନୀ ଗଠନ କରିଥିଲେ ।

ଖଣ୍ଡା ଓ ବର୍ଚ୍ଛା ମରାଠାମାନଙ୍କର ଅତି ପ୍ରିୟ ଅସ୍ତ୍ର ଥିଲା । ଏହା ସତ୍ତ୍ୱେ ଅତି ସ୍ୱଳ୍ପ ପରିମାଣର ବନ୍ଧୁକ ମଧ୍ୟ ସେମାନେ ବ୍ୟବହାର କରୁଥିଲେ (ଚିତ୍ର 3.16)। ଶିବାଜୀଙ୍କ ସମୟରେ ସାମରିକ ଅଭିଯାନବେଳେ ରକେଟ୍‌ର ବ୍ୟବହାର କରାଯାଉଥିଲା । 1770 ସା.ଅ. ବେଳକୁ ଧାତୁ ନିର୍ମିତ ରକେଟ୍‌ର ବ୍ୟବହାର ହୋଇଥିବାର ଜଣାଯାଏ ।



ଚିତ୍ର 3.16: ମରାଠାମାନଙ୍କ ଦ୍ୱାରା ବ୍ୟବହୃତ କେତୋଟି ଅସ୍ତ୍ରଶସ୍ତ୍ର

ଆମେ ପୂର୍ବରୁ ଜାଣିବାଭଳି ଯେ ମରାଠା ଶକ୍ତିର ମୂଳ ଆଧାର ଥିଲା ଫୋର୍ଟ ବା ଦୁର୍ଗ । ଶିବାଜୀ ଅନେକ ଦୁର୍ଗ ନିର୍ମାଣ କରି ସେଗୁଡ଼ିକୁ ନିଜ ନିୟନ୍ତ୍ରଣରେ ରଖିଥିଲେ । କାରଣ ସେ ଜାଣିଥିଲେ ଗରିଲା ଯୁଦ୍ଧ ସମୟରେ ସୈନ୍ୟମାନଙ୍କର ରହଣୀ ଓ ଜଙ୍ଗଲ ମଧ୍ୟରେ ନିର୍ଦ୍ଦିଷ୍ଟ ପଥ ନିର୍ବାଚନରେ ଦୁର୍ଗଗୁଡ଼ିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା ।


ଶିବାଜୀଙ୍କର ଅର୍ଥମନ୍ତ୍ରୀ ରାମଚନ୍ଦ୍ର ପନ୍ତ ଅମାତ୍ୟଙ୍କର ଆଜ୍ଞାପତ୍ର(ରାଜାଙ୍କ ଘୋଷଣାନାମା)ରେ ଉଲ୍ଲେଖ ଅଛି : "ଦୁର୍ଗଗୁଡ଼ିକ ରାଜ୍ୟର କେନ୍ଦ୍ରବିନ୍ଦୁ ଥିଲା । ଦୁର୍ଗଗୁଡ଼ିକ ନଥିଲେ ସାମରିକ ଅଭିଯାନର ପ୍ରବେଶ ପଥରେ ସ୍ଥଳଭାଗ ବିଧ୍ୱଂସ ହୋଇଯାଏ । ତେଣୁକରି ପୂର୍ବର ରାଜାମାନେ ନିଜ ଦେଶକୁ ସୁରକ୍ଷିତ ରଖିବା ନିମନ୍ତେ ଅଧିକରୁ ଅଧିକ ଦୁର୍ଗ ନିର୍ମାଣକୁ ଗୁରୁତ୍ୱ ଦେଉଥିଲେ । ମରାଠା ରାଜ୍ୟର ପ୍ରତିଷ୍ଠାତା ମହାନ ଗୁରୁ ଶିବାଜୀ କେବଳ ଦୁର୍ଗଗୁଡ଼ିକୁ ନେଇ 'ମରାଠା ରାଜ୍ୟ'ର ଭିତ୍ତିଭୂମି ସ୍ଥାପନ କରିଥିଲେ । ଆଉରଙ୍ଗଜେବଙ୍କ ପରି ବଡ଼ ବଡ଼ ଦୁର୍ଦ୍ଧଷ ଶତ୍ରୁମାନେ ଏହି ରାଜ୍ୟକୁ ଆକ୍ରମଣ କରିଛନ୍ତି, ବିଜାପୁର ଓ ଭାଗ୍ୟନଗର ପରି ବିଶାଳ ସାମ୍ରାଜ୍ୟକୁ ଅଧିକାର କରିଛନ୍ତି ।"

କିନ୍ତୁ ଦଶନ୍ଧି ଧରି ଆକ୍ରମଣର ଶିକାର ହୋଇଥିଲେ ମଧ୍ୟ କେବଳ ଦୁର୍ଗଗୁଡ଼ିକ ଯୋଗୁଁ(ମରାଠା) ରାଜ୍ୟ ତିଷ୍ଠି ରହିପାରିଥିଲା ।

ସାମୁଦ୍ରିକ ଆଧିପତ୍ୟ

ଆମେ ଦେଖିବା ଭଳି ପଶ୍ଚିମ ଉପକୂଳର ସୁରକ୍ଷା ନିମିତ୍ତ ଶିବାଜୀ ଏକ ନୌବାହିନୀ ଗଠନ କରିଥିଲେ । ଅଷ୍ଟାଦଶ ଶତାବ୍ଦୀରେ କାହ୍ନୋଜୀ ଆଙ୍ଗ୍ରେଙ୍କ ମାର୍ଗ ଦର୍ଶନରେ ମରାଠାମାନେ ଅନେକ ନୌଯୁଦ୍ଧରେ ବିଜୟ ଲାଭ କରିଥିଲେ । ଯଦିଓ ୟୁରୋପୀୟମାନଙ୍କ ଭଳି ମରାଠାମାନଙ୍କର ଯୁଦ୍ଧ ନୀତିଗୁଡ଼ିକ ବୈଷୟିକ ଜ୍ଞାନ ଦୃଷ୍ଟିକୋଣରୁ ଏତେ ଶକ୍ତିଶାଳୀ ନଥିଲେ ମଧ୍ୟ ଭୌଗୋଳିକ ସ୍ଥିତି ଓ ଯୁଦ୍ଧ କୌଶଳକୁ ଅତି ଚତୁର ଭାବରେ ବିନିଯୋଗ କରି ସେମାନେ ଯୁଦ୍ଧରେ ବିଜୟଲାଭ କରିପାରୁଥିଲେ ।

ସେତେବେଳେ ୟୁରୋପୀୟମାନଙ୍କର ପ୍ରମୁଖ ଶକ୍ତି ଓ ସାମର୍ଥ୍ୟ ସେମାନଙ୍କର ନୌବାହିନୀ ଉପରେ ନିର୍ଭର କରୁଥିଲା । ସେମାନେ ସେମାନଙ୍କର ନୌବାଣିଜ୍ୟ ପ୍ରବେଶ ପତ୍ର (ପର୍ତ୍ତୁଗୀଜରେ କାର୍ତାଜ) ଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ମୂଲ୍ୟରେ କିଣିବା ପାଇଁ ଭାରତୀୟମାନଙ୍କୁ ବାଧ କରୁଥିଲେ । ବିନା ପ୍ରବେଶ ପତ୍ରରେ ଆସୁଥିବା ଜାହାଜଗୁଡ଼ିକୁ ବାଜ୍ୟାପ୍ତ କରି ନିଆଯାଉଥିଲା । ମରାଠାମାନେ ଏହି ବ୍ୟବସ୍ଥାକୁ ଦୃଢ଼ ବିରୋଧ କଲେ ଏବଂ କାହ୍ନୋଜୀ ଆଙ୍ଗ୍ରେଙ୍କୁ ଜଣେ "ଜଳଦସ୍ୟୁ" କହି ନିଜର ହତାଶା ଭାବକୁ ପ୍ରକଟ କରୁଥିବା ଇଂରେଜମାନଙ୍କଠାରୁ ସେମାନଙ୍କର ପରିଚୟ ପତ୍ର ଦାବି କଲେ ।



ଚିତ୍ର 3.17 : - ଇଂରେଜ ଜାହାଜକୁ ମରାଠା ଜାହାଜଗୁଡ଼ିକ ସମୁଦ୍ର ମଧ୍ୟରେ ଆକ୍ରମଣ କରୁଥିବାର ଦୃଶ୍ୟ

ମନେ ରଖ

1665 ମସିହାରେ ଶିବାଜୀଙ୍କ ଜାହାଜ ମଧ୍ୟରୁ ଚାରୋଟି ଜାହାଜ ଓମାନ୍‌ର ରାଜଧାନୀ ମସ୍‌କାଟ୍‌ରେ ପହଞ୍ଚିଲା । ସେଠାକାର ଶାସକ ଜାହାଜଗୁଡ଼ିକୁ କବ୍‌ଜା କରିନେଲେ ଏବଂ ସେଥିରେ ଥିବା ବ୍ୟକ୍ତିମାନଙ୍କୁ ବନ୍ଦୀ କଲେ । ଆହୁରି ମଧ୍ୟ ଶିବାଜୀଙ୍କ ଅଧିକୃତ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳଗୁଡ଼ିକ ଉପରେ ଆକ୍ରମଣ ପାଇଁ ସେ କେତେଗୁଡ଼ିଏ ଜାହାଜକୁ ପ୍ରସ୍ତୁତ କଲେ । କିନ୍ତୁ ଶିବାଜୀଙ୍କ ନୌହାହିନୀରେ ଶତାଧିକ ଜାହାଜ ଥିବା ଜାଣି, ସେଠାକାର ଶାସକ ନିଜର ଜାହାଜଗୁଡ଼ିକୁ ବନ୍ଦର ଭିତରକୁ ପଛଘୁଞ୍ଚା ଦେଲେ ।

ବିଚାର ବ୍ୟବସ୍ଥା

ମରାଠାମାନଙ୍କର ଏକ ସୁଦୃଢ଼ ଏବଂ ଫଳପ୍ରଦ ବିଚାର ବ୍ୟବସ୍ଥା ଥିଲା । ମୃତ୍ୟୁଦଣ୍ଡ ସୀମିତ ଭାବେ ହେବା ଉଲ୍ଲେଖନୀୟ ଥିଲା । କେତେକ ସ୍ଥାନୀୟ କର୍ମଚାରୀଙ୍କ ସହିତ ପ୍ରମୁଖ ବ୍ୟକ୍ତିଙ୍କୁ ନେଇ ଗଠିତ ହୋଇଥିବା ପଞ୍ଚାୟତ(ଆଧୁନିକ ସମୟରେ ସରକାରୀ ସଂସ୍ଥା 'ପଞ୍ଚାୟତ' ନୁହେଁ) ବିଭିନ୍ନ ଅପରାଧରେ ବିଚାର କରି ଦଣ୍ଡବିଧାନ କରୁଥିଲେ । କୌଣସି ବିଚାରରେ ଅସନ୍ତୋଷ ଦେଖାଦେଲେ ମରାଠା ମୁଖ୍ୟ ବା ମୁଖ୍ୟ ଶାସକଙ୍କ ନିକଟରେ ଅଭିଯୋଗ କରାଯାଇ ପାରୁଥିଲା । ଏଥିସହିତ ପୁନେ, ଇନ୍ଦୋର ପରି ବଡ଼ବଡ଼ ସହର ମାନଙ୍କରେ ନିଯୁକ୍ତ କୋତ୍ୱାଲ୍ ବା ପୋଲିସ୍‌ମାନେ ଆଇନ ବ୍ୟବସ୍ଥାର ତଦାରଖ କରୁଥିଲେ ।

ବାଣିଜ୍ୟ ସମ୍ପର୍କ

ଶିବାଜୀ ବାଣିଜ୍ୟକୁ ଉତ୍ସାହିତ କରୁଥିଲେ ଏବଂ ନିଜେ ବୈଦେଶିକ ସାମୁଦ୍ରିକ ବାଣିଜ୍ୟରେ ସକ୍ରିୟ ଅଂଶ ଗ୍ରହଣ କରୁଥିଲେ । ତାଙ୍କର ଏବଂ ତାଙ୍କ କର୍ମଚାରୀମାନଙ୍କର ନିଜସ୍ୱ ଜାହାଜସବୁ ରହିଥିଲା ଯାହା ନିୟମିତ ଭାବରେ ୟେମେନ୍‌ର ମୋଚା, ଓମାନ୍‌ର ମସକାଟ୍ ଏବଂ ମାଲେସିଆର ମାଲାକା ଆଦି ଦେଶର ବନ୍ଦରଗୁଡ଼ିକୁ ପଠାଯାଉଥିଲା । ଏମାନଙ୍କ ଭିତରୁ କେତେକ ଜାହାଜ ମୂଲ୍ୟବାନ ବସ୍ତ୍ର ଏବଂ ସ୍ୱର୍ଣ୍ଣ ଇତ୍ୟାଦି ଦ୍ରବ୍ୟ ନେଇ ଯାତ୍ରା କରୁଥିଲା । ରାସ୍ତା ନିର୍ମାଣ ଓ ଏହାର ରକ୍ଷଣାବେକ୍ଷଣ ହେଉଥିଲା । 18ଶ ଶତାବ୍ଦୀରେ ଓଡ଼ିଶାରେ ଡଙ୍ଗା ସାହାଯ୍ୟରେ ଜଳ ପଥରେ ବାଣିଜ୍ୟ କାରବାର ହେଉଥିଲା । ନଦୀ ଓ ଛୋଟ ନାଳ ଉପରେ ପୋଲମାନ ନିର୍ମାଣ କରାଯାଇଥିଲା ।

ସାଂସ୍କୃତିକ ପୁନରୁତ୍‌ଥାନ

ଭାରତର ସାଂସ୍କୃତିକ ବିକାଶରେ ମରାଠାମାନଙ୍କର ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ସଂସ୍କୃତରେ ଲିଖିତ ଏକ ପ୍ରଚଳିତ ପର୍ସିଆନ୍ ସିଲ୍ ଅଭିଲେଖରେ ଶିବାଜୀଙ୍କର 'ସ୍ୱରାଜ୍ୟ' ସମ୍ପର୍କିତ ଚିନ୍ତାଧାରା ପ୍ରକଟିତ ହୋଇଛି । ଏଥିରେ ଲେଖାଅଛି –''ସାହଜୀଙ୍କ ପୁତ୍ର ଶିବାଜୀଙ୍କର ଏହି ସିଲ୍‌ଟି ଅମାବାସ୍ୟା ପରେ ବୃଦ୍ଧି ପାଉଥିବା ଚନ୍ଦ୍ରମା ପରି ଜନମଙ୍ଗଳକାରୀ ଶାସନ ପାଇଁ ସାରା(ବିଶ୍ୱସାରା) ଗୃହୀତ ଓ ସମ୍ମାନୀତ ହୋଇଛି । ଶିବାଜୀ "ରାଜ୍ୟ–ବ୍ୟବହାର କୋଷ" ନାମକ ଗ୍ରନ୍ଥ ରଚନା କରିଥିଲେ ଯେଉଁଥିରେ ସେ ମରାଠୀ ଭାଷାର ପ୍ରୋତ୍ସାହନକୁ ଅଗ୍ରାଧିକାର ଦେଇଥିଲେ । କୂଟନୈତିକ ଆଦାନ ପ୍ରଦାନ କ୍ଷେତ୍ରରେ ପ୍ରଚଳିତ ପର୍ସିଆନ୍ ଶବ୍ଦ ପାଇଁ ଏହା ସଂସ୍କୃତର ବିକଳ୍ପ ଭାବରେ କାର୍ଯ୍ୟ କରିଥିଲା । ଯାହାଫଳରେ ମରାଠା ରାଜନୀତିରେ ବ୍ୟବହୃତ ହେଉଥିବା ବିଦେଶୀ ପାର୍ସୀ ଶବ୍ଦର ମାତ୍ରାଧିକ ବ୍ୟବହାର ବହୁ ପରିମାଣରେ କମିଯାଇଥିଲା ।




ଚିତ୍ର 3.18 : – ଶିବାଜୀଙ୍କ ମୋହର(ସିଲ୍)

ଶିବାଜୀ ହିନ୍ଦୁ ଧର୍ମାବଲମ୍ବୀ ହୋଇଥିଲେ ମଧ୍ୟ ଅନ୍ୟ ସମସ୍ତ ଧର୍ମକୁ ସମ୍ମାନ ଜଣାଉଥିଲେ । ତାଙ୍କର କେଶର ରଙ୍ଗର ଧ୍ୱଜା ବା ପତାକାକୁ ସମସ୍ତ ମରାଠା ଗ୍ରହଣ କରିଥିଲେ । ସେ ଅନେକ ଭଗ୍ନ ଅବସ୍ଥାରେ ଥିବା ମନ୍ଦିରକୁ ପୁନଃ ନିର୍ମାଣ କରାଇଥିବାବେଳେ ସଂସ୍କୃତ ଓ ମରାଠୀ ସାହିତ୍ୟ; ବିଭିନ୍ନ ଧର୍ମାନୁଷ୍ଠାନ ଏବଂ ପାରମ୍ପରିକ କଳାର ପୃଷ୍ଠପୋଷକତା କରିଥିଲେ ।

ପ୍ରାଚୀନ ଭାରତୀୟ ସଂସ୍କୃତି ଏବଂ ମୂଲ୍ୟବୋଧର ପୁନରୁତ୍ଥାନ ପାଇଁ ତାଙ୍କର ଅବଦାନ ସର୍ବୋତ୍କୃଷ୍ଟ ଥିଲା । ସେ ଲୋକମାନଙ୍କୁ ବିଭିନ୍ନ ପ୍ରଦର୍ଶନ ମାଧ୍ୟମରେ ବୁଝାଇଥିଲେ ଯେ ଶକ୍ତିଶାଳୀ ରାଜ୍ୟ ବା ସାମ୍ରାଜ୍ୟଗୁଡ଼ିକ ପରାଜିତ ହୋଇପାରନ୍ତି କିନ୍ତୁ ମରାଠାମାନେ ସେମାନଙ୍କ ନିଜ ସାମ୍ରାଜ୍ୟର ପରିଚାଳନା, ପ୍ରସାର ଓ ଶାସନ କରିବାରେ ନିଜେ ହିଁ ସକ୍ଷମ ।


ଶକ୍ତିଶାଳୀ ମରାଠା ମହିଳା



ଚିତ୍ର 3.19: – ଯୁଦ୍ଧ କ୍ଷେତ୍ରରେ ତାରାବାଈ । (ଏମ୍.ଭି. ଧୂରନ୍ଧରଙ୍କ ଦ୍ୱାରା ଅଙ୍କିତ ଏକ ଚିତ୍ର)

ତାରାବାଈ ଥିଲେ ଜଣେ ନିର୍ଭୟୀ ମରାଠା ବୀର ରମଣୀ ଯେ ଅଷ୍ଟାଦଶ ଶତାବ୍ଦୀ ଆରମ୍ଭରେ ନିଜର ସ୍ୱାମୀ ରାଜାରାମଙ୍କ ମୃତ୍ୟୁ ପରେ ଶାସନ ଦାୟିତ୍ୱ ଗ୍ରହଣ କରିଥିଲେ । ଯେତେବେଳେ ସେ ଜାଣିଲେ ଯେ ଆଉରଙ୍ଗଜେବ ଏବଂ ତାଙ୍କର ମୋଗଲ ବାହିନୀ ଦାକ୍ଷିଣାତ୍ୟରେ ଡେରା ପକାଇଛନ୍ତି ଏବଂ ଉତ୍ତର ଭାରତ ଅସୁରକ୍ଷିତ ରହିଛି, ସେ ନିଜର ବିଶାଳ ମରାଠା ବାହିନୀକୁ ସଂଗଠିତ କରି ଉତ୍ତରରେ ଥିବା ମୋଗଲ ଅଞ୍ଚଳଗୁଡ଼ିକୁ ଆକ୍ରମଣ କରିବାକୁ ନିର୍ଦ୍ଦେଶ ଦେଲେ । ତାଙ୍କର ରଣନୀତି ଓ ଦୃଢ଼ ମନୋବଳ ମୋଗଲ ସାମ୍ରାଜ୍ୟକୁ ପ୍ରତିହତ କରିବା ସହିତ ଗୁରୁତ୍ୱପୂର୍ଣ୍ଣ ସମୟରେ ମରାଠା ସ୍ୱାଧୀନତାକୁ ସୁରକ୍ଷିତ ରଖିଥିଲା ।

ଅହଲ୍ୟାବାଈ ହୋଲ୍‌କାର ଥିଲେ ହୋଲ୍‌କାର ରାଜବଂଶର ବଂଶଜ ଏବଂ ଉତ୍ତର ଭାରତରେ ମରାଠା ଶକ୍ତିର ପ୍ରସାରରେ ଯେଉଁ କେତୋଟି ପରିବାରର ପ୍ରମୁଖ ଭୂମିକା ରହିଥିଲା, ସେମାନଙ୍କ ଭିତରେ ସେ ଥିଲେ ମୁଖ୍ୟ ସୂତ୍ରଧର । ଅଷ୍ଟାଦଶ ଶତାବ୍ଦୀରେ ଏହି ରାଜବଂଶ ମଧ୍ୟ ଭାରତର ଅଧିକାଂଶ ଅଞ୍ଚଳ ବିଶେଷକରି ବର୍ତ୍ତମାନର ଇନ୍ଦୋର ନିକଟବର୍ତ୍ତୀ ଅଞ୍ଚଳରେ ଶାସନ କରୁଥିଲେ । ଏପରିକି ନିଜର ସ୍ୱାମୀ ଓ ପୁତ୍ରଙ୍କ ମୃତ୍ୟୁପରେ ଅତି ସାହାସର ସହିତ ଦୀର୍ଘ ତିରିଶ ବର୍ଷ ଧରି ରାଜ୍ୟ ଶାସନ କରିବା ସହିତ ସାଧାରଣ ଜନତାଙ୍କ ସ୍ୱାର୍ଥକୁ ଅତି ବିଜ୍ଞତାର ସହିତ ଧ୍ୟାନ ଦେଇଥିଲେ । ଅହଲ୍ୟାବାଈ ଜଣେ ଧର୍ମପ୍ରାଣା ମହିଳା ଥିଲେ ଏବଂ ଉତ୍ତରରେ କେଦାରନାଥଠାରୁ ଦକ୍ଷିଣରେ ରାମେଶ୍ୱରମ୍ ପର୍ଯ୍ୟନ୍ତ ଶହ ଶହ ମନ୍ଦିର ନିର୍ମାଣ ଓ ପୁନରୁଦ୍ଧାର ସହିତ ସମଗ୍ର ଭାରତରେ ଅନେକ ଘାଟ, କୂପ ଏବଂ ରାସ୍ତା ନିର୍ମାଣ କରାଇଥିଲେ ।




ଚିତ୍ର 3.20: – ଅହଲ୍ୟାବାଈ ହୋଲ୍‌କାରଙ୍କ ସମ୍ମାନାର୍ଥେ ପ୍ରକାଶିତ ଏକ ଡାକ ଟିକଟ

ସବୁଠାରୁ ଉଲ୍ଲେଖନୀୟ ଘଟଣା ହେଉଛି କାଶୀ ବିଶ୍ୱନାଥ ମନ୍ଦିରର ପୁନଃ ନିର୍ମାଣ ଯାହାକୁ ଆଉରଙ୍ଗଜେବ ଧ୍ୱଂଶ କରିଥିଲେ ଏବଂ ଅନ୍ୟଟି ହେଉଛି ଗୁଜୁରାଟର ସୋମନାଥ ମନ୍ଦିର ଯାହାକୁ ଗଜନୀର ମାମୁଦ ଧ୍ୱଂସବିଧ୍ୱଂସ କରିଦେଇଥିଲେ । ଏଥି ସହିତ ମଧ୍ୟପ୍ରଦେଶର ମହେଶ୍ୱର ବୟନ ଶିଳ୍ପର ବିକାଶ ନିମନ୍ତେ ପ୍ରୋତ୍ସାହନ ଦେବାର ଶ୍ରେୟ ଅହଲ୍ୟାବାଈ ହୋଲକାରଙ୍କୁ ଦିଆଯାଇଥାଏ, ଯାହା ଆଜି ମଧ୍ୟ ପାରମ୍ପରିକ ହସ୍ତତନ୍ତ୍ରକୁ ଏକ ନୂତନ ଦିଗନ୍ତ ଦେବାରେ ସକ୍ଷମ ହୋଇଛି ।

ମନେ ରଖ

ମୋଦି ଲିପି(ଦେବନାଗରୀର ଏକ କରଣୀ ରୂପ) ମରାଠାମାନେ ସେମାନଙ୍କର ପତ୍ରାଳାପ ପାଇଁ ବ୍ୟବହାର କରୁଥିବା ଏକ ଲିପି ।



ଚିତ୍ର 3.21: - ଛତ୍ରପତି ସାହୁ ମହାରାଜଙ୍କର ହାତ ଲେଖା ମୋଦି ଲିପିର ଏକ ନମୂନା

ଶିବାଜୀଙ୍କର ଉଦାହରଣ ତାଙ୍କର ଉତ୍ତରାଧିକାରୀମାନଙ୍କୁ ପ୍ରେରଣା ଦେଉଥିଲା । ଉଦାହରଣ ସ୍ୱରୂପ, ନାଗପୁରର ଭୋନ୍‌ସଲେମାନେ ସ୍ଥାନୀୟ ସଂସ୍କୃତି ଓ ପରମ୍ପରାର ଉତ୍ସାହୀ ସମର୍ଥକ ଥିଲେ । ଓଡ଼ିଶାର ପୁରୀରେ ଜଗନ୍ନାଥଙ୍କର ପୂଜା ଯାହା ମୋଗଲମାନଙ୍କ ସମୟରେ ବାଧାପ୍ରାପ୍ତ ହୋଇଥିଲା, ତାହା ମରାଠାମାନଙ୍କ ସମର୍ଥନରେ ପୁନର୍ଜୀବିତ ହୋଇପାରିଥିଲା । କିନ୍ତୁ ବୋଧହୁଏ ସବୁଠାରୁ ବଡ଼ ପ୍ରଭାବଶାଳୀ ଅବଦାନ କିଛି ପ୍ରଭାବଶାଳୀ ଉଲ୍ଲେଖନୀୟ ମରାଠା ମହିଳାମାନଙ୍କଠାରୁ ଆସିଥିଲା । ଆସ ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କ ବିଷୟରେ ଜାଣିବା(ପୂର୍ବ ପୃଷ୍ଠା ଦେଖ) ।

ତାଞ୍ଜାଭୁର୍ ସମ୍ପର୍କରେ

ସାଂସ୍କୃତିକ ଅବଦାନର ଆଉ ଏକ ଉଦାହରଣ ଦେଖିବା ପାଇଁ ଆସ ଦକ୍ଷିଣ ଦିଗକୁ ଯିବା । ଶିବାଜୀଙ୍କର ସାବତ ଭାଇ ଏକୋଜୀ 17ଶ ଶତାବ୍ଦୀର ଶେଷ ଭାଗରେ ତାଞ୍ଜାଭୁର୍ ଅଞ୍ଚଳ (ବର୍ତ୍ତମାନର ତାମିଲନାଡୁରେ) ବିଜୟ କରିଥିଲେ, ତାହା ଏହି ଅଞ୍ଚଳରେ ମରାଠା ଶାସନର ଆରମ୍ଭକୁ ସୂଚାଏ । ତାଞ୍ଜାଭୁର୍‌ର ମରାଠାମାନେ ବିଶେଷ ଭାବରେ ଏକ ସମନ୍ୱୟବାଦୀ ସଂସ୍କୃତିକୁ ସୃଷ୍ଟି କରିବାରେ ସାହାଯ୍ୟ କରିଥିଲେ ଯାହା ଏକ ସମୃଦ୍ଧ ଏବଂ ନୂତନତ୍ୱରେ ପରିପୂର୍ଣ୍ଣ ଥିଲା । ସେମାନେ କଳାର ମହାନ ପୃଷ୍ଠପୋଷକ ଥିଲେ ଏବଂ ଅନେକ ଶାସକ ନିଜେ କବି ଓ ନାଟ୍ୟକାର ଥିଲେ ।



ଚିତ୍ର 3.22: - ଏକ ପାରମ୍ପରିକ ତାଞ୍ଜାଭୁର୍ ଶୈଳୀର ଚିତ୍ରକଳା, ଯାହାକୁ ସୁନା ଫଏଲ୍ ଦ୍ୱାରା ଆବରଣ କରାଯାଇ ଏକ ସମୃଦ୍ଧ, ଉଜ୍ଜ୍ୱଳ ଦୃଶ୍ୟ ପ୍ରଦାନ କରାଯାଇଛି । ଏହି ଶୈଳୀ ମରାଠାମାନଙ୍କ ପୃଷ୍ଠପୋଷକତାରେ ସୃଷ୍ଟି ହୋଇଥିଲା ।

ଆସ ଅନୁସନ୍ଧାନ କରିବା

ତୁମେ ଭାରତନାଟ୍ୟମ୍ ନୃତ୍ୟ ରୂପ ସମ୍ପର୍କରେ ଶୁଣିଛ କି ? ତୁମେ କ'ଣ ଜାଣିଛ ଯେ ଏହି ନୃତ୍ୟ ରୂପ ସହିତ ମରାଠାମାନଙ୍କର ଗଭୀର ସମ୍ପର୍କ ରହିଥିଲା ? ଏହି ସମ୍ପର୍କ କ'ଣ ଥିଲା ତୁମେ ସନ୍ଧାନ କରିପାରିବ କି?

ତାଞ୍ଜାଭୁର୍‌ର ସମସ୍ତ ମରାଠା ଶାସକମାନଙ୍କ ମଧ୍ୟରୁ ସେରଫୋଜୀ ଦ୍ୱିତୀୟଙ୍କର ଅବଦାନ ସବୁଠାରୁ ଉଲ୍ଲେଖନୀୟ ଥିଲା । ସେ ଅନେକ ଭାରତୀୟ ଏବଂ ୟୁରୋପୀୟ ଭାଷାକୁ ଜାଣିଥିଲେ ଏବଂ 'ଦେବେନ୍ଦ୍ର କୁରଞ୍ଜି' ନାମକ ଏକ ମରାଠୀ ନାଟକ ରଚନା କରିଥିଲେ । ଏଥିରେ ସେ ସେତେବେଳର ପୃଥିବୀର ଭୂଗୋଳକୁ ବିସ୍ତାରିତ ଭାବରେ ବର୍ଣ୍ଣନା କରିଥିଲେ । ସେରଫୋଜୀ ଅନେକ ପ୍ରତିଭାଶାଳୀ ସଙ୍ଗୀତଜ୍ଞଙ୍କର ପୃଷ୍ଠପୋଷକତା କରିଥିଲେ ଏବଂ ତାଙ୍କ ସମୟରେ ଆଧୁନିକ କର୍ଣ୍ଣାଟକୀ ସଙ୍ଗୀତ ସ୍ୱତନ୍ତ୍ର ରୂପ ନେଇଥିଲା, ଯେପରିକି ପ୍ରସିଦ୍ଧ ଶାସ୍ତ୍ରୀୟ ନୃତ୍ୟ **'ଭାରତନାଟ୍ୟମ୍'** ର ପ୍ରାରମ୍ଭିକ ପର୍ଯ୍ୟାୟର ରୂପ ହୋଇଥିଲା ।



ଚିତ୍ର 3.23: - ଭୋନ୍ସ୍‌ଲେ ପରିବାରର ଇତିହାସକୁ ରେକର୍ଡ୍ କରୁଥିବା ବୃହଦୀଶ୍ୱର ମନ୍ଦିରର ଏକ କାନ୍ଥରେ ମରାଠୀ ଶିଳାଲେଖ ।

ସେରଫୋଜୀ ଚିକିତ୍ସା ବିଜ୍ଞାନ ପ୍ରତି ବହୁତ ଆଗ୍ରହୀ ଥିଲେ ଏବଂ ଧନ୍ୱନ୍ତରୀ ମହଲ ପ୍ରତିଷ୍ଠା କରିଥିଲେ, ଯାହା ଏକ ଚିକିତ୍ସା କେନ୍ଦ୍ର ଥିଲା ଏବଂ ଉଭୟ ଭାରତୀୟ ଓ ପାଶ୍ଚାତ୍ୟ ଔଷଧ ବ୍ୟବହାର କରି ମାଗଣା ଚିକିତ୍ସା ପ୍ରଦାନ କରୁଥିଲା । ସେ ଏକ ମୁଦ୍ରଣାଳୟ ମଧ୍ୟ ଆରମ୍ଭ କରିଥିଲେ ଯାହା ଜଣେ ସ୍ୱଦେଶୀ ଶାସକଙ୍କ ଦ୍ୱାରା ଭାରତରେ ପ୍ରଥମ ଥିଲା । ସେ ତାଞ୍ଜାଭୁର୍‌ର ବୃହଦୀଶ୍ୱର ମନ୍ଦିରର କାନ୍ଥରେ ଭୋନ୍ସ୍‌ଲେ ପରିବାରର ଇତିହାସ ଲିପିବଦ୍ଧ କରିଥିଲେ । ଏହା ଭାରତର ସବୁଠାରୁ ବଡ଼ ଏକକ ଶିଳାଲେଖ ହେବା ସହିତ ଭବିଷ୍ୟତ ପାଇଁ ଏକ ରେକର୍ଡ଼ ଥିଲା । ତାଞ୍ଜାଭୁର୍‌ର ସାଂସ୍କୃତିକ ପରିବେଶ ବିଭିନ୍ନ ପ୍ରଭାବର ମିଶ୍ରଣ ସହିତ ବହୁଭାଷୀ ଥିଲା । ସ୍ଥାନୀୟ ତାମିଲ ସଂସ୍କୃତି, ପୂର୍ବତନ ଶାସକଙ୍କ ତେଲୁଗୁ ସଂସ୍କୃତି ଏବଂ ବର୍ତ୍ତମାନର ଶାସକଙ୍କର ମରାଠା ସଂସ୍କୃତି ପରସ୍ପର ସହିତ ମୁକ୍ତ ଭାବରେ ମିଳିମିଶି ରହୁଥିଲେ ।

ମରାଠା ଉତ୍ତରାଧିକାର

ଇଂରେଜମାନେ ଭାରତ ଉପମହାଦେଶ ଅଧିକାର କରିବା ପୂର୍ବରୁ ମରାଠା ଶାସନ, ମୋଗଲ ପ୍ରାଧାନ୍ୟତା ପ୍ରତିହତ କରିବା ସହିତ ସର୍ବବୃହତ ଭାରତୀୟ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲା ଏବଂ କେନ୍ଦ୍ରୀୟ ଓ ଉତ୍ତର ଭାରତର ଅଧିକାଂଶ ଅଞ୍ଚଳ ନିଜ ନିୟନ୍ତ୍ରଣରେ ରଖିଥିଲା । ସେମାନେ ଏକ ଦକ୍ଷ ପ୍ରଶାସନ ସହିତ ଶାସନ କରିବାର ଏକ ନୂତନ ଉପାୟ ସ୍ଥାପନ କରି ଧାର୍ମିକ ଭେଦଭାବ ବିନା ସ୍ଥାନୀୟ ହିନ୍ଦୁ ପରମ୍ପରାକୁ ପୁନର୍ଜୀବିତ କରିଥିଲେ । ଦୃଢ଼ ସ୍ୱରାଜ୍ୟର ଭାବଧାରାରେ ଅନୁପ୍ରାଣୀତ ହୋଇ ସେମାନେ ଦମନକାରୀ ଶାସନ ଏବଂ ବିଦେଶୀ ଶକ୍ତି ବିରୁଦ୍ଧରେ ଲଢ଼େଇ ଜାରି ରଖିଥିଲେ । ପରେ ଏହା ଅନେକ ଭାରତୀୟଙ୍କୁ ବିଶ୍ୱାସ କରିବାକୁ ପ୍ରେରଣା ଦେଇଥିଲା ଯେ ସେମାନେ ନିଜକୁ ଶାସନ କରିପାରିବେ । ଏହି ଭାବନା ପରବର୍ତ୍ତୀ ସମୟରେ ଭାରତର ସ୍ୱାଧୀନତା ଆନ୍ଦୋଳନର ପ୍ରାରମ୍ଭିକ ବୀଜ ବପନ କରିଥିଲା ।



ଶେଷ କରିବା ପୂର୍ବରୁ...

→ ଛତ୍ରପତି ଶିବାଜୀ ମହାରାଜ 17ଶ ଶତାବ୍ଦୀରେ ମରାଠା ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ । ଦୀର୍ଘ ଦଶନ୍ଧି ଧରି ମୋଗଲମାନଙ୍କର ପ୍ରତିରୋଧ ଏବଂ ଏଥିରୁ ଲାଭ କରିଥିବା ଅଭିଜ୍ଞତା ଅଷ୍ଟାଦଶ ଶତାବ୍ଦୀର ସର୍ବ-ଭାରତୀୟ ସାମ୍ରାଜ୍ୟ ବିସ୍ତାରରେ ସହାୟକ ହୋଇଥିଲା ।

→ ଇଂରେଜମାନେ ଅନ୍ୟ କୌଣସି ଭାରତୀୟ ଶକ୍ତି ଅପେକ୍ଷା ମରାଠାମାନଙ୍କ ଠାରୁ ଅଧିକ ଦକ୍ଷତାର ସହିତ କ୍ଷମତା ଅକ୍ତିଆର କରିଥିଲେ ।

→ ଦୁର୍ଗଗୁଡ଼ିକ ଥିଲା ମରାଠା ରାଜ୍ୟର ମୂଳ ଶକ୍ତି । ଶହଶହ ଦୁର୍ଗକୁ ନିଜ ନିୟନ୍ତ୍ରଣକୁ ଆଣି ଏହି ସବୁ ଅଞ୍ଚଳ ଉପରେ ସେମାନଙ୍କର ଆଧିପତ୍ୟ ବିସ୍ତାର କରିବାରେ ସକ୍ଷମ ହୋଇଥିଲେ ।

→ ସେତେବେଳର ସର୍ବଶେଷ ପ୍ରଯୁକ୍ତିବିଦ୍ୟାର ଅଭାବ ସତ୍ତ୍ୱେ ମରାଠା ନୌସେନା ଶକ୍ତିଶାଳୀ ୟୁରୋପୀୟ ନୌସେନାକୁ ଦୀର୍ଘ ସମୟ ଧରି ପ୍ରତିରୋଧ କରି ଆସିଥିଲା ।

→ ମରାଠାମାନେ ବିଭିନ୍ନ ଅଞ୍ଚଳର ଭାରତୀୟମାନଙ୍କ ମଧ୍ୟରେ ଏକ ନୂତନ ସାଂସ୍କୃତିକ ଆତ୍ମବିଶ୍ୱାସ ଜାଗରଣ କରିବା ସହିତ ସାଂସ୍କୃତିକ ପୁନରୁଦ୍ଧାର ଓ ନବସୃଜନରେ ସହାୟକ ହୋଇଥିଲା ।

ପ୍ରଶ୍ନାବଳୀ, ଅଭ୍ୟାସ କାର୍ଯ୍ୟ ଏବଂ ପ୍ରକଳ୍ପ



1. ଆରାବଳୀ ପର୍ବତମାଳା ଅଧ୍ୟୟନ କରୁଥିବା ଜଣେ ଐତିହାସିକ ଦେଖିଲେ ଯେ, ସଂକୀର୍ଣ୍ଣ ହଳଦୀଘାଟ ପଥକୁ ଏକ ଶକ୍ତିଶାଳୀ ସେନା ବିରୁଦ୍ଧରେ ଅତର୍କୀତ ଆକ୍ରମଣ ରଣନୀତି ପାଇଁ କୌଶଳପୂର୍ଣ୍ଣ ଭାବରେ ବ୍ୟବହାର କରାଯାଉଥିଲା । ଏହି ସଂକୀର୍ଣ୍ଣ ପଥ ମୁଖ୍ୟତଃ କେଉଁଥିପାଇଁ ପ୍ରସିଦ୍ଧ ଥିଲା ?

   A) ତାଲିକୋଟା ଯୁଦ୍ଧ ( )

   B) ମହାରଣା ପ୍ରତାପଙ୍କ ଗରିଲା ଯୁଦ୍ଧ

   C) ଚିତ୍ତୋରଗଡ଼ ଦୁର୍ଗରେ ଜୌହର

   D) ଦ୍ୱିତୀୟ ପାନିପଥ ଯୁଦ୍ଧ

2. ଶିବାଜୀଙ୍କ ବ୍ୟବସ୍ଥାରେ ଅଧିକାରୀମାନଙ୍କୁ ସାମୟିକଭାବେ କାହିଁକି ବଦଳି କରାଯାଉଥିଲା ? ( )

A) ସେମାନଙ୍କୁ ବିଭିନ୍ନ ଅଞ୍ଚଳର ଅଭିଜ୍ଞତା ଦେବା ପାଇଁ

B) ସେମାନଙ୍କୁ ଗୋଟିଏ ସ୍ଥାନରେ ଅତ୍ୟଧିକ ଶକ୍ତିଶାଳୀ ହେବାରୁ ରୋକିବା ପାଇଁ

C) ଆଞ୍ଚଳିକ କୃଷକମାନଙ୍କ ଠାରୁ କର ଆଦାୟ କରିବା ପାଇଁ

D) ବିଭିନ୍ନ ଅଞ୍ଚଳର ସ୍ଥାନୀୟ ମେଣ୍ଟକୁ ପ୍ରୋତ୍ସାହିତ କରିବା ପାଇଁ

3. ଭୂଗୋଳ(ବିଶେଷ କରି ପର୍ବତ ଏବଂ ଉପକୂଳ) କିପରି ମରାଠା ସାମରିକ ରଣନୀତି ଏବଂ ରାଜ୍ୟ ଗଠନକୁ ମାର୍ଗଦର୍ଶନ କରିଥିଲା ଆଲୋଚନା କର ।

4. ଶିବାଜୀଙ୍କ ଦ୍ୱାରା ପ୍ରତିଷ୍ଠିତ ଅଷ୍ଟପ୍ରଧାନ ମଣ୍ଡଳକୁ ବ୍ୟାଖ୍ୟା କର ଏବଂ ପ୍ରଶାସନରେ ଏହାର ଗୁରୁତ୍ୱ ଉଲ୍ଲେଖ କର ।

5. ଏହି ଅଧ୍ୟାୟରେ କୁହାଯାଇଛି ଯେ ''ବ୍ରିଟିଶମାନେ ମୋଗଲ କିମ୍ବା ଅନ୍ୟ କୌଣସି ଶକ୍ତି ଅପେକ୍ଷା ମରାଠାମାନଙ୍କଠାରୁ ଭାରତର ଅଧିକ ଅଂଶ ଅଧିକୃତ କରିଥିଲେ'' । ତୁମେ ଏହାର ଅର୍ଥ କ'ଣ ଭାବୁଛ ? ଏହି ଅଧ୍ୟାୟର କେଉଁ ପ୍ରମାଣ ଏହି ଧାରଣାକୁ ସମର୍ଥନ କରୁଛି ?

6. ଶିବାଜୀ ଏବଂ ପରବର୍ତ୍ତୀ ମରାଠାମାନେ ଧାର୍ମିକ ସ୍ଥାନ ଓ ବିଭିନ୍ନ ଧର୍ମର ଲୋକଙ୍କ ସହିତ କିପରି ବ୍ୟବହାର କରୁଥିଲେ ତୁଳନା କର । ଏହି ଅଧ୍ୟାୟରୁ କେଉଁ ପ୍ରମାଣ ଧାର୍ମିକ ବିବିଧତା ପ୍ରତି ସେମାନଙ୍କର ଆଭିମୁଖ୍ୟ ଦର୍ଶାଉଛି ?

7. ଏହି ଅଧ୍ୟାୟରେ ଆଲୋଚନା କରାଯାଇଛି ଯେ, ଦୁର୍ଗଗୁଡ଼ିକ କିପରି ମରାଠାମାନଙ୍କ ପାଇଁ 'ରାଜ୍ୟର କେନ୍ଦ୍ର ବିନ୍ଦୁ' । ସେଗୁଡ଼ିକ କାହିଁକି ଏତେ ଗୁରୁତ୍ୱପୂର୍ଣ୍ଣ ଥିଲା ? ସେହି ଦୁର୍ଗଗୁଡ଼ିକ କିପରି ମରାଠାମାନଙ୍କୁ ବଡ଼ ବଡ଼ ଶତ୍ରୁମାନଙ୍କ କବଳରୁ ରକ୍ଷା କରିବାରେ ସାହଯ୍ୟ କରିଥିଲା ?

8. ମରାଠା ଯୁଗର ଏହି ପରିଚୟ ପରେ ତୁମେ କ'ଣ ଭାବୁଛ ଯେ ଭାରତୀୟ ଇତିହାସରେ ସେମାନଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅବଦାନ କ'ଣ ଥିଲା ? ଅଧ୍ୟାୟରୁ ଉଦାହରଣ ସହିତ ତୁମର ମତାମତକୁ ସମର୍ଥନ କରି ଏକ ଅନୁଚ୍ଛେଦଟିଏ ଲେଖ । ଏହାପରେ ସହପାଠୀମାନଙ୍କ ସହିତ ତୁମର ଧାରଣାଗୁଡ଼ିକରୁ ଅଂଶୀଦାର କରି ଆଲୋଚନା କର ।

9. ମନେକର ଯେ ତୁମେ ଛୋଟ ପିଲାମାନଙ୍କ ପାଇଁ ଜଣେ ମରାଠା ନେତାଙ୍କର ଏକ ସଂକ୍ଷିପ୍ତ ଜୀବନୀ ପ୍ରସ୍ତୁତ କରୁଛ । (କାନ୍ହୋଜୀ, ଆଙ୍ଗ୍ରେ, ବାଜିରାଓ I, ମହାଦ୍‌ଜୀ ସିନ୍ଦେ, ଅହଲ୍ୟାବାଇ ହୋଲ୍‌କାର୍ କିମ୍ବା ତାରାବାଇ) ମଧ୍ୟରୁ ଜଣଙ୍କୁ ବାଛ ଏବଂ କ'ଣ ସେମାନଙ୍କୁ ପ୍ରେରଣାଦାୟୀ କରିପାରିଛି, ତାହା ଉପରେ ଆଲୋକପାତ କରି 3-4 ଟି ଅନୁଚ୍ଛେଦରେ ଲେଖ । ସେମାନେ ସମ୍ମୁଖୀନ ହୋଇଥିବା ବିଭିନ୍ନ ଆହ୍ୱାନ ମଧ୍ୟରୁ ଗୋଟିକ ବିଷୟରେ ଆଲୋଚନା କର ।

10. ଆଜିକାର ଗୋଟିଏ ମରାଠା ଦୁର୍ଗ(ଯେପରିକି ରାୟଗଡ଼, ସିନ୍ଧୁ ଦୁର୍ଗ, ଜିଞ୍ଜି କିମ୍ବା ପ୍ରତାପଗଡ଼) ଯଦି ତୁମେ ପରିଦର୍ଶନ କରିବ, ତେବେ କେଉଁଟିକୁ ତୁମେ ବାଛିବ ଓ କାହିଁକି ? ଏହାର ଇତିହାସ, ସ୍ଥାପତ୍ୟ ଏବଂ ରଣକୌଶଳର ଗୁରୁତ୍ୱକୁ ଅନୁସନ୍ଧାନ କର । ଶ୍ରେଣୀରେ ଡିଜିଟାଲ ଉପସ୍ଥାପନା କିମ୍ବା ପୋଷ୍ଟର ମାଧ୍ୟମରେ ତୁମର ଗବେଷଣା ଫଳାଫଳଗୁଡ଼ିକୁ ଉପସ୍ଥାପନ କର ।

11. ମନେକର ତୁମକୁ ମରାଠା ମୁଦ୍ରାର ମୁଖ୍ୟ ଡିଜାଇନ୍‌ର ଭାବରେ ନିଯୁକ୍ତି କରାଯାଇଛି । ମରାଠା ସଫଳତା ଏବଂ ମୂଲ୍ୟବୋଧକୁ ପ୍ରତିନିଧିତ୍ୱ କରୁଥିବା ଏକ ମୁଦ୍ରା ପ୍ରସ୍ତୁତ କର । ତୁମେ ବାଛିଥିବା ପ୍ରତୀକଗୁଡ଼ିକୁ ବ୍ୟାଖ୍ୟା କର ।

ଭାରତରେ ଔପନିବେଶିକ ଯୁଗ

ଅଧ୍ୟାୟ
4

C9A9I4

ଶିକ୍ଷଣ ଫଳାଫଳ

ଶିକ୍ଷାର୍ଥୀମାନେ ଏହା କରିପାରିବେ:

→ଆଫ୍ରିକା, ଏସିଆ, ଆମେରିକା, ଆଷ୍ଟ୍ରେଲିଆ ଏବଂ ଅନେକ ପ୍ରଶାନ୍ତ ମହାସାଗରୀୟ ଦ୍ୱୀପପୁଞ୍ଜ ଗୁଡିକ ୟୁରୋପୀୟ ଶକ୍ତିକୁ କିଭଳି ଦାସ ହୋଇଗଲେ ବୁଝିପାରିବେ । (CG - 2)

→ ଭାରତର ସମ୍ପଦ ୟୁରୋପୀୟ ଶକ୍ତିକୁ ଆକର୍ଷିତ କରି ଉପନିବେଶ ପ୍ରକ୍ରିୟାର ଶିକାର ହେଇଥିଲା ବୋଲି ଚିହ୍ନଟ କରିପାରିବେ । (CG - 2)

→ଭାରତରେ ବ୍ୟବସାୟୀମାନେ କିପରି ଶାସକ ହେଲେ ଏବଂ ସେମାନଙ୍କ ଶକ୍ତିକୁ ସୁଦୃଢ କଲେ ତାହା ବର୍ଣ୍ଣନା କରିପାରିବେ । (CG - 2)

→ ବ୍ରିଟିଶମାନଙ୍କ ଦ୍ୱାରା ଅନୁସରଣ କରିଯାଉଥିବା ବିଭାଜନ ଓ ଶାସନ ନୀତି ଏବଂ ଭାରତର ସମ୍ପତ୍ତି ଲୁଣ୍ଠନ ବିଷୟରେ ବିଶ୍ଳେଷଣ କରିପାରିବେ ।(CG - 2)

→ ଭାରତ ଉପରେ ୟୁରୋପର ଉପନିବେଶବାଦର ପ୍ରଭାବ ଏବଂ ପରିଣାମ ବର୍ଣ୍ଣନା କରିପାରିବେ । (CG - 2)

→ ସନ୍ନ୍ୟାସୀ ଫକୀର ସଂଗ୍ରାମ,ଜନଜାତି ଓ କୃଷକ ପ୍ରତିରୋଧ ଆନ୍ଦୋଳନକୁ ପ୍ରଶଂସା କରିପାରିବେ । (CG - 2)

" ପ୍ରାୟତଃ ଦୁଇ ଶତାବ୍ଦୀ ପୂର୍ବରୁ ପ୍ରାରମ୍ଭିକ ଇଂରେଜମାନେ ବଙ୍ଗ ଓ ଅନ୍ୟାନ୍ୟ ପ୍ରଦେଶଗୁଡିକର ଲୋକ ଓ ଅଞ୍ଚଳକୁ ନିଜର ନ୍ୟାର୍ଯ୍ୟ କ୍ରୀଡାଭୂମି ଭାବରେ ମନେ କରି ଆସିଥିଲେ । ପରବର୍ତ୍ତୀ ଇଂରେଜମାନେ ଶାସକ ଭାବରେ ଏହି ଲୁଣ୍ଠନ ପ୍ରକ୍ରିୟାକୁ ନିଷ୍ଠୁର ଅତ୍ୟାଚାରୀ ରୂପରେ ପୂର୍ବାପେକ୍ଷା ଅଧିକ ତ୍ୱରାନ୍ୱିତ କରିଛନ୍ତି । ଆଧୁନିକ ଇଂଲଣ୍ଡ ଭାରତର ସମ୍ପଦରେ ସମୃଦ୍ଧି ହୋଇଛି... ସର୍ବଦା ବଳବାନର ଶକ୍ତି ଓ ପାରଦର୍ଶିତା ଦ୍ୱାରା ଆପହୃତ ହୋଇଛି । "


– ୱିଲିୟମ୍ ଡିଗ୍‌ବୀ(1901)



ଚିତ୍ର : 1778 ମସିହାରେ ସ୍ୱିରିଡିୟନ୍ ରୋମା ନାମକ ଜଣେ ଗ୍ରୀକ୍ ଚିତ୍ରକରଙ୍କ ଦ୍ୱାରା ଅଙ୍କିତ " ପୂର୍ବ ନିଜର ସମ୍ପଦ ବ୍ରିଟିନିଆକୁ ଅର୍ପଣ କରୁଛି" ଶୀର୍ଷକର ଏକ ଚିତ୍ରକଳା (ଏହି ଚିତ୍ରଟି ବିଷୟରେ ଏହି ଅଧ୍ୟାୟର ଶେଷରେ ଆଲୋଚନା ହୋଇଛି)

ମୁଖ୍ୟ ପ୍ରଶ୍ନାବଳୀ ?


1. ଉପନିବେଶବାଦ କ'ଣ ?
2. ୟୁରୋପୀୟ ଶକ୍ତିଗୁଡିକୁ ଭାରତ ପ୍ରତି କ'ଣ ଆକର୍ଷିତ କରିଥିଲା ?
3. ଔପନିବେଶିକ ଯୁଗ ସମୟରେ ଏବଂ ପୂର୍ବରୁ ଭାରତର ଅର୍ଥନୈତିକ ଓ ଭୌଗୋଳିକ ସ୍ଥିତି କ'ଣ ଥିଲା ?
4. ବ୍ରିଟିଶ ଔପନିବେଶିକ ଆଧିପତ୍ୟ ଭାରତକୁ କିପରି ପ୍ରଭାବିତ କରିଥିଲା ?



ପୂର୍ବ ଅଧ୍ୟାୟରେ ଆମେ ଜାଣିଲେ ଯେ ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ବ୍ରିଟିଶ ଶକ୍ତି ନିକଟରେ ଆତ୍ମସମର୍ପଣ କରିବା ପୂର୍ବରୁ ମରାଠାମାନେ ମୋଗଲ ସାମ୍ରାଜ୍ୟକୁ ଅନେକାଂଶରେ ଦୁର୍ବଳ କରିଦେଇଥିଲେ । ପ୍ରକୃତରେ ଇଂରେଜମାନଙ୍କର ସାମରିକ ଅଭିଯାନଗୁଡ଼ିକ ଭାରତକୁ ଏକ ବୃହତ ଉପନିବେଶ କରି ଗଢ଼ି ତୋଳିବା ସହିତ ଏହାକୁ ' ବ୍ରିଟିଶ ସାମ୍ରାଜ୍ୟର ମଣି ' ରୂପେ ଅଭିହିତ କରିଥିଲା ।

ଉପନିବେଶବାଦର ଯୁଗ :

ଉପନିବେଶବାଦ ଯୁଗକୁ ଯିବା ପୂର୍ବରୁ ଆମକୁ ଏ ବିଷୟରେ ଟିକେ ବିଚାର ବିମର୍ଷ କରିବାକୁ ପଡ଼ିବ । ଉପନିବେଶବାଦର ସାଧାରଣ ସଂଜ୍ଞା ହେଉଛି, ଗୋଟିଏ ଦେଶ ଅନ୍ୟ ଏକ ଦେଶର ଅଞ୍ଚଳକୁ ଅଧିକାର କରି ସେଠାରେ ନିଜର ବସତି ସ୍ଥାପନ କରିବା ସହିତ ନିଜର ରାଜନୈତିକ, ଅର୍ଥନୈତିକ ଏବଂ ସାଂସ୍କୃତିକ ବିଚାର ଧାରାକୁ ପ୍ରୟୋଗ କରିବା । ଏହା ଏକ ସାଂପ୍ରତିକ ଘଟଣା ନୁହେଁ । ଖ୍ରୀଷ୍ଟପୂର୍ବ ପ୍ରଥମ ସହସ୍ରାବ୍ଦରୁ ଆରମ୍ଭ କରି ଖ୍ରୀଷ୍ଟୀୟ ପ୍ରଥମ ସହସ୍ରାବ୍ଦ ମଧ୍ୟରେ ଏହାର ପରିପ୍ରକାଶ ଦେଖିବାକୁ ମିଳିଥିଲା । ଖ୍ରୀଷ୍ଟଧର୍ମ ଓ ଇସଲାମ ଧର୍ମର ପ୍ରସାର ଯୋଗୁଁ ନୂତନ ଧର୍ମରେ ଦୀକ୍ଷିତ ଅଞ୍ଚଳମାନଙ୍କରେ ଉପନିବେଶଗୁଡ଼ିକ ଗଢ଼ି ଉଠିଥିଲା ।



'ଔପନିବେଶିକ ଯୁଗ' କହିଲେ ସାଧାରଣତଃ ପଞ୍ଚଦଶ ଶତାବ୍ଦୀରୁ ୟୁରୋପର ପ୍ରସାରକୁ ବୁଝାଏ, ଯାହା ଅଳ୍ପ କେତୋଟି ଶତାବ୍ଦୀ ମଧ୍ୟରେ ସମଗ୍ର ବିଶ୍ୱର ଅଧିକାଂଶ ଅଞ୍ଚଳକୁ ବ୍ୟାପି ଯାଇଥିଲା । ପରବର୍ତ୍ତୀ ଉଚ୍ଚ ଶ୍ରେଣୀମାନଙ୍କରେ ଅଧ୍ୟୟନ କଲାବେଳେ ତୁମେମାନେ ଜାଣିପାରିବ ଯେ, ମୁଖ୍ୟତଃ ସ୍ପେନ, ପର୍ତ୍ତୁଗାଲ, ବ୍ରିଟେନ୍, ଫ୍ରାନ୍ସ ଓ ନେଦରଲାଣ୍ଡ ପରି ୟୁରୋପୀୟ ଶକ୍ତିମାନେ କିପରି ଆଫ୍ରିକା, ଏସିଆ, ଆମେରିକା, ଅଷ୍ଟ୍ରେଲିଆ ଏବଂ ଅନେକ ପ୍ରଶାନ୍ତ ମହାସାଗରୀୟ ଦ୍ୱୀପମାନଙ୍କରେ ନିଜ ନିଜର ଆଧିପତ୍ୟ ବିସ୍ତାର କରି ପୃଥିବୀର ଅଧିକାଂଶ ଅଞ୍ଚଳରେ ଉପନିବେଶ ସ୍ଥାପନ କରିବାକୁ ସକ୍ଷମ ହୋଇଥିଲେ । ଅନେକ ସମୟରେ ସାମରିକ ଅଭିଯାନ ମାଧ୍ୟମରେ ନର ସଂହାର କରି ବା ସ୍ଥାନୀୟ ଲୋକମାନଙ୍କୁ କ୍ରୀତଦାସ କରି ଏହି ଆଧିପତ୍ୟ ବିସ୍ତାର କରାଯାଉଥିଲା ।

ସେହିସବୁ ଦେଶମାନେ ଏପରି ସାମରିକ ଅଭିଯାନ କରିବା ପାଇଁ କେଉଁଠୁ ପ୍ରେରଣା ପାଉଥିଲେ ? ୟୁରୋପୀୟ ଶକ୍ତିମାନଙ୍କ ମଧ୍ୟରେ ରାଜନୈତିକ ପ୍ରତିଯୋଗିତା ବିଶ୍ୱରେ ପ୍ରଭାବ ଓ ଆଞ୍ଚଳିକ ପ୍ରସାର ପାଇଁ ଐକ ଦୌଡ଼ ସୃଷ୍ଟି କରିଥିଲା । ଆଞ୍ଚଳିକ ପ୍ରସାର ନିଶ୍ଚିତ ଭାବରେ ଅନେକ ଆର୍ଥିକ ସୁବିଧା ସୁଯୋଗ ପ୍ରଦାନ କରିଥିଲା । ନୂତନ ପ୍ରାକୃତିକ ସମ୍ପଦକୁ ଅକ୍ତିଆର କରିବା ସହିତ ନୂତନ ବଜାର ଓ ନୂତନ ବାଣିଜ୍ୟପଥ ଅଧିକାରକୁ ଆସିଲା ଏବଂ ଲୁଣ୍ଠନ କରିବାର ଉପାୟ ସହଜ ହୋଇଥିଲା । ସ୍ଥାନୀୟ ଲୋକମାନଙ୍କୁ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କରାଇବା ଥିଲା ସେମାନଙ୍କର ଅନ୍ୟ ଏକ ଶକ୍ତିଶାଳୀ ପ୍ରେରଣା । ଏହାଛଡ଼ା ଉପନିବେଶ ସ୍ଥାପନ କରିବାର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାରଣ ଥିଲା ବୈଜ୍ଞାନିକ ଅନୁସନ୍ଧିତ୍ସା । ପୃଥିବୀର ବିଭିନ୍ନ ଭାଗରେ ଥିବା ନୂତନ ଭୌଗୋଳିକ ଏବଂ ପ୍ରାକୃତିକ ଇତିହାସ ସମ୍ପର୍କରେ ଜ୍ଞାନ ଆହରଣ କରିବା ଥିଲା ଏହାର ଅନ୍ୟ ଉଦ୍ଦେଶ୍ୟ ।

ଦାସତ୍ୱ: କୌଣସି ଜଣେ ବ୍ୟକ୍ତିକୁ ଦାସ କରି ରଖିବା ।

ଅନେକ ସମୟରେ ଉପନିବେଶିକମାନେ ଦାବି କରୁଥିଲେ ଯେ ବର୍ବର , ଆଦିମ ଓ ଅସଭ୍ୟ ଭାବରେ ଚିତ୍ରଣ କରାଯାଉଥିବା ଉପନିବେଶିତ ଅଧିବାସୀମାନଙ୍କର ପ୍ରଗତି ପାଇଁ ସେମାନଙ୍କର 'ସଭ୍ୟତା ମିଶନ' ମାଧ୍ୟମରେ କାର୍ଯ୍ୟ କରୁଛନ୍ତି । କିନ୍ତୁ ପ୍ରକୃତରେ ବାସ୍ତବତା ଥିଲା ଭିନ୍ନ । ଉପନିବେଶିକମାନଙ୍କର ସ୍ୱାଧୀନତାକୁ ଛଡ଼ାଇ ନେବା ସହିତ ସେମାନଙ୍କର ପ୍ରାକୃତିକ ସମ୍ବଳକୁ ଶୋଷଣ କରାଯାଉଥିଲା ଏବଂ ସେମାନଙ୍କର ପାରମ୍ପରିକ ଜୀବନଶୈଳୀକୁ ନଷ୍ଟ କରାଯାଇ ବିଦେଶୀ ସଂସ୍କୃତିର ମୂଲ୍ୟବୋଧକୁ ବାଧକରି ସେମାନଙ୍କ ଉପରେ ଲଦି ଦିଆଯାଉଥିଲା ।

ଏକଥା ସତ ଯେ ଔପନିବେଶିକ ଯୁଗ ବିଶ୍ୱକୁ ଏକାଠି କରିଥିଲା ଏବଂ ଅର୍ଥନୀତି ଓ ପ୍ରଯୁକ୍ତିବିଦ୍ୟାରେ ଦ୍ରୁତ ଅଭିବୃଦ୍ଧି ଆଣିଥିଲା । କିନ୍ତୁ ପ୍ରକୃତ ପକ୍ଷରେ ଉପନିବେଶିକମାନେ ସମସ୍ତ ପ୍ରକାର ସୁବିଧା ସୁଯୋଗ ଉପଭୋଗ କରୁଥିଲେ । ଉପନିବେଶିତ ଲୋକମାନେ ସହ୍ୟ କରିଥିବା ଅନେକ ଦୁଃଖ ଦୁର୍ଦ୍ଦଶା ସମ୍ପର୍କରେ ବିଭିନ୍ନ ଐତିହାସିକ ଗବେଷଣାରୁ ଜଣାପଡ଼େ ।



ଚିତ୍ର 4.3 ଏହା ଏକ କାର୍ଟୁନ ଚିତ୍ର, ଯେଉଁଥିରେ ଜଣେ ମହାନ ବ୍ରିଟିଶ ବ୍ୟବସାୟୀ ଟେଲିଗ୍ରାଫ ତାର ଧରି ଆଫ୍ରିକାରେ ବୁଲୁଛନ୍ତି ।
ଏଡୱାର୍ଡ ଲିନଲି ସାମ୍ବୋନ, ପଞ୍ଚପତ୍ରିକା, ଲଣ୍ଡନ, ***1892***

ଆସ ଅନୁସନ୍ଧାନ କରିବା

କାର୍ଟୁନ ଚିତ୍ରଟି କଣ ପ୍ରକାଶ କରିବାକୁ ଚାହୁଁଛି ବୋଲି ତୁମେ ଭାବୁଛ ? (ଚିତ୍ର : 4.3) (ମନେରଖ , ଟେଲିଗ୍ରାଫ ପ୍ରଥମ ଥର ପାଇଁ ତୁରନ୍ତ ଯୋଗାଯୋଗ କରିବାରେ ସକ୍ଷମ ହୋଇଥିଲା ଏବଂ ସେତେବେଳର ସମୟ ପାଇଁ ତାହା ଏକ ନୂତନ ଉଦ୍ଭାବନ ଥିଲା)। ଚିତ୍ରଟିର ବିଭିନ୍ନ ଉପାଦାନ ବିଷୟରେ ବିଶ୍ଳେଷଣ କର ।

ଅନେକ ଉପନିବେଶ ଅଞ୍ଚଳରେ ଉପନିବେଶକାରୀଙ୍କ ବିରୁଦ୍ଧରେ ଦୃଢ଼ ପ୍ରତିରୋଧ ସୃଷ୍ଟି ହୋଇଥିଲା । ବିଂଶ ଶତାବ୍ଦୀର ମଧ୍ୟ ଭାଗରେ ବିଶେଷକରି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଉପନିବେଶବାଦର ପ୍ରଭାବ ହ୍ରାସ ପାଇବାକୁ ଲାଗିଲା । ଅଧିକାଂଶ ଉପନିବେଶିତ ଦେଶ ସ୍ୱାଧୀନତା ହାସଲ କରିବା ସହିତ ଅନ୍ୟାନ୍ୟ ବହୁ କାରଣ ବିଶ୍ୱବ୍ୟାପୀ ଉପନିବେଶୀକରଣକୁ ଦ୍ରୁତ ଗତିରେ ପତନାଭିମୁଖୀ କରାଇଥିଲା । ଏଠାରେ ଆମେ ସ୍ୱତନ୍ତ୍ର ଭାବରେ ଭାରତ କଥା ଆଲୋଚନା କରିବା ।

ଭାରତରେ ୟୁରୋପୀୟ :

ଦୀର୍ଘ ଦୁଇ ସହସ୍ର ମିଲିୟନ୍ ବର୍ଷରୁ ଅଧିକ କାଳ ଧରି ଭାରତ, ଗ୍ରୀକ୍ ଓ ରୋମ୍ ସହିତ ବାଣିଜ୍ୟ କାରବାର କରି ଆସୁଥିଲା । ପୃଥିବୀର ଭୂମଧ୍ୟସାଗରୀୟ ଅଞ୍ଚଳରେ ଭାରତର ରପ୍ତାନୀ ଦ୍ରବ୍ୟ ଯଥା ମସଲା, କପା, ହାତୀଦାନ୍ତ, ମୂଲ୍ୟବାନ ରତ୍ନ, ଚନ୍ଦନକାଠ, ଶାଗୁଆନ କାଠ ଏବଂ ଉଟଜ୍ ଇସ୍ପାତର ବହୁଳ ଚାହିଦା ଥିଲା । ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ, ଯେତେବେଳେ ୟୁରୋପୀୟ ଶକ୍ତିମାନେ ଭାରତୀୟ ଉପମହାଦେଶକୁ ଜଳଯାତ୍ରା ଅରମ୍ଭ କଲେ, ସେତେବେଳ ଭାରତ ଏକ ସକ୍ରିୟ ଅର୍ଥନୈତିକ ଓ ସାଂସ୍କୃତିକ ଶକ୍ତି କେନ୍ଦ୍ର ରୂପେ ଉଭା ହୋଇଥିଲା । ଐତିହାସିକ ଆକଳନ (ବିଶେଷକରି ଅର୍ଥନୀତିଜ୍ଞ ଆଙ୍ଗସ୍ ମ୍ୟାଡ଼ିସନଙ୍କ ମତରେ) ଅନୁସାରେ ଏହି ସମଗ୍ର ସମୟ ମଧ୍ୟରେ ପୃଥିବୀ ଜିଡିପି ବା ମୋଟ ଘରୋଇ ଉତ୍ପାଦକୁ ଭାରତର ଅବଦାନ ଥିଲା ଏକ-ଚତୁର୍ଥାଂଶ ଯାହା ଚୀନ ସହିତ ଭାରତ ଥିଲା ପୃଥିବୀର ଦୁଇ ବୃହତ ଅର୍ଥନୀତି ମଧ୍ୟରୁ ଗୋଟିଏ । (ପ୍ରାୟ ଚୀନର ବି ଅବଦାନ ସମାନ ଥିଲା) ଏଠାରେ ଉଲ୍ଲେଖଯୋଗ୍ୟ ଯେ ଷୋଡ଼ଶ ଶତାବ୍ଦୀ ପରବର୍ତ୍ତୀ ସମୟରେ ଭାରତକୁ ଭ୍ରମଣରେ ଆସିଥିବା ପରିବ୍ରାଜକମାନେ ଏହି ଦେଶକୁ 'ବିକାଶମୁଖୀ' ବୋଲି ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ଭାରତର ଉତ୍ପାଦନ କ୍ଷମତା, ବିବିଧ କୃଷି ଉତ୍ପାଦନ ଏବଂ ବ୍ୟାପକ ଅନ୍ତଃ ଓ ବର୍ହି ବାଣିଜ୍ୟ କାରବାରକୁ ପ୍ରଶଂସା କରିଛନ୍ତି । ଏକଥା ସତ ଯେ ଭାରତର ଅର୍ଥନୈତିକ ସମୃଦ୍ଧି ୟୁରୋପୀୟମାନଙ୍କର ଉପନିବେଶବାଦୀ ଆକାଂକ୍ଷାକୁ ଅଧିକ ମାତ୍ରାରେ ଆକର୍ଷିତ କରିଥିଲା ।

ମୋଟ ଘରୋଇ ଉତ୍ପାଦ(GDP): ଏହା ମୋଟ ଘରୋଇ ଉତ୍ପାଦର ସଂକ୍ଷିପ୍ତ ଅର୍ଥ । ଏକ ଦେଶ ବା ପୃଥିବୀର ଗୋଟିଏ ବର୍ଷରେ ଉତ୍ପାଦିତ ସାମଗ୍ରୀ ଏବଂ ସେବା ମୂଲ୍ୟର ଏକ ମାପ ।

ଆସ ଭାରତରେ ୟୁରୋପର ପ୍ରଥମ ଉପନିବେଶବାଦୀ ଶକ୍ତିମାନଙ୍କ ସମ୍ପର୍କରେ ଆଲୋଚନା କରିବା ।



କିଛି ଶତାବ୍ଦୀ ପୂର୍ବରୁ ବନ୍ଦର ସହର ଉଲ୍ଲାଲ (ବର୍ତ୍ତମାନର ଦକ୍ଷିଣ କର୍ଣ୍ଣାଟକ), ରାଣୀ ଅବକ୍କା ଦେବୀ ପ୍ରଥମଙ୍କ ନିୟନ୍ତ୍ରଣରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ କେନ୍ଦ୍ର ଥିଲା । ଷୋଡଶ ଶତାବ୍ଦୀର ଶେଷ ଭାଗରେ ପର୍ତ୍ତୁଗୀଜମାନେ ବାରମ୍ବାର ଉଦ୍ୟମ କରିଥିଲେ । ଏହି ବନ୍ଦର ସହରକୁ ନିଜ ଅକ୍ତିଆରକୁ ନେବା ପାଇଁ କିନ୍ତୁ ରାଣୀ ଅବକ୍କା ଦେବୀ – ପ୍ରଥମ ପଡୋଶୀ ରାଜ୍ୟମାନଙ୍କ ସହିତ ସାମରିକ ମେଣ୍ଟ ଗଠନକରି ପର୍ତ୍ତୁଗୀଜମାନଙ୍କର ଏହି ପ୍ରୟାସକୁ ବିଫଳ କରି ଦେଇଥିଲେ । ଶେଷରେ ସେ ଯୁଦ୍ଧ କରି ବନ୍ଦୀ ହୋଇଥିଲେ ଏବଂ ଜେଲର୍ ମୃତ୍ୟୁବରଣ କରିଥିଲେ । ତାଙ୍କର ଉତ୍ତରାଧିକାରୀ ରାଣୀ ଅବକ୍କା – ଦ୍ୱିତୀୟ ନଡିଆ ଖୋଳରେ ଅଗ୍ନିଗୋଳା(ଫାୟାର ବଲ) ତିଆରି କରି ପର୍ତ୍ତୁଗୀଜମାନଙ୍କର ଜାହାଜକୁ ନିକ୍ଷେପ ପୂର୍ବକ ଅନେକ ଜାହାଜକୁ ପୋଡି ଦେଇଥିବାର ଜଣାଯାଏ । ସେମାନଙ୍କର ଏହି ପ୍ରେରଣାଦାୟକ କାହାଣୀ ଆଜି ମଧ୍ୟ ପାରମ୍ପାରିକ ଯକ୍ଷଗଣ ନୃତ୍ୟ-ନାଟକ ମାଧ୍ୟମରେ ଲୋକମୁଖରେ ପ୍ରଚାରିତ ।


ପର୍ତ୍ତୁଗୀଜ : ବାଣିଜ୍ୟ ଏବଂ ଅତ୍ୟାଚାର

1498 ମସିହା ମେ ମାସରେ ପର୍ତ୍ତୁଗୀଜ୍ ଆବିଷ୍କାରକ ଓ ନାବିକ ଭାସ୍କୋଡ଼ାଗାମାଙ୍କ କାପଡ଼ (କେରଳର କୋଜିକୋଡ଼ ନିକଟ) ଠାରେ ପଦାର୍ପଣ ଭାରତରେ ୟୁରୋପୀୟ ମାନଙ୍କର ଉପନିବେଶୀକରଣର ମୂଳଦୁଆ ପକାଇଥିଲା ।

ଯଦି ଓ ତାଙ୍କୁ ସମ୍ମାନର ସହିତ ସ୍ୱାଗତ କରାଯାଇଥିଲା କିନ୍ତୁ ତାଙ୍କର ଆକ୍ରମଣାତ୍ମକ ଉପାୟ ଯୋଗୁଁ ସେ ସ୍ଥାନୀୟ ଶାସକମାନଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ସ୍ଥାପନ କରିପାରିନଥିଲେ । ଚାରିବର୍ଷ ପରେ ତାଙ୍କର ଦ୍ୱିତୀୟ ଜଳଯାତ୍ରା ସମୟରେ ସେ ଭାରତୀୟ ବ୍ୟବସାୟୀମାନଙ୍କୁ ଧରି, ନିର୍ଯ୍ୟାତନ ଦେଇଥିଲେ ଦେଇଥିଲେ ଏବଂ ହତ୍ୟା ମଧ୍ୟ କରିଥିଲେ ।

ଏପରିକି ସମୁଦ୍ରରେ ଥାଇ କାଲିକଟ୍ ଉପରେ ବୋମାମାଡ ମଧ୍ୟ କରିଥିଲେ । ପର୍ତ୍ତୁଗୀଜମାନେ **1510** ମସିହାରେ ଗୋଆ ସମେତ କେତେକ ସାମରିକ ବନ୍ଦରଗୁଡିକୁ ଅଧିକାର କରିଥିଲେ ଏବଂ ପରବର୍ତ୍ତୀ ସମୟରେ ଗୋଆକୁ ସେମାନେ ସେମାନଙ୍କର ଉପନିବେଶର ରାଜଧାନୀ କରିଥିଲେ । ଏଥିସହିତ ମାଲବାର ଓ କରମଣ୍ଡଳ ଉପକୂଳର ଅନେକ ବାଣିଜ୍ୟ କେନ୍ଦ୍ରକୁ ନିଜ ଅଧିନକୁ ଆଣିଥିଲେ । ପର୍ତ୍ତୁଗୀଜ୍‌ମାନେ କାର୍ଟାଜ୍ (ପାସ୍) ନାମକ ଏକ ଅନୁପତ୍ର ବ୍ୟବସ୍ଥା ପ୍ରଚଳନ କରିଥିଲେ ଯାହାଦ୍ୱାରା ଆରବ ସାଗରରେ ନୌଚାଳନା କରୁଥିବା ସମସ୍ତ ଜାହାଜକୁ ଏହି ପର୍ତ୍ତୁଗୀଜ ଅନୁମତି ପତ୍ର କିଣିବାକୁ ବାଧ କରାଯାଉଥିଲା । ଏହି ପରମିଟ୍ ବା ଅନୁମତି ପତ୍ର ନଥିବା ଜାହାଜଗୁଡିକୁ ଜବତ କରାଯାଉଥିଲା । ସେମାନଙ୍କର ଏହି ନୌସୈନିକ ପ୍ରଭୁତ୍ୱ ପ୍ରାୟ ଏକ ଶତାବ୍ଦୀ ଧରି ଭାରତ ଓ ୟୁରୋପ ମଧ୍ୟରେ ଥିବା ମସଲା ବ୍ୟବସାୟକୁ ଏକଚାଟିଆ କରି ରଖିଥିଲା ।

ଭାରତରେ ବାଣିଜ୍ୟିକ ଶୋଷଣ କରିବା ସଙ୍ଗେ ସଙ୍ଗେ ପର୍ତ୍ତୁଗୀଜମାନେ ପଶ୍ଚିମ ଭାରତରେ ଧାର୍ମିକ ନିର୍ଯାତନା ମଧ୍ୟ ଦେଉଥିଲେ । **1560** ମସିହାରେ ଗୋଆରେ ସେମାନେ **ବିଧର୍ମୀ ଦମନ ସଂଘ** ବା ଧାର୍ମିକ ବିଚାର ଅଦାଲତ ପ୍ରତିଷ୍ଠା କଲେ ଯେଉଁଠାରେ ହିନ୍ଦୁ, ମୁସଲମାନ, ୟୁହୁଦୀ ଏବଂ ଖ୍ରୀଷ୍ଟଧର୍ମକୁ ପରିବର୍ତ୍ତୀତ ହୋଇଥିବା ଏବଂ ମୂଳଧର୍ମର ରୀତିନୀତିକୁ ଛାଡି ନଥିବା ସନ୍ଦେହୀ ଲୋକମାନଙ୍କୁ ଏହି ଅଦାଲତରେ କଠୋର ନିର୍ଯାତନ ଦିଆଯାଉଥିଲା । (ଗୋଆ ଧାର୍ମିକ ଅଦାଲତକୁ **1812** ମସିହାରେ ଉଚ୍ଛେଦ କରାଯାଇଥିଲା ।)



ଚିତ୍ର 4.4. 1498 ମସିହାରେ ଭାସ୍କୋଡ଼ାଗାମା କୋଜିକୋଡ଼ରେ ପଦାର୍ପଣ କରିଥିବାର ଏକ ଫଳକ

ବିଧର୍ମ ଦମନ ସଂଘ(Inquisition): *ରୋମୀୟ କ୍ୟାଥେଲିକ ଚର୍ଚ୍ଚର ଚିନ୍ତାଧାରା ବିରୁଦ୍ଧରେ ମତ ପୋଷଣ କରୁଥିବା ଖ୍ରୀଷ୍ଟଧର୍ମୀ ମାନଙ୍କର ବିଚାର ପାଇଁ ପ୍ରତିଷ୍ଠିତ ଏକ ଅଦାଲତ । ପ୍ରାୟ* ***600*** *ବର୍ଷ ଧରି ୟୁରୋପରେ ହଜାର ହଜାର ତଥାକଥିତ ଧର୍ମବିରୋଧୀମାନଙ୍କୁ ଏହି ଅଦାଲତଦ୍ୱାରା ନିର୍ଯାତନା ଓ ମୃତ୍ୟୁଦଣ୍ଡ ଦିଆଯାଇଥିଲା ।*

ଡଚ୍ : ବାଣିଜ୍ୟ ଓ ପ୍ରତିଯୋଗିତା

ସପ୍ତଦଶ ଶତାବ୍ଦୀର ପ୍ରାରମ୍ଭରେ ଡଚ୍‌ମାନେ ଭାରତରେ ପଦାର୍ପଣ କଲେ । ସେମାନେ ପର୍ତ୍ତୁଗୀଜମାନଙ୍କ ପରି ନଥିଲେ । ପ୍ରଥମତଃ ବାଣିଜ୍ୟିକ ପ୍ରାଧାନ୍ୟତା ସହିତ ମୁଖ୍ୟତଃ ମସଲା ବ୍ୟବସାୟ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ସେମାନେ ଏକ ଡଚ୍ ଇଷ୍ଟଇଣ୍ଡିଆ କମ୍ପାନୀ ପ୍ରତିଷ୍ଠା ସହିତ ପଶ୍ଚିମ ଉପକୂଳସ୍ଥ ସୁରତ୍ , ଭାରୁଚ, କୋଚିନ୍ (କୋଚି) ଏବଂ ପୂର୍ବ ଉପକୂଳସ୍ଥ ନାଗାପଟ୍ଟନମ୍ ଏବଂ ମାସୁଲପଟ୍ଟନମ୍ (ବର୍ତ୍ତମାନର ମାଛିଲିପଟ୍ଟନମ୍) ସମେତ ଭାରତର ବିଭିନ୍ନ ସ୍ଥାନରେ ବାଣିଜ୍ୟ କେନ୍ଦ୍ରମାନ ପ୍ରତିଷ୍ଠା କରିଥିଲେ । ସେମାନଙ୍କର ପ୍ରମୁଖ ଉପସ୍ଥିତି ଥିଲା କେରଳର ମାଲବାର ଅଞ୍ଚଳରେ ଯେଉଁଠାରେ ସେମାନେ ପର୍ତ୍ତୁଗୀଜମାନଙ୍କର ଅନେକ ବାଣିଜ୍ୟ କେନ୍ଦ୍ରକୁ ବେଦଖଲ କରିଥିଲେ ।



ଚିତ୍ର 4.5. 1741 ମସିହାରେ କୋଲାଚେଲ ଯୁଦ୍ଧ ପରେ ଟ୍ରାଭାଙ୍କୋରର ରାଜା ମାର୍ଥଣ୍ଡ ବର୍ମାଙ୍କ ନିକଟରେ ଡଚ୍ ସେନାର ଆତ୍ମ ସମର୍ପଣର ଏକ ଦୃଶ୍ୟ । (ପଦ୍ମନାଭପୁରମ୍ ରାଜ ପ୍ରାସାଦ)

ଭାରତରେ ଡଚ୍‌ମାନଙ୍କର ଉପସ୍ଥିତି ସୀମିତ ଥିଲା । **1741** ମସିହାରେ କୋଲାଚେଲ ଯୁଦ୍ଧରେ ପରାଜୟ ପରେ ସେମାନଙ୍କର ଶକ୍ତି ବହୁ ମାତ୍ରାରେ ହ୍ରାସ ପାଇଥିଲା । ରାଜା ମାର୍ଥଣ୍ଡ ବର୍ମାଙ୍କ ଅଧୀନରେ ଟ୍ରାଭାଙ୍କୋରର ସୈନ୍ୟମାନେ ଉଭୟ ସ୍ଥଳ ଓ ସମୁଦ୍ରରେ ନିର୍ଣ୍ଣାୟକ ଭାବରେ ଡଚ୍‌ମାନଙ୍କୁ ପରାସ୍ତ କରିଥିଲେ । (ଟ୍ରାଭୋଙ୍କାର ରାଜ୍ୟ ବର୍ତ୍ତମାନର କେରଳ ରାଜ୍ୟର ଦକ୍ଷିଣ ଭାଗରେ ଥିଲା) । ଏହି ଯୁଦ୍ଧ ଏକ ବିରଳ ଉଦାହରଣ ଥିଲା ଯେଉଁଥିରେ ଏକ ଏସୀୟ ଶକ୍ତି ସଫଳତାର ସହିତ ଏକ ୟୁରୋପୀୟ ଉପନିବେଶବାଦୀ ଶକ୍ତିକୁ ପ୍ରତିହତ କରିପାରିଥିଲା ।


ଫରାସୀ: ଉପନିବେଶବାଦୀ ଅଭିଳାଷ

ଫରାସୀମାନେ ଭାରତରେ ପ୍ରବେଶ କରି 1668 ମସିହାରେ ସେମାନଙ୍କର ପ୍ରଥମ ବାଣିଜ୍ୟ କେନ୍ଦ୍ର ସୁରତରେ ପ୍ରତିଷ୍ଠା କଲେ ଏବଂ ପରବର୍ତ୍ତୀ ସମୟରେ 1674 ମସିହାରେ ପଣ୍ଡିଚେରୀ (ବର୍ତ୍ତମାନର ପୁଡୁଚେରୀ)ଠାରେ ସେମାନେ ଇଷ୍ଟଇଣ୍ଡିଆ କମ୍ପାନୀ ସ୍ଥାପନ କଲେ ଏବଂ ଭାରତରେ ଏକ ଫରାସୀ ସାମ୍ରାଜ୍ୟ ଗଠନ କରିବାର ଅଭିଳାଷ ପୋଷଣ କରିଥିଲେ ।

1742 ରୁ 1754 ମସିହା ପର୍ଯ୍ୟନ୍ତ ଡୁପ୍ଲେକ୍ସ ଫରାସୀ ଭାରତର ଗଭର୍ଣ୍ଣର ଜେନେରାଲ ଭାବରେ କାର୍ଯ୍ୟ କରିଥିଲେ ଏବଂ ତାଙ୍କର ଉପନିବେଶବାଦୀ ରଣକୌଶଳ ପରବର୍ତ୍ତୀ ସମୟରେ ଇଂରେଜମାନେ ମଧ୍ୟ ଗ୍ରହଣ କରିଥିଲେ । ବିଶେଷକରି ସେ ଭାରତୀୟ ସୈନ୍ୟମାନଙ୍କୁ ୟୁରୋପୀୟ ସାମରିକ ଢାଞ୍ଚାରେ ତାଲିମ ପ୍ରଦାନ କରିଥିଲେ , ଯାହାଫଳରେ *ସିପାହୀ* ନାମରେ ଜଣାଶୁଣା ଶୃଙ୍ଖଳିତ ପଦାତିକ ସୈନ୍ୟମାନେ ସୃଷ୍ଟିହୋଇ ପାରିଥିଲେ । ସ୍ଥାନୀୟ ଉତ୍ତରାଧୀକାର ବିବାଦରେ ହସ୍ତକ୍ଷେପ ଦ୍ୱାରା ନିଯୁକ୍ତ ହୋଇଥିବା ନିୟନ୍ତ୍ରଣାଧୀନ ଶାସକମାନଙ୍କ ଜରିଆରେ ସେ ଏକ ପରୋକ୍ଷ ଶାସନ ନୀତି ପ୍ରୟୋଗ କରିଥିଲେ ।

1746 ରୁ 1763 ମଧ୍ୟରେ ବ୍ରିଟେନ୍ ଓ ଫରାସୀ ମଧ୍ୟରେ ସୃଷ୍ଟି ହୋଇଥିବା ଧାରାବାହିକ କର୍ଣ୍ଣାଟକ ଯୁଦ୍ଧ ଦ୍ୱାରା ଫରାସୀ ଉପନିବେଶବାଦୀ ଅଭିଳାଷ ଶେଷରେ ପ୍ରତିହତ ହୋଇଥିଲା । 1746 ମସିହାରେ ଡୁପ୍ଲେକ୍ସ ନେତୃତ୍ୱରେ ମାଦ୍ରାସ (ବର୍ତ୍ତମାନର ଚେନ୍ନାଇ) ଅଧିକାର କରି ପ୍ରାରମ୍ଭିକ ସଫଳତା ହାସଲ କରିଥିଲେ ମଧ୍ୟ ଶେଷରେ ଫରାସୀମାନେ ବ୍ରିଟିଶମାନଙ୍କଠାରୁ ପରାଜିତ ହୋଇଥିଲେ ଏବଂ ସେମାନଙ୍କର ଉପନିବେଶ କେବଳ ପଣ୍ଡିଚେରୀ ଓ ଅଳ୍ପ କେତେକ ଛୋଟ ଛୋଟ ଅଞ୍ଚଳ ମଧ୍ୟରେ ସୀମିତ ଥିଲା ।

ଡଚ୍ ଓ ପର୍ତ୍ତୁଗୀଜମାନଙ୍କ ପରି ଫରାସୀ ଉପନିବେଶବାଦୀ ଶକ୍ତିମାନେ ଭାରତୀୟମାନଙ୍କର ସାମାଜିକ ଓ ଧାର୍ମିକ ଜୀବନରେ ବିଶେଷ ହସ୍ତକ୍ଷେପ କରିନଥିଲେ । 1748 ମସିହାରେ ପଣ୍ଡିଚେରୀର ଜେସୁଇଟ୍ ପୂଜାରୀ ଓ ଡୁପ୍ଲେକ୍ସଙ୍କ ନିଜ ପତ୍ନୀଙ୍କ ବାରମ୍ବାର ଅନୁରୋଧ କ୍ରମେ ପଣ୍ଡିଚେରୀର ବୃହତ୍ ବେଦପୁରୀଶ୍ୱରନ ମନ୍ଦିରକୁ ଧ୍ୱଂସ କରାଯାଇଥିଲା , ଯାହା ଖ୍ରୀଷ୍ଟ ଧର୍ମର ପ୍ରାଧାନ୍ୟତାକୁ ଦର୍ଶାଉଥିଲା । ଏହା ଫରାସୀମାନଙ୍କର ଏକ ବିରଳ ବ୍ୟତିକ୍ରମ ଥିଲା । ସାଧାରଣତଃ ଫରାସୀମାନଙ୍କୁ ଭାରତରେ ସୀମିତ ପରିମାଣର ବାଣିଜ୍ୟ କାରବାରରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା ।



ଚିତ୍ର 4.6. 1764 ମସିହାରେ ଏକ ଯୋଜନାବଦ୍ଧ ବ୍ୟବସ୍ଥା ଯେଉଁଥିରେ ପଣ୍ଡିଚେରୀ ସହରକୁ ଦୁର୍ଗ ଏବଂ ଗ୍ରୀଡ ଦ୍ୱାରା ପରିବେଷ୍ଟିତ କରାଯାଇଛି । ସମୁଦ୍ର ଆଡକୁ ମୁହଁ କରିଥିବା(ତଳ ଆଡକୁ) ବୃହତ ସଂରଚନାଟି ଦୁର୍ଗ ଥିଲା । ଯୋଜନାର ଉପର ଅଂଶଟି ପଶ୍ଚିମ ଆଡକୁ ଇଙ୍ଗିତ କରୁଛି ।

ବ୍ରିଟିଶମାନଙ୍କ ଆଗମନ

ପ୍ରାୟ ଦୁଇ ଶତାବ୍ଦୀ ଧରି ବ୍ରିଟେନ୍ ଭାରତୀୟ ଉପମହାଦେଶରେ ପ୍ରାଧାନ୍ୟ ବିସ୍ତାର କରିଥିଲା । ଏହା କିପରି ଘଟିଲା ? ଅନେକ ପୁସ୍ତକରେ ବ୍ରିଟିଶ ଶାସକମାନଙ୍କର ଶାସନ ପଦ୍ଧତି ସମ୍ପର୍କରେ ବର୍ଣ୍ଣନା କରାଯାଇଛି । ଆମେ ଏଠାରେ ସମସ୍ତ ବିଷୟକୁ ଉପସ୍ଥାପିତ କରୁନାହୁଁ, କେବଳ ଭାରତରେ ସେମାନଙ୍କର ଉପନିବେଶବାଦୀର ପ୍ରମୁଖ ଦିଗ ଉପରେ ଆଲୋଚନା କରିବା ।

ବ୍ୟବସାୟୀରୁ ଶାସକ ପର୍ଯ୍ୟନ୍ତ

ଏକ ବାଣିଜ୍ୟିକ କମ୍ପାନୀ କିପରି ଏକ ସାମ୍ରାଜ୍ୟବାଦୀ ଶକ୍ତି ରୂପରେ ପରିଣତ ହୋଇପାରିଲା , ତାହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ବ୍ରିଟିଶମାନଙ୍କର ଭାରତ ବିଜୟ । କୌଣସି ପାରମ୍ପରିକ ବିଜୟ ବା ସାମରିକ ଅଭିଯାନ ପରିବର୍ତ୍ତେ ଅତି ଚତୁରତାର ସହିତ ଛଦ୍ମ ବ୍ୟବସାୟିକ ଉଦ୍ୟୋଗ ବଳରେ ଇଂରେଜମାନେ ଧୀରେ ଧୀରେ ସମଗ୍ର ଭାରତକୁ କରାୟତ କରିଥିଲେ ।

ଇଂରେଜ ଇଷ୍ଟଇଣ୍ଡିଆ କମ୍ପାନୀ ଏକ ବ୍ୟବସାୟିକ କମ୍ପାନୀ ରୂପେ ପ୍ରତିଷ୍ଠିତ ହୋଇଥିଲା । ରାଣୀ ଏଲିଜାବେଥ୍ ପ୍ରଥମଙ୍କ ଠାରୁ ରାଜକୀୟ ସନନ୍ଦ ଲାଭକରି ବ୍ୟକ୍ତିଗତ ବା ଘରୋଇ ସେନାବାହିନୀ ଗଠନ ପାଇଁ ଅନୁମତି ଲାଭ କରିଥିଲା । ଏହାର ଏଜେଣ୍ଟ ବା ପ୍ରତିନିଧିମାନେ ପ୍ରଥମେ କେବଳ ବାଣିଜ୍ୟ କରିବାର ଛଳନା କରିଥିଲେ । ସପ୍ତଦଶ ଶତାବ୍ଦୀରେ ସେମାନଙ୍କୁ ଭାରତର ଉପକୂଳରେ ପାଦ ରଖିବାକୁ ଅନୁମତି ମିଳିଲା ଏବଂ ସର୍ବନିମ୍ନ ପ୍ରତିରୋଧରେ ସେମାନେ ପ୍ରଥମେ ସୁରତ, ମାଦ୍ରାସ, ବମ୍ବେ ଏବଂ କଲିକତା ଆଦି ସ୍ଥାନରେ ବସତି ସ୍ଥାପନ କଲେ । ସ୍ଥାନୀୟ ଶାସକମାନେ ସାଧାରଣତଃ ବିଦେଶୀ ବାଣିଜ୍ୟକୁ ସ୍ୱାଗତ କରୁଥିବାରୁ ସେମାନଙ୍କ ବାଣିଜ୍ୟ କୋଠୀ ନିର୍ମାଣକୁ ବିଶେଷ ଧ୍ୟାନ ଦେଇନଥିଲେ । ଆମକୁ ଜାଣିବାକୁ ହେବଯେ ପରବର୍ତ୍ତୀ ସମୟରେ ସେମାନଙ୍କର ଏହି ବାଣିଜ୍ୟ କୋଠୀ ନିର୍ମାଣ ଏକ ଦୀର୍ଘ ଦିନର ଅଭ୍ୟାସରେ ପରିଣତ ହୋଇଥିଲା । ସେମାନଙ୍କର ଏହି ସାଧାରଣ ଆରମ୍ଭ କମ୍ପାନୀର ଦୀର୍ଘକାଳୀନ ଅଭିଳାଷ ଲୁଚିକରି ରହିଥିଲା ।

ଆସ ଅନୁସନ୍ଧାନ କରିବା


ତୁମେ ଆଗକୁ ଯିବା ପୂର୍ବରୁ ଏହି ଅଧ୍ୟାୟର ପ୍ରଥମ ପୃଷ୍ଠାରେ ଥିବା ଚିତ୍ରଟିକୁ ଭଲ ଭାବରେ ଲକ୍ଷ୍ୟ କର । ସ୍ୱତନ୍ତ୍ର ଭାବରେ ଏହା ଇଷ୍ଟଇଣ୍ଡିଆ କମ୍ପାନୀର ଲଣ୍ଡନ ମୁଖ୍ୟ କାର୍ଯ୍ୟାଳୟ ପାଇଁ ଉଦ୍ଦିଷ୍ଟ ଥିଲା ଏବଂ ଏହାର ଦୈର୍ଘ୍ୟ ତିନି ମିଟରରୁ ଅଧିକ ରହିଥିଲା । ଏହାର ପ୍ରତ୍ୟେକ ଦିଗ ଯଥା – ଏଥିରେ ଥିବା ଲୋକ, ବସ୍ତୁ, ସଙ୍କେତ ଏବଂ ଦୃଷ୍ଟିଭଙ୍ଗିକୁ ଅନୁଧ୍ୟାନ କର । ଚାରି କିମ୍ବା ପାଞ୍ଚଜଣ ଛାତ୍ରଙ୍କୁ ନେଇ ଗୋଟିଏ ଗୋଟିଏ ଦଳ ତିଆରି କର ଏବଂ ପ୍ରତ୍ୟେକ ଦଳକୁ ଚିତ୍ରଟି ପ୍ରଦାନ କରୁଥିବା ବାର୍ତ୍ତା ସମ୍ପର୍କରେ ମତାମତ ଦେବାକୁ କୁହ ।

(ଯେତେବେଳେ ଆମେ ଚିତ୍ରଟି ବିଷୟରେ ଆଲୋଚନା କରିବା, ସେତେବେଳେ ତୁମେମାନେ କେତୋଟି ପୃଷ୍ଠା ପରେ ତୁମର ଉତ୍ତର ପାଇବ କିନ୍ତୁ, ବର୍ତ୍ତମାନ ସେଗୁଡ଼ିକୁ ଦେଖ ନାହିଁ !)

ବିଭାଜନ ଓ ଶାସନ କୌଶଳ

ବ୍ୟବସାୟୀର ଦୃଷ୍ଟିକୋଣକୁ ବଜାୟ ରଖି କେତେକ ସ୍ଥାନୀୟ ଶାସକମାନଙ୍କର ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ସାମରିକ ସହଯୋଗ ପ୍ରଦାନ କରି କମ୍ପାନୀର ଏଜେଣ୍ଟମାନେ ରାଜନୈତିକ ସମ୍ପର୍କ ରକ୍ଷା କରିବାକୁ ସକ୍ଷମ ହୋଇଥିଲେ । ଫଳରେ ସେମାନେ ନିଜକୁ ଭାରତୀୟ ରାଜନୈତିକ ସମସ୍ୟା ସହିତ ଜଡ଼ିତ କରିବା ସଙ୍ଗେ ସଙ୍ଗେ ବିଦେଶୀ ଆକ୍ରମଣକାରୀ ପରିବର୍ତ୍ତେ ଶକ୍ତି ଦଲାଲ ଭାବରେ ଉଭା ହୋଇଥିଲେ ।

ଆଞ୍ଚଳିକ ଶାସକମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ଏବଂ ଉତ୍ତରାଧିକାରୀତ୍ୱ ବିବାଦ ଉପରେ ସମସ୍ୟା ସୃଷ୍ଟିକରି ବିଭାଜନ ଓ ଶାସନ ନୀତି ଅନୁସାରେ ନିଜର ଫାଇଦା ହାସଲ କରୁଥିଲେ । ତତ୍କାଳୀନ ବିଭାଜିତ ଭାରତୀୟ ସମାଜକୁ ଶୋଷଣ କରିବାର କୌଶଳ ଇଂରେଜମାନଙ୍କୁ ଭଲ ଭାବରେ ଜଣାଥିଲା । ଉଦାହରଣ ସ୍ୱରୂପ ଧାର୍ମିକ ସଂପ୍ରଦାୟ ମଧ୍ୟରେ ବିଭେଦ ଓ ଉତ୍ତେଜନା ସୃଷ୍ଟି କରିବାକୁ ପ୍ରୋତ୍ସାହିତ କରୁଥିଲେ । **1757** ମସିହାର ପଲାସୀ ଯୁଦ୍ଧ ଏହି ନୀତିର ଏକ ବଳିଷ୍ଠ ଉଦାହରଣ ଯେତେବେଳେ ବଙ୍ଗର ନବାବ ସିରାଜ-ଉଦ୍-ଦୌଲା ଏବଂ ରବର୍ଟ କ୍ଲାଇବ୍ ନେତୃତାଧୀନ ଇଷ୍ଟଇଣ୍ଡିଆ କମ୍ପାନୀ ମଧ୍ୟରେ ଉତ୍ତେଜନା ଦେଖାଦେଲା, ସେତେବେଳେ ରବର୍ଟ କ୍ଲାଇବ୍, ନବାବଙ୍କ ଦରବାରର ଅସନ୍ତୋଷ ବ୍ୟକ୍ତି ମାନଙ୍କୁ ଚିହ୍ନଟ କରିଥିଲେ । କ୍ଲାଇବ୍ ନବାବଙ୍କ ସେନାପତି ମିରଜାଫରଙ୍କ ସହିତ ଏକ ଷଡ଼ଯନ୍ତ୍ର କରିଥିଲେ ଏବଂ ତାଙ୍କର ବିଶ୍ୱାସଘାତକତା ପାଇଁ ନୂତନ ନବାବ ଭାବରେ ତାଙ୍କୁ ନିଯୁକ୍ତି ମିଳିବ ବୋଲି କ୍ଲାଇବ୍ ପ୍ରତିଶ୍ରୁତି ଦେଇଥିଲେ । ବର୍ତ୍ତମାନର କୋଲକତାଠାରୁ **150** କିଲୋମିଟର ଦୂରସ୍ଥ ପଲାସୀ ନାମକ ସ୍ଥାନରେ ଏହି ଯୁଦ୍ଧ ସଂଗଠିତ ହୋଇଥିଲା । ଏହି ଯୁଦ୍ଧରେ କିଛି ଫରାସୀ ସୈନ୍ୟ ନବାବଙ୍କ ସପକ୍ଷରେ ଯୁଦ୍ଧ କରିଥିଲେ କିନ୍ତୁ ନବାବଙ୍କର ଅଧିକାଂଶ ସୈନ୍ୟ ମିରଜାଫରଙ୍କ ସପକ୍ଷରେ ଥିବାରୁ ବ୍ରିଟିଶମାନଙ୍କର ଅଳ୍ପ ସଂଖ୍ୟକ ସୈନ୍ୟ ଯୁଦ୍ଧରେ ବିଜୟ ଲାଭ କରିଥିଲେ । ଆଜି ମଧ୍ୟ ଭାରତରେ ' ମିରଜାଫର' ' ବିଶ୍ୱାସଘାତକତାର' ଏକ ପ୍ରତିଶବ୍ଦ ହୋଇ ରହିଆସିଛି । ନିଜକୁ ଏକ ରାଜା ନିର୍ମାତା ପଦବୀରେ ଅବସ୍ଥାପିତ କରି ଇଷ୍ଟଇଣ୍ଡିଆ କମ୍ପାନୀ ଧିରେ ଧିରେ ଭାରତର ବୃହତ ଅଞ୍ଚଳରେ ନିଜର ଆଧିପତ୍ୟ ବିସ୍ତାର କରିବାକୁ ଲାଗିଲା । ଉନବିଂଶ ଶତାବ୍ଦୀରେ ଏହା ଆଉ ପାଦେ ଆଗକୁ ଯାଇ ଏକ କୁଖ୍ୟାତ ରାଜସ୍ୱତ୍ୱ ଲୋପନୀତି ପ୍ରଚଳନ କଲା, ଯାହାଫଳରେ କୌଣସି ସାମନ୍ତ ରାଜ୍ୟର ରାଜାଙ୍କର ଯଦି କୌଣସି ପୁରୁଷ ଉତ୍ତରାଧିକାରୀ ବିନା ମୃତ୍ୟୁ ହୋଇଯାଏ, ତେବେ ଉକ୍ତରାଜ୍ୟ ବ୍ରିଟିଶ ଶାସନାଧୀନ ରାଜ୍ୟମାନଙ୍କ ସହିତ ସଂଲଗ୍ନ କରାଯାଉଥିଲା । ଭାରତୀୟ ରାଜକୀୟ ପରମ୍ପରାରେ ପୌଷ୍ୟପୁତ୍ର ଗ୍ରହଣ ଏକ ବୈଧ ନିୟମ ଥିବାବେଳେ ଇଂରେଜମାନେ ଜାଣିଶୁଣି ଏହି ପରମ୍ପରାକୁ ଅଣଦେଖା କରିଥିଲେ ।



ଚିତ୍ର: 4.7 କ୍ଲାଇବ୍ ଇଷ୍ଟ ଇଣ୍ଡିଆ କମ୍ପାନୀ ସୈନ୍ୟଙ୍କ ନେତୃତ୍ୱ ନେଉଛନ୍ତି

ମନେ ରଖ

ଭାରତୀୟ ପରିପ୍ରେକ୍ଷୀରେ ଏକ ଦେଶୀୟ ରାଜ୍ୟ ଭାରତର ଜଣେ ରାଜକୁମାର, ମହାରାଜା ବା ନବାବଙ୍କ ଅଧୀନରେ ରହିଥିଲା କିନ୍ତୁ ଆଭ୍ୟନ୍ତରୀଣ ଶାନ୍ତିଶୃଙ୍ଖଳା ରକ୍ଷା କରିବା ନିମିତ୍ତ ବ୍ରିଟିଶମାନଙ୍କର ସୁରକ୍ଷା ଓ ମାର୍ଗ ଦର୍ଶନକୁ ଗ୍ରହଣ କରିଥିଲା । ହାଇଦ୍ରାବାଦ, ମହୀଶୂର, ଟ୍ରାଭାନ୍‌କର ଓ ଜାମ୍ମୁକାଶ୍ମୀର ପରି ବଡ଼ ବଡ଼ ରାଜ୍ୟ ସହିତ ଶହ ଶହ ସଂଖ୍ୟାର ଛୋଟ ଛୋଟ ରାଜ୍ୟ ମଧ୍ୟ ଏହିପରି ଦେଶୀୟ ରାଜ୍ୟର ଅନ୍ତର୍ଭୁକ୍ତ ଥିଲା । ଏପରିକି ଭାରତର ସ୍ୱାଧୀନତା ସମୟରେ ଉପମହାଦେଶର ପ୍ରାୟ **40** ଭାଗ ଅଞ୍ଚଳରେ **500** ରୁ ଅଧିକ ଦେଶୀୟ ରାଜ୍ୟ ରହିଥିଲେ ।

'ରାଜସ୍ୱତ୍ୱ ଲୋପ ନୀତି' ଦ୍ୱାରା ଅନେକ ରାଜ୍ୟ ବ୍ରିଟିଶ ସାମ୍ରାଜ୍ୟଭୁକ୍ତ ହେଲା ଯାହାଦ୍ୱାରା ବ୍ରିଟିଶର ଆଞ୍ଚଳିକ ନିୟନ୍ତ୍ରଣର ପରିସର ବୃଦ୍ଧି ପାଇଲା । ଏହା ଭାରତୀୟ ସମାଜର ବିଭିନ୍ନ ବର୍ଗ ମଧ୍ୟରେ ଅସନ୍ତୋଷ ସୃଷ୍ଟିକଲା ଏବଂ ଏହାର ଫଳସ୍ୱରୂପ **1857** ର ବିଦ୍ରୋହର ସୂତ୍ରପାତ ହୋଇଥିଲା (ଏ ବିଷୟରେ ଆମେ ପରବର୍ତ୍ତୀ ସମୟରେ ଜାଣିବା) ।

ବ୍ରିଟିଶମାନଙ୍କର ଅନ୍ୟ ଏକ କପଟ ଉପାୟ ଥିଲା ' ସାମନ୍ତ ସନ୍ଧି ' । ଏହାଦ୍ୱାରା ଜଣେ ବ୍ରିଟିଶ ପ୍ରତିନିଧି ରାଜଦରବାରରେ ଅବସ୍ଥାପିତ ହେଉଥିଲେ ଯିଏକି ରାଜ୍ୟର ଆଭ୍ୟନ୍ତରୀଣ ଓ ବାହ୍ୟ ବିପଦ ସମୟରେ ରାଜାଙ୍କୁ ସହାୟତା କରିବେ ଏବଂ ବଦଳରେ ରାଜ୍ୟମାନେ ନିଜ ଖର୍ଚ୍ଚରେ ଏକ ବ୍ରିଟିଶ ସୈନ୍ୟବାହିନୀକୁ ପରିଚାଳନା କରିବେ ଓ ତତ୍ ସଙ୍ଗେ ସଙ୍ଗେ ବ୍ରିଟିଶ ମାଧ୍ୟମରେ ସେମାନେ ସେମାନଙ୍କର ବୈଦେଶିକ ନୀତି ଅବଲମ୍ବନ କରିବେ । ଦେଶୀୟ ରାଜ୍ୟମାନଙ୍କର ସାର୍ବଭୌମତ୍ୱର ସୁରକ୍ଷା କଥା ଆସିବା ବେଳକୁ ଏହି ବ୍ୟବସ୍ଥା ଦ୍ୱାରା ପ୍ରକୃତ କ୍ଷମତା ବ୍ରିଟିଶମାନଙ୍କ ହାତକୁ ଚାଲି ଯାଇଥିଲା । ବଦଳରେ ଦେଶୀୟ ରାଜାମାନେ ନିଜର ପରାଧୀନତା ପାଇଁ ସମସ୍ତ ବୋଝ ନିଜେହିଁ ବହନ କରିଥିଲେ ।

ହାଇଦ୍ରାବାଦର ଶାସକ (ନିଜାମ) ହେଉଛନ୍ତି ପ୍ରଥମ ଯିଏ 1798 ମସିହାରେ ଏହି 'ସାମନ୍ତ ସନ୍ଧି'କୁ ଗ୍ରହଣ କରିଥିଲେ । ଏହା ପରେ ପରେ ଅନ୍ୟ କେତେକ ଶାସକ ଏହି ନୀତିକୁ ଆପଣେଇ ଥିଲେ । ଏହି ତଥାକଥିତ 'ସାମନ୍ତ ସନ୍ଧି' ବ୍ରିଟିଶମାନଙ୍କୁ ପ୍ରତ୍ୟକ୍ଷ ଶାସନର ବିନା ପ୍ରଶାସନିକ ଖର୍ଚ୍ଚରେ ବିସ୍ତୃତ ଅଞ୍ଚଳରେ ନିୟନ୍ତ୍ରଣ କରିବାର ସୁଯୋଗ ଦେଇଥିଲା , ଯାହାକୁ କୁହାଗଲା 'ଶସ୍ତାରେ ଗୋଟିଏ ସାମ୍ରାଜ୍ୟ' ଲାଭ । ଥରେ ଏହି ସନ୍ଧିରେ ପ୍ରବେଶ କରିବା ପରେ ଏଥିରୁ ମୁକୁଳିବା ଅସମ୍ଭବ ଥିଲା । କାରଣ ଏଥିରୁ ମୁକ୍ତ ହେବା ପାଇଁ ପ୍ରୟାସ କରୁଥିବା ରାଜ୍ୟମାନଙ୍କୁ ବ୍ରିଟିଶ ସାମରିକ ପ୍ରତିକ୍ରିୟାର ସମ୍ମୁଖୀନ ହେବାକୁ ପଡୁଥିଲା ।

ସ୍ୱର୍ଗରୁ ନର୍କକୁ ?

ବିନାଶକାରୀ ଦୁର୍ଭିକ୍ଷ

ପଲାସୀ ବିଜୟର କିଛି ବର୍ଷ ପରେ, ଇଷ୍ଟ ଇଣ୍ଡିଆ କମ୍ପାନୀ ଭାରତର କେତେକ ସମୃଦ୍ଧ ଅଞ୍ଚଳ ଯଥା– ବଙ୍ଗଳା, ବିହାର ଏବଂ ଓଡ଼ିଶାରେ ରାଜସ୍ୱ ସଂଗ୍ରହ କରିବାର ଅଧିକାର ଲାଭକଲା । କ୍ଲାଇବ୍ ବଙ୍ଗଳାକୁ ' ପୃଥିବୀର ସ୍ୱର୍ଗ ' ଭାବରେ ବର୍ଣ୍ଣନା କରିଥିଲେ । କମ୍ପାନୀର ଏଜେଣ୍ଟମାନେ ଶାସନ ଓ ବିକାଶ ନିମନ୍ତେ ସର୍ବନିମ୍ନ ବିନିଯୋଗ କରି ସର୍ବାଧିକ ରାଜସ୍ୱ ଆଦାୟ କରିବା ଫଳରେ ସାଧାରଣ ଜନତା ସର୍ବସ୍ୱାନ୍ତ ହୋଇଥିଲେ ।

1770– 1772 ମସିହା ବେଳକୁ ଲଗାତର ଦୁଇବର୍ଷ ଫସଲ ଅମଳରେ ଅତ୍ୟଧିକ ହ୍ରାସ ହୋଇଥିଲା । କିନ୍ତୁ ତାହାକୁ ଅଣଦେଖା କରି, ଫସଲ ଉତ୍ପାଦନର ପରିମାଣକୁ ଭ୍ରୂକ୍ଷେପ ନକରି, ଏକ କଠୋର ରାଜସ୍ୱ ଆଦାୟ ଲକ୍ଷ୍ୟରେ ଇଷ୍ଟ ଇଣ୍ଡିଆ କମ୍ପାନୀ ବଙ୍ଗଳାର କୃଷକମାନଙ୍କ ଉପରେ ଅତ୍ୟଧିକ କର ବସାଇଥିଲା । ଯାହା ଫଳରେ ସେଠାକାର ଏକ ତୃତୀୟାଂଶ ବା ପ୍ରାୟ **10** ମିଲିୟନ ଲୋକଙ୍କ ମୃତ୍ୟୁର କାରଣ ସାଜି ଥିଲା ।


ଏପରିକି ଦୁର୍ଭିକ୍ଷ ସମୟରେ ମଧ୍ୟ କଂପାନୀ ଭୂମି ଖଜଣା ହାର ବୃଦ୍ଧି କରିଥିଲା । ପରବର୍ତ୍ତୀ ସମୟରେ , କେବଳ ଭାରତୀୟ ବ୍ୟକ୍ତିତ୍ୱ ନୁହନ୍ତି ବରଂ କେତେକ ବ୍ରିଟିଶ ଅଧିକାରୀ ଓ ବୁଦ୍ଧିଜୀବୀ (ଯେପରିକି ୱିଲିଅମ୍ ଡିଗ୍‌ବି ଯାହାଙ୍କ ଉଦ୍ଧୃତି ଆମର ଏହି ଅଧ୍ୟାୟ ଆରମ୍ଭରେ ଲେଖାଅଛି) ଏହି ନିର୍ଦ୍ଦୟ ବ୍ୟବସ୍ଥାକୁ ଘୃଣା କରିଥିଲେ । ଉଦାହରଣ ସ୍ୱରୂପ ଏକ ଶତାବ୍ଦୀ ପରେ W.W.ହଣ୍ଟର, ଯେ କି ଜଣେ ଅଧିକାରୀ ଲେଖିଥିଲେ:

"ଯେତେବେଳେ ବର୍ଷ ବର୍ଷ ଧରି ଦେଶ ସମ୍ପୂର୍ଣ ନିସ୍ୱ ହେଉଥିଲା, ଇଂରେଜ ସରକାର ନିୟମିତ ଭାବରେ ଭୂ-ରାଜସ୍ୱ ବୃଦ୍ଧି କରିବାରେ ଲାଗିଥିଲେ । 1770 ମସିହାର ଶ୍ୱାସରୁଦ୍ଧ ଗ୍ରୀଷ୍ମ ଋତୁରେ ଲୋକମାନେ ମରିବାକୁ ଲାଗିଲେ । କୃଷକମାନେ ସେମାନଙ୍କ ପଶୁ ସମ୍ପଦ ଓ କୃଷିଉପକରଣ ବିକିବାକୁ ଲାଗିଲେ । ଅଭାବରେ ପଡ଼ି କୃଷି ବିହନ ସବୁ ଖାଇଦେଲେ , ସେମାନଙ୍କ ପୁତ୍ର ଓ କନ୍ୟାମାନଙ୍କୁ ବିକିବାରେ ଲାଗିଲେ, ତଥାପି ପିଲାମାନଙ୍କୁ ଖରିଦ କରିବାକୁ କେହି କ୍ରେତା ମିଳିଲେ ନାହିଁ, ଶେଷରେ ସେମାନେ ଘାସ ଓ ପତ୍ର ସବୁ ଖାଇଲେ ... ଦୁର୍ଭିକ୍ଷ ଓ ରୋଗ ପ୍ରପୀଡ଼ିତ ଲୋକଙ୍କର ସ୍ରୋତ ପ୍ରତିଦିନ ବଡ଼ ବଡ଼ ସହର ଆଡ଼କୁ ପ୍ରବାହିତ ହେଲା ।"

ଏପରି ଦୁଃଖଦ ଦୁର୍ଭିକ୍ଷ, ସମଗ୍ର ବ୍ରିଟିଶ ଶାସନାଧୀନ ଭାରତରେ ବାରମ୍ବାର ଘଟୁଥିଲା । ଉଦାହରଣ ସ୍ୱରୂପ 1876 ରୁ 1878 ମଧ୍ୟରେ ଭୟଙ୍କର ଦୁର୍ଭିକ୍ଷରେ, ମୁଖ୍ୟତଃ ଡେକାନ ମାଳଭୂମି ଅଞ୍ଚଳରୁ ପ୍ରାୟ 8 ମିଲିୟନ ଭାରତୀୟ ମୃତ୍ୟୁବରଣ କରିଥିଲେ ।



*ଚିତ୍ର **4.8.** ଖାଦ୍ୟାଭାବରେ ଅସଂଖ୍ୟ ଲୋକ ମୃତ୍ୟୁବରଣ କରୁଥିବା ସମୟରେ , ମାଦ୍ରାସ ସମୁଦ୍ର କୂଳରେ ରପ୍ତାନୀ ପାଇଁ ରଖା ଯାଇଥିବା ଖାଦ୍ୟ ଶସ୍ୟ ଭରା ବସ୍ତା*



*ଚିତ୍ର **4.9. 1877** ରେ ଦୁର୍ଭିକ୍ଷ ସମୟରେ ରିଲିଫ୍ ଖାଦ୍ୟ ଅପେକ୍ଷାରେ ଥିବା ବାଙ୍ଗାଲୋର ଅଧିବାସୀଗଣ । (ଲଣ୍ଡନ ନ୍ୟୁଜରେ ବର୍ଣ୍ଣିତ)*

ସେହି ସମୟରେ ଖାଦ୍ୟ ସଙ୍କଟର ଭୟାବହତାକୁ ଅଣଦେଖା କରି କେତେକ ଭାରତୀୟ ବ୍ୟବସାୟୀ ମଧ୍ୟ ପରବର୍ତ୍ତୀ ସମୟରେ ମୂଲ୍ୟ ବୃଦ୍ଧି ସମ୍ଭାବନାରେ ଓ ଅଧିକ ଲାଭ ଆଶାରେ ସେମାନଙ୍କ ପାଖରେ ଗଚ୍ଛିତ ଖାଦ୍ୟଶସ୍ୟ ଦ୍ୱାରା କୃତ୍ରିମ ଅଭାବ ସୃଷ୍ଟି କରିଥିଲେ ଏବଂ ବ୍ରିଟିଶ ସରକାର ବିଦେଶକୁ ରପ୍ତାନୀ ଜାରି ରଖିଲେ । ତିନିବର୍ଷ ମଧ୍ୟରେ ପାଖାପାଖି ଏକ ମିଲିୟନ ଟନ୍ ଚାଉଳ ପ୍ରତିବର୍ଷ ରପ୍ତାନୀ କରାଯାଉଥିଲା (ଚିତ୍ର:4.8) ।

ଏତଦ୍ ବ୍ୟତୀତ, ବ୍ରିଟିଶ ଅର୍ଥନୀତିର ' ମୁକ୍ତ ବଜାର' ବ୍ୟବସ୍ଥା ଜିନିଷପତ୍ରର ଦରଦାମକୁ ଅସ୍ଥିର କରୁଥିଲା, ଯାହା ଦୁର୍ଭିକ୍ଷର ଭୟାବହତା ବୃଦ୍ଧି କରିବାରେ ସହାୟକ ହୋଇଥିଲା ।

ତେଣୁ 1876–1878 ମସିହାରେ ଭାରତର ତତ୍କାଳୀନ ଭାଇସ୍‌ରଏ ଲର୍ଡ ଲିଟନ୍ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ, "ଖାଦ୍ୟ ସାମଗ୍ରୀର ଦର ହ୍ରାସ କରିବା ଲକ୍ଷ୍ୟରେ ସରକାରଙ୍କ ତରଫରୁ କୌଣସି ପ୍ରକାର ହସ୍ତକ୍ଷେପ କରାଯିବ ନାହିଁ ।" ସେହି ସମୟରେ, 1876 ମସିହାରେ, ଦୁର୍ଭିକ୍ଷର ଏହି ମହା ସଙ୍କଟ ସମୟରେ, ଏକ ବ୍ୟୟବହୁଳ ଦରବାର ଆୟୋଜନ କରି, ଲିଟନ୍ ଦିଲ୍ଲୀଠାରେ **68,000** ସରକାରୀ ଅଧିକାରୀ, ସୁବେଦାର ଓ ମହାରାଜାମାନଙ୍କୁ ନେଇ ' ସପ୍ତାହ ବ୍ୟାପି ଭୋଜିର ବନ୍ଦୋବସ୍ତ କରିଥିଲେ ।'

ବ୍ରିଟିଶ ଶାସନ କାଳରେ ଏପରି ଭୟଙ୍କର ଦୁର୍ଭିକ୍ଷ ପାଖାପାଖି 12 ରୁ 20 ଥର ଅନୁଭୂତ ହୋଇଥିଲା । କେତେକ ଦୁର୍ଭିକ୍ଷ ଆୟୋଗ ଓ ଅନ୍ୟାନ୍ୟ ରିପୋର୍ଟ ଆଧାରରୁ ପ୍ରକାଶ ଯେ ସେହି ସମୟରେ ପ୍ରଭାବିତ ଓ ମୃତ୍ୟୁବରଣ କରିଥିବା ଲୋକଙ୍କ ସଂଖ୍ୟା 50 ରୁ 100 ମିଲିୟନ ମଧ୍ୟରେ ଅନୁମାନ କରାଯାଏ , ଯାହା ଦ୍ୱିତୀୟ ବିଶ୍ୱଯୁଦ୍ଧ ମୃତ୍ୟୁ ସଂଖ୍ୟା ସହ ପାଖାପାଖି ସମାନ । (ଏତଦ୍ ବ୍ୟତୀତ ଅସଂଖ୍ୟ ଗୋରୁଗାଈ ଓ ପଶୁମାନେ ମଧ୍ୟ ମୃତ୍ୟୁବରଣ କରିଥିଲେ)।

କେତେକ ସହରରେ (ଚିତ୍ର 4.9) ବ୍ରିଟିଶ ପ୍ରଶାସନ ତରଫରୁ ଦୁର୍ଭିକ୍ଷ ରିଲିଫ୍ ବା ସହାୟତା ଶିବିର ସ୍ଥାପନ କରାଯାଇଥିଲେ ମଧ୍ୟ ତାହା ନଗଣ୍ୟ ଓ ଅପର୍ଯ୍ୟାପ୍ତ ଥିଲା । କେତେକ ଅଧିକାରୀଙ୍କ ମତ ଥିଲା ଯେ "ଦୁର୍ଭିକ୍ଷ ସହାୟତା ସର୍ବନିମ୍ନ ରହିବା ଉଚିତ । ଉଦାହରଣ ସ୍ୱରୂପ 1878–80 ମସିହାର ଦୁର୍ଭିକ୍ଷ ଆୟୋଗ କହିଥିଲେ, ଦୁର୍ଭିକ୍ଷ ସମୟରେ ଗରୀବ ଲୋକଙ୍କମାନଙ୍କୁ ସହାୟତା ଦାବି ସିଦ୍ଧାନ୍ତ .... ଏହାକୁ ସେମାନଙ୍କର ଏକ ପୂର୍ଣ୍ଣକାଳୀନ ଅଧିକାର ଆଡ଼କୁ ନେଇଯାଇପାରେ ।"

ଆମକୁ ଏଠାରେ ମନେ ରଖିବାକୁ ହେବ ଯେ, ଭାରତରେ ଅନେକ ବାର ଦୁର୍ଭିକ୍ଷ ପଡ଼ିଅଛି ଯାହା ମରୁଡ଼ି, ବନ୍ୟା, ସାମରିକ ଅଭିଯାନ ବା ଅନ୍ୟ ପରିସ୍ଥିତିରୁ ସୃଷ୍ଟ । କିନ୍ତୁ ଏପରି ପ୍ରଳୟଙ୍କରୀ କେବେ ହୋଇନଥିଲା । ଉପନିବେଶ ଯୁଗରେ, ଭାରତ ବିଶେଷତଃ ଗ୍ରାମାଞ୍ଚଳ ଏପରି ଦାରିଦ୍ର୍ୟରେ ବୁଡ଼ିଗଲା ଯେ ତାହା ପୁନରୁଦ୍ଧାର ହୋଇ ପାରିଲାନାହିଁ ।

ଭାରତର ସମ୍ପତ୍ତି ହରଣ

ଆମେ ଆଗରୁ ଜାଣିଛନ୍ତି, କେବଳ ଭାରତର ଆର୍ଥିକ ଶୋଷଣ ହିଁ ବ୍ରିଟିଶ ଉପନିବେଶ ନୀତିର ମୂଳଦୁଆ ଥିଲା । 1895 ମସିହାରେ, ଆମେରିକୀୟ ଐତିହାସିକ ଏବଂ ରାଜନୀତି ବିଶାରଦ ବ୍ରୁକ୍ସ ଆଡାମସ୍ ଲେଖିଥିଲେ:

"ପଲାସୀ ଯୁଦ୍ଧ ପରେ ପରେ, ବଙ୍ଗଳାରୁ ଲୁଣ୍ଠନର ପ୍ରଭାବ ତୁରନ୍ତ ଲଣ୍ଡନରେ ଦେଖିବାକୁ ମିଳିଲା । ସମସ୍ତ ଅଧିକାରୀଗଣ ସହମତ ହେଲେ ଯେ, **1760** ମସିହାରୁ ଆରମ୍ଭ ହୋଇଥିବା 'ଶିଳ୍ପ ବିପ୍ଳବ' ... ଏତେ ପରିମାଣରେ ଲାଭ ଦେଇ ପାରିନଥିଲା ଯାହା କେବଳ ଭାରତ ଲୁଣ୍ଠନରୁ ହିଁ ମିଳିଥିଲା ।"

ଅନ୍ୟ ଭାବରେ କହିଲେ, ଆଡାମଙ୍କ ମତରେ ବ୍ରିଟେନର ଶିଳ୍ପ ବିପ୍ଳବ ଯାହା ପର୍ଯ୍ୟାପ୍ତ ପରିମାଣର ପୁଞ୍ଜି ନିବେଶ ଆବଶ୍ୟକ କରୁଥିଲା, କେତେକାଂଶରେ 'ଭାରତରୁ ଚୋରୀ କରାଯାଇଥିବା ସମ୍ପତ୍ତି ' ଦ୍ୱାରା ହିଁ ସମ୍ଭବ ହୋଇଥିଲା । (ଏହି ଉକ୍ତିଟି ଆମେରିକୀୟ ଐତିହାସିକ ଉଇଲ୍ ଦୁରାନ୍ତଙ୍କର ଅଟେ)।

ଆଡାମସ୍ ଓ ଡିଗ୍‌ବିଙ୍କ ପରି ଶିକ୍ଷା ନବୀସଙ୍କ ଦ୍ୱାରା ପ୍ରଭାବିତ ହୋଇ ଭାରତର ଖ୍ୟାତନାମ ରାଜନେତା ଦାଦାଭାଇ ନାରୋଜୀ **1901** ମସିହାରେ "ଦାରିଦ୍ର୍ୟ ଓ ଭାରତରେ ଅଣ-ବ୍ରିଟିଶ ଶାସନ" ନାମରେ ଏକ ପୁସ୍ତକ ରଚନା କରିଥିଲେ । ଏହି ପୁସ୍ତକରେ ସେ ବ୍ରିଟିଶ ରିପୋର୍ଟ ଗୁଡ଼ିକରୁ ତଥ୍ୟ ସଂଗ୍ରହ କରି ଭାରତରୁ ହରଣ କରାଯାଇଥିବା ସମ୍ପତ୍ତିର ପରିମାଣ ଆକଳନ କରିଥିଲେ । ସେହି ସମୟରେ ରମେଶ ଚନ୍ଦ୍ର ଦତ୍ତ ନାମରେ ଅନ୍ୟ ଜଣେ ଐତିହାସିକ, ଭାରତର ଅର୍ଥନୈତିକ ଇତିହାସ ନାମକ ପୁସ୍ତକରେ ସମାନ କଥାର ଅବତାରଣା କରିଥିଲେ ।

ଏହିସବୁ ଚିନ୍ତାଶୀଳ ଲେଖାରୁ ଜଣାଯାଏ ଉପନିବେଶବାଦୀ ଦେଶଗୁଡ଼ିକ ଭାରତରୁ ଅନେକ ବିଲିୟନ ପାଉଣ୍ଡ ସମ୍ପଦ ହରଣ କରିଛନ୍ତି ।


ଅପେକ୍ଷାକୃତ ନିକଟ ଅତୀତରେ କରାଯାଇଥିବା (ଉତ୍ସା ପଟ୍ଟନାୟକଙ୍କ ଦ୍ୱାରା) ତଥ୍ୟ ଅନୁଯାୟୀ 1765 ମସିହାଠାରୁ 1938 ମସିହା ମଧ୍ୟରେ, ପ୍ରାୟ 45 ଟ୍ରିଲିଅନ ଆମେରିକୀୟ ଡଲାର (ବର୍ତ୍ତମାନର ମୂଲ୍ୟ ଅନୁଯାୟୀ) ବା 2023 ମସିହାର ବ୍ରିଟେନ ମୋଟ ଘରୋଇ ଉତ୍ପାଦ 13 ଗୁଣା ସମ୍ପତ୍ତି ହରଣ କରାଯାଇଥିଲା । ଏହା କେବଳ ଟିକସ ମାଧ୍ୟମରେ ନୁହେଁ, ବରଂ ରେଳବାଇ, ଟେଲିଗ୍ରାଫ୍ ଓ ଯୁଦ୍ଧ ସମୟରେ କରାଯାଇଥିବା ଖର୍ଚ୍ଚର ଉପନିବେଶବାଦୀ ଅଂଶ ରୂପେ ଭାରତୀୟମାନଙ୍କ ଠାରୁ ଆଦାୟ କରାଯାଇଥିଲା ।

ଯଦି ସେହି ସମ୍ପତ୍ତି ଭାରତରେ ବିନିଯୋଗ ହୋଇଥାନ୍ତା, ତେବେ ସ୍ୱାଧୀନତା ପ୍ରାପ୍ତି ବେଳକୁ ଭାରତ ଏକ ଭିନ୍ନ ଓ ସ୍ୱତନ୍ତ୍ର ଦେଶ ରୂପେ ପରିଗଣିତ ହୋଇଥାନ୍ତା ।

ହାଉସ ଅଫ୍ କମନସ୍: ଯୁକ୍ତ ରାଜ୍ୟ(ବ୍ରିଟେନ) ଦ୍ୱିସଦନୀୟ ବ୍ୟବସ୍ଥାପିକା ସଭାର ଏହା ହେଉଛି ନିମ୍ନ ସଦନ । ଦାଦାଭାଇ ନାରୋଜୀ ଏହି ସଭାକୁ ପ୍ରଥମ ଭାରତୀୟ ରୂପେ ନିର୍ବାଚିତ ହୋଇଥିଲେ ।

ଆସ ଅନୁସନ୍ଧାନ କରିବା


ଭାରତରେ ଅଣବ୍ରିଟିଶ ଶାସନ ବୋଲି ଦାଦାଭାଇ ନାରୋଜୀ କାହାକୁ ଲକ୍ଷ୍ୟ କରି କହିଥିଲେ ବୋଲି ତୁମେ ଭାବୁଛ ? (ସୂଚନା : ସେ 1892 ମସିହାରେ ହାଉସ ଅଫ୍ କମନସ୍‌ର ସାଂସଦ ଥିଲେ) ।



ଚିତ୍ର 4.10 ବୁକସ୍ ଆଡାମସ୍



ଚିତ୍ର 4.11 ୱିଲିୟମ ଡିଗବି




ଚିତ୍ର 4.12 ଦାଦାଭାଇ ନାରୋଜୀ



ଚିତ୍ର 4.13 ଆର୍ ସି.ଦତ୍ତ

ଏହା ବିଷୟରେ ଚିନ୍ତାକର

ଆସ ଏଥର (ଚିତ୍ର 4.14) ଏହି ଚିତ୍ରପଟ୍ଟକୁ ଫେରିବା କିନ୍ତୁ କେତେକ ପ୍ରତୀକାତ୍ମକ ସୂଚନା ସହିତ । ଦେଖ, ବ୍ରିଟାନିଆ କିପରି ନିଜ ଉପନିବେଶଠାରୁ ଉଚ୍ଚ ସ୍ଥାନରେ ବସିଅଛି । ଉପନିବେଶଗୁଡିକର ନିମ୍ନ ଅବସ୍ଥିତି ଓ ନଇଁବା ଅବସ୍ଥା ଦର୍ଶାଉଛି ଯେ ବ୍ରିଟାନିଆ ଉଚ୍ଚ କ୍ଷମତା ସମ୍ପନ୍ନ ଅଟେ । ସେମାନେ କ'ଣ ସତରେ ସେମାନଙ୍କ ସମ୍ପତ୍ତି ପ୍ରଦାନ କରିଦେଉଥିଲେ ? ଅଥବା ବ୍ରିଟେନ୍ ସେଗୁଡିକୁ ବଳପୂର୍ବକ ଅକ୍ତିଆର କରୁଛି ? ଆହୁରି ମଧ୍ୟ ଭାରତୀୟମାନଙ୍କ କଳା ଶରୀରକୁ ଦେଖ(ଯାହା ବ୍ରିଟାନିଆ ଠାରୁ ପୃଥକ) ଏହା ଗୋରା ଲୋକମାନଙ୍କର, କଳା ଲୋକମାନଙ୍କ ଅପେକ୍ଷା ଉତ୍କୃଷ୍ଟ ଅବସ୍ଥାର ବିଶ୍ୱାସ ଜନ୍ମାଉଛି ।



ଚିତ୍ର 4.14 ପୃଥିବୀର ପୂର୍ବଦେଶଗୁଡ଼ିକ ବ୍ରିଟାନିଆକୁ ନିଜର ଧନସମ୍ପତ୍ତି ପ୍ରଦାନ କରୁଛନ୍ତି । ଏହି ଚିତ୍ରରେ ପ୍ରତୀକାତ୍ମକ ଅର୍ଥ

ପରିବର୍ତ୍ତୀତ ଦୃଶ୍ୟପଟ

କ୍ରମ ବର୍ଦ୍ଧିଷ୍ଣୁ ଉପନିବେଶ ଶାସନ ବ୍ୟବସ୍ଥା ଭାରତୀୟ ଜୀବନଯାତ୍ରାର ସମସ୍ତ ଦିଗକୁ ପ୍ରଭାବିତ କରିଥିଲା । କାରଣ ଆମ ଶାସକମାନେ ଗ୍ରହଣ କରି ନେଇଥିଲେ ଯେ ସେମାନଙ୍କର ଉତ୍କୃଷ୍ଟ ଅବଧାରଣା ଭାରତକୁ ପୁନର୍ଗଠିତ କରିବାରେ ସହାୟକ ହେବ । ଏଥର ଆସ ସେ ସମ୍ପର୍କିତ, କେତେକ ପ୍ରଭାବ ଦେଖିବା ।

ଖୋଦିତ ବା ଅଙ୍କିତ: କପଡା ଉପରେ ଅଙ୍କିତ ଏକ ଛବି ଯାହା ଲୁଗାକୁ ସ୍ୱତନ୍ତ୍ର ସ୍ଥାନ ଦେଇଥାଏ ।

ଭାରତର ସ୍ୱଦେଶୀ ଶିଳ୍ପର ଅବନତି

ଅଷ୍ଟାଦଶ ଶତାବ୍ଦୀ ପୂର୍ବରୁ ଭାରତ ନିଜର ଉତ୍ପାଦନ କ୍ଷମତା ନିମନ୍ତେ ପ୍ରସିଦ୍ଧ ଥିଲା । ଏହା ମୁଖ୍ୟତଃ, ସୂତା, ଶିଳ୍କ, ଉଲ୍, ଝୋଟ ଏବଂ କତା ପ୍ରସ୍ତୁତ ଦ୍ରବ୍ୟ ଥିଲା । ଭାରତର ସୂତା ବୁଣା ଲୁଗା, ଏହାର ସମୃଦ୍ଧ ଓ ସୂକ୍ଷ୍ମ କାରୁକାର୍ଯ୍ୟ, ଉଜ୍ଜ୍ୱଳ ରଙ୍ଗ ଏବଂ ମସଲିନ୍ ଠାରୁ ଆରମ୍ଭ କରି ମୁଦ୍ରାଙ୍କିତ କପଡ଼ାର ମସୃଣ ଅନୁଭବ ଯୋଗୁଁ ପୃଥିବୀର ବିଭିନ୍ନ ଭାଗରେ ଅଧିକ ଚାହିଦା ଯୁକ୍ତ ଥିଲା ।

ଆସ ଅନୁସନ୍ଧାନ କରିବା

ଭାରତୀୟ ବୟନ ଶିଳ୍ପକୁ ବର୍ଣ୍ଣନା କରିବା ନିମନ୍ତେ ଉପରେ ବର୍ଣ୍ଣିତ ତାଲିକାଗୁଡ଼ିକୁ ତୁମେ ବୁଝି ପାରିଲ କି ? ଯଦି ନୁହେଁ, ତେବେ ଚାରି ବା ପାଞ୍ଚଟି ଦଳରେ ବିଭାଜିତ ହୋଇ ଏହାକୁ ଆଲୋଚନା କର ଏବଂ ପରସ୍ପରର ଆବିଷ୍କାରକୁ ତୁଳନା କର । ଆବଶ୍ୟକ ପଡ଼ିଲେ ଶିକ୍ଷକଙ୍କ ସାହାଯ୍ୟ ନିଅ ।

ବ୍ରିଟ୍ରିଶ ନୀତି ଅନୁଯାୟୀ ବ୍ରିଟେନ୍ ଭାରତରୁଆମଦାନୀ କରୁଥିବା ବସ୍ତ୍ର ଉପରେ ଅତ୍ୟଧିକ କର ବସାଇଥିବା ବେଳେ ବ୍ରିଟେନରୁ ଭାରତକୁ ରପ୍ତାନୀ କରୁଥିବା ଦ୍ରବ୍ୟ ଉପରେ ସର୍ବନିମ୍ନ କର ବସାଇବାକୁ ବାଧ କରୁଥିଲା । ଏଥି ସହିତ, ସେହି ସମୟରେ ବ୍ରିଟେନ୍ ଅଧିକାଂଶ ବାଣିଜ୍ୟ ଓ ମୁଦ୍ରା ବିନିମୟକୁ ନିୟନ୍ତ୍ରିତ କରୁଥିବାରୁ ଭାରତୀୟ ବ୍ୟବସାୟୀମାନେ ଅଧିକ ରପ୍ତାନୀ କରିବାକୁ କଷ୍ଟକର ଅନୁଭବ କଲେ । ଫଳରେ ଭାରତୀୟ ବୟନ ଶିଳ୍ପ ଧ୍ୱଂସ ହେବାକୁ ଲାଗିଲା । ଉନବିଂଶ ଶତାବ୍ଦୀ ବେଳକୁ ଭାରତର ବୟନ ରପ୍ତାନୀ ଆଶାତୀତ ଭାବେ ହ୍ରାସ ପାଉଥିବା ବେଳେ ବ୍ରିଟେନରୁ ଭାରତକୁ ଆମଦାନୀ ଅନେକ ମାତ୍ରାରେ ବଢ଼ି ଚାଲିଲା । କୁଶଳୀ କାରିଗର ସମ୍ପ୍ରଦାୟ ଯେଉଁମାନେ ବହୁ ପୁରୁଷ ଧରି ହସ୍ତଶିଳ୍ପରେ ନିପୁଣ ଥିଲେ, ଦାରିଦ୍ର୍ୟର ତାଡ଼ନାରେ ବାଧ ହୋଇ ଜୀବନ ବିକଳରେ କୃଷି କାର୍ଯ୍ୟ ଆରମ୍ଭ କଲେ । ମାତ୍ର ତାହା ମଧ୍ୟ ଅତ୍ୟଧିକ କରଯୁକ୍ତ ଥିଲା । ତତ୍କାଳୀନ ଗଭର୍ଣ୍ଣର ଜେନେରାଲ ୱିଲିୟମ୍ ବେଣ୍ଟିଙ୍କ୍ 1834 ମସିହାରେ ଅନୁଭବ କଲେ ଯେ, "ବୁଣାକାରଙ୍କ ଅସ୍ଥି ସାରା ଭାରତର ସମତଳ ଭୂମିକୁ ଧଳା ରଙ୍ଗରେ ପରିଣତ କରି ଦେଇଛି ।"

ଭାରତୀୟ ଶିଳ୍ପ ଜଗତର ଅନ୍ୟ ଦିଗ ଗୁଡ଼ିକରେ ଯଥା ଲୁହା, ଷ୍ଟିଲ, କାଗଜ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ମଧ ସମାନ ଅବସ୍ଥା ଦେଖିବାକୁ ମିଳିଲା । ବିଶ୍ୱ ମୋଟ ଘରୋଇ ଉତ୍ପାଦନରେ (GDP) ଭାରତର ଅଂଶ ଧନ ନିମ୍ନଗାମୀ ହେବାକୁ ଲାଗିଲା, ଉପନିବେଶ ସମୟରେ ଏହା ଏତେ କମିଗଲା ଯେ ଭାରତ ସ୍ୱାଧୀନତା ବେଳକୁ ତାହା ପାଞ୍ଚ ଶତାଂଶରୁ ମଧ କମ୍ ଥିଲା । ଦୁଇ ଶତାବ୍ଦୀରୁ କମ୍ ସମୟରେ ପୃଥିବୀର ବୈଭବଶାଳୀ ଅଞ୍ଚଳ ଏକ ଦରିଦ୍ର ଅଞ୍ଚଳରେ ପରିଣତ ହୋଇଗଲା ।

ପାରମ୍ପାରିକ ଶାସନ ଢାଞ୍ଚାର ବିନାଶ

ବ୍ରିଟିଶ ଉପନିବେଶ ପୂର୍ବରୁ ଭାରତରେ ଏକ ସୁସଂଗଠିତ ସ୍ଥାନୀୟ ଶାସନ ବ୍ୟବସ୍ଥା ରହିଥିଲା । ଗୋଷ୍ଠୀଗତ ଜୀବନ ଶୈଳୀ, ବିବାଦର ସମାଧାନ, ଜଳସେଚନ ଓ ରାସ୍ତା ନିର୍ମାଣ ଆଦି ସର୍ବସାଧାରଣ କାର୍ଯ୍ୟସମୂହ ଗ୍ରାମ୍ୟ ପରିଷଦ ଦ୍ୱାରା ପରିଚାଳିତ ହେଉଥିଲା । ସ୍ଥାନୀୟ ଆବଶ୍ୟକତା ଓ ଅବସ୍ଥା ଭିତ୍ତିରେ, ଆଞ୍ଚଳିକ ରାଜ୍ୟଗୁଡିକ ଶତାବ୍ଦୀରୁ ଉର୍ଦ୍ଧ୍ୱ ସମୟ ଧରି ଏକ ଦୃଢ ପ୍ରଶାସନିକ ବ୍ୟବସ୍ଥା ଗ୍ରହଣ କରିଥିଲେ । ନିଜର ଏକ ଗୁରୁତ୍ୱପୂର୍ଣ୍ଣ ମତାମତରେ **1830** ମସିହାରେ ସେ ସମୟର କାର୍ଯ୍ୟକାରୀ ଗଭର୍ଣ୍ଣର ଜେନେରାଲ ଚାର୍ଲସ ମେଟକାଫ୍ ଲେଖିଥିଲେ:

"ଗ୍ରାମ୍ୟ ସମାଜ ଏକ ଛୋଟ ଗଣରାଜ୍ୟପରି ଥିଲା, ଯେଉଁଠି ଲୋକଙ୍କ ପ୍ରାୟ ସମସ୍ତ ଆବଶ୍ୟକତା ନିଜ ନିଜ ମଧ୍ୟରେ ପୂରଣ ହେଉଥିଲା । ସେମାନେ ସେଠାରେ ବଞ୍ଚି ରହୁଥିଲେ, ଯେଉଁଠାରେ ଅନ୍ୟ କେହି ବଞ୍ଚିବା ପାଇଁ ଅସମର୍ଥ । ଶାସକଙ୍କ ପରେ ଶାସକଙ୍କର ପତନ ହୋଇଛି, ଗୋଟିଏ ବିପ୍ଳବ ପରେ ଅନ୍ୟ ବିପ୍ଳବ ଆସିଛି, କିନ୍ତୁ ଗ୍ରାମ୍ୟ ସମାଜ ସେହିପରି ତିଷ୍ଠି ରହିଛି । ପ୍ରତ୍ୟେକ କ୍ଷୁଦ୍ର ରାଜ୍ୟର ନିଜସ୍ୱ ସ୍ଥିତି ମଧ୍ୟରେ ଗ୍ରାମ୍ୟ ସମାଜର ଏକତା ସୂଚାଇ ଦିଏ ଯେ ତାହାହିଁ ଭାରତୀୟମାନଙ୍କ ନିରବଚ୍ଛିନ୍ନ ସ୍ଥିତିର ମୁଖ୍ୟ ଆଧାର ।"

ଭାରତର ଏହି ନିଜସ୍ୱ ମୌଳିକ ଶାସନ ବ୍ୟବସ୍ଥା ସୁନିଶ୍ଚିତ ଭାବରେ ବ୍ରିଟିଶ ଶାସନ ସମୟରେ ଧ୍ୱଂସ କରିଦିଆଗଲା । ଶାସନରେ ବିକଳ୍ପ ଭାବରେ ଏକ କେନ୍ଦ୍ରୀଭୂତ ଅମଲାତାନ୍ତ୍ରୀକ ଶାସନ ବ୍ୟବସ୍ଥା ପ୍ରବର୍ତ୍ତନ କରାଗଲା ଯାହା ଜନତାଙ୍କ ମଙ୍ଗଳ ପରିବର୍ତ୍ତେ ମୁଖ୍ୟତଃ ଟିକସ ଆଦାୟ ଓ ଆଇନ ଶୃଙ୍ଖଳା ରକ୍ଷାକୁ ଗୁରୁତ୍ୱ ଦେଉଥିଲା । ଏହି ପରିବର୍ତ୍ତନ ଭାରତରେ ବହୁ ଶତାବ୍ଦୀ ବ୍ୟାପି ପ୍ରଚଳିତ ସାମାଜିକ ନିଷ୍ପତ୍ତି ନେବା ପ୍ରକ୍ରିୟାରେ ପୂର୍ଣ୍ଣଚ୍ଛେଦ ଟାଣି ଦେଲା ।

ବ୍ରିଟିଶ ଆଇନ ସଂହିତା ପ୍ରଚଳନ ମାଧ୍ୟମରେ ଭାରତରେ ବହୁ ପୁରୁଷ ଧରି ଚାଲି ଆସୁଥିବା ଶାସନଗତ ଅଭ୍ୟାସ ଓ ଆଇନ ଆଦିକୁ ଅବମାନନା କରାଗଲା । ଆଧୁନିକତା ନାମରେ ଏପରି ଏକ ବିଦେଶୀ ଶାସନ ବ୍ୟବସ୍ଥାର ଜବରଦସ୍ତି ପ୍ରଣୟନ ଭାରତ ନିମନ୍ତେ ଗ୍ରହଣୀୟ ନଥିଲା । ଏହାଦ୍ୱାରା ସାଧାରଣ ଭାରତୀୟଙ୍କୁ ନ୍ୟାୟିକ ପ୍ରକ୍ରିୟାରୁ ଦୂରେଇ ରଖି, ନ୍ୟାୟାଳୟକୁ ଏକ ବିଦେଶୀ ଭାଷା ମାଧ୍ୟମରେ ପରିଚାଳନା କରି, ସମୟ ସାପେକ୍ଷ ଓ ଖର୍ଚ୍ଚାନ୍ତ କରାଇଥିଲା ।

ଭାରତୀୟ ଶିକ୍ଷାର ରୂପାନ୍ତରୀକରଣ :

'ବାଦାମୀ ଇଂରେଜୀର ସୃଷ୍ଟି '

ଶିକ୍ଷାକୁ ଏକ ବଳିଷ୍ଠ ମାଧ୍ୟମ ରୂପେ ବ୍ୟବହାର କରି ଇଂରେଜୀ ସରକାର ଭାରତୀୟମାନଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ଶ୍ରେଣୀ ସୃଷ୍ଟି ସହିତ ନିଜ ସ୍ୱାର୍ଥପୂରଣ କରିବାରେ ଲାଗିଲେ । ପୂର୍ବ ଶତାବ୍ଦୀ ମାନଙ୍କରେ ଭାରତରେ ଏକ ବିବିଧ ଶିକ୍ଷା ପରମ୍ପରା ଯଥା– ପାଠଶାଳା, ମଦ୍ରାସା, ବିହାର ଏବଂ ବିଭିନ୍ନ ପ୍ରକାରର ଶିକ୍ଷାର୍ଥୀ ଶିକ୍ଷା ବ୍ୟବସ୍ଥା ରହିଥିଲା । ସେହି ଶିକ୍ଷାନୁଷ୍ଠାନଗୁଡିକ କେବଳ ବ୍ୟବହାରିକ ଜ୍ଞାନ ନୁହେଁ, ବରଂ ସାଂସ୍କୃତିକ ମୂଲ୍ୟବୋଧ ଓ ପରମ୍ପରା ସମ୍ପର୍କିତ ଶିକ୍ଷା ପ୍ରଦାନ କରୁଥିଲେ । ଏପରିକି ଉନବିଂଶ ଶତାବ୍ଦୀର ବ୍ରିଟିଶ ରିପୋର୍ଟ ପ୍ରକାଶ କରିଥିଲା ଯେ ସାରା ଭାରତର ବିଭିନ୍ନ ଗ୍ରାମାଞ୍ଚଳରେ ଲକ୍ଷ ଲକ୍ଷ ଗ୍ରାମ ବିଦ୍ୟାପୀଠ ରହିଅଛି । (ଉଦାହରଣ ସ୍ୱରୂପ **1830** ବେଳକୁ **100,000** ରୁ **150,000** ଟି ବିଦ୍ୟାପୀଠ କେବଳ ବଙ୍ଗଳା ଏବଂ ବିହାରରେ ଅବସ୍ଥିତ । "ଯେଉଁଠାରେ ସ୍ଥାନୀୟ ଯୁବକମାନଙ୍କୁ ପଢିବା, ଲେଖିବା ଏବଂ ଗଣିତ ଶିକ୍ଷା ଦିଆଯାଏ । ଏହି ବ୍ୟବସ୍ଥା ମିତବ୍ୟୟୀ, ସରଳ ଏବଂ ପ୍ରଭାବଶାଳୀ ଥିଲା ।"

1835 ମସିହାରେ ବ୍ରିଟିଶ ଐତିହାସିକ ଓ ରାଜନୀତି ବିଶାରଦ ଥୋମାସ୍ ବି.ମାକ୍‌ଲେଙ୍କ 'ଭାରତୀୟ ଶିକ୍ଷା ସମ୍ବନ୍ଧରେ ପଦେ' ଆଲୋଚନା ଭାରତୀୟ ଶିକ୍ଷା ବ୍ୟବସ୍ଥାର ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ଦେଇଥିଲା । ସେଠାରେ ସେ ସ୍ୱୀକାର କରିଥିଲେ ଯେ, ତାଙ୍କର "ଆରବୀୟ କିମ୍ବା ସଂସ୍କୃତ ଜ୍ଞାନ ନାହିଁ ।" ତଥାପି ସେ ବିଶ୍ୱାସ କରୁଥିଲେ ଯେ ୟୁରୋପର ଜ୍ଞାନ, ଭାରତୀୟ ଜ୍ଞାନଠାରୁ ଅଧିକ ଉନ୍ନତ । ସେ ଲେଖିଥିଲେ, "ମୁଁ ସେମାନଙ୍କ ମଧ୍ୟରୁ (ପ୍ରାଚ୍ୟରୁ) ଜଣଙ୍କୁ ବି ଦେଖିଲି ନାହିଁ ଯିଏ ଏକଥା ମାନିବ ନାହିଁ ଯେ ୟୁରୋପର ଭଲ ଲାଇବ୍ରେରୀର ଏକ ଥାକର ମହତ୍ତ୍ୱ ସାରା ଭାରତ ଓ ଆରବୀୟ ସ୍ଥାନୀୟ ସମସ୍ତ ଲେଖନ କୃତୀଠାରୁ ଅଧିକ ମହତତର ।" ତେଣୁ ଭାରତୀୟମାନଙ୍କୁ ବ୍ରିଟିଶ ଶିକ୍ଷାର ଆବଶ୍ୟକତା ଅଛି ଯାହାର ଲକ୍ଷ୍ୟ ହେଉଛି ଭାରତୀୟଙ୍କ ମଧ୍ୟରେ ଏପରି ଏକ ଶ୍ରେଣୀ ସୃଷ୍ଟି କରିବା "ଯିଏ, ରକ୍ତ ଓ ରଙ୍ଗରେ ଭାରତୀୟ ହୋଇଥିବେ, କିନ୍ତୁ, ଜ୍ଞାନ ମତାମତ, ନୈତତିକତା ଓ ଗ୍ରହଣୀୟତାରେ ଇଂରେଜ ପରି ହୋଇଥିବେ ।"

ଯଦିଓ ଅଳ୍ପ କେତେକ ପ୍ରାଚ୍ୟ ବିଶାରଦ ଯୁକ୍ତି କରିଥିଲେ ଯେ, ଭାରତୀୟ ଛାତ୍ରମାନଙ୍କୁ ସେମାନଙ୍କ ମାତୃଭାଷାରେ ଶିକ୍ଷା ଦିଆଯିବା ଆବଶ୍ୟକ, ମାକଲେଙ୍କ ନୀତି ଅଧିକ ଗ୍ରହଣ ଯୋଗ୍ୟ ହୋଇଥିଲା ଏବଂ ଭାରତର ପାରମ୍ପରିକ ବିଦ୍ୟାଳୟଗୁଡ଼ିକ ଧିରେ ଧିରେ ଅପସରିଗଲା । ସେହି ସମୟରେ ଇଂରାଜୀ ଏକ ସମ୍ମାନବୋଧକ ଭାଷା ରୂପେ ଉପନିବେଶକାରୀ ମୁନିବଙ୍କ ଭାଷା ହୋଇ ରହିବ ଫଳରେ ଭାରତୀୟ ସମାଜକୁ ଦୁଇ ଭାଗରେ ବିଭାଜିତ କଲା ଯଥା– ଇଂରାଜୀ ପାଠୁଆ ଉଚ୍ଚବର୍ଗ ଓ ସାଧାରଣ ଜନତା ।

ନୂତନ ଶିକ୍ଷା ନୀତି ଉପନିବେଶଗତ ଏକାଧିକ ଲକ୍ଷ୍ୟ ପୂରଣରେ ସାହାଯ୍ୟ କରିଥିଲା । ଏହା ଭାରତୀୟମାନଙ୍କ ମଧ୍ୟରୁ କେତେ ଜଣଙ୍କୁ କିରାଣୀ ଏବଂ କ୍ଷୁଦ୍ର କର୍ମଚାରୀ ସୃଷ୍ଟି କରାଇଥିଲା, ଯେଉଁମାନଙ୍କ ନିମନ୍ତେ ପ୍ରଶାସନ ବ୍ରିଟିଶ କର୍ମରତୀଙ୍କ ଅନୁପାତରେ ଅତି କମ୍ ଖର୍ଚ୍ଚ କରୁଥିଲା । ଏଥି ସହିତ ଏହା ମଧ୍ୟ ପାରମ୍ପରିକ ଶିକ୍ଷାର ମୂଳ ଉତ୍ସରୁ ଭାରତୀୟମାନଙ୍କୁ ଦୂରେଇ ରଖି ଏପରି ଏକ ପିଢ଼ିର ସୃଷ୍ଟି କରିବାରେ ସଫଳ ହେଲା ଯେଉଁମାନେ ନିଜ ସଂସ୍କୃତିଠାରୁ ଦୂରେଇ ଗଲେ ।

ପ୍ରାଚ୍ୟବିତ୍ : *ପଶ୍ଚିମ ଏସିଆରୁ ସୁଦୂର ପ୍ରାଚ୍ୟ ପର୍ଯ୍ୟନ୍ତ ଅଞ୍ଚଳ ପ୍ରାଚ୍ୟର ଜଣେ ପଣ୍ଡିତଙ୍କୁ ନାମିତ କରିବା ପାଇଁ ଏକ ପୁରୁଣା ଶବ୍ଦ । ଭାରତରେ, ପ୍ରାଚ୍ୟବାଦୀମାନେ (ବର୍ତ୍ତମାନ ଭାରତବିଦ କୁହାଯାଏ) ପ୍ରାୟତଃ ସଂସ୍କୃତ, ପାଲି, ପାର୍ସୀ ଏବଂ ଅନ୍ୟାନ୍ୟ ଭାଷାର ବିଦ୍ୱାନ ଥିଲେ ।*


ଏହା ବିଷୟରେ ଚିନ୍ତାକର

ସେ ଲେଖିଥିବା "ୟୁରୋପର ଏକ ଭଲ ଲାଇବ୍ରେରୀର ଏକ ଥାକର ମହତ୍ତ୍ୱ ଭାରତ ଓ ଆରବୀୟ ସମସ୍ତ ଲେଖନ କୃତୀ ଠାରୁ ଅଧିକ ମହତ୍ତର ସହିତ ସମାନ ।" ମାଧ୍ୟମରେ ମାକଲେ କ'ଣ ଦର୍ଶାଇବାକୁ ରହୁଁଥିଲେ? ସେ କାହିଁକି ଭାରତୀୟମାନଙ୍କୁ, ଜ୍ଞାନ, ମତାମତ, ନୈତିକତା ଓ ଗ୍ରହଣୀୟତାରେ ଇଂରେଜଙ୍କ ପରି ହେବାକୁ ଚାହୁଁ ଥିଲେ ?

ଅଧ୍ୟାୟର ଆରମ୍ଭରେ ଉଲ୍ଲେଖିତ ସଭ୍ୟତା ମିଶନ୍ ସହିତ ଏହା କିପରି ଜଡ଼ିତ ହୋଇପାରିବ ? ତୁମ ଶ୍ରେଣୀ ଶିକ୍ଷକଙ୍କୁ କହି ଏକ ତର୍କର ଆୟୋଜନ କର ।

ସାମ୍ରାଜ୍ୟବାଦ ଆବଶ୍ୟକତା ପୂରଣ ନିମନ୍ତ ଆର୍ଥିକ ଢାଞ୍ଚାର ପୁନର୍ଗଠନ

ଏକ କୃଷିଭିତ୍ତିକ ଏବଂ ହସ୍ତଶିଳ୍ପ ଓ ଉତ୍ପାଦନଭିତ୍ତିକ ସ୍ୱୟଂ ସମ୍ପୂର୍ଣ୍ଣ ଭାରତୀୟ ଅର୍ଥନୀତିକୁ ବଦଳାଇ ଦେଇ ବ୍ରିଟିଶ ଶାସକମାନେ ଭାରତକୁ ଏକ କଞ୍ଚାମାଲ ରପ୍ତାନୀକାରୀ ଏବଂ ବ୍ରିଟିଶ କଳକାରଖାନା ଉତ୍ପାଦିତ ଦ୍ରବ୍ୟର ପଣ୍ୟ ବଜାରରେ ପରିଣତ କରିଥିଲେ । ଏହି ଆର୍ଥିକ ପରିବର୍ତ୍ତନର ଗଭୀରତାକୁ ନଯାଇ ଚାଲ ଆମେ ଭାରତର ବିସ୍ତୃତ ରେଳବାଇ ନେଟୱାର୍କ ନିର୍ମାଣର ଉଦାହରଣ ଆଲୋଚନା କରିବା, ଯାହାକୁ ସାଧାରଣ ଭାବରେ ଔପନିବେଶିକ ଆଶୀର୍ବାଦ ବୋଲି କୁହାଯାଇଥାଏ । ଯଦିଓ ରେଳବାଇ ବ୍ୟବସ୍ଥାର ପ୍ରଚଳନ ଲୋକମାନଙ୍କୁ ଅଧିକ ନିକଟତର କରି ଭାରତର ଆଭ୍ୟନ୍ତରୀଣ ବଜାରକୁ ଏକୀକୃତ କରିଥିଲା, ବାସ୍ତବରେ ଏହାର ମୂଳଲକ୍ଷ୍ୟ ରହିଥିଲା ଆମ ମାଟିତଳେ ଗଚ୍ଛିତ କଞ୍ଚାମାଲକୁ ଆଭ୍ୟନ୍ତରୀଣ ଅଞ୍ଚଳରୁ ନେଇ ବନ୍ଦର ଅଞ୍ଚଳରେ ପହଞ୍ଚାଇବା ଏବଂ ବ୍ରିଟିଶ ଉତ୍ପାଦିତ ଦ୍ରବ୍ୟ ଗୁଡ଼ିକୁ ଆଣି ସାରା ଭାରତରେ ପହଞ୍ଚାଇବା । ଏହି ରେଳପଥ ଭାରତର ପ୍ରତିଷ୍ଠିତ ବ୍ୟାପାରକୁ ଅଣଦେଖା କରି ଔପନିବେଶକ ଆର୍ଥିକ ସ୍ୱାର୍ଥକୁ ପାଳନ କରିଥିଲା । ଏହି ରେଳପଥ ସୃଷ୍ଟିର ଅନ୍ୟ ଆବଶ୍ୟକତା ଥିଲା ବିଦ୍ରୋହ କିମ୍ବା ଯୁଦ୍ଧ ସମୟରେ ସୈନିକମାନଙ୍କୁ କାଣ୍ଟନମେଣ୍ଟ (ସାମରିକ ଛାଉଣି)ରୁ ଆଣିବା ଓ ଯୁଦ୍ଧ କ୍ଷେତ୍ର ନିକଟରେ ପହଞ୍ଚାଇବା ।



ଚିତ୍ର : 4.15. : ମାଦ୍ରାସ ରେଳବାଇର ଏକ ବାଷ୍ପୀୟ ଇଞ୍ଜିନ । 1860 ମସିହା (ଭାରତରେ ରେଳପଥ ବିସ୍ତାର କରିଥିବା ଏକ କମ୍ପାନୀ)

ଏତଦବ୍ୟତୀତ, ଏହି ରେଳବାଇ ବ୍ୟବସ୍ଥା ବ୍ରିଟିଶ ସରକାରଙ୍କଠାରୁ ଭାରତକୁ ଏକ ଉପହାର ନଥିଲା । ଏହି ବ୍ୟବସ୍ଥାରେ ହୋଇଥିବା ସମସ୍ତ ଖର୍ଚ୍ଚ ଭାରତୀୟମାନଙ୍କ ଉପରେ ବସା ଯାଇଥିବା ଟିକସରୁ ଭରଣା କରାଯାଇଥିଲା । ଅର୍ଥାତ୍ ଏହା ଜନତାଙ୍କ ଆବଶ୍ୟକତା ଅପେକ୍ଷା ବ୍ରିଟିଶ ସରକାରଙ୍କ ବାଣିଜ୍ୟିକ ସ୍ୱାର୍ଥକୁ ଗୁରୁତ୍ୱ ଦେଇଥିଲା । ଭାରତରେ ଟେଲିଗ୍ରାଫ୍ ବିକାଶର ଇତିହାସ ମଧ୍ୟ ସେହିପରି ହୋଇଥିଲା ।

ଏପରିକି ସେ ସମୟରେ ପ୍ରଶାସନିକ ଖର୍ଚ୍ଚସବୁ ଭାରତୀୟମାନଙ୍କ ଦ୍ୱାରା ବହନ କରାଯାଉଥିଲା । ଉପନିବେଶର ପ୍ରଶାସନିକ ଉପକରଣ, ସାମରିକ ପ୍ରତିଷ୍ଠାନ ଏବଂ ଭାରତରେ ରହୁଥିବା ବ୍ରିଟିଶ ଅଧିକାରୀମାନଙ୍କର ରାଜକୀୟ ଜୀବନଯାପନ ଶୈଳୀ ଆଦି ଭାରତରୁ ଆଦାୟ କରାଯାଉଥିବା ବିଭିନ୍ନ ଟିକସରୁ ବହନ କରାଯାଉଥିଲା । ସଂକ୍ଷେପରେ କହିବାକୁ ଗଲେ, ଭାରତୀୟମାନେ ନିଜେ ନିଜର ପରାଧିନତାର ପାଣ୍ଠି ଯୋଗାଉଥିଲେ ।

ପ୍ରତିବାଦର ପ୍ରାରମ୍ଭିକ ଆନ୍ଦୋଳନ:

ଔପନିବେଶିକ କର୍ତ୍ତୃପକ୍ଷଙ୍କୁ ଏକ ଆହ୍ୱାନ

ଭାରତ ଥିଲା ବ୍ରିଟିଶମାନଙ୍କ ପାଇଁ ବିପୁଳ ଧନ, ପ୍ରାକୃତିକ ଓ ମାନବ ସମ୍ବଳର ଉତ୍ସ ସ୍ଥଳ । ସେମାନେ ଭାରତକୁ 'ବ୍ରିଟିଶ ସାମ୍ରାଜ୍ୟର ମୁକୁଟ ମଣି' କହୁଥିଲେ । ସେମାନେ ଦୃଢ଼ ଥିଲେ ଯେ ଭାରତ ଚିରଦିନ ଲାଗି ବ୍ରିଟିଶ ସାମ୍ରାଜ୍ୟର ଅଂଶ ହୋଇ ରହିବ, "ଯେଉଁଠି କେବେ ସୂର୍ଯ୍ୟାସ୍ତ ହୁଏ ନାହିଁ ।"


ଏହା ବିଷୟରେ ଚିନ୍ତାକର

" ବ୍ରିଟିଶ ସାମ୍ରାଜ୍ୟରେ ସୂର୍ଯ୍ୟ କେବେ ଅସ୍ତ ହୁଏ ନାହିଁ "ର ଅର୍ଥ କଣ ? ତୁମେ କଣ ଭାବୁଛ ଏ ଉକ୍ତିଟି ଠିକ୍ ?

ତଥାପି ବ୍ରିଟିଶ ଭାରତ ବିଜୟର ଆରମ୍ଭରୁ ଆମ୍ ଘୋଷିତ ଅତିଥିକୁ ପ୍ରତିହତ କରିବାପାଇଁ ପ୍ରତିବାଦର ଆନ୍ଦୋଳନ ପ୍ରକାଶ ପାଇଥିଲା । ଆମେ ସଂକ୍ଷେପରେ ଏଭଳି କିଛି ଆନ୍ଦୋଳନର ସର୍ଭେକ୍ଷଣ କରିବା, କିନ୍ତୁ ଏହା କରିବା ପୂର୍ବରୁ ଆମେ ବ୍ରିଟିଶ ଭାରତୀୟ ସାମ୍ରାଜ୍ୟର ମାନଚିତ୍ର (ଚିତ୍ର : **4.16**) ଉପରେ ଦୃଷ୍ଟିପାତ କରିବା । ଲାଲ ଏବଂ ଗୋଲାପୀ ଅଂଶଗୁଡ଼ିକ ହେଉଛି ସିଧାସଳଖ ବ୍ରିଟିଶ ଶାସନ ଅଧୀନରେ ଥିବା ଅଞ୍ଚଳ, ଯେତେବେଳେ ହଳଦିଆ ଅଞ୍ଚଳଗୁଡ଼ିକ ହେଉଛି ଆମେ ଆଗରୁ ଆଲୋଚନା କରିଥିବା ରାଜକୀୟ ରାଜ୍ୟ (କଳା ରେଖାଗୁଡ଼ିକ ରେଳପଥକୁ ବୁଝାଏ) ।

ଆସ ଅନୁସନ୍ଧାନ କରିବା

ମାନଚିତ୍ରକୁ ଦେଖ (ଚିତ୍ର **4.16**) । ସୀମା ଏବଂ ନାମ ଉଭୟ ଦୃଷ୍ଟିରୁ ଆଜିର ଭାରତର ମାନଚିତ୍ର ସହିତ ଏହି ମାନଚିତ୍ରର ମୁଖ୍ୟ ପାର୍ଥକ୍ୟ କ'ଣ ?



ଚିତ୍ର : 4.16. 1909 ରେ ବ୍ରିଟିଶ ଭାରତୀୟ ସାମ୍ରାଜ୍ୟର ଏକ ମାନଚିତ୍ର


'ସନ୍ନ୍ୟାସୀ–ଫକୀର ସଂଗ୍ରାମ'

ପ୍ରାରମ୍ଭିକ ସଂଗଠିତ ଆନ୍ଦୋଳନଗୁଡ଼ିକ ମଧ୍ୟରୁ ଏହା ଗୋଟିଏ ଆନ୍ଦୋଳନ ଯାହାକୁ ସନ୍ନ୍ୟାସୀ (କିମ୍ବା ସନ୍ନ୍ୟାସୀ–ଫକୀର) ସଂଗ୍ରାମ କୁହାଯାଏ । **1770** ର ଭୟଙ୍କର ଦୁର୍ଭିକ୍ଷ ପରେ ଏହା ବଙ୍ଗଳାରେ ଆରମ୍ଭ ହୋଇଥିଲା । ଗୋଟିଏ ସନ୍ନ୍ୟାସୀ ଦଳ (ହିନ୍ଦୁ ତପସ୍ୱୀ ଏବଂ ଫକୀର (ମୁସଲମାନ ତପସ୍ୱୀ) ଗଣ ପାରମ୍ପରିକ ଭାବେ ତୀର୍ଥଯାତ୍ରା ଓ ଦାନାଦି କର୍ମ ପାଇଁ ମୁକ୍ତଭାବେ ଭ୍ରମଣ କରୁଥିଲେ । ବ୍ରିଟିଶ ପୂର୍ବ ଭାରତ କମ୍ପାନୀ ଦ୍ୱାରା ବିଶେଷକରି ନୂତନ ଭୂମି ଓ କରନୀତି ଦ୍ୱାରା ତାଙ୍କ ଗତିବିଧି ଉପରେ ପ୍ରତିବନ୍ଧକ ରଖାଗଲା । ସନ୍ନ୍ୟାସୀ ଓ ଫକୀରମାନଙ୍କର ସଠିକ୍ ପ୍ରେରଣା ବିଷୟରେ ବିତର୍କ ହୋଇଛି । କିନ୍ତୁ ପରବର୍ତ୍ତୀ ତିନି ଦଶନ୍ଧି ଧରି ସେମାନେ ବ୍ରିଟିଶ କୋଷାଗାରର କର ସଂଗ୍ରହକାରୀଙ୍କୁ ଆକ୍ରମଣ କରିଥିଲେ । ବ୍ରିଟିଶମାନେ ସେମାନଙ୍କୁ ଦସ୍ୟୁ ବୋଲି କହୁଥିଲେ । ସେମାନଙ୍କ ମଧ୍ୟରୁ କେତେକଙ୍କୁ ମୃତ୍ୟୁଦଣ୍ଡ ଦେଇଥିଲେ ଓ ସେମାନଙ୍କୁ ପରାସ୍ତ କରିବା ପାଇଁ ଶେଷରେ ସେମାନଙ୍କର ସର୍ବାଚ୍ଚ କ୍ଷମତା ବ୍ୟବହାର କରିଥିଲେ । ଏହି ବିଦ୍ରୋହ ପରେ ବଙ୍ଗଳା ଲେଖକ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଉପନ୍ୟାସ ଆନନ୍ଦମଠ (**1882**)କୁ ପ୍ରେରଣା ଦେଇଥିଲା । ଏଥିରେ 'ବନ୍ଦେ ମାତରମ୍' ଗୀତ ଥିଲା ଯାହା ବିଂଶ ଶତାବ୍ଦୀର ଆରମ୍ଭରେ ସ୍ୱାଧୀନତା ସଂଗ୍ରାମରେ ଭାରତୀୟମାନଙ୍କୁ ଅନୁପ୍ରାଣିତ କରିବା ସହ ସ୍ୱାଧୀନତା ପରେ ଭାରତର ଜାତୀୟ ସଙ୍ଗୀତ ହୋଇଗଲା ।

ଜନଜାତୀୟ ସଂଗ୍ରାମ

ଭାରତୀୟ ଜନଜାତି ଗୋଷ୍ଠୀ ସେତେବେଳେ ଏକ ଅଦ୍ୱିତୀୟ ବିପଦର ସାମ୍ନା କରିଥିଲେ ଯେତେବେଳେ ବ୍ରିଟିଶମାନେ ବଣ ପାହାଡ଼ ପର୍ଯ୍ୟନ୍ତ ସାମ୍ରାଜ୍ୟ ବିସ୍ତାର କରି ସେମାନଙ୍କ ପାରମ୍ପରିକ ଜୀବନ ଶୈଳୀକୁ ବାଧା ଦେଇଥିଲେ । ବ୍ରିଟିଶମାନେ ଜନଜାତିକୁ 'ଆଦିମ' ଭାବେ ବର୍ଣ୍ଣନା କରିଥିଲେ, ଜଙ୍ଗଲ ଓ ଜଙ୍ଗଲ ଜାତ ଦ୍ରବ୍ୟ ଉପରେ ତାଙ୍କ ଅଧିକାରକୁ ସୀମିତ କରିଥିଲେ । ଅନେକ ସମୟରେ ଜନଜାତିଙ୍କ ଜମିକୁ ଅଧିଗ୍ରହଣ କରିଥିଲେ କିମ୍ବା ଏହାକୁ ବ୍ୟକ୍ତିଗତ ସମ୍ପତ୍ତିରେ ପରିଣତ କରିଥିଲେ । ଏହା ଉପରେ ନଗଦ କର ଲାଗୁ କରିଥିଲେ, ସେମାନଙ୍କୁ ଋଣ ଯନ୍ତାରେ ପକାଇଦେଉଥିଲେ । ସେମାନଙ୍କର ପାରମ୍ପରିକ ଜନଜାତି ପରିଷଦକୁ ବ୍ରିଟିଶ ଆଇନ ବ୍ୟବସ୍ଥା ସହିତ ବଦଳାଇ ଦେଉଥିଲେ ଏବଂ ମିଶନାରୀଙ୍କୁ 'ସଭ୍ୟ' କହି ଜନଜାତିକୁ ଖ୍ରୀଷ୍ଟିଆନ ଧର୍ମରେ ପରିବର୍ତ୍ତନ କରିବାକୁ ଉତ୍ସାହିତ କରିଥିଲେ । ଏହା ବ୍ୟତୀତ ଏକ ଉପନିବେଶବାଦୀ ଆଇନ ଶହଶହ ଜନଜାତି ଗୋଷ୍ଠୀକୁ ' ଅପରାଧୀ ଜନଜାତି ' ଭାବରେ ଶ୍ରେଣୀଭୁକ୍ତ କରିଥିଲା ଯାହା ସେମାନଙ୍କୁ ଅନ୍ୟାୟ ଭାବରେ ବହୁ ଦଶନ୍ଧି ଧରି ଉତ୍ପୀଡ଼ନ କରି ଚାଲିଥିଲା ।

ଉପରୋକ୍ତ କିଛି ଆଇନର ଅପବ୍ୟବହାର କେତେକ ଜନଜାତିକୁ ଉପନିବେଶବାଦୀ ଶକ୍ତି ବିରୁଦ୍ଧରେ ସଂଗ୍ରାମ କରିବାକୁ ବାଧ କରିଥିଲା । ଏପରି ଘଟଣାଗୁଡ଼ିକ ମଧ୍ୟରେ ପ୍ରଥମେ ଛୋଟ ନାଗପୁର (ବର୍ତ୍ତମାନର ଝାଡ଼ଖଣ୍ଡ)ରେ କୋଲ୍ଲ ସଂଗ୍ରାମ (**1831–1832**) ରେ ଆରମ୍ଭ ହୋଇଥିଲା । ସେତେବେଳେ ବ୍ରିଟିଶମାନେ ମୂଳ ଜନଜାତିଙ୍କ ଅପେକ୍ଷା ବାହାର ଲୋକଙ୍କୁ ସୁହାଇଲାଭଳି ଭୂମିନୀତି ପ୍ରଚଳନ କରିଥିଲେ । କୋଲ୍ଲ ଜନଜାତି (ଯାହା ମଧ୍ୟରେ ମୁଣ୍ଡା ଏବଂ ଓରାଓଁ ଅନ୍ତର୍ଭୁକ୍ତ ଥିଲେ), ବ୍ରିଟିଶ ସେନା ଦ୍ୱାରା ପରାସ୍ତ ହେବା ପୂର୍ବରୁ ଗୁରୁତ୍ୱପୂର୍ଣ ଅଞ୍ଚଳରେ ଅସ୍ଥାୟୀ ଭାବରେ ସେମାନଙ୍କର ନିୟନ୍ତ୍ରଣ ସ୍ଥାପନ କରିଥିଲେ । **1855 –1856** ମସିହାର **ସାନ୍ତାଳ ସଂଗ୍ରାମ,** ଯାହା ବର୍ତ୍ତମାନର ଝାଡ଼ଖଣ୍ଡ, ବିହାର ଓ ପଶ୍ଚିମ ବଙ୍ଗର କିଛି ଅଂଶରେ ସାନ୍ତାଳ ଲୋକମାନଙ୍କର ଏକ ମହା ସଂଗ୍ରାମ ଆରମ୍ଭ ହୋଇଥିଲା । ସେହି ଜନଜାତିର ଦୁଇଭାଇ ସିଦ୍ଧୁ ମୁର୍ମୁ ଏବଂ କାହ୍ନୁ ମୁର୍ମୁ ଏହାର ନେତୃତ୍ୱ ନେଇଥିଲେ । ବ୍ରିଟିଶ ସମର୍ଥନରେ ସେମାନଙ୍କ ପୈତୃକ ଜମି ଛଡ଼ାଇ ନେଉଥିବା ମହାଜନ ଓ ଜମିଦାରଙ୍କ ବିରୋଧରେ ସାନ୍ତାଳମାନେ ସଂଗ୍ରାମ କରିଥିଲେ । ସାନ୍ତାଳମାନେ 'ଶେଷ ରକ୍ତ ବିନ୍ଦୁ ଥିବା ଯାଏ ସରକାରଙ୍କ ବିରୋଧରେ ସଂଗ୍ରାମ' କରିବାକୁ ଶପଥ ନେଇଥିଲେ । ବ୍ରିଟିଶ ପ୍ରତିକ୍ରିୟା କିନ୍ତୁ ପାଶବିକ ଥିଲା । ବ୍ରିଟିଶମାନଙ୍କର କିଛି ପ୍ରାରମ୍ଭିକ କ୍ଷତି ପରେ ସେମାନେ ସଂଗ୍ରାମୀମାନଙ୍କର ଗାଁଗୁଡ଼ିକୁ ପୋଡ଼ି ଦେଲେ ଏବଂ ସଂଗ୍ରାମୀ ନେତାମାନଙ୍କ ସମେତ ହଜାର ହଜାର ସାନ୍ତାଳୀଙ୍କୁ ହତ୍ୟା କଲେ । ତଥାପି ସାହସୀ ସାନ୍ତାଳ ସଂଗ୍ରାମ ଅନ୍ୟ ଜନଜାତି ସଂପ୍ରଦାୟକୁ ଉପନିବେଶବାଦୀ ଶାସନ ବିରୋଧରେ ଲଢ଼େଇ କରିବାକୁ ପ୍ରେରଣା ଦେଇଥିଲା ।



ଚିତ୍ର 4.17 1856 ସାନ୍ତାଳ ସଂଗ୍ରାମୀ ଏବଂ ବନ୍ଦୁକଧାରୀ ସିପାହୀଙ୍କ ମଧ୍ୟରେ ଏକ ଅସମାନ ମୁକାବିଲାର ଚିତ୍ର ଯାହା ଇଲଷ୍ଟ୍ରେଟେଡ୍ ଲଣ୍ଡନ ନ୍ୟୁଜ୍‌ରେ ୧୮୫୬ ମସିହାରେ ଅଙ୍କିତ ସ୍କେଚ ।

ଆସ ଅନୁସନ୍ଧାନ କରିବା

ଜଣେ କଳାକାରଙ୍କ କଳ୍ପନାରୁ ଉତ୍ପନ୍ନ **1856** ମସିହାର ଏକ ସ୍କେଚ୍ (ଚିତ୍ର :4.17) ରେ ସାନ୍ତାଳମାନଙ୍କୁ କିପରି ଚିତ୍ରିତ କରାଯାଇଛି ତାହା ଲକ୍ଷ୍ୟକର । ସେମାନଙ୍କର ରଙ୍ଗ, ପୋଷାକ, ଅସ୍ତ୍ରଶସ୍ତ୍ରକୁ ପର୍ଯ୍ୟବେକ୍ଷଣ କର ଏବଂ ଏହି ଚିତ୍ରଟି ବ୍ରିଟେନ୍‌ର ଲୋକମାନଙ୍କ ମନରେ କି ପ୍ରକାର ପ୍ରତିଚ୍ଛବି ସୃଷ୍ଟି କରିଥିବ, ତାର ନିଷ୍କର୍ଷ ଆଲୋଚନା କରି ପ୍ରକାଶ କର ।

ଆର୍ଥିକ ଶୋଷଣ ବିରୋଧରେ କୃଷକ ସଂଗ୍ରାମ

ବିନା ଦୁର୍ଭିକ୍ଷରେ ମଧ୍ୟ କୃଷକମାନେ ଅନ୍ୟାୟ ବ୍ରିଟିଶ ରାଜସ୍ୱ ସଂଗ୍ରହର ଶିକାର ହୋଇଥିଲେ । ସେ ସମୟର ମହାଜନ କିମ୍ବା ନୂତନ ଜମିଦାରଙ୍କ ପାଖରେ ସେମାନଙ୍କ ଜମି ହରାଇଥିଲେ । ନୀଳଚାଷ ବିଦ୍ରୋହ (ଇଣ୍ଡିଗୋ ବିଦ୍ରୋହ 1859-1862) ଶୋଷଣର କଥାକୁ ଦର୍ଶାଏ । ୟୁରୋପୀୟ ବଗିଚାର ମାଲିକମାନେ ବଙ୍ଗର ଉତ୍ତର ଭାଗରେ ରଖୀମାନଙ୍କୁ ଖାଦ୍ୟ ଶସ୍ୟ ଚାଷ ପରିତ୍ୟାଗ କରି ଲାଭଜନକ ନୀଳ ଚାଷ କରିବାକୁ ବାଧ୍ୟ କରିଥିଲେ, କାରଣ ସେତେବେଳେ ୟୁରୋପରେ ନୀଳ ରଙ୍ଗର ବହୁତ ଚାହିଦା ଥିଲା । ଚାଷୀଠୁ ବ୍ୟବସାୟୀଙ୍କ ପର୍ଯ୍ୟନ୍ତ ସମସ୍ତେ ପ୍ରଚୁର ଲାଭ ପାଉଥିଲେ, କିନ୍ତୁ କୃଷକମାନେ ଏଥିରୁ ବାଦ୍ ପଡ଼ିଥିଲେ । କେବଳ କିଛି ଅର୍ଥ ରୋଜଗାର କରୁ କରୁ ଋଣଯନ୍ତାରେ ସେମାନେ ଫସିଗଲେ । ଯେତେବେଳେ ସେମାନେ ନୀଳଚାଷ କରିବାକୁ ମନା କଲେ, ସେତେବେଳେ ସେମାନେ ଇଂରେଜମାନଙ୍କ ଦ୍ୱାରା ଜେଲଦଣ୍ଡ, ନିର୍ଯ୍ୟାତନା ଭୋଗିବା ସହ ନିଜ ଗୃହ ବାଡ଼ି ହରାଇଲେ । ସେମାନଙ୍କ ସଂଗ୍ରାମ ମୁଖ୍ୟତଃ ବଗିଚା ମାଲିକଙ୍କ ବିରୋଧରେ ଥିଲା । ଯେଉଁମାନେ କୃଷକମାନଙ୍କ ଉପରେ ଆକ୍ରମଣ କରିବାପାଇଁ ଭଡ଼ାଟିଆ ସୈନିକମାନଙ୍କୁ ନିଯୁକ୍ତି ଦେଇ ପ୍ରତିଶୋଧ ନେଇଥିଲେ । ସେମାନଙ୍କ ଉଦ୍ଦେଶ୍ୟକୁ ଶିକ୍ଷିତ ବଙ୍ଗାଳୀ ଏବଂ ବଙ୍ଗାଳୀ ପତ୍ର ପତ୍ରିକା ସମର୍ଥନ କରିଥିଲେ । ଶେଷରେ ବ୍ରିଟିଶ କର୍ତ୍ତୃପକ୍ଷ କିଛି ଖରାପ ଅପବ୍ୟବହାରକୁ ସୀମିତ କରିବାକୁ ବାଧ୍ୟ ହେଲେ ।

ଆସ ଅନୁସନ୍ଧାନ କରିବା

ନୀଳ ହେଉଛି କପଡ଼ା ରଙ୍ଗାଇବାରେ ବ୍ୟବହୃତ ହେଉଥିବା ଏକ ଗାଢ଼ ନୀଳ ରଙ୍ଗର ଦ୍ରବ୍ୟ । ତୁମେ ଅନ୍ୟ ପ୍ରାକୃତିକ ପଦାର୍ଥ ବିଷୟରେ ଚିନ୍ତା କର ଯାହା ଭାରତରେ ପାରମ୍ପରିକ ଭାବରେ କପଡ଼ା ରଙ୍ଗ କରିବା ପାଇଁ ବ୍ୟବହୃତ ହୋଇ ଆସୁଛି ?


ସାରା ଉପମହାଦେଶ ଭାରତରେ ସଂଗ୍ରାମର ଆହୁରି ଅନେକ ଉଦାହରଣ ଅଛି, ଯାହା ବ୍ରିଟିଶ ଶାସନର ଅନ୍ୟାନ୍ୟ ଦିଗ ସହିତ ପୂର୍ବରୁ ଆମେ ଦେଖିଥିଲୁ । ଏହା ଉନବିଂଶ ଶତାବ୍ଦୀର ସବୁଠୁ ବଡ଼ସଂଗ୍ରାମକୁ ଜନ୍ମ ଦେଇଥିଲା । ଆସ ସେହି ବିଷୟ ଉପରେ ଆଲୋଚନା କରିବା ।

1857 ର ମହାସଂଗ୍ରାମ

ବ୍ରିଟିଶମାନେ ଉକ୍ତ ସଂଗ୍ରାମକୁ ' ସିପାହୀ ବିଦ୍ରୋହ' ବୋଲି କହିଥିଲେ । ' ସିପାହୀ', ଅର୍ଥାତ ଆମେ ଜାଣିଲା ଭଳି ସେମାନେ ହେଉଛନ୍ତି ଇଷ୍ଟଇଣ୍ଡିଆ କମ୍ପାନୀର ବ୍ରିଟିଶ ସେନାରେ ପଞ୍ଜିକୃତ ହୋଇଥିବା ଭାରତୀୟ ସୈନିକ । ଏହାର ଅଧିକାରୀମାନେ ସମସ୍ତେ ପ୍ରାୟ ବ୍ରିଟିଶ ଥିଲେ । ଭାରତ ସ୍ୱାଧୀନ ହେବା ପରେ ଐତିହାସିକମାନେ ' ସିପାହୀ ବିଦ୍ରୋହ' ଶବ୍ଦଟିକୁ ପ୍ରତ୍ୟାଖାନ କରି ଏହା ବଦଳରେ ଅନ୍ୟକିଛି ପ୍ରସ୍ତାବ ଦେଇଥିଲେ । ଅନେକ ବିଦ୍ୱାନଙ୍କୁ ଅନୁସରଣ କରି ଆମେ ଏହାକୁ 1857 ମସିହାର ମହାନ୍ ସଂଗ୍ରାମ ବୋଲି ଡାକୁଛନ୍ତି । ହେଲେ ପ୍ରକୃତରେ କଣ ଘଟିଥିଲା ?

ଆସ ଅନୁସନ୍ଧାନ କରିବା

ଭାରତ ସ୍ୱାଧୀନତା ଲାଭ କରିବା ପରେ ସିପାହୀ ବିଦ୍ରୋହ ଶବ୍ଦକୁ କାହିଁକି ପ୍ରତ୍ୟାଖ୍ୟାନ କରାଯାଇଥିଲା ବୋଲି ତୁମେ ଭାବୁଛ ? ଏହାର କାରଣ ବ୍ୟାଖ୍ୟା କରି ତୁମେ ଏକ ଅନୁଚ୍ଛେଦ ଲେଖ ।



ଚିତ୍ର : 4.18. : ମିରଟରେ ସିପାହୀ ସଂଗ୍ରାମର ଏକ କାଳ୍ପନିକ ଚିତ୍ର
(ଚିତ୍ର ଲଣ୍ଡନ ସମାଚାର - 1857)

ଏହା ପୂର୍ବରୁ ସିପାହୀମାନଙ୍କ ମଧ୍ୟରେ ଗଭୀର ଅସନ୍ତୋଷ **1806** ମସିହାରେ ଦେଖା ଦେଇଥିଲା ଯାହା 'ଭେଲୋର ସଂଗ୍ରାମ' ନାମରେ ପରିଚିତ । ବ୍ରିଟିଶମାନେ ଉଭୟ ହିନ୍ଦୁ ଓ ମୁସଲମାନଙ୍କ ପାଇଁ ନୂତନ ସମାନ ୟୁନିଫର୍ମ ନିୟମ ପ୍ରଚଳନ କରିଥିଲେ ଯାହା ସେମାନଙ୍କ ଧାର୍ମିକ ପ୍ରଥାକୁ ଉଲ୍ଲଙ୍ଘନ କରିଥିଲା । ଉଦାହରଣ ସ୍ୱରୂପ ହିନ୍ଦୁ ସୈନ୍ୟମାନଙ୍କୁ କପାଳରେ ଧାର୍ମିକ ଚିହ୍ନ ବା ତିଳକ ପନ୍ଧିବାକୁ ବାରଣ କରାଯାଇଥିଲା ଏବଂ ମୁସଲମାନ ସୈନିକମାନଙ୍କୁ ଦାଢ଼ି କାଟିବାକୁ ବାଧ କରାଯାଇଥିଲା । ଏହାର ପ୍ରତିବାଦ କରି ସିପାହୀମାନେ ଭେଲୋର ଦୁର୍ଗ (ତାମିଲନାଡୁରେ) ଦଖଲ କରି, ବହୁ ବ୍ରିଟିଶ ଅଧିକାରୀ ଓ ବ୍ରିଟିଶ ସୈନ୍ୟଙ୍କୁ ହତ୍ୟା କରିଥିଲେ । ତଥାପି ବ୍ରିଟିଶମାନେ ବିଦ୍ରୋହକୁ ଦମନ କରିଥିଲେ । ଶହ ଶହ ସିପାହୀଙ୍କୁ ହତ୍ୟା କରିଥିଲେ କିମ୍ବା ମୃତ୍ୟୁଦଣ୍ଡ ଦେଇଥିଲେ ।

ଅନ୍ୟ ଏକ ଘଟଣାକୁ ଆମକୁ ମନେପକାଇବାକୁ ହେବ । ସେ ସମୟର ଅଧିକାଂଶ ସିପାହୀ କୃଷି ପରିବାରରୁ ଆସିଥିଲେ, ଯେଉଁମାନେ ବ୍ରିଟିଶମାନଙ୍କର ଭୁଲ ଭୂ-ରାଜସ୍ୱ ନୀତି ଯୋଗୁଁ ବହୁ କଷ୍ଟ ଭୋଗୁଥିଲେ । ବହୁ ଦଶନ୍ଧି ଧରି ବଢୁଥିବା ଅସନ୍ତୋଷ ପରେ **1857** ମସିହାରେ ଉତ୍ତର ଓ ମଧ୍ୟ ଭାରତରେ ସୈନ୍ୟମାନଙ୍କ ଭିତରେ ଗୁଜବ ବ୍ୟାପିଗଲା ଯେ, ରାଇଫଲ କାର୍ଟ୍ରିଜରେ ଗାଈ ଓ ଘୁଷୁରୀ ଚର୍ବି ଲଗାଯାଇଥିଲା ଯାହା ହିନ୍ଦୁ ଓ ମୁସଲମାନଙ୍କର ଭାବାବେଗକୁ ଆଘାତ ଦେଇଥିଲା । ବାରାକପୁର (ପଶ୍ଚିମବଙ୍ଗରେ) ରେଜିମେଣ୍ଟର ସିପାହୀ ମଙ୍ଗଳ ପାଣ୍ଡେ ବ୍ରିଟିଶ ଅଧିକାରୀମାନଙ୍କୁ ଆକ୍ରମଣ କରିଥିଲେ ।

ପରେ ଇଂରେଜମାନେ ତାଙ୍କୁ ମୃତ୍ୟୁଦଣ୍ଡ ଦେଇଥିଲେ ଯାହା ସିପାହୀଙ୍କ ମଧ୍ୟରେ ଅନେକ ଅସନ୍ତୋଷ ସୃଷ୍ଟି କରିଥିଲା । ମିରଟରେ (ଉତ୍ତର ପ୍ରଦେଶରେ) ସେମାନଙ୍କ ମଧ୍ୟରୁ କିଛି ଲୋକ ସେମାନଙ୍କର ବ୍ରିଟିଶ ଅଧିକାରୀମାନଙ୍କୁ ହତ୍ୟାକରି ଦିଲ୍ଲୀ ଅଭିମୁଖେ ଯାତ୍ରା କଲେ ଓ ଯେଉଁଠାରେ ସେମାନେ ବୃଦ୍ଧ ଓ ରାଜନୈତିକ ଭାବରେ ଶକ୍ତିହୀନ ମୋଗଲ ସମ୍ରାଟ ବାହାଦୁର ଶାହା ଜାଫରଙ୍କୁ ସେମାନଙ୍କ ନେତା ଭାବରେ ଘୋଷଣା କଲେ । (ତାଙ୍କର ସାମ୍ରାଜ୍ୟ ଦିଲ୍ଲୀର ଏକ ଛୋଟ ଅଞ୍ଚଳ ମଧ୍ୟରେ ସୀମିତ ଥିଲା) ।

ତଥାପି ସାମରିକ ନିଷ୍ପତ୍ତି କମାଣ୍ଡରମାନେ ନେଇଥିଲେ । ଏହି ବିଦ୍ରୋହ ଅତିଶୀଘ୍ର ଉତ୍ତର ଓ ମଧ୍ୟ ଭାରତରେ ବ୍ୟାପିଗଲା । ସିପାହୀମାନେ କାନପୁର, ଲକ୍ଷ୍ନୌ ଏବଂ ଝାନ୍ସୀ ଭଳି ପ୍ରମୁଖ ସହରଗୁଡ଼ିକୁ ଦଖଲ କଲେ । କାନପୁରରେ ନାନା ସାହେବଙ୍କ ନେତୃତ୍ୱରେ ବିଦ୍ରୋହୀ ବାହିନୀ ପ୍ରଥମେ ବ୍ରିଟିଶ ନାଗରିକମାନଙ୍କୁ ନିରାପଦର ଆଶ୍ୱାସନା ଦେଇଥିଲେ କିନ୍ତୁ ପରେ 200ରୁ ଅଧିକ ପୁରୁଷ, ମହିଳା ଓ ଶିଶୁଙ୍କୁ ହତ୍ୟା କରାଯାଇଥିଲା ଯାହାର କାରଣ ଏ ପର୍ଯ୍ୟନ୍ତ ବିତର୍କିତ ।

ବ୍ରିଟିଶ ପ୍ରତିକ୍ରିୟା ଏ ଦିଗରେ ବ୍ୟବସ୍ଥିତ ଓ ଅତ୍ୟନ୍ତ ନିଷ୍ଠୁର ଥିଲା । 1857ରେ ଦିଲ୍ଲୀ ପୁନର୍ବାର ଦଖଲ କରିବା ସହିତ ବ୍ରିଟିଶ ସେନା ଘରେ ଘରେ ପଶି ଗଣହତ୍ୟା ଆରମ୍ଭ କରିଥିଲେ । କାନପୁରରେ ସେମାନେ ଜନସାଧାରଣରେ ଆତଙ୍କ ସୃଷ୍ଟି କରିବା ପାଇଁ ଯୋଜନାବଦ୍ଧ ଗଣହତ୍ୟା କରିଥିଲେ । ଏକ ଦୀର୍ଘ ଦଣ୍ଡମୂଳକ ଅଭିଯାନ ସ୍ୱରୂପ ସେମାନେ ବହୁ ଗାଁ ପୋଡ଼ିଲେ, ଫସଲ ନଷ୍ଟ କଲେ ଯାହା ବିଦ୍ରୋହୀଙ୍କ ଦ୍ୱାରା ହୋଇଥିବା ମୃତ୍ୟୁ ଅପେକ୍ଷା ଅଗଣିତ ମୃତ୍ୟୁର ତାଣ୍ଡବ ସୃଷ୍ଟି କରିଥିଲା ।

ଅନେକ ବୀର ନେତା ଥିବା ସତ୍ତ୍ୱେ କିଛି ଐତିହାସିକଙ୍କ ମତରେ ଏହି ମହାନ ସଂଗ୍ରାମ ବିଫଳ ହେବାର କାରଣ ସିପାହୀଙ୍କ ମଧ୍ୟରେ ଦୃଢ଼ ମନୋବଳ, ଏକତା ଓ ନିର୍ଦ୍ଦିଷ୍ଟ ରଣ ନୀତର ଅଭାବ ରହିଥିଲା । ସଂଗ୍ରାମ ବିଫଳ ହୋଇଥିଲା ସତ କିନ୍ତୁ ଏହା ଏକ ଭିନ୍ନ ମୋଡ଼ ନେଇଥିଲା । ବିଶେଷତଃ ବିଦେଶୀ ପ୍ରଭୁତ୍ୱ ଗ୍ରହଣୀୟ ନୁହେଁ ବୋଲି ଭାରତୀୟଙ୍କ ମନରେ ଏକ ବୀଜବିପନ କଲା । ବିଂଶ ଶତାବ୍ଦୀ ପ୍ରାରମ୍ଭରେ ଏହି ବୀଜ ସ୍ୱାଧୀନତା ପାଇଁ ବିଭିନ୍ନ ବାଟରେ ସଂଗ୍ରାମର ମହାଦ୍ରୁମରେ ପରିଣତ ହେଲା । 1858 ମସିହାରେ ବ୍ରିଟିଶ ରାଜ ଇଷ୍ଟଇଣ୍ଡିଆ କମ୍ପାନୀଠାରୁ ଭାରତର ଶାସନ ଭାର ନିଜ ନିୟନ୍ତ୍ରଣକୁ ନେଲା । ଏହା ପରେ ବ୍ରିଟିଶ ଶାସନ ଆକ୍ରମଣାତ୍ମକ ନୀତିରୁ ଓହରି ଶାସନ ଧାରାକୁ ନିୟନ୍ତ୍ରଣାତ୍ମକ କରିବା ପାଇଁ ଚେଷ୍ଟା କରିଥିଲା । ଭବିଷ୍ୟତରେ ଏଭଳି ସଂଘବଦ୍ଧ ପ୍ରତିରୋଧକୁ ରୋକିବା ପାଇଁ ବିଦେଶୀ ଶାସନ ଭାରତୀୟ ସେନାଙ୍କୁ ପୁନଃସଂଗଠିତ କରିଥିଲେ ।

ଭାରତରେ ୟୁରୋପୀୟ ଉପନିବେଶବାଦର ପରମ୍ପରା

ୟୁରୋପୀୟ (ବ୍ରିଟିଶ) ମାନଙ୍କର ଭାରତ ଅଧିକାର ଓ ଭାରତରେ 'ଶାସନ ସଭ୍ୟତା ପ୍ରସାରଣ ଅଭିଯାନ' ନଥିଲା । ୟୁରୋପ ଅପେକ୍ଷା ଭାରତର ସଭ୍ୟତା ଥିଲା ଅଧିକ ପ୍ରାଚୀନ ଓ ନିଜସ୍ୱ । ପରାଧୀନତାର ଏହା ଥିଲା ଏକ ପ୍ରକ୍ରିୟା ଏବଂ ଆବଶ୍ୟକସ୍ଥଳେ ନିଷ୍ଠୁର ଦମନ ନୀତି ପ୍ରୟୋଗ ଦ୍ୱାରା ଶୋଷଣ ନୀତିକୁ ବ୍ୟବସ୍ଥିତ ଭାବରେ କାର୍ଯ୍ୟକାରୀ କରାଯାଇଥିଲା । ଭାରତର ଏକ କ୍ଷୁଦ୍ର ଶିକ୍ଷିତ ଗୋଷ୍ଠୀ ଇଂରେଜମାନଙ୍କର ଆବଶ୍ୟକତାକୁ ଗୁରୁତ୍ୱ ଦେଇଥିଲେ । କିନ୍ତୁ ବିଶ୍ୱର ଅନେକ ଉପନିବେଶିତ ଜନତାଙ୍କ ଭାଗ୍ୟ ପରି ଭାରତୀୟମାନେ ବିଭିନ୍ନ ଶୋଷଣ, ହିଂସା ଓ ଉତ୍ପୀଡ଼ନ ଭଳି ନିର୍ଯାତନାର ଶିକାର ହୋଇଥିଲେ ।


ଠିକ୍ ସେହି ସମୟରେ ଉପନିବେଶବାଦୀ ଶାସନର କିଛି ମୁଖ୍ୟ ଅନିଚ୍ଛାକୃତ ପରିଣାମ ଥିଲା । ଏହା ଭାରତକୁ ବିଶ୍ୱ ପାଇଁ ଏବଂ ବିଶ୍ୱକୁ ଭାରତ ପାଇଁ ଉନ୍ମୁକ୍ତ କଲା (ବା ପୁନଃ ଉନ୍ମୁକ୍ତ କଲା) । ବିଶେଷକରି ଇଂରେଜମାନେ ଏବଂ ଅଳ୍ପ କେତେକ ଫରାସୀ ଏ ଦେଶର ଭୌଗୋଳିକ ଦୃଷ୍ଟିକୋଣରୁ ସେମାନଙ୍କର ସମସ୍ତ ଅଭିଯାନ ଓ ବିଜୟକୁ ସୁଚାରୁରୂପେ ଲିପିବଦ୍ଧ କରି ରଖୁଥିଲେ । ସେମାନେ ସମସ୍ତ ଜାତିଗତ ଗୋଷ୍ଠୀର ଏକ ପ୍ରଭାବଶାଳୀ ତାଲିକା ସୃଷ୍ଟି କରିଥିଲେ କିନ୍ତୁ ଅବୈଜ୍ଞାନିକ ତଥା ପ୍ରଚଳିତ ଜାତିଗତ ଧାରଣା ଯୋଗୁଁ ଏହି ତାଲିକା ତ୍ରୁଟିପୂର୍ଣ୍ଣ ଥିଲା । (ଆନୁବଂଶିକ ବିଜ୍ଞାନ ଅନୁଯାୟୀ 'ଜାତି' ନାମକ କୌଣସି ଜୀବବିଜ୍ଞାନ ବିଭାଗ ନାହିଁ)ସେମାନେ ଭାରତୀୟ ସ୍ମାରକଗୁଡ଼ିକର କଳା ଓ ସ୍ଥାପତ୍ୟକୁ ଅନୁଧ୍ୟାନ କରି ତଥ୍ୟ ସଂଗ୍ରହ କରିଥିଲେ । ଭଗ୍ନ ଅବସ୍ଥାରେ ଥିବା କେତେକ ସ୍ମାରକର ପୁନରୁଦ୍ଧାର ସହିତ ପ୍ରତ୍ନତତ୍ତ୍ୱ ପାଠ୍ୟକ୍ରମର ଶୁଭାରମ୍ଭ କରିଥିଲେ ।

ଏହି ପ୍ରକ୍ରିୟା ମଧ୍ୟରେ ସେମାନଙ୍କ ସହିତ ଅନ୍ୟ ୟୁରୋପୀୟ ଉପନିବେଶବାଦୀ ଶକ୍ତିଗୁଡ଼ିକ ଭାରତର ହଜାର ହଜାର ସଂଖ୍ୟାର ମୂର୍ତ୍ତି, ଚିତ୍ରକଳା, ଅଳଙ୍କାର, ପାଣ୍ଡୁଲିପି ଏବଂ ଅନ୍ୟାନ୍ୟ ସାଂସ୍କୃତିକ କଳାକୃତି ଚୋରାଇ ନେଇ ୟୁରୋପର ବିଭିନ୍ନ ସଂଗ୍ରହାଳୟ ତଥା ବ୍ୟକ୍ତିଗତ ସଂଗ୍ରହାଳୟଗୁଡ଼ିକୁ ପଠାଇଥିଲେ । ଯଦିଓ ଏହାଦ୍ୱାରା ଭାରତର ପ୍ରଭୂତ ସାଂସ୍କୃତିକ କ୍ଷତି ଘଟିଥିଲା ଏବଂ ଭାରତର ଐତିହ୍ୟ ଓ ପରମ୍ପରାରର ପରିପନ୍ଥୀ ଥିଲା, ତଥାପି ଏହାଦ୍ୱାରା ୟୁରୋପୀୟ ସମାଜରେ ଭାରତୀୟ କଳା ଓ ସଂସ୍କୃତିର ପ୍ରଭୂତ ଆଦର ଓ ପ୍ରଶଂସା ବଢ଼ି ଯାଇଥିଲା । ଏହିପରି ବଡ଼ ଧରଣର କଳା ଓ ସାଂସ୍କୃତିକ ଅପହରଣ ବିଶ୍ୱର ଅଧିକାଂଶ ଉପନିବେଶିତ ଦେଶରେ ଦେଖାଦେଇଥିଲା । ଏହିସବୁ ଅପହୃତ ସାଂସ୍କୃତିକ ସମ୍ପଦ ମଧ୍ୟରୁ କେତେକ ସେମାନଙ୍କର ମୂଳ ଦେଶକୁ ଫେରାଇ ଦେବା ପାଇଁ ତର୍କବିତର୍କ ଓ ପ୍ରୟାସ ଜାରି ରହିଛି ।

ଆସ ଅନୁସନ୍ଧାନ କରିବା

→ "ଏହା ଉନ୍ମୁକ୍ତ କଲା (ପୁନଃ ଉନ୍ମୁକ୍ତ କଲା) ଭାରତକୁ ବିଶ୍ୱ ପାଇଁ ଓ ବିଶ୍ୱକୁ ଭାରତ ପାଇଁ " ବାକ୍ୟରେ "ପୁନଃ ଉନ୍ମୁକ୍ତ ହେବ" ଯୋଡ଼ିଛୁ ବୋଲି ତୁମେ କାହିଁକି ଭାବୁଛ ?

→ କେତେକ ଯୁକ୍ତି କରନ୍ତି ଯେ ଅପହୃତ ବା ଚୋରୀ ହୋଇଥିବା ସାଂସ୍କୃତିକ ଐତିହ୍ୟଗୁଡ଼ିକ ଭାରତ ଅପେକ୍ଷା ବିଦେଶରେ ଭଲ ଭାବରେ ସୁରକ୍ଷିତ ରହିଛି । ଏଗୁଡ଼ିକର ପ୍ରତ୍ୟାର୍ପଣ ସମ୍ପର୍କରେ ତୁମର ମତ କଣ ? ତୁମ ଦଳ ଭିତରେ ଆଲୋଚନା କର ।


THE
BHĂGVĂT-GĒĒTĂ,
OR
DIALOGUES
OF
KRĔĔSHNĂ AND ĂRJÖÖN;
IN EIGHTEEN LECTURES;
WITH
NOTES.
TRANSLATED FROM THE ORIGINAL, IN THE *Sămsrĭtt*, OR ANCIENT LANGUAGE OF THE *Brăhmăns*,
BY
CHARLES WILKINS,
SENIOR MERCHANT IN THE SERVICE OF THE HONOURABLE THE EAST INDIA COMPANY, ON THEIR BENGAL ESTABLISHMENT.
LONDON:
PRINTED FOR C. NOURSE,
OPPOSITE CATHARINE-STREET, IN THE STRAND.
MDCCLXXXV.

ଚିତ୍ର: 4.21 : 1785 ମସିହାର ପ୍ରଥମ ସଂସ୍କୃତ ପୁସ୍ତକର ଇଂରାଜୀ ଅନୁବାଦର ଶୀର୍ଷକ ପୃଷ୍ଠା– ଭଗବଦଗୀତାର କୃଷ୍ଣ ଏବଂ ଅର୍ଜୁନଙ୍କ ମଧ୍ୟରେ ସଂଳାପ(ଆଧୁନିକ ବନାନ ବ୍ୟବହାର କରାଯାଇଛି) । ଅନୁବାଦକ ଥିଲେ ଚାର୍ଲସ୍ ୱିଲକିନ୍ସ ।

ପରିଶେଷରେ ଯଦିଓ ବ୍ରିଟିଶ ବିଦ୍ୱାନମାନେ ସଂସ୍କୃତ ଭାଷାରେ ନିପୁଣତା ହାସଲ କରିଥିବା ପ୍ରଥମ ୟୁରୋପୀୟ ନଥିଲେ, ତଥାପି ସେମାନେ ପ୍ରଥମେ କିଛି ସଂସ୍କୃତ ପୁସ୍ତକକୁ ୟୁରୋପୀୟ ଭାଷାରେ ଅନୁବାଦ କରି ପ୍ରକାଶ କରିଥିଲେ । ପରବର୍ତ୍ତୀ ସମୟରେ ଫରାସୀ, ଜର୍ମାନ ଓ ଅନ୍ୟମାନେ ଏହି ଧାରାକୁ ଅନୁସରଣ କରିଥିଲେ । ଏହି ଅଭିପ୍ରେରଣା ମିଶ୍ରିତ ଥିଲା । କେତେକ ବିଦ୍ୱାନ ଭାରତୀୟ ପ୍ରାଚୀନ ସଂସ୍କୃତିର ପ୍ରକୃତ ଗବେଷକ ବା ପ୍ରଶଂସକ ଥିବାବେଳେ ଅନ୍ୟମାନେ ବିଶ୍ୱାସ କରୁଥିଲେ ଯେ ଭାରତୀୟ ଭାଷା ଏବଂ ପୁସ୍ତକ ଅଧ୍ୟୟନ କରିବା ଦ୍ୱାରା ଖ୍ରୀଷ୍ଟଧର୍ମର ଶ୍ରେଷ୍ଠତା ପ୍ରତିପାଦନକରିବା ସହଜ ହୋଇଯିବ ।

ଜର୍ମାନ ଦାର୍ଶନିକ ଜର୍ଜ ହେଗେଲଙ୍କ ଭାଷାରେ ୟୁରୋପରେ ସଂସ୍କୃତ ଅଧ୍ୟୟନ ଓ ଗ୍ରନ୍ଥର ପ୍ରସାର (ପରେ ଅନ୍ୟ ଭାରତୀୟ ଭାଷାଗୁଡ଼ିକ ଦ୍ୱାରା ଅନୁକରଣ) 'ଏକ ନୂତନ ମହାଦେଶର ଆବିଷ୍କାର' ପରିଥିଲା । ୟୁରୋପୀୟ ଦାର୍ଶନିକ, ଲେଖକ, କବି, କଳାକାର ଏବଂ ବେଳେବେଳେ ରାଜନେତାମାନଙ୍କ ଉପରେ ଭାରତୀୟ ଗ୍ରନ୍ଥଗୁଡ଼ିକର ବହୁତ ପ୍ରଭାବ ପଡ଼ିଥିଲା । ଏହି ପ୍ରଭାବ ପରବର୍ତ୍ତୀ ସମୟରେ ଉନବିଂଶ ଶତାବ୍ଦୀରେ ଯୁକ୍ତରାଷ୍ଟ୍ର ଆମେରିକା ପର୍ଯ୍ୟନ୍ତ ବ୍ୟାପି ଯାଇଥିଲା । ଏହା ସ୍ମରଣ ଯୋଗ୍ୟ ଯେ ରାଜନୈତିକ ପ୍ରଭୁତ୍ୱ ଗୋଟିଏ ଦିଗରେ ପ୍ରବାହିତ ହୋଇଥିବା ବେଳେ ଅନ୍ୟ ଦିଗରେ ସାଂସ୍କୃତିକ ପ୍ରଭାବ ପ୍ରବାହିତ ହେଉଥିଲା ।

ଦୁଇ ବୀର ରମଣୀ



ଚିତ୍ର: 4.19 ରାଣୀ ଲକ୍ଷ୍ମୀବାଈ(1853 କିମ୍ବା ପୂର୍ବର)ଙ୍କ ଏକ କ୍ଷୁଦ୍ର ଚିତ୍ର ।

ଝାନ୍‌ସୀର ରାଣୀ ଲକ୍ଷ୍ମୀବାଈ : ଝାନ୍ସୀର ରାଣୀ ଲକ୍ଷ୍ମୀବାଈ ନିଜ ରାଜ୍ୟକୁ ବ୍ରିଟିଶ କବଳରୁ ରକ୍ଷା କରିବା ପାଇଁ ଅତି ସାହସର ସହିତ ଯୁଦ୍ଧ କରିଥିଲେ । ନାନା ସାହେବଙ୍କ ସାମରିକ ପରାମର୍ଶଦାତା ତାତିଆ (ତାନ୍ତିଆ) ତୋପେଙ୍କ ସହାୟତାରେ ରାଣୀ ଲକ୍ଷ୍ମୀବାଈ ବ୍ରିଟିଶମାନଙ୍କ ଝାନ୍ସୀ ଘେରାବନ୍ଦୀରୁ ଖସିଯିବାକୁ ସକ୍ଷମ ହେବା ସଙ୍ଗେ ସଙ୍ଗେ ଗ୍ୱାଲିୟର ଦୁର୍ଗକୁ ଜୟ କରିଥିଲେ ଏବଂ ରାଜକୋଷ ଓ ଅସ୍ତ୍ରାଗାରକୁ ନିଜ ଅକ୍ତିଆରକୁ ନେଇ ପାରିଥିଲେ । 1858 ମସିହା ଜୁନ୍ 18 ତାରିଖରେ ଯୁଦ୍ଧ କ୍ଷେତ୍ରରେ ତାଙ୍କୁ ହତ୍ୟା କରାଯାଇଥିଲା । ଝାନ୍ସୀ ଉପରେ ବ୍ରିଟିଶ ସେନାଙ୍କ ଆକ୍ରମଣର ନେତୃତ୍ୱ ନେଇଥିବା ବ୍ରିଟିଶ ସେନା ଅଧିକାରୀ ଉଲ୍ଲେଖ କରିଥିଲେ, ଯେ "ରାଣୀ ତାଙ୍କର ସୌନ୍ଦର୍ଯ୍ୟ, ଚତୁରତା ଓ ସାହସିକତା ପାଇଁ ପ୍ରଶଂସନୀୟ ହେବା ସହିତ ତାଙ୍କ ଅଧିନସ୍ଥମାନଙ୍କ ପ୍ରତି ଅତ୍ୟନ୍ତ ଉଦାରଭାବ ପୋଷଣ କରିଥିଲେ ।"

ଏହି ସବୁ ଗୁଣ ତାଙ୍କର ସମ୍ମାନ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ବିଦ୍ରୋହୀ ନେତାମାନଙ୍କ ମଧ୍ୟରେ ସେ ସବୁଠାରୁ ବିପଦଜନକ ଥିଲେ । କହିବାକୁ ଗଲେ ସେ ଥିଲେ ସବୁଠାରୁ ସାହସୀ ଓ ଉତ୍ତମ ବିଦ୍ରୋହୀ । ତାନ୍ତିଆ ତୋପେ 1859 ମସିହା ପର୍ଯ୍ୟନ୍ତ ଲଢ଼େଇ ଚାଲୁ ରଖୁଥିଲେ । କିନ୍ତୁ ତାଙ୍କ ପ୍ରତି ବିଶ୍ୱାସଘାତକତା କରାଯାଇ ବ୍ରିଟିଶମାନଙ୍କ ହାତରେ ଧରାଇ ଦିଆଯାଇଥିଲା ଏବଂ ପରେ ତାଙ୍କୁ ଫାଶୀରେ ଝୁଲାଇ ଦିଆଯାଇଥିଲା ।



ଚିତ୍ର : 4.20. 1850 ର ବେଗମ୍ ହଜରତ ମହଲଙ୍କ ଏକ ଚିତ୍ରର ବିବରଣୀ

ବେଗମ୍ ହଜରତ ମହଲ : ଅଓ୍ୱଧର (ବର୍ତ୍ତମାନ ଉତ୍ତର ପ୍ରଦେଶର ମଧ୍ୟଭାଗ) ବେଗମ୍ ହଜରତ ମହଲଙ୍କ ରାଜ୍ୟ ବ୍ରିଟିଶମାନେ ଅଧିକାର କରିବା ପରେ ସେ ବ୍ରିଟିଶମାନଙ୍କର ପ୍ରତିରୋଧ କରିଥିଲେ । **1857** ରେ ସେ ବିଦ୍ରୋହୀମାନଙ୍କ ସହିତ ଯୋଗ ଦେଇଥିଲେ ଏବଂ ବ୍ରିଟିଶମାନେ ଯେତେବେଳେ ଲକ୍ଷ୍ନୌ ସହରକୁ ପୁନର୍ବାର ଦଖଲ କରିବାକୁ ଉଦ୍ୟମ କରିଥିଲେ ସେ ଏହାର ପ୍ରତିରକ୍ଷା କରିଥିଲେ । ବ୍ରିଟିଶମାନଙ୍କ ନିକଟରେ ଆତ୍ମ ସମର୍ପଣ କଲେ ତାଙ୍କୁ ନିରାପତ୍ତା ଯୋଗାଇ ଦିଆଯିବା ପ୍ରସ୍ତାବକୁ ହଜରତ ମହଲ ପ୍ରତ୍ୟାଖ୍ୟାନ କରିଥିଲେ ଏବଂ ବାଧ୍ୟହୋଇ ତାଙ୍କୁ ନିକଟସ୍ଥ ନେପାଳରେ ଆଶ୍ରୟ ନେବାକୁ ପଡ଼ିଥିଲା । **1858** ମସିହା ନଭେମ୍ବର ମାସରେ ରାଣୀ ଭିକ୍ଟୋରିଆ ଘୋଷଣା କଲେ ଯେ , ଭାରତରୁ ଇଷ୍ଟ ଇଣ୍ଡିଆ କମ୍ପାନୀର ଶାସନ ଲୋପପାଇଲା । ଆହୁରି ମଧ୍ୟ ସେ ପ୍ରତିଶୃତି ଦେଇଥିଲେ ଯେ ଭାରତୀୟମାନଙ୍କ ଧାର୍ମିକ ବ୍ୟାପାରରେ ଆଉ ହସ୍ତକ୍ଷେପ କରାଯିବ ନାହିଁ ଓ ପ୍ରଶାସନିକ କ୍ଷେତ୍ରରେ ଭାରତୀୟମାନଙ୍କୁ ଅଧିକ ସଂଖ୍ୟାରେ ଅନ୍ତର୍ଭୁକ୍ତ କରାଯିବ ।

ବେଗମ୍ ହଜରତ ମହଲ ରାଣୀ ଭିକ୍ଟୋରିଆଙ୍କର ଏହି ଘୋଷଣାର ପ୍ରତ୍ୟୁତ୍ତରରେ ଭାରତୀୟମାନଙ୍କୁ ସତର୍କ କରାଇଦେଇ କହିଥିଲେ ଯେ, "ଏହି ପ୍ରତଶୃତିରେ ଆଦୌ ବିଶ୍ୱାସ କରିବା ଠିକ୍ ନୁହେଁ । କାରଣ ଏହା ହେଉଛି ଇଂରେଜମାନଙ୍କର ଏକ ଅପରିବର୍ତ୍ତନୀୟ ପ୍ରଥା ଯେ ସେମାନେ ବଡ଼ ହେଉ ବା ଛୋଟ କୌଣସି ଦୋଷକୁ କ୍ଷମା କରିବେନାହିଁ ।"



ଶେଷ କରିବା ପୂର୍ବରୁ...

→ ଭାରତର ପ୍ରଚୁର ସମ୍ପଦ ପର୍ତ୍ତୁଗୀଜ, ଡଚ୍, ଫରାସୀ ଓ ଇଂରେଜମାନଙ୍କୁ ଭାରତକୁ ଆକର୍ଷିତ କରିଥିଲା । ଏହି ଉପମହାଦେଶରେ ନିଜର ପ୍ରାଧାନ୍ୟ ପାଇଁ ସେମାନେ ପରସ୍ପର ମଧ୍ୟରେ ଲଢ଼ିଥିଲେ ଏବଂ ଯେଉଁଥରେ ଇଂରେଜମାନେ ସଫଳତା ହାସଲ କରିଥିଲେ ।

→ ଇଂରେଜମାନଙ୍କର ନିଷ୍ଠୁର କର ନୀତି ଲୋକଙ୍କୁ ବହୁତ ଦୁଃଖ କଷ୍ଟ ଦେଇଥିଲା । ଭୟଙ୍କର ଦୁର୍ଭିକ୍ଷ ଯୋଗୁଁ ଲକ୍ଷ ଲକ୍ଷ ଲୋକ ମୃତ୍ୟୁ ମୁଖରେ ପଡ଼ିଥିଲେ । ଉଦ୍ଦେଶ୍ୟମୂଳକ ଭାବେ ଭାରତରେ ଇଂରେଜମାନଙ୍କର ଶିଳ୍ପହ୍ରାସକରଣ ନୀତି ଏ ଦେଶର ଉତ୍ପାଦନ କ୍ଷେତ୍ରକୁ ଧ୍ୱଂସ କରିଦେଇଥିଲା ।

→ ଇଂରେଜମାନେ ଧୀରେ ଧୀରେ ଭାରତୀୟ ସମାଜ ଉପରେ ସମ୍ପୂର୍ଣ୍ଣରୂପେ ଉପନିବେଶବାଦୀ ନିୟନ୍ତ୍ରଣକୁ ସୁନିଶ୍ଚିତ କରିବା ପାଇଁ ସେମାନଙ୍କର ପ୍ରଶାସନିକ ଗଠନ, ଆଇନଗତ ବ୍ୟବସ୍ଥା ଏବଂ ଶିକ୍ଷାନୁଷ୍ଠାନ ପ୍ରଚଳନ ପ୍ରଭୃତି ଆରମ୍ଭ କରିଦେଇଥିଲେ ।

→ ପର୍ତ୍ତୁଗୀଜମାନେ ଗୋଆରେ ଧାର୍ମିକ ଓ ସାଂସ୍କୃତିକ ପରିବର୍ତ୍ତନ ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ ଯାହା ଦୀର୍ଘସ୍ଥାୟୀ ସାମାଜିକ ବିଭାଜନ ସୃଷ୍ଟି କରିଥିଲା । ଫରାସୀମାନଙ୍କର ସମନ୍ୱୟ ନୀତି ପଣ୍ଡିଚେରୀରେ ଏକ ଛୋଟ ଫରାସୀ –ଭାରତୀୟ ଶିକ୍ଷିତ ସାଂସ୍କୃତିକ ଗୋଷ୍ଠୀ ସୃଷ୍ଟି କରିଥିଲା ।

→ 18ଶ ଶତାବ୍ଦୀର ଶେଷ ଭାଗକୁ ଅନେକ ବିଦ୍ରୋହର ସୂତ୍ରପାତ ହୋଇଥିଲା । ବିଶେଷକରି **1857**ର ମହାନ ସିପାହୀ ବିଦ୍ରୋହ ଭାରତରେ ଉପନିବେଶବାଦୀ ଶାସନକୁ କିଛି ସମୟ ପାଇଁ ବିପଦରେ ପକାଇଥିଲା । ଏହିସବୁ ବିଦ୍ରୋହଗୁଡ଼ିକୁ ଇଂରେଜମାନେ ଅତି ନିର୍ମମ ଭାବରେ ଦମନ କରିଥିଲେ ।

→ **19**ଶ ଶତାବ୍ଦୀରେ ଭାରତର ପ୍ରାଚୀନ ସଂସ୍କୃତି ବିଶେଷ ଭାବରେ ସଂସ୍କୃତ ପୁସ୍ତକଗୁଡ଼ିକର ଅନୁବାଦିତ ରୂପ ପାଶ୍ଚାତ୍ୟ ସଭ୍ୟତାର ଦୀର୍ଘକାଳୀନ ପ୍ରଭାବ ପକାଇ ପାରିଥିଲା ।

ପ୍ରଶ୍ନାବଳୀ, ଅଭ୍ୟାସ କାର୍ଯ୍ୟ ଏବଂ ପ୍ରକଳ୍ପ



1. ନିମ୍ନଲିଖିତ ୟୁରୋପୀୟ ଶକ୍ତିଗୁଡିକୁ ଭାରତରେ ସେମାନଙ୍କ ଆଗମନକୁ ସଠକ କ୍ରମରେ ସଜାଅ । ( )

   A) ପର୍ତ୍ତୁଗୀଜ→ ଡଚ୍ → ବ୍ରିଟିଶ → ଫରାସୀ

   B) ଡଚ୍ → ପର୍ତ୍ତୁଗୀଜ → ଫରାସୀ →ବ୍ରିଟିଶ

   C) ପର୍ତ୍ତୁଗୀଜ→ ବ୍ରିଟିଶ → ଡଚ୍ → ଫରାସୀ

   D) ବ୍ରିଟିଶ → ପର୍ତ୍ତୁଗୀଜ→ ଡଚ୍ → ଫରାସୀ

2. ଘୋଷଣା(ଦୃଢୋକ୍ତି) ଏବଂ କାରଣ ପର୍ଯ୍ୟବେକ୍ଷଣ କରି ସଠିକ ଉତ୍ତର ଚୟନ କର । ( )

   ଘୋଷଣା (**A**) :ଉପନିବେଶବାଦର ଯୁଗ ସାଧାରଣତଃ 15ଶ ଶତାବ୍ଦୀ ପରଠାରୁ ୟୁରୋପୀୟମାନଙ୍କ ବିସ୍ତାରକୁ ବୁଝାଏ ।

   କାରଣ (**R**) : ରାଜନୈତିକ ପ୍ରତିଯୋଗିତା, ଆର୍ଥିକ ସୁବିଧା, ଧାର୍ମିକ ପରିବର୍ତ୍ତନ ଏବଂ ବୈଜ୍ଞାନିକ ଅନୁସନ୍ଧାନ ଏହି ଅଭିଯାନକୁ ପ୍ରେରଣା ଦେଇଥିଲା ।

   A)ଉଭୟ **A** ଏବଂ **R** ସତ୍ୟ, ଏବଂ **R** ହେଉଛି **A** ର ସଠିକ ସ୍ପଷ୍ଟିକରଣ ।

   B) ଉଭୟ **A** ଏବଂ **R** ସତ୍ୟ, କିନ୍ତୁ **R** ଉକ୍ତିଟି **A** ର ସଠିକ ସ୍ପଷ୍ଟିକରଣ ନୁହେଁ ।

   C) A ସତ୍ୟ କିନ୍ତୁ **R** ମିଥ୍ୟା ।

   D) A ମିଥ୍ୟା କିନ୍ତୁ **R** ସତ୍ୟ ।

3. ଉପନିବେଶବାଦ କ'ଣ ? ଏହି ଅଧ୍ୟାୟକୁ ଭିତ୍ତିକରି କିମ୍ବା ତୁମ ନିଜ ଜ୍ଞାନରୁ ଏ ସମ୍ପର୍କୀତ ତିନୋଟି ଭିନ୍ନ ଭିନ୍ନ ସଂଜ୍ଞା ଲେଖ ।

4. ଉପନିବେଶବାଦୀ ଶାସକମାନେ ପ୍ରାୟତଃ ଦାବୀ କରୁଥିଲେ ଯେ ଉପନିବେଶର ଶାସିତ ଲୋକମାନଙ୍କୁ ସଭ୍ୟ କରିବା ଆମର ଲକ୍ଷ୍ୟ । ଏହି ଅଧ୍ୟାୟ ଆଧାରରେ ତୁମେ ଚିନ୍ତାକର ଯେ ଏହି ଉକ୍ତି କ'ଣ ଭାରତ ପାଇଁ ଠିକ୍ ଥିଲା ? ତେବେ କାହିଁକି ବା କାହିଁକି ନୁହେଁ ?

5. ଭାରତକୁ ଉପନିବେଶ କରିବାରେ ବ୍ରିଟିଶ ଆଭିମୁଖ୍ୟ ପର୍ତ୍ତୁଗୀଜ ଭଳି ୟୁରୋପୀୟ ଶକ୍ତିଙ୍କଠାରୁ କିଭଳି ଭିନ୍ନ ଥିଲା ?

6. ଭାରତୀୟମାନେ ସେମାନଙ୍କର ନିଜସ୍ୱ ପରାଧୀନତା ପାଇଁ ଇଂରେଜମାନଙ୍କୁ ପାଣ୍ଠି ଯୋଗାଇଥିଲେ । ବ୍ରିଟିଶମାନଙ୍କର ଭାରତରେ ରେଳ ଓ ଟେଲିଗ୍ରାଫ୍ ପରି ଭିତ୍ତିଭୂମି ଓ ପ୍ରକଳ୍ପର ଅର୍ଥ କ'ଣ ?

7. ବିଭାଜନ ଓ ଶାସନ ବାକ୍ୟାଂଶର ଅର୍ଥ କ'ଣ? ଭାରତରେ ବ୍ରିଟିଶମାନେ କିପରି ଏହାର ବ୍ୟବହାର କରିଥିଲେ ଉଦାହରଣ ଦିଅ ।

8. କୃଷି , ଶିକ୍ଷା , ବାଣିଜ୍ୟ କିମ୍ବା ଗ୍ରାମୀଣ ଜୀବନ ମଧ୍ୟରୁ ଭାରତୀୟ ଜୀବନର ଯେକୌଣସି ଗୋଟିଏ କ୍ଷେତ୍ରକୁ ବାଛ । ଉପନିବେଶିକ ଶାସନ ଦ୍ୱାରା ଏହା କିପରି ଭାବରେ ପ୍ରଭାବିତ ହୋଇଥଲା ? ସେହି ପରିବର୍ତ୍ତନ ଆଜି ମଧ୍ୟ ସମାଜରେ ଦେଖିପାରୁଛ କି ? ଗୋଟିଏ ଛୋଟ ପ୍ରବନ୍ଧ, କବିତା ବା ଚିତ୍ର ମାଧ୍ୟମରେ ତୁମ ମନର ଭାବ ପ୍ରକାଶ କର ।

9. କଳ୍ପନା କର ଯେ ତୁମେ **1857** ର ଜଣେ ସମ୍ବାଦଦାତା । ଝାନ୍ସୀର ରାଣୀ ଲକ୍ଷ୍ମୀବାଇଙ୍କ ପ୍ରତିରୋଧ ସଂମ୍ପର୍କରେ ଏକ ଛୋଟ ସମ୍ବାଦ ଲେଖ । ମୁଖ୍ୟ ଘଟଣାବଳୀ ଏବଂ ନେତାମାନଙ୍କୁ ଗୁରୁତ୍ୱ ଦେଇ ବିଦ୍ରୋହ କିପରି ଆରମ୍ଭ, ପ୍ରସାରିତ ଓ ସମାପ୍ତ ହେଲା, ଏକ ସମୟରେଖା ବା ଷ୍ଟୋରି ବୋର୍ଡ଼ (ଗଳ୍ପ ଫଳକ) ମାଧ୍ୟମରେ ଦର୍ଶାଅ ।

10. ଭାରତ କେବେ ୟୁରୋପୀୟ ଶକ୍ତିମାନଙ୍କଦ୍ୱାରା ଉପନିବେଶିତ ହୋଇନଥିଲା ମନେକରି ଏକ ବିକଳ୍ପ ଇତିହାସ କଳ୍ପନା କର । ଭାରତ କିପରି ନିଜ ବାଟରେ ବିକଶିତ ହୋଇଥାଇ ପାରିଥାନ୍ତା, ସେ ସମ୍ପର୍କରେ **300** ଶବ୍ଦ ମଧ୍ୟରେ ଏକ ସଂକ୍ଷିପ୍ତ କାହାଣୀ ଲେଖ ।

11. ଅଭିନୟ ମାଧ୍ୟମରେ : ଭାରତରେ ବ୍ରିଟିଶ ଉପନିବେଶବାଦୀ ଶାସନ ଉପରେ ଜଣେ ବ୍ରିଟିଶ ଅଧିକାରୀ ଏବଂ ଦାଦାଭାଇ ନାରୋଜୀଙ୍କ ପରି ଜଣେ ଭାରତୀୟ ବ୍ୟକ୍ତିତ୍ୱଙ୍କ ମଧ୍ୟରେ ଏକ ଐତିହାସିକ କଥୋପକଥନ ପ୍ରଦର୍ଶନ କର ।

12. ଉପନିବେଶବାଦୀ ଶାସନ ସମୟରେ ତୁମ ରାଜ୍ୟ ବା ଅଞ୍ଚଳର ଏକ ପ୍ରତିରୋଧ ଆନ୍ଦୋଳନ (ଆଦିବାସୀ, କୃଷକ କିମ୍ବା ରାଜକୀୟ) ବିଷୟରେ ଚିନ୍ତା କର । ନିମ୍ନଲିଖିତ ବିଷୟ ଗୁଡ଼ିକ ଉପରେ ବର୍ଣ୍ଣନା କରି ଏକ ବିବରଣୀ ପ୍ରସ୍ତୁତ କର :

- ପ୍ରମୁଖ କାରଣ କ'ଣ ଥିଲା (ଯଦି ଥାଏ) ? ଆନ୍ଦୋଳନର ନେତୃତ୍ୱ କିଏ ନେଇଥିଲେ ?
- ସେମାନଙ୍କର ଦାବୀ କ'ଣ ଥିଲା ?
- ଏଥିପ୍ରତି ବ୍ରିଟିଶମାନଙ୍କର ପ୍ରତିକ୍ରିୟା କିପରି ଥିଲା ?
- ଆଜି ଏହି ଘଟଣାକୁ କିପରି ମନେ ରଖାଯାଇଛି । (ଯଥା– ସ୍ଥାନୀୟ ପର୍ବପର୍ବାଣୀ, ନୃତ୍ୟ, ଗୀତ ବା ସ୍ମାରକୀ ମାଧ୍ୟମରେ ।)

ଅଧ୍ୟାୟ

5

କାକତୀୟ ରାଜ୍ୟ


F6V6E7

ଶିକ୍ଷଣ ଫଳାଫଳ

ଶିକ୍ଷାର୍ଥୀମାନେ ଏହା କରିପାରିବେ:

- → କାକତୀୟ ରାଜବଂଶର ଅଧୀନସ୍ଥ ତେଲୁଗୁ କଥାବାର୍ତ୍ତା ହେବା ଅଞ୍ଚଳଗୁଡ଼ିକର ରାଜନୈତିକ ଏକତ୍ରୀକରଣକୁ ଅନୁସନ୍ଧାନ କରିବେ । (CG - 1)
- → ପ୍ରଶାସନ ଓ ଅର୍ଥ ବ୍ୟବସ୍ଥାକୁ ବିଶ୍ଳେଷଣ କରିବେ । (CG - 9)
- → ରାମାପ୍ପା ମନ୍ଦିର ଭଳି ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥାନ ସମୂହ ଓ ତେଲୁଗୁ ସାହିତ୍ୟର ବୃଦ୍ଧିକୁ ପର୍ଯ୍ୟବେକ୍ଷଣ କରି କାକତୀୟ ମାନଙ୍କ ସାଂସ୍କୃତିକ ଅବଦାନକୁ ଆକଳନ କରିବେ । (CG - 1)
- → ରାଣୀ ରୁଦ୍ରାମା ଦେବୀଙ୍କ ପ୍ରଶାସନିକ ଦକ୍ଷତା ଓ ବାହ୍ୟ ଆକ୍ରମଣରୁ ରାଜ୍ୟକୁ ସୁରକ୍ଷିତ ରଖିବାରେ ସେ ହାସଲ କରିଥିବା ସଫଳତାକୁ ଅଧ୍ୟୟନ କରି ଭାରତର ମଧ୍ୟଯୁଗୀୟ ନାରୀ ନେତୃତ୍ୱ ଭୂମିକାକୁ ପର୍ଯ୍ୟବେକ୍ଷଣ କରିବେ ।(CG - 6)

*"ଐତିହ୍ୟ ହେଉଛି ଆମର ଅତୀତରୁ ମିଳିଥିବା ଉତ୍ତରାଧିକାର । ଏହାର ଅର୍ଥ ହେଉଛି ଯାହା ସହ ଆମେ ଆଜି ବଞ୍ଚିଛୁ ଏବଂ ଯାହାକୁ ଆମେ ଭବିଷ୍ୟତ ପିଢ଼ୀଙ୍କୁ ଦେଇଯାଉଛୁ । ଆମ ସାଂସ୍କୃତିକ ଏବଂ ପ୍ରାକୃତିକ ଐତିହ୍ୟ ଉଭୟ ଜୀବନ ଓ ପ୍ରେରଣାର ଅପରିବର्ତ୍ତନୀୟ ସମ୍ପଦ" – **ୟୁନେସ୍କୋ***

5.1 ଏକଶିଳା ତୋରଣ	*5.2 ସହସ୍ର ସ୍ତମ୍ଭ ମନ୍ଦିର*	*5.3 ରୁଦ୍ରାମା ଦେବୀ*
		

ମୁଖ୍ୟ ପ୍ରଶ୍ନାବଳୀ ?

1. ତେଲୁଗୁ ଶାସକ ମାନଙ୍କ ଇତିହାସରେ କାକତୀୟ ରାଜ୍ୟର ମହତ୍ତ୍ୱ କ'ଣ ?
2. ସାହିତ୍ୟ ଓ ସ୍ଥାପତ୍ୟ କଳା ପ୍ରତି ରହିଥିବା କାକତୀୟ ମାନଙ୍କର ଭୂମିକାକୁ ବ୍ୟାଖ୍ୟା କର ।



ଚିତ୍ର 5.4 - ସହସ୍ର ସ୍ତମ୍ଭ ମନ୍ଦିର

ବୈଦିକ ଯୁଗରୁ ଆନ୍ଧ୍ର ବିଷୟରେ ସୂଚନା ମିଳେ । ଋକ୍‌ବେଦର ଐତରେୟ ବ୍ରାହ୍ମଣରେ ଆନ୍ଧ୍ରର ଉଲ୍ଲେଖ ରହିଛି । ଏହା ମହାଜନପଦର ଏକ ଅଂଶ ଥିଲା । ପରବର୍ତ୍ତୀ ସମୟରେ ଏହା ଶାତବାହାନ ମାନଙ୍କ ଅଧୀନରେ ରହିଥିଲା । ଏହାକୁ ଇକ୍ଷ୍ୱାକମାନେ, ପଲ୍ଲବ ମାନେ ଓ ବିଷ୍ଣୁକୁଣ୍ଡିନ ମାନେ ଶାସନ କରିଥିଲେ । ପରେ ପୂର୍ବ ଚାଲୁକ୍ୟମାନେ ଉପକୂଳ ଆନ୍ଧ୍ର ପ୍ରଦେଶରେ ଏକ ଶକ୍ତିଶାଳୀ ଶାସନ ବ୍ୟବସ୍ଥା ଗଠନ କରିଥିଲେ । ମଧ୍ୟଯୁଗ ସମୟରେ ସମଗ୍ର ତେଲୁଗୁ କଥାବାର୍ତ୍ତା ହେବା ଲୋକମାନଙ୍କୁ କାକତୀୟମାନେ ଏକ ଶାସନାଧୀନକୁ ଆଣିଥିଲେ ।

ଦକ୍ଷିଣ ଭାରତରେ ପାଞ୍ଚଗୋଟି ମୁଖ୍ୟ ରାଜ୍ୟ ଆବିର୍ଭୂତ ହୋଇଥିଲା । ଯଥା– କଲ୍ୟାଣୀ ଚାଲୁକ୍ୟ, ଯାଦବ, କାକତୀୟ, ହୋୟାସାଲା ଓ ପାଣ୍ଡ୍ୟ । ଏହି ପାଞ୍ଚଗୋଟି ରାଜ୍ୟ ମଧ୍ୟରୁ ଅନ୍ୟତମ ହୋଇଥିବା କାକତୀୟ ରାଜ୍ୟ ତେଲୁଗୁ ଅଞ୍ଚଳର ଅନ୍ତର୍ଭୁକ୍ତ ଥିଲା । ସାଧାରଣ ଭାବେ ଏହି ରାଜ୍ୟଗୁଡ଼ିକ ପଡ଼ୋଶୀ ଓ ଦିଲ୍ଲୀ ସୁଲତାନ୍‌ମାନଙ୍କ ଆକ୍ରମଣର ସମ୍ମୁଖୀନ ହେବା ସତ୍ତ୍ୱେ ସେମାନେ ନିଜ ନିଜ ରାଜ୍ୟକୁ ସୁରକ୍ଷିତ ରଖିବା ପାଇଁ ପ୍ରୟାସ କରିଥିଲେ । ସେମାନେ ନିଜ ଅଧୀନରେ ଥିବା ଅଞ୍ଚଳଗୁଡ଼ିକର ଏକତା ରକ୍ଷା କରିବା ପାଇଁ ଯତ୍ନବାନ ହୋଇଥିଲେ ଓ ଆଞ୍ଚଳିକ ଭାଷା, କଳା ଓ ସ୍ଥାପତ୍ୟ କଳା ପ୍ରତି ପ୍ରୋତ୍ସାହନ ଯୋଗାଇ ଥିଲେ ।

କାକତୀୟମାନେ କିଏ ?

କାକତୀୟମାନେ ତେଲୁଗୁ କଥାବାର୍ତ୍ତା କରିବା ସମଗ୍ର ଆନ୍ଧ୍ର ଅଞ୍ଚଳକୁ ରାଜନୈତିକ ଭାବେ ଏକୀକୃତ କରି, ଆନ୍ଧ୍ରମାନଙ୍କ ମଧ୍ୟରେ ଏକତା ଭାବ ଜାଗ୍ରତ କରିବାରେ ସଫଳୀକୃତ ହୋଇଥିଲେ । ଅବସ୍ଥିତି ଅନୁଯାୟୀ ଏହି ଅଞ୍ଚଳକୁ ତ୍ରିଲିଙ୍ଗ ଦେଶମ୍ କୁହାଯାଉଥିଲା । ସେମାନେ ଉତ୍ତର ଭାରତରୁ ହୋଇଥିବା ମୁସ୍‌ଲିମ୍ ଆକ୍ରମଣକୁ ପ୍ରତିହତ କରିବାରେ କେତେକାଂଶରେ ସଫଳତା ହାସଲ କରିପାରିଲେ । ସେମାନେ ଆନ୍ଧ୍ର ଶବ୍ଦଟି ପାଇଁ ସମ୍ମାନ ଆଣିଥିଲେ ।

କାକତୀୟମାନେ ପ୍ରଥମେ ରାଷ୍ଟ୍ରକୁଟ ଓ ପଶ୍ଚିମ ଚାଲୁକ୍ୟ ରାଜାମାନଙ୍କର ସାମନ୍ତ ଭାବେ ସେବା ଯୋଗାଇଥିଲେ । ପଶ୍ଚିମ ଚାଲୁକ୍ୟମାନଙ୍କ ପତନ ପରେ କାକତୀୟ ରାଜ୍ୟ ଆବିର୍ଭୂତ ହୋଇଥିଲା । ସେମାନେ ବର୍ତ୍ତମାନର ଆନ୍ଧ୍ର ପ୍ରଦେଶ, ତେଲାଙ୍ଗାଣା, ପୂର୍ବ କର୍ଣ୍ଣାଟକ ଓ ଦକ୍ଷିଣ ଓଡ଼ିଶାର କେତେକ ଅଂଶ ଯୁକ୍ତ ପୂର୍ବ ଦାକ୍ଷିଣାତ୍ୟ ଅଞ୍ଚଳକୁ ଶାସନ କରିଥିଲେ । ତେଲୁଗୁ ସାହିତ୍ୟ ପ୍ରତି ଏମାନଙ୍କର ଅବଦାନ ଉଲ୍ଲେଖନୀୟ ଥିଲା । ଏମାନେ ତେଲୁଗୁ ଭୂମି ପାଇଁ ଅଦ୍ଭୁତ ଭାସ୍କର୍ଯ୍ୟ ଯୋଗାଇଥିଲେ ।

ଦିଲ୍ଲୀ ସୁଲ୍‌ତାନଙ୍କ ଭଳି ପଡ଼ୋଶୀ ରାଜ୍ୟଗୁଡ଼ିକ ସହ ନିରନ୍ତର ଯୁଦ୍ଧରେ ଲିପ୍ତ ରହୁଥିବା ସତ୍ତ୍ୱେ ସେମାନେ ଦାକ୍ଷିଣାତ୍ୟ ଅଞ୍ଚଳରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ସ୍ଥାପନ କରିବା ପାଇଁ ପ୍ରୋତ୍ସାହନ କରିଥିଲେ । ସେମାନଙ୍କ ସାମ୍ରାଜ୍ୟକୁ ସୁରକ୍ଷିତ ରଖିବା କ୍ରମରେ ସେମାନେ ଅନେକ ବିଜୟ ହାସଲ କରିଥିଲେ ।

ମନେ ରଖ

"କାକତୀୟ ନାମଟି କିପରି ଉତ୍ପନ୍ନ ହୋଇଛି :
ଦୁର୍ଗାଦେବୀଙ୍କ ଅନ୍ୟ ରୂପ ହୋଇଥିବା 'କାକତୀ' ଦେବୀଙ୍କୁ ପୂଜା କରିବାରୁ 'କାକତୀୟ' ଶବ୍ଦଟି ଆସିଅଛି ବୋଲି କେତେକ ଐତିହାସିକ ମତ ବ୍ୟକ୍ତ କରିଛନ୍ତି । କାକତୀ ଦୁର୍ଗକୁ ସୁରକ୍ଷିତ କରିଥିବା ଯୋଗୁଁ କାକତୀୟ ଶବ୍ଦ ଆସିଛି ବୋଲି ଅନ୍ୟ କେତେକ କହନ୍ତି । ଅନ୍ୟ କେତେକ ଐତିହାସିକ ମତ ଦିଅନ୍ତି ଯେ କାକତୀୟମାନେ ଦିନେ ଚୋଳମାନେ ଶାସନ କରିଥିବା କାକତୀ ପୁରର ଅନ୍ତର୍ଗତ ଥିଲେ ।

କାକତୀୟ ରାଜବଂଶ 'ଗୁଣ୍ଡ୍ୟାନ' ଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା । ହାନୁମାକୋଣ୍ଡାକୁ ରାଜଧାନୀ କରି ସେ ନିଜର ଶାସନ ଆରମ୍ଭ କରିଥିଲେ । କାକତୀୟ ରାଜା ରୁଦ୍ରଦେବ ନୂତନ ରାଜଧାନୀ ଓରୁଗାଲ୍ଲୁ ନିର୍ମାଣ କରିଥିଲେ । ପରେ ସେ ରାଜଧାନୀକୁ ହାନୁମାକୋଣ୍ଡାରୁ ଓରୁଗାଲ୍ଲୁକୁ ପରିବର୍ତ୍ତନ କରିଥିଲେ । ଶ୍ରୀମଦାନ୍ଧ୍ର ମହାଭାରତମ୍ ପ୍ରଥମ କବିତାମୟ କୃତିକୁ ତିକ୍କାନା ତେଲୁଗୁରେ ରଚନା କରିଥିଲେ ଯେକି ଏହି ସମୟର ଅନ୍ତର୍ଗତ ଥିଲେ ।

ମନେ ରଖ

ତ୍ରିଲିଙ୍ଗ ଅଞ୍ଚଳ : କାଳେଶ୍ୱର(ତେଲାଙ୍ଗାଣା), ଶ୍ରୀଶୈଳମ୍(ରାୟଲାସୀମା), ଦ୍ରାକ୍ଷାରାମ୍(ଉପକୂଳ ଆନ୍ଧ୍ର) ।
ଓରୁଗାଲ୍ଲୁର ବର୍ତ୍ତମାନ ନାମ ୱାରାଙ୍ଗାଲ୍ ଓ ଏହାର ପ୍ରାଚୀନ ନାମ – ଏକଶିଳା ନଗରମ୍ ।

ପ୍ରୋଲାରାଜୁ II: (1115-1157 CE):

କାକତୀୟ ମାନଙ୍କ ଇତିହାସରେ ପ୍ରୋଲାରାଜୁ -II ଙ୍କ ରାଜତ୍ୱ ଏକ ଯୁଗାନ୍ତକାରୀ ଘଟଣା ଥିଲା । ସେ ଚାଲୁକ୍ୟମାନଙ୍କ ଆଧିପତ୍ୟକୁ ବିତାଡ଼ିତ କରି ଏକ ସ୍ୱାଧୀନ କାକତୀୟ ରାଜ୍ୟ ରୂପାୟନ କରିଥିଲେ । ଏହି ରାଜ୍ୟଟି ତାଙ୍କ ଉତ୍ତରାଧିକାରୀମାନଙ୍କ ଦ୍ୱାରା ସମଗ୍ର ଆନ୍ଧ୍ର ଅଞ୍ଚଳକୁ ପରିବ୍ୟାପ୍ତ ହୋଇ ଏକ ଶକ୍ତିଶାଳୀ ରାଜ୍ୟ ଭାବେ ଆବିର୍ଭୂତ ହୋଇଥିଲା । ସେ ହାନୁମାକୋଣ୍ଡା ଠାରୁ ସ୍ୱାଧୀନ ଶାସନ ଆରମ୍ଭ କରିଥିଲେ ।



ଚିତ୍ର 5.5 – କାକତୀୟଙ୍କ ସମୟର ମନ୍ଦିର

ରୁଦ୍ରଦେବ (1158-1195 CE)

ସେ ଅନେକ ଜଣ ପଡ଼ୋଶୀ ରାଜାମାନଙ୍କୁ ପରାସ୍ତ କରି ଗୋଦାବରୀ ନଦୀ ତୀର ଯାଏ ନିଜ ଆଧିପତ୍ୟ ବିସ୍ତାର କରିଥିଲେ । ଦକ୍ଷିଣରେ ରୁଦ୍ରଦେବ ତେଲୁଗୁ ଚୋଳ ମୂଳବଂଶର ଚାରିଜଣ ରାଜାଙ୍କୁ ପରାସ୍ତ କରିଥିଲେ । ସେ ବେଙ୍ଗି ଉପରେ ମଧ୍ୟ ଅଭିଯାନ ଚଳାଇ ଥିଲେ । ତାଙ୍କ ରାଜୁତିର ଶେଷ ସମୟରେ ଦେବଗିରିର ଯାଦବ ମାନଙ୍କ ସହ ସଂଘର୍ଷ କରିବାକୁ ହୋଇଥିଲା । ଯାହା ଫଳରେ ସେ ପରାସ୍ତ ହୋଇ ମୃତ୍ୟୁବରଣ କରିଥିଲେ । ସେ ସଂସ୍କୃତରେ 'ନୀତିସାର' ନାମକ ଗ୍ରନ୍ଥ ରଚନା କରିଥିଲେ । ସେ ହାନୁମାକୋଣ୍ଡାରେ ସହସ୍ର ସ୍ତମ୍ଭର ଭବ୍ୟ ମନ୍ଦିର ନିର୍ମାଣ କରିଥିଲେ । ତାଙ୍କ ଦ୍ୱାରା ନିର୍ମିତ ଓରୁଗାଲ୍ଲୁ ରାଜଧାନୀ ତାଙ୍କ ଉତ୍ତରାଧିକାରୀ ମାନଙ୍କ ସମୟରେ ମଧ୍ୟ ଚାଲୁ ରହିଲା ।

ରୁଦ୍ରଦେବଙ୍କ ପରେ ତାଙ୍କ ଭାଇ ମହାଦେବ ଉତ୍ତରାଧିକାର ପ୍ରାପ୍ତ କଲେ । ସେ ପ୍ରାୟ ଚାରିବର୍ଷ ଅଳ୍ପ ସମୟ ପାଇଁ ଶାସନ କରିଥିଲେ । ସେ ଯାଦବମାନଙ୍କ ରାଜଧାନୀ 'ଦେବଗିରି' କୁ ଆକ୍ରମଣ କରିବା ସମୟରେ ମୃତ୍ୟୁବରଣ କରିଥିଲେ ।

ଗଣପତି ଦେବ (1199-1262 CE):

ଗଣପତି ଦେବ ପ୍ରତିକୂଳ ପରିସ୍ଥିତିରେ ନିଜର ଶାସନ ଆରମ୍ଭ କରିଥିବା ସତ୍ତ୍ୱେ ତାଙ୍କର ଶାସନ ଆନ୍ଧ୍ର ଇତିହାସରେ ଚମତ୍କୃତ ଯୁଗ ଭାବେ ଖ୍ୟାତି ଲାଭ କରିଥିଲା । ତାଙ୍କ ଦୀର୍ଘ 63 ବର୍ଷର ରାଜୁତି କାଳରେ ସେ ପ୍ରାୟ ତେଲୁଗୁ କଥାବାର୍ତ୍ତା ହୋଇ ବସବାସ ସମସ୍ତ ଅଞ୍ଚଳକୁ ନିଜ ଶାସନାଧୀନ କରିଥିଲେ । ମହାମଣ୍ଡଳେଶ୍ୱର ନାମକ ଉପାଧି ସେ ପାଇଥିଲେ ।



ଚିତ୍ର 5.6 - ଗଣପତି ଦେବଙ୍କ ରାଜ୍ୟ




ଚିତ୍ର 5.7- ଏକଶିଳା ତୋରଣ

କାକତୀୟ ସାର୍ବଭୌମ ମାନଙ୍କ ମଧ୍ୟରୁ ଗଣପତି ଦେବ ଅତି ଶକ୍ତିଶାଳୀ ଶାସକ ଥିଲେ । ସେ ଗୋଦାବରୀ ଅଞ୍ଚଳ ଠାରୁ ଚେଙ୍ଗଲ୍‌ପାଟୁ ଯାଏ ଓ ୟାଲାଗାନ୍ଦାଲ୍ ଠାରୁ ସମୁଦ୍ର ଯାଏ ପରିବ୍ୟାପ୍ତ ସୁବିଶାଳ ସାମ୍ରାଜ୍ୟ ନିର୍ମାଣ କରିଥିଲେ । ସେ ଉପକୂଳ ଅଞ୍ଚଳକୁ ଅଭିଜାନ ଚଳାଇ ବିଜୟୱାଡ଼ା ଓ ଦିବିସୀମା ଦ୍ୱୀପକୁ ନିଜ ଅକ୍ତିଆରକୁ ଆଣିଥିଲେ । ସେ 'ମୋଟୁପଲ୍ଲୀ ଶିଳାଲିପି' ଜାରି କରିଥିଲେ । ଏହି ଶିଳାଲିପି ଅନୁଯାୟୀ କର ନିର୍ଦ୍ଧାରଣ ସୂତ୍ର, ବିଦେଶୀ ବାଣିଜ୍ୟ, ବିଭିନ୍ନ ଦ୍ରବ୍ୟ ଉପରେ କର ନିର୍ଦ୍ଧାରଣ ନୀତିକୁ ଘୋଷଣା କରିଥିଲେ । ସେ ଜଣେ ସୁଶାସକ ଥିଲେ । ସେ କୃଷି ଓ ବାଣିଜ୍ୟର ଉନ୍ନତି ପାଇଁ ପଦକ୍ଷେପ ଗ୍ରହଣ କରିଥିଲେ । ଜଳସେଚନ ପାଇଁ ସେ ପୋଖରୀ ଓ ଜଳଭଣ୍ଡାର ଗୁଡ଼ିକୁ ନିର୍ମାଣ କରିଥିଲେ । ବିପୁଳ ପରିମାଣର ଜଙ୍ଗଲ ଜମିକୁ କୃଷି ଉପଯୋଗୀ କରାଗଲା । ଗଣପତି ଦେବ ମନ୍ଦିର ନିର୍ମାଣ ଓ ସାହିତ୍ୟ କୃତି ପାଇଁ ପ୍ରୋତ୍ସାହନ ଯୋଗାଇ ଥିଲେ । ବୈବାହିକ ସମ୍ପର୍କ ସ୍ଥାପନ କରିବାରେ ପଡ଼ୋଶୀ ରାଜ୍ୟଗୁଡ଼ିକ ସହ ସମ୍ପର୍କକୁ ଦୃଢ଼ୀଭୂତ କରିଥିଲେ ।

ମନେ ରଖ

ମୋଟୁପଲ୍ଲୀ ଶିଳାଲିପି

ବାପାଟ୍ଲା ଜିଲ୍ଲା ସ୍ଥିତ ଚିନ୍ନାଗଞ୍ଜାମ ମଣ୍ଡଳର ଏକ ପୁରାତନ ଗ୍ରାମ ହେଉଛି ମୋଟୁପଲ୍ଲୀ । ଏହା ପ୍ରାଚୀନ ଓ ମଧ୍ୟଯୁଗ ସମୟରେ ଏକ ସମୃଦ୍ଧ ଇତିହାସ ରହିଥିବା ଅନ୍ତର୍ଜାତୀୟ ନୌବନ୍ଦରର ପ୍ରମାଣ ଭାବେ ଦଣ୍ଡାୟମାନ ରହିଛି । ପ୍ରାୟ 2000 ବର୍ଷର ଇତିହାସ ରହିଥିବା 'ମୋଟୁପଲ୍ଲୀ' କାକତୀୟ, ରେଡ୍ଡୀ ଓ ବିଜୟନଗରର ରାଜାମାନଙ୍କ ସମୟରେ ଆନ୍ଧ୍ର ଅଞ୍ଚଳର ଅର୍ଥ ବ୍ୟବସ୍ଥାକୁ ରୂପାୟନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା । ପୂର୍ବ ସାଧାରଣ ଅବ୍ଦ 260 ରୁ 15ଶ ଶତାବ୍ଦୀ ଯାଏ ମୋଟୁପଲ୍ଲୀରେ ବୈଦେଶିକ ବାଣିଜ୍ୟ ସମୃଦ୍ଧିଲାଭ କରିଥିଲା । 13ଶ ଶତାବ୍ଦୀରେ ରାଣୀ ରୁଦ୍ରାମା ଦେବୀଙ୍କ ଶାସନ କାଳରେ ଇଟାଲୀୟ ବଣିକ ମାର୍କୋପୋଲୋ ମୋଟୁପଲ୍ଲୀରୁ ପ୍ରାଚ୍ୟ ଓ ପାଶ୍ଚାତ୍ୟକୁ ଉଚ୍ଚମାନର ବସ୍ତ୍ର ରପ୍ତାନୀ ହୋଇଥିଲା ବୋଲି, ଏହା ପ୍ରସିଦ୍ଧ ମନ୍ଦିରଗୁଡ଼ିକ ସହ ଖ୍ୟାତନାମା ପର୍ଯ୍ୟଟକ କେନ୍ଦ୍ର ଭାବେ ସୁନାମ ଅର୍ଜନ କରିଥିଲା ବୋଲି ଉଲ୍ଲେଖ କରିଥିଲେ ।



ଚିତ୍ର 5.8 - ମୋଟୁପଲ୍ଲୀ ଶିଳାଲିପି

ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ରାଜୁତି କାଳରୁ ମୋଟୁପଲ୍ଲୀରୁ ହୀରା, ବସ୍ତ୍ର, ଔଷଧ, କାର୍ପାସ ପଶମ ସୁଦୂର ଦେଶଗୁଡ଼ିକୁ ରପ୍ତାନୀ ହୋଇଥିଲା ବୋଲି ଐତିହାସିକ ଆଧାର ଗୁଡ଼ିକ ଉଲ୍ଲେଖ କରୁଅଛି । ଗ୍ରୀକ୍ ରାଷ୍ଟ୍ରଦୂତ ମେଗସ୍ଥାନିସ୍ ରତ୍ନ ଓ ସ୍ୱର୍ଣ୍ଣାଭରଣର ବିକ୍ରିରେ ସହରଗୁଡ଼ିକ ସମୃଦ୍ଧି ଲାଭ କରିଥିଲା ବୋଲି ବିଶେଷ ଭାବେ ଉଲ୍ଲେଖ କରିଛନ୍ତି । 5ମ ଶତାବ୍ଦୀରେ ଚୀନ ପରିବ୍ରାଜକ 'ପାହିୟାନ୍' ନୌଚାଳନାରେ ମୋଟୁପଲ୍ଲୀର ପ୍ରାମୁଖ୍ୟତା ବର୍ଣ୍ଣନା କରିଛନ୍ତି ।

ସାଧାରଣ ଅବ୍ଦ 106 -130 ରେ ଗୌତମୀପୁତ୍ର ଜଞ୍ଜଶ୍ରୀ ସାତକର୍ଣ୍ଣିଙ୍କ ରାଜୁତି ସମୟରେ ବୌଦ୍ଧ ଧର୍ମର ପ୍ରସାର ପାଇଁ ସନ୍ନ୍ୟାସୀ ମାନେ ମୋଟୁପଲ୍ଲୀ ନୌବନ୍ଦରରୁ ଯାତ୍ରା କରିଥିଲେ ବୋଲି ଐତିହାସିକ ଭାବେ ଜଣାଯାଏ । 13ଶ ଶତାବ୍ଦୀରେ କାକତୀୟ ଶାସକ ଗଣପତିଦେବ ମୋଟୁପଲ୍ଲୀ ନୌବନ୍ଦର ଜରିଆରେ ବାଣିଜ୍ୟ କରିବା, ବଣିକ ମାନଙ୍କୁ ସମୁଦ୍ର ଦସ୍ୟୁମାନଙ୍କ ଠାରୁ ରକ୍ଷା କରିବା ପାଇଁ କଡ଼ା ପଦକ୍ଷେପ ଗ୍ରହଣ କରିଥିଲେ । ଏହାର ଅଂଶ ଭାବେ ମୋଟୁପଲ୍ଲୀ ବୀରଭଦ୍ରସ୍ୱାମୀ ମନ୍ଦିରରେ ତେଲୁଗୁ ସଂସ୍କୃତ ଭାଷାରେ ଅଭୟ ଶାସନ ଖୋଦିତ କରାଇଥିଲେ । ଏବେ ମଧ୍ୟ ଏହାକୁ ମୋଟୁପଲ୍ଲୀରେ ଦେଖାଯାଇପାରିବ ।

ରୁଦ୍ରାମା ଦେବୀ (1262-1289 CE)

ସାଧାରଣ ଅବ୍ଦ 1262 **(CE)** ରେ ରୁଦ୍ରାମା ଦେବୀ ସିଂହାସନ ଆରୋହଣ କରିଥିଲେ । ଯାଦବ ମାନଙ୍କର ଅନ୍ୟତମ ରାଜା ହୋଇଥିବା 'ମହାଦେବ' କାକତୀୟ ରାଜ୍ୟକୁ ଆକ୍ରମଣ କରିଥିଲେ । ରୁଦ୍ରାମା ଦେବୀ ତାଙ୍କୁ ପରାସ୍ତ କରି ଶାନ୍ତି ଶନ୍ଧି ପାଇଁ ବାଧ କରାଇଲେ । ନେଲ୍ଲୁରୁରେ ରୁଦ୍ରାମା ଦେବୀଙ୍କ ଶାସନକୁ ବିରୋଧ କରୁଥିବା କାକତୀୟ ସାମନ୍ତ ରାଜା 'ଅମ୍ବାଦେବ' ଙ୍କ ଠାରୁ ଏକ କଠିନ ସମସ୍ୟା ଆସିଲା । ସେ ନିଜ ନେତୃତ୍ୱରେ ବିରାଟ ସୈନିକ ଦଳ ସହ ତାଙ୍କ ଉପରେ ଆକ୍ରମଣ କରିଥିଲେ । ଶେଷରେ ତାଙ୍କୁ ପରାସ୍ତ କରି ତ୍ରିପୁରାନ୍ତକମ୍ ସହ ଅନ୍ୟ ଅଞ୍ଚଳଗୁଡ଼ିକୁ ପୁନରୁଦ୍ଧାର କରିଥିଲେ ।

ରୁଦ୍ରାମା ଦେବୀ ନିଃସନ୍ଦେହରେ ଆନ୍ଧ୍ର ଅଞ୍ଚଳର ମହାନ୍ ଶାସକମାନଙ୍କ ମଧ୍ୟରୁ ଜଣେ । ରୁଦ୍ରାମା ଦେବୀଙ୍କ ଦରବାରକୁ ପରିଦର୍ଶନ କରିଥିବା ଇଟାଲୀୟ ପରିବ୍ରାଜକ 'ମାର୍କୋପୋଲୋ' ତାଙ୍କ ପ୍ରଶାସନିକ ଦକ୍ଷତାକୁ ବିଶେଷ ପ୍ରଶଂସା କରିଥିଲେ । ତାଙ୍କ ରଚନା ଅନୁଯାୟୀ ମୂଲ୍ୟବାନ ଶିଳା, ଗହଣାଗାଣ୍ଠି ଓ ହୀରା ପାଇଁ ଆନ୍ଧ୍ର ଦେଶ ବୈଦେଶିକ ବାଣିଜ୍ୟରେ ଖ୍ୟାତି ଅର୍ଜନ କରିଥିଲା ।

ସେ ପୋଖରୀ ଓ ମନ୍ଦିର ଗୁଡ଼ିକୁ ମଧ୍ୟ ନିର୍ମାଣ କରିଥିଲେ । ସେ ସ୍ଥାପତ୍ୟକଳାର ପୃଷ୍ଠପୋଷକତା କରିଥିଲେ । ତାଙ୍କ ସମୟରେ ବୈଦେଶିକ ବାଣିଜ୍ୟର ବିକାଶ ଘଟିଥିଲା । ରୁଦ୍ରାମାଦେବୀ ନିଜ ନାତି ପ୍ରତାପ ରୁଦ୍ରଙ୍କୁ କାକତୀୟ ରାଜବଂଶର ପରବର୍ତ୍ତୀ ଦାୟାଦ ଭାବେ ଘୋଷଣା କରିଥିଲେ ।



5.9 ରୁଦ୍ରାମା ଦେବୀ

ମନେ ରଖ

ରୁଦ୍ରାମା ଦେବୀଙ୍କ ଅନ୍ୟ ନାମଗୁଡ଼ିକ ହେଉଛି ରୁଦ୍ରାମାମ୍ବା, ରୁଦ୍ରଦେବ ମହାରାଜ ।

ରାଜନୈତିକ, ସାମାଜିକ ଓ ଆର୍ଥିକ ଜୀବନ :

କାକତୀୟ ପ୍ରଶାସନ :

ରାଜ୍ୟର ପ୍ରଶାସନ ସାମରିକ ଆଧାରରେ ସଂଗଠିତ ହୋଇଥିଲା । କାକତୀୟମାନେ ନିଜ ରାଜ୍ୟର ଭୂଭାଗକୁ 'ନାୟଙ୍କର' ନାମକ ଅନେକ ସେନା ମୁଖ୍ୟଙ୍କ ମଧ୍ୟରେ ବିଭାଜିତ କରିଥିଲେ ।

ଆର୍ଥିକ ଓ ସାମାଜିକ ଜୀବନ :

ରାଜ୍ୟ ପାଇଁ ମୁଖ୍ୟ ଆୟର ସମ୍ବଳ ଥିଲା ଭୂରାଜସ୍ୱ । କାକତୀୟମାନେ ବହୁ ପରିମାଣର ଜଙ୍ଗଲ ଜମିକୁ କୃଷି କାର୍ଯ୍ୟର ଅଧୀନକୁ ଆଣିଥିଲେ । ସେମାନେ କୃଷି ପାଇଁ ଅନେକ ଜଳଭଣ୍ଡାର ଓ ପୋଖରୀ ଖୋଳାଇ ଥିଲେ । ସେଥିମଧ୍ୟରୁ କେତେକ ଏବେ ମଧ୍ୟ ଉପଲବ୍ଧ ରହିଛି । ଉଦାହରଣ – ପାକାଲା, ଲାକ୍କାୱାରମ୍, ଘାନାପୁରମ୍ ପୋଖରୀ ପ୍ରଭୃତି ।

କାକତୀୟ ରାଜାମାନେ ବୈଦେଶିକ ବାଣିଜ୍ୟକୁ ବିଶେଷ ଗୁରୁତ୍ୱ ଦେଇଥିଲେ । ବିଦେଶୀ ବାଣିଜ୍ୟର ବିକାଶ ପାଇଁ ମୋଟୁପଲ୍ଲୀ ନୌବନ୍ଦରକୁ ବିକଶିତ କରିଥିଲେ । ସେହି ସମୟରେ ମୁପ୍ପାମାମ୍ବା ଓ ମାଲ୍ଲାମ୍ବାଙ୍କ ଭଳି ରାଜପରିବାରର ଅନେକ ମହିଳା ଭୂଦାନ କରିଥିଲେ । ଅନ୍ୟ ଧନୀ ବର୍ଗର ବ୍ୟକ୍ତିମାନେ ଭୂମି, ପୋଖରୀ, ଟଙ୍କା, ପଶୁ, ଗହଣାଗାଣ୍ଠି ଭଳି ଉପହାର ଗୁଡ଼ିକୁ ଦେଇଥିଲେ । ସେଗୁଡ଼ିକୁ ମନ୍ଦିର, ବ୍ରାହ୍ମଣ ଓ ଅନ୍ୟମାନଙ୍କୁ ଦାନ କରାଗଲା ।

ଧର୍ମ :

କାକତୀୟମାନଙ୍କ ପ୍ରଥମ ସମ୍ରାଟଗଣ ଜୈନ ଥିଲେ, ପରବର୍ତ୍ତୀ ସମ୍ରାଟଗଣ ଶୈବ ଥିଲେ । ଶୈବଧର୍ମ ବିଶେଷ କରି ବୀର ଶୈବଧର୍ମ କାକତୀୟମାନଙ୍କ ସମୟରେ ସୁନାମ ଅର୍ଜନ କରିଥିବା ଧର୍ମ ସମ୍ପ୍ରଦାୟ । ବୈଷ୍ଣବ ଧର୍ମ ମଧ୍ୟ ଖ୍ୟାତି ଅର୍ଜନ କରିଥିଲା । ବୀର ଶୈବ ସଂପ୍ରଦାୟକୁ ଅନୁସରଣ କରିଥିବା ମାନଙ୍କ ମଧ୍ୟରୁ ମାଲ୍ଲିକାର୍ଜୁନ ପଣ୍ଡିତାରାଧ୍ୟ **'ଶିବତତ୍ତ୍ୱ ସାରମ୍'** ନାମକ ଗ୍ରନ୍ଥ ରଚନା କରିଥିଲେ । ସେ ବୀର ଶୈବ ସମ୍ପ୍ରଦାୟକୁ ଆଚରଣ କରୁଥିଲେ । ସେ କାକତୀୟ ରାଜବଂଶ ସମୟର ଅନ୍ତର୍ଗତ ଥିଲେ ।

ସାହିତ୍ୟ :

କାକତୀୟ ଶାସକ ମାନେ ସଂସ୍କୃତ ଭାଷାକୁ ଉଦାର ଭାବେ ପୃଷ୍ଠପୋଷକତା କରିଥିଲେ । ସେମାନଙ୍କ ଦରବାରରେ ଅନେକ ସଂସ୍କୃତ ଲେଖକ ଓ କବି ରହିଥିଲେ । ସେମାନଙ୍କ ରାଜୁତି ସମୟରେ ତେଲୁଗୁ ସାହିତ୍ୟର ମଧ୍ୟ ସମୃଦ୍ଧି ଘଟିଥିଲା । ପାଲ୍‌କୁରୀ ସୋମନାଥ 'ବାସବ ପୁରାଣମ୍' ରଚନା କରିଥିଲେ । ନାନ୍ନେଚୋଡ଼ 'କୁମାର ସମ୍ଭବମ୍' ନାମକ ଗ୍ରନ୍ଥ ରଚନା କରିଥିଲେ । 'ବିଦ୍ୟାନାଥ' ସଂସ୍କୃତରେ 'ପ୍ରତାପରୁଦ୍ରୀୟମ୍' ରଚନା କରିଥିଲେ । 'ଜୟାପ୍ପା ସେନାନୀ' ସଂସ୍କୃତରେ 'ଗୀତ ରତ୍ନାବଳୀ' ଓ 'ନୃତ୍ୟ ରତ୍ନାବଳୀ' ରଚନା କରିଥିଲେ । ବଲ୍ଲଭ ରାୟ ତେଲୁଗୁରେ 'କ୍ରୀଡ଼ାଭିରାମମ୍' ରଚନା କରିଥିଲେ । ଏହି ସାହିତ୍ୟିକ ରଚନାଗୁଡ଼ିକ କାକତୀୟଙ୍କ ସମୟର ସାହିତ୍ୟକୁ ସମୃଦ୍ଧ କରିଥିଲା ।

5.4 କଳା ଓ ସ୍ଥାପତ୍ୟ କଳା :



ଚିତ୍ର 5.10 – ସହସ୍ର ସ୍ତମ୍ଭର ମନ୍ଦିର ଓ ରାମାପ୍ପା ମନ୍ଦିର କାକତୀୟ ରାଜବଂଶର ଅଦ୍ଭୁତ ନିର୍ମାଣ

ୱାରାଙ୍ଗାଲ୍ ଅଞ୍ଚଳର ପାଲାମ୍‌ପେଟା ଗ୍ରାମ ନିକଟସ୍ଥ ରାମାପ୍ପା ମନ୍ଦିର ବିଶେଷ ଖ୍ୟାତି ଅର୍ଜନ କରିଛି । ଏହି ମନ୍ଦିର ବିଷ୍ଣୁ ଓ ଶିବ ଗୋଟିଏ ସ୍ଥାନରେ ଏକତ୍ର ପୂଜା ପାଇବା ଯୋଗୁଁ ଖ୍ୟାତି ଲାଭ କରିଛି । ମନ୍ଦିରର କେତୋଟି ସ୍ତମ୍ଭ ସପ୍ତ ସ୍ୱର ସୃଷ୍ଟି କରେ । ଜୟାପାଙ୍କ ଦ୍ୱାରା ରଚିତ ନୃତ୍ୟ ରତ୍ନାବଳୀର ନୃତ୍ୟ ଶୈଳୀଗୁଡ଼ିକ ଏହି ମନ୍ଦିରର ଶିଳ୍ପ କଳାରେ ପ୍ରତିଫଳିତ ହୁଏ ।



ଚିତ୍ର 5.11 – ମହାନନ୍ଦି



ଚିତ୍ର 5.12 – କାକତୀୟଙ୍କ ସମୟର ଶିଳ୍ପକଳା ଚିତ୍ର

ମନେ ରଖ

→ ୟୁନେସ୍କୋ ଦ୍ୱାରା ଐତିହ୍ୟର ସଂଜ୍ଞା : ଐତିହ୍ୟ ବା ଉତ୍ତରାଧିକାର ଆମେ ଆମ ପୂର୍ବପୁରୁଷ ମାନଙ୍କ ଠାରୁ ପାଇଥାଉ । ଅର୍ଥାତ୍ ଆଜି ଆମେ କିପରି ବାସ କରୁଛେ, ଭବିଷ୍ୟତ ପିଢ଼ୀକୁ ଆମେ କ'ଣ ଯୋଗାଇ ଦେବା ତାହାକୁ ଉତ୍ତରାଧିକାର କୁହାଯାଏ । ଆମ ସଂସ୍କୃତି ଓ ପରମ୍ପରା ଦୁଇଟି ଯାକ ଅପରିବର୍ତ୍ତନୀୟ । ଏହା ଆମ ଜୀବନ ପାଇଁ ପ୍ରେରଣା ପ୍ରଦାନ କରିଥାଏ ।

→ ସହସ୍ର ସ୍ତମ୍ଭର ମନ୍ଦିର ଓ ରାମାପ୍ପା ମନ୍ଦିରକୁ ୟୁନେସ୍କୋ ବିଶ୍ୱ ଐତିହ୍ୟ କେନ୍ଦ୍ର ରୂପେ ଚିହ୍ନଟ କରିଅଛି ।

କାକତୀୟ ରାଜବଂଶର ଅବସାନ :


ପ୍ରତାପରୁଦ୍ର - IIଙ୍କ ସମୟରେ ଦିଲ୍ଲୀ ସୁଲ୍‌ତାନମାନେ କାକତୀୟ ରାଜ୍ୟକୁ ବହୁବାର ଆକ୍ରମଣ କରିଥିଲେ । ସା.ଅ.1323 ରେ ଉଲୁଘ୍ ଖାନ୍‌ଙ୍କ ନେତୃତ୍ୱରେ ଯେତେବେଳେ ଦିଲ୍ଲୀ ସୁଲ୍‌ତାନ୍ ମାନେ କାକତୀୟ ରାଜ୍ୟକୁ ଆକ୍ରମଣ କରିଥିଲେ ସେତେବେଳେ ପ୍ରତାପରୁଦ୍ରଙ୍କୁ ବନ୍ଦୀ କରି ନେଇଯାଇଥିଲେ । ଅପମାନ ସହ୍ୟ କରି ନପାରି ସେ ଆତ୍ମହତ୍ୟା କରିଥିଲେ । ଏହି ଭଳି କାକତୀୟ ରାଜବଂଶର ବୈଭବ ଅବସାନ ଘଟିଲା ।

କାକତୀୟ ରାଜ୍ୟର ଅବସାନ ପରେ ଆନ୍ଧ୍ର ଉପକୂଳରେ ଆଦ୍ଦାଙ୍କି, କୋଣ୍ଡାଭିଡୁ, ରାଜମଣ୍ଡ୍ରି, କାନ୍ଦୁକୁରୁ ପ୍ରଭୃତି ଛୋଟ ରାଜ୍ୟର ଆବିର୍ଭାବ ଘଟିଲା । ସେମାନେ ନିଜକୁ ମୁସଲ୍‌ମାନ ଆକ୍ରମଣରୁ ରକ୍ଷା କରିବା ପାଇଁ ଏକ ମେଣ୍ଟ ଗଠନ କରିଥିଲେ । ପ୍ରୋଲାୟା ୱେମା ରେଡ୍ଡି ଓ ପ୍ରୋଲାୟା ନାୟକ ଏହି ଅଞ୍ଚଳରୁ ମୁସଲ୍‌ମାନ ଶାସନକୁ ବିତାଡ଼ିତ କରିବା ପାଇଁ ମିଳିତ ଭାବେ ପ୍ରୟାସ କରିଥିଲେ ।

ରେଡ୍ଡି ନାୟକ ଯୁଗ

ଆନ୍ଧ୍ର ଅଞ୍ଚଳରେ କାକତୀୟ ରାଜ୍ୟର ପତନ ପରେ ରେଡ୍ଡି ରାଜାମାନେ, ମୁସୁନୁରୀ ନାୟକମାନେ ଓ ପଦ୍ମା ନାୟକମାନେ ଏହି ଅଞ୍ଚଳକୁ ନିଜର ଶାସନାଧୀନ କରିଥିଲେ । ମୁସଲ୍‌ମାନମାନଙ୍କ ପ୍ରଚଣ୍ଡ ଆକ୍ରମଣକୁ ମୁକାବିଲା କରିବା ପାଇଁ ସେମାନେ ଏକଜୁଟ ହୋଇଥିଲେ । ମୁସୁନୁରୀ ନାୟକମାନେ ରେକାପଲ୍ଲୀ ଠାରୁ କୃଷ୍ଣାନଦୀର ଉତ୍ତର ଭାଗକୁ ଶାସନ କରିଥିଲେ । ପଦ୍ମା ନାୟକ ମାନେ ତେଲାଙ୍ଗାଣା ଅଞ୍ଚଳର ରାଚକୋଣ୍ଡା ଓ ୱେଲାମାକୋଣ୍ଡା ଠାରୁ ଶାସନ କରିଥିଲେ । ରେଡ୍ଡି ରାଜାମାନେ ଉପକୂଳ ଆନ୍ଧ୍ର ଭାଗଟିକୁ ଶାସନ କରିଥିଲେ ।

ଏହି ସମୟରେ ଅନେକ ମହାନ୍ କବି ମାନଙ୍କୁ ପୃଷ୍ଠପୋଷକତା କରାଯାଇଥିଲା । ଏଗ୍ରାପ୍ରଗାଡ଼ା ମହାଭାରତକୁ ସଂପୂର୍ଣ୍ଣ କରିଥିଲେ । ପୋତାନା ସଂସ୍କୃତ ମହାଭାରତକୁ ତେଲୁଗୁରେ ଅନୁବାଦ କରିଥିଲେ । 'ଶ୍ରୀନାଥ' ପାଲ୍‌ନାଟି ବୀର ଚରିତ୍ର, ଭୀମା ଖଣ୍ଡାମ୍, କାଶୀ ଖଣ୍ଡାମ୍ ପ୍ରଭୃତି ରଚନା କରିଥିଲେ । ପରେ ବର୍ତ୍ତମାନର ଆନ୍ଧ୍ର ପ୍ରଦେଶ ବିଜୟନଗର ସାମ୍ରାଜ୍ୟର ଶାସନାଧୀନ ହେଲା ।



ଚିତ୍ର 5.13 - ରେଡ୍ଡି ନାୟକମାନଙ୍କ ଅଞ୍ଚଳ



ଶେଷ କରିବା ପୂର୍ବରୁ...

→ କାକତୀୟମାନେ ତେଲୁଗୁ ଅଞ୍ଚଳକୁ ଏକତ୍ରିତ କରିଥିବା ଶାସକ ବଂଶ ।

→ କାକତୀୟମାନଙ୍କ ସମୟରେ ଉଚ୍ଚ ସ୍ଥାପତ୍ୟ କଳା ଓ ତେଲୁଗୁ ସାହିତ୍ୟ ସମୃଦ୍ଧି ଲାଭ କରିଥିଲା ।

→ ମୋଟୁପଲ୍ଲୀ ଓ ବାୟାରମ୍ ଭଳି ଶିଳାଲିପି ଗୁଡ଼ିକ କାକତୀୟଙ୍କ ଶାସନକୁ ବର୍ଣ୍ଣନା କରେ ।

→ କାକତୀୟମାନଙ୍କୁ ପଡ଼ୋଶୀ ଶାସକ ଓ ଦିଲ୍ଲୀ ସୁଲ୍‌ତାନଙ୍କ ଅନବରତ ଆକ୍ରମଣକୁ ପ୍ରତିରୋଧ କରିବାକୁ ପଡ଼ିଲା ।

→ କାକତୀୟମାନଙ୍କ ଅବସାନ ପରେ ଉପକୂଳ ଆନ୍ଧ୍ର ଅଞ୍ଚଳରେ ଅନେକ ଛୋଟ ରାଜ୍ୟର ଆବିର୍ଭାବ ଘଟିଲା ।

ପ୍ରଶ୍ନାବଳୀ, ଅଭ୍ୟାସ କାର୍ଯ୍ୟ ଏବଂ ପ୍ରକଳ୍ପ



1. ଗଣପତିଦେବଙ୍କ କାର୍ଯ୍ୟକୁ ନିମ୍ନ ମଧ୍ୟରୁ କେଉଁ ବାକ୍ୟଟି ଠିକ୍ ଭାବେ ବର୍ଣ୍ଣନା କରେ ନାହିଁ ( )

   A) ଉତ୍ତର ଦିଗର ଆକ୍ରମଣରୁ ସୁରକ୍ଷିତ ରହିବା ପାଇଁ ଦୁର୍ଗ ନିର୍ମାଣ କରିବା

   B) ବିଜୟୱାଡ଼ା ଓ ଦିବି ସୀମା ଦ୍ୱୀପକୁ ହସ୍ତଗତ କରିବା

   C) ଉପକୂଳୀୟ ସହରଗୁଡ଼ିକରେ ସ୍ଥିର ହେବା ପାଇଁ ବିଦେଶୀ ବଣିକମାନଙ୍କୁ ସ୍ୱାଗତ କରିବା

   D) ସମୁଦ୍ର ନିକଟରେ ଏକ ନୂତନ ରାଜଧାନୀ ନଗର ପ୍ରତିଷ୍ଠିତ କରିବା

2. ଧାର୍ମିକ ଉପାସନା ଦୃଷ୍ଟିରୁ ରାମାପ୍ପା ମନ୍ଦିରକୁ ବିଶେଷ ଭାବେ ସ୍ଥିର କରିବା ଲକ୍ଷଣଟି କ'ଣ ? ( )

   A) କାକତୀୟମାନଙ୍କ ସମୟରେ ଏହା କେବଳ ବିଷ୍ଣୁଙ୍କୁ ହିଁ ସମର୍ପିତ ହୋଇଥିଲା

   B) ଗୋଟିଏ ସ୍ଥାନରେ ବୁଦ୍ଧ ଓ ମହାବୀରଙ୍କୁ ଏକତ୍ର ଉପାସନା କରିବା ଯୋଗୁଁ ଏହା ଖ୍ୟାତି ଅର୍ଜନ କରିଥିଲା

   C) ଗୋଟିଏ ସ୍ଥାନରେ ବିଷ୍ଣୁ ଓ ଶିବଙ୍କ ଏକତ୍ର ଉପାସନା କରିବା ଯୋଗୁଁ ଏହା ଖ୍ୟାତି ଲାଭ କରିଥିଲା

   D) ତେଲାଙ୍ଗାଣା ଅଞ୍ଚଳରେ ଶିବଙ୍କ ଉପାସନା ପାଇଁ ଏହା ହେଉଛି ଏକମାତ୍ର ମନ୍ଦିର

3. କାକତୀୟମାନେ କିଏ ? ମଧ୍ୟଯୁଗୀୟ ଭାରତୀୟ ଇତିହାସରେ ସେମାନେ କିପରି ସ୍ୱାଧୀନ ଶାସକ ଭାବେ ବର୍ଦ୍ଧିତ ହେଲେ ?

4. କାକତୀୟ ରାଜବଂଶର ଜଣେ ମହାନ୍ ଶାସକ ଭାବେ ଗଣପତି ଦେବ କାହିଁକି ବିବେଚିତ ହେଲେ ?

5. ବାପାଟ୍ଲା ଜିଲ୍ଲାର ଚିନ୍ନାଗଞ୍ଜାମ ଗ୍ରାମକୁ ବିଦ୍ୟାଳୟ ଲଘୁଭ୍ରମଣରେ ଯାଇ ତୁମେ ଗୋଟିଏ ମନ୍ଦିରରେ ପୁରାତନ ଶିଳାଲିପିକୁ ଦେଖିଲ ।

   ପ୍ରଶ୍ନ : ଏହି ଶିଳାଲିପିଟି କେଉଁ ବିଷୟର ? ଇତିହାସରେ ଏହି ଶିଳାଲିପି କାହିଁକି ଗୁରୁତ୍ୱପୂର୍ଣ୍ଣ, କୌଣସି ଦୁଇଟି କାରଣ ଲେଖ ।

6. ମହିଳା ଶାସକ ହିସାବରେ ଅନେକ ସବାଲର ସମ୍ମୁଖୀନ ହୋଇଥିବା ସତ୍ତ୍ୱେ ରୁଦ୍ରାମା ଦେବୀ ସମର୍ଥ ଭାବେ, ଜଣେ ଦକ୍ଷ ପ୍ରଶାସିକା ଭାବେ ସେ ନିଜେ କିପରି ପ୍ରମାଣିତ କରିଥିଲେ ?

7. ତେଲୁଗୁ ଶାସକ ମାନଙ୍କ ଇତିହାସକୁ ରୂପାୟନ କରିବାରେ କାକତୀୟ ରାଜ୍ୟ କେଉଁ ଭୂମିକା ଗ୍ରହଣ କରିଥିଲା ?

8. କାକତୀୟଙ୍କ ଅଧୀନସ୍ଥ ନାୟଙ୍କର ବ୍ୟବସ୍ଥା ନେଇ ବ୍ୟାଖ୍ୟା କର ଓ ସେମାନଙ୍କ ପ୍ରଶାସନକୁ ଅନନ୍ୟ କରିଥିବା ଚାରୋଟି ମୁଖ୍ୟ ଲକ୍ଷଣ ଉଲ୍ଲେଖ କର ।

9. ଏହି ସମୟରେ ରଚିତ ଗ୍ରନ୍ଥ ଓ ରଚୟିତାମାନଙ୍କ ତାଲିକା ସଂଗ୍ରହ କର ।

ଅଧ୍ୟାୟ

6

ସାର୍ବଜନୀନ ମତଦାନ ଏବଂ ଭାରତର ନିର୍ବାଚନ ବ୍ୟବସ୍ଥା

V2M8A2

ଶିକ୍ଷଣ ଫଳାଫଳ

ଶିକ୍ଷାର୍ଥୀମାନେ ଏହା କରିପାରିବେ :

→ ସାର୍ବଜନୀନ ସାବାଳକ ମତଦାନର ଧାରଣା ଏବଂ ଭାରତର ନିର୍ବାଚନ ପ୍ରଣାଳୀରେ ଏହାର ଭୂମିକା ବୁଝିବେ । (CG - 1)

→ ଭାରତର ନିର୍ବାଚନ ପ୍ରଣାଳୀର ବିଶ୍ଳେଷଣ ଏବଂ ନିର୍ବାଚନ ଅଧିକାରର ସୁରକ୍ଷାରେ ନିର୍ବାଚନ ଆୟୋଗଙ୍କ ଭୂମିକାକୁ ପ୍ରସଂଶା କରିବେ । (CG - 6)

→ ଭାରତର ନିର୍ବାଚନ ଆୟୋଗଙ୍କ ଭୂମିକା ଓ ନିର୍ବାଚନ ପାଇଁ ଆଚରଣ ନିୟମ ବ୍ୟାଖ୍ୟା କରିବେ । (CG - 1)

→ ଭାରତରଲୋକସଭା, ରାଜ୍ୟସଭା, ବିଧାନସଭା ରାଷ୍ଟ୍ରପତି ଏବଂ ଉପ ରାଷ୍ଟ୍ରପତିଙ୍କ ନିର୍ବାଚନ ପରିଚାଳନାରେ ନିର୍ବାଚନ ଆୟୋଗଙ୍କ ଭୂମିକା ବ୍ୟାଖ୍ୟା କରିବେ । (CG - 6)

"ଗଣତନ୍ତ୍ରର ସଫଳ ରୂପାୟନ ନିମନ୍ତେ ଓ ଜନସାଧାରଣଙ୍କ ଉପରେ ପୂର୍ଣ୍ଣ ଭରସା ପ୍ରତିପାଦନ କରି (ଭାରତ) ସାର୍ବଜନୀନ ସାବାଳକ ମତଦାନ ନୀତି ଗ୍ରହଣ କଲା... ଯାହା ଏତେ ଦୃଢ଼ତାର ସହିତ ପୃଥିବୀ ଇତିହାସରେ ପୂର୍ବରୁ କେବେ ଗ୍ରହଣ କରାଯାଇ ନଥିଲା"


*– ଆଲ୍ଲାଦି କୃଷ୍ଣସ୍ୱାମୀ ଆୟାର ନଭେମ୍ବର **1949**,, ସମ୍ବିଧାନ ପ୍ରଣୟନ ସଭା ବିତର୍କ*

ଚିତ୍ର : 6.1. ଲୋକ ସଭା ନିର୍ବାଚନ 2024 ସମୟରେ, ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶିତ କେତେକ ପ୍ରମୁଖ ଘଟଣାବଳୀ



ମୁଖ୍ୟ ପ୍ରଶ୍ନାବଳୀ ?

1. ସାର୍ବଜନୀନ ସାବାଳକ ମତଦାନ କଣ ?
2. ନିର୍ବାଚନ ବ୍ୟବସ୍ଥା କଣ ?
3. ଭାରତର ନିର୍ବାଚନ ବ୍ୟବସ୍ଥା କିପରି କାର୍ଯ୍ୟ କରେ ?



ଚିତ୍ର 6.2

ସାର୍ବଜନୀନ ସାବାଳକ ମତଦାନ

ପ୍ରଥମରୁ ହିଁ ଭାରତର ସମ୍ବିଧାନ ପ୍ରଣେତାମାନେ ସାର୍ବଜନୀନ ସାବାଳକ ମତଦାନ ବ୍ୟବସ୍ଥାକୁ ଭାରତୀୟ ଗଣତନ୍ତ୍ରର ଏକ ଉପାଦାନ ବା ବୈଶିଷ୍ଟ୍ୟ ରୂପେ ରଖିବାକୁ ନିଷ୍ପତ୍ତି ନେଇଥିଲେ ଏହାର ଅର୍ଥ ହେଉଛି ନିର୍ବାଚନ ସମୟରେ ସମସ୍ତ ସାବାଳକ ମତଦାତା ବା ନାଗରିକ ନିଜର ଗୋଟିଏ ମତ ପ୍ରଦାନ କରିପାରିବେ ଏବଂ ସମସ୍ତ ମତଦାନର ମୂଲ୍ୟ ସମାନ ଅଟେ । ଅର୍ଥାତ, 18 ବର୍ଷ ବା ତଦୁର୍ଦ୍ଧ୍ୱ ପ୍ରତ୍ୟେକ ଭାରତୀୟ ନାଗରିକ ମତଦାନ କରିବାର ଅଧିକାର ଜାତି, ବର୍ଣ୍ଣ, ଧର୍ମ, ଲିଙ୍ଗ, ଶିକ୍ଷାଗତ ଯୋଗ୍ୟତା, ଆର୍ଥିକ ସ୍ଥିତି ଇତ୍ୟାଦି ନିର୍ବିଶେଷରେ ପାଇଛନ୍ତି । ସାର୍ବଜନୀନ ଶବ୍ଦ ଏହାହିଁ ସୂଚୀତ କରେ ।

ଆସ ଅନୁସନ୍ଧାନ କରିବା

1988 ମସିହାରେ ଭାରତରେ ସର୍ବନିମ୍ନ ମତଦାନ ବୟସକୁ 21 ବର୍ଷରୁ କମାଇ 18 ବର୍ଷ କରାଗଲା । ଏହା ଭଲ ପଦକ୍ଷେପ ଥିଲା ନା ନୁହେଁ ଆଲୋଚନା କର ।

ସାର୍ବଜନୀନ ମତଦାନ ଭାରତୀୟ ଗଣତନ୍ତ୍ରର ମୂଳଦୁଆ ଅଟେ । ଲୋକସଭା, ପ୍ରତ୍ୟେକ ରାଜ୍ୟ ବିଧାନସଭା ଏବଂ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ସ୍ୱାୟତ୍ତଶାସନ ନିମନ୍ତେ ନିର୍ବାଚନ, ସାର୍ବଜନୀନ ମତଦାନ ମାଧ୍ୟମରେ ସମ୍ପାଦନ କରାଯାଏ (ସମ୍ବିଧାନର ଧାରା 326 ଅନୁଯାୟୀ) । ମନେରଖ ଯେ ଜଣେ ବ୍ୟକ୍ତି ନିମନ୍ତେ ଅନ୍ୟ ଜଣେ ମତଦାନ କରିପାରିବେ ନାହିଁ ।

→ ତୁମେ ମତଦାନ ନିମନ୍ତେ ଆଉ କେତେଦିନ ଅପେକ୍ଷା କରିବ ହିସାବ କରି ପାରିବ କି ?

ତୁମ ଅଧିକାର ସାବ୍ୟସ୍ତ ନିମନ୍ତେ, ତୁମକୁ ପ୍ରଥମେ ନିଜ ନିର୍ବାଚନ ମଣ୍ଡଳୀର ମତଦାତା ରୂପେ ପଞ୍ଜିକରଣ କରିବା ଆବଶ୍ୟକ। ଅବଶ୍ୟ କେତେକ ଗୁରୁତର ଅପରାଧରେ ଅଭିଯୁକ୍ତ ନାଗରିକଙ୍କୁ ଏହି ମତଦାନ ପ୍ରକ୍ରିୟାରୁ ବାରଣ କରାଯାଇଥାଏ ।

ମତଦାନ(Franchise): ଏହା ସମ୍ବିଧାନ କିମ୍ବା ସରକାରଙ୍କ ଦ୍ୱାରା ପ୍ରଦତ୍ତ ଏକ ଅଧିକାର । ଏହାକୁ ଇଂରେଜୀରେ ***suffrage*** *ବୋଲି ମଧ୍ୟ କୁହାଯାଏ ।*

ତୁମର ମନ ଅଛି କି 2024 ମସିହା ଗ୍ରୀଷ୍ମ କାଳରେ ଭାରତରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏଥିରେ 980 ମିଲିୟନ୍ ଭୋଟଦାତା ଲୋକସଭାର 543 ଟି ନିର୍ବାଚନ ମଣ୍ଡଳୀ ପାଇଁ ମତଦାନ କରିବାକୁ ଯୋଗ୍ୟ ବିବେଚିତ ହୋଇଥିଲେ । ଲୋକସଭାର 25 ଟି ନିର୍ବାଚନ ମଣ୍ଡଳୀ ପାଇଁ ଆନ୍ଧ୍ର ପ୍ରଦେଶର 413 ମିଲିୟନ୍ ଭୋଟଦାତା ସେମାନଙ୍କର ଭୋଟଦାନ କରିବାକୁ ଯୋଗ୍ୟ ବିବେଚିତ ହୋଇଥିଲେ ।

ନିର୍ବାଚନ ମଣ୍ଡଳୀ: ଏକ ଅଞ୍ଚଳ ଯେଉଁଠାରୁ ମତଦାତା ସେମାନଙ୍କ ପ୍ରତିନିଧିଙ୍କୁ ବ୍ୟବସ୍ଥାପିକା ସଭାକୁ ନିର୍ବାଚିତ କରିଥାନ୍ତି ।

ମନେ ରଖ

ସମଗ୍ର ଭାରତରେ 3.1 ମିଲିୟନ ବିର୍ବାଚିତ ପ୍ରତିନିଧି ଅଛନ୍ତି । (ସେମାନଙ୍କ ମଧ୍ୟରୁ 1.3 ମିଲିୟନ୍ ମହିଳା ଅଟନ୍ତି) ସେମାନେ ସାରା ଭାରତରେ 2,50,000 ରୁ ଅଧିକ ସ୍ଥାନୀୟ ସରକାରରେ ପ୍ରତିନିଧିତ୍ୱ କରିଥାନ୍ତି । ଆନ୍ଧ୍ର ପ୍ରଦେଶରେ 2,61,000 ନିର୍ବାଚିତ ପ୍ରତିନିଧି ଅଛନ୍ତି (ସେମାନଙ୍କ ମଧ୍ୟରୁ 78,025 ମହିଳା ଅଟନ୍ତି) । ସେମାନେ 14,185 ରୁ ଅଧିକ ସ୍ଥାନୀୟ ସରକରାରେ ପ୍ରତିନିଧିତ୍ୱ କରିଥାନ୍ତି । ସେମାନେ ଗଣତାନ୍ତ୍ରୀକ ଉପାୟରେ ସାର୍ବଜନୀନ ସାବାଳକ ଭୋଟଦାନ ଦ୍ୱାରା ନିର୍ବାଚିତ ହୋଇଥାନ୍ତି ।

ଏହି ବ୍ୟାପକ କାର୍ଯ୍ୟକ୍ରମ ପରିଚାଳନା ନିମନ୍ତେ ଏବଂ ସ୍ୱାଧୀନ ଓ ସ୍ୱଚ୍ଛ ନିର୍ବାଚନ ସୁନିଶ୍ଚିତ କରିବା ନିମନ୍ତେ ଆମକୁ ଏକ ବିସ୍ତୃତ ଓ ସୁସଂହତ ନିର୍ବାଚନ ବ୍ୟବସ୍ଥା ଆବଶ୍ୟକ ଅଟେ । ଏହି ଅଧ୍ୟାୟରେ ସଂକ୍ଷେପରେ ଆମେ ଆଲୋଚନା କରିବା, କିଏ ମତଦାନ କରିବାକୁ ଯୋଗ୍ୟ, ଆମେ ଗ୍ରହଣ କରିଥିବା କେତେକ ମତଦାନ ବ୍ୟବସ୍ଥା ଏବଂ ଏହା କିପରି ଆୟୋଜନ କରାଯାଏ ।

ବ୍ୟବସ୍ଥା: ସର୍ବସାଧାରଣ କାର୍ଯ୍ୟ ନିମନ୍ତେ ଗଠିତ ଏକ ଗୋଷ୍ଠୀ ଯିଏ ପରସ୍ପର ଉପରେ ନିର୍ଭରଶୀଳ ।

ମନେ ରଖ

→ ସ୍ୱାଧୀନତା ପୂର୍ବରୁ ମାତ୍ର 13 ପ୍ରତିଶତ ଭାରତୀୟ ମତଦାନ କରିବାକୁ ଅନୁମତି ପାଇଥିଲେ ଏବଂ ମତଦାନ ସାର୍ବଜନୀନ ନଥିଲା । ଏ ବିଷୟରେ ଆମେ ପୁସ୍ତକର ଅନ୍ୟ ଭାଗରେ ଅଧିକ ଆଲୋଚନା କରିବା ।

→ ପୃଥିବୀର ଅନ୍ୟ ଦେଶମାନଙ୍କ ଠାରୁ ଆଗରେ ରହି ଭାରତ ମହିଳାମାନଙ୍କୁ ଭୋଟ ବା ମତଦାନ ଦେବାର ବ୍ୟବସ୍ଥା ସୁନିଶ୍ଚିତ କରିଥିଲା । ଉଦାହରଣ ସ୍ୱରୂପ ସୁଇଜରଲ୍ୟାଣ୍ଡରେ 1971 ମସିହାରେ ମହିଳାମାନଙ୍କୁ ମତଦାନ ଅଧିକାର ପ୍ରଦାନ କରାଗଲା । ଏହି ମୌଳିକ ଅଧିକାର ହାସଲ ନିମନ୍ତେ ମହିଳାମାନେ ଅନେକ ଦିନ କଷ୍ଟ ସହ୍ୟ କରି ଆନ୍ଦୋଳନ କରିଥିଲେ । ଅପର ପକ୍ଷରେ ଏକ ପ୍ରଗତିଶୀଳ ସମ୍ବିଧାନିକ ଦୂରଦୃଷ୍ଟି ଏବଂ ପ୍ରାଚୀନ ଭାରତରେ ଦୃଶ୍ୟମାନ ହୋଇଥିବା ଦୃଢ଼ ଗଣତାନ୍ତ୍ରିକ ମୂଲ୍ୟବୋଧ ଆଦି ଭାରତୀୟ ମହିଳାଙ୍କ ନିମନ୍ତେ ମତଦାନ ଅଧିକାର ପ୍ରଥମରୁହିଁ ସୁନିଶ୍ଚିତ କରିଥିଲା ।



ଚିତ୍ର : 6.3 : ମହିଳା ମତଦାନ ପରେଡ଼, ଯୁକ୍ତରାଷ୍ଟ୍ର ଆମେରିକା, 1913 ମସିହା

ଆସ ଅନୁସନ୍ଧାନ କରିବା

1947 ମସିହାରେ ଭାରତର ସାକ୍ଷରତା ହାର ପ୍ରାୟ 14 ପ୍ରତିଶତ ଥିଲା, ତନ୍ମଧ୍ୟରୁ ମହିଳା ସାକ୍ଷରତା ହାର ସଂଖ୍ୟା ମାତ୍ର 8 ପ୍ରତିଶତ ଥିଲା । କେତେକ ମତ ଦିଅନ୍ତି ଯେ, ମତଦାନ ଅଧିକାର କେବଳ ଶିକ୍ଷିତ ଲୋକଙ୍କୁ ଦେବା ଉଚିତ । ଆମ ସମ୍ବିଧାନ ପ୍ରଣେତାମାନେ ସ୍ୱାଧୀନତା ସମୟରୁହିଁ କାହିଁକି ସାର୍ବଜନୀନ ମତଦାନ ବ୍ୟବସ୍ଥା ସପକ୍ଷରେ ମତ ରଖିଥିଲେ ତୁମ ଦଳ ମଧ୍ୟରେ ଆଲୋଚନା କର ।

ସାର୍ବଜନୀନ ମତଦାନ କାହିଁକି ଏତେ ଗୁରତ୍ୱପୂର୍ଣ ତାହାର ଅନେକ କାରଣମାନ ରହିଛି । ତନ୍ମଧ୍ୟରୁ କେତୋଟି ନିମ୍ନରେ ମାଇଣ୍ଡମ୍ୟାପରେ ଦର୍ଶାଯାଇଛି । ତୁମେ ଅନ୍ୟ କିଛି ଚିନ୍ତା କରିପାରିବ କି ?



ଚିତ୍ର : 6.4 ଏକ ଗଣତନ୍ତ୍ରରେ ସାର୍ବଜନୀନ ମତଦାନର ଗୁରତ୍ୱ ।
ଖାଲିଥିବା ସ୍ଥାନରେ ଥିବା ଦୁଇଟି ଅନ୍ୟ କାରଣ (ଗୁରୁତ୍ୱ) ଲେଖ ।

ପ୍ରତିବନ୍ଧକର ଉଚ୍ଛେଦ, ଅଂଶଗ୍ରହଣର ସୁନିଶ୍ଚିତତା: ସାର୍ବଜନୀନ ମତଦାନ ସୁନିଶ୍ଚିତ କରିବା

ସାର୍ବଜନୀନ ମତଦାନ ନିର୍ବାଚନ ପଦ୍ଧତିରେ ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କ ଅବାଧ ଓ ମୁକ୍ତ ଅଂଶଗ୍ରହଣ ଗଣତନ୍ତ୍ରକୁ ସଫଳ କରାଏ । ନିଜ ମତକୁ ପ୍ରକାଶ କରିବାରେ ମତଦାନ ହେଉଛି ନିର୍ବାଚନର ଏକ ବଳିଷ୍ଠ ମାଧ୍ୟମ । ଏହା ଭାରତରେ କିପରି କାର୍ଯ୍ୟକାରୀ କରାଯାଏ ?

ଭାରତ ହେଉଛି ବିବିଧତା ଓ ଜଟିଳତା ଭରା ଏକ ବୃହତ୍ ଦେଶ । ଆୟତନରେ ଏହା ଫ୍ରାନ୍ସ ଦେଶ ଆୟତନର ଛଅ ଗୁଣ । ଏହାର ମତଦାତାଙ୍କ ସଂଖ୍ୟା ଯୁକ୍ତରାଜ୍ୟ ଜନସଂଖ୍ୟାର ପନ୍ଦର ଗୁଣ ଅଟେ । ଭୌଗୋଳିକ ବିବିଧତା ମଧ୍ୟ ଏହାର ଅନ୍ୟ ଏକ ସମସ୍ୟା । ଏହି ସବୁ ଜଟିଳତାକୁ ଆଧାର କରି ଭାରତରେ ନିର୍ବାଚନ ବ୍ୟବସ୍ଥା ସଂଗଠିତ ହେବା ଆବଶ୍ୟକ ।


ଭାରତର ନିର୍ବାଚନ ଆୟୋଗ, ଭାରତରେ ନିର୍ବାଚନ ଆୟୋଜନ କରିଥାନ୍ତି (ଆମେ ଏ ବିଷୟରେ ଏହି ଅଧ୍ୟାୟର ପରବର୍ତ୍ତୀ ଭାଗରେ ଅଧିକ ପଢ଼ିବା) । ମତଦାନ ସାବ୍ୟସ୍ତର ସମସ୍ତ ପ୍ରତିବନ୍ଧକ ଦୂର କରିବା ଓ କୌଣସି ମତଦାତା ଯେପରି ମତଦାନ ଅଧିକାରରୁ ବଞ୍ଚିତ ନ ହୁଅନ୍ତି, ତାହା ସୁନିଶ୍ଚିତ କରିବାରେ ଭାରତର ନିର୍ବାଚନ ଆୟୋଗ(**ECI**) ଅନେକ ନୂତନ ପଦକ୍ଷେପମାନ ଗ୍ରହଣ କରିଛନ୍ତି ।

ଦୂର ଓ ଦୁର୍ଗମ ଅଞ୍ଚଳକୁ ଗସ୍ତ କରି ନିର୍ବାଚନ ଅଧିକାରୀମାନେ ପ୍ରତ୍ୟେକ ନାଗରିକଙ୍କ ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବା ସୁନିଶ୍ଚିତ କରିଥାନ୍ତି । 2024 ମସିହା ନିର୍ବାଚନରେ ପ୍ରଥମ ଥର ନିମନ୍ତେ ବୟସ୍କ ଓ ଦିବ୍ୟାଙ୍ଗ ନାଗରିକମାନେ ନିଜ ଘରେ ବସି ମତଦାନ ସାବ୍ୟସ୍ତ କରିଥିଲେ । ଏଥିସହିତ କେତେକ ବିଶେଷ ବର୍ଗ ମତଦାତାଙ୍କ ନିମନ୍ତେ ଡାକଦ୍ୱାରା ମଧ୍ୟ ମତଦାନ ବ୍ୟବସ୍ଥା କରାଯାଇଥିଲା । ସହାୟକ ଯନ୍ତ୍ର ଭାବରେ ବ୍ରେଲିଯୁକ୍ତ ଭୋଟର କାର୍ଡ଼, ଆପ୍ ଯୁକ୍ତ ସହାୟତା ଅନୁରୋଧ, ହିଲ୍ ବା ଚକଲଗା ଚୌକି ଓ ରାମ୍ପ୍ ବା ଖସଡ଼ା ଆଦି ଅନେକ ସୁବିଧା ମଧ୍ୟ ପ୍ରଦାନ କରାଯାଇଥିଲା ।

ଆସ ଅନୁସନ୍ଧାନ କରିବା

→ ଦଳଗତ ଭାବେ ଆଲୋଚନା କର ଏହି ପ୍ରଣାଳୀଗୁଡ଼ିକ ଗଣତନ୍ତ୍ରରେ କିପରି ଭୂମିକା ନିର୍ବାହ କରେ ? ଏହି ଉନ୍ନତ ସୁବିଧା ଗୁଡ଼ିକର ସୁଯୋଗ କେହି ଉପଲବ୍ଧ କରିଥିବା ତୁମେ ଜାଣିଛ କି ? ଏହା ତୁମ ଅଞ୍ଚଳର ନିର୍ବାଚନ (ଭୋଟର) ଅଂଶ ଗ୍ରହଣରେ ବୃଦ୍ଧି ଘଟାଇପାରିଛି କି ? ବୈଷୟିକ ଜ୍ଞାନ କୌଶଳ ଏଠାରେ କିପରି ସାହାଯ୍ୟ କରିବ ?

→ ଯଦି ତୁମ ପାଖରେ ଇଣ୍ଟରନେଟ୍ ଯୋଗାଯୋଗ ସୁବିଧା ଥିବ ତେବେଭାରତର ନିର୍ବାଚନ ଆୟୋଗ(**ECI**) ୱେବସାଇଟ(**https://www.eci.gov.in/persons-withdisabilities**) ସନ୍ଦର୍ଶନ କର । **ECI** ଗ୍ରହଣ କରିଥିବା ଅନେକ ସୁବିଧା ଯାହା ଭିନ୍ନକ୍ଷମଙ୍କୁ ସୁବିଧା ପ୍ରଦାନ କରେ ତାହା ପଢ଼ ଏବଂ ଚିହ୍ନଟ କର ।



ଚିତ୍ର 6.5











ଚିତ୍ର 6.6 ଭାରତର ନିର୍ବାଚନ ବ୍ୟବସ୍ଥା ପ୍ରତ୍ୟେକ ନାଗରିକଙ୍କ ମତଦାନ ସୁନିଶ୍ଚିତ କରେ । ଏକାକିନୀ ମହାଳା, ଡାକ ମାଧ୍ୟମରେ ମତଦାନ ଏବଂ ଚକଲଗା ଚୌକି ସହାୟତା ଆଦି ପଦକ୍ଷେପମାନ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ ।

ଅନ୍ୱେଷିଦ୍ଦାଂ


ପାଖାପାଖି 34 ପ୍ରତିଶତ ଯୋଗ୍ୟ ମତଦାତା 2024 ମସିହା ନିର୍ବାଚନରେ ସେମାନଙ୍କ ମତଦାନ ଅଧିକାର ସାବ୍ୟସ୍ତ କରି ନଥିଲେ । ଏପରି ଘଟିବାର କାରଣ କଣ ବୋଲି ତୁମେ ଅନୁମାନ କରୁଛ ? ନିଜ ଅଧିକାର ସାବ୍ୟସ୍ତ ନିମନ୍ତେ ଲୋକମାନେ କେଉଁ ସବୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ? ତୁମ ପରିବାର ଓ ପାଖ ପଡ଼ୋଶୀରେ ଥିବା ସାବାଳକମାନଙ୍କୁ ନେଇ ଏକ ସର୍ବେକ୍ଷଣ କର । ଗୃହୀତ ତଥ୍ୟକୁ ଅନୁଶୀଳନ କରି ଏକ ରିପୋର୍ଟ ଲେଖ ଏବଂ ସମସ୍ତଙ୍କ ମତଦାନ କିପରି ସୁନିଶ୍ଚିତ ହୋଇପାରିବ ମତାମତ ଦିଅ ।

ମନେ ରଖ

10ମ ଶତାବ୍ଦୀର ଉତ୍ତରମେରୁର୍ (ଦକ୍ଷିଣ ଭାରତରେ ଏକ ସ୍ଥାନ) ଶିଳାଲେଖ ବର୍ଣ୍ଣନା କରେ ସେ ସମୟର ପ୍ରତିନଧି ଚୟନର ସ୍ୱଚ୍ଛତା । ଯୋଗ୍ୟ ପ୍ରତିଦ୍ୱନ୍ଦୀଙ୍କ ନାମ ସବୁ ତାଳପତ୍ରରେ ଲେଖାଯାଇ ଏକ ପାତ୍ର ମଧ୍ୟରେ ମୋହର ଦେଇ ରଖାଯାଉଥିଲା । ଚୟନ ହେଉଥିବା ଦିନ ଏହା ସର୍ବ ସମ୍ମୁଖରେ ଖୋଲାଯାଇ ଥାଏ ଏବଂ ଜଣେ ବାଳକ ଦ୍ୱାରା ସେହି ତାଳପତ୍ର ଗୁଡ଼ିକୁ ଗୋଟିକ ପରେ ଗୋଟିଏ ବିନା କ୍ରମରେ ବାହାର କରାଯାଏ । ଜଣେ ଦାୟିତ୍ୱ ସମ୍ପନ୍ନ ବ୍ୟକ୍ତି ନିଜର ମୁକ୍ତ ହସ୍ତ ଦେଖାଇବା ପରେ ଚୟନ କରାଯାଇଥିବା ପ୍ରତିଦ୍ୱନ୍ଦୀଙ୍କ ନାମ ସବୁ ପାଠ କରିଥାନ୍ତି ।

ଶ୍ରେଣୀ ପ୍ରତିନିଧିଙ୍କ ନିର୍ବାଚନ– ଗ୍ରେଡ୍ 8 , ଜିଲ୍ଲା ପରିଷଦ ଉଚ୍ଚ ବିଦ୍ୟାଳୟ, ଚନ୍ଦ୍ରପାଲେମ୍

ଶ୍ରେଣୀ ପ୍ରତିନିଧିଙ୍କ ବାର୍ଷିକ ନିର୍ବାଚନ ସମୟ ଉପନୀତ । ଶ୍ରେଣୀ ପ୍ରତିନିଧି, ଶିକ୍ଷକଙ୍କ ସହିତ ଆଲୋଚନା ଓ ଯୋଗାଯୋଗ, ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ ନିମନ୍ତେ ଶ୍ରେଣୀ ତରଫରୁ ସ୍କୁଲ ଅଧିକାରୀମାନଙ୍କ ସହିତ ଏକ ସେତୁ ବା ମାଧ୍ୟମ ରୂପେ କାର୍ଯ୍ୟ କରିଥାନ୍ତି । ତିନିଜଣ ଶିକ୍ଷାର୍ଥୀ ଅହମ୍ମଦ, ଗୌରୀ ଓ ରବି ଏହି ପଦବୀ ନିମନ୍ତେ ପ୍ରତିଦ୍ୱନ୍ଦିତା କରିବାକୁ ସ୍ଥିର କଲେ । ଏଥି ନିମନ୍ତେ ଶ୍ରେଣୀ ଶିକ୍ଷୟିତ୍ରୀ ଶ୍ରୀମତୀ ଉଷା ନିର୍ବାଚନ ଅଧିକାରୀ ରୂପେ ନିଯୁକ୍ତ ହେଲେ ଯିଏ ଶ୍ରେଣୀ ପ୍ରତିନଧି ନିର୍ବାଚନରେ ସମସ୍ତ ନିୟମ ପାଳନ ସହିତ, ମୁକ୍ତ ଓ ସ୍ୱଚ୍ଛତା ସୁନିଶ୍ଚିତ କରିବେ ।



ଚିତ୍ର 6.7 ଶ୍ରେଣୀ ପ୍ରତିନିଧି ନିର୍ବାଚନ ପ୍ରଚାର

ଏଠାରେ ପ୍ରତ୍ୟେକ ପ୍ରତିଦ୍ୱନ୍ଦୀଙ୍କର ଏକ ସଂକ୍ଷିପ୍ତ ପରିଚୟ ଦିଆଗଲା:

ଅହମ୍ମଦ ଶ୍ରେଣୀଗୃହ ଓ ଖେଳପଡ଼ିଆର ସ୍ୱଚ୍ଛତା ବୃଦ୍ଧି ନିମନ୍ତେ ପ୍ରତିଜ୍ଞା କଲେ । ଗୌରୀ ନିଜର ସମସ୍ତ ସହପାଠୀଙ୍କ ଶିକ୍ଷାର ଉନ୍ନତି ନିମନ୍ତେ ଆଗ୍ରହୀ ଥିଲେ । ସେ ଏକ ସହପାଠୀ ଶିକ୍ଷା ଓ ପାରସ୍ପାରିକ ସହଯୋଗ ନିମନ୍ତେ ବ୍ୟବସ୍ଥାଗତ ଢାଞ୍ଚା ପ୍ରସ୍ତୁତ କରିବା ନିମନ୍ତେ ପ୍ରସ୍ତାବ ରଖିଲେ । ରବି ଶ୍ରେଣୀ ସମୟ ସାରଣୀରେ ସଙ୍ଗୀତ, ନାଟକ ଓ ଦୃଶ୍ୟକଳା ଆଦି ନିମନ୍ତେ ଅଧିକ ସମୟ ସପକ୍ଷରେ ନୂଆ କଳାତ୍ମକ ପାଠ୍ୟକ୍ରମ ପ୍ରସ୍ତାବ ଦେଲେ ।



ଚିତ୍ର ୬.୫ ଶ୍ରେଣୀ ପ୍ରତିନିଧି ଭାବେ ପ୍ରତିଯୋଗିତା କରୁଥିବା ଶିକ୍ଷାର୍ଥୀଙ୍କ କାର୍ଯ୍ୟସୂଚୀର ଏକ ଦୃଶ୍ୟ

ନିର୍ବାଚନ ପ୍ରଚାର :

ଅହମ୍ମଦ ପୋଷ୍ଟର ମାଧ୍ୟମରେ, ଗୌରୀ ନୋଟିସ୍‌ବୋର୍ଡ଼ ଓ ସହପାଠୀଙ୍କ ସହିତ ବାର୍ତ୍ତାଳାପ ମାଧ୍ୟମରେ ଅନ୍ୟ ସାଥୀମାନଙ୍କୁ ପ୍ରଭାବିତ କରୁଥିବା ବେଳେ ରବି ଖାଇବା ସମୟରେ ଏକ ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜନ କରି ନିଜ ମତାମତ ସପକ୍ଷରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ । ନିର୍ବାଚନ ଅଧିକାରୀ ଶ୍ରୀମତୀ ଉଷା ଏକ ମୁକ୍ତ ଓ ଅବାଧ ନିର୍ବାଚନ ନିମନ୍ତେ ସମସ୍ତଙ୍କୁ ଆଇନଗତ ସୂଚନା ଦେଲେ ଏବଂ ସମସ୍ତଙ୍କୁ ନିଜ ମତାମତକୁ ଗୁପ୍ତ ରଖିବାକୁ ପରାମର୍ଶ ଦେଲେ କାରଣ ଏହା ଏକ ଗୁପ୍ତ ଓ ସ୍ୱଚ୍ଛ ପ୍ରକ୍ରିୟା ଅଟେ । ସେ ଶ୍ରେଣୀ ଗୃହର ଏକ କୋଣରେ ନିର୍ବାଚନ ବୁଥ୍ ସ୍ଥାପନା କଲେ ଯେଉଁଠାରେ ମତଦାନର ଗୋପନୀୟତା ରକ୍ଷା କରାଯାଇପାରିବ ।

ଭୋଟ ଦିବସ :

ନିର୍ବାଚନ ଧାର୍ଯ୍ୟ ଦିନ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ବ୍ୟାଲେଟ୍ କାଗଜ ଦିଆଗଲା ଯେଉଁଥିରେ ସମସ୍ତ ତିନି ପ୍ରତିଦ୍ୱନ୍ଦ୍ୱୀଙ୍କ ନାମ ଉଲ୍ଲେଖ ଥିଲା । ନିଜ ପସନ୍ଦର ଶିକ୍ଷାର୍ଥୀଙ୍କ ନାମ କଡ଼ରେ **'X'** ଚିହ୍ନ ଦେବାକୁ ସମସ୍ତଙ୍କୁ କୁହାଗଲା । ନେହା ନିମନ୍ତେ ଏକ ବ୍ରେଲୀଯୁକ୍ତ ବ୍ୟାଲେଟ୍‌ର ବ୍ୟବସ୍ଥା କରାଯାଇଥିଲା । ସମସ୍ତେ ମତଦାନ କରି ସାରିବା ପରେ ଶ୍ରୀମତୀ ଉଷା ସେଗୁଡ଼ିକ ଏକାଠି କରି ଏକ ବାକ୍ସ ମଧ୍ୟରେ ମୋହର ଦେଇ ରଖିଲେ । ପରେ ତାହା ଗଣତି କରାଯିବ ।

ନିର୍ବାଚନ ଫଳାଫଳ (ଭୋଟ ଗଣତି) :

ସମସ୍ତ 33 ଟି ମତଦାନ ସରିବା ପରେ ଶ୍ରୀମତୀ ଉଷା ପାଖ ଶ୍ରେଣୀରୁ ଶିବା କୁମାରୀଙ୍କୁ ଭୋଟ ଗଣତିରେ ସାକ୍ଷୀ ରୂପେ ଚୟନ କଲେ ଗୋଟିଏ ବ୍ୟାଲେଟ୍ କାଗଜରେ କୌଣସି ଚିହ୍ନ ଦିଆଯାଇ ନଥିଲା ତେଣୁ ତାହାକୁ ଅସିଦ୍ଧ ଘୋଷଣା କରାଗଲା । ଫଳାଫଳ ଘୋଷଣାରୁ ଜଣାଗଲା ଅହମ୍ମଦ ୫ଟି ଭୋଟ୍, ଗୌରୀ 12 ଟି ଭୋଟ୍ ଏବଂ ରବି 10 ଟି ଭୋଟ୍ ପାଇଛନ୍ତି । ସର୍ବାଧିକ ଭୋଟ ପାଇଁ ଗୌରୀ ଶ୍ରେଣୀ ପ୍ରତିନିଧ ରୂପେ ନିର୍ବାଚିତ ହେଲା । ସେ ତା' ସହପାଠୀଙ୍କୁ ଧନ୍ୟବାଦ ଦେବା ସହିତ ନିଜ ପ୍ରତିଶ୍ରୁତି ପାଳନ କରିବାକୁ ପ୍ରତିଜ୍ଞାବଦ୍ଧ ହେଲା । ସମସ୍ତେ ତାକୁ ଅଭିନନ୍ଦନ ଦେବା ସହିତ ସହଯୋଗ କରିବାକୁ ପ୍ରତିଜ୍ଞା କଲେ ।

ଆସ ଅନୁସନ୍ଧାନ କରିବା

- → ଏହି ନିର୍ବାଚନ ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ବିଷୟ ଗୁଡ଼ିକ କ'ଣ ଥିଲା ?
- → ଗୁପ୍ତ ମତଦାନର ଆବଶ୍ୟକତା କ'ଣ ?
- → ନିଜ ମତଦାନ ସମୟରେ ଶିକ୍ଷାର୍ଥୀମାନେ କେଉଁ ସବୁ ଦିଗଗୁଡ଼ିକୁ ଗୁରୁତ୍ୱ ଦେଇଥିବେ ?
- → ତୁମେ ଭାବୁଛ କି ଗୌରି ନିର୍ବାଚିତ ହେବା ପରେ ମଧ୍ୟ ଅନ୍ୟ ଶିକ୍ଷାର୍ଥୀମାନଙ୍କର ଅନେକ ଦାୟିତ୍ୱ ରହିଛି ? ଯଦି ହଁ ସେଗୁଡ଼ିକ କ'ଣ ?
- → ଶ୍ରୀମତୀ ଉଷା କେଉଁ ଭୂମିକା ତୁଲାଇ ଥିଲେ ? ତାହା କାହିଁକି ଗୁରୁତ୍ୱପୂର୍ଣ୍ଣ ?
- → ନେହା ପାଇଁ ବ୍ରେଲି ବାଲଟ କାଗଜ ପ୍ରସ୍ତୁତ କରିବା ଶ୍ରୀମତୀ ଉଷାଙ୍କ ପାଇଁ କାହିଁକି ଗୁରୁତ୍ୱପୂର୍ଣ୍ଣ ଥିଲା ?
- → ଯଦି ଅନେକ ଶିକ୍ଷାର୍ଥୀକାହାକୁ ବାଛି ନଥାନ୍ତେ କ'ଣ ହୋଇଥାନ୍ତା ?

ମନେ ରଖ

ମନେକର ଯଦି ଜଣେ ଶିକ୍ଷାର୍ଥୀ ଅହମ୍ମଦ, ଗୌରୀ କିମ୍ବା ରବିଙ୍କ ମଧ୍ୟରୁ କାହାରିକୁ ମଧ୍ୟ ମତଦାନ କରି ନଥାନ୍ତା, ତାଙ୍କ ପାଖରେ ଆଉ କ'ଣ ବିକଳ୍ପ ରହିଥାଇପାରେ ? ଭାରତ ପରି କେତେକ ଦେଶରେ ନୋଟା ବା କେହି ପସନ୍ଦ ନୁହଁନ୍ତି (**NOTA - None Of The Above**) ନାମରେ ଏକ ବିକଳ୍ପ ଅଛି । ଏହା ସମସ୍ତ ପ୍ରତିଦ୍ୱନ୍ଦୀଙ୍କୁ ତ୍ୟାଗ କରିବାକୁ ମତଦାତାଙ୍କୁ ସୁଯୋଗ ଦିଏ । ଯଦିଓ ଏହା ଫଳାଫଳକୁ ପ୍ରଭାବିତ କରେ ନାହିଁ ତଥାପି ଏକ ବାର୍ତ୍ତା ଦେଇଥାଏ ଯେ ମତଦାତା ଅଧିକ ବିକଳ୍ପ ଚାହାନ୍ତି । ନୋଟା ବା କେହି ପସନ୍ଦ ନୁହଁନ୍ତି ଭାରତୀୟ ଗଣତନ୍ତ୍ରର ଏକ ଶକ୍ତିଶାଳୀ ଚିନ୍ତନ ଅଟେ ।

ଭାରତୀୟ ନିର୍ବାଚନ ଆୟୋଗ (EC I)ଙ୍କ ଭୂମିକା

ଭାରତର ବିଶାଳତା ଓ ବିବିଧତା କଥା ଆମେ ଜାଣିଲେ, ଏହାକୁ ମନେରଖି ଦେଶର ନିର୍ବାଚନ ଆୟୋଜନ ନିମନ୍ତେ ଏକ ସଂସ୍ଥା ଗଠନ କରାଗଲା । ଏହି ପର୍ଯ୍ୟାୟରେ ଭାରତର ନିର୍ବାଚନ ଆୟୋଗ(**ECI**), ଆୟୋଜନ ଏବଂ ପରିଦର୍ଶନ କରୁଥିବା ବିଭିନ୍ନ ପ୍ରକାର ନିର୍ବାଚନ ସମ୍ବନ୍ଧରେ ଆଲୋଚନା କରିବା ।

ଆସ ଅନୁସନ୍ଧାନ କରିବା

ଭାରତରେ ସଂସଦୀୟ ଗଣତନ୍ତ୍ର ପ୍ରଚଳିତ । ଏଠାରେ ଜାତୀୟ ସ୍ତରରେ ଲୋକସଭା (ସଂସଦର ନିମ୍ନ ସଦନ) ନିମନ୍ତେ ନାଗରିକ ବା ମତଦାତାମାନେ ପ୍ରତିନଧି ଚୟନ କରିଥାନ୍ତି । ସେମାନେ ସମଗ୍ର ଦେଶକୁ ପ୍ରଭାବିତ କରୁଥିବା ବିଷୟବସ୍ତୁକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି। । ଏଥି ସହିତ ମତଦାତାମାନେ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ସେମାନଙ୍କ ନିଜ ନିର୍ବାଚନ ମଣ୍ଡଳୀରୁ ବିଧାନସଭା ନିମନ୍ତେ ମଧ୍ୟ ପ୍ରତିନିଧି ନିର୍ବାଚିତ କରିଥାନ୍ତି । ଏଠାରେ ସେମାନେ ସାଧାରଣତଃ ଆଞ୍ଚଳିକ ବିଷୟବସ୍ତୁକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି ।

ଏହି ଦୁଇଟି ନିର୍ବାଚନ **ECI** ଙ୍କ ଦ୍ୱାରା ଆୟୋଜନ ଓ ପରିଚାଳନା କରାଯାଇଥାଏ । ସେ ସମ୍ବନ୍ଧରେ ଆମେ ପରେ ବିଶଦ ଆଲୋଚନା କରିବା । ଅବଶ୍ୟ ନିର୍ବାଚନ ପରିଚାଳନାର ଝଲକ ପାଇବା ଆଗରୁ ଆସ ତୁମକୁ ଭାରତର ନିର୍ବାଚନ ଆୟୋଗଙ୍କ ସହିତ ପରିଚୟ କରାଇବା, ଯିଏ ଏହି ନିର୍ବାଚନ ସବୁ ତଦାରଖ କରିଥାନ୍ତି ।

ଆସ ଅନୁସନ୍ଧାନ କରିବା

ଷ୍ଠ ଶ୍ରେଣୀରେ ଆମେ ଗ୍ରାମ ପଞ୍ଚାୟତ ଓ ସହରାଞ୍ଚଳ ସ୍ଥାନୀୟ ସରକାର ବିଷୟରେ ପଢ଼ିଥିଲେ । ରାଜ୍ୟ ନିର୍ବାଚନ ଆୟୋଗ ଏହାକୁ ପରିଚାଳନା କରିଥାନ୍ତି ।

ଭାରତର ନିର୍ବାଚନ ଆୟୋଗ – ଏକ ସଂକ୍ଷିପ୍ତ ପରିଚୟ


ଭାରତର ନିର୍ବାଚନ ଆୟୋଗ (**ECI**) ଏକ ସ୍ୱାଧୀନ ସାମ୍ବିଧାନିକ ଅନୁଷ୍ଠାନ ଯିଏ ଦେଶରେ ସ୍ୱାଧୀନ ଓ ସ୍ୱଚ୍ଛ ନିର୍ବାଚନ ପରିଚାଳନା କରିଥାନ୍ତି। ଏହା 1950 ମସିହାରେ ସ୍ଥାପିତ ହୋଇଥିଲା । ଭାରତରେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ଲୋକସଭା, ରାଜ୍ୟସଭା ଏବଂ ରାଜ୍ୟ ବିଧାନ ସଭା ଗୁଡ଼ିକ ନିମନ୍ତେ ଏହା ନିର୍ବାଚନ କାର୍ଯ୍ୟ ସମ୍ପାଦନ କରିଥାଏ । ସ୍ୱାଧୀନ ଭାରତର ପ୍ରଥମ ସାଧାରଣ ନିର୍ବାଚନ 1951-1952 ମସିହାରେ ଅନୁଷ୍ଠିତ ହୋଇଥିଲା ।



ଚିତ୍ର : 6.9 ନିର୍ବାଚନ ଆୟୋଗଙ୍କର କେତେକ କାର୍ଯ୍ୟ




ଚିତ୍ର : 6.10 : ଦିଲ୍ଲୀ ସ୍ଥିତ ଭାରତର ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟ



*ଚିତ୍ର: **6.11** ଭାରତ ନିର୍ବାଚନ ଆୟୋଗର ଗଠନ କ୍ରମ*

ନିର୍ବାଚନ ପରିଚାଳନା ପଦ୍ଧତି

ଭାରତରେ ନିର୍ବାଚନ ପରିଚାଳନା କରିବା ଏକ ବୃହତ ତଥା ମହତ କାର୍ଯ୍ୟ ଅଟେ । ଆଧୁନିକ ଭାରତରେ ଏକ ଅବାଧ ଓ ମୁକ୍ତ ନିର୍ବାଚନ ପରିଚାଳନା ନିମନ୍ତେ ନିର୍ବାଚନ ଆୟୋଗ ସମୟ ସହିତ ତାଳଦେଇ ନିଜ କାର୍ଯ୍ୟକାରିତାକୁ ନିରନ୍ତର ଉନ୍ନତ କରାଇଛନ୍ତି । ଏକ ବ୍ୟାପକ ନିର୍ବାଚନ ବ୍ୟବସ୍ଥା ଦକ୍ଷତାର ସହିତ କାର୍ଯ୍ୟ ପରିଚାଳନା ଆବଶ୍ୟକ କରେ ଏହାକୁ ବୁଝିବା ନିମନ୍ତେ ଆମେ ଲୋକସଭା ନିର୍ବାଚନର ଉଦାହରଣ ନେବା । ମନେ ରଖଯେ, ରାଜ୍ୟ ବିଧାନ ସଭା ନିର୍ବାଚନ ନିମନ୍ତେ ମଧ୍ୟ ସମାନ ପଦ୍ଧତି ଅନୁସରଣ କରାଯାଏ । ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଏବଂ ଭିନ୍ନ ଭିନ୍ନ ସମୟରେ ଭାରତର ନିର୍ବାଚନ ଅନୁଷ୍ଠିତ ହୋଇଥାଏ । ତେଣୁ ପ୍ରାୟ ପତ୍ୟେକ ବର୍ଷ, ଯେତେବେଳେ ସମୟ ଉପଯୁକ୍ତ, ଦେଶର ବିଭିନ୍ନ ଭାଗରେ ନିର୍ବାଚନ ଚାଲୁ ରହିଥାଏ ।



ଚିତ୍ର: 6.12. 2024 ମସିହାର ଲୋକ ସଭା ନିର୍ବାଚନ ସଂକ୍ରାନ୍ତୀୟ କେତେକ ତଥ୍ୟ


ଏବେ ତୁମେ ଜାଣି ପାରୁଥିବ ଯେ ଏହି ସଂଖ୍ୟା କେତେ ଅଧିକ । ଏହି ନିର୍ବାଚନ କାର୍ଯ୍ୟରେ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ସମେତ ଅନେକ କର୍ମଚାରୀ ଓ ଜନସାଧାରଣ ନିୟୋଜିତ ହୋଇଥାନ୍ତି ।

ଆସ ଅନୁସନ୍ଧାନ କରିବା

ତୁମ ବିଦ୍ୟାଳୟରେ କିମ୍ବା ଆଖପାଖ ଅଞ୍ଚଳରେ ଥିବା ସେହି ଶିକ୍ଷକମାନଙ୍କୁ ଠାବ କର ଯେଉଁମାନେ ନିର୍ବାଚନ ଦାୟିତ୍ୱରେ ନିୟୋଜିତ ଥିଲେ । ସେମାନଙ୍କୁ ତୁମ ଶ୍ରେଣୀକୁ ନିମନ୍ତ୍ରଣ କର ।

ମନେ ରଖ

ଲୋକସଭା ନିର୍ବାଚନ ମଣ୍ଡଳୀର 84ଟି ମଣ୍ଡଳୀରେ ତଫସିଲଭୁକ୍ତ ଜାତି ଏବଂ 47ଟି ମଣ୍ଡଳୀରେ ତଫସିଲଭୁକ୍ତ ଜନଜାତିଙ୍କ ନିମନ୍ତେ ସଂରକ୍ଷିତ ରହିଅଛି । ଆନ୍ଧ୍ର ପ୍ରଦେଶରେ 25 ଟି ଲୋକସଭା ନିର୍ବାଚନ ମଣ୍ଡଳୀରୁ 5ଟି ମଣ୍ଡଳ ତଫସିଲଭୁକ୍ତ ଜାତି ଏବଂ 3ଟି ମଣ୍ଡଳୀରେ ତଫସିଲଭୁକ୍ତ ଜନଜାତିଙ୍କ ପାଇଁ ସଂରକ୍ଷିତ ରହିଛି ।



ଲୋକସଭା ଏବଂ ରାଜ୍ୟ ବିଧାନସଭା ନିର୍ବାଚନ ପଦ୍ଧତି






ପ୍ରଥମ ପୋଲିଂ ଅଧିକାରୀ : ମତଦାତା ସୂଚୀରେ ନାମ ଓ ପରିଚୟ ପତ୍ର ତଦାରଖ କରନ୍ତି



ଦ୍ୱିତୀୟ ପୋଲିଂ ଅଧିକାରୀ: ଆଙ୍ଗୁଠିରେ କାଳି ଲଗାନ୍ତି ଏବଂ ଦସ୍ତଖତ ନେଇ ଚିରକୁଟି ପ୍ରଦାନ କରନ୍ତି



ତୃତୀୟ ପୋଲିଂ ଅଧିକାରୀ : ଚିରକୁଟି ନେଇ ଆଙ୍ଗୁଠିରେ କାଳି ଲାଗିଛି କି ନାହିଁ ତଦାରଖ କରନ୍ତି



ଚତୁର୍ଥ ପୋଲିଂ ଅଧିକାରୀ : EVM ରେ ସୁଇଚ୍ ଚିପନ୍ତି, ବିପ୍ ଶବ୍ଦ ଶୁଣନ୍ତି । ଏଥିସହିତ VVPAT.ରେ ପ୍ରିଣ୍ଟ ହେବା ସ୍ଲିପକୁ ମଧ୍ୟ ନଜର ରଖିଥାନ୍ତି । NOTA ବିକଳ୍ପ ମଧ୍ୟ ରହିଛି ।

ଚିତ୍ର **6.13**



*ଚିତ୍ର : **6.14** ନିର୍ବାଚନ ପରିଚାଳନା ବୈଜ୍ଞାନିକ କୌଶଳର ବ୍ୟାପକ ବ୍ୟବହାର*



*ଚିତ୍ର **6.15**: ଶ୍ୟାମ ଶରଣ ନେଗୀ, ହିମାଚଳ ପ୍ରଦେଶ ଜଣେ ଶିକ୍ଷକ ଯିଏ **1951** ମସିହାରେ ଭାରତର ପ୍ରଥମ ଭୋଟଦାତା । **2017** ମସିହାରେ **100** ବର୍ଷ ବୟସରେ ମତାଦାନ ସାବ୍ୟସ୍ତ କରୁଛନ୍ତି ।*

ଆସ ଅନୁସନ୍ଧାନ କରିବା

→ ଭାରତର ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ **(EVM)** ଏବଂ **VVPAT (Voter Verifiable Paper Audit Trail)** ପ୍ରଣୟନ ବ୍ୟବସ୍ଥା ନାମିବିୟା ଏବଂ ଭୁଟାନ ଆଦି ଦେଶରେ ଆମ ନିର୍ବାଚନ ଆୟୋଗଙ୍କ ସହଯୋଗରେ ବ୍ୟବହୃତ ହେଉଅଛି । ଅନ୍ୟ କେତେକ ଦେଶ ମଧ୍ୟ ଆମର ଏହି ବୈଷୟିକ ଜ୍ଞାନ କୌଶଳ ଅଧ୍ୟୟନ କରିବାକୁ ଭାରତ ଆସି ତାଲିମ୍ ନେବାପରେ ତାଙ୍କ ଦେଶରେ କାର୍ଯ୍ୟକାରୀ କରିବାକୁ ସ୍ଥିର କରିଛନ୍ତି ।



ଚିତ୍ର : 6.16. : ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍

→ **VVPAT** ହେଉଛି ଏକ କାଗଜ ଦସ୍ତାବିଜ ମୁଦ୍ରଣ କରୁଥିବା ମାଧ୍ୟମ ଯାହା ମତଦାତାଙ୍କ ସେ **EVM**ରେ ପ୍ରଦାନ କରିଥିବା ମତ ସହିତ ମିଳାଇଥାଏ । ମତଦାତା ପ୍ରଦାନ କରିଥିବା ମତର ସଙ୍କେତ ସହିତ ଭିଭିପାଟ୍‌ରୁ ସଂଗୃହୀତ ମତ ମେଳ ଖାଇବା ନିତାନ୍ତ ଆବଶ୍ୟକ । ଏହା ମଧ୍ୟ ଆବଶ୍ୟ ସ୍ଥଳେ ପରବର୍ତ୍ତୀ ସମୟରେ ସତ୍ୟ ଉନ୍ମୋଚନ କିମ୍ବା ପୁନଃ ଗଣନା ସମୟରେ ସହାୟକ ହୋଇଥାଏ ।

ନିର୍ବାଚନ ଆଦର୍ଶ ନିୟମାବଳୀ(ଆଚରଣ ବିଧି)

ଭାରତରେ ନିର୍ବାଚନକୁ ସ୍ୱାଧୀନ ଓ ସ୍ୱଚ୍ଛ ରଖିବା ନିମନ୍ତେ କେତେକ ଆଦର୍ଶ ନିୟମାବଳୀ ଅନୁସରଣ କରାଯାଏ । ଏହା ନେତା, ରାଜନୈତିକ ଦଳ ଏବଂ ପ୍ରାର୍ଥୀମାନେ କରଣୀୟ ଓ ଅକରଣୀୟ କାର୍ଯ୍ୟର ତାଲିକା ପ୍ରଦାନ କରିଥାଏ ।

ଆଚରଣବିଧିର କେତେକ ମୁଖ୍ୟାଂଶ :


i. ସରକାରରେ ଥିବା ଦଳ ଏହି ନିୟମ ପାଳନ କରିବା ଉଚିତ । ଏହା ସୁନିଶ୍ଚିତ କରିବା ଉଚିତ ଯେ ସରକାରୀ ସମ୍ପତ୍ତି ନିର୍ବାଚନ କାର୍ଯ୍ୟରେ ବ୍ୟବହୃତ ହେବା ଉଚିତ ନୁହେଁ । ଉଦାହରଣ ସ୍ୱରୂପ, ନିର୍ବାଚନ ତାରିଖ ଘୋଷଣା ପରେ ସରକାର ମତଦାତାଙ୍କୁ ପ୍ରଲୋଭିତ କରିବା ପାଇଁ କୌଣସି ନୂତନ ଯୋଜନା କିମ୍ବା ପ୍ରକଳ୍ପ ଘୋଷଣା କରିପାରିବେ ନାହିଁ ।


ii. ଶାନ୍ତିପୂର୍ଣ୍ଣ ନିର୍ବାଚନକୁ ସୁନିଶ୍ଚିତ କରିବା ନିମନ୍ତେ ପ୍ରତ୍ୟେକ ପ୍ରାର୍ଥୀ କେତେକ ସୁବିଧା ହାସଲ କରିବା ସହିତ କେତେକ କଟକଣାକୁ ମାନିନେବା ଆଶା କରାଯାଏ ।

iii. ଉପହାର ପ୍ରଦାନ ମାଧ୍ୟମରେ ମତଦାତାଙ୍କୁ ପ୍ରଭାବିତ କରିବାକୁ ଦଣ୍ଡନୀୟ ବିବେଚନା କରାଯାଏ ।

ଆସ ଅନୁସନ୍ଧାନ କରିବା

→ ନିର୍ବାଚନ ଆୟୋଗ ବିବେଚନା କରିଥିବା କେତେକ ଅଭିଯୋଗ ଏଠାରେ ଦିଆଗଲା ।



ଚିତ୍ର: 6.17. : ମହିଳା ମତଦାତାଙ୍କୁ ଶାଢ଼ୀ ଓ ଘଣ୍ଟେଇ କପକରଣ ବାଣ୍ଟୁଥିବା ଜଣେ ପ୍ରାର୍ଥୀ



ଚିତ୍ର : 6.18. : ଅନ୍ୟ ଦଳ ପ୍ରାର୍ଥୀଙ୍କ ବିରୋଧରେ ଅଶାଳୀନ ଶବ୍ଦ ପ୍ରୟୋଗ କରୁଥିବା ଜଣେ ପ୍ରାର୍ଥୀ



ଚିତ୍ର : 6.19. : ଶାସକ ଦଳ ସପକ୍ଷରେ ନିର୍ବାଚନ ପ୍ରଚାର କରୁଥିବା ସରକାରୀ କର୍ମଚାରୀ



ଚିତ୍ର6.20. : ନିରୀକ୍ଷଣ ସମୟରେ ଜଣେ ପ୍ରାର୍ଥୀଙ୍କ କାରରୁ ଉଦ୍ଧାର କରାଯାଇଥିବା 500/- ଟଙ୍କା ବିଡ଼ା


→ ଏସବୁ ଆଚରଣ ବିଧି ଉଲ୍ଲଙ୍ଘନ କରୁଛି ବୋଲି ତୁମେ କାହିଁକି ଭାବୁଛ ?

ମନେ ରଖ

1960 ମସିହାରେ କେରଳ ରାଜ୍ୟରେ ଗ୍ରହଣ କରାଯାଥିବା କେତେକ ଆଦର୍ଶ ନିର୍ବାଚନ ଆଚରଣ ବିଧି ସେ ସମୟର ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ଦ୍ୱାରା ଅନୁମୋଦିତ ହୋଇଥିଲା । ଏହି ଆଚରଣ ବିଧି ସମୂହକୁ ଭାରତର ନିର୍ବାଚନ ଆୟୋଗ 1962 ମସିହା ନିର୍ବାଚନ ସମୟରେ ପ୍ରସାରିତ କରିଥିଲେ ଏବଂ 1991 ମସିହା ନିର୍ବାଚନ ସମୟରେ ଏବଂ ତାହା ପରଠାରୁ ଏହି ଆଚରଣବିଧି ପାଳନ ନିମନ୍ତେ ଅଧିକ ସକ୍ରିୟ ହୋଇ ଉଠିଲେ ।

ମନେ ରଖ

1990 ମସିହାରେ ଶ୍ରୀଯୁକ୍ତ ଟି.ଏନ୍. ଶେଷାନ୍ ଭାରତର ମୁଖ୍ୟ ନିର୍ବାଚନ ଆୟୁକ୍ତ ଭାବରେ ନିଯୁକ୍ତ ହୋଇଥିଲେ । ସେ ସ୍ୱଚ୍ଛ ଓ ଅବାଧ ନିର୍ବାଚନ ନିମନ୍ତେ କେତେକ ବ୍ୟବସ୍ଥାରେ ସୁଧାର ଆଣିବାକୁ ଚେଷ୍ଟା କରିଥିଲେ । କେତେକ ନିୟମାବଳୀ ମଧ୍ୟରେ ନିର୍ବାଚନ ପ୍ରଚାର, ସଠିକ୍ ମତଦାତାଙ୍କ ପରିଚୟ ନିମନ୍ତେ ନିର୍ବାଚକ ପରିଚୟପତ୍ର **(voter IDs)**ଏବଂ ପ୍ରାର୍ଥୀ ବା ପ୍ରତ୍ୟାଶୀଙ୍କର ସମସ୍ତ ନିର୍ବାଚନ ଖର୍ଚ୍ଚ ଉପରେ ତୀକ୍ଷଣ ନଜର ରଖିବା ଆଦି ତାହା ମଧ୍ୟରେ ଅନ୍ତର୍ଭୁକ୍ତ ଥିଲା । ଟି.ଏନ୍. ଶେଷାନ୍ ମତଦାତାଙ୍କ ଅଧିକାର ସୁରକ୍ଷା ନିମନ୍ତେ କଠିନ ପରିଶ୍ରମ କରିଥିଲେ । ସେ ଭାରତୀୟ ନିର୍ବାଚନକୁ ଅବାଧ, ଭୟଶୂନ୍ୟ ଓ ସ୍ୱଚ୍ଛ କରିବା ନିମନ୍ତେ ସବୁ ସମୟରେ ଉଦାହରଣ ହୋଇ ରହିବେ ।



ଚିତ୍ର 6.21. ଟି.ଏନ୍. ଶେଷାନ୍

ଆସ ଅନୁସନ୍ଧାନ କରିବା

ତୁମେ ବାସ କରୁଥିବା ଅଞ୍ଚଳରେ ପରବର୍ତ୍ତୀ ନିର୍ବାଚନ କେବେ ଅନୁଷ୍ଠିତ ହେବ ? ଏହା ରାଜ୍ୟ, ସହରାଞ୍ଚଳ ସ୍ଥାନୀୟ ଶାସନ କିମ୍ବା ପଞ୍ଚାୟତ ନିର୍ବାଚନ ମଧ୍ୟରୁ କେଉଁଟି ?

ଭାରତର ନିର୍ବାଚନକୁ ବୁଝିବା – ଏକ ସମ୍ୟକ୍ ଧାରଣା

ଲୋକସଭା ଏବଂ ରାଜ୍ୟ ବିଧାନସଭା ନିମନ୍ତେ ନିର୍ବାଚନ


ଭାରତର ନିର୍ବାଚନକୁ ଅନେକ ସମୟରେ 'ଗଣତନ୍ତ୍ର ମହାପର୍ବ' ବୋଲି କୁହାଯାଏ । ଏହି ସମୟରେ ମତଦାତାମାନେ ଅବାଧ, ସ୍ୱଚ୍ଛ ଓ ଦାୟିତ୍ୱପୂର୍ଣ ଭାବରେ ସେମାନଙ୍କ ପ୍ରତିନିଧ ଚୟନର ଅଧିକାର କାର୍ଯ୍ୟକାରୀ କରିଥାନ୍ତି ।

ଆମେ ଜାଣୁ ଯେ ଭାରତରେ ସଂସଦୀୟ ଗଣତନ୍ତ୍ର ପ୍ରଚଳିତ ଅଛି ଏବଂ ବିଭିନ୍ନ ସ୍ତର ଯଥା ଲୋକସଭା (ଜାତୀୟ ସ୍ତରରେ), ବିଧାନସଭା (ରାଜ୍ୟ ସ୍ତରରେ) ଏବଂ ଆଞ୍ଚଳିକ (ସହର ଏବଂ ଗ୍ରାମଞ୍ଚଳରେ) ନିର୍ବାଚନରେ ନାଗରିକମାନେ ଅଂଶଗ୍ରହଣ କରିଥାନ୍ତି । ସାରା ଦେଶ 543ଟି ଲୋକସଭା ନିର୍ବାଚନ ମଣ୍ଡଳୀରେ ବିଭାଜିତ ହୋଇଅଛି । ଲୋକସଭାକୁ ନିର୍ବାଚିତ ବ୍ୟକ୍ତିଙ୍କୁ **ସଂସଦ ସଦସ୍ୟ ବା ସାଂସଦ**(MP) ଏବଂ ବିଧାନ ସଭାକୁ ନିର୍ବାଚିତ ବ୍ୟକ୍ତିଙ୍କୁ **ବିଧାନ ସଭା ସଦସ୍ୟ** ବା ବିଧାୟକ (MLA) କୁହାଯାଏ । ଭାରତର ନିର୍ବାଚନ ପଦ୍ଧତି 'ଫାଷ୍ଟ-ପାଷ୍ଟ-ଦି-ପୋଷ୍ଟ' କୁ ଆପଣେଇ ଅଛି । ଏହାର ଅର୍ଥ ନିର୍ବାଚନରେ ସର୍ବାଧିକ ମତ ପାଇଥିବା ପ୍ରାର୍ଥୀ ଜୟଯୁକ୍ତ ଘୋଷିତ ହେବ । ଅର୍ଥାତ୍ ଅର୍ଦ୍ଧାଧିକ ବା 50 ପ୍ରତିଶତରୁ ଅଧିକ ସଂଖ୍ୟକ ମତଦାନ ନ ପାଇଲେ ମଧ୍ୟ ଜଣେ ପ୍ରାର୍ଥୀ ଜୟଯୁକ୍ତ ହୋଇଥାନ୍ତି । (ଯେପରି 33 ଖଣ୍ଡ ଭୋଟରୁ ମାତ୍ର 12 ଖଣ୍ଡ ଭୋଟ ପାଇଁ ଗୌରୀ ଶ୍ରେଣୀ ପ୍ରତିନିଧି ରୂପେ ଜୟଯୁକ୍ତ ହେଲା)।

ମନେ ରଖ

ଆଞ୍ଚଳିକ ଭାଷାରେ ବ୍ୟବସ୍ଥାପିକା ସଭା ଅନେକ ନାମରେ ପରିଚିତ ହୋଇଥାଏ । ଯେପରି ବିଧାନସଭା କିମ୍ବା ନିୟମ ପ୍ରଣୟନ ସଭା ଆଦି । ଆମ ରାଜ୍ୟରେ ଏହାକୁ କ' ଣ କୁହାଯାଏ ?

ନିର୍ବାଚନ ପ୍ରକ୍ରିୟା ପରେ ପରେ ସହକାର ଗଠନ ପ୍ରକ୍ରିୟା ଆରମ୍ଭ ହୋଇଥାଏ । ଏକାକୀ କିମ୍ବା ମେଣ୍ଟ ଭାବରେ ଜୟଯୁକ୍ତ ରାଜନୈତିକ ଦଳ ସରକାର ଗଠନ କରିଥାନ୍ତି । ସଂଖ୍ୟା ଗରିଷ୍ଠତା ହାସଲ କରିଥିବା ରାଜନୈତିକ ଦଳର ନେତା ପ୍ରଧାନ ମନ୍ତ୍ରୀ ହୋଇଥାନ୍ତି । ସେହିପରି ରାଜ୍ୟ ସ୍ତରରେ ସଂଖ୍ୟା ଗରିଷ୍ଠତା ହାସଲ କରିଥିବା ରାଜନୈତିକ ଦଳର ନେତା ରାଜ୍ୟରେ ମୁଖ୍ୟମନ୍ତ୍ରୀ ହୋଇଥାନ୍ତି ।



ଚିତ୍ର 6.22

ଚିତ୍ର 6.11 ରେ ଆମେ ଦେଖୁଲେ ଯେ ରାଜ୍ୟ ନିର୍ବାଚନ ଆୟୋଗ ମଧ୍ୟ ନିର୍ବାଚନ ପ୍ରକ୍ରିୟାର ଏକ ଅଂଶବିଶେଷ । ଯିଏ ସ୍ଥାନୀୟ (ଗ୍ରାମାଞ୍ଚଳ ଓ ସହରାଞ୍ଚଳ) ସ୍ତରର ଶାସନ ନିର୍ବାଚନ ସଂକ୍ରାନ୍ତୀୟ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥାନ୍ତି । ଏହି ସମସ୍ତ ନିର୍ବାଚନ ବ୍ୟବସ୍ଥାରେ ମଧ୍ୟ ସାର୍ବଜନୀନ ସାବାଳକ ମତଦାନ ବ୍ୟବସ୍ଥା, ଏବଂ ଅନ୍ୟ ସମସ୍ତ ସାମ୍ବିଧାନିକ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥାଏ ।

ଆସ ଅନୁସନ୍ଧାନ କରିବା

→ ତୁମେ ବାସ କରୁଥିବା ଅଞ୍ଚଳର ସାଂସଦ ବା ବିଧାୟକ / ବିଧାୟିକା କେଉଁମାନେ ଅଛନ୍ତି ?
(ଏକ ଲୋକସଭା ନିର୍ବାଚନ ମଣ୍ଡଳୀ ମଧ୍ୟରେ ଅନେକ ବିଧାନ ସଭା ନିର୍ବାଚତ ମଣ୍ଡଳୀ ରହିଥାଏ)

→ ସେମାନେ ସମସ୍ତେ କେଉଁ ଦଳର ସଦସ୍ୟ ଅଟନ୍ତି ?

→ ସାଂସଦ ଓ ବିଧାୟକଙ୍କ କାର୍ଯ୍ୟ ସବୁ କଣ ?

ଭଙ୍ଗ (Dissolution):ସମୟ ସୀମା ସରିଗଲେ କିମ୍ବା ସାମ୍ବିଧାନିକ କାରଣରୁ ସ୍ଥିତିକୁ ନିଷ୍କ୍ରିୟ କରିବା ବ୍ୟବସ୍ଥା ।

ରାଜ୍ୟସଭା ନିର୍ବାଚନ

ରାଜ୍ୟସଭାକୁ ନିର୍ବାଚିତ ହେଉଥିବା ପ୍ରାର୍ଥୀମାନେ ମଧ୍ୟ ସାଂସଦ ନାମରେ ପରିଚିତ ହୋଇଥାନ୍ତି କିନ୍ତୁ ସେମାନେ ଏକ **ପରୋକ୍ଷ ନିର୍ବାଚନ** ପଦ୍ଧତି ଦ୍ୱାରା ନିର୍ବାଚିତ ହୋଇଥାନ୍ତି ।

ଚାଲ ଏଥର ପୁଣି ଥରେ ଉଦାହରଣ ରୂପେ ଚନ୍ଦ୍ରପାଲେମର ଜିଲ୍ଲା ପରିଷଦ ଉଚ୍ଚ ବିଦ୍ୟାଳୟକୁ ଯିବା । ମନେକର ସେଠାରେ ସ୍କୁଲ ସ୍ତରରେ ଏକ ସ୍ୱତନ୍ତ୍ର ପରିଷଦ ଗଠନ କରିବାକୁ ପ୍ରସ୍ତାବ ଆସିଲା । ଯଦି ସେହି ପରିଷଦର ସଦସ୍ୟମାନେ ଶ୍ରେଣୀ ପ୍ରତିନିଧି ମାଧ୍ୟମରେ ନିର୍ବାଚିତ ହେଲେ ତେବେ ତାହା ପରୋକ୍ଷ ନିର୍ବାଚନ କୁହାଯିବ ।

ରାଜ୍ୟ ସଭାରେ 245 ଜଣ ସଦସ୍ୟଙ୍କ ମଧ୍ୟରୁ 233 ଜଣ ରାଜ୍ୟ ବିଧାନସଭାର ବିଧାୟକମାନ **(MLAs)**ଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି ଏବଂ 12 ଜଣ ସାଂସଦ ରାଷ୍ଟ୍ରପତିଙ୍କ ଦ୍ୱାରା ମନୋନୀତ ହୋଇଥାନ୍ତି । ଜନସଂଖ୍ୟା ଭିତ୍ତିରେ ପ୍ରତ୍ୟେକ ରାଜ୍ୟ ଭିନ୍ନ ଭିନ୍ନ ସଂଖ୍ୟକ ସାଂସଦ ରାଜ୍ୟସଭାକୁ ନିର୍ବାଚିତ କରିଥାନ୍ତି । ଉଦାହରଣ ସ୍ୱରୂପ ଉତ୍ତର ପ୍ରଦେଶ ସର୍ବାଧିକ ଓ ଅରୁଣାଚଳ ପ୍ରଦେଶ ସର୍ବନିମ୍ନ ସାଂସଦ ନିର୍ବାଚିତ କରିଥାନ୍ତି । ରାଜ୍ୟସଭା ଏକ ସ୍ଥାୟୀ କକ୍ଷ ବା ସଦନ । ଏହା କୌଣସି ସମୟରେ ଭଙ୍ଗ କରାଯାଇ ନଥାଏ । ପ୍ରତି ସଦସ୍ୟ ଛଅ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିଥାନ୍ତି । ପ୍ରତି ଦୁଇ ବର୍ଷରେ ଥରେ ଏହାର ଏକ ତୃତୀୟାଂଶ ସଦସ୍ୟଙ୍କ ସଦସ୍ୟତା ସମାପ୍ତ ହୁଏ ।

ରାଜ୍ୟସଭା ନିର୍ବାଚନରେ ବ୍ୟବହୃତ ପଦ୍ଧତି 'ଏକକ ହସ୍ତାନ୍ତରୀୟ ମତଦାନ ପଦ୍ଧତି' ଅଟେ । ଏହା କ୍ଷୁଦ୍ର ରାଜ୍ୟଗୁଡ଼ିକରେ ଉପଯୁକ୍ତ ପ୍ରତିନିଧିତ୍ୱ ସୁନିଶ୍ଚିତ କରେ । ଏହି ନିର୍ବାଚନ ସମ୍ବନ୍ଧରେ ତୁମେ ଉଚ୍ଚ ଶ୍ରେଣୀଗୁଡ଼ିକରେ ଅଧିକ ଜାଣିବ ।



ଭାରତ ରାଷ୍ଟ୍ରପତିଙ୍କ ନିର୍ବାଚନ

ଭାରତର ରାଷ୍ଟ୍ରପତି ଦେଶର ସାଧାରଣ ମତଦାତାଙ୍କ ଦ୍ୱାରା ନିର୍ବାଚିତ ହୋଇ ନଥାନ୍ତି । ବରଂ ରାଷ୍ଟ୍ରପତିଙ୍କୁ ନିର୍ବାଚନ କରିବାକୁ ଏକ ନିର୍ବାଚକ ମଣ୍ଡଳୀ ଗଠନ କରାଯାଇ ମତଦାନ ନିଆଯାଇଥାଏ । ଏହି ନିର୍ବାଚକ ମଣ୍ଡଳୀର ଗଠନ:

- ସଂସଦର ଉଭୟ (ରାଜ୍ୟ ସଭା ଓ ଲୋକସଭା) ଗୃହର ନିର୍ବାଚିତ ପ୍ରତିନିଧି (MP ଗଣ) ବା ସାଂସଦ ଗଣ ଯଥା– ଲୋକସଭା(ନିମ୍ନ ସଦନ) ଓ ରାଜ୍ୟସଭା(ଉଚ୍ଚ ସଦନ) ।
- ଭାରତର ସମସ୍ତ ରାଜ୍ୟ ବିଧାନ ସଭା ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଦିଲ୍ଲୀ ଓ ପଣ୍ଡିଚେରୀ ବିଧାନସଭାର ନିର୍ବାଚିତ ବିଧାୟକଗଣ (MLA) ।

ଏହି ନିର୍ବାଚନରେ ଏକକ ହସ୍ତାନ୍ତରୀୟ ମତଦାନ ବ୍ୟବସ୍ଥା ଗ୍ରହଣ କରାଯାଇଥାଏ । ଯେହେତୁ ରାଷ୍ଟ୍ରପତି ସାରା ଭାରତକୁ ପ୍ରତିନିଧତ୍ କରିଥାନ୍ତି, ଏହି ପଦ୍ଧତି ଉଭୟ କେନ୍ଦ୍ର ଓ ରାଜ୍ୟଗୁଡ଼ିକର ସମର୍ଥନ ସୁନିଶ୍ଚିତ କରିଥାଏ । ଏଠାରେ ମତଦାନ ଓ ଗଣନ ସମ୍ପର୍କିତ ନିୟମାବଳୀ ବିସ୍ତୃତ ଏବଂ ସୁସ୍ପଷ୍ଟ । ଅଧିକ ଜନବହୁଳ ରାଜ୍ୟର ଭୂମିକା ଏଠାରେ ଅଧିକ ଗୁରୁତ୍ୱପୂର୍ଣ୍ଣ । (ଆମକୁ ଏହି ପର୍ଯ୍ୟାୟରେ ବିସ୍ତୃତ ଭାବରେ ଅଧ୍ୟୟନ କରିବା ଆବଶ୍ୟକ ନାହିଁ) ।

ନିମ୍ନ ବର୍ଣ୍ଣିତ ପ୍ରତିନିଧି ମାନେ ରାଷ୍ଟ୍ରପତିଙ୍କ ନିର୍ବାଚନରେ ଭାଗ ନେଇପାରନ୍ତି ନାହିଁ :

- ରାଜ୍ୟ ସଭାର ସମସ୍ତ (12) ମନୋନୀତ ସଦସ୍ୟଗଣ ।
- ରାଜ୍ୟ ବିଧାନସଭାର ମନୋନୀତ ସଦସ୍ୟ ଗଣ ।
- ଦ୍ୱିସଦନ ବିଶିଷ୍ଟ ବିଧାନ ପରିଷଦର ସମସ୍ତ ସଦସ୍ୟଗଣ (ନିର୍ବାଚିତ ଓ ମନୋନୀତ) ।
- ଦିଲ୍ଲୀ ଓ ପଣ୍ଡିଚେରୀ ବିଧାନ ସଭାର ମନୋନୀତ ସଦସ୍ୟଗଣ ।

ଦ୍ୱିସଦନୀୟ ବ୍ୟବସ୍ଥାପିକା (Bicameral legislatures) : ଏହି ବ୍ୟବସ୍ଥାରେ ଏକ ବ୍ୟବସ୍ଥାପିକା ସଭା ଦୁଇଟି ସଦନ ବିଶିଷ୍ଟ ହୋଇଥାଏ ।



ଏହା ବିଷୟରେ ଚିନ୍ତାକର



ଉପର ବର୍ଣ୍ଣିତ ପ୍ରତିନିଧିଗଣ କେଉଁ କାରଣ ପାଇଁ ରାଷ୍ଟ୍ରପତିଙ୍କ ନିର୍ବାଚନରେ ଭାଗ ନିଅନ୍ତି ନାହିଁ ବୋଲି ତୁମେ ଭାବୁଛ ? ଭାରତର ସାଧାରଣ ନାଗରିକ କାହିଁକି ଏହି ନିର୍ବାଚନରେ ଭାଗ ନେଇ ନଥାନ୍ତି ?

କାରଣ, ଏହା ସୁନିଶ୍ଚିତ କରେ ଯେ, କେବଳ ପ୍ରତ୍ୟକ୍ଷ ଭାବେ ନିର୍ବାଚିତ ପ୍ରତିନିଧ ହିଁ ଭୋଟ ଦେବାକୁ ଯୋଗ୍ୟ । ଏହା ଗଣତାନ୍ତ୍ରିକ ଅଙ୍ଗୀକାରତା ବଜାୟ ରଖେ, ଯେହେତୁ ରାଷ୍ଟ୍ରପତି ଲୋକଙ୍କ ଇଚ୍ଛାର ପ୍ରତିନିଧିତ୍ୱ କରନ୍ତି ।

ଭାରତର ଉପରାଷ୍ଟ୍ରପତିଙ୍କ ନିର୍ବାଚନ

ସଂସଦର ଉଭୟ (ରାଜ୍ୟସଭା ଓ ଲୋକସଭା) ସଦନର ସମସ୍ତ ସାଂସଦଙ୍କୁ ନେଇ ଗଠିତ ନିର୍ବାଚକ ମଣ୍ଡଳୀ ଦ୍ୱାରା ଭାରତର ଉପରାଷ୍ଟ୍ରପତି ଏକକ ହସ୍ତାନ୍ତରୀୟ ନିର୍ବାଚନ ପଦ୍ଧତି ମାଧ୍ୟମରେ ନିର୍ବାଚିତ ହୋଇଥାନ୍ତି ।

ସେ ମଧ୍ୟ ସଂସଦର ଉଚ୍ଚ ସଦନ ରାଜ୍ୟସଭାର ଅଧ୍ୟକ୍ଷ ରୂପେ କାର୍ଯ୍ୟ କରିଥାନ୍ତି । ଯଦି କୌଣସି ସମୟରେ କିମ୍ବା କୌଣସି କାରଣରୁ ଭାରତର ରାଷ୍ଟ୍ରପତି ଆନୁଷ୍ଠାନିକ ଭାବେ ନିଜ କାର୍ଯ୍ୟ କରିବାରେ ଅସମର୍ଥ ହୋଇଥାନ୍ତି ସେ ସମୟରେ ଉପରାଷ୍ଟ୍ରପତି, ରାଷ୍ଟ୍ରପତି ରୂପେ ଦାୟିତ୍ୱ ତୁଲାଇଥାନ୍ତି ।

ଗଣତନ୍ତ୍ର ପ୍ରତି ଆହ୍ୱାନ ଏବଂ ଭବିଷ୍ୟତ କାର୍ଯ୍ୟ ପନ୍ଥା

ଭାରତର ନିର୍ବାଚନ ବ୍ୟବସ୍ଥା ପୃଥିବୀର ସର୍ବବୃହତ ଗଣତାନ୍ତ୍ରିତ ପ୍ରକ୍ରିୟା ଅଟେ । ତଥାପି, ଅନ୍ୟାନ୍ୟ ଅନେକ ବ୍ୟବସ୍ଥା ପରି ଏହା ମଧ୍ୟ କେତେକ ଆହ୍ୱାନର ସମ୍ମୁଖୀନ ହୋଇଥାଏ । ନିର୍ବାଚନରେ ଧର୍ମର ପ୍ରଭାବ, ପ୍ରାର୍ଥୀଙ୍କର ଏକ ଗୁରୁତ୍ୱପୂର୍ଣ ଅଂଶ ଅପରାଧିକ କାର୍ଯ୍ୟରେ ସଂଶ୍ଳିଷ୍ଟ ଥିବା ରେକର୍ଡ଼ ଏବଂ ମତଦାତାଙ୍କ ବୀତସ୍ପୃହ ମନୋଭାବ (ବିଶେଷତଃ ସହରାଞ୍ଚଳରେ) ଆଦି ଆମ ଗଣତାନ୍ତ୍ରିକ ବ୍ୟବସ୍ଥାର କାର୍ଯ୍ୟକାରିତା ଓ ଭବିଷ୍ୟତ ସନ୍ଦେହଜନକ କରେ ।

ଆଗକୁ ଆମକୁ ଦେଖୁବାକୁ ପଡ଼ିବ, ଆମ ମତଦାତାମାନେ ସମସ୍ତ ସୂଚନା ସଂଗ୍ରହକରି କିପରି ଦାୟିତ୍ୱ ସମ୍ପନ୍ନ ମତଦାନ କରିପାରିବେ । ଗଣମାଧ୍ୟମ, ଶିକ୍ଷା ଏବଂ ସଚେତନତାର ପ୍ରଚାର ଏକୀକୃତ ଭାବରେ କାର୍ଯ୍ୟକରି ମତଦାତା, ବିଶେଷତଃ ଯୁବକମାନଙ୍କ କ୍ଷେତ୍ରରେ ସହଯୋଗ କରିବ ଯେପରି ସେମାନେ ଉପଯୁକ୍ତ ମତଦାନର ଆବଶ୍ୟକକୁ ହୃଦୟଙ୍ଗମ କରିପାରିବେ । କେବଳ ଦାୟିତ୍ୱସମ୍ପନ୍ନ ଓ ସଚେତନ ମତଦାତା ହେଉଛନ୍ତି ଆମ ଗଣତନ୍ତ୍ର ରକ୍ଷାକବଚ । ଏହା ଉପଯୁକ୍ତ ପ୍ରଶ୍ନ ପଚାରିବା ଠାରୁ ଆରମ୍ଭ ହୋଇ ଦାୟିତ୍ୱ ସମ୍ପନ୍ନ ମତଦାନରେ ସମାପ୍ତ ହୋଇଥାଏ ।



ଶେଷ କରିବା ପୂର୍ବରୁ ...

→ ସାର୍ବଜନୀନ ସାବାଳକ ମତଦାନ ବ୍ୟବସ୍ଥା ଭାରତୀୟ ଗଣତନ୍ତ୍ର ମୂଳତତ୍ତ୍ୱ ଅଟେ ।

→ ମତଦାନ, ଅଧିକାର ସହିତ ଏକ ଦାୟିତ୍ୱବୋଧ ମଧ୍ୟ ଅଟେ । ଏହା ପ୍ରତ୍ୟେକ ମତଦାତା ଗୁରୁତର ସହିତ ଗ୍ରହଣ କରିବା ଉଚିତ । ମତଦାତା ସଚେତନତା ମତଦାନ ଅଧିକାରର ଏକ ଗୁରତ୍ୱପୂର୍ଣ୍ଣ ଦିଗ ଅଟେ ।

→ ସମସ୍ତ ଯୋଗ୍ୟ ମତଦାତାଙ୍କୁ ନିର୍ବାଚନରେ ଅଂଶଗ୍ରହଣ ନିମନ୍ତେ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରିବା ନିତାନ୍ତ ଆବଶ୍ୟକ ।

→ ଭାରତର ନିର୍ବାଚନ ଆୟୋଗ ଏକ ସାମ୍ବିଧାନିକ ଅନୁଷ୍ଠାନ ଯିଏ ସାରା ଭାରତରେ ନିର୍ବାଚନ ସମ୍ପାଦନ କରିଥାନ୍ତି ।

→ ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତି ନିର୍ବାଚନ ସହିତ ସାରା ଭାରତ ନିର୍ବାଚନ ବ୍ୟବସ୍ଥା ଭାରତର ନିର୍ବାଚନ ଆୟୋଗଙ୍କ ତତ୍ତ୍ୱାବଧାନରେ ସମାପନ ହୁଏ ।

→ ଭାରତୀୟ ଗଣତନ୍ତ୍ର କେତେକ ଆହ୍ୱାନର ସମ୍ମୁଖୀନ ହୋଇଥାଏ ଏବଂ ଏହା ମତାଦାତାଙ୍କ ସଚତନତା ଓ ସତର୍କତାକୁ ଆହ୍ୱାନ କରେ ।.

ପ୍ରଶ୍ନାବଳୀ, ଅଭ୍ୟାସ କାର୍ଯ୍ୟ ଏବଂ ପ୍ରକଳ୍ପ



1. 'ସାର୍ବଜନୀନ ସାବାଳକ ମତଦାନ' ଶବ୍ଦଟି ଏହା ବୁଝାଏ ( )

   A) କେବଳ ଶିକ୍ଷିତ ନାଗରିକ ମାନଙ୍କପାଇଁ ଭୋଟ ଦେବାର ଅଧିକାର

   B) 21 ବର୍ଷରୁ ଅଧିକ ବୟସ୍କଙ୍କ ପାଇଁ ଭୋଟଦାନ ଅଧିକାର

   C) ପ୍ରତ୍ୟେକ ବୟସ୍କ ନାଗରିକଙ୍କ ପାଇଁ ସମାନ ଭୋଟଦାନ ଅଧିକାର

   D) ପ୍ରବାସୀଲୋକଙ୍କ ପାଇଁ ଭୋଟଦାନ ଅଧିକାର ଉପରେ କଟକଣା

2. ଭାରତର ନିର୍ବାଚନ ବ୍ୟବସ୍ଥା ପାଇଁ ନିମ୍ନମଧ୍ୟରୁ କେଉଁଟିକୁ ଏକ ଆହ୍ୱାନ ଭାବରେ ବିବେଚନା କରାଯାଏ ନାହିଁ ? ( )

   A) ଭୋଟରଙ୍କ ଉପରେ ଟଙ୍କାର ପ୍ରଭାବ B) ପ୍ରତିଯୋଗୀଙ୍କ ଅପରାଧ

   C) ଭୋଟର ଶିକ୍ଷା D) ଜାତିଗତ ପ୍ରଭାବ

3. ଏକ ସୁସ୍ଥ ଗଣତନ୍ତ୍ର ନିମନ୍ତେ ସାର୍ବଜନୀନ ସାବାଳକ ମତଦାନ ବ୍ୟବସ୍ଥା କାହିଁକି ଗୁରୁତ୍ୱପୂର୍ଣ୍ଣ ?

4. ଗୁପ୍ତ ମତଦାନର ଅର୍ଥ କଣ ? ଏହା ଗଣତନ୍ତ୍ର ନିମନ୍ତେ କାହିଁକି ଆବଶ୍ୟକ ?

5. ପ୍ରତ୍ୟେକ୍ଷ ଓ ପରୋକ୍ଷ ମତଦାନର ଉଦାହରଣ ଦିଅ ।

6. ଲୋକସଭା ସାଂସଦ ନିର୍ବାଚନ, ରାଜ୍ୟସଭା ସାଂସଦ ନିର୍ବାଚନଠାରୁ କିପରି ଭିନ୍ନ ?

7. ତୁମ ମତରେ କାଗଜ ବ୍ୟାଲେଟ୍ ଠାରୁ ଇଭିଏମ୍ କାହିଁକି ଅଧିକ ଗ୍ରହଣୀୟ ?

8. ଭାରତର କେତେକ ସହରାଞ୍ଚଳରେ ମତଦାତାଙ୍କ ଉପସ୍ଥିତ କମିବାରେ ଲାଗିଛି । ଏହାର କାରଣ କ'ଣ ହୋଇପାରେ ? ଅଧିକ ମତଦାତାଙ୍କୁ ଉତ୍ସାହିତ କରିବାକୁ କେଉଁ ସବୁ ପଦକ୍ଷେପ ନେବାକୁ ପଡ଼ିବ ?

9. ଲୋକସଭା ସଦସ୍ୟ ସଂଖ୍ୟାର ଏକ ନିର୍ଦ୍ଦିଷ୍ଟ ଅଂଶ ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଜନଜାତି ନିମନ୍ତେ କାହିଁକି ସଂରକ୍ଷିତ ରହିବ ବୋଲି ତୁମେ ଭାବୁଛି ? ସଂକ୍ଷେପରେ ଲେଖ ।

10. ଆମେ ଅନୁଭବ କରୁଥିବା ନିର୍ବାଚନକୁ ସାମାଜିକ ଗଣମାଧ୍ୟମ କେତେକାଂଶରେ ପରିବର୍ତ୍ତନ କରୁଛି । ହୃଦୟଗ୍ରାହୀ ନିର୍ବାଚନ ପ୍ରଚାର ରିଲ୍ ଏବଂ ଭାଷଣ ଠାରୁ ଇନଷ୍ଟାଗ୍ରାମ୍ ଓ ଟୁଇଟ୍‌ରର ରାଜନୈତିକ ତର୍କ ପର୍ଯ୍ୟନ୍ତ । ମାତ୍ର ଏହା କଣ ଗଣତନ୍ତ୍ରକୁ ସମୃଦ୍ଧ କରୁଛି ନା ଅଧିକ ଗୋଳମାଳିଆ କରୁଛି ? ତୁମ ମଧ୍ୟରେ ଦୁଇଜଣିଆ ଦଳ ହୋଇ ଆଲୋଚନା କର । ଆଜିର ଡିଜିଟାଲ୍ ଯୁଗରେ ନିର୍ବାଚନ ବ୍ୟବସ୍ଥାର ଲାଭ କ'ଣ ? ଏ ସବୁର କ'ଣ ପ୍ରତିବନ୍ଧକ ରହିଛି ଏବଂ ଏହାର ଭବିଷ୍ୟତ କ'ଣ ହୋଇପାରେ?

11. **https://www.indiavotes.com,** ୱେବସାଇଟ୍ ଖୋଜି ତନ୍ମଧ୍ୟରୁ ଏକ ସଂସଦୀୟ କ୍ଷେତ୍ରମଣ୍ଡଳୀର କୌଣସି ଏକ ନିର୍ବାଚନ ବାଛି, ତାହାକୁ ଅନୁସନ୍ଧାନ କର । ସେହିପରି ତୁମ ରାଜ୍ୟର ଏକ ବିଧାନସଭା କ୍ଷେତ୍ର ବା ମଣ୍ଡଳୀର ତଥ୍ୟ ସଂଗ୍ରହ କରି ଅନୁସନ୍ଧାନ କର ।

12. ନିର୍ବାଚନର ପର୍ଯ୍ୟାୟକ୍ରମେ ପ୍ରକ୍ରିୟା ସହିତ ଏକ ପୋଷ୍ଟର ପ୍ରସ୍ତୁତ କର ।



ଭାରତର ସଂସଦୀୟ ବ୍ୟବସ୍ଥା: ବ୍ୟବସ୍ଥାପିକା ଏବଂ କାର୍ଯ୍ୟପାଳିକା

ଅଧ୍ୟାୟ
7

I6T1Q4

ଶିକ୍ଷଣ ଫଳାଫଳ

ଶିକ୍ଷାର୍ଥୀମାନେ ଏହା କରିପାରିବେ :

→ନବନିର୍ମିତ ସଂସଦ ଭବନ ଗଠନ, ଏହାର ସ୍ଥାପତ୍ୟକଳା ଓ ପ୍ରତୀକକୁ ପ୍ରଶଂସା କରିପାରିବେ । (CG - 1)
→ଭାରତୀୟ ସଂସଦର ବିଭିନ୍ନ କାର୍ଯ୍ୟକଳାପ ବିଷୟରେ ଅବଗତ ହେବେ । (CG - 1)
→କେନ୍ଦ୍ର ଓ ରାଜ୍ୟ ମଧ୍ୟରେ କ୍ଷମତା ବଣ୍ଟନ ବିଷୟରେ ବ୍ୟାଖ୍ୟା କରିପାରିବେ । (CG - 6)
→ସମ୍ବିଧାନର ରକ୍ଷକ ଭାବେ ନ୍ୟାୟପାଳିକାର ଭୂମିକାକୁ ଚିହ୍ନଟ କରିପାରିବେ । (CG - 1)
→ବିଧାନ ସଭା ଓ କାର୍ଯ୍ୟପାଳିକାର କାର୍ଯ୍ୟଗୁଡ଼ିକୁ ବର୍ଣ୍ଣନା କରିବେ ଏବଂ ସେମାନଙ୍କ ମଧ୍ୟରେ ଥିବା ପାର୍ଥକ୍ୟଗୁଡ଼ିକୁ ବୁଝି ପାରିବେ । (CG - 6)

''ସମ୍ବିଧାନ କେବଳ କେତେକ ଆଇନଜୀବିଙ୍କ ଦ୍ୱାରା ପ୍ରସ୍ତୁତ ଏକ ଦସ୍ତାବିଜ ନୁହେଁ; ଏହା ଜୀବନର ସ୍ରୋତ ଏବଂ ସମୟର ଆଭିମୁଖ୍ୟ ହିଁ ଏହାର ଆଭିମୁଖ୍ୟ ।''

-ଆଲ୍ଲାଦି କୃଷ୍ଣସ୍ୱାମୀ ଆୟାର(ନଭେମ୍ବର 1949, ସମ୍ବିଧାନ ପ୍ରଣୟନ ସଭା ବିତର୍କ

ଚିତ୍ର.7.1. ନୂତନ ସଂସଦ ଗୃହର ବୈଶିଷ୍ଟ୍ୟ



ମୁଖ୍ୟ ପ୍ରଶ୍ନାବଳୀ ?

1. ସାର୍ବଜନୀନ ପ୍ରାପ୍ତ ବୟସ୍କ ମତାଧିକାର କ'ଣ ?
2. ନିର୍ବାଚନ ପ୍ରଣାଳୀ କ'ଣ ?
3. ଭାରତର ନିର୍ବାଚନ ପ୍ରଣାଳୀ କିପରି କାର୍ଯ୍ୟ କରେ ?

ନାଳନ୍ଦା ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀମାନେ ବିଦ୍ୟାଳୟର ଏକ ଶିକ୍ଷଣୀୟ ଯାତ୍ରାରେ ଭାରତର ରାଜଧାନୀ ନୂଆଦିଲ୍ଲୀକୁ ଯାଇଥିଲେ । ନିର୍ମଳା, ଖାଲିଲ, ଅଞ୍ଜଳି, ଜନ୍ ଏବଂ ଫାରିଦା ଭାରତର ନୂତନ ସଂସଦ ସୌଧ ଭ୍ରମଣ କରିବାକୁ ଉତ୍ସାହିତ ଥିଲେ ।

ଏହା ନା ଚତୁର୍ଭୁଜ ନା ଗୋଲାକାର । ଏହା ଏକ ସୂକ୍ଷ୍ମ ତ୍ରିଭୁଜାକାର ସୌଧ ।

ଏହାର ତିନୋଟି ପାର୍ଶ୍ୱ ସମତୁଲତା, ସମାବେଶିତା ଏବଂ ଉଦ୍ଦେଶ୍ୟକୁ ଦର୍ଶାଇଥାଏ ।

ସବୁଜ ନିର୍ମାଣ ଶୈଳୀରେ ନିର୍ମିତ ଏହି ସୌଧ ବିଦ୍ୟୁତ୍ ଶକ୍ତିର ବ୍ୟବହାର 30 ପ୍ରତିଶତ କମାଇଥାଏ ।





ମୟୂର, ପଦ୍ମଫୁଲ, ଜନଜାତି କଳା, ମନ୍ଦିର ଏବଂ ସ୍ୱାଧୀନତା ସଂଗ୍ରାମୀ ଥିବା କାରୁକାର୍ଯ୍ୟଭରା କାନ୍ଥମାନ ସେମାନେ ଦେଖିଲେ ।



ଏହା ଭାରତର ଏକ ସଂଗ୍ରହାଳୟ ପରି ମନେ ହେଉଛି ।

ଅଶୋକ ସ୍ତମ୍ଭ



ଏହି ନୂତନ ସୌଧଟି ଅନେକ ପ୍ରାଚୀନ ପ୍ରତୀକରେ ଭରପୁର ।

ବାସ୍ତବରେ, ଗଣତନ୍ତ୍ର ଭବିଷ୍ୟମୁଖୀ ହେବା ଆବଶ୍ୟକ, କିନ୍ତୁ ଏହାର ମୌଳିକତାକୁ ଭୁଲିବା ଅନୁଚିତ ।



ଉପକ୍ରମ

ଉପନିବେଶବାଦୀ ଶାସନ ବିରୋଧରେ ଅସଂଖ୍ୟ ଲୋକଙ୍କର ଦୀର୍ଘ ବର୍ଷର ସଂଗ୍ରାମ ଓ ତ୍ୟାଗ ଫଳସ୍ୱରୂପ, ଭାରତ ସ୍ୱାଧୀନ ହେଲା । ଏହି ସ୍ୱାଧୀନ ଦେଶର ନାଗରିକମାନେ ନିଜ ଶାସନ ବ୍ୟବସ୍ଥାରେ ଏହିପରି ନିଜସ୍ୱ ନିଷ୍ପତ୍ତି ନେବାକୁ ସକ୍ଷମ ହେଲେ । ନୂତନ ଯୁଗର ପ୍ରଥମ ପଦକ୍ଷେପ ସ୍ୱରୂପ ସ୍ୱାଧୀନ ଭାରତ ନିମନ୍ତେ ଏକ ନିଜସ୍ୱ ସମ୍ବିଧାନ ପ୍ରସ୍ତୁତି ଗୁରୁତ୍ୱପୂର୍ଣ୍ଣ ଥିଲା । ବିସ୍ତୃତ ଭାବେ ବର୍ଣ୍ଣିତ ଏହି ଦସ୍ତାବିଜ କେତେକ ମୌଳିକ ଏବଂ ଗୁରୁତ୍ୱପୂର୍ଣ୍ଣ ନୀତି ଓ ନିୟମର ସମାହାର ଅଟେ । ଏହାର ମୂଳଧାର ସ୍ୱରୂପ, ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ଏବଂ ସାମାଜିକ ଓ ଆର୍ଥିକ ପୃଷ୍ଠଭୂମି ନିର୍ବିଶେଷରେ ସମସ୍ତ ନାଗରିକଙ୍କୁ ସାର୍ବଜନୀନ ସାବାଳକ ମତଦାନ ସୁନିଶ୍ଚିତ କରାଗଲା ।



ଚିତ୍ର 7.2. ଆମ ପୁରାତନ ସଂସଦ ଗୃହ(ବର୍ତ୍ତମାନ ସମ୍ବିଧାନ ସଦନ ନାମେ ନାମିତ) 1920 ମସିହା ବେଳକୁ ନିର୍ମିତ ହୋଇଥିଲା । ସେଠାରେ ସମ୍ବିଧାନ ପ୍ରଣୟନ ସଭାର ବୈଠକମାନ ବସୁ ଥିଲା । ଏହା ସାତ ଦଶନ୍ଧିରୁ ଅଧିକ କାଳ ସଂସଦ ଗୃହ ରୂପେ କାର୍ଯ୍ୟ କରିଥିଲା ।

ଭାରତର ନାଗରିକମାନେ ଲୋକସଭାକୁ ସେମାନଙ୍କର ପ୍ରତିନିଧିଙ୍କୁ ପ୍ରତ୍ୟକ୍ଷ ଭାବେ ନିର୍ବାଚିତ କରିଥାନ୍ତି । ଯେଉଁମାନେ ଲୋକସଭାର ସଦସ୍ୟ ହୋଇଥାନ୍ତି । ସେହି ନିର୍ବାଚିତ ପ୍ରତିନିଧିମାନଙ୍କ ମଧ୍ୟରୁ **ସଂଖ୍ୟାଗରିଷ୍ଠ ଦଳ** ସରକାର ଗଢ଼ିଥାନ୍ତି । ସଂସଦ ହେଉଛି ଆମ ଗଣତନ୍ତ୍ରର ସର୍ବୋଚ୍ଚ ଆଇନ ପ୍ରଣୟନକାରୀ ସଂସ୍ଥା (ଏହା ସମଗ୍ର ଦେଶ ପାଇଁ ଆଇନ ପ୍ରସ୍ତୁତ କରେ) । ଏହାର ନିର୍ବାଚିତ ଓ ମନୋନୀତ ସଭ୍ୟଗଣ ସରକାରଙ୍କ କାର୍ଯ୍ୟ ନିୟନ୍ତ୍ରଣ ଓ ମାର୍ଗଦର୍ଶନ କରିଥାନ୍ତି । ଏଣୁ ଲୋକମାନଙ୍କ ସହମତିରେ ସରକାର କାର୍ଯ୍ୟ କରନ୍ତି ବୋଲି ବିବେଚନା କରାଯାଏ । 1952 ମସିହାର ପ୍ରଥମ ଲୋକସଭାଠାରୁ ଆଜି ପର୍ଯ୍ୟନ୍ତ ମୋଟ 17 ଥର ନିର୍ବାଚନ କରାଯାଇଛି । ଜୁନ୍ 2024 ମସିହା ନିର୍ବାଚନ ମାଧ୍ୟମରେ 18ତମ ଲୋକସଭା ଗଠିତ ହୋଇଅଛି ।




ଚିତ୍ର. 7.3. ନୂତନ ସଂସଦ ସୌଧ(ସଂସଦ ଭବନ) ନୂଆଦିଲ୍ଲୀ ଠାରେ ନିର୍ମାଣ କରାଗଲା । ଅଧିକ ସ୍ଥାନର ଆବଶ୍ୟକତା, ବୈଷୟିକ ଜ୍ଞାନକୌଶଳର ପ୍ରୟୋଜନିୟତା, ସୁରକ୍ଷା ଓ ପୋଷଣୀୟତାର ଗୁରୁତ୍ୱ ଅନୁଭବ କରି ଏହା ନିର୍ମାଣ କରାଯାଇଛି ।

ଭାରତ ସଂସଦର ଗଠନ

ଭାରତର ସଂସଦ ରାଷ୍ଟ୍ରପତି ଏବଂ ଦୁଇଟି ସଦନ ଯଥା – ରାଜ୍ୟସଭା(ଉଚ୍ଚ ସଦନ/ରାଜ୍ୟମାନଙ୍କ ପରିଷଦ) ଏବଂ ଲୋକସଭା(ନିମ୍ନ ସଦନ/ଲୋକଙ୍କ ଗୃହ)କୁ ନେଇ ଗଠିତ । ଦୁଇଟି ସଦନର ଉପସ୍ଥିତି ରହିଥିବାରୁ ଆମ ସଂସଦକୁ 'ଦ୍ୱି–ସଦନୀୟ' କୁହାଯାଏ ।



ଚିତ୍ର 7. 4 ନୂତନ ସଂସଦ ଗୃହରେ ଲୋକସଭାର ଦୃଶ୍ୟ




ଚିତ୍ର 7.5 ପ୍ରେସ ଗ୍ୟାଲେରୀରୁ ଉତ୍ତୋଳିତ ରାଜ୍ୟସଭାର ଦୃଶ୍ୟ

ଆସ ମନେ ପକାଇବା

ପ୍ରତ୍ୟକ୍ଷ ନିର୍ବାଚନ (ସାର୍ବଜନୀନ ସାବାଳକ ମତଦାନ) ମାଧ୍ୟମରେ ଭାରତର ନାଗରିକମାନେ ଲୋକସଭାକୁ ସେମାନଙ୍କ ପ୍ରତିନିଧି ନିର୍ବାଚିତ କରିଥାନ୍ତି । ଏହାର ସମ୍ବିଧାନ ସ୍ଥିରିକୃତ ସର୍ବାଧିକ ସଭ୍ୟ ସଂଖ୍ୟା 550 ଅଟେ । ରାଜ୍ୟସଭାର ସାଂସଦମାନେ ଏକ **ନିର୍ବାଚନ ମଣ୍ଡଳୀ** ମାଧ୍ୟମରେ ପରୋକ୍ଷ ଭାବେ ନିର୍ବାଚିତ ହୋଇଥାନ୍ତି, ଏ ସମ୍ବନ୍ଧରେ ତୁମେ ପୂର୍ବ ଅଧ୍ୟାୟରେ ପଢ଼ି ସାରିଛ । ରାଜ୍ୟସଭାର ଆସନ ସଂଖ୍ୟା ଏବଂ ଲୋକସଭାର ପ୍ରତିନିଧିତ୍ୱ କରୁଥିବା ସାଂସଦ ସଂଖ୍ୟା ଉଭୟ ରାଜ୍ୟର ଜନସଂଖ୍ୟା ଭିତ୍ତିରେ ସ୍ଥିର କରାଯାଇଥାଏ ।

ମନେ ରଖ

ଆମେ ଜାଣିଛେ ଯେ ଭାରତ ସମ୍ବିଧାନରେ ଗ୍ରହଣ କରାଯାଇଥିବା ଅନେକ ବ୍ୟବସ୍ଥା ପୃଥିବୀର ଅନ୍ୟ ଦେଶର ସମ୍ବିଧାନରୁ ଅଣାଯାଇଛି । ଆମ ଭାରତର ସଂସଦୀୟ ଗଣତାନ୍ତ୍ରିକ ବ୍ୟବସ୍ଥା ବ୍ରିଟେନ ଦେଶର ସମ୍ବିଧାନରୁ ଅନୁକରଣ ହୋଇଛି । ତଥାପି, ଏହା ସ୍ପଷ୍ଟ ଯେ ଆମ ସ୍ୱାଧୀନତା ସଂଗ୍ରାମୀଗଣ ଏବଂ ସମ୍ବିଧାନ ପ୍ରଣେତାମାନେ ପୂର୍ବରୁ କେତେକ ଅନୁଭବକୁ ହାସଲ କରିଥିଲେ । ସାମାନ୍ୟ ଅଂଶରେ ହେଲେ ମଧ୍ୟ ବ୍ରିଟିଶ ଶାସନ ପରିଚାଳନାଗତ କେତେକ ପ୍ରତ୍ୟକ୍ଷ ଅନୁଭୂତି ଆମକୁ ସଂସଦୀୟ ବ୍ୟବସ୍ଥା ସହିତ ପରିଚିତ କରାଇଥିଲା । ଆମେ ପୂର୍ବରୁ ପଢ଼ିଛେ ଯେ, ବୟସ୍କ ବ୍ୟକ୍ତିମାନେ ମିଳିତ ଭାବେ ନିଷ୍ପତ୍ତି ନେଉଥିବା ପ୍ରାଚୀନ ଭାରତର ସାଧାରଣତନ୍ତ୍ର (ମହାଜନପଦ) ଓ ଗ୍ରାମ ପଞ୍ଚାୟତ ଆମ ସଂସଦୀୟ ବ୍ୟବସ୍ଥାରେ ମଧ୍ୟ ପ୍ରତିଫଳିତ ହୋଇଅଛି ।



ଚିତ୍ର 7.6 ଭାରତ ସମ୍ବିଧାନ

ଭାରତରେ ଦ୍ୱି-ସଦନୀୟ ସଂସଦ ବ୍ୟବସ୍ଥା ରହିବ ବା ନାହିଁ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା ସମ୍ବିଧାନ ପ୍ରଣୟନ ସଭା ବିତର୍କରେ ହୋଇଥିଲା । ଏହା ଅନୁଭୂତ ହେଲା ଯେ, ଗୋଟିଏ ମାତ୍ର ପ୍ରତ୍ୟକ୍ଷଭାବେ ନିର୍ବାଚିତ ସଦନ ଦ୍ୱାରା ସ୍ୱାଧୀନ ଭାରତ ସାମନା କରିବାକୁ ଥିବା ସମସ୍ୟାଗୁଡ଼ିକର ସମାଧାନ ସମ୍ଭବ ନୁହେଁ । **'ସଂଘୀୟ'** ବ୍ୟବସ୍ଥାର ମୌଳିକତା ଭିତ୍ତିରେ ଅନୁଭବ କରାଗଲା ଯେ ରାଜ୍ୟଗୁଡ଼ିକର ପରିଷଦ – ରାଜ୍ୟସଭାର ମଧ୍ୟ ଆବଶ୍ୟକତା ରହିଛି । ରାଜ୍ୟସଭାର ଗଠନ ଏବଂ ନିର୍ବାଚନ ପଦ୍ଧତି ମଧ୍ୟ ଭିନ୍ନ ଭାବରେ ସ୍ଥିର କରାଗଲା । ଫଳତଃ, କେନ୍ଦ୍ର ଓ ରାଜ୍ୟ ତଥା ସ୍ଥାନୀୟ ଅଞ୍ଚଳ ଭିତ୍ତିରେ କ୍ଷମତା ବଣ୍ଟନ ଭିତ୍ତିକ ସଂଘୀୟ ବ୍ୟବସ୍ଥା ଭାରତ ଗ୍ରହଣ କଲା । ଏହି ବ୍ୟବସ୍ଥା ଦ୍ୱାରା ଜାତୀୟ ଏକତା ଓ ସ୍ଥାନୀୟ ସ୍ୱାର୍ଥ ମଧ୍ୟରେ ଏକ ଉତ୍ତମ ବୁଝାମଣା ସମ୍ଭବ ହେଲା ।


କାର୍ଯ୍ୟକାରିତା

ବିତର୍କ ଓ ଆଲୋଚନାଗୁଡ଼ିକ ଏକ ନିର୍ଦ୍ଧାରିତ ପଦ୍ଧତିରେ ପରିଚାଳନା କରିବା ନିମନ୍ତେ ସଂସଦର ପ୍ରତ୍ୟେକ ସଦନରେ ଜଣେ ସଭାପତି ରହିବା ସୁନିଶ୍ଚିତ କରାଗଲା । ଲୋକସଭାର ସଭ୍ୟମାନେ ବାଚସ୍ପତିଙ୍କୁ ନିର୍ବାଚିତ କରିଥାନ୍ତି । ସେ ସଦନ ପରିଚାଳନା ସହ ଶୃଙ୍ଖଳା ରକ୍ଷା କରିବେ ଓ ସଦସ୍ୟମାନଙ୍କୁ ସଦନରେ ଆଲୋଚନା କରିବାକୁ ସୁଯୋଗ ଦେବା ସୁନିଶ୍ଚିତ କରିଥାନ୍ତି । ରାଜ୍ୟସଭା ବୈଠକରେ ଭାରତର ଉପରାଷ୍ଟ୍ରପତି ଅଧ୍ୟକ୍ଷତା କରିଥାନ୍ତି । ସେ ରାଜ୍ୟସଭାର ଚୈରପର୍‌ସନ ଭାବେ କାର୍ଯ୍ୟ ତୁଲାଇ ଥାଆନ୍ତି ।

ରାଜଦଣ୍ଡ: କ୍ଷମତା ଆଧାରରେ ବିଭିନ୍ନ ଉତ୍ସବରେ ରାଜା ବା ରାଣୀ ଧରୁଥିବା ଏକ ସୁସଜ୍ଜିତ ଲମ୍ବା ଦଣ୍ଡାବାଡ଼ି ।

ମନେ ରଖ

ଭାରତର ସ୍ୱାଧୀନତା 1947, ଅଗଷ୍ଟ 14 ପରେ ହସ୍ତାନ୍ତରର ପ୍ରତୀକ ଭାବେ ଏକ ସ୍ୱର୍ଣ୍ଣାଚ୍ଛାଦିତ ରୂପାଦଣ୍ଡ– ସିଙ୍ଗୋଲ (ପାର୍ଶ୍ୱ ଚିତ୍ରରେ) ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କୁ ପ୍ରଦାନ କରାଯାଇଥିଲା । ବର୍ତ୍ତମାନ ଏହା ଲୋକସଭା ବାଚସ୍ପତିଙ୍କ ଆସନ ନିକଟରେ ସ୍ଥାପିତ କରାଯାଇଅଛି। ଏହା ନ୍ୟାୟିକତା ଓ ଧାର୍ମିକତାକୁ ପ୍ରତିପାଦନ କରୁଅଛି । ଚୋଳ ବଂଶ ରାଜତ୍ୱ ସମୟରୁ ଶାସନରେ ନ୍ୟାୟିକତା ଓ ଧାର୍ମିକତାକୁ ନିଶ୍ଚିତ ରୂପେ ପାଳନ କରିବାର ପ୍ରତୀକ ରୂପେ ଏହା ନୂତନ ଶାସକଙ୍କୁ ହସ୍ତାନ୍ତର କରାଯାଉଥିଲା । ଏହାର ଅଗ୍ରଭାଗରେ ନ୍ୟାୟର ପ୍ରତୀକ ରୂପେ ନନ୍ଦୀ (ବୃଷଭ)ଙ୍କ ପ୍ରତିକୃତି ରହିଥାଏ ।



ଚିତ୍ର. 7.7 ସିଙ୍ଗୋଲର ଚିତ୍ର

ସଂସଦର ଆଲୋଚନାଗୁଡ଼ିକ ସମସ୍ତଙ୍କ ବୋଧଗମ୍ୟ ହେବା ନିମନ୍ତେ ସେଗୁଡ଼ିକ ଅନେକ ଭାରତୀୟ ଭାଷାରେ ଉପଲବ୍ଧ କରାଯାଇଛି । ପୂର୍ବରୁ ଏହି ଭାଷାନ୍ତର ହିନ୍ଦୀ, ଇଂରାଜୀ, ଆସାମୀ, ବଙ୍ଗଳା, ଗୁଜରାଟୀ, କନ୍ନଡ଼, ମାଲାୟଲମ, ମରାଠୀ, ଓଡ଼ିଆ, ତାମିଲ, ପଞ୍ଜାବୀ ଏବଂ ତେଲୁଗୁ ଆଦି 12ଟି ଭାଷାରେ ଉପଲବ୍ଧ ହେଉଥିଲା । ନିକଟ ଅତୀତରେ ଅନ୍ୟ 6ଟି ଭାଷା ଯଥା-ବୋଡ଼ୋ, ଡୋଗରୀ, ମୈଥିଳୀ, ମଣିପୁରୀ, ଉର୍ଦ୍ଦୁ ଏବଂ ସଂସ୍କୃତ ଏହି କ୍ରମରେ ସ୍ଥାନ ପାଇଲା । ଅନ୍ୟ କେତେକ ଭାଷା ମଧ୍ୟ ଏଥିରେ ସାମିଲ କରାଯିବାର ପ୍ରସ୍ତାବ ରହିଛି ।

ବ୍ୟବସ୍ଥାପିକା (ଆଇନ ପ୍ରଣୟନ) କାର୍ଯ୍ୟ ପରି କାର୍ଯ୍ୟପାଳିକା (ପ୍ରଣୀତ ଆଇନର କାର୍ଯ୍ୟକାରିତା ସୁନିଶ୍ଚିତ କରିବା) କାର୍ଯ୍ୟ ମଧ୍ୟ ସଂସଦର ଅନ୍ୟ ଏକ ମୁଖ୍ୟ ଦାୟିତ୍ୱ ଅଟେ । କେନ୍ଦ୍ର କାର୍ଯ୍ୟପାଳିକା ସଂସଦର କ୍ଷମତା ଓ ବ୍ୟବସ୍ଥାପିକା କାର୍ଯ୍ୟବଳୀକୁ ଜୀବନ୍ତ କରି ରଖେ । କେନ୍ଦ୍ର କାର୍ଯ୍ୟପାଳିକାର ଶୀର୍ଷ ସ୍ତରରେ:

- ଭାରତର ରାଷ୍ଟ୍ରପତି
- ଭାରତର ଉପରାଷ୍ଟ୍ରପତି
- ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଗଠିତ ମନ୍ତ୍ରୀପରିଷଦ ଆଦି ରହିଥାନ୍ତି ।

ମନ୍ତ୍ରୀ ପରିଷଦରେ ସ୍ଥାନ ପାଇଥିବା ମନ୍ତ୍ରୀଗଣ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସାଂସଦମାନଙ୍କ ମଧ୍ୟରୁ ଚୟନ କରାଯାଇଥାନ୍ତି । ଏହି ମନ୍ତ୍ରୀଗଣ ନିଜ କାର୍ଯ୍ୟ ନିମନ୍ତେ ବ୍ୟକ୍ତିଗତ ଓ ମିଳିତ ଭାବେ ଲୋକସଭା ନିକଟରେ ଉତ୍ତରଦାୟୀ ରହିଥାନ୍ତି ।

ଏବେ ଆସ ସଂସଦର ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକା କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା କରିବା ।

ସଂସଦର ବ୍ୟବସ୍ଥାପକ କାର୍ଯ୍ୟ

ସମ୍ବିଧାନରେ ସଂସଦ ଦ୍ୱାରା ସମ୍ପାଦିତ ହେବାକୁ ଥିବା **'ପ୍ରମୁଖ କାର୍ଯ୍ୟଗୁଡ଼ିକ'** ବିଷୟରେ ଉଲ୍ଲେଖ କରାଯାଇଛି । ସେଗୁଡ଼ିକୁ ମୁଖ୍ୟତଃ ନିମ୍ନଲିଖିତ ବିଭାଗରେ ବର୍ଗୀକରଣ କରାଯାଇପାରେ:

1. ସାମ୍ବିଧାନିକ କାର୍ଯ୍ୟ
2. ଆଇନ ପ୍ରଣୟନ
3. କାର୍ଯ୍ୟପାଳିକା ଉତ୍ତର ଦାୟିତ୍ୱ
4. ଆର୍ଥିକ ଉତ୍ତର ଦାୟିତ୍ୱ

ଏସବୁ ଆସ ନିମ୍ନରେ ଆଲୋଚନା କରିବା

ଆସ ମନେ ପକାଇବା

ତୁମେ ପଢ଼ିଥିବା ପୂର୍ବ ପାଠ୍ୟକ୍ରମରୁ ଗଣତନ୍ତ୍ର ଏବଂ ଶାସନ ବିଷୟକ କେତେକ ସାମ୍ବିଧାନିକ କାର୍ଯ୍ୟ ଉଲ୍ଲେଖ କର । ତୁମେ କ'ଣ ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତିଙ୍କ ନିର୍ବାଚନ ଏହି ତାଲିକାରେ ରଖିଛ କି ? ସମ୍ବିଧାନ ସଂଶୋଧନ ବିଷୟରେ ତୁମର ମତ କ'ଣ ? ବାସ୍ତବରେ ଏଗୁଡ଼ିକ ସଂସଦର କେତେକ ପ୍ରମୁଖ ସାମ୍ବିଧାନିକ କାର୍ଯ୍ୟ ଅଟେ । ଏହା ବ୍ୟତୀତ ଅନ୍ୟ କେତେକ କାର୍ଯ୍ୟ ସମ୍ବନ୍ଧରେ ଆମେ ପରବର୍ତ୍ତୀ ଶ୍ରେଣୀମାନଙ୍କରେ ଆଲୋଚନା କରିବା ।

1. ସାମ୍ବିଧାନିକ କାର୍ଯ୍ୟ

ସମ୍ବିଧାନର ମୂଳତତ୍ତ୍ୱ ଏବଂ ମୂଲ୍ୟବୋଧ ରକ୍ଷା କରିବା ନିମନ୍ତେ ସଂସଦକୁ ପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରାଯାଇଅଛି। ତନ୍ମଧ୍ୟରେ ଅନ୍ତର୍ଭୁକ୍ତ:

କ) ସାର୍ବଜନୀନ ସାବାଳକ ମତଦାନ ବ୍ୟବସ୍ଥା ମାଧ୍ୟମରେ ସଂସଦୀୟ ଗଣତନ୍ତ୍ର ସୁନିଶ୍ଚିତ କରିବା ।

ଖ) ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଏବଂ ନ୍ୟାୟପାଳିକା ମଧ୍ୟରେ କ୍ଷମତା ପୃଥକୀକରଣ ଅନୁସୃତ କରିବା ।

ଗ) ସଂଘୀୟ ବ୍ୟବସ୍ଥା ସୁନିଶ୍ଚିତ କରିବା ।

ଘ) ଆଇନ ଓ ନୀତି ପ୍ରଣୟନ ମାଧ୍ୟମରେ ମୌଳିକ ଅଧିକାର ଏବଂ ରାଷ୍ଟ୍ରନୀତି(ରାଷ୍ଟ୍ରର ନିର୍ଦ୍ଦେଶମୂଳକ ନୀତି)ର ଆଦର୍ଶ ବଜାୟ ରଖିବା ।

ବିଧେୟକ: ବିଧେୟକ(ବିଲ୍ ହେଉଛି କୌଣସି ପ୍ରସ୍ତାବିକ ଅଧିନିୟମର ଏକ ଚିଠା ପ୍ରସ୍ତାବ, ଯାହାକି ଅଧିନିୟମରେ ପରିଣତ ହେବା ପୂର୍ବରୁ ସଂସଦର ଅନୁମୋଦନ ଲାଭ କରିଥାଏ ।

2) ଆଇନ ପ୍ରଣୟନ

ଆଇନ ପ୍ରଣୟନ ବ୍ୟବସ୍ଥାପିକା ସଭାର ଅନ୍ୟତମ ପ୍ରାଥମିକ କାର୍ଯ୍ୟ । ଆଇନ ପ୍ରଣୟନ ସମ୍ବନ୍ଧରେ ଆମ ସମ୍ବିଧାନ ଅତି ବିସ୍ତାର ଏବଂ ଦୃଢ଼ ଭାବରେ ବର୍ଣ୍ଣନା କରିଛି । ସାଧାରଣ ଭାବରେ ଅଧିନିୟମ ମାଧ୍ୟମରେ ଆଇନକୁ କାର୍ଯ୍ୟକାରୀ କରାଯାଇଥାଏ । ଅଧିନିୟମ ରୂପରେ ପୂର୍ବରୁ ବିଧେୟକ (ବିଲ୍) ପ୍ରସ୍ତୁତ ଚିଠା ସଂସଦରେ ଉପସ୍ଥାପିତ ହୋଇଥାଏ । ଦୀର୍ଘ ଏବଂ ପ୍ରଭାବୀ ଆଲୋଚନାରେ ଗୃହୀତ ହେବାପରେ ଆଇନରେ ପରିଣତ ହୁଏ । ଉଦାହରଣ ସ୍ୱରୂପ ''ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷାଦାନ ବ୍ୟବସ୍ଥା ଅଧିନିୟମ **2009 (RTE)**'' କିପରି ଆଇନରେ ପରିଣତ ହେଲା ତାହା ଦର୍ଶାଯାଇଛି ।''


''ଲୋକମାନେ ପ୍ରାୟତଃ ମତେ RTE କହିଥାନ୍ତି । ପ୍ରାୟ ଶହେ ବର୍ଷ ପୂର୍ବରୁ ଏହାର ଧାରଣା ଥିଲେ ମଧ୍ୟ ମୁଁ 2009 ମସିହା ଅଗଷ୍ଟରେ ମୋ ସତ୍ତା ପାଇଲି । ଭାରତ ସମ୍ବିଧାନର ରାଷ୍ଟ୍ରନୀତି ମଧ୍ୟରେ ମୋର ମୂଳଭିତ୍ତି ନିହିତ ରହିଛି । ସ୍ୱାଧୀନତାର 10 ବର୍ଷ ମଧ୍ୟରେ ମୁଁ ଆସିଯାଏ ବୋଲି ସମ୍ବିଧାନ ପ୍ରଣେତାଙ୍କର ଆଗ୍ରହ ଥିଲେ ମଧ୍ୟ ଏହା ସମ୍ଭବ ହୋଇ ପାରି ନଥିଲା । ଫଳରେ ଅସଂଖ୍ୟ ଶିଶୁ ଶିକ୍ଷା ସୁଯୋଗରୁ ବଞ୍ଚିତ ହୋଇଥିଲେ । ବାସ୍ତବ ଜୀବନରେ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଦୃଷ୍ଟିରୁ କେହି ଜଣେ 1990 ମସିହାରେ ନ୍ୟାୟାଳୟରେ ବଳିଷ୍ଠ ଯୁକ୍ତି ବାଢ଼ିଥିଲେ ଯେ ଜୀବନର ଅଧିକାର ଭାବେ ମୁଁ ସମ୍ବିଧାନର ମୌଳିକ ଅଧିକାର ଅନ୍ତର୍ଭୁକ୍ତ । ଏହି ଆଧାରରେ ସଂସଦର କାର୍ଯ୍ୟ ଆରମ୍ଭ ହେଲା ଏବଂ 2002 ମସିହାରେ ସମ୍ବିଧାନର 86ତମ ସଂଶୋଧନ ପ୍ରସ୍ତାବ ମାଧ୍ୟମରେ--ଧାରା 21 (A) ଯୋଗ କରାଯାଇ 6 ରୁ 14 ବର୍ଷ ବୟସର ସମସ୍ତ ବାଳକ ଓ ବାଳିକାମାନଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ନିମନ୍ତେ ରାଷ୍ଟ୍ରକୁ ବାଧ୍ୟ କଲା ।

କିନ୍ତୁ ଏହାର 6 ବର୍ଷ ପରେ ହିଁ ରାଜ୍ୟସଭା ଆଲୋଚନାକୁ ଆସିଲି । ଏକ ନୂତନ ସମିତି ଗଠନ କରାଯାଇ ମୋ ସମ୍ବନ୍ଧରେ ପୁନଃ ଆଲୋଚନା କରାଯାଇ କେତେକ ପରିବର୍ତ୍ତନ ମଧ୍ୟ କରାଗଲା । ମୋ ସମ୍ବନ୍ଧରେ ମୁଖ୍ୟ ବିତର୍କ ଥିଲା ଅର୍ଥ ସମ୍ବନ୍ଧୀୟ– ନୂତନ ବିଦ୍ୟାଳୟ, ଭିତ୍ତିଭୂମି ଏବଂ ନିୟୁକ୍ତ ପିଲାମାନଙ୍କ ନିମନ୍ତେ ଆବଶ୍ୟକୀୟ ଶିକ୍ଷକଙ୍କ ପାଇଁ ଅର୍ଥର ଆବଶ୍ୟକତା ଅତିଶୟ ଥିଲା । 2008 ମସିହା ବେଳକୁ ସାଂସଦମାନେ ଅନୁଭବ କଲେ ଯେ ଏବେ ହିଁ ସମୟ ଉପନୀତ ।

2009 ମସିହା ନିର୍ବାଚନ ପରେ, ନୂତନ ସରକାର ଏହାକୁ ଆଗେଇ ନେଲେ ଏବଂ 2009 ମସିହା ଅଗଷ୍ଟ ମାସରେ ମୁଁ ଲୋକସଭାରେ ଗୃହୀତ ହୋଇ ରାଷ୍ଟ୍ରପତିଙ୍କ ସ୍ୱୀକୃତି ଲାଭ କଲି ଏବଂ ଅଧିନିୟମରେ ପରିଣତ ହେଲି । ଆଜି ପିଲାମାନେ ବିଦ୍ୟାଳୟ ଯିବାପାଇଁ ମୁଁ ଆଇନଗତ ପଥ ସୃଷ୍ଟି କରିଛି, ନୂତନ ବିଦ୍ୟାଳୟ ଗୃହ ନିର୍ମାଣ କରିଛି ଓ ସମସ୍ତଙ୍କ ପାଇଁ ମାଗଣା ବହି ଓ ସମାନ ରଙ୍ଗର ପୋଷାକ ସୁନିଶ୍ଚିତ କରିଛି ।''

ସ୍ଥାୟୀ ସମିତି : ସାଂସଦମାନଙ୍କୁ ନେଇ ଗଠିତ ଏକ ସ୍ଥାୟୀ ସମିତି(ସାଂସଦ ପରିବର୍ତ୍ତନ ହୋଇପାରିବେ କିନ୍ତୁ ସମିତି ଏକ ଢାଞ୍ଚାଭାବେ ସ୍ଥିର ରହିବ) । ଏହା ସରକାରୀ କାର୍ଯ୍ୟକଳାପ ତଦାରଖ କରି ଆବଶ୍ୟକୀୟ ସୁପାରିଶ କରିଥାଏ ଓ କେଉଁ ପଦକ୍ଷେପ ନିଆଗଲା ସେ ସମ୍ପର୍କିତ ପ୍ରଶ୍ନ ମଧ୍ୟ ପଚାରିଥାଏ ।

ବିଧେୟକ(ବିଲ୍)ରୁ ଅଧିନିୟମ(Act) - ସଂସଦରେ ଆଇନ ପ୍ରଣୟନ ପଦ୍ଧତି



ଚିତ୍ର. 7.8 ଆଇନ ପ୍ରଣୟନ ପଦ୍ଧତି – ଏକ ସରଳିକୃତ ରେଖାଚିତ୍ର ମାଧ୍ୟମରେ କେତେକ ମୁଖ୍ୟ ଧାରଣା ବର୍ଣ୍ଣନା ।

ବିଶେଷ ଦ୍ରଷ୍ଟବ୍ୟ: ସମସ୍ତ ବିଧେୟକ ସ୍ଥାୟୀସମିତିକୁ ପ୍ରେରଣ କରିବା ବାଧ୍ୟତାମୂଳକ ନୁହେଁ ।

ପଠନ(Reading) : ବ୍ରିଟିଶ ସଂସଦରୁ ପଠନ ବ୍ୟବସ୍ଥାର ଆରମ୍ଭ ହୋଇଥିଲା । ଅନେକ ସାଂସଦ ନିରକ୍ଷର ଥିବା ଯୋଗୁଁ ନିଯୁକ୍ତ ହୋଇଥିବା କିରାଣୀମାନଙ୍କ ଦ୍ୱାରା ବିଧେୟକ ଓ ବିଷୟବସ୍ତୁ ପଢ଼ାଯାଉଥିଲା ଓ ସାଂସଦମାନେ ଏହା ଉପରେ ଆଲୋଚନା କରୁଥିଲେ । ଏବେ ଆଲୋଚନା ପୂର୍ବରୁ ସାଂଦଦମାନେ ବିଧେୟକ ପଢୁଛନ୍ତି ।

ଖଣ୍ଡବାକ୍ୟ(Clause): ବିଧେୟକରେ ବର୍ଣ୍ଣିତ କେତେକ ବାକ୍ୟାଂଶ ଯାହା ବିଧେୟକକୁ ଅଧିକ ସରଳ ରୂପେ ବ୍ୟାଖ୍ୟା କରିଥାଏ । ଆର୍‌ଟିଇ (**RTE**) ଯେପରି ବୟସ ସୀମା(**6** ରୁ **14** ବର୍ଷ) ବର୍ଣ୍ଣନା କରିଥାଏ ।

ରାଜପତ୍ର(Gazette): ଏହା ଏକ ସରକାରୀ ପ୍ରକାଶନ ଯାହା ଆଇନଗତ ଦସ୍ତାବିଜ ଏବଂ ସରକାରୀ ସୂଚନା ସମ୍ପର୍କିତ ସମସ୍ତ ଦସ୍ତାବିଜ ଘୋଷଣା କରିଥାଏ ।

ଆସ ଅନୁସନ୍ଧାନ କରିବା

ଏକ କ୍ଷୁଦ୍ର ପ୍ରବାହ ଚିତ୍ର ଅଙ୍କନ କରି **RTE** କିପରି ଅଧିନିୟମରେ ରୂପାନ୍ତରିତ ହୋଇଥିଲା ଦର୍ଶାଅ । ଯଦି **RTE** ଲୋକସଭାରେ ଆଲୋଚନା କରାଯାଇଥାନ୍ତା ତେବେ କେଉଁ ପଦ୍ଧତି ସବୁ ଅନୁସରଣ କରାଯାଇଥାନ୍ତା ?

ମନେ ରଖ

କେତେକ ବିଧେୟକ କେବଳ ଲୋକ ସଭାରେ ହିଁ ଉପସ୍ଥାପନ କରାଯିବାର ବ୍ୟବସ୍ଥା ରହିଛି । ଅର୍ଥ ସମ୍ବନ୍ଧୀୟ (ଟିକସ ପ୍ରଣୟନ, ସରକାରୀ ଋଣ ଗ୍ରହଣ ଆଦି) 'ଅର୍ଥବିଧେୟକ' ଏହାର ଏକ ଉଦାହରଣ ଅଟେ । ଏହା ଏକ ଚିଠା ପ୍ରସ୍ତାବ ଭାବେ କେବଳ ଲୋକସଭାରେ ଉପସ୍ଥାପିତ ହୋଇଥାଏ । ଅବଶ୍ୟ ଏହାର ଉପସ୍ଥାପନ ରାଷ୍ଟ୍ରପତିଙ୍କ ପୂର୍ବ ଅନୁମତି ବିନା ଅସମ୍ଭବ ।

3) କାର୍ଯ୍ୟପାଳିକା ଉତ୍ତର ଦାୟିତ୍ୱ

ପ୍ରଧାନମନ୍ତ୍ରୀ ଓ ମନ୍ତ୍ରୀ ପରିଷଦ ହେଉଛନ୍ତି କେନ୍ଦ୍ର କାର୍ଯ୍ୟପାଳିକାର ଅନ୍ତର୍ଗତ । ସେମାନେ :

- ପ୍ରଧାନତଃ ଆଇନର ପ୍ରବର୍ତ୍ତନ ଓ ଶାସନ କାର୍ଯ୍ୟକାରିତା ଏବଂ ସରକାରଙ୍କ ସଫଳ ପରିଚାଳନା ନିମନ୍ତେ ଦାୟୀ;
- ସମ୍ବିଧାନ ଓ ସଂସଦ ଅନୁମୋଦିତ ନୀତି ଆଧାରରେ ଦୈନନ୍ଦିନ ସରକାରୀ କାର୍ଯ୍ୟ ସମ୍ପାଦନ ନିଷ୍ପତ୍ତି ଗ୍ରହଣ କରିଥାନ୍ତି;
- ପ୍ରଶ୍ନକାଳ ସମୟରେ ମନ୍ତ୍ରୀମାନେ ସେମାନଙ୍କ କାର୍ଯ୍ୟ ଓ ନିଷ୍ପତ୍ତିର ଯଥାର୍ଥତା ପ୍ରତିପାଦନ ନିମନ୍ତେ ଲୋକସଭାରେ ଉତ୍ତର ଦାୟୀ ରହନ୍ତି । ପ୍ରଶ୍ନକାଳ ହେଉଛି ଲୋକସଭାର ଏକ ନିର୍ଦ୍ଧାରିତ ସମୟସୀମା (ସଂସଦୀୟ କାର୍ଯ୍ୟକାଳର ପ୍ରଥମ କେତେକ ଘଣ୍ଟା) ଯେତେବେଳେ ସାଂସଦମାନେ ମନ୍ତ୍ରୀମାନଙ୍କୁ ସେମାନଙ୍କ ବିଭାଗ ସମ୍ପର୍କୀୟ ବିଭିନ୍ନ ନୀତି, ନିଷ୍ପତ୍ତି ଏବଂ କାର୍ଯ୍ୟକ୍ରମ ସଂକ୍ରାନ୍ତୀୟ ପ୍ରଶ୍ନ ପଚାରିବାକୁ କ୍ଷମତାପ୍ରାପ୍ତ ହୋଇଥାନ୍ତି । ଏହି ସାଂସଦୀୟ ପଦ୍ଧତି କାର୍ଯ୍ୟପାଳିକାକୁ ପ୍ରତ୍ୟୁତ୍ତରଦାୟୀ କରିଥାଏ (ଅର୍ଥାତ୍ ତାଙ୍କ ନୀତି ତଥା କାର୍ଯ୍ୟର ଯଥାର୍ଥତା ପ୍ରତିପାଦନ ପାଇଁ ବାଧ୍ୟ କରିଥାଏ) । ଏତଦ୍‌ଭିନ୍ନ ସ୍ୱତନ୍ତ୍ର ସମିତି ଦ୍ୱାରା ଆହୂତ ଆଲୋଚନା ସଭାରେ ମନ୍ତ୍ରୀମାନେ ଗ୍ରହଣ କରିଥିବା ନୀତି ସମ୍ପର୍କୀୟ ପ୍ରଶ୍ନର ଉତ୍ତର ଦେବାକୁ ବାଧ୍ୟ ହୋଇଥାନ୍ତି । ଏହି ସମିତି ବିଭିନ୍ନ ଦଳର ସାଂସଦମାନଙ୍କୁ ନେଇ ଗଠନ କରାଯାଇପାରେ ।

ସଂସଦ ସର୍ବଦା ଔପଚାରିକ କିମ୍ବା ଭାବ ଗମ୍ଭୀର ନଥାଏ । ବେଳେବେଳେ କବିତା ପାଠ କିମ୍ବା ଥଟ୍ଟାମଜ୍ଜା ମାଧ୍ୟମରେ ଗମ୍ଭୀର ପରିସ୍ଥିତିକୁ ସହଜ କରିଦିଆଯାଏ !

ଉଦାହରଣ 1: ସଂସଦରେ ପଂକ୍ତି

ଫେବୃଆରୀ 1 ତାରିଖ 2025 ମସିହାରେ 2025-26 ଆର୍ଥିକ ବର୍ଷର ବଜେଟ୍ ଉପସ୍ଥାପନ କରୁଥିବା ସମୟରେ ଅର୍ଥମନ୍ତ୍ରୀ ଶ୍ରୀମତି ନିର୍ମଳା ସୀତାରମଣ ତିରୁକୁରାଳ(ପ୍ରାଚୀନ ଭାରତର ନୀତି ସମ୍ବଳିତ ତାମିଲ ଭାଷାରେ ଲିଖିତ ପ୍ରବନ୍ଧ)ରୁ ଉଦ୍ଧାର କରି ନିମ୍ନ ପଂକ୍ତି ଗାୟନ କରିଥିଲେ ।

ଭାନୋକ୍କି ଭାଲମ୍ ଉଲାକେଲ୍ଲମ ।

ମାନ୍ନବନ୍ କୋଲନୋକ୍କି ଭାଲୁଙ୍ଗ କୁଡ଼ି ।।

ଏହାର ଅର୍ଥ :

(ଯେପରି) ଜୀବଜଗତ ବଞ୍ଚେ ବରଷା ଆଶାରେ
(ସେପରି) ନାଗରିକ ରହେ ସୁଶାସନ ଭରଷାରେ ।।

ଉଦାହରଣ 2: ସଂସଦରେ ହସକଥା

2011 ମସିହାରେ ସଂସଦରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ସମୟରେ ତତ୍କାଳୀନ ସରକାରଙ୍କୁ ସମାଲୋଚନା କରି ସାଂସଦ ଶ୍ରୀମତୀ ସୁଷମା ସ୍ୱରାଜ ଏକ କବିତାର ପଂକ୍ତି ଶୁଣାଇଥିଲେ ।

''ତୁ ଇଧର ଉଧର କି ନା ବାତ୍ କର, ୟେ ବତା କି କାଫିଲା କ୍ୟୁଁ ଲୁଟା,
ହମେ ରହଯାନୋ ସେ ଗିଲାନାହିଁ, ତେରୀ ରହବାରୀ କା ସଓ୍ୱାଲ୍ ହେ ।''


ଓଡ଼ିଆରେ ଏହାର ଅର୍ଥ :

ବିଷୟ ପରିବର୍ତ୍ତନ କରନ୍ତୁ ନାହିଁ । କାରବାନ କାହିଁକି ଲୁଟିଗଲା କୁହନ୍ତୁ । ଲୁଟେରମାନଙ୍କ ପ୍ରତି ଆମର ଅଭିଯୋଗ ନାହିଁ । କିନ୍ତୁ ଆପଣଙ୍କ ନେତୃତ୍ୱ ପ୍ରତି ପ୍ରଶ୍ନ ଅଛି ।

ଏହାର ପ୍ରତ୍ୟୁତ୍ତରରେ ପ୍ରଧାନମନ୍ତ୍ରୀ ଡ: ମନମୋହନ ସିଂ ସ୍ଥିର ଚିତ୍ତରେ ଅନ୍ୟ ଏକ ଗୀତର ପଂକ୍ତି ଗାଇଲେ:

''ମାନା କି ତେରୀ ଦିଦ୍‌କେ କାବିଲ୍ ନେହିଁ ହୁଁ ମେ, ତୁ ମେରା ସୌକ୍ ଦେଖ, ମେରା ଇନ୍ତେଜାର୍ ଦେଖ୍ ।''

ମୁଁ ମାନି ନେବି ଯେ ତୁମ ନଜରରେ ମୋହର ସାମର୍ଥ୍ୟ ନାହିଁ, (ହେଲେ) ମୋହର ଉତ୍ସାହ ଆଉ ମୋ ପ୍ରୟାସ ତୁମେ ନଦେଖିଲେ କାହିଁ ।


REPORT NO.
162

PARLIAMENT OF INDIA
RAJYA SABHA

DEPARTMENT-RELATED PARLIAMENTTARY STANDING COMMITTEE ON HEALTH & FAMILY WELFARE

ONE HUNDRED SIXTY SECOND REPORT
ON
ACTION TAKEN BY THE GOVERNMENT ON THE RECOMMENDATIONS/OBSERVATIONS CONTAINED IN THE 156TH REPORT ON REVIEW OF NATIONAL AYUSH MISSION

(Presented to the Rajya Sabha on 20th December, 2024)
(Laid on the Table of Lok Sabha on 6th February, 2025)

Rajya Sabha Secretariat, New Delhi
December, 2024/Agrahayana, 1946 (Saka)

ଚିତ୍ର. 7.9 ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସମ୍ପର୍କିତ ସ୍ଥାୟୀ ସମିତିର ଏକ ବିବରଣୀର ଉଦ୍ଧୃତ ।

1.2 ଜିଲ୍ଲା ସଦର ମହକୁମା ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ଆୟୁଷ ଚିକିତ୍ସା ସୁବିଧା ସୁଯୋଗ ସହାବସ୍ଥାନ ସମ୍ପର୍କିତ ସୁପାରିଶ:

1.2.1 ଏହି ସନ୍ଧିକ୍ଷଣରେ, କେତେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ସ୍ୱତନ୍ତ୍ର ଆୟୁଷ ବିଭାଗ ଖୋଲାଯାଇ ନାହିଁ ବୋଲି ସମିତିର ଦୃଷ୍ଟିକୁ ଆସିଛି । ଆୟୁଷ ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେବା ତଥା ଆୟୁଷ ଚିକିତ୍ସାରେ ଅଧିକ ସମନ୍ୱୟ ପାଇଁ ଆୟୁଷ ମନ୍ତ୍ରଣାଳୟ ନଥିବା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ବୁଝେଇ ମନେଇ ନୂତନ ଆୟୁଷ ମନ୍ତ୍ରଣାଳୟ ଖୋଲିବାକୁ କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟକୁ ପ୍ରସ୍ତାବ ଦିଆଯାଉଛି, ଯଦ୍ୱାରା ଆୟୁଷ ଚିକିତ୍ସାକ୍ଷେତ୍ର ଓ ଯୋଜନାଗୁଡ଼ିକର ତ୍ୱରିତ ବିକାଶ ଓ କାର୍ଯ୍ୟାନ୍ୱୟନ ସମ୍ଭବ ହେବ ।**(ବିବରଣୀର 2.13 ଅନୁଚ୍ଛେଦ)**

କାର୍ଯ୍ୟାନ୍ୱୟନ:

1.2.2 ଜନସ୍ୱାସ୍ଥ୍ୟ ଏକ ରାଜ୍ୟ ତାଲିକାଭୁକ୍ତ ବିଷୟ ହୋଇଥିବାରୁ ଆୟୁଷ ବିଭାଗର ସୃଷ୍ଟି ସଂପୃକ୍ତ ରାଜ୍ୟ /କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକର ସରକାର ଉପରେ ନିର୍ଭର କରେ ।

*ତଥାପି ବିଭିନ୍ନ ସମାବେଶରେ କେନ୍ଦ୍ର ଆୟୁଷ ମନ୍ତ୍ରାଳୟ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ସୃଷ୍ଟି କରିବା ସପକ୍ଷରେ ମତ ଦେଇଥିଲେ । ଏଥି ସହିତ ଷ୍ଟେଟ ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ୟୁନିଟ୍(**SPMU**) ଏବଂ ଡିଷ୍ଟ୍ରିକ୍ଟ ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ୟୁନିଟ୍(**DPMU**)ରେ ଅଧିକ କର୍ମଚାରୀ ନିୟୋଜନ କରି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ନାମ(**NAM**) ଯୋଜନର କ୍ଷିପ୍ର ବିକାଶ ଓ କାର୍ଯ୍ୟାନ୍ୱୟନ ନିମନ୍ତେ ମତାମତ ଦେଇଥିଲେ । ଆଜି ପର୍ଯ୍ୟନ୍ତ ସର୍ବମୋଟ **24**ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏହି ନିର୍ଦ୍ଦେଶାଳୟ କାର୍ଯ୍ୟ କରୁଛି ।*

*(**SPMU**=ରାଜ୍ୟ ପ୍ରକଳ୍ପ ପରିଚାଳନା ୟୁନିଟ୍; **DPMU**=ଜିଲ୍ଲା ପ୍ରକଳ୍ପ ପରିଚାଳନା ୟୁନିଟ୍)*

ଆସ ଅନୁସନ୍ଧାନ କରିବା

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଂକ୍ରାନ୍ତୀୟ ସ୍ଥାୟୀ ସମିତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟର କେତେକ ଅଧିକାରୀଙ୍କ ମିଳିତ ବୈଠକର ବିବରଣୀର ଉଦ୍ଧୃତି ଏଠାରେ ପ୍ରକାଶ କରାଯାଇଛି । ଉପର ବର୍ଣ୍ଣିତ ସ୍କ୍ରିନ୍ ସଟ୍ ନିରୀକ୍ଷଣ କର ଓ ତୁମ ମଧ୍ୟରେ ଛୋଟଛୋଟ ଦଳ ଗଢି ଆଲୋଚନା କର । କିଏ କାହାକୁ ବିବରଣୀ ଦେଇଛନ୍ତି ? ସମୀକ୍ଷା ହୋଇଥିବା ବିଷୟଟି କ'ଣ ଅଟେ ? ସମିତି ସୁପାରିଶକୁ ଚିହ୍ନଟ କର । ସରକାରଙ୍କ ଉତ୍ତର କ'ଣ ଥିଲା ?

4) ଆର୍ଥିକ ଉତ୍ତରଦାୟୀ

ବାର୍ଷିକ ବଜେଟ୍(ଆୟ ଓ ବ୍ୟୟ ପରିକଳ୍ପନା) ପ୍ରସ୍ତୁତି ଏବଂ ବିଭିନ୍ନ ମନ୍ତ୍ରାଳୟ ନିମନ୍ତେ ବଣ୍ଟନ କରାଯାଇଥିବା ପୁଞ୍ଜି ଅନୁଧାନ ମାଧ୍ୟମରେ ସଂସଦ ସରକାରୀ ଖର୍ଚ୍ଚ ଅନୁମୋଦନ ଏବଂ ନିୟନ୍ତ୍ରଣ କରେ ।

ଆସ ଅନୁସନ୍ଧାନ କରିବା

ତୁମେ କାହିଁକି ଭାବୁଛ ଯେ ସରକାରୀ ଖର୍ଚ୍ଚଗୁଡ଼ିକ ଉପରେ ସଂସଦ ତୀକ୍ଷଣ ନଜର ରଖିଛି ?
(ସୂଚନା: ସରକାର କାହାର ଅର୍ଥ ଖର୍ଚ୍ଚ କରିଥାନ୍ତି ?)

ସରକାର ନିର୍ଦ୍ଦିଷ୍ଟ ସମୟ ଏବଂ ସମସ୍ତ ସଠିକ୍ ତଥ୍ୟ ଓ ସୂଚନା ସଂସଦକୁ ପ୍ରଦାନ କରିବା ଆଶା କରାଯାଏ ।

ସଂସଦର କାର୍ଯ୍ୟପାଳିକା କ୍ଷମତା

ପୂର୍ବ ଆଲୋଚନାରେ ଆମେ କାର୍ଯ୍ୟପାଳିକାର ଭୂମିକା ସଂକ୍ରାନ୍ତୀୟ କେତେକ ବିଷୟବସ୍ତୁ ଉନ୍ମୋଚନ କରି ସାରିଲେଣି । ଏଥର ଆମେ ଅନ୍ୟ କେତେକ ଦିଗ ଉପରେ ସବିଶେଷ ଆଲୋଚନା କରିବା ।

ମନେ ରଖ

ସମ୍ବିଧାନର ପଞ୍ଚମ ଭାଗର ପ୍ରଥମ ଅଧ୍ୟାୟ କାର୍ଯ୍ୟପାଳିକାରୁ ଆରମ୍ଭ ହୁଏ । ଅନ୍ୟାନ୍ୟ ବିଷୟ ସହିତ ଏହା ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଏବଂ ମନ୍ତ୍ରୀ ପରିଷଦର ଭୂମିକା ଓ ଦାୟିତ୍ୱ ଆଲୋଚନା କରିଥାଏ । ଦ୍ୱିତୀୟ ଅଧ୍ୟାୟରେ ସଂସଦର ଭୂମିକା ଓ କାର୍ଯ୍ୟାବଳୀର ତାଲିକା ରହିଅଛି । ଏହା ଏପରି କାହିଁକି ହୋଇଥିବ ?

1) ରାଷ୍ଟ୍ରପତି

ରାଷ୍ଟ୍ରପତି ହେଉଛନ୍ତି ରାଷ୍ଟ୍ରର ମୁଖ୍ୟ ଏବଂ ସେ ନାମକୁ ମାତ୍ର କାର୍ଯ୍ୟପାଳିକାର ମୁଖ୍ୟ ଅଟନ୍ତି । ପ୍ରଧାନମନ୍ତ୍ରୀ ଏବଂ ମନ୍ତ୍ରୀ ପରିଷଦ ସରକାର ଚଲାଇବା ଦାୟିତ୍ୱରେ ରହିଥାନ୍ତି । ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ଅନ୍ୟ ମନ୍ତ୍ରୀମାନଙ୍କୁ ନିଯୁକ୍ତ କରିଥାନ୍ତି, ସଂସଦର ବୈଠକ ଆହ୍ୱାନ କରିଥାନ୍ତି ଏବଂ ବିଧେୟକକୁ ଅନୁମୋଦନ କରି ଆଇନ ପ୍ରଣୟନ କରିଥାନ୍ତି । ମନ୍ତ୍ରୀ ପରିଷଦ ରାଷ୍ଟ୍ରପତିଙ୍କୁ ସାହାଯ୍ୟ ଓ ପରାମର୍ଶ ପ୍ରଦାନ କରିଥାନ୍ତି । ଅବଶ୍ୟ କେତେକ କ୍ଷେତ୍ରରେ ରାଷ୍ଟ୍ରପତି ନିଜ ବିବେକାନୁମୋଦିତ କାର୍ଯ୍ୟ କରିବାକୁ ଅଧିକାର ପାଇଛନ୍ତି । ଏହା ସାଧାରଣତଃ ରାଜନୈତିକ ସଂକଟ ସମୟରେ ବ୍ୟବହୃତ ହୋଇଥାଏ ଉଦାହରଣ ସ୍ୱରୂପ ଲୋକସଭା ନିର୍ବାଚନରେ କୌଣସି ଦଳ ସଂଖ୍ୟାଗରିଷ୍ଠତା ହାସଲ ନକଲେ, ସରକାର ଗଠନ ନିମନ୍ତେ କୌଣସି ଦଳ ବା ମେଣ୍ଟଭୁକ୍ତ ଦଳକୁ ସରକାର ଗଠନ ସୁଯୋଗ ଦେବା ରାଷ୍ଟ୍ରପତିଙ୍କ ଇଚ୍ଛାଧୀନ ଅଟେ ।

2) ପ୍ରଧାନମନ୍ତ୍ରୀ ଏବଂ ମନ୍ତ୍ରୀ ପରିଷଦ

ଭାରତେୟ ସଂସଦୀୟ ବ୍ୟବସ୍ଥାରେ ପ୍ରଧାନମନ୍ତ୍ରୀ ହେଉଛନ୍ତି ବାସ୍ତବ କାର୍ଯ୍ୟନିର୍ବାହୀ ଅଧିକାରୀ । ନିର୍ବାଚନରେ ସଂଖ୍ୟା ଗରିଷ୍ଠ ଦଳ କିମ୍ବା ମେଣ୍ଟର ନେତାଙ୍କୁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ପ୍ରଦାନ କରିଥାନ୍ତି । ଲୋକସଭାରେ ସଂଖ୍ୟାଧିକ ସାଂସଦଙ୍କ ସମର୍ଥନରେ ପ୍ରଧାନମନ୍ତ୍ରୀ କାର୍ଯ୍ୟ କରିଥାନ୍ତି ।

ପ୍ରଧାନମନ୍ତ୍ରୀଙ୍କ କେତେକ ମୁଖ୍ୟ କାର୍ଯ୍ୟାବଳୀ:

- ମନ୍ତ୍ରୀ ପରିଷଦର ନେତୃତ୍ୱ ନେବା
- ରାଷ୍ଟ୍ରପତିଙ୍କୁ ପରାମର୍ଶ ଦେବା
- ବିଭିନ୍ନ ମନ୍ତ୍ରାଳୟ ମଧ୍ୟରେ ସମନ୍ୱୟ ରଖିବା
- ଜାତୀୟ ନୀତି ନିର୍ଦ୍ଧାରଣ କରିବା

ପ୍ରଧାନମନ୍ତ୍ରୀ ଏବଂ ମନ୍ତ୍ରୀ ପରିଷଦ ସମସ୍ତ ନିଷ୍ପତ୍ତି ଗ୍ରହଣ କରି ସରକାର ଚଳାଇଥାନ୍ତି । ସେମାନେ ମିଳିତ ଭାବରେ ଲୋକସଭା ନିକଟରେ ଉତ୍ତରଦାୟୀ ରହିଥାନ୍ତି । ସଂସଦରେ ଆଲୋଚନା ନିମନ୍ତେ ସମସ୍ତ ବିଧେୟକ ସରକାରଙ୍କ ଦ୍ୱାରା ଉପସ୍ଥାପିତ ହୋଇଥାଏ । ଆଇନ ଓ ନୀତିଗୁଡ଼ିକର କାର୍ଯ୍ୟକାରିତା ନିମନ୍ତେ ସରକାରୀ କର୍ମଚାରୀମାନଙ୍କ ଏକ ସ୍ଥାୟୀ ଗୋଷ୍ଠୀ ସହାୟତା ପ୍ରଦାନ କରିଥାନ୍ତି । ସାଧାରଣ ଭାବେ ''ପ୍ରଶାସକ ବା ଅମଲା ତନ୍ତ୍ର'' ଭାବରେ ପରିଚିତ ସେହି ଅଧିକାରୀମାନେ ବିଭିନ୍ନ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରିଥାନ୍ତି ଏବଂ ସରକାରୀ ବିଭାଗ କାର୍ଯ୍ୟର ସଫଳ ସମ୍ପାଦନ ସୁନିଶ୍ଚିତ କରିଥାନ୍ତି ।

ଆସ ଅନୁସନ୍ଧାନ କରିବା

ଯଦି କାର୍ଯ୍ୟପାଳିକା, ବ୍ୟବସ୍ଥାପିକାର ଏକ ଅଂଶ, ତେବେ ଏଠାରେ କ୍ଷମତାର ବିଭାଜନ ହୋଇଛି ବୋଲି ଆମେ କିପରି କହିପାରିବ ?(ସୂଚନା: ବ୍ୟବସ୍ଥାପିକା ବିଭାଗ ପୁନଃ ଅବଲୋକନ କର ।)

ମନେ ରଖ



1956 ମସିହାରେ ରେଳମନ୍ତ୍ରୀ ଥିବା ଲାଲ ବାହାଦୁର ଶାସ୍ତ୍ରୀ ଏକ ରେଳ ଦୁର୍ଘଟଣା ପରେ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ । ଦୁର୍ଘଟଣା ନିମନ୍ତେ ତାଙ୍କୁ କେହି ଦାୟୀ କରି ନଥିଲେ ମଧ୍ୟ ସେ ବିଶ୍ୱାସ କରୁଥିଲେ ଯେ ନିଜ ମନ୍ତ୍ରାଳୟର ସମସ୍ତ ତ୍ରୁଟି ବିଚ୍ୟୁତି ନିମନ୍ତେ ମନ୍ତ୍ରୀ ନିଜେ ନୈତିକ ଦାୟିତ୍ୱ ନେବା ଉଚିତ । ସେ ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କୁ ନିଜ ଇସ୍ତଫା ପତ୍ର ପଠାଇଥିଲେ । ପ୍ରଥମେ ନେହେରୁ ଅନିଚ୍ଛା ପ୍ରକାଶ କରିଥିଲେ, ମାତ୍ର ଶାସ୍ତ୍ରୀ ବାଧ କରିବାରୁ ଶେଷରେ ତାଙ୍କ ଇସ୍ତଫାପତ୍ର ଗୃହୀତ ହୋଇଥିଲା ।

ଚିତ୍ର.7.10 ଲାଲବାହାଦୁର ଶାସ୍ତ୍ରୀ
(ଭାରତର ପୂର୍ବତନ ରେଳମନ୍ତ୍ରୀ ଏବଂ ପରେ ପ୍ରଧାନମନ୍ତ୍ରୀ)

ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକା ମଧ୍ୟର ପାର୍ଥକ୍ୟ

ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକା ମଧ୍ୟରେ ଥିବା କେତେକ ମୁଖ୍ୟ ପାର୍ଥକ୍ୟଗୁଡ଼ିକ ଆମେ ଜାଣିବା ଆବଶ୍ୟକ । ନିମ୍ନ ସାରଣୀରେ ଏହା ସାରାଂଶ ଭାବ ଦର୍ଶାଯାଇଛି ।

ଦୃଷ୍ଟିକୋଣ	ବ୍ୟବସ୍ଥାପିକା	କାର୍ଯ୍ୟପାଳିକା
ଗଠନ	ଭାରତର ସଂସଦ ଦେଶର ସର୍ବୋଚ୍ଚ ଆଇନ ପ୍ରଣୟନକାରୀ ଅନୁଷ୍ଠାନ । ଏହା ରାଷ୍ଟ୍ରପତି, ରାଜ୍ୟସଭା ଓ ଲୋକସଭାକୁ ନେଇ ଗଠିତ ହୋଇଅଛି ।	ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଗଠିତ ମନ୍ତ୍ରୀପରିଷଦକୁ ନେଇ କାର୍ଯ୍ୟପାଳିକା ଗଠିତ ।
ମୁଖ୍ୟ ଭୂମିକା	ଆଇନ ପ୍ରଣୟନ ଏବଂ କାର୍ଯ୍ୟପାଳିକାର କାର୍ଯ୍ୟ ତଦାରଖ	ବ୍ୟବସ୍ଥାପିକା ଦ୍ୱାରା ପ୍ରଣିତ ଆଇନ ପ୍ରବର୍ତ୍ତନ କରିବା
କାର୍ଯ୍ୟାବଳୀ	ସଂସଦରେ କେତେକ ବିଧେୟକ ଉପସ୍ଥାପନ	ଅଧିକାଂଶ ବିଧେୟକ ସଂସଦରେ କାର୍ଯ୍ୟପାଳିକା ଦ୍ୱାରା ଉପସ୍ଥାପନ
	ପ୍ରଶ୍ନୋତ୍ତର ମାଧ୍ୟମରେ କାର୍ଯ୍ୟପାଳିକାର ଗତିବିଧି ନିୟନ୍ତ୍ରଣ	ନିଜ କାର୍ଯ୍ୟ ସମ୍ବଳିତ ନିଷ୍ପତ୍ତି ବ୍ୟବସ୍ଥାପିକାକୁ ସୂଚାଇ ତତ୍ ସଂକ୍ରାନ୍ତୀୟ କାରଣ ଦର୍ଶାଇବା । ଗୁରୁତ୍ୱପୂର୍ଣ୍ଣ ବ୍ୟାପାରରେ ରାଷ୍ଟ୍ରପତିଙ୍କୁ ସାହାଯ୍ୟ ଓ ପରାମର୍ଶ ଦେବା ସହିତ ସଂସଦ ବୈଠକ ଆହ୍ୱାନ ଓ ସ୍ଥଗିତ ରଖିବା ।
	ସମସ୍ତ ସରକାରୀ ଖର୍ଚ୍ଚ ମଞ୍ଜୁର କରିବା	ସଂସଦ ଦ୍ୱାରା ଗୃହୀତ ବଜେଟ୍ ପ୍ରସ୍ତୁତି ଓ କାର୍ଯ୍ୟକାରୀ କରିବା
	ବିଭିନ୍ନ ସଂସଦୀୟ ସମିତିର ପରାମର୍ଶ ନେବା	ଦୈନନ୍ଦିନ କାର୍ଯ୍ୟରେ ସ୍ୱାଧୀନ ଭାବେ କାର୍ଯ୍ୟ କରିବା ସହିତ ଆବଶ୍ୟକ ସ୍ଥଳେ ସମିତିଗୁଡ଼ିକର ପରାମର୍ଶ ନେବା ।

ନ୍ୟାୟପାଳିକା – ନିୟନ୍ତ୍ରଣ ଓ ସନ୍ତୁଳନର ଭୂମିକା

ସରକାରଙ୍କ ଏକ ଅଙ୍ଗ ଭାବେ ନ୍ୟାୟପାଳିକା ନିର୍ଦ୍ଦିଷ୍ଟ ବିବାଦିତ ମାମଲା ବ୍ୟତିରେକେ ଆଇନର **ତର୍ଜମା ଓ ପ୍ରଶାସନ**ରେ ସାହାଯ୍ୟ ପ୍ରଦାନ କରିଥାଏ । ନ୍ୟାୟାଳୟ ବ୍ୟବସ୍ଥା ମାଧ୍ୟମରେ କାର୍ଯ୍ୟ କରି ଏହା ଗଣତାନ୍ତ୍ରିକ ସମାଜ ଓ ଶାସନ ପ୍ରକ୍ରିୟାରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ନ୍ୟାୟପାଳିକା ସମ୍ବିଧାନର ରକ୍ଷା କର୍ତ୍ତା ଭାବେ କାର୍ଯ୍ୟ କରିଥାଏ ଏବଂ ସରକାରଙ୍କ ସବୁ ବିଭାଗ ସମ୍ବିଧାନର ସିଦ୍ଧାନ୍ତ ଓ ମାପଦଣ୍ଡ ମଧ୍ୟରେ ରହି କାର୍ଯ୍ୟ କରିବା ସୁନିଶ୍ଚିତ କରେ । ଆଇନର ବ୍ୟାଖ୍ୟା, ବିଭିନ୍ନ ବିବାଦର ସମାଧାନ ଓ ମୌଳିକ ଅଧିକାରର ସୁରକ୍ଷା ମାଧ୍ୟମରେ ଏହା ସମାଜ ତଥା ସରକାରୀ ଅନୁଷ୍ଠାନଗୁଡ଼ିକର ସଫଳ କାର୍ଯ୍ୟାନ୍ୱୟନ ନିମନ୍ତେ ଆବଶ୍ୟକ ନିୟନ୍ତ୍ରଣ ଲାଗୁ କରିଥାଏ ।

ଦେଶ ଶାସନରେ ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକା କିଭଳି କ୍ଷମତା ପ୍ରାପ୍ତ ହୋଇଛନ୍ତି ତାହା ସମ୍ବିଧାନ ବର୍ଣ୍ଣନା କରି ନଥାଏ, ଅଧିକନ୍ତୁ ଏହା ସେହି ସଂସ୍ଥାଗୁଡ଼ିକର ନିର୍ଦ୍ଦିଷ୍ଟ ଦାୟିତ୍ୱ ସମ୍ପର୍କିତ ତାଲିକା ପ୍ରଦାନ କରିଥାଏ । ବିଧିବଦ୍ଧ ଓ ଦାୟିତ୍ୱବାନ ଭାବେ ବ୍ୟବସ୍ଥାପିକା କ୍ଷମତାର କାର୍ଯ୍ୟକାରିତା ସୁନିଶ୍ଚିତ କରିବା ନିମନ୍ତେ ନ୍ୟାୟପାଳିକାକୁ ଏକ ଅଦ୍ୱିତୀୟ ଓ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରାଯାଇଛି । ସଂସଦ ଦ୍ୱାରା ପାରିତ ଆଇନ ଯେପରି ସାମ୍ବିଧାନିକ ସୀମା ଅତିକ୍ରମ କରେ, ନ୍ୟାୟପାଳିକା ତା'ର ଯାଞ୍ଚ କରିଥାଏ । ସେହିପରି ଆଇନ କାର୍ଯ୍ୟକାରିତା ସମୟରେ କାର୍ଯ୍ୟପାଳିକା ଯଦି କୌଣସି ସାମ୍ବିଧାନିକ ବ୍ୟବସ୍ଥା ଭଙ୍ଗ କରେ, ସେଠାରେ ନ୍ୟାୟପାଳିକା ହସ୍ତକ୍ଷେପ କରିବା ପାଇଁ କ୍ଷମତାପ୍ରାପ୍ତ ହୋଇଛି । ଯେପରି ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକା ମାଧ୍ୟମରେ ସଂସଦ ତାହାର କାର୍ଯ୍ୟ ସମ୍ପାଦନ କରିଥାଏ, ସେହିପରି ନ୍ୟାୟାଳୟ ମାଧ୍ୟମରେ ନ୍ୟାୟପାଳିକା କାର୍ଯ୍ୟ କରିଥାଏ ।

ଏହି ଅଧ୍ୟାୟରେ, ସଂସଦ କିପରି ନିଜସ୍ୱ ସୀମା ମଧ୍ୟରେ ସମତୁଲ୍ୟତା ରକ୍ଷାକରି ଆଇନ ସୃଷ୍ଟି କରି ତାହାକୁ କାର୍ଯ୍ୟକାରୀ କରେ ଏବଂ ନ୍ୟାୟପାଳିକା କିପରି ଏହାକୁ ନିୟନ୍ତ୍ରଣ କରେ ଆମେ ଅନୁସନ୍ଧାନ କଲେ । ଏହା ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ମଧ୍ୟରେ କ୍ଷମତା ବିଭାଜନ ତଥା ନିୟନ୍ତ୍ରଣ ଓ ସନ୍ତୁଳନ ପ୍ରଣାଳୀର ଏକ ଉଦାହରଣ କୌଣସି ଏକ ସଂସ୍ଥା ଯେପରି ଅଧିକ କ୍ଷମତାଶାଳୀ ନହୁଏ, ଏହା ସୁନିଶ୍ଚିତ କରେ ।

ଆସ ଅନୁସନ୍ଧାନ କରିବା

→ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ମଧ୍ୟରୁ କେବଳ ଗୋଟିଏକୁ ସମସ୍ତ କ୍ଷମତା ପ୍ରଦାନ କରାଗଲେ କ'ଣ ହେବ ? ଏହା ଲୋକମାନଙ୍କ ଅଧିକାରକୁ କିପରି ପ୍ରଭାବିତ କରିବ ? ତୁମ ସହପାଠୀଙ୍କ ସହିତ ଆଲୋଚନା କର । ପ୍ରତ୍ୟେକ ସଂସ୍ଥା ଅନ୍ୟକୁ କିପରି ନିୟନ୍ତ୍ରଣ କରନ୍ତି ? ଉଦାହରଣ ସ୍ୱରୂପ : ବ୍ୟବସ୍ଥାପିକା କିପରି କାର୍ଯ୍ୟପାଳିକାର କାର୍ଯ୍ୟକୁ ପ୍ରଶ୍ନ କରିପାରିବ ? ନ୍ୟାୟପାଳିକା କିପରି ସୁନିଶ୍ଚିତ ହେବେ ଯେ ଆଇନ ଓ ସରକାରୀ କାର୍ଯ୍ୟକଳାପ ସମ୍ବିଧାନ ଅନୁକୂଳ ହେଉଛି ? ନ୍ୟାୟପାଳିକା ନିଜ କାର୍ଯ୍ୟ ନିଜେ ହିଁ ସମୀକ୍ଷା କରିପାରିବେ ବୋଲି କିଛି ବିକଳ୍ପ ଅଛି ବୋଲି ଭାବୁଛ କି ?

→ ନ୍ୟାୟପାଳିକା ଆଇନ ପ୍ରଣେତାଙ୍କୁ ଆଇନର ସମୀକ୍ଷା କରିବାକୁ କହିବାର କିଛି ଉଦାହରଣ ତୁମେ ଦେଇପାରିବକି ?

ଆମେ ନ୍ୟାୟପାଳିକା ସମ୍ବନ୍ଧରେ ପରବର୍ତ୍ତୀ ବିସ୍ତୃତ ଭାବେ ଜାଣିବା ।

ରାଜ୍ୟସ୍ତରରେ ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକାର କାର୍ଯ୍ୟଧାରା

ଆମେ ପଢ଼ିଲେ, ବ୍ୟବସ୍ଥାପିକା ଏବଂ କାର୍ଯ୍ୟପାଳିକା ନିମନ୍ତେ କେନ୍ଦ୍ରରେ ସଂସଦ ରହିଅଛି । ଠିକ୍ ସେହିପରି 'ରାଜ୍ୟ ବିଧାନସଭା' ନାମରେ ରାଜ୍ୟରେ ମଧ୍ୟ ନିଜସ୍ୱ ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକା ରହିଅଛି । କେନ୍ଦ୍ରୀୟ ସଂସଦର ସାଂସଦଙ୍କ (**MPs**) ଦ୍ୱାରା ଆଇନ ପ୍ରଣୟନ ପରି ବିଧାନସଭାରେ ବିଧାୟକମାନେ(**MLAs**) 'ରାଜ୍ୟ ତାଲିକା' ଏବଂ 'ଯୁଗ୍ମ ତାଲିକା' ଭୁକ୍ତ ବିଷୟ ମଧ୍ୟରୁ ଆଇନ ପ୍ରଣୟନ କରିଥାନ୍ତି ।

କେନ୍ଦ୍ରତାଲିକା, ରାଜ୍ୟତାଲିକା ଏବଂ ଯୁଗ୍ମତାଲିକା

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆଇନ ପ୍ରଣୟନ ସୀମା ସ୍ପଷ୍ଟ କରିବା ନିମନ୍ତେ ସମ୍ବିଧାନରେ 'କେନ୍ଦ୍ର ତାଲିକା' ଓ 'ରାଜ୍ୟ ତାଲିକା' ସୂଚୀ ରହିଛି । ଏଥିସହିତ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆଇନ ପ୍ରଣୟନ କରିବାକୁ କ୍ଷମତା ପ୍ରାପ୍ତ ହୋଇଥିବା ଏକ ଯୁଗ୍ମ ତାଲିକା ମଧ୍ୟ ରହିଛି । ଅବଶ୍ୟ, ଯୁଗ୍ମ ତାଲିକା ଭୁକ୍ତ ବିଷୟ ମଧ୍ୟରୁ ଯଦି କେନ୍ଦ୍ର ସରକାର ଆଇନ ପ୍ରଣୟନ କରିଥାନ୍ତି, ତେବେ ରାଜ୍ୟ ସରକାର ସେଗୁଡ଼ିକ କାର୍ଯ୍ୟକାରୀ କରିବାକୁ ବାଧ୍ୟ ଅଟନ୍ତି । ଉଦାହରଣ ସ୍ୱରୂପ ଶିକ୍ଷା ଯୁଗ୍ମ ତାଲିକାଭୁକ୍ତ ବିଷୟବସ୍ତୁ ହୋଇଥିଲେହେଁ ଆରଟିଇ(**RTE**) କ୍ଷେତ୍ରରେ ଗୃହୀତ ଅଧିନିୟମ(**Act**) ସମଗ୍ର ଭାରତରେ କାର୍ଯ୍ୟକାରୀ କରାଗଲା ।



ଶିକ୍ଷା, ପରିବେଶ ଆଦି କେତେକ ବିଶେଷ କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟ ସମନ୍ୱୟ ମାଧ୍ୟମରେ ନୀତି ଆପଣେଇ ଥାନ୍ତି ଯାହା ସଂଘୀୟ ପ୍ରକୃତିର ପାରସ୍ପରିକ ନିର୍ଭରଶୀଳତା ଦର୍ଶାଏ ।

ଚିତ୍ର 7.11

ଭାରତରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କେତେକ ସମାନ୍ତରାଳ ସଂରଚନା

ରାଜ୍ୟ ସ୍ତରର ଶାସନଢାଞ୍ଚା କେନ୍ଦ୍ର ସରକାରର ଏକ ନକଲ ଅଟେ । ନିମ୍ନ ସାରଣୀରେ ତୁମେ ଏହି ସଂରଚନା ବୁଝିପାରିବେ ।

ବିଶେଷତ୍ୱ	କେନ୍ଦ୍ର ସରକାର	ରାଜ୍ୟ ସରକାର
ସାମ୍ବିଧାନିକ ମୁଖ୍ୟ	ଭାରତର ରାଷ୍ଟ୍ରପତି ଏକ ନିର୍ବାଚକ ମଣ୍ଡଳୀ ଦ୍ୱାରା ନିର୍ବାଚିତ	ରାଜ୍ୟର ରାଜ୍ୟପାଳ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ
କାର୍ଯ୍ୟକାଳ	୫ ବର୍ଷ	୫ ବର୍ଷ
ମୁଖ୍ୟ କାର୍ଯ୍ୟପାଳିକା	ରାଷ୍ଟ୍ରପତି ନାମକୁ ମୁଖ୍ୟ ମାତ୍ର କିନ୍ତୁ ବାସ୍ତବରେ ପ୍ରଧାନମନ୍ତ୍ରୀଙ୍କର କାର୍ଯ୍ୟପାଳିକା ଅଧିକାର ଥାଏ ।	ରାଜ୍ୟପାଳ ନାମକୁ ମାତ୍ର କିନ୍ତୁ ବାସ୍ତବରେ ମୁଖ୍ୟମନ୍ତ୍ରୀଙ୍କର କାର୍ଯ୍ୟପାଳିକା ଅଧିକାର ଥାଏ ।

କାର୍ଯ୍ୟପାଳିକା ଚୟନ	ସଂଖ୍ୟାଗରିଷ୍ଠ ଦଳ/ମେଣ୍ଟର ଲୋକସଭା ନେତା	ବିଧାନସଭାରେ ସଂଖ୍ୟାଗରିଷ୍ଠ/ମେଣ୍ଟଦଳର ନେତା
ମନ୍ତ୍ରୀ ପରିଷଦ	ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଚୟନ	ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଚୟନ
ଦାୟିତ୍ୱବୋଧତା	ମିଳିତଭାବେ ଲୋକସଭା ନିକଟରେ ଦାୟୀ	ମିଳିତ ଭାବେ ବିଧାନସଭା ନିକଟରେ ଦାୟୀ
ବ୍ୟବସ୍ଥାପିକା ସଂରଚନା	ଦ୍ୱି-ସଦନୀୟ-ରାଜ୍ୟସଭା ଏବଂ ଲୋକସଭା	କେତେକ ରାଜ୍ୟରେ ଦ୍ୱି-ସଦନୀୟ(ବିଧାନ ପରିଷଦ ଓ ବିଧାନ ସଭା) କେତେକ ରାଜ୍ୟରେ ଏକ-ସଦନୀୟ(ବିଧାନସଭା)
ନିମ୍ନସଦନ	ଲୋକସଭା **(House of thePeople)**	ବିଧାନସଭା **(Legislative Assembly)**
ଉଚ୍ଚ ସଦନ	ରାଜ୍ୟସଭା **(Council of States)**	ବିଧାନ ପରିଷଦ **(Legislative Council)** – କେତେକ ରାଜ୍ୟରେ ହିଁ ଅଛି
ନିମ୍ନ ସଦନର କାର୍ଯ୍ୟକାଳ	5 ବର୍ଷ	5 ବର୍ଷ
ଅଧ୍ୟକ୍ଷ(ନିମ୍ନ ସଦନ)	ବାଚସ୍ପତି	ବାଚସ୍ପତି
ବ୍ୟବସ୍ଥାପିକା କ୍ଷମତା	କେନ୍ଦ୍ର ତାଲିକା ଓ ଯୁଗ୍ମ ତାଲିକାଭୁକ୍ତ ବିଷୟରୁ ଆଇନ ପ୍ରଣୟନ.	ରାଜ୍ୟ ତାଲିକା ଭୁକ୍ତ ଓ ଯୁଗ୍ମ ତାଲିକା ଭୁକ୍ତ ବିଷୟରୁ ଆଇନ ପ୍ରଣୟନ
ଆର୍ଥିକ କ୍ଷମତା	ଅର୍ଥ ବିଧେୟକ କେବଳ ଲୋକସଭାରୁ ଆରମ୍ଭ ହୁଏ	ଅର୍ଥ ବିଧେୟକ କେବଳ ବିଧାନ ସଭାରୁ ଆରମ୍ଭ ହୁଏ

ରାଜ୍ୟ ବ୍ୟବସ୍ଥାପିକାର ସଂରଚନା

କେନ୍ଦ୍ର ବ୍ୟବସ୍ଥାପିକା ପରି ନହୋଇ ରାଜ୍ୟ ବ୍ୟବସ୍ଥାପିକା **ଏକ ସଦନୀୟ**(କେବଳ ଗୋଟିଏ ମାତ୍ର ସଦନ) କିମ୍ବା **ଦ୍ୱି-ସଦନୀୟ** (ଦୁଇଟି ସଦନ ଯୁକ୍ତ) ହୋଇଥାଏ । ଏହାର ବ୍ୟବସ୍ଥାପିକା ସଦନ 'ବିଧାନସଭା' ନାମରେ ନାମିତ । ଦ୍ୱିସଦନ ବିଶିଷ୍ଟ ରାଜ୍ୟରେ ଦ୍ୱିତୀୟ ସଦନଟି 'ବିଧାନ ପରିଷଦ' ନାମରେ ନାମିତ । ଦୁଇଟି ସଦନ ଥିବା ବ୍ୟବସ୍ଥାପିକା ରାଜ୍ୟଗୁଡ଼ିକ ହେଲା ଆନ୍ଧ୍ର ପ୍ରଦେଶ, ବିହାର, କର୍ଣ୍ଣାଟକ, ମହାରାଷ୍ଟ୍ର, ତେଲେଙ୍ଗାନା ଏବଂ ଉତ୍ତର ପ୍ରଦେଶ । ଏତଦ୍‌ଭିନ୍ନ ଅନ୍ୟ ରାଜ୍ୟଗୁଡ଼ିକ ଏକ ସଦନୀୟ ଅଟେ ।



ଚିତ୍ର. 7.12. ବିଧାନ ସୌଧ କର୍ଣ୍ଣାଟକର ବିଧାନ ସଭାକୁ ଆଶ୍ରୟ ଦେଇଅଛି । ଏହି ଭବନଟିକୁ କେଙ୍ଗଲ୍ ହନୁମାନ୍ତାୟାଙ୍କ ଦ୍ୱାରା ପରିକଳ୍ପନା କରାଯାଇଥିଲା । ସେ ଜଣେ ସ୍ୱାଧୀନତା ସଂଗ୍ରାମୀ ଏବଂ ସମ୍ବିଧାନ ସଭାର ସଦସ୍ୟ ଥିଲେ । ସେ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ଏବଂ ପରେ ସଂସଦର ସଦସ୍ୟ ମଧ୍ୟ ଥିଲେ ।

ଆସ ଅନୁସନ୍ଧାନ କରିବା

ତୁମ ରାଜ୍ୟର ବ୍ୟବସ୍ଥାପିକା କିପରି ଅଟେ ?

ବ୍ୟବସ୍ଥାପିକାର ସଫଳ କାର୍ଯ୍ୟାନ୍ୱୟନ ପ୍ରତି ଆହ୍ୱାନ

ଆମେ ଜାଣିଛେ, ଭାରତର ବ୍ୟବସ୍ଥାପିକା (କେନ୍ଦ୍ର ସଂସଦ ଓ ରାଜ୍ୟ ବିଧାନସଭା ସହିତ) ଆଇନ ପ୍ରଣୟନ, ପ୍ରଶାସନିକ କାର୍ଯ୍ୟ ତଦାରଖ ଏବଂ ବଜେଟ୍ ଅନୁମୋଦନ ଆଦି ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥାନ୍ତି । ଏହା ମଧ୍ୟ ଜାତୀୟ ନୀତି, ବିକାଶମୂଳକ ଯୋଜନା ପ୍ରସ୍ତୁତି, ଆନ୍ତର୍ଜାତୀୟ ସମ୍ପର୍କ ଏବଂ ଜନ ଅଭିଯୋଗ ଶୁଣାଣି ଆଦିର ଆଲୋଚନା ନିମନ୍ତେ କ୍ଷେତ୍ର ପ୍ରସ୍ତୁତ କରିଥାଏ । ଅବଶ୍ୟ ଏସବୁ କାର୍ଯ୍ୟ କରୁଥିବା ସମୟରେ ବ୍ୟବସ୍ଥାପିକା କେତେକ ଆହ୍ୱାନ ବା ସମସ୍ୟାର ସାମନା କରିଥାଏ । ସଦସ୍ୟମାନଙ୍କର ଲଗାତର ଅନୁପସ୍ଥିତି, ଅସହଯୋଗ ମନୋବୃତ୍ତି ଓ ଯୋଗାଯୋଗ, ମୁଖ୍ୟ ବିତର୍କରେ ଗୁଣାତ୍ମକତା ହ୍ରାସ ଏବଂ ପ୍ରଶ୍ନ କାଳର ବାରମ୍ବାର ବ୍ୟାଘାତ ସୃଷ୍ଟି ଆଦି ଏହାର କେତେକ ଉଦାହରଣ ।

ସାଧାରଣତଃ ଭାରତର ସଂସଦର ବୈଠକ ବର୍ଷରେ ତିନିଥର ବସିଥାଏ । ଏହି ବୈଠକକୁ **'ଅଧିବେଶନ'** କୁହାଯାଏ – ବଜେଟ୍ ଅଧିବେଶନ, ମୌସୁମୀ ଅଧିବେଶନ ଏବଂ ଶୀତକାଳୀନ ଅଧିବେଶନ । ପ୍ରତ୍ୟେକ ଅଧିବେଶନରେ ପ୍ରସ୍ତାବିତ ଆଇନର ବିଷୟ ବିମର୍ଶ, ମୁଖ୍ୟ ଶାସନ ବିଷୟକ ଆଲୋଚନା ଏବଂ କାର୍ଯ୍ୟପାଳିକା ଠାରୁ ତାଙ୍କର ନିଷ୍ପତ୍ତି ଓ କାର୍ଯ୍ୟଧାରା ଉପରେ ସଂସଦ ସ୍ପଷ୍ଟୀକରଣ ମାଗିଥାଏ । ସାଧାରଣତଃ ସଂସଦ ଦୈନିକ ପ୍ରାୟ 6 ଘଣ୍ଟା କାର୍ଯ୍ୟ କରିଥାଏ । ଆବଶ୍ୟକସ୍ଥଳେ, କେତେକ ବିଶେଷ କ୍ଷେତ୍ରରେ କିମ୍ବା ଜରୁରୀ ଆଲୋଚନାର ପୂର୍ଣ୍ଣତା ନିମନ୍ତେ ଦୈନିକ କାର୍ଯ୍ୟ ସୀମା ବୃଦ୍ଧି କରାଯାଇପାରେ । ରାଜ୍ୟ ବିଧାନସଭାଗୁଡ଼ିକ ମଧ୍ୟ ସମାନ ଧାରଣରେ କାର୍ଯ୍ୟ କରିଥାନ୍ତି ।

ଉତ୍ପାଦିକତା: ଲୋକସଭା କିମ୍ବା ରାଜ୍ୟସଭାର ସ୍ଥିରୀକୃତ ସମୟ ନିର୍ଘଣ୍ଟ ମଧ୍ୟରୁ ବାସ୍ତବରେ କେତେ ଘଣ୍ଟା ଆଲୋଚନାରେ ଅତିବାହିତ ହୋଇଛି, ତାହା ହିଁ ସଂସଦ ପ୍ରସଙ୍ଗରେ ଉତ୍ପାଦିକତାର ମାପକ ।

ଆସ ଅନୁସନ୍ଧାନ କରିବା

→ ନିମ୍ନ ସାରଣୀରେ ଦିଆଯାଇଥିବା ତଥ୍ୟ ଅନୁଶୀଳନ କର । ସଂସଦର ଅତିରିକ୍ତ ସମୟ କାର୍ଯ୍ୟ ନିର୍ଘଣ୍ଟ ସମ୍ବନ୍ଧରେ ତୁମେ କେଉଁ ନିଷ୍କର୍ଷରେ ପହଞ୍ଚିବ ? ନିକଟ ଅତୀତର କେତେକ ତଥ୍ୟ ସଂକଳନ କର ।

ଲୋକସଭାର ସମୟ ସୀମା	ଅଧିବେଶନ ସଂଖ୍ୟା	ବୈଠକ ସଂଖ୍ୟା
1ମ ଲୋକସଭା (1952-1957)	14	677
2ୟ ଲୋକସଭା (1957-1962)	16	567
10ମ ଲୋକସଭା (1991-1996)	16	423
13ଶ ଲୋକସଭା (1999-2004)	14	356

→ ରାଜ୍ୟସଭାର ପୂର୍ବତନ ଅଧ୍ୟକ୍ଷ ଏମ୍.ଭେଙ୍କୟା ନାଇଡୁ 2021 ମସିହାରେ ଦେଇଥିବା ନିମ୍ନ ବକ୍ତବ୍ୟଟି ପାଠ କର: ''...2004 ମସିହା ଠାରୁ 2014 ମସିହା ମଧ୍ୟରେ ରାଜ୍ୟସଭାର ଉତ୍ପାଦିକତା ପାଖାପାଖି 78 ପ୍ରତିଶତ ଥିଲା ଏବଂ ତାହା ପରଠାରୁ ହ୍ରାସ ପାଇ ଏହା ଏବେ 65 ପ୍ରତିଶତରେ ପହଞ୍ଚିଲାଣି । (ସେ ସଭାପତିତ୍ୱ କରିଥିବା) 11ଟି ଅଧିବେଶନ ମଧ୍ୟରୁ 4ଟି ନିମ୍ନ ଉତ୍ପାଦିକତା 6.80 ପ୍ରତିଶତ, 27.30 ପ୍ରତିଶତ, 28.90 ପ୍ରତିଶତ ଏବଂ 29.55 ପ୍ରତିଶତ ବିଶିଷ୍ଟ ଥିଲା। । 2018 ମସିହାରେ ରାଜ୍ୟସଭା ସର୍ବନିମ୍ନ ଉତ୍ପାଦିକତା -35.75 ପ୍ରତିଶତ ରହିଥିଲା ଯାହା ବିଭିନ୍ନ ବ୍ୟାଘାତ ଦ୍ୱାରା ପ୍ରଭାବିତ ।'' ଏହି ବକ୍ତବ୍ୟରୁ ତୁମେ କେଉଁ ନିଷ୍ପତ୍ତିରେ ପହଞ୍ଚିଲ ? ଏହା ଦ୍ୱାରା ରାଜ୍ୟସଭାର ସମ୍ଭାବ୍ୟ ଭୂମିକା ଉପରେ କି ପ୍ରଭାବ ପଡୁଛି ?

ସଂସଦ ଏବଂ ରାଜ୍ୟ ବିଧାନସଭା ଗୁଡ଼ିକ ଜନସ୍ୱାର୍ଥରେ ପ୍ରଣୀତ ଆଇନ ନିମନ୍ତେ ତର୍କ ଓ ଆଲୋଚନାର ଏକ ପ୍ରକୃଷ୍ଟ ସ୍ଥାନ ବୋଲି କଳ୍ପନା କରାଯାଇଥିଲା । ମାତ୍ର ଯେତେବେଳେ ତର୍କରେ ବ୍ୟାଘାତ ସୃଷ୍ଟି ହୁଏ, ଅଧିବେଶନକୁ ସଙ୍କୁଚିତ କରାଯାଏ ଏବଂ କେତେକ ବିଧେୟକ ଆଲୋଚିତ ଓ ଗୃହୀତ ହେବାପାଇଁ ବର୍ଷ ବର୍ଷ ଲାଗେ, ସେତେବେଳେ ଏହା ଏକ ଚିନ୍ତାଜନକ ବିଷୟ ହୋଇପଡ଼େ ।

ଆସ ଅନୁସନ୍ଧାନ କରିବା

→ ମିଳିମିଶି ଏକ କ୍ଷୁଦ୍ର ପ୍ରକଳ୍ପ ନିଅ । ତୁମ ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳ ବ୍ୟବସ୍ଥାପିକାର କାର୍ଯ୍ୟକାରିତା ସମ୍ପର୍କିତ ତଥ୍ୟ ଏକାଠି କର ।

→ କୌଣସି ବିଧାୟକଙ୍କୁ ଦେଖାକର ଏବଂ ବିଧାନସଭାର ଆହ୍ୱାନ ସମ୍ପର୍କିତ ସୂଚନାଗୁଡ଼ିକ ତାଙ୍କଠାରୁ ସଂଗ୍ରହ କର ।

ସମାଜର କେତେକ ବର୍ଗର ଲୋକ ଚିନ୍ତା ପ୍ରକଟ କରୁଛନ୍ତି ଯେ, ଲୋକସଭାର ଅନେକ ପ୍ରତିନିଧିମାନଙ୍କ ଏକ ପ୍ରମୁଖ ଭାଗ ବିଭିନ୍ନ ଅପରାଧିକ ମାମଲାରେ ଅଭିଯୁକ୍ତ । ଏହାଛଡ଼ା ଅନେକ ଅଧିବେଶନରେ ସାଂସଦଙ୍କ ଉଗ୍ର ଏବଂ ପକ୍ଷପାତୀ ବିତର୍କ ଯୋଗୁଁ ସାଧାରଣ ଜନତାଙ୍କୁ ପ୍ରଭାବିତ କରୁଥିବା ବିଷୟଗୁଡ଼ିକର ସମାଧାନ ହୋଇପାରୁ ନାହିଁ । ମତଦାତାଙ୍କ ଆବଶ୍ୟକତାଗୁଡ଼ିକୁ ପହଞ୍ଚାଇବାରେ ଗଣମାଧ୍ୟମ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ସବୁ ସୁସ୍ଥ ଗଣତନ୍ତ୍ର ଗ୍ରହଣ କରୁଥିବା କେତେକ ସାଧାରଣ ରୀତିନୀତି ମଜାଳିଆ ଢଙ୍ଗରେ ନିମ୍ନ ବ୍ୟଙ୍ଗ ଚିତ୍ରଗୁଡ଼ିକ ପ୍ରତିପାଦନ କରୁଛି ।



ଚିତ୍ର.7.13. (କ) ମୌସୁମୀ ଅଧିବେଶନ: ଘଡ଼ଘଡ଼ି, ବିଜୁଳି, ଝଡ଼ ଆଶା କରୁ : ଏହା ମୌସୁମୀ ଅଧିବେଶନ



ଚିତ୍ର.7.13. (ଖ) ପ୍ରାର୍ଥୀଙ୍କ ନାମାଙ୍କନ ପତ୍ରଗୁଡ଼ିକର ଯାଞ୍ଚ


ତଥାପି, ଯେତେବେଳେ ନାଗରିକମାନେ ଅଧିକ ସୂଚନା ସହିତ ଯୋଡ଼ି ହୋଇ ରହନ୍ତି, ସେତେବେଳେ ଗଣତନ୍ତ୍ର ଶକ୍ତିଶାଳୀ ହୋଇଥାଏ । ବିଭିନ୍ନ ପ୍ରଶ୍ନ, ମତାମତର ଆଦାନ ପ୍ରଦାନ ଏବଂ ସାଧାରଣ ଆଲୋଚନାରେ ଭାଗ ନେଇ ଜନସାଧାରଣ ଭଲ ନୀତି ଗ୍ରହଣରେ ସହାୟତା କରିଥାନ୍ତି । ତେଣୁ ନାଗରିକମାନେ ଅଧିକ ମାତ୍ରାରେ ସାମାଜିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସମ୍ବନ୍ଧୀୟ ସୂଚନା ରଖିବା, ନୀତି ନିର୍ଦ୍ଧାରଣ ସମୟରେ ବିଭିନ୍ନ ସରକାରୀ ବିଭାଗର 'ଡିଜିଟାଲ୍ ସ୍ପେସ୍'ରେ କିମ୍ବା ସର୍ବସାଧାରଣ ବିତର୍କରେ ଅଂଶଗ୍ରହଣ କରିବା ଏବଂ ରାଜନୈତିକ ପ୍ରତିନିଧିଙ୍କ ସହିତ ନୀତି ସମ୍ପର୍କିତ କାର୍ଯ୍ୟରେ ଗଠନମୂଳକ ଯୋଗଦାନ କରିବା ହିଁ ଭାରତ ସାମନା କରୁଥିବା ବିଭିନ୍ନ ଆହ୍ୱାନ ସମାଧାନର ସର୍ବୋତ୍ତମ ଉପାୟ ।

ଅନେକ ଯୁବ ନେତା ତଥା ଭିନ୍ନ ଭିନ୍ନ ମତ ସାଧାରଣ ଜନଜୀବନରେ ପ୍ରବେଶ କରୁଅଛି ଏବଂ ବୈଷୟିକ ଜ୍ଞାନକୌଶଳ ଶାସନ ସହ ଶାସିତଙ୍କୁ ଯୋଡ଼ିବା ସହଜ କରି ଦେଇଛି । ଭବିଷ୍ୟତର ମତଦାତା ରୂପେ, ତୁମର ପସନ୍ଦ ଏବଂ ଅଂଶଗ୍ରହଣ ଆମ ସଂସଦ ଏବଂ ତୁମେ ବସବାସ କରୁଥିବା ରାଜ୍ୟ ବିଧାନସଭାର ଗୁରୁତ୍ୱ ବଢ଼ାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିବ ଏବଂ ସବୁଲୋକଙ୍କୁ ଗଣତନ୍ତ୍ର ସେବା ସୁନିଶ୍ଚିତ କରିବ ।

ମନେ ରଖ

→ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଲୋକସଭାରେ ଏକ ବକ୍ତବ୍ୟ ସମୟରେ କହିଥିଲେ: ସାର୍‌କାର ଆୟେଙ୍ଗେ ଜାୟେଙ୍ଗେ, ପାର୍ଟିଆ ବାନେଗି, ବିଗାଡ୍‌ଦେଙ୍ଗେ, ଲେକିନ୍ ଏ ଦେଶ୍ ରେହେନା ଚାହିୟେ, ଇସ୍ ଦେଶ୍‌କା ଲୋକ୍‌ତାନ୍ତ୍ର ରେହେନା ଚାହିୟେ ।'' (''ସରକାର ଆସିବେ ଓ ଯିବେ, ରାଜନୈତିକ ଦଳ ଗଢ଼ା ହେବେ, ନଷ୍ଟ ମଧ୍ୟ ହେବେ । କିନ୍ତୁ ଆମ ଦେଶ ରହିବା ଉଚିତ, ଏ ଦେଶର ଲୋକତନ୍ତ୍ର ଅମର ରହିବା ଉଚିତ ।'')

→ ଗଣତନ୍ତ୍ରରେ ଆମ ସଂସଦ ଏବଂ ନେତାଙ୍କ ଭୂମିକା ସମ୍ବନ୍ଧରେ ଏହା କେଉଁ ବାର୍ତ୍ତା ଦେଉଛି ବୋଲି ତୁମେ ଭାବୁଛ ? ରାଜନୈତିକ କ୍ଷମତା ପରିବର୍ତ୍ତନ ସତ୍ତ୍ୱେ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁରକ୍ଷିତ ରଖିବା କାହିଁକି ଗୁରୁତ୍ୱପୂର୍ଣ୍ଣ ?



ଚିତ୍ର. 7.14.
ଅଟଳ ବିହାରୀ ବାଜପେୟୀ



ଶେଷ କରିବା ପୂର୍ବରୁ...

→ କ୍ଷମତାର ବଣ୍ଟନ, ତର୍କଭିତ୍ତିକ ନିଷ୍ପତ୍ତି ଓ ନେତାମାନେ ଉତ୍ତରଦାୟୀ ରହିବା ଭାରତୀୟ ସଂସଦୀୟ ବ୍ୟବସ୍ଥା ସୁନିଶ୍ଚିତ କରେ ।

→ ବ୍ୟବସ୍ଥାପିକା ଆଇନ ପ୍ରଣୟନ କରେ, କାର୍ଯ୍ୟପାଳିକା ସେଗୁଡ଼ିକୁ କାର୍ଯ୍ୟକାରୀ କରେ ଏବଂ ସେମାନେ ସମ୍ବିଧାନ ଅନୁପାଳନ କରୁଛନ୍ତି ବୋଲି ନ୍ୟାୟପାଳିକା ସୁନିଶ୍ଚିତ କରେ ।

→ ସଂସଦ ଲୋକଙ୍କ ମତକୁ ପ୍ରତିନିଧିତ୍ୱ କରେ ଏବଂ ଆମ ଗଣତନ୍ତ୍ର ସଂଘୀୟ ଭାବନା ପ୍ରତିଫଳନ କରେ ।

→ ପ୍ରତିନିଧିତ୍ୱ, ଦାୟିତ୍ୱ ଓ ସମନ୍ୱୟ ମଧ୍ୟରେ ସନ୍ତୁଳନ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସ୍ତରରେ ସଂସ୍ଥାମାନ ଗଢ଼ାଯାଇଛି ।

→ ସଂସ୍ଥାଗତ ନିୟନ୍ତ୍ରଣ ଓ ସନ୍ତୁଳନ, ନାଗରିକ ଅଧିକାର ସୁରକ୍ଷା ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ରକ୍ଷା କରିବାରେ ସହାୟତା କରେ ।

→ ଦେଶର ଉନ୍ନତି ଅବ୍ୟାହତ ରହିବାପାଇଁ ସଂସଦର କାର୍ଯ୍ୟାବଳୀ ଅଧିକ ଦକ୍ଷ ଓ ଫଳପ୍ରଦ ହେବା ଆବଶ୍ୟକ ।

ପ୍ରଶ୍ନାବଳୀ, ଅଭ୍ୟାସ କାର୍ଯ୍ୟ ଏବଂ ପ୍ରକଳ୍ପ



1. ଲୋକସଭାର ପ୍ରଶ୍ନକାଳ କିପରି ସଂସଦ ଓ କାର୍ଯ୍ୟପାଳିକା ମଧ୍ୟରେ ସମ୍ପର୍କକୁ ଶକ୍ତିଶାଳୀ କରେ ?

   କ) ସାଂସଦମାନେ ମନ୍ତ୍ରୀମାନଙ୍କୁ ସିଧାସଳଖ ପ୍ରଶ୍ନ କରିବାକୁ ସୁଯୋଗ ଦେଇ ( )

   ଖ) ମନ୍ତ୍ରୀମାନଙ୍କୁ ନିର୍ବାଚିତ ପ୍ରତିନିଧିମାନଙ୍କ ସମ୍ମୁଖରେ ନିଜ କାର୍ଯ୍ୟର ଯୁକ୍ତି ସ୍ପଷ୍ଟ କରିବାକୁ ସକ୍ଷମ କରି

   ଗ) ଶାସନରେ ପାରଦର୍ଶିତା ଓ ଦାୟିତ୍ୱବୋଧକୁ ପ୍ରୋତ୍ସାହନ ଦେଇ

   ଘ) ଉପରୋକ୍ତ ସମସ୍ତ

2. ନିମ୍ନ ଲିଖିତ ମଧ୍ୟରୁ ଲୋକସଭା ଓ ରାଜ୍ୟସଭା ମଧ୍ୟରେ ଏକ ମୁଖ୍ୟ ବ୍ୟାଖ୍ୟାଟି କ'ଣ ? ( )

   କ) ଲୋକସଭା: ସିଧାସଳଖ ଭାବେ ନିର୍ବାଚିତ, ରାଜ୍ୟସଭା: ରାଜ୍ୟ ବିଧାନ ସଭା ଦ୍ୱାରା ନିର୍ବାଚିତ

   ଖ) ଲୋକସଭା: ସ୍ଥାୟୀ ସଭା, ରାଜ୍ୟସଭା: ବିଘଟିତ ହୋଇପାରେ

   ଗ) ଲୋକସଭା: ରାଜ୍ୟମାନଙ୍କୁ ପ୍ରତିନିଧିତ୍ୱ କରେ, ରାଜ୍ୟସଭା: ଲୋକମାନଙ୍କୁ ପ୍ରତିନିଧିତ୍ୱ କରେ

   ଘ) ଲୋକସଭା: 6 ବର୍ଷ, ରାଜ୍ୟସଭା: 5 ବର୍ଷ

3. ଆପଣଙ୍କ ରାଜ୍ୟରୁ ସଂସଦର ପ୍ରତ୍ୟେକ ସଦନରେ କେତେ ଜଣ ପ୍ରତିନିଧି ଅଛନ୍ତି ତାହା ଚିହ୍ନଟ କର ।

4. ଭାରତର ସଂସଦ ''ଲୋକଙ୍କ ମତ''କୁ କିପରି ଦର୍ଶାଏ ? ଭିନ୍ନ ଭିନ୍ନ ମତ ଉପସ୍ଥାପନା ବୋଲି ଏହା କିପରି ସୁନିଶ୍ଚିତ କରେ ?

5. ସମ୍ବିଧାନ କାର୍ଯ୍ୟପାଳିକାକୁ ବ୍ୟବସ୍ଥାପିକା ନିକଟରେ ଉତ୍ତରଦାୟୀ କରିଛି ବୋଲି ତୁମେ କାହିଁକି ଭାବୁଛ ?

6. ଆମେ କେନ୍ଦ୍ର ସ୍ତରରେ ଦ୍ୱିସଦନୀୟ ବ୍ୟବସ୍ଥାପିକା କାହିଁକି ଗ୍ରହଣ କରିଛେ ?

7. ମନେକର ତମେ ଏକ ସାମାଜିକ ସଚେତନତାର ରିପୋର୍ଟ ପ୍ରସ୍ତୁତ କରୁଛ, ଯେପରି ସିଙ୍ଗଲ-ୟୁଜ୍-ପ୍ଲାଷ୍ଟିକ୍‌କୁ ନିଷେଧ କରିବା ଭଳି ଏକ ନୂତନ ପରିବେଶ ଆଇନ କିପରି ତିଆରି ହୁଏ, ଯାହା ବିଧାନସଭା ଦ୍ୱାରା ପ୍ରସ୍ତୁତ ହୋଇ କାର୍ଯ୍ୟପାଳିକା ଦ୍ୱାରା ଲାଗୁହୁଏ । ଏହି ପ୍ରକ୍ରିୟାରେ ପ୍ରତ୍ୟେକ ଶାଖାର ଭିନ୍ନ ଭୂମିକାକୁ ସ୍ପଷ୍ଟ କରୁଅଛି ?

8. ପ୍ରବଳ ସମର୍ଥନରେ ମହିଳା ସଂରକ୍ଷଣ ବିଧେୟକ, 2023 ଗୃହୀତ ହେଲା । ଅନେକ ବର୍ଷ ଧରି ଆଲୋଚନା ହୋଇଥିଲେ ମଧ୍ୟ ଏହା ଗୃହୀତ ହେବାକୁ 25 ବର୍ଷରୁ ଅଧିକ ସମୟ ନେବାର କାରଣ କ'ଣ ହୋଇପାରେ ?

9. ବେଳେବେଳେ ସଂସଦୀୟ କାର୍ଯ୍ୟକଳାପରେ ବ୍ୟାଘାତ ଯୋଗୁଁ ଏହା ଧାର୍ଯ୍ୟ ଦିନ ପର୍ଯ୍ୟନ୍ତ କାର୍ଯ୍ୟ କରିପାରେ ନାହିଁ । ଆଇନର ଗୁଣବତ୍ତା ଏବଂ ଲୋକମାନେ ସେମାନଙ୍କ ପ୍ରତିନିଧିଙ୍କ ଉପରେ ରଖୁଥିବା ଆସ୍ଥା ଏହା ଦ୍ୱାରା କିପରି ପ୍ରଭାବିତ ହୋଇଥାଏ ବୋଲି ତୁମେ ଭାବୁଛ ?

10. ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ 'ସ୍ୱାର୍ଥାନ୍ୱେଷୀ' ଗୋଷ୍ଠୀ ଗଠନ କରି ତୁମେ ତୁମ ସାଂସଦ କିମ୍ବା ବିଧାୟକଙ୍କୁ ପଚାରିବା ନିମନ୍ତେ କେତେକ ପ୍ରଶ୍ନର ତାଲିକା ପ୍ରସ୍ତୁତ କରିପାରିବ କି ? ଏହି ପ୍ରଶ୍ନ ସାଂସଦ କିମ୍ବା ବିଧାୟକଙ୍କ କ୍ଷେତ୍ରରେ କିପରି ଭିନ୍ନଭିନ୍ନ ହୋଇପାରିବ ?

11. ଭାରତୀୟ ଗଣତନ୍ତ୍ରରେ ନ୍ୟାୟପାଳିକା କେଉଁ ଭୂମିକା ତୁଲାଇ ଥାଏ? ଏକ ସ୍ୱାଧୀନ ନ୍ୟାୟପାଳିକା ନଥିଲେ ଆମ ପାଇଁ କ'ଣ ଅସୁବିଧା ହୋଇଥାନ୍ତା ?

12. ସଂସଦ ଦ୍ୱାରା ପାସ୍ ହୋଇଥିବା ଏକ ବିଲ୍‌ର ପ୍ରକ୍ରିୟାକୁ ଅନୁସରଣ କର । ଏହା କେଉଁ ସଦନରେ ପ୍ରଥମେ ପ୍ରସ୍ତୁତ ହୋଇଥିଲା । କୌଣସି ମୁଖ୍ୟ ଆଲୋଚନା କିମ୍ବା ମତଭେଦ ଥିଲା କି ? ବିଧେୟକ ଆଇନ ହେବାକୁ କେତେ ସମୟ ନେଲା ? ଖବର କାଗଜ, ସରକାରୀ ୱେବ୍‌ସାଇଟ୍ ଓ ଲୋକସଭାର ଆଲୋଚନାକୁ ବ୍ୟବହାର କର କିମ୍ବା ତୁମ ଶିକ୍ଷକଙ୍କୁ ପଚାରି ବୁଝ ।

13. ନିକଟରେ ସଂସଦ ଦ୍ୱାରା ଗୃହୀତ ଏକ ଆଇନ ବାଛିନିଅ । ତୁମେମାନେ ଭିନ୍ନ ଭିନ୍ନ ଦଳ ଗଢ଼ି ଏହି ପ୍ରକ୍ରିୟାର ବିଭିନ୍ନ ଭାଗର ଅଭିନୟ କର – ବିତର୍କରତ ଲୋକସଭା ଏବଂ ରାଜ୍ୟସଭା ସାଂସଦ, ଉତ୍ତରଦେଉଥିବା ମନ୍ତ୍ରୀ ଏବଂ ସ୍ୱୀକୃତି ଦେଉଥିବା ରାଷ୍ଟ୍ରପତି । ବିଧେୟକ କିପରି ଆଇନରେ ପରିଣତ ହୁଏ ଦର୍ଶାଇବା ପାଇଁ ଏକ ଲଘୁ ନାଟକ ଉପସ୍ଥାପନ ମାଧ୍ୟମରେ ଏକ 'ଆଦର୍ଶ ସଂସଦ' ପରିବେଷଣ କର ।

ଅଧ୍ୟାୟ
8

ଉତ୍ପାଦନର କାରକ

L5Y8W3

ଶିକ୍ଷଣ ଫଳାଫଳ

ଶିକ୍ଷାର୍ଥୀମାନେ ଏହା କରିପାରିବେ :

- → ସମ୍ବଳର ଗୁରୁତ୍ୱ ଏବଂ ସେଗୁଡ଼ିକର ବିବେକପୂର୍ଣ୍ଣ ବ୍ୟବହାରର ଆବଶ୍ୟକତା ବୁଝିପାରିବେ । (CG - 1)
- → ଲୋକମାନଙ୍କୁ ଏକ ସମ୍ବଳ ଭାବରେ ଚିହ୍ନଟ କରିପାରିବେ । (CG - 1)
- → ଉତ୍ପାଦନରେ ପୁଞ୍ଜି ଓ ବୈଷୟିକ ଜ୍ଞାନକୌଶଳର ଗୁରୁତ୍ୱ ଏବଂ ଉଦ୍ୟୋକ୍ତାମାନଙ୍କ ଭୂମିକା ବ୍ୟାଖ୍ୟା କରିପାରିବେ । (CG - 9)
- → ଦ୍ରବ୍ୟ ଏବଂ ସେବା ଉତ୍ପାଦନରେ ଉତ୍ପାଦନର କାରକଗୁଡ଼ିକର ପାରସ୍ପରିକ ନିର୍ଭରଶୀଳତା ବିଶ୍ଳେଷଣ କରିପାରିବେ । (CG - 9)

''ଭୂମି, ଶ୍ରମ ଓ ପୁଞ୍ଜିର ଅଧିକ କୁଶଳ ବ୍ୟବହାର ଦ୍ୱାରା ହିଁ ଭାରତ ପରି ଏକ ଦେଶରେ ଅଭିବୃଦ୍ଧି ଓ ଉତ୍ପାଦିକତାର ସର୍ବୋତ୍ତମ ଅବଦାନ ସମ୍ଭବ, ସୁତରାଂ ଏହି କାରକଗୁଡ଼ିକୁ ଅଧିକ କୁଶଳତାର ସହ ବ୍ୟବହାର କରାଯିବା ଉଚିତ ।''

*- **ବିବେକ ଦେବରାୟ**, ଅଧ୍ୟକ୍ଷ, ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦ(2017-24)*



ମୁଖ୍ୟ ପ୍ରଶ୍ନାବଳୀ ?

1. ଉତ୍ପାଦନର କାରକଗୁଡ଼ିକ କ'ଣ ?
2. ସେହି କାରଗଗୁଡ଼ିକ କିପରି ପରସ୍ପର ସହ ସମ୍ପର୍କିତ ?
3. ଉତ୍ପାଦନରେ ମାନବ ପୁଞ୍ଜିର ଭୂମିକା କ'ଣ ଏବଂ ଏହାର ପ୍ରବର୍ଦ୍ଧକଗୁଡ଼ିକ କ'ଣ ?



ଚିତ୍ର.୫.୨ କିଛି ସାମଗ୍ରୀ ଉତ୍ପାଦନ ଉପରେ ଏକ ଦୃଷ୍ଟିପାତ ।

ଉପକ୍ରମ

ତୁମେ ବ୍ୟବହାର କରୁଥିବା ପୋଷାକ, ଜୋତା, ସ୍କୁଲ ବ୍ୟାଗ, ଘର ଆସବାବପତ୍ର, ଫୋନ, କମ୍ପ୍ୟୁଟର ଆଦି କିପରି ତିଆରି ହୁଏ, ଏ ବିଷୟରେ କେବେ ଚିନ୍ତା କରିଛ କି ? ତୁମ ଚାରିପାଖରେ ଥିବା ପ୍ରତ୍ୟେକ ଉତ୍ପାଦ ଏକ ଉତ୍ପାଦନ ପ୍ରକ୍ରିୟାରେ ଗତିକରି ଶେଷରେ ତୁମ ପାଖରେ ପହଞ୍ଚିଥାଏ । ଉତ୍ପାଦନ ପ୍ରକ୍ରିୟାରେ ବୃଢ଼ାନ୍ତ ଉତ୍ପାଦ ପାଇଁ ଅନେକ ସମ୍ବଳ ବା ସାଧନ ଆବଶ୍ୟକ ପଡ଼ିଥାଏ । ଦ୍ରବ୍ୟ ଓ ସେବା ଉତ୍ପାଦନରେ ବ୍ୟବହୃତ ସମ୍ବଳ ବା ସାଧନଗୁଡ଼ିକୁ *ଉତ୍ପାଦନର କାରକ(**factors of production**)* ବୋଲି କୁହାଯାଏ ।

ସହର ଉପକଣ୍ଠରେ 'ପାଉଜ୍ ପଏଣ୍ଟ୍' ନାମକ ଏକ ଛୋଟ ଭୋଜନାଳୟ ଚଳାଉଥିବା ରନ୍ନା ବିଷୟରେ ଆସ ଜାଣିବା । ସ୍ୱାଦିଷ୍ଟ ଓ ଉଚ୍ଚମାନର ଖାଦ୍ୟ ପାଇଁ ରାଜପଥ ଯାତ୍ରୀଙ୍କ ମଧ୍ୟରେ ଏହି ଭୋଜନାଳୟ ଅତ୍ୟନ୍ତ ଲୋକପ୍ରିୟ । 'ପାଉଜ୍ ପଏଣ୍ଟ୍' ଭୋଜନାଳୟ ପରିଚାଳନାରେ ରନ୍ନାକୁ ସାତ ଜଣ କର୍ମଚାରୀ ସହାୟତା କରନ୍ତି । ଯେତେବେଳେ ସେ ପାଞ୍ଚ ବର୍ଷ ପୂର୍ବେ ଏହାକୁ ଆରମ୍ଭ କରିଥିଲେ, ସେତେବେଳେ ତାଙ୍କୁ ସ୍ଥାନ ବାଛିବା, ଭଡ଼ା ଏବଂ ଉପକରଣ ପାଇଁ ଅର୍ଥ ଯୋଗାଡ଼ କରିବା, କର୍ମଚାରୀ ନିଯୁକ୍ତି କରିବା, ଆବଶ୍ୟକ ସାମଗ୍ରୀ କିଣିବା ଓ ସର୍ବୋପରି ନିଜର ସ୍ୱପ୍ନକୁ ସାକାର କରିବାପାଇଁ ଯୋଜନା କରିବା ଜରୁରୀ ଥିଲା ।

ବ୍ୟବସାୟ ଗୁଡ଼ିକ ଦ୍ରବ୍ୟ ଓ ସେବା ସୃଷ୍ଟି କରିବାପାଇଁ ବିଭିନ୍ନ ସାଧନ କିମ୍ବା ଉତ୍ପାଦନର କାରକଗୁଡ଼ିକୁ ଏକାଠି କରନ୍ତି । ଏହା ଲୋକଙ୍କୁ ଆର୍ଥିକ କାର୍ଯ୍ୟକଳାପରେ ନିୟୋଜିତ ହେବାର ସୁଯୋଗ ପ୍ରଦାନ କରିଥାଏ ।

ବ୍ୟବସାୟ: ଏକ ପ୍ରତିଷ୍ଠାନ, ଏକ ଦୋକାନ, ଏକ କାରଖାନା ଇତ୍ୟାଦି ଯାହା ସାମଗ୍ରୀ ଦ୍ରବ୍ୟ ଉତ୍ପାଦନ କିମ୍ବା ବିକ୍ରୟ କରିବା ସହିତ ସେବା ପ୍ରଦାନ କରିଥାଏ ।

ଆସ ଅନୁସନ୍ଧାନ କରିବା

→ ଗୋଟିଏ କ୍ଷୁଦ୍ର ଦଳ ଗଠନ କରି ତୁମ ଅଞ୍ଚଳର ଅର୍ଥନୈତିକ କାର୍ଯ୍ୟାବଳୀଗୁଡ଼ିକୁ ଅଧ୍ୟୟନ କର । କେଉଁ ପ୍ରକାର ଦ୍ରବ୍ୟ ଓ ସେବା ଏଠାରେ ପ୍ରସ୍ତୁତ ହେଉଛି ବା ଯୋଗାଇ ଦିଆଯାଇଛି ?

→ ଏଠାରେ ଲତା, ଆଶା, ମୋହନ ଓ କିରଣ ମିଶି ଏକ କ୍ଷୁଦ୍ର ତାଲିକା ପ୍ରସ୍ତୁତ କରିଛନ୍ତି । ତୁମେ ଏହିପରି ଏକ ଦୋକାନ ପାଇଁ ନିଜ ପସନ୍ଦର ତାଲିକାଟିଏ ପ୍ରସ୍ତୁତ କର ।

ଦୋକାନର ପ୍ରକାର	ଅଞ୍ଚଳରେ ସଂଖ୍ୟା	ଉପଲବ୍ଧ ଉତ୍ପାଦିତ ଦ୍ରବ୍ୟ କିମ୍ବା ସେବା ପ୍ରଦାନ	ଆବଶ୍ୟକ ବିଭିନ୍ନ ସାଧନ
କିରାଣା/ତେଜରାତି ଦୋକାନ	13	ଖାଦ୍ୟଶସ୍ୟ, ଖୀର, ପାଉଁରୁଟି ଇତ୍ୟାଦି	ପ୍ୟାକେଟ ଦ୍ରବ୍ୟ, ଶୀଘ୍ର ନଷ୍ଟ ହୋଇଯାଉଥିବା ଦ୍ରବ୍ୟ, ସଂରକ୍ଷଣ ସ୍ଥାନ ଇତ୍ୟାଦି
ଭୋଜନାଳୟ/ ଖାଦ୍ୟ ଷ୍ଟଲ୍	8	ରନ୍ଧନ ଖାଦ୍ୟ, ଜଳଖିଆ, ପାନୀୟ	ସାମଗ୍ରୀ, ଯଥା– କଞ୍ଚା ପନିପରିବା ଓ ଫଳ, ଗ୍ୟାସ୍, ବାସନକୁସନ, ରୋଷେୟା ସହାୟତାକାରୀ ଇତ୍ୟାଦି
ପରିବା ବେପାର	15	ତାଜା ପନିପରିବା ଓ ଫଳ	ତାଜା ପନିପରିବା, ଟୋକେଇ, ନିକିତି ବା ତରାଜୁ, ଠେଲାଗାଡ଼ି ବା ଷ୍ଟଲ୍ ଇତ୍ୟାଦି
ମୋବାଇଲ୍ ମରାମତିଦୋକାନ	4	ମୋବାଇଲ ମରାମତି ପାଇଁ ଦରକାରୀ ଉପକରଣ	ଯନ୍ତ୍ରପାତି, ଯନ୍ତ୍ରାଂଶ, ମୋବାଇଲର ଗଠନ ଓ କାର୍ଯ୍ୟ ସମ୍ପର୍କରେ ଜ୍ଞାନ ଓ ଦକ୍ଷତା ଇତ୍ୟାଦି
ସେଲୁନ୍/ପାରଲର୍	3	କେଶ କାଟିବା, ସଜବାଜ, ସୌନ୍ଦର୍ଯ୍ୟ ସେବା	କଇଁଚି, ମଲମ, ସୌନ୍ଦର୍ଯ୍ୟ ଉତ୍ପାଦ, ଜଳ, ବିଦ୍ୟୁତ୍ ଇତ୍ୟାଦି

ତୁମ ଦଳର ତଥ୍ୟକୁ ଅନୁଧ୍ୟାନ କରି, ନିମ୍ନୋକ୍ତ ବିଷୟରେ ଚିନ୍ତା କର:

→ ଲୋକମାନେ ସେମାନଙ୍କ ବ୍ୟବସାୟ ପାଇଁ ଆବଶ୍ୟକ ଅର୍ଥ କେଉଁଠାରୁ ପାଆନ୍ତି ?

→ କେଶ ସଜ୍ଜାକାରୀ କେଉଁଠାରୁ ତାଲିମ ପାଇଛନ୍ତି ?

→ ଖାଦ୍ୟ ବିକ୍ରେତାମାନଙ୍କୁ ରୋଷେଇ କରିବା କିଏ ଶିଖାଇଲା ?

→ ବ୍ୟବସାୟୀମାନେ ସେମାନଙ୍କର ବ୍ୟବସାୟ ଆରମ୍ଭ କରିବାକୁ କେଉଁଠୁ ପ୍ରେରଣା ପାଇଥିଲେ ?

ଅର୍ଥଶାସ୍ତ୍ରରେ, ଉତ୍ପାଦନ ପ୍ରକ୍ରିୟାରେ ବ୍ୟବହୃତ ସାଧନ କିମ୍ବା ଉତ୍ପାଦନର କାରକଗୁଡ଼ିକୁ ଚାରି ପ୍ରକାରରେ ବିଭକ୍ତ କରାଯାଇଛି ଯଥା: ଭୂମି, ଶ୍ରମ, ପୁଞ୍ଜି ଏବଂ ଉଦ୍ୟୋଗିକୀ । ପ୍ରଯୁକ୍ତିବିଦ୍ୟା ଏକ ସହାୟକ ଏବଂ ଗୁରୁତ୍ୱପୂର୍ଣ୍ଣ କାରକ ଭାବେ ବ୍ୟବସାୟଗୁଡ଼ିକୁ ସମାନ କିମ୍ବା କମ୍ ସାଧନ ସହିତ ଅଧିକ ସାମଗ୍ରୀ ଉତ୍ପାଦନ କରିବାକୁ ସକ୍ଷମ କରିଥାଏ । ଆସ, ପରବର୍ତ୍ତୀ ପାଠରେ ଏହି ସାଧନଗୁଡ଼ିକ ବିଷୟରେ ଅଧିକ ଜାଣିବା ।

ଉତ୍ପାଦନର କାରକ

ଭୂମି (ପ୍ରାକୃତିକ ସମ୍ବଳ)

ଅର୍ଥଶାସ୍ତ୍ରରେ 'ଭୂମି' ଶବ୍ଦଟି କେବଳ ପୃଥିବୀଗତ ଜମିକୁ ବୁଝାଏ ନାହିଁ, ବରଂ ଏହା ମୃତ୍ତିକା, ଜଙ୍ଗଲ, ଜଳ, ବାୟୁ, ସୂର୍ଯ୍ୟକିରଣ, ଖଣିଜ ପଦାର୍ଥ, ତେଲ ଏବଂ ପ୍ରାକୃତିକ ଗ୍ୟାସ ଭଳି ପ୍ରାକୃତିକ ସମ୍ବଳକୁ ଅନ୍ତର୍ଭୁକ୍ତ କରିଥାଏ । ପ୍ରାକୃତିକ ସମ୍ବଳ ଏବଂ ଏହାର ବ୍ୟବହାର ଉପରେ ଆଧାରିତ ଅଧ୍ୟାୟଟିକୁ ମନେ ପକାଅ । ଏଥିରେ ପ୍ରକୃତି ଆମକୁ ଉପହାର ଦେଇଥିବା ବିଭିନ୍ନ ପ୍ରକାର ସମ୍ବଳ ଏବଂ ଆମେ ସେଗୁଡ଼ିକୁ କିପରି ବ୍ୟବହାର କରୁ ତାହା ଆଲୋଚନା କରାଯାଇଥିଲା । ସାଧାରଣତଃ ବ୍ୟବସାୟ ପାଇଁ ଆବଶ୍ୟକୀୟ ଜମି କ୍ରୟ କରାଯାଇଥାଏ ବା ଏହାକୁ ବ୍ୟବହାର ପାଇଁ ଭଡ଼ା ସୂତ୍ରରେ ଆଣି ସମୟାନୁସାରେ ଦେୟ ଦେବାକୁ ପଡ଼ିଥାଏ ।

ଆସ ଅନୁସନ୍ଧାନ କରିବା

ତୁମେ ପ୍ରସ୍ତୁତ କରିଥିବା ତଥ୍ୟ ଭିତ୍ତିକ ସାରଣୀକୁ ଅନୁଧ୍ୟାନ କର । ସାରଣୀରେ ଥିବା କେଉଁ ଜିନିଷଗୁଡ଼ିକ 'ଭୂମି' ଆକାରରେ ଗ୍ରହଣ କରାଯାଇପାରିବ ?

ଶ୍ରମ (ମାନବ ସମ୍ବଳ)

ଉତ୍ପାଦନ ପାଇଁ ଶ୍ରମ ଅତ୍ୟାବଶ୍ୟକ । ଏଥିରେ ଶାରୀରିକ ଓ ମାନସିକ ପ୍ରୟାସ ଅନ୍ତର୍ଭୁକ୍ତ । ବଢ଼େଇ, କୃଷକ, ନିର୍ମାଣ ଶ୍ରମିକ, ଶିକ୍ଷକ ଏବଂ ଡାକ୍ତର ବିଭିନ୍ନ ସ୍ତରରେ ନିଜ ନିଜର ଶାରୀରିକ ଶକ୍ତି, ଜ୍ଞାନ ଓ ଦକ୍ଷତା ବ୍ୟବହାର କରିଥାନ୍ତି । ସମସ୍ତେ ସେମାନଙ୍କ ଅବଦାନ ନିୟମରେ ସମାଜର ଆବଶ୍ୟକତା ପାଇଁ ଦ୍ରବ୍ୟ ଏବଂ ସେବା ସୃଷ୍ଟି କରିବାରେ ସାହାଯ୍ୟ କରିଥାନ୍ତି ।

ମାନବ ହିଁ ସମ୍ବଳ

ମନୁଷ୍ୟ ନିଜର ଜ୍ଞାନ, ଦକ୍ଷତା ଓ ନିଷ୍ପତ୍ତି କ୍ଷମତା ପ୍ରୟୋଗ ଦ୍ୱାରା ଅର୍ଥନୈତିକ କାର୍ଯ୍ୟକଳାପ ଏବଂ ଉତ୍ପାଦନ ପ୍ରକ୍ରିୟାରେ ଦ୍ରବ୍ୟ, ସେବା ସୃଷ୍ଟିରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଉଦାହରଣ ସ୍ୱରୂପ, ଜଣେ ପୋଲିସ ଅଧିକାରୀ ଆଇନ ଶୃଙ୍ଖଳା ବଜାୟ ରଖନ୍ତି, ବୈଜ୍ଞାନିକ ନୂତନ ପ୍ରଯୁକ୍ତିବିଦ୍ୟା ଉଦ୍ଭାବନ କରନ୍ତି, ରୋଷେୟା ନୂତନ ଶୈଳୀରେ ବ୍ୟଞ୍ଜନ ପ୍ରସ୍ତୁତ କରିଥାନ୍ତି ଇତ୍ୟାଦି । ଭଲ ପ୍ରଦର୍ଶନ କରିବା ପାଇଁ ସମସ୍ତଙ୍କ ବିଶେଷ ଜ୍ଞାନ ଓ ଦକ୍ଷତା ଜରୁରୀ ଏବଂ ନିଶ୍ଚିତ ଭାବରେ, ପ୍ରତ୍ୟେକ ନିଜେ ନିଜର କାର୍ଯ୍ୟ ପ୍ରତି ଉତ୍ସର୍ଗୀକୃତ ହୋଇ ଉତ୍ତମ ପ୍ରଦର୍ଶନ କରିବା ଆବଶ୍ୟକ । 'ଶ୍ରମ' ଶବ୍ଦଟି ଉତ୍ପାଦନରେ ବ୍ୟବହୃତ ଶାରୀରିକ ଓ ମାନସିକ ପ୍ରୟାସକୁ ବୁଝାଏ ।

ଦକ୍ଷତା: ଅଭ୍ୟାସ ଓ ତାଲିମ୍ ଦ୍ୱାରା କୌଣସି କାର୍ଯ୍ୟକଳାପ ଭଲ ଭାବରେ କରିବାର କ୍ଷମତା ।



ଚିତ୍ର. ୪.୩ ଚା' ବଗିଚା ଶ୍ରମିକ



ଚିତ୍ର.୪.୪ ରାସାୟନିକ ଯନ୍ତ୍ରୀ(Chemical engineer)



ଚିତ୍ର. ୪.୫ କାଠ ମିସ୍ତ୍ରୀ



ଚିତ୍ର. ୪.୬ ସଫ୍ଟୱେୟାର ବିକାଶକର୍ତ୍ତା(Software developer)

କିନ୍ତୁ 'ମାନବ ପୁଞ୍ଜି' କହିଲେ ଶ୍ରମ କରିବା ପାଇଁ ଆବଶ୍ୟକୀୟ ବିଶେଷ ଦକ୍ଷତା, ଜ୍ଞାନ, କ୍ଷମତା ଏବଂ ପ୍ରବୀଣତାକୁ ବୁଝାଏ । ତେଣୁ, ମାନବ ପୁଞ୍ଜି କେବଳ ଶ୍ରମର ମୌଳିକ ପ୍ରୟାସ ନୁହେଁ, ବରଂ ଏହା ସେହି ଶ୍ରମର ଗୁଣବତ୍ତା ଓ ଦକ୍ଷତାକୁ ବୁଝାଇଥାଏ ।

ମାନବ ପୁଞ୍ଜିର ସହାୟକ

ଶିକ୍ଷା ଏବଂ ତାଲିମ

ଶିକ୍ଷା ବ୍ୟକ୍ତିବିଶେଷଙ୍କୁ ଜ୍ଞାନ ହାସଲ କରିବାରେ ସାହାଯ୍ୟ କରେ ଓ ମୌଳିକ ସାକ୍ଷରତା ଠାରୁ ଆରମ୍ଭ କରି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ପର୍ଯ୍ୟନ୍ତ ଏହାର ଭୂମିକା ରହିଛି । ତୁମେ ବିଦ୍ୟାଳୟରେ ଯାହାସବୁ ଶିକ୍ଷା ଲାଭ କର, ତାହା ତୁମର ଜ୍ଞାନକୁ ସମୃଦ୍ଧ କରିବା ସହିତ ତୁମକୁ ବାସ୍ତବ ଦୁନିଆର ସମସ୍ୟା ସମାଧାନ ପାଇଁ ପ୍ରସ୍ତୁତ କରେ । ଉଦାହରଣ ସ୍ୱରୂପ, ସିଭିଲ ଇଞ୍ଜିନିରିଂର ଛାତ୍ର ନିର୍ମାଣ କୌଶଳ ଏବଂ ବିଭିନ୍ନ ସାମଗ୍ରୀ ସମ୍ପର୍କରେ ଶିକ୍ଷା ଲାଭ କରେ ଏବଂ ଏହି ଶିକ୍ଷାକୁ ସେ ରାସ୍ତା ଏବଂ ସେତୁଭଳି ଭିତ୍ତିଭୂମି ନିର୍ମାଣରେ ପ୍ରୟୋଗ କରେ । ସ୍ଥାୟୀ, ସୁଲଭ ଓ ପରିବେଶ ଅନୁକୂଳ ସମାଧାନ ହାସଲ କରିବା ଏକ ଆହ୍ୱାନ । ନିର୍ମାଣସ୍ଥଳଗୁଡ଼ିକର ପର୍ଯ୍ୟବେକ୍ଷଣ, ବିଭିନ୍ନ ସାମଗ୍ରୀର ପରୀକ୍ଷଣ, ନିରାପତ୍ତା ଜନିତ ପ୍ରକ୍ରିୟା ଓ ପ୍ରତ୍ୟକ୍ଷ ପ୍ରୟୋଗ ତଥା ଶିକ୍ଷଣ ଆଦିର ତାଲିମ ମାଧ୍ୟମରେ ଏହା ହାସଲ କରିବା ସମ୍ଭବ ହୁଏ । ଶିକ୍ଷା ଓ ତାଲିମ ମାଧ୍ୟମରେ ମନୁଷ୍ୟ ନିଜ ଜୀବନରେ ଉତ୍କର୍ଷତା ଲାଭ କରିଥାଏ ।



ଚିତ୍ର. ୪.୭ ଶିକ୍ଷା ଏବଂ ତାଲିମ

ସ୍ୱାସ୍ଥ୍ୟସେବା

ଉତ୍ତମ ସ୍ୱାସ୍ଥ୍ୟ ବୁଦ୍ଧି, ଜ୍ଞାନ ବିକାଶର ମୂଳଦୁଆ । ଏହା ପିଲାମାନଙ୍କୁ ନିୟମିତ ବିଦ୍ୟାଳୟକୁ ଯାଇ ଉନ୍ନତ ଶିକ୍ଷା ଲାଭ କରିବାରେ ସାହାଯ୍ୟ କରେ । ସେହିପରି, ଶ୍ରମିକମାନେ ସ୍ୱାସ୍ଥ୍ୟବାନ ହେଲେ ଶାରୀରିକ ଓ ମାନସିକ ଭାବରେ ସର୍ବୋତ୍ତମ ଅବଦାନ ଦେଇପାରିବେ । ସେମାନେ କମ୍ ସମୟ ମଧ୍ୟରେ ଅଧିକ କାମ କରିପାରିବେ ଓ ସୃଜନଶୀଳ ହୋଇପାରିବେ । ଅସୁସ୍ଥତା ଯୋଗୁଁ ସେମାନଙ୍କୁ କାମରୁ ଦୂରେଇ ରହିବାକୁ ପଡ଼ିବ ନାହିଁ ।

ପ୍ରଶିକ୍ଷଣ ବା ତାଲିମ: *ଏହା ଏକ ନିର୍ଦ୍ଦିଷ୍ଟ କାମ କିମ୍ବା କାର୍ଯ୍ୟକଳାପ କରିବା ପାଇଁ ଆବଶ୍ୟକୀୟ କୌଶଳ ଶିଖିବାର ପ୍ରକ୍ରିୟା ।*
ଜ୍ଞାନାତ୍ମକ: *ଏହା ଶିଖିବା, ଜାଣିବା ଏବଂ ବୁଝିବାର ପ୍ରକ୍ରିୟାକୁ ବୁଝାଏ ।*

ଏହା ବିଷୟରେ ଚିନ୍ତାକର

ଡାକ୍ତରଖାନା, ପ୍ରାଥମିକ ସ୍ୱାସ୍ଥ୍ୟସେବା କେନ୍ଦ୍ର, ଡାକ୍ତର, ଔଷଧ ଦୋକାନ, ନିଦାନାଗାର(**diagnostic labs**) ଇତ୍ୟାଦି ଭିତ୍ତିଭୂମି ଓ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ମାନବ ପୁଞ୍ଜି ବିକାଶରେ କିପରି ସହାୟକ ହୋଇଥାଏ ?

ସାମାଜିକ ଓ ସାଂସ୍କୃତିକ ପ୍ରଭାବ

କଠିନ ପରିଶ୍ରମ, ନିରନ୍ତର ଉନ୍ନତି ପାଇଁ ପ୍ରୟାସ, ଭଲ ଭାବରେ କାମ କରିବାପାଇଁ ପ୍ରେଚେଷ୍ଟା ଭଳି ସଂସ୍କୃତି ଦେଶମାନଙ୍କର ପ୍ରଗତିରେ ସାହାଯ୍ୟ କରିଛି । କାଇଜେନ(Kaizen) ନାମକ ଏକ ଜାପାନୀ ତତ୍ତ୍ୱ ରହିଛି, ଯାହାର ଅର୍ଥ 'ନିରନ୍ତର ଉନ୍ନତି' । ଏହି ତତ୍ତ୍ୱ 1940 ଦଶକର ମଧ୍ୟଭାଗରୁ ଜାପାନରେ ପ୍ରୟୋଗ ହୋଇଆସୁଛି ଓ ଏହା ଜାପାନୀମାନଙ୍କର ଉଚ୍ଚ ଜୀବନଧାରଣ ମାନ ହାସଲ କରିବାରେ ସାହାଯ୍ୟ କରିଛି । ଅନ୍ୟ ଏକ ଉଦାହରଣରେ, ଆମେ ଇତିହାସରେ ଗଭୀର ଛାପ ପକାଇଥିବା ଜର୍ମାନୀର ପେଶାଗତ ନୀତି(**work ethic**)କୁ ନେଇ ପାରିବା । ଜର୍ମାନୀ ନିଜର ଉଚ୍ଚ–ଶୃଙ୍ଖଳା ଶିଳ୍ପ ଜଗତ ପାଇଁ ପ୍ରସିଦ୍ଧ । ସେମାନେ ସମୟାନୁବର୍ତ୍ତିତା, ଗୁଣବତ୍ତା ଓ ଟିକିନିଖି ଅନୁଧ୍ୟାନ ଉପରେ ଗୁରୁତ୍ୱ ପ୍ରଦାନ କରିଥା'ନ୍ତି । ମାନବ ପୁଞ୍ଜିର ଏହି ଗୁଣଗୁଡ଼ିକ ପ୍ରଯୁକ୍ତିବିଦ୍ୟା ଓ ଉତ୍ପାଦନ କ୍ଷେତ୍ରରେ ସେମାନଙ୍କୁ ବିଶ୍ୱ ସ୍ତରରେ ନେତୃତ୍ୱ ନେବାରେ ସହାୟକ ହୋଇଛି ।

ଆସ ଅନୁସନ୍ଧାନ କରିବା

→ ଆସ ଏକ ପରୀକ୍ଷଣ କରିବା । ତୁମ ପରିବାର ଏବଂ ପଡ଼ୋଶୀର **10** ଜଣ ବୟସ୍କ କର୍ମଜୀବୀଙ୍କ ଏକ ତାଲିକା ପ୍ରସ୍ତୁତ କର । ସେମାନଙ୍କୁ ସେମାନଙ୍କ କର୍ମକ୍ଷେତ୍ରସ୍ଥ ସଂସ୍କୃତି ବର୍ଣ୍ଣନା କରିବାକୁ କୁହ । ସହପାଠୀଙ୍କ ସହ ତୁମ ଅଭିଜ୍ଞତା ଲିଖିତ ଭାବେ ଆଲୋଚନା କର । ତୁମେ ଏଥିରେ କ'ଣ ଅନୁଭବ କଲ? ଏଥିରେ କେଉଁ ବିଶେଷଣାତ୍ମକ ଶବ୍ଦ ଅଧିକ ପ୍ରୟୋଗ ଘଟିଛି ?

→ ଅତୀତର ସ୍ମୃତି ଫର୍ଦ୍ଦ ଅଧ୍ୟାୟରେ, ତୁମେ ଦୀର୍ଘ ଶତାବ୍ଦୀ ଧରି ଭାରତରେ କଳା ଏବଂ ସ୍ଥାପତ୍ୟର ଉଦାହରଣ ଦେଖିଛ । ଏତେ ଉଚ୍ଚ ସ୍ତରର ଉତ୍କର୍ଷତା ହାସଲ କରିବାର କାରଣ ଗୁଡ଼ିକ କ'ଣ? ଦଳଗତ ଭାବେ ଆଲୋଚନା କରି ଶ୍ରେଣୀରେ ଉପସ୍ଥାପନ କର ।

ମାନବପୁଞ୍ଜି ପ୍ରତି ଆହ୍ୱାନ

ବିଭିନ୍ନ ଦୃଷ୍ଟିକୋଣରୁ ସ୍ୱାଧୀନତା ପରଠାରୁ ମାନବ ପୁଞ୍ଜିର ବିକାଶ କ୍ଷେତ୍ରରେ ଆମ ଦେଶ ବହୁତ ଆଗକୁ ବଢ଼ିଛି । ସାକ୍ଷରତା, ଜନସଂଖ୍ୟାର ଏକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ । ଏହା ମାନବ ପୁଞ୍ଜିର ଦକ୍ଷତା ଏବଂ ଉତ୍ପାଦକତା ବୃଦ୍ଧି କରିବାରେ ସାହାଯ୍ୟ କରେ । ବିଶ୍ୱ ବ୍ୟାଙ୍କ ଆକଳନ ଅନୁଯାୟୀ, **2023** ମସିହା ସୁଦ୍ଧା ଭାରତରେ ପ୍ରାପ୍ତବୟସ୍କ ସାକ୍ଷରତା ହାର ପୁରୁଷଙ୍କ କ୍ଷେତ୍ରରେ **85** ପ୍ରତିଶତ ଏବଂ ମହିଳାଙ୍କ କ୍ଷେତ୍ରରେ **70** ପ୍ରତିଶତ ରହିଛି । ବହୁ କ୍ଷେତ୍ରରେ ପ୍ରଗତି ହାସଲ ସତ୍ତ୍ୱେ ଭାରତ ମାନବ ପୁଞ୍ଜି ବିକାଶ କରିବାରେ ଅନେକ ଆହ୍ୱାନର ସମ୍ମୁଖୀନ ହେଉଛି ।

ଉତ୍ପାଦନଶୀଳତା: ଏକ ନିର୍ଦ୍ଦିଷ୍ଟ ସମୟ ଅବଧିରେ ଅଧିକ କାର୍ଯ୍ୟ କରିବାର କ୍ଷମତା ।
ପୌଢ଼ଶିକ୍ଷା ହାର: ଦୈନନ୍ଦିନ ଜୀବନରେ ଆବଶ୍ୟକ ସରଳ ବିବୃତି ପଢ଼ି, ଲେଖି, ବୁଝିପାରୁଥିବା 15 ବର୍ଷ ବା ତଦୁର୍ଦ୍ଧ ବୟସର ଲୋକଙ୍କ ଶତକଡ଼ା ସଂଖ୍ୟା ।

ଏହା ବିଷୟରେ ଚିନ୍ତାକର

→ ସରସ୍ୱତୀ ବିଦ୍ୟାଳୟର 8ମ ଶ୍ରେଣୀର ଛାତ୍ର ଶିବାୟକୁ ଦୁଇ ବର୍ଷ ପୂର୍ବେ ପାଠପଢ଼ା ଛାଡ଼ିବାକୁ ପଡ଼ିଥିଲା, କାରଣ ତା'ର ବାପା ନିଜର ଚାକିରି ହରାଇଥିଲେ । ତୁମେ ଭାବୁଛ କି ଏହି ପାଠପଢ଼ା ଛାଡ଼ିବା ଶିବାୟର ଭବିଷ୍ୟତ ଜୀବନକୁ ପ୍ରଭାବିତ କରିବ ?

→ ଆବଶ୍ୟକୀୟ ଦକ୍ଷତା ଥିବା କର୍ମଚାରୀ ନପାଇଲେ ବ୍ୟବସାୟଗୁଡ଼ିକ କେଉଁ ସମସ୍ୟାର ସମ୍ମୁଖୀନ ହେବାର ସମ୍ଭାବନା ରହିଛି ?

ଭାରତର ଅର୍ଥନୈତିକ ସର୍ଭେ 2024 ଅନୁଯାୟୀ, ଆମ ଦେଶରେ 35 ବର୍ଷରୁ କମ୍ ବୟସର ଲୋକସଂଖ୍ୟା 65 ଶତକଡ଼ା ଅଟେ । ଏହାର ଅର୍ଥ ଭାରତରେ ଏକ ଯୁବ, ଉତ୍ପାଦନକ୍ଷମ ଜନସଂଖ୍ୟା ରହିଛି, ଯାହା ଦେଶକୁ ଜନସାଂଖ୍ୟିକୀୟ ଲାଭାଂଶର ସୁଫଳ ପାଇବାରେ ସାହାଯ୍ୟ କରିବ ।



ଚିତ୍ର. 8.8. ପରୀକ୍ଷାରତ ଶିକ୍ଷାର୍ଥୀ

ବହୁ ସଂଖ୍ୟକ ଯୁବ ଓ କର୍ମଜୀବୀ ବଶିଷ୍ଟ ଜନସଂଖ୍ୟା ଦେଶର ଉନ୍ନତିରେ ଯୋଗଦାନକୁ ଜନସାଂଖ୍ୟିକୀୟ ଲାଭାଂଶ(**demographic dividend**) କୁହାଯାଏ । ଗୋଟିଏ ଦେଶର ଅଧିକ ଲୋକ କାମ କରି ରୋଜଗାର କରିବା ଓ କମ୍ ଲୋକ ସେମାନଙ୍କ ଉପରେ ନିର୍ଭର କରିବା ଦ୍ୱାରା ଦେଶର ଅର୍ଥନୈତିକ କ୍ଷେତ୍ରରେ ପ୍ରଗତି ଲାଭ କରିବା ସହିତ ଜୀବନଧାରଣର ମାନରେ ଉନ୍ନତି ହୁଏ । ମାତ୍ର ଏହି ସମ୍ଭାବନାର ଲାଭ ଉଠାଇବା ପାଇଁ ଏହି ବ୍ୟକ୍ତିବିଶେଷଙ୍କ ପାଖରେ ଗୁଣାତ୍ମକ ଶିକ୍ଷା, ସ୍ୱାସ୍ଥ୍ୟ, ତାଲିମ୍, ଓ ଦକ୍ଷତାର ସୁଯୋଗ ରହିବା ଆବଶ୍ୟକ । ପରବର୍ତ୍ତୀ ଶ୍ରେଣୀରେ ତୁମେମାନେ ଜନସଂଖ୍ୟା ସମ୍ବନ୍ଧୀୟ ଅଧ୍ୟାୟରେ ଏ ବିଷୟରେ ଅଧିକ ଜାଣିବାକୁ ପାଇବ ।

ଏହା ବିଷୟରେ ଚିନ୍ତାକର

କିଛି ଜୀବିକା ବା ଚାକିରି ଅନ୍ୟ ତୁଳନାରେ ଅଧିକ ଗୁରୁତ୍ୱପୂର୍ଣ୍ଣ କି ? ଯଦି କେହି ରାସ୍ତା ସଫା ନ କରନ୍ତି, ଅଳିଆ ସଂଗ୍ରହ ନ କରନ୍ତି, ଚାଷୀମାନେ ଚାଷ କରିବା ବନ୍ଦ କରିଦିଅନ୍ତି, ରୋଗୀଙ୍କ ଚିକିତ୍ସା ପାଇଁ ଡାକ୍ତର ଉପଲବ୍ଧ ନହୁଅନ୍ତି, ତେବେ କି ପରିସ୍ଥିତି ସୃଷ୍ଟି ହେବ ?

ଆଜିର ସମୟରେ ଅନେକ ପ୍ରକାର ଚାକିରି ବା କାମଧନ୍ଦା ପାଇଁ ବିଭିନ୍ନ ପ୍ରକାର ଦକ୍ଷତାର ଆବଶ୍ୟକତା ରହିଛି । ଏଠାରେ ମନେ ରଖିବାକୁ ହେବ ଯେ, ଭାରତରେ ଦକ୍ଷତା–ଆଧାରିତ ଜ୍ଞାନ ପ୍ରଣାଳୀ ଏବଂ କାରିଗରିର ଏକ ସମୃଦ୍ଧ ଐତିହ୍ୟ ରହିଛି ।

ଭାରତର ପ୍ରାଚୀନ କୁଶଳତା ଐତିହ୍ୟ

ପ୍ରାଚୀନ ଭାରତୀୟମାନେ ସେମାନଙ୍କର କାର୍ଯ୍ୟରେ ସିଦ୍ଧିଲାଭ କରିବା ପାଇଁ ନିଜ ସ୍ୱଭାବର ପରିପ୍ରକାଶ ଓ ସମ୍ପୂର୍ଣ୍ଣତା ପାଇଁ ଯତ୍ନଶୀଳ ଥିଲେ । ସ୍ଥଳ ବିଶେଷରେ ଏହା ଦେବତା କିମ୍ବା ଗ୍ରହୀତାଙ୍କ ଏକ ସମର୍ପଣ ଥିଲା । କୌଣସି ଦ୍ରବ୍ୟ ନିର୍ମାଣ କାର୍ଯ୍ୟପ୍ରତି ସେମାନଙ୍କର ଶ୍ରଦ୍ଧା ଓ ଭକ୍ତି ଥିଲା । ଯେଉଁ ସାଧନ(ଏକ ପ୍ରକାର ପ୍ରଯୁକ୍ତିବିଦ୍ୟା) ସାମଗ୍ରୀ ବ୍ୟବହୃତ ହେଉଥିଲା, ତାହାକୁ ପୂଜା କରାଯାଉଥିଲା । ଏହି ପ୍ରଥା ଆଜି ପର୍ଯ୍ୟନ୍ତ **ବିଶ୍ୱକର୍ମା ପୂଜା ବା ଆୟୁଧ ପୂଜା** ଭାବରେ ପ୍ରଚଳିତ ହୋଇ ଆସୁଛି । ଏହିପରି, ଉତ୍ପାଦନଗୁଡ଼ିକର ସୃଷ୍ଟି କଳା ଓ ବିଦ୍ୟାର ବିରଳ ସମ୍ମିଶ୍ରଣ ଥିଲା । ପିଢ଼ି ପରେ ପିଢ଼ି ଏହି ଜ୍ଞାନ ଗଢ଼ି ଆସୁଥିଲା ଏବଂ ଏହା ଉପରେ ନୂତନ ଜ୍ଞାନ ନିର୍ମାଣ ହେଉଥିଲା । ପୁରାତନ ବ୍ରହ୍ମ ଶିଳ୍ପଶାସ୍ତ୍ରରେ ମୂର୍ତ୍ତି ନିର୍ମାଣ, ଚିତ୍ରକଳା, ଗୃହ ନିର୍ମାଣ, କାଠ ସାମଗ୍ରୀ ଓ ଅଳଙ୍କାର ପ୍ରସ୍ତୁତି ଉପରେ ବିସ୍ତୃତ ବର୍ଣ୍ଣନା ରହିଛି । ଉଦାହରଣ ସ୍ୱରୂପ, ସ୍ଥାପତ୍ୟ ନିର୍ମାଣ ସମ୍ପର୍କିତ ଲେଖାଗୁଡ଼ିକରେ, ମୂର୍ତ୍ତିର ଶୈଳୀ, ରଙ୍ଗ, ମାପ ଓ ଅନୁପାତ ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବରେ ଉଲ୍ଲେଖ କରାଯାଇଛି ।

ମନେ ରଖ

ଅନେକ ଶତାବ୍ଦୀ ଧରି ସ୍ଥପତିମାନେ ପିଢ଼ି ପରେ ପିଢ଼ି ଭାରତରେ ମନ୍ଦିର ଗୁଡ଼ିକ ନିର୍ମାଣ କରି ଆସିଛନ୍ତି । ସେମାନେ ଅନ୍ତିମ କୃତି ଦେଖିବା ଆଶା ନକରି ନିଜସ୍ୱ ଦକ୍ଷତା ପ୍ରଦର୍ଶନ କରୁଥିଲେ । ସେମାନେ ନିୟମିତ ଅଭ୍ୟାସ ବଳରେ ନୂତନ କୌଶଳ ଶିଖି 'କର୍ମ ହିଁ ପୂଜା' ବିଚାର ଦ୍ୱାରା ଉତ୍କୃଷ୍ଟତା ଲାଭ କରୁଥିଲେ ।

ସିଲେଇ ବୋଇତ ନିର୍ମାଣ

ଭାରତୀୟମାନେ ଜାହାଜ ଏବଂ ବୋଇତ ତିଆରି କରିବା ପାଇଁ 2000 ବର୍ଷରୁ ଅଧିକ ପୁରୁଣା ଏକ ଅନନ୍ୟ ସିଲେଇ କୌଶଳର ବ୍ୟବହାର କରୁଥିଲେ । ସେମାନେ ଭାରତ ମହାସାଗରରେ ସାମୁଦ୍ରିକ ବାଣିଜ୍ୟ ଏବଂ ସାଂସ୍କୃତିକ ଆଦାନପ୍ରଦାନ ପାଇଁ ଏହି ବୋଇତ ବ୍ୟବହାର କରୁଥିଲେ । ଏହି ନିର୍ମାଣ କୌଶଳରେ ଲୁହାକଣ୍ଟା ବଦଳରେ ରଶି ବା ଦଉଡ଼ି ବ୍ୟବହାର କରି କାଠ ପଟାଗୁଡ଼ିକୁ ଏକାଠି ସିଲେଇ କରାଯାଉଥିଲା । ଫଳତଃ, ବୋଇତ ପଟାଗୁଡ଼ିକ ନମନୀୟ ହୋଇପାରୁଥିଲା ଏବଂ ଭାରତ ମହାସାଗରରେ ସହଜ ନୌଚାଳନାରେ ସହାୟକ ହେଉଥିଲା ।



ଚିତ୍ର.୫.୨ 5ମ ଶତାବ୍ଦୀରେ ସିଲେଇ ହୋଇଥିବା ବୋଇତ ପୁନଃନିର୍ମାଣ

ଆସ ଅନୁସନ୍ଧାନ କରିବା

→ ଉତ୍ପାଦନର ଅନେକ ପାରମ୍ପରିକ କୌଶଳ ହଜିଗଲାଣି ବା ଲିଭିବାକୁ ବସିଲାଣି । ଉଦାହରଣ ସ୍ୱରୂପ, ଷୋଡ଼ଶ ଶତାବ୍ଦୀରେ ଭାରତରେ ୟୁରୋପୀୟମାନଙ୍କ ଆଗମନ ପରେ ସିଲେଇ ବୋଇତ ନିର୍ମାଣ କୌଶଳର ଦ୍ରୁତ ଅବକ୍ଷୟ ହେଲା । ଏହି କୌଶଳ ଏବେ ଛୋଟ ମାଛଧରା ଡଙ୍ଗା ପାଇଁ ବ୍ୟବହୃତ ହେଉଛି ।

→ ସ୍ୱଦେଶୀ ଜ୍ଞାନ କୌଶଳର ବ୍ୟବହାର ହ୍ରାସ ପାଉଛି ବୋଲି ତୁମେ କାହିଁକି ଭାବୁଛ ? ନିଜ ଶ୍ରେଣୀରେ ଏହାକୁ ଆଲୋଚନା କର ।

→ ମନୁଷ୍ୟର ପ୍ରୟାସ ଓ ଦକ୍ଷତାକୁ ପ୍ରଦର୍ଶିତ କରୁଥିବା ନିଜ ଅଞ୍ଚଳର କିଛି ପାରମ୍ପରିକ କୌଶଳ ଓ ଉତ୍ପାଦନ ବିଷୟରେ ତଥ୍ୟ ସଂଗ୍ରହ କର । ଚିତ୍ର ତଥା ଲେଖା ମାଧ୍ୟମରେ ଏହାକୁ ଶ୍ରେଣୀଗୃହରେ ବୁଝାଅ ।

ପୁଞ୍ଜି: ଅର୍ଥନୀତିର ଦ୍ରବ୍ୟ ଓ ସେବା ଉତ୍ପାଦନ ପାଇଁ ବ୍ୟବହୃତ ଯେକୌଣସି ଭୌତିକ କିମ୍ବା ଆର୍ଥିକ ସମ୍ପତ୍ତି ।

ପୁଞ୍ଜି

ବ୍ୟବସାୟ ପାଇଁ ପୁଞ୍ଜିର ଆବଶ୍ୟକତା ରହିଛି । ବ୍ୟବସାୟର ଦୈନନ୍ଦିନ ପରିଚାଳନା ନିମନ୍ତେ ଆର୍ଥିକ ସମ୍ବଳ ଏବଂ ସ୍ଥାୟୀ ସମ୍ପତ୍ତି, ଯଥା ଯନ୍ତ୍ରପାତି, ଉପକରଣ, ସାଧନ, ଯାନବାହନ, ଠେଲାଗାଡ଼ି, କମ୍ପ୍ୟୁଟର, ଦୋକାନ, କାରଖାନା, କାର୍ଯ୍ୟାଳୟ ଇତ୍ୟାଦି ଆବଶ୍ୟକ । ରନ୍ନା ପ୍ରସଙ୍ଗରୁ ଆମେ ଜାଣିଛେ ଯେ ଜମି ଲିଜ୍ ନେବା, ଆସବାବପତ୍ର ଓ ରୋଷେଇ ଉପକରଣ କିଣିବା ପାଇଁ ଅର୍ଥ ଆବଶ୍ୟକ । ଉପରୋକ୍ତ ଏସବୁକୁ ପୁଞ୍ଜି କୁହାଯାଏ । ଦ୍ରବ୍ୟ ଓ ସେବା ଉତ୍ପାଦନ ପାଇଁ ବ୍ୟବହୃତ ଅର୍ଥ ଓ ମାନବକୃତ ସମ୍ବଳ ହିଁ ପୁଞ୍ଜି ଅଟେ ।

ଉତ୍ପାଦନ ବା ସେବା କ୍ଷେତ୍ର ପାଇଁ ପୁଞ୍ଜି ଅତ୍ୟାବଶ୍ୟକ । କିନ୍ତୁ ବ୍ୟବସାୟ ସଂସ୍ଥାଗୁଡ଼ିକ ପୁଞ୍ଜି କେଉଁଠାରୁ ପାଇବେ ? ସାଧାରଣତଃ ବ୍ୟବସାୟ ଆରମ୍ଭ କରିବା ସମୟରେ ବ୍ୟକ୍ତିଗତ ସଞ୍ଚୟ, ପରିବାର ଏବଂ ବନ୍ଧୁବାନ୍ଧବ ହିଁ ପାଣ୍ଠି ଏବଂ ସମର୍ଥନର ପ୍ରଥମ ଉତ୍ସ । ରନ୍ନା ତାଙ୍କ ବ୍ୟବସାୟ ଆରମ୍ଭ କରିବା ସମୟରେ ଏହିପରି ପୁଞ୍ଜି ଯୋଗାଡ଼ କରିଥିଲେ । ତଥାପି, ବ୍ୟବସାୟ ଆରମ୍ଭ କରିବା ପାଇଁ ରନ୍ନାଙ୍କ ପାଖରେ ପର୍ଯ୍ୟାପ୍ତ ପାଣ୍ଠି ନ ଥିଲା । ତେଣୁ ସେ ଅଭାବ ପୂରଣ କରିବା ପାଇଁ ବ୍ୟାଙ୍କରୁ ଋଣ ନେଇଥିଲେ । ସେ କିଛି ବର୍ଷ ଧରି କିସ୍ତି ଆକାରରେ ଋଣ ଓ ସୁଦ୍ଧ ସହ ବ୍ୟାଙ୍କ ଟଙ୍କା ପରିଶୋଧ କରିଥିଲେ । ସେହିପରି ବଡ଼ ବଡ଼ କମ୍ପାନୀଗୁଡ଼ିକ ସେମାନଙ୍କର ବ୍ୟବସାୟ ବିସ୍ତାର କରିବା ପାଇଁ ପ୍ରଚୁର ଅର୍ଥ ଆବଶ୍ୟକ କରିଥାନ୍ତି । ସେହି ଅର୍ଥ ସେମାନେ **ପୁଞ୍ଜି ବଜାର (stock market)** ମାଧ୍ୟମରେ ସାଧାରଣ ଲୋକଙ୍କ ଠାରୁ ସଂଗ୍ରହ କରିଥାନ୍ତି, ଯେଉଁଠରେ ବିଶେଷ ପ୍ରକାରର ବଜାରରେ ଅଂଶଧନ କିଣାବିକା ହୋଇଥାଏ । ବଡ଼ ବଡ଼ କମ୍ପାନୀଗୁଡ଼ିକ ଜନସାଧାରଣଙ୍କଠାରୁ ଅର୍ଥ ସଂଗ୍ରହ କରିଥାନ୍ତି ଓ ସେମାନଙ୍କୁ **ଲାଭାଂଶ(dividend)** ଭାଗ ପ୍ରଦାନ କରିଥାନ୍ତି । ଅନ୍ୟ ଅର୍ଥରେ କହିଲେ ବଡ଼ ବଡ଼ ବ୍ୟବସାୟ ସଂସ୍ଥାଗୁଡ଼ିକ ପୁଞ୍ଜି ବଜାର ମାଧ୍ୟମରେ ଅର୍ଥ ସଂଗ୍ରହ କରିଥାନ୍ତି ଏବଂ ସେମାନଙ୍କ ବ୍ୟବସାୟର **ଅଂଶଧନ(shares)** ବିକ୍ରି କରିଥାନ୍ତି । ପରବର୍ତ୍ତୀ ଶ୍ରେଣୀରେ ଏହି ପୁଞ୍ଜିବଜାର ପରିଚାଳନା ବିଷୟରେ ତୁମେ ଅଧିକରୁ ଅଧିକ ଜାଣିପାରିବ ।



ଚିତ୍ର. 8.10 ମେସିନ୍



ଚିତ୍ର. 8.11 ଋଣ

ଆସ ଅନୁସନ୍ଧାନ କରିବା

ତୁମ ଅଞ୍ଚଳରେ ଥିବା ଗୋଟିଏ କାରଖାନା ଚିହ୍ନଟ କର । କାରଖାନା ନିର୍ମାଣରେ କେତେ ପୁଞ୍ଜି ନିବେଶ ହୋଇଥିବ ବୋଲି ତୁମେ ଭାବୁଛ, ତାହା ହିସାବ କରି ନିର୍ଣ୍ଣୟ କର (ତୁମେ ଏହାର ଏକ ଆକଳନ ଦେଇ ପାରିବ) । କାରଖାନା ତା'ର ଉତ୍ପାଦ ପ୍ରସ୍ତୁତ ପାଇଁ କେଉଁ ପ୍ରକାର ସରଞ୍ଜାମ ବା ଉପକରଣ ବ୍ୟବହାର କରୁଛି, ତାହା ଉଲ୍ଲେଖ କର ।

ସୁଧ: ଋଣଗ୍ରହୀତା ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ସେମାନଙ୍କ ଟଙ୍କା ବ୍ୟବହାର କରିବା ପାଇଁ ଋଣଦାତାଙ୍କୁ ପ୍ରଦାନ କରିଥିବା ଟଙ୍କାର ପରିମାଣ ।

ଲାଭାଂଶ: ଏକ କମ୍ପାନୀ ଦ୍ୱାରା ତାହାର ଲାଭରୁ ନିୟମିତ ଭାବରେ ତାହାର ଅଂଶଦାରମାନଙ୍କୁ ପ୍ରଦାନ କରାଯାଇଥିବା ଟଙ୍କା ।

ଉଦ୍ୟୋଗିକୀ

ନିଜର ବ୍ୟବସାୟ ଆରମ୍ଭ କରିବା କିମ୍ବା କୌଣସି ସମସ୍ୟାର ସମାଧାନ ପାଇଁ ନୂଆ ସର୍ଜନା କରିବାକୁ ଉଦ୍ୟୋଗିକୀ କୁହାଯାଏ । ଜଣେ ଉଦ୍ୟୋଗପତି ନୂତନ ଧାରଣାକୁ ଆପଣେଇଥା'ନ୍ତି ଓ ବିଭିନ୍ନ ଆହ୍ୱାନ ବା ଆଶଙ୍କାର ସମ୍ମୁଖୀନ ହେବା ପାଇଁ ସଦା ପ୍ରସ୍ତୁତ ଥାଆନ୍ତି । ସେ ଉତ୍ପାଦନର ବିଭିନ୍ନ କାରକଗୁଡ଼ିକୁ ସଂଗ୍ରହ କରନ୍ତି ଓ କଠିନ ପରିଶ୍ରମ କରି ନୂଆ ବ୍ୟବସାୟର ଶୁଭାରମ୍ଭ



ଚିତ୍ର.8.12 ଅରୁଣାଚଳ ପ୍ରଦେଶ ବାଉଁଶ ଓ ଆଖୁ ଉତ୍ପାଦ



ଚିତ୍ର.8.13 ଖାଦ୍ୟ ପ୍ରକ୍ରିୟାକରଣ



ଚିତ୍ର.୫.14 ମୃଣ୍ମୟ ପାତ୍ର, ନୂଆଦିଲ୍ଲୀ



ଚିତ୍ର.୫.15 ପେଟ୍ରୋକେମିକାଲ କାରଖାନା

ଶୁଭାରମ୍ଭ(ଷ୍ଟାର୍ଟଅପ୍): ଏକ ଷ୍ଟାର୍ଟଅପ୍ ହେଉଛି ସୀମିତ ସମ୍ବଳ ସହିତ ଏକ ଉଦ୍ୟୋଗୀ ଉଦ୍ୟମ ଯାହା ପ୍ରଯୁକ୍ତିବିଦ୍ୟାର ଉପଯୋଗ କରି ଦ୍ରୁତ ଅଭିବୃଦ୍ଧି ଏବଂ ବିସ୍ତାର ପାଇଁ ଲକ୍ଷ୍ୟ ରଖେ ।

ସଫଳତାର ସହ କରିଥାନ୍ତି । ଜଣେ ଉଦ୍ୟୋଗପତିଙ୍କ ଦୂରଦୃଷ୍ଟି ବଜାରକୁ ଅଭିନବ ଉତ୍ପାଦ ଓ ସେବା ଆଣିବାରେ ସାହାଯ୍ୟ କରିଥାଏ ଓ ଏହା ସମାଜ ତଥା ଦେଶ ପାଇଁ ଲାଭଦାୟକ ହୋଇଥାଏ । ସେମାନେ ନିଯୁକ୍ତି ସୁଯୋଗ ସୃଷ୍ଟି କରନ୍ତି ଓ ଜୀବନ ଜୀବିକାକୁ ସହାୟତା କରିଥାନ୍ତି । ପ୍ରତିବଦଳରେ ଉଦ୍ୟୋଗପତିମାନେ ନିଜର ସ୍ୱପ୍ନ ସାକାର ହେବା ଓ ଲୋକଙ୍କୁ ସେବା ଯୋଗାଇ ଦେବା ଯୋଗୁଁ ଆତ୍ମ ସନ୍ତୋଷ ଲାଭ କରିଥାନ୍ତି ।

ତେଣୁ, ଜଣେ ଉଦ୍ୟୋଗପତି ହେଉଛନ୍ତି ସେହି ବ୍ୟକ୍ତି ଯିଏ:



ଚିତ୍ର.୫.16 ଜଣେ ଉଦ୍ୟୋଗୀ ଦ୍ୱାରା ସମ୍ପାଦିତ କାର୍ଯ୍ୟଗୁଡ଼ିକ

ଭାରତ ପାଇଁ ବୃହତ୍ ସ୍ୱପ୍ନ ଦେଖିଥିବା ବ୍ୟକ୍ତି

ଜେ.ଆର.ଡ଼ି. ଟାଟା – ଉଦ୍ୟୋଗପତି,
ଶିଳ୍ପପତି ଓ ସମାଜସେବୀ



ଚିତ୍ର.୪.17 ଜେ.ଆର୍.ଡ଼ି ଟାଟା

ଜେହାଙ୍ଗୀର ରତନ୍‌ଜୀ ଦାଦାଭୋୟ (ଜେ.ଆର୍.ଡ଼ି) ଟାଟା ଭାରତର ଜଣେ ମହାନ୍ ଉଦ୍ୟୋଗପତି ଥିଲେ ଏବଂ ଆଧୁନିକ ଭାରତ ନିର୍ମାଣରେ ଏକ ବଡ଼ ଭୂମିକା ଗ୍ରହଣ କରିଥିଲେ । 1904 ମସିହାରେ ଜନ୍ମିତ ଜେ. ଆର୍.ଡି. ଟାଟା ଦେଶର ବୃହତ୍ ବ୍ୟବସାୟିକ ଗୋଷ୍ଠୀ ମଧ୍ୟରୁ ଅନ୍ୟତମ ଟାଟା ଗ୍ରୁପ୍‌ର ମୁଖ୍ୟ ଥିଲେ । ବ୍ୟବସାୟ ସଂସ୍ଥାଗୁଡ଼ିକ ଅର୍ଥ ସର୍ବସ୍ୱ ନ ହୋଇ ସମାଜ କଲ୍ୟାଣରେ ବ୍ରତୀ ହେବା ଉଚିତ ବୋଲି ସେ ବିଶ୍ୱାସ କରୁଥିଲେ ।

ସେ 1932 ମସିହାରେ ଭାରତର ପ୍ରଥମ ବିମାନ କମ୍ପାନୀ, ''ଟାଟା ଏୟାରଲାଇନ୍ସ'' ଆରମ୍ଭ କରିଥିଲେ । ଏହା ପରେ 'ଏୟାର ଇଣ୍ଡିଆ' ନାମରେ ନାମିତ ହେଲା । ତାଙ୍କ ନେତୃତ୍ୱରେ, ଇସ୍ପାତ, କାର, ବିଦ୍ୟୁତ୍ ଏବଂ ରାସାୟନିକ ଆଦି କ୍ଷେତ୍ରରେ ଟାଟା ଗ୍ରୁପ ବିସ୍ତାର ଲାଭ କରିଥିଲା । ସେ ତାଙ୍କ କର୍ମଚାରୀମାନଙ୍କ ପ୍ରତି ଯତ୍ନବାନ ହେବା ସହ, କର୍ମକ୍ଷେତ୍ରରେ ସେମାନଙ୍କୁ ଉପଯୁକ୍ତ ବାତାବରଣ ପ୍ରଦାନ କରିବାରେ ବିଶ୍ୱାସ କରୁଥିଲେ । ସେ ଜଣେ ସଚ୍ଚୋଟ, ପରିଶ୍ରମୀ ଓ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତି ଥିଲେ । ତାଙ୍କୁ 1992 ମସିହାରେ, ଦେଶ ପ୍ରତି ମହାନ ସେବା ପାଇଁ ଭାରତର ସର୍ବୋଚ୍ଚ ବେସାମରିକ ପୁରସ୍କାର 'ଭାରତ ରତ୍ନ' ପ୍ରଦାନ କରାଯାଇଥିଲା ।

ଏହା ବିଷୟରେ ଚିନ୍ତାକର

→ ଉପରୋକ୍ତ ଘଟଣାରୁ ଯୁବ ଉଦ୍ୟୋଗୀମାନଙ୍କ ପାଇଁ ଏଥିରୁ କି' ଶିକ୍ଷା ମିଳିବ ବୋଲି ତୁମେ ଭାବୁଛ ?

→ ଉଦ୍ୟୋଗୀମାନେ ଉପଲବ୍ଧ ନିଜସ୍ୱ ଜ୍ଞାନ ଦ୍ୱାରା ସେମାନଙ୍କ ସମସ୍ୟାର ଆସନ୍ନ ସମାଧାନ କରିପାରିବେ କି ? କିମ୍ବା ସେମାନେ ଏହାର ସମାଧାନ ପାଇଁ ଅନ୍ୟ ଉତ୍ସର ସାହାଯ୍ୟ ନେବେ ?

→ ଜଣେ ଉଦ୍ୟୋଗୀଙ୍କ ପାଇଁ 'ଲାଭ' ହିଁ ଏକମାତ୍ର ପ୍ରେରଣା କି ? ଯଦି 'ହଁ' କାହିଁକି ? ଯଦି 'ନା' କାହିଁକି ନୁହେଁ ?

→ ଜଣେ ସଫଳ ଉଦ୍ୟୋଗୀ ହେବା ପାଇଁ ଅନ୍ୟାନ୍ୟ ବ୍ୟକ୍ତିତ୍ୱ ଲକ୍ଷଣଗୁଡ଼ିକ କ'ଣ ହେବା ଆବଶ୍ୟକ ?

ପ୍ରଯୁକ୍ତି ବିଦ୍ୟା : ଉତ୍ପାଦନର ଏକ ସାହାଯ୍ୟକାରୀ ଉପାଦାନ

ପ୍ରଯୁକ୍ତିବିଦ୍ୟା ହେଉଛି ବୈଜ୍ଞାନିକ ଜ୍ଞାନର ପ୍ରୟୋଗ । ଉଦାହରଣ ସ୍ୱରୂପ, ଏକ କ୍ୟାମେରା ଡିଜିଟାଲ ପ୍ରତିଛବି ସୃଷ୍ଟି କରିବା ପାଇଁ ଆଲୋକକୁ ବୈଦ୍ୟୁତିକ ସଙ୍କେତରେ ରୂପାନ୍ତରିତ କରେ । ଯେକୌଣସି ଉତ୍ପାଦନ ସମ୍ପର୍କିତ କାର୍ଯ୍ୟକଳାପରେ କିଛି ନା କିଛି ପ୍ରଯୁକ୍ତିବିଦ୍ୟାର ବ୍ୟବହାର ହୋଇଥାଏ । ପ୍ରାଚୀନ କାଳରେ ପ୍ରଚଳିତ କିଛି ପ୍ରାରମ୍ଭିକ ପ୍ରଯୁକ୍ତିବିଦ୍ୟା ଆଜି ମଧ୍ୟ ବ୍ୟବହୃତ ହେଉଛି ।

ଆଜି ବିଭିନ୍ନ କ୍ଷେତ୍ରରେ ନୂତନ ତଥା ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ବିକାଶ ଓ ପ୍ରୟୋଗ ଦ୍ୱାରା ଆମର ଜୀବନ ସହଜ ହେଉଛି । ଉଦାହରଣ ସ୍ୱରୂପ, ୟୁ.ପି.ଆଇ (**UPI - Unified Payments Interface**) ମାଧ୍ୟମରେ ଏକ ଅଙ୍ଗୁଠି ସ୍ପର୍ଶ କରି ଦେୟ ପୈଠ କରାଯାଇ ପାରୁଛି, ଚାଷୀମାନେ ମଧ୍ୟ ଆଗୁଆ ପାଣିପାଗର ସଦ୍ୟତମ ସୂଚନା ପାଇ ପାରୁଛନ୍ତି, ବିଶ୍ୱ ସ୍ଥାନ ନିର୍ଦ୍ଧାରଣ ପଦ୍ଧତି (**GPS - Global Positioning Systems**) ଦ୍ୱାରା ସାମଗ୍ରୀ ପରିବହନର ନ୍ୟୁନତମ ଦୂରତା ନିର୍ଣ୍ଣୟ କରାଯାଇ ପାରୁଛି । ତୁମ ଅଞ୍ଚଳରେ ପୁରାତନ ପ୍ରଯୁକ୍ତି ବିଦ୍ୟା ବଦଳରେ ନୂତନ ଓ ଉନ୍ନତ ପ୍ରଯୁକ୍ତି ବିଦ୍ୟା କିପରି ବ୍ୟବହୃତ ହେଉଛି, ତୁମେ ଲକ୍ଷ୍ୟ କରିଛ କି ?




ଚିତ୍ର.୫.୧୫ ଫସଲ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ସାର ସିଞ୍ଚନ କରୁଥିବା ଡ୍ରୋନ୍



ଚିତ୍ର.୫.୧୬ ଶଲ୍ୟଚିକିତ୍ସା ପ୍ରକ୍ରିୟାରେ ସହାୟତା କରୁଥିବା ରୋବୋଟ୍

ଏହି ପ୍ରକ୍ରିୟା ଜନସାଧାରଣ ଓ ବ୍ୟବସାୟ ପାଇଁ କାର୍ଯ୍ୟ କରେ ଏବଂ ସେମାନଙ୍କର କାର୍ଯ୍ୟଶୈଳୀକୁ ଉନ୍ନତ କରିବାରେ ସାହାଯ୍ୟ କରିଥାଏ । ଉଦାହରଣ ସ୍ୱରୂପ, ଡାକ ଦ୍ୱାରା ଚିଠି ପଠାଇବା ପରିବର୍ତ୍ତେ, ଲୋକମାନଙ୍କ ସହିତ ଶୀଘ୍ର ଓ କମ୍ ଖର୍ଚ୍ଚରେ ଯୋଗାଯୋଗ କରିବା ପାଇଁ ଆମେ ଇମେଲ୍ (**email**) ବ୍ୟବହାର କରୁଛୁ । ତେବେ, ମନେରଖିବାକୁ ହେବ ଯେ ଆଧୁନିକ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ବେଳେ ଆମେ ପୁରାତନ ପ୍ରଯୁକ୍ତିବିଦ୍ୟା ଠାରୁ ଦୂରେଇ ଯିବା ନାହିଁ କାହିଁକିନା ଏବେ ମଧ୍ୟ କପିକଳ (**pulleys**) ଏବଂ ଠେଲାଗାଡ଼ି (**wheelbarrows**) ବ୍ୟବହାରରେ ଲାଗୁଛି ।



*ଚିତ୍ର.୫.୨୦ ନିର୍ମାଣ ସ୍ଥାନରେ ଏକ ଠେଲାଗାଡ଼ି(**wheelbarrows**)*



*ଚିତ୍ର.୫.୨୧ ଡଙ୍ଗା ବା ଜାହାଜରେ ବ୍ୟବହୃତ କପିକଳ(**pulleys**)*

ଆସନ୍ତୁ ଏବେ କିଛି ଉଦାହରଣ ଉପରେ ନଜର ପକାଇବା, ଯେଉଁଥିରୁ ଜଣାପଡ଼ିବ ଯେ ପ୍ରଯୁକ୍ତିବିଦ୍ୟା କିପରି ଛାତ୍ରଛାତ୍ରୀମାନଙ୍କୁ ଶିଖିବାରେ, ନୂତନ ଦକ୍ଷତା ହାସଲ କରିବାରେ ଏବଂ ଚାକିରି ଖୋଜିବାରେ ସାହାଯ୍ୟ କରୁଛି । ପ୍ରଯୁକ୍ତିବିଦ୍ୟା ଜ୍ଞାନ, ଦକ୍ଷତା ଏବଂ ସ୍ୱତନ୍ତ୍ର ନିଯୁକ୍ତି ସୁଯୋଗ ପାଇବା ପାଇଁ ପଥ ପ୍ରଶସ୍ତ କରିଥାଏ ।

ସ୍ୱୟମ୍(**SWAYAM-Study Webs of Active Learning for Young Aspiring Minds**) ଭଳି ଅନେକ ସରକାରୀ ମଞ୍ଚ ଆଭାସୀ ପାଠ୍ୟକ୍ରମ ମାଧ୍ୟମରେ ଶିକ୍ଷାର୍ଥୀମାନଙ୍କ ପାଇଁ ପଢ଼ିବାର ସୁଯୋଗ ସୃଷ୍ଟି କରିଛି । ଏହି ସ୍ୱୟମ୍ ମଞ୍ଚ ନବମ ଶ୍ରେଣୀ ଶିକ୍ଷାର୍ଥୀମାନଙ୍କ ଠାରୁ ଆରମ୍ଭ କରି ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ପାଠ୍ୟକ୍ରମ ପ୍ରସ୍ତୁତ କରିଛି । ଏହି ବ୍ୟାପକ ମୁକ୍ତ ଆଭାସୀ ପାଠ୍ୟକ୍ରମ (**MOOC - Massive Open Online Course**) ମାଧ୍ୟମରେ ଶିକ୍ଷାର୍ଥୀମାନେ ରୋବୋଟିକ୍ସ(**robotics**), ଜଳୀୟ କୃଷି (**aquaculture**), ବୟନ ଛାପ (**textile printing**) ଆଦି ବିଷୟଗୁଡ଼ିକୁ ମାଗଣାରେ ଅଧ୍ୟୟନ କରିପାରୁଛନ୍ତି । ଶିକ୍ଷାର୍ଥୀମାନେ ନିଯୁକ୍ତି ଓ ଅନ୍ୟାନ୍ୟ ପାଠ୍ୟକ୍ରମ ଅଧ୍ୟୟନ କରିବା ସହିତ, ନିଜ ସମୟ ସୁବିଧା ଅନୁସାରେ ଯେକୌଣସି ସ୍ଥାନରୁ ଏହି ଆଭାସୀ କ୍ଷେତ୍ର ଦ୍ୱାରା ଉପକୃତ ହୋଇ ପାରୁଛନ୍ତି । ସରକାରଙ୍କ ଜାତୀୟ ବୃତ୍ତି ସେବା (**National Career Service**) ପରି ଆଭାସୀ କ୍ଷେତ୍ରଗୁଡ଼ିକ ବିଭିନ୍ନ କ୍ଷେତ୍ରରେ ଚାକିରି ସୁଯୋଗ ଖୋଜିବାରେ ଲୋକଙ୍କୁ ସାହାଯ୍ୟ କରୁଛି । ପାଇପ୍ ମିସ୍ତ୍ରୀ କାମ (**plumbing**) ଠାରୁ ଆରମ୍ଭ କରି ହିସାବ ପତ୍ର କରିବା କାମ (**accounting**) ଏହାର ଅନ୍ତର୍ଭୁକ୍ତ । ଏହିପରି ଭାବରେ ପ୍ରଯୁକ୍ତିବିଦ୍ୟା ଭୌଗୋଳିକ ପ୍ରତିବନ୍ଧକକୁ ଦୂର କରି ଲୋକମାନଙ୍କର ଜ୍ଞାନ ଓ ଦକ୍ଷତାର ବିକାଶ ତଥା ଭାରତ ତଥା ବିଦେଶରେ ନିଯୁକ୍ତି ଯୋଗାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଏହି ଆଭାସୀ ପୋର୍ଟାଲ (**online portals**) ସେବା ଗୁଡ଼ିକର ଉପଲବ୍ଧତା ନିମ୍ନଲିଖିତ ଆଭାସୀ ସଂଯୋଗ(**online link**)ରେ ମିଳିପାରିବ ।



ଚିତ୍ର.୫.22 ଆଭାସୀ ଅଧ୍ୟୟନ

* *https://swayam.gov.in,*

* *http://www.ncs.gov.in/*

ଆସ ଅନୁସନ୍ଧାନ କରିବା

→ ତୁମ ଆଖପାଖର ଲୋକ ତଥା ଗୋଷ୍ଠୀଗତ ଜୀବନକୁ ପ୍ରଭାବିତ କରୁଥିବା ବିକଶିତ ପ୍ରଯୁକ୍ତିବିଦ୍ୟା ସମ୍ପର୍କରେ ଚିନ୍ତା କରିପାରିବ କି ? ଏ ବିଷୟରେ ଘରେ ତଥା ପଡ଼ୋଶୀରେ ଥିବା ବୟସ୍କ ବ୍ୟକ୍ତିଙ୍କ ସହ ଆଲୋଚନା କର ।

→ କୌଣସି ଏକ ସମସ୍ୟା ସମାଧାନ ପାଇଁ ତୁମେ ଚିନ୍ତା କର । ଏହା ସମ୍ପର୍କିତ ସୂଚନା ଗୋଟିଏ କାଗଜରେ ଲେଖ। ଯଥା: ଏହାର ନାମ, ଏହାର କାର୍ଯ୍ୟପ୍ରଣାଳୀ ଦର୍ଶାଇବା ପାଇଁ ଏକ ନକ୍ସା ପ୍ରସ୍ତୁତ କର । ଏ ବିଷୟରେ ତୁମେ ତୁମ ସହପାଠୀମାନଙ୍କ ସହ ଆଲୋଚନା କର ।

ଉତ୍ପାଦନର କାରକଗୁଡ଼ିକ କିପରି ପରସ୍ପର ସହ ସଂଯୁକ୍ତ ?

ଦ୍ରବ୍ୟ ଓ ସେବା ଉତ୍ପାଦନ ପାଇଁ ଭୂମି, ଶ୍ରମ, ପୁଞ୍ଜି, ଉଦ୍ୟୋଗ ଏବଂ ପ୍ରଯୁକ୍ତିବିଦ୍ୟା କାରକ ଗୁଡ଼ିକର ମିଳିତ ଆବଶ୍ୟକତା ରହିଛି । ଉତ୍ପାଦର ପ୍ରକାର ଉପରେ ବ୍ୟବହୃତ ପ୍ରତ୍ୟେକ କାରକର ଅନୁପାତ ନିର୍ଭର କରେ । ଉଦାହରଣ ସ୍ୱରୂପ, କୃଷି, ନିର୍ମାଣ ଏବଂ ହସ୍ତଶିଳ୍ପ କ୍ଷେତ୍ରରୁ ଉତ୍ପାଦନ ଶ୍ରମ ଉପରେ ଅଧିକ ନିର୍ଭରଶୀଳ । ତେଣୁ ସେଗୁଡ଼ିକୁ ଶ୍ରମ-ପ୍ରଧାନ (**labourintensive**) ଉତ୍ପାଦନ କ୍ଷେତ୍ର କୁହାଯାଏ । ତେବେ ଅର୍ଦ୍ଧ ପରିବାହୀ ଚିପ୍ସ (**semiconductor chips**) ବା ଉପଗ୍ରହ ଆଦିର ଉତ୍ପାଦନ ପାଇଁ ଅଧିକ ପୁଞ୍ଜି ଓ ସ୍ୱତନ୍ତ୍ର ଯନ୍ତ୍ରପାତି ଆବଶ୍ୟକ ହେଉଥିବାରୁ, ଏହାକୁ ପୁଞ୍ଜି ପ୍ରଧାନ (**capital-intensive**) କ୍ଷେତ୍ର ବୋଲି କୁହାଯାଇଥାଏ ।

ଆଲୋଚ୍ୟ କାରକଗୁଡ଼ିକ ପରସ୍ପର ପରିପୂରକ ଏବଂ ପରସ୍ପର ସହ ସମ୍ପର୍କିତ । କିଛି କାରକର ଅନୁପସ୍ଥିତି ବା ଅନୁପଯୁକ୍ତ ବ୍ୟବହାର ଦ୍ୱାରା ଉତ୍ପାଦନ ବନ୍ଦ ବା ନିରୁତ୍ସାହଜନକ ହୋଇପାରେ । କିନ୍ତୁ କିଛି କ୍ଷେତ୍ରରେ ନୂତନ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ଦ୍ୱାରା ଏହି କାରକଗୁଡ଼ିକର ଆନୁପାତିକ ଉପଯୋଗ ତଥା ଉତ୍ପାଦନ ଉପରେ ପ୍ରଭାବ ପଡ଼ିପାରେ ।

ଉଦାହରଣ ସ୍ୱରୂପ, କୃଷିରେ ଯନ୍ତ୍ରର ବ୍ୟବହାର ବୃଦ୍ଧି ଶ୍ରମ ଉପରେ ନିର୍ଭରଶୀଳତା ହ୍ରାସ କରିପାରେ । ସେହିଭଳି ତ୍ରିମାତ୍ରିକ (3-D) ଛପାପଦ୍ଧତି, ହସ୍ତତନ୍ତ କ୍ଷେତ୍ରରେ ବହୁଳ ଉତ୍ପାଦନ ସହ ବୟନ ଶିଳ୍ପ ଜଗତରେ ରଙ୍ଗଦେବା କଳାକୁ ପୁନର୍ଜୀବିତ କରିବାରେ ସାହାଯ୍ୟ କରୁଛି । ଉତ୍ପାଦନର ଏହି କାରକଗୁଡ଼ିକ ବିଭିନ୍ନ ଭୌଗୋଳିକ ସ୍ଥାନରେ ଉପଲବ୍ଧ । ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ବିଭିନ୍ନ ସ୍ଥାନରୁ ସେଗୁଡ଼ିକୁ ସଂଗ୍ରହ ଓ ସଂଯୁକ୍ତ କରି ଦ୍ରବ୍ୟ ଓ ସେବା ଉତ୍ପାଦନରେ ବ୍ୟବହାର କରିଥାନ୍ତି । ଏଣୁ ଭୌଗୋଳିକ ଆନ୍ତଃସଂଯୁକ୍ତତା ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ବିଭିନ୍ନ କାରକ ଉପଲବ୍ଧ କରାଇଥାଏ । ତଥାପି, ଉତ୍ପାଦନ କାର୍ଯ୍ୟକଳାପ କେତେକ ସମୟରେ ଗୁରୁତର ଯୋଗାଣ ଶୃଙ୍ଖଳା (**supply chain**) ସମସ୍ୟାର ସମ୍ମୁଖୀନ ହୋଇଥାଏ । ଯୋଗାଣ ଶୃଙ୍ଖଳା ସାମଗ୍ରୀର ଉତ୍ପାଦନ ଓ ବିତରଣ ସହ ଜଡ଼ିତ । ଏହା ବ୍ୟକ୍ତି, ସଂଗଠନ, ସମ୍ବଳ, କାର୍ଯ୍ୟକଳାପ ଓ ପ୍ରଯୁକ୍ତି ବିଦ୍ୟାର ଏକ ସାମୂହିକ ଜାଲକ ।

ସ୍ଥାନୀୟ ଉତ୍ସ ପରିବର୍ତ୍ତେ ଦୂର ସ୍ଥାନର ଉତ୍ସ ଉପରେ ନିର୍ଭର କରିବା ଯୋଗୁଁ ଯୋଗାଣ–ଶୃଙ୍ଖଳରେ ବାଧା ସୃଷ୍ଟି ହୁଏ ଓ ଉତ୍ପାଦନ ପ୍ରକ୍ରିୟା ବନ୍ଦ ହୋଇଥାଏ । ଏହିଭଳି ପରିସ୍ଥିତି COVID -19 ମହାମାରୀ ସମୟରେ ଦେଖା ଦେଇଥିଲା ।

ମନେ ରଖ

2025 ମସିହାରେ ଚୀନ୍ ପରେ ଭାରତ ବିଶ୍ୱର ଦ୍ୱିତୀୟ ବୃହତ୍ତମ ମୋବାଇଲ୍ ଫୋନ୍ ନିର୍ମାତା! ଆସ ଏହି ମୋବାଇଲ୍ ଫୋନ୍ ନିର୍ମାଣର ପ୍ରକ୍ରିୟାକୁ ଏକ ଧାରା ସାରଣୀ(**flow chart**) ମାଧ୍ୟମରେ ବୁଝିବାକୁ ଚେଷ୍ଟା କରିବା ।



ଚିତ୍ର.୪.23 ମୋବାଇଲ୍ ଫୋନ୍‌ର ସରଞ୍ଜନା ଓ ନିର୍ମାଣ ପ୍ରକ୍ରିୟା

ଉତ୍ପାଦନ ପ୍ରକ୍ରିୟାଗୁଡ଼ିକୁ ସଠିକ୍ ରୂପରେଖ ଦେବା, ତଦାରଖ କରିବା ଏବଂ ଉନ୍ନତ କରିବା ପାଇଁ ଉତ୍ପାଦନର ପ୍ରତ୍ୟେକ ପର୍ଯ୍ୟାୟରେ ମାନବ ପ୍ରୟାସ ଜଡ଼ିତ । ଉଦାହରଣ ସ୍ୱରୂପ, ପ୍ରକଳ୍ପ ପରିଚାଳକ(**project managers**) ମାନଙ୍କ ସହିତ ସଫ୍ଟୱେର୍, ବୈଦ୍ୟୁତିକ ଏବଂ ଯାନ୍ତ୍ରିକ ଇଞ୍ଜିନିୟରମାନେ ମିଳିତ ହୋଇ ଉତ୍ପାଦନ ପାଇଁ ସେମାନଙ୍କର ଦକ୍ଷତାକୁ ବ୍ୟବହାର କରିଥା'ନ୍ତି । ସମ୍ବଳଗୁଡ଼ିକୁ କିପରି ବ୍ୟବହାର କରାଯିବ ସେ ସମ୍ବନ୍ଧରେ ଉଦ୍ୟୋଗପତିମାନେ ମାର୍ଗଦର୍ଶନ କରାଇଥାନ୍ତି । ଏହାପରେ ଜମି, କାରଖାନା ସ୍ଥାନ, ଯନ୍ତ୍ରପାତି ଏବଂ ଦକ୍ଷ ଶ୍ରମିକ ଭଳି ସଂସାଧନଗୁଡ଼ିକକୁ ଏକାଠି କରିବା ପାଇଁ ଆର୍ଥିକ ସମ୍ବଳର ଆବଶ୍ୟକ ହୁଏ । ସମ୍ମିଳିତ ଭାବେ, ଉପରୋକ୍ତ ସମସ୍ତ ସାଧନ ଉତ୍ପାଦନ ପ୍ରକ୍ରିୟା ପାଇଁ ଅତ୍ୟାବଶ୍ୟକ ।

ଆମେ ନିର୍ଭର କରୁଥିବା ଦ୍ରବ୍ୟ ଓ ସେବା ସୃଷ୍ଟି କରିବା ପାଇଁ ଏହା ଏକ ଗୋଲକ ଧନ୍ଦା (**puzzle pieces**) ଭଳି କାର୍ଯ୍ୟ କରିଥାଏ ।

ଉତ୍ପାଦନର କାରକ ପ୍ରତି ଦାୟିତ୍ୱ

ଦ୍ରବ୍ୟ ଉତ୍ପାଦନ କଲାବେଳେ ଆମେ ଭୂମି, ଜଳ ଏବଂ ଖଣିଜ ପଦାର୍ଥ ଭଳି ପ୍ରାକୃତିକ ସମ୍ବଳଗୁଡ଼ିକୁ ବ୍ୟବହାର କରୁ । ଏହି ସମ୍ବଳଗୁଡ଼ିକ ସୀମିତ ଏବଂ ଆମେ ସତର୍କ ନରହିଲେ ଏଗୁଡ଼ିକ କ୍ଷତିଗ୍ରସ୍ତ ହୋଇପାରେ । ଉଦାହରଣ ସ୍ୱରୂପ, ତାମିଲନାଡୁରେ ଅନେକ ଲୋକ ଚମଡ଼ା କାରଖାନାରେ କାମ କରି ଅର୍ଥ ଉପାର୍ଜନ କରନ୍ତି ଓ ଏହା ସ୍ଥାନୀୟ ଅର୍ଥନୀତିର ବିକାଶରେ ସାହାଯ୍ୟ କରିଥାଏ । କିନ୍ତୁ ଏହି କାରଖାନାରୁ ବାହାରୁଥିବା ଆବର୍ଜନା ନଦୀ ଓ ମୃତ୍ତିକାକୁ ପ୍ରଦୂଷିତ କରନ୍ତି । ସେହିପରି, ଯଦି ପୁରୁଣା ସ୍ମାର୍ଟଫୋନ୍‌ଗୁଡ଼ିକୁ ସଠିକ୍ ଭାବରେ ପୁନଃଚକ୍ରଣ କରାନଯାଏ, ସେଥିରେ ଥିବା ସୀସା ଓ ପାରଦ ଭଳି କ୍ଷତିକାରକ ପଦାର୍ଥ ଭୂମି ଓ ଜଳରେ ମିଶିଯାଏ । ଏହି ପ୍ରଦୂଷଣ ମନୁଷ୍ୟ, ପଶୁପକ୍ଷୀ ଓ ଜୀବଜଗତ ପାଇଁ ଅତ୍ୟନ୍ତ ବିପଜ୍ଜନକ । ଏଥିପାଇଁ ଉତ୍ପାଦନକାରୀମାନଙ୍କ ପାଇଁ ପ୍ରାକୃତିକ ସମ୍ବଳର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହା ଦ୍ୱାରା ଆମେ ଭବିଷ୍ୟତ ପିଢ଼ିର ଆବଶ୍ୟକତା ପୂରଣକୁ ସୁଗମ କରିବା ସହିତ ଆଜିର ଆବଶ୍ୟକତାକୁ ମଧ୍ୟ ପୂରଣ କରିପାରିବା । ଉତ୍ପାଦନକାରୀମାନେ ଉତ୍ପାଦନ ପ୍ରକ୍ରିୟାରେ ବର୍ଜ୍ୟବସ୍ତୁ କମେଇବା, ପ୍ରଦୂଷଣ ନିୟନ୍ତ୍ରଣ ଏବଂ ପରିବେଶ ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦେବା ଉଚିତ ।



ଏହା ବିଷୟରେ ଚିନ୍ତାକର



ମାନବିକ କାର୍ଯ୍ୟକଳାପ ଦ୍ୱାରା ସ୍ଥାନୀୟ ସମୁଦାୟ ଏବଂ ଜୈବ ବିବିଧତା କିପରି ପ୍ରଭାବିତ ହୁଏ ? ତୁମ ଚତୁଃପାର୍ଶ୍ୱସ୍ଥ କୌଣସି ସ୍ଥାନରେ ସମୟାନୁସାରେ ଜଳ ଓ ଭୂମି ଅବକ୍ଷୟ ହେଉଥିବାର ଜାଣିଛ କି? ଶ୍ରେଣୀ ଗୃହରେ ଆଲୋଚନା କର ।

ତେଣୁ, ଉତ୍ପାଦନକାରୀମାନେ ଭବିଷ୍ୟତ ବ୍ୟବହାର ପାଇଁ ପ୍ରାକୃତିକ ସମ୍ବଳଗୁଡ଼ିକର ପୁନଃଭରଣ ନିମନ୍ତେ ଧାରଣୀୟ ଅଭ୍ୟାସ(**sustainable practice**) ନିଶ୍ଚିତ କରିବା ଗୁରୁତ୍ୱପୂର୍ଣ୍ଣ ।



ଚିତ୍ର.୪.24 ଶିଳ୍ପ ବର୍ଜ୍ୟବସ୍ତୁକୁ ଜଳାଶୟରେ ଛାଡ଼ିବା ପୂର୍ବରୁ ପୁନଃଚକ୍ରଣ



ଚିତ୍ର.୪.25 ପୁନଃଚକ୍ରଣ ଉତ୍ପାଦଗୁଡ଼ିକର ସାଧନ ଭାବେ ବ୍ୟବହାର

ଭୂମି ଏବଂ ପ୍ରାକୃତିକ ସମ୍ବଳକୁ ଛାଡ଼ି, ବ୍ୟବସାୟ ସଂସ୍ଥାଗୁଡ଼ିକର ସେମାନଙ୍କ କାର୍ଯ୍ୟରତ କର୍ମଚାରୀଙ୍କ ପ୍ରତି ମଧ୍ୟ ଦାୟିତ୍ୱ ଅଛି । ଏହି ବିଷୟରେ ନିମ୍ନରେ ସଂକ୍ଷେପରେ ଆଲୋଚନା କରାଯାଇଛି ।

→ **ନ୍ୟାୟୋଚିତ କ୍ଷତିପୂରଣ ଏବଂ କାର୍ଯ୍ୟ ପରିବେଶ :** ନିଯୁକ୍ତିଦାତାମାନଙ୍କୁ ନିଶ୍ଚିତ କରିବାକୁ ପଡ଼ିବ ଯେ ଶ୍ରମିକମାନଙ୍କୁ ସେମାନଙ୍କ ଶ୍ରମ ପାଇଁ ଯଥୋଚିତ ଦରମା ଦିଆଯାଉଛି ଓ ସେମାନେ ସୁରକ୍ଷିତ ପରିବେଶରେ କାମ କରୁଛନ୍ତି ।

→ **ଦକ୍ଷତା ବିକାଶ ଓ ତାଲିମ :** ପ୍ରତିଯୋଗିତାପୂର୍ଣ୍ଣ ଶ୍ରମ ବଜାରରେ ଟିଷ୍ଟି ରହିବା ପାଇଁ ଶ୍ରମିକମାନଙ୍କୁ ଦକ୍ଷତା ବିକାଶ ସହିତ ଉଚିତ ତାଲିମ ସୁନିଶ୍ଚିତ କରିବା ଉଦ୍ୟୋଗ ସଂସ୍ଥାଗୁଡ଼ିକର ଦାୟିତ୍ୱ ।

→ **କର୍ମକ୍ଷେତ୍ର ଅଧିକାର ଏବଂ ସୁରକ୍ଷା :** ନ୍ୟାୟପୂର୍ଣ୍ଣ ତଥା ଭେଦଭାବ ଶୂନ୍ୟ ବ୍ୟବହାର, ସ୍ୱାସ୍ଥ୍ୟ ସେବା ପ୍ରଦାନ, ସବେତନ ଛୁଟି ପ୍ରଦାନ ସହ ଶ୍ରମିକଙ୍କ ଅଧିକାର ପାଇଁ ଆଇନ ଏବଂ ନିୟମ ପାଳନ କରାଯିବା ଉଚିତ ।

→ ସଂଗଠିତ ସାମାଜିକ ଦାୟିତ୍ୱବୋଧ(**CSR-Corporate Social Responsibility**) ମାଧ୍ୟମରେ ସମାଜ ଓ ଜୈବ ବିବିଧତାର କଲ୍ୟାଣ ନିମନ୍ତେ ବିଭିନ୍ନ ସାମାଜିକ ତଥା ପରିବେଶଗତ କାର୍ଯ୍ୟକ୍ରମ ପ୍ରତି ସମ୍ବେଦନଶୀଳ ହେବାପାଇଁ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ପ୍ରେରଣା ଦିଆଯାଉଛି । ଏଥିରେ ପ୍ରଦୂଷଣକାରୀ କାର୍ଯ୍ୟକଳାପ ହ୍ରାସ, ସ୍ଥାନୀୟ ବାସିନ୍ଦାଙ୍କ କଲ୍ୟାଣକୁ ଗୁରୁତ୍ୱ, କର୍ମଚାରୀଙ୍କ ପ୍ରତି ଉତ୍ତମ ବ୍ୟବହାର ଆଦି ଅନ୍ତର୍ଭୁକ୍ତ ।



ମନେ ରଖ



ଭାରତ ବିଶ୍ୱର ପ୍ରଥମ ରାଷ୍ଟ୍ର ଭାବେ 2014 ମସିହାରେ ସଂଗଠିତ ସାମାଜିକ ଦାୟିତ୍ୱ ((**CSR-Corporate Social Responsibility**) ଆଇନ ପ୍ରଣୟନ କରିଥିଲା । ଏଥିରେ କମ୍ପାନୀଗୁଡ଼ିକ ତିନିବର୍ଷ ଧରି ସେମାନଙ୍କର ହାରାହାରି ଲାଭର ଶତକଡ଼ା 2 ଭାଗ ଅର୍ଥ ବିଭିନ୍ନ ସାମାଜିକ କାର୍ଯ୍ୟକଳାପରେ ଖର୍ଚ୍ଚ କରିବାକୁ ବାଧ ବୋଲି ଉଲ୍ଲେଖ କରାଯାଇଛି ।



ଶେଷ କରିବା ପୂର୍ବରୁ...

→ ଭୂମି, ଶ୍ରମ, ପୁଞ୍ଜି ଓ ଉଦ୍ୟୋଗ ହେଉଛି ଉତ୍ପାଦନର କାରକ । ଏଗୁଡ଼ିକ ଦ୍ରବ୍ୟ ଓ ସେବା ଉତ୍ପାଦନ ପାଇଁ ଭିନ୍ନ ଭିନ୍ନ ଅନୁପାତରେ ବ୍ୟବହୃତ ହୁଏ । ଏହି କାରକଗୁଡ଼ିକ ପରସ୍ପରର ପରିପୂରକ ଓ ସମ୍ପର୍କିତ ।

→ ବ୍ୟକ୍ତିବିଶେଷଙ୍କ ଜ୍ଞାନ, ଦକ୍ଷତା, ଅଭିଜ୍ଞତାକୁ ମାନବ ପୁଞ୍ଜି କୁହାଯାଏ । ମାନବ ପୁଞ୍ଜି ଦ୍ୱାରା ବିଭିନ୍ନ କାର୍ଯ୍ୟ ସମ୍ପାଦନ ଏବଂ ଆର୍ଥିକ ମୂଲ୍ୟ ସୃଷ୍ଟି ହୋଇଥାଏ । ଏହା ଶିକ୍ଷା, ତାଲିମ, ସ୍ୱାସ୍ଥ୍ୟ, ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଓ ସାମାଜିକ ପରିସ୍ଥିତି ଦ୍ୱାରା ପ୍ରଭାବିତ ହୋଇଥାଏ, ଯଦ୍ୱାରା କର୍ମ କ୍ଷେତ୍ରରେ ଉତ୍ପାଦନଶୀଳତା ବୃଦ୍ଧି ପାଏ ।

→ ସମ୍ବଳଗୁଡ଼ିକ ଦ୍ରବ୍ୟ ଓ ସେବା ଉତ୍ପାଦନରେ ସାହାଯ୍ୟ କରେ ଏବଂ ସମାଜର ସେବାରେ ଲାଗେ । ତେଣୁ ଏହାର ଯଥୋଚିତ ବ୍ୟବହାରର ଆବଶ୍ୟକତା ରହିଛି ।

ପ୍ରଶ୍ନାବଳୀ, ଅଭ୍ୟାସ କାର୍ଯ୍ୟ ଏବଂ ପ୍ରକଳ୍ପ



1. ଜନସଂଖ୍ୟାଗତ ଲାଭାଂଶ ଶବ୍ଦଟି କ'ଣ ବୁଝାଏ ? ( )

   କ) ଯେତେବେଳେ ଏକ ଦେଶରେ କାର୍ଯ୍ୟକ୍ଷମ ବୟସର ଜନସଂଖ୍ୟା ଅଧିକ ଥାଏ, ସେଥିରୁ ମିଳୁଥିବା ଲାଭ

   ଖ) ନୂତନ ଉଦ୍ୟମୀମାନଙ୍କ ଠାରୁ ସଂଗ୍ରହ ହେଉଥିବା କର

   ଗ) ସହର ଅଞ୍ଚଳର ବ୍ୟବସାୟରୁ ମିଳୁଥିବା ଲାଭ

   ଘ) ଛାତ୍ରଛାତ୍ରୀଙ୍କୁ ସରକାର ଦେଉଥିବା ଆର୍ଥିକ ସହାୟତା

2. ସ୍ୱୟମ୍ (SWAYAM) ର ମୁଖ୍ୟ ଲକ୍ଷ୍ୟ କ'ଣ ? ( )

   କ) ଶିକ୍ଷାର୍ଥୀମାନଙ୍କୁ ମାଗଣା ଏବଂ ସହଜ ଅନଲାଇନ୍ ପାଠ୍ୟକ୍ରମ ଯୋଗାଇବା

   ଖ) ନବମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ଅଫ୍‌ଲାଇନ୍ କୋଚିଂ କ୍ଲାସ୍ କରାଇବା

   ଗ) କେବଳ ଗ୍ରାମାଞ୍ଚଳରେ ବୃତ୍ତିମୂଳକ ପ୍ରଶିକ୍ଷଣ ଦେବା

   ଘ) ସ୍କୁଲ ଏବଂ କେଲଜକୁ ସମ୍ପୂର୍ଣ୍ଣ ଭାବେ ପରିବର୍ତ୍ତନ କରିଦେବା

3. ଉତ୍ପାଦନର କାରକଗୁଡ଼ିକ ପରସ୍ପରଠାରୁ କିପରି ଭିନ୍ନ ଅଟନ୍ତି ? ତୁମ ବହି ଅନ୍ତର୍ଗତ ପ୍ରଦତ୍ତ ପ୍ରଶ୍ନରେ ଉତ୍ପାଦନର କାରକଗୁଡ଼ିକକୁ ବର୍ଗୀକରଣ କରିବାରେ ତୁମେ କେଉଁ ଅସୁବିଧାର ସମ୍ମୁଖୀନ ହୋଇଛ ?

4. ମାନବ ପୁଞ୍ଜି ଭୌତିକ ପୁଞ୍ଜିଠାରୁ କିପରି ଭିନ୍ନ ?

5. ପ୍ରଯୁକ୍ତିବିଦ୍ୟା ଦ୍ୱାରା ଲୋକଙ୍କର ଦକ୍ଷତା ଏବଂ ଜ୍ଞାନ ବିକାଶ କରିବା ପଦ୍ଧତି କିପରି ପରିବର୍ତ୍ତିତ ହେଉଛି ବୋଲି ତୁମେ ଭାବୁଛ ?

6. ଶିକ୍ଷା ତଥା ଅଭ୍ୟାସ ଦ୍ୱାରା ନିଜକୁ ଉନ୍ନତ କରିବା ହିଁ ଦକ୍ଷତା । ଦକ୍ଷତା ତୁମକୁ ଭଲ ଭାବରେ କାମ କରିବାରେ ସାହାଯ୍ୟ କରେ । କ୍ରୀଡ଼ା, ସୃଜନଶୀଳ ଲିଖନ, ଗାଣିତିକ ସମସ୍ୟାର ସମାଧାନ, ରୋଷେଇ କାମ, କିମ୍ବା ଲୋକଙ୍କ ସହିତ ସୁସମ୍ପର୍କ ରଖିବା ଆଦି ଏହାର ଉଦାହରଣ। ତୁମେ ଆଜି ଗୋଟିଏ ଦକ୍ଷତା ଶିଖିପାରିବ ବୋଲି ଭାବୁଛ କି ? ତାହା କ'ଣ ଓ କାହିଁକି ?

7. ଉଦ୍ୟୋଗୀକାଙ୍କୁ ଉତ୍ପାଦନର 'ଚାଳକ ଶକ୍ତି' ବୋଲି ତୁମେ ଭାବୁଛ କି ? କାହିଁକି ବା କାହିଁକି ନୁହେଁ ?

8. ଉତ୍ପାଦନ କ୍ଷେତ୍ରରେ ପ୍ରଯୁକ୍ତି ବିଦ୍ୟା, ଶ୍ରମ ପରି ଅନ୍ୟ କାରକଗୁଡ଼ିକୁ ବଦଳାଇ ପାରିବ କି ? ଏହା ଭଲ ନା ଖରାପ ? ଏକ ଉଦାହରଣ ସାହାଯ୍ୟରେ ତୁମର ଉତ୍ତରକୁ ଯଥାର୍ଥ ବୋଲି ପ୍ରତିପାଦନ କର ।

9. ମାନବ ପୁଞ୍ଜିକୁ ଶିକ୍ଷା ଓ ଦକ୍ଷତା ତାଲିମ କିପରି ପ୍ରଭାବିତ କରେ ? ସେମାନେ ପରସ୍ପରର ବିକଳ୍ପ ବା ପରିପୂରକ ହୋଇ ପାରିବେ କି ?

10. ଧାତବ ପାଣି ବୋତଲ ଉତ୍ପାଦନ ଭଳି ଏକ ବ୍ୟବସାୟ ତୁମେ ଆରମ୍ଭ କରିବାକୁ ଚାହୁଁଛ ବୋଲି ଭାବ । ସେଥିପାଇଁ କି ପ୍ରକାର ସାଧନ ଆବଶ୍ୟକ ? ସେଗୁଡ଼ିକୁ ତୁମେ କିପରି ପାଇବ ? ମନେକର ଗୋଟିଏ ସାଧନ ତୁମେ ପାଇଲ ନାହିଁ, ତାହା ତୁମ ବ୍ୟବସାୟକୁ କିପରି ପ୍ରଭାବିତ କରିବ ?

11. ବ୍ୟବସାୟ ପାଇଁ ପ୍ରେରଣା, ସୁଯୋଗ ଓ ଆହ୍ୱାନଗୁଡ଼ିକୁ ବୁଝିବା ପାଇଁ ଗୋଟିଏ ଉଦାହରଣ ଦିଅ । ତୁମେ ଦୁଇଜଣ ହୋଇ ସୂଚନା ସଂଗ୍ରହ ନିମିତ୍ତ ପ୍ରଶ୍ନାବଳୀ ତିଆରି କର ଏବଂ ମିଳିଥିବା ସୂଚନାରୁ ଯାହା ଶିକ୍ଷା ଲାଭ କଲ ତାହାକୁ ଅନ୍ୟମାନଙ୍କ ସହ ଆଲୋଚନା କର ।

12. ନିଜକୁ ଜଣେ ଅର୍ଥନୀତିଜ୍ଞ ବୋଲି ଚିନ୍ତା କର । ପରିସ୍ଥିତିରେ ପରିବର୍ତ୍ତନ ହେଲେ କ'ଣ ଘଟିବ ଆସ ଅନୁସନ୍ଧାନ କରିବା । ଯଦି ତୁମେ ରନ୍ଧା ହୋଇଥାନ୍ତ, ନିମ୍ନ ଲିଖିତ ପରିସ୍ଥିତିରେ କ'ଣ କରିଥାନ୍ତ ? ନିଜ ସହପାଠୀଙ୍କ ସହ ଆଲୋଚନା କର ।

I. ମନେକର ତୁମ ଜାଗାର ଭଡ଼ା ହଠାତ୍ ଦ୍ୱିଗୁଣିତ ହୋଇଗଲା ।

- ତୁମେ ଏହି ଖର୍ଚ୍ଚ ପୂରଣ କରିବା ପାଇଁ ପରିବେଷିତ ଖାଦ୍ୟର ମୂଲ୍ୟ ବୃଦ୍ଧି କରିବ କି ?
- ତୁମେ ଆଉ ଗୋଟିଏ ଶସ୍ତା ସ୍ଥାନ ଖୋଜିବ କି ?
- ଏହା ତୁମ ବ୍ୟବସାୟକୁ କିପରି ପ୍ରଭାବ ପକାଇବ ?

II. କଳ୍ପନା କର ଯେ ତୁମର ଜଣେ ସହାୟକ ହଠାତ୍ କାମ ଛାଡ଼ିଦେଲା ।

- ଅବଶିଷ୍ଟ କର୍ମଚାରୀମାନେ କ'ଣ ସେହି କାମକୁ ସମାନ ଭାବରେ ପରିଚାଳନା କରିପାରିବେ ?
- ତୁମେ କ'ଣ ଅଧିକ ଦରମା ଦେଇ ନୂଆ କର୍ମଚାରୀଙ୍କୁ ନିଯୁକ୍ତି ଦେବ ?

III. ତୁମ ଭୋଜନାଳୟରେ ନୂତନ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ପାଇଁ ତୁମେ ଏକ କ୍ଷୁଦ୍ର ଋଣ ନେଲ ।


- ଏହା ଦ୍ୱାରା ଉତ୍ପାଦନ ବୃଦ୍ଧି ସହିତ ଗୁଣବତ୍ତାରେ ଉନ୍ନତି ହେବ କି ?
- ଏହା ତୁମକୁ ଅଧିକ ଗ୍ରାହକଙ୍କ ପାଖରେ ପହଞ୍ଚିବାରେ ସାହାଯ୍ୟକାରୀ ହେବ କି ?

IV. ମନେକର ତୁମ ପଡ଼ୋଶୀରେ ଅନ୍ୟ ଏକ ଭୋଜନାଳୟ ଖୋଲିଲା ।

- ତୁମେ କିପରି ଗ୍ରାହକମାନଙ୍କୁ ଆକର୍ଷିତ କରିବ ଏବଂ ନିଜ ସହିତ ଯୋଡ଼ି ରଖିପାରିବ ?
- ତୁମେ କ'ଣ ଉନ୍ନତ ସେବା ଦେଇ ମୂଲ୍ୟ ହ୍ରାସ କରିପାରିବ ବା ନୂତନ କିଛି ପ୍ରଦାନ କରିପାରିବ ?

V. ବ୍ୟବସାୟକୁ ସହଜ ଓ ସୁଗମ କରିବା ସହିତ ଏହାର ଉନ୍ନତି ପାଇଁ କେଉଁ ସରକାରୀ ଆଇନ କିମ୍ବା ନିୟମ ପରିବର୍ତ୍ତନ କରାଯିବା ଉଚିତ ବୋଲି ତୁମେ ଭାବୁଛ ?






କୃତ୍ରିମ ବୁଦ୍ଧିମତା (AI) ସହ ସମନ୍ୱୟ

A6P6I2

ଶିକ୍ଷଣ ଫଳାଫଳ: ଶିକ୍ଷାର୍ଥୀମାନେ ଏହା କରିପାରିବେ

1. ସାମାଜିକ ବିଜ୍ଞାନ ଶିଖିବା ସମୟରେ କୃତ୍ରିମ ବୁଦ୍ଧିମତା (AI) , ସେନ୍ସର, ଇନପୁଟ୍, ଆଉଟପୁଟ୍, ଡାଟା ଏବଂ ଆଲଗୋରିଦମ ପରି ମୌଳିକ AI ଶବ୍ଦ ଗୁଡିକ ଚିହ୍ନଟ କରିପାରିବେ ।
2. ସେନ୍ସରଗୁଡ଼ିକ ସୂଚନା ସଂଗ୍ରହ କରି ତାହାକୁ ଡିଜିଟାଲ୍ ତଥ୍ୟରେ କିପରି ପରିବର୍ତ୍ତନ କରନ୍ତି ତାହା ବୁଝିପାରିବେ ।
3. ମେସିନ୍ ଲର୍ଣ୍ଣିଂ ଭଳି ଏହା ମଧ୍ୟ ଢାଞ୍ଚା ଖୋଜିବା ପାଇଁ ଡାଟା ବର୍ଗୀକରଣ, ଗୋଷ୍ଠୀଭୁକ୍ତ କରିବା ଏବଂ କିପରି ସଜାଇଥାଏ ତାହା ବୁଝିପାରିବେ ।
4. ମାନବ ପର୍ଯ୍ୟବେକ୍ଷଣ ଏବଂ କମ୍ପ୍ୟୁଟର ଚିହ୍ନଟ ମଧ୍ୟରେ ଥିବା ପାର୍ଥକ୍ୟକୁ ମାନଚିତ୍ର, ଜନଗଣନା ଏବଂ ଭୋଟ୍ ଗଣନା ପରି ଉଦାହରଣ ବ୍ୟବହାର କରି ଜାଣିପାରିବେ।

ଡିଜିଟାଲ୍ ମାନଚିତ୍ର, ଜନସଂଖ୍ୟା ଚାର୍ଟ, ଶୀଘ୍ର ନିର୍ବାଚନ ଫଳାଫଳ ଏବଂ ଅନଲାଇନ୍ ସରକାରୀ ସେବାଗୁଡିକ ହେଉଛି କୃତ୍ରିମ ବୁଦ୍ଧିମତା (AI) ସମାଜର ଅଧ୍ୟୟନ ଏବଂ ସଂଗଠନକୁ କିପରି ସମର୍ଥନ କରେ ତାହାର ଉଦାହରଣ । AIକୁ ବୁଝିବା ପାଇଁ ଆବଶ୍ୟକ ଦକ୍ଷତା ଯେପରିକି ପର୍ଯ୍ୟବେକ୍ଷଣ, ବର୍ଗୀକରଣ, ତୁଳନା ଏବଂ ଢାଞ୍ଚା ଚିହ୍ନଟକରଣ ପୂର୍ବରୁ ହିଁ ସାମାଜିକ ବିଜ୍ଞାନ ମାଧ୍ୟମରେ ବିକଶିତ ହୋଇସାରିଛି ।



ସାମାଜିକ ବିଜ୍ଞାନରେ AIକୁ ବୁଝିବା ଶିକ୍ଷାର୍ଥୀମାନଙ୍କୁ ଡିଜିଟାଲ୍ ଉପକରଣଗୁଡ଼ିକୁ ବୁଦ୍ଧିମାନ ଭାବରେ ବ୍ୟବହାର କରିବାରେ ନ୍ୟାୟ, ଦାୟିତ୍ୱ ଏବଂ ମାନବ ବିଚାର ଉପରେ ଗୁରୁତ୍ୱ ଦେବା ସହିତ ପ୍ରଯୁକ୍ତିବିଦ୍ୟା ସମାଜକୁ କିପରି ସମର୍ଥନ କରେ ତାହା ବୁଝିବାରେ ସାହାଯ୍ୟ କରେ ।



ଅସ୍ୱୀକାର : "ଶିକ୍ଷାର୍ଥୀମାନଙ୍କ ଦ୍ୱାରା AI ଉପକରଣର ବ୍ୟବହାର କଡ଼ାକଡ଼ି ଭାବରେ ଶିକ୍ଷକ ଏବଂ ପିତାମାତା / ଅଭିଭାବକଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନ ଏବଂ ତତ୍ତ୍ୱାବଧାନରେ ହେବା ଆବଶ୍ୟକ "

ସାମାଜିକ ବିଜ୍ଞାନ ଶିକ୍ଷଣରେ AI ମୂଳଦୁଆ

ସାମାଜିକ ବିଜ୍ଞାନ ପର୍ଯ୍ୟବେକ୍ଷଣ, ବର୍ଗୀକରଣ, ତୁଳନା ଏବଂ ଢାଞ୍ଚା ଚିହ୍ନଟକରଣ ପରି ଦକ୍ଷତା ବିକାଶ କରେ । ଏହି ସମାନ କୌଶଳ କୃତ୍ରିମ ବୁଦ୍ଧିମତା (AI) ରେ ମଧ୍ୟ ବ୍ୟବହୃତ ହୁଏ, ଯାହା ମେସିନଗୁଡ଼ିକ ମାନଚିତ୍ର, ସଂଖ୍ୟା,ଚିତ୍ର ଏବଂ ପାଠ୍ୟରୁ ତଥ୍ୟ ଅଧ୍ୟୟନ କରିବାରେ ସାହାଯ୍ୟ କରେ । ମାନଚିତ୍ର ପଢ଼ିବା, ଐତିହାସିକ ଘଟଣା ଗୁଡ଼ିକର ବ୍ୟବସ୍ଥା କରିବା, ସମ୍ବଳ ବର୍ଗୀକରଣ କରିବା ଏବଂ ଜନସଂଖ୍ୟା ତଥ୍ୟକୁ ବିଶ୍ଳେଷଣ କରିବା ଭଳି କାର୍ଯ୍ୟକଳାପ ମାଧ୍ୟମରେ, ଶିକ୍ଷାର୍ଥୀମାନେ ଚିନ୍ତା କୌଶଳ ଅଭ୍ୟାସ କରନ୍ତି ଯାହା AI ବ୍ୟବସ୍ଥାକୁ ବୁଝିବା ପାଇଁ ଆବଶ୍ୟକ । ମେସିନ୍ ଡିଜିଟାଲ୍ ତଥ୍ୟ ସଂଗ୍ରହ କରି, ଏହାକୁ ବିଶ୍ଳେଷଣ ଏବଂ ସଂଗଠିତ ସୂଚନା ଉତ୍ପାଦନ କରି ସମାନ କାର୍ଯ୍ୟ କରିଥାଏ । ତେଣୁ, ସାମାଜିକ ବିଜ୍ଞାନରେ ଶିଖାଯାଇଥିବା ଦକ୍ଷତା AI ଏବଂ ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟାକୁ ବୁଝିବା ପାଇଁ ମୂଳଦୁଆ ସୃଷ୍ଟି କରେ ।


କୃତ୍ରିମ ବୁଦ୍ଧିମତା ଏବଂ ସାମାଜିକ ବିଜ୍ଞାନ

କୃତ୍ରିମ ବୁଦ୍ଧିମତା (AI) ମେସିନଗୁଡ଼ିକୁ ଏପରି କାର୍ଯ୍ୟ କରିବାକୁ ଦେଇଥାଏ ଯାହା ବିଶ୍ଳେଷଣ, ବର୍ଗୀକରଣ, ତୁଳନା ଏବଂ ନିଷ୍ପତ୍ତି ନେବା ଆବଶ୍ୟକ କରେ । ଉପଗ୍ରହ, ସେନ୍ସର, ଡାଟାବେସ୍ ଏବଂ ସଫ୍ଟୱେର୍ ବ୍ୟବହାର କରି, ମେସିନ୍ ଗୁଡିକ ଭୂମି, ଲୋକ ଏବଂ କାର୍ଯ୍ୟକଳାପ ବିଷୟରେ ସୂଚନା ସଂଗ୍ରହ କରି, ଏହାକୁ ତଥ୍ୟରେ ପରିଣତ କରି, ଢାଞ୍ଚା ଖୋଜିଥାଏ ଏବଂ ମାନଚିତ୍ର, ରିପୋର୍ଟ, ପୂର୍ବାନୁମାନ ଏବଂ ଡିଜିଟାଲ୍ ସେବା ପରି ଉପଯୋଗୀ ଫଳାଫଳ ଦେଇଥାଏ ।

ମାନଚିତ୍ର ପଢ଼ିବା, ଇତିହାସ ଅଧ୍ୟୟନ କରିବା, ସରକାର ବୁଝିବା ଏବଂ ଅର୍ଥନୀତିର ବିଶ୍ଳେଷଣ କରିବାରେ ଆମେ ସାମାଜିକ ଶିକ୍ଷାରେ ଯେଉଁ ଦକ୍ଷତା ଶିଖିଥାଉ, ଠିକ ସେହିଭଳି ସମାନ କୌଶଳ AI ଦ୍ୱାରା ମଧ୍ୟ ବ୍ୟବହୃତ ହୁଏ ।

ମାର୍ଗଦର୍ଶନ: ଏହି ବିଭାଗକୁ ଆଲୋଚନା ମାଧ୍ୟମରେ ପରିଚିତ କରାଯିବା ଉଚିତ, ଯାହା ଦ୍ୱାରା ଶିକ୍ଷାର୍ଥୀମାନେ କେବଳ ବ୍ୟାଖ୍ୟା ଶୁଣିବା ପରିବର୍ତ୍ତେ ଅଂଶଗ୍ରହଣ କରିପାରିବେ ଏବଂ ଧାରଣା ସେୟାର କରିପାରିବେ । ସାମାଜିକ ସମାଜକୁ ନିରୀକ୍ଷଣ କରିବା, ମାନଚିତ୍ର ପଢ଼ିବା, ଘଟଣା ତୁଳନା କରିବା, ସୂଚନାକୁ କ୍ରମରେ ସଜାଇବା ଏବଂ ତଥ୍ୟ ଗୋଷ୍ଠୀକରଣ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ଦକ୍ଷତା ଲକ୍ଷ୍ୟ କରିବାରେ ଅଧ୍ୟୟନ, ମାନଚିତ୍ର, ଶ୍ରେଣୀଗୃହ କାର୍ଯ୍ୟକଳାପ ଏବଂ ଦୈନନ୍ଦିନ ଜୀବନରୁ ଉଦାହରଣ ବ୍ୟବହାର କରିବାକୁ ସେମାନଙ୍କୁ ଉତ୍ସାହିତ କରନ୍ତୁ । ପ୍ରଥମେ, ଶିକ୍ଷାର୍ଥୀମାନଙ୍କୁ ସାହାଯ୍ୟ କରନ୍ତୁ । ଇତିହାସ, ଭୂଗୋଳ, ନଗର ବିଜ୍ଞାନ ଏବଂ ଅର୍ଥନୀତିର ଏହି ଦକ୍ଷତାଗୁଡ଼ିକ ଯେପରିକି ଘଟଣାଗୁଡ଼ିକୁ ବୁଝିବା, ଢାଞ୍ଚା ଖୋଜିବା ଏବଂ ଯୁକ୍ତିଯୁକ୍ତ କରିବା ମଧ୍ୟ କୃତ୍ରିମ ବୁଦ୍ଧିମତା (AI) ବିଷୟରେ ଶିଖିବା ପାଇଁ ଆଧାର ଗଠନ କରେ ବୋଲି ବର୍ଣ୍ଣନା କର ।


ଉଦାହରଣ 1: ପର୍ଯ୍ୟବେକ୍ଷଣ ଏବଂ ବର୍ଗୀକରଣ



ଆମେ ଭୂମି, ଜଳ, ଜଙ୍ଗଲ ଏବଂ ଖଣିଜ ପଦାର୍ଥ ଭଳି ପ୍ରାକୃତିକ ସମ୍ପଦକୁ ନିରୀକ୍ଷଣ କରୁ ଏବଂ ସେଗୁଡ଼ିକୁ ନବୀକରଣ ଯୋଗ୍ୟ ଏବଂ ନବୀକରଣ ଅଯୋଗ୍ୟ ଗୋଷ୍ଠୀରେ ବର୍ଗୀକୃତ କରିଥାଉ । ଏହା ଆମକୁ ସେଗୁଡିକୁ ସଠିକ୍ ଭାବରେ ବ୍ୟବହାର ଏବଂ ସଂରକ୍ଷଣ କରିବାରେ ସାହାଯ୍ୟ କରେ ସେହିଭଳି, କୃତ୍ରିମ ବୁଦ୍ଧିମତା (AI) ଉପଗ୍ରହ ଏବଂ ସେନ୍ସରର ବ୍ୟବହାର କରି ସମ୍ବଳ ବିଷୟରେ ତଥ୍ୟ ସଂଗ୍ରହ କରିଥାଏ । ଏହା ସେଗୁଡିକୁ ଡିଜିଟାଲ୍ ତଥ୍ୟରେ ପରିଣତ କରେ ଏବଂ ଆଲଗୋରିଦମ୍ ଏବଂ ମେସିନ୍ ଲର୍ଣ୍ଣିଂ ବ୍ୟବହାର କରି ଏହାକୁ ବିଶ୍ଳେଷଣ କରେ AI ତାପରେ ସମ୍ବଳକୁ ଜଳ, ଜମି ଏବଂ ଉଦ୍ଭିଦ ପରି ବର୍ଗରେ ଶ୍ରେଣୀଭୁକ୍ତ କରେ । ତେଣୁ , ଯେପରି ଆମେ ଉତ୍ତମ ବୁଝାମଣା ପାଇଁ ପ୍ରାକୃତିକ ସମ୍ବଳକୁ ବର୍ଗୀକୃତ କରିଥାଉ, ଠିକ ସେହିଭଳି AI ବ୍ୟବସ୍ଥା ମଧ୍ୟ ସମ୍ବଳକୁ ଦକ୍ଷତାର ସହିତ ପରିଚାଳନା ଏବଂ ସୁରକ୍ଷା ଦେବା ପାଇଁ ଢାଞ୍ଚା ଚିହ୍ନଟକରଣ ବ୍ୟବହାର କରି ତଥ୍ୟକୁ ସଂଗଠିତ କରେ ।

AIଦ୍ୱାରା ଆଲୋଚନା:	ଜଙ୍ଗଲ ଅଞ୍ଚଳ ହ୍ରାସ ପାଉଥିବା ବେଳେ, କୃତ୍ରିମ ବୁଦ୍ଧିମତା (AI) ଜଙ୍ଗଲର ସୁରକ୍ଷା କରିବାରେ କିପରି ସାହାଯ୍ୟ କରିପାରିବ? ଅଧିକ ସୂଚନା ପାଇଁ QR କୋଡ୍ ସ୍କାନ୍ କର ।
ମୁଖ୍ୟ ଶବ୍ଦାବଳୀ :	**ସେନ୍ସର:** ଏକ ଉପକରଣ ଯାହା ପୃଥିବୀର ଆଲୋକ, ରଙ୍ଗ, ଏବଂ ପୃଷ୍ଠର ନମୁନା ଭଳି ଭୌତିକ ବୈଶିଷ୍ଟ୍ୟଗୁଡିକ ଚିହ୍ନଟ କରେ । **ଇନପୁଟ୍:** ଭୂମି, ଜଳ ଏବଂ ଉଦ୍ଭିଦ ବିଷୟରେ ସେନ୍ସର ଦ୍ୱାରା ସଂଗୃହିତ ସୂଚନା । **ଡିଜିଟାଲ୍ ଡାଟା:** ସୂଚନାକୁ ସଂଖ୍ୟା ଏବଂ କୋଡରେ ରୂପାନ୍ତରିତ କରାଯାଏ ଯାହା ଦ୍ୱାରା କମ୍ପ୍ୟୁଟର ଏହାକୁ ପ୍ରକ୍ରିୟାକରଣ କରିପାରିବ ।


ଉଦାହରଣ 2 : ଅଞ୍ଚଳଗୁଡିକର ବର୍ଗୀକରଣ ଏବଂ ପୁନର୍ଗଠନ



ଭାରତର ରାଜ୍ୟଗୁଡ଼ିକୁ ଭାଷା, ସଂସ୍କୃତି ଏବଂ ପ୍ରଶାସନିକ ଆବଶ୍ୟକତା ଭଳି ସାଧାରଣ ବୈଶିଷ୍ଟ୍ୟ ଉପରେ ଆଧାର କରି ପୁନର୍ଗଠନ କରାଯାଇଥିଲା, ଯାହାକୁ ବର୍ଗୀକରଣ କୁହାଯାଏ । ସେହିଭଳି, ଏକ କମ୍ପ୍ୟୁଟର କିମ୍ବା ଡିଜିଟାଲ୍ ମାନଚିତ୍ର ଜନସଂଖ୍ୟା, ଭାଷା କୋଡ୍ ଏବଂ ସୀମା ତଥ୍ୟ ବ୍ୟବହାର କରି ଢାଞ୍ଚା ଖୋଜି ଅଞ୍ଚଳଗୁଡିକୁ ପ୍ରଶାସନିକ ଅଞ୍ଚଳରେ ଗୋଷ୍ଠୀଭୁକ୍ତ କରେ । ତେଣୁ, ଯେପରି ମଣିଷ ଦେଶକୁ ସଂଗଠିତ କରିବା ପାଇଁ ଅଞ୍ଚଳକୁ ଶ୍ରେଣୀଭୁକ୍ତ କରିଥାଏ, ସେହିପରି ମେସିନ୍ ଡିଜିଟାଲ୍ ମାନଚିତ୍ରରେ ତଥ୍ୟକୁ ସଂଗଠିତ କରିବା ପାଇଁ ଢାଞ୍ଚା ଚିହ୍ନଟକରଣ ବ୍ୟବହାର କରିଥାଏ ।

AIଦ୍ୱାରା ଆଲୋଚନା:	କମ୍ପ୍ୟୁଟର କିପରି ଭାଷା, ଜନସଂଖ୍ୟା ଏବଂ ସୀମା ପରି ତଥ୍ୟ ବ୍ୟବହାର କରି ଅଞ୍ଚଳଗୁଡିକୁ ପ୍ରଶାସନିକ ଅଞ୍ଚଳରେ ବର୍ଗୀକରଣ କରେ ? ଅଧିକ ସୂଚନା ପାଇଁ QR କୋଡ୍ ସ୍କାନ୍ କର ।
ମୁଖ୍ୟ ଶବ୍ଦାବଳୀ :	**ପର୍ଯ୍ୟବେକ୍ଷଣ :** ଲୋକ, ସ୍ଥାନ କିମ୍ବା ଜିନିଷରେ ସମାନତା କିମ୍ବା ପାର୍ଥକ୍ୟ ଲକ୍ଷ୍ୟ କରିବା । **ଶୈଳୀ ଚିହ୍ନଟକରଣ:** ସୂଚନା କିମ୍ବା ତଥ୍ୟରେ ସମାନ ଧାରା କିମ୍ବା ବୈଶିଷ୍ଟ୍ୟଗୁଡିକ ସନ୍ଧାନ କରିବା । **ଡିଜିଟାଲ୍ ମାନଚିତ୍ର:** ଏକ କମ୍ପ୍ୟୁଟର ଆଧାରିତ ମାନଚିତ୍ର ଯାହା ସ୍ଥାନ ବିଷୟରେ ସୂଚନାକୁ ସଂଗଠିତ କରେ ।


ଉଦାହରଣ ୩ : ଭୋଟ୍ ଗଣନା ଏବଂ ପ୍ରତିନିଧିତ୍ୱକୁ ମାପ କରିବା



ନିର୍ବାଚନରେ, ପ୍ରତ୍ୟେକ ଭୋଟର ମୂଲ୍ୟ ସମାନ ଏବଂ ନିରପେକ୍ଷତା ଏବଂ ସଠିକତା ନିଶ୍ଚିତ କରିବାକୁ ଯତ୍ନର ସହ ଗଣନା କରାଯାଏ । ସେହିଭଳି, ଇଲେକ୍ଟ୍ରନିକ୍ ଭୋଟିଙ୍ଗ ମେସିନଗୁଡିକ ବଟନ୍ ପ୍ରେସ୍ ରେକର୍ଡ କରିବା, ଭୋଟକୁ ଡିଜିଟାଲ ଡାଟାରେ ପରିଣତ କରିବା ଏବଂ ଫଳାଫଳର ସଠିକ୍ ହିସାବ କରିବା ପାଇଁ କୃତ୍ରିମ ବୁଦ୍ଧିମତା(AI) କୁ ବ୍ୟବହାର କରାଯାଇଥାଏ । ତେଣୁ, ଯେପରି ମାପ ବିଜ୍ଞାନରେ ସଠିକତା ସୁନିଶ୍ଚିତ କରେ, ସେହିପରି ଯତ୍ନର ସହ ଭୋଟ୍ ଗଣନା ନିର୍ବାଚନ ବ୍ୟବସ୍ଥାରେ ନିରପେକ୍ଷତା ସୁନିଶ୍ଚିତ କରେ ।

AIଦ୍ୱାରା ଆଲୋଚନା:	ଯେତେବେଳେ ଜଣେ ଭୋଟର ଇଲେକ୍ଟ୍ରନିକ୍ ଭୋଟିଂ ମେସିନ୍ (EVM)ରେ ଏକ ବଟନ୍ ଦବାଇଥାଏ, ସେତେବେଳେ ଭୋଟ୍ ପକାଇବା ଏବଂ ଚୂଡ଼ାନ୍ତ ଫଳାଫଳ ଘୋଷଣା ମଧ୍ୟରେ କେଉଁ ପଦକ୍ଷେପ ନିଆଯାଏ ?ଭୋଟ୍ ରେକର୍ଡିଂ ଠାରୁ ଆରମ୍ଭ କରି ବିଜେତା ଘୋଷଣା କରିବା ପର୍ଯ୍ୟନ୍ତ ପ୍ରକ୍ରିୟା ବର୍ଣ୍ଣନା କର ଅଧିକ ସୂଚନା ପାଇଁ QR କୋଡ୍ ସ୍କାନ୍ କର ।
ମୁଖ୍ୟ ଶବ୍ଦାବଳୀ :	**ଡିଜିଟାଲ୍ ତଥ୍ୟ :** ସୂଚନା ସଂଖ୍ୟାରେ ରୂପାନ୍ତରିତ ହୁଏ ଯାହାକୁ କମ୍ପ୍ୟୁଟର ସଂରକ୍ଷଣ, ପ୍ରକ୍ରିୟା-କରଣ ଏବଂ ବିଶ୍ଳେଷଣ କରିପାରିବ । **ସାଂଖ୍ୟିକ ସୂଚନା:** ସଂଖ୍ୟା ଆକାରରେ ଉପସ୍ଥାପିତ ହୋଇଥିବା ତଥ୍ୟ ଯାହା ମେସିନ୍ ହିସାବ, ଗଣନା ଏବଂ ବିଶ୍ଳେଷଣ ପାଇଁ ବ୍ୟବହାର କରେ ।


ଉଦାହରଣ 4: ନିୟନ୍ତ୍ରଣ ଏବଂ ପ୍ରଭାବ ଚିହ୍ନଟକରଣ



ଅର୍ଥନୈତିକ କାର୍ଯ୍ୟକଳାପରେ, ଭୂମି, ଶ୍ରମ, ପୁଞ୍ଜି ଏବଂ ଉଦ୍ୟୋଗ ପରି କାରକ ଉତ୍ପାଦନରେ ଅବଦାନ କରନ୍ତି, ଯଦିଓ ସେମାନଙ୍କର ଭୂମିକା ସର୍ବଦା ସିଧାସଳଖ ଦୃଶ୍ୟମାନ ହୁଏ ନାହିଁ ଏବଂ ଉତ୍ପାଦନ ଏବଂ ଲାଭ ପରି ଫଳାଫଳ ମାଧ୍ୟମରେ ବୁଝାଯାଏ । ସେହିଭଳି, କୃତ୍ରିମ ବୁଦ୍ଧିମତା (AI) ମୂଲ୍ୟ, ଇନପୁଟ୍ ଏବଂ ଉତ୍ପାଦନ ସ୍ତର ପରି ତଥ୍ୟକୁ ବିଶ୍ଳେଷଣ କରେ ଯାହା ଢାଞ୍ଚା ଖୋଜିଥାଏ ଏବଂ ପ୍ରତ୍ୟେକ କାରକ ଫଳାଫଳକୁ କିପରି ପ୍ରଭାବିତ କରେ ତାହା ଦର୍ଶାଏ । ତେଣୁ, ଉଭୟ ଅର୍ଥନୀତି ଏବଂ AI ଆମକୁ ସେମାନଙ୍କର ପ୍ରଭାବ ମାଧ୍ୟମରେ ଲୁକ୍କାୟିତ ଅବଦାନକୁ ବୁଝିବାରେ ସାହାଯ୍ୟ କରେ ।

AIଦ୍ୱାରା ଆଲୋଚନା:	ଯଦି ଏକ କମ୍ପ୍ୟୁଟର ସିଧାସଳଖ ଭୂମି, ଶ୍ରମ କିମ୍ବା ପୁଞ୍ଜି ଦେଖିପାରେ ନାହିଁ, ତେବେ ଏହା ଇନପୁଟ୍ ଏବଂ ଆଉଟପୁଟ୍ ଉପରେ ତଥ୍ୟ ବିଶ୍ଳେଷଣ କରିବା, ଢାଞ୍ଚା ଖୋଜିବା ଏବଂ ଚାର୍ଟ ଏବଂ ରିପୋର୍ଟ ମାଧ୍ୟମରେ ସେମାନଙ୍କର ଅବଦାନ ଉପସ୍ଥାପନ କରିବା ପାଇଁ ବ୍ୟବହାର କରେ । ଅଧିକ ସୂଚନା ପାଇଁ QR କୋଡ୍ ସ୍କାନ୍ କର ।
ମୁଖ୍ୟ ଶବ୍ଦାବଳୀ :	**AI ବ୍ୟବସ୍ଥା :** କମ୍ପ୍ୟୁଟର ବ୍ୟବସ୍ଥା ଯାହା ତଥ୍ୟକୁ ବିଶ୍ଳେଷଣ କରିବା, ଢାଞ୍ଚା ଚିହ୍ନିବା ଏବଂ ସ୍ୱୟଂଚାଳିତ ଭାବରେ ନିଷ୍ପତ୍ତି କିମ୍ବା ପୂର୍ବାନୁମାନ କରିବା ପାଇଁ କୃତ୍ରିମ ବୁଦ୍ଧିମତା ବ୍ୟବହାର କରେ ।

ଉଦାହରଣ 5 : ପ୍ରଶାସନ ଏବଂ ସମ୍ବଳର ବର୍ଗୀକରଣ



କୃତ୍ରିମ ବୁଦ୍ଧିମତା (AI) ଶିକ୍ଷାର୍ଥୀମାନଙ୍କୁ କାକାତୀୟ ରାଜ୍ୟ ବିଷୟରେ ଏକ ସରଳ ଏବଂ ସ୍ପଷ୍ଟ ଉପାୟରେ ଶିଖିବାରେ ସୂଚନାକୁ ବର୍ଗରେ ସଂଗଠିତ କରିବାରେ ସାହାଯ୍ୟ କରେ । ଯେପରି କାକତୀୟ ଶାସକମାନେ ସେମାନଙ୍କ ରାଜ୍ୟକୁ ବିଭିନ୍ନ ଅଞ୍ଚଳରେ ବିଭକ୍ତ କରିଥିଲେ, ଅଧିକାରୀମାନଙ୍କୁ କର୍ତ୍ତବ୍ୟ ନ୍ୟସ୍ତ କରିଥିଲେ ଏବଂ ଉର୍ବରତା ଏବଂ ଜଳସେଚନ ଉପରେ ଆଧାର କରି ଜମିକୁ ଶ୍ରେଣୀଭୁକ୍ତ କରିଥିଲେ, ସେହିପରି AI ଶାସକ, ପ୍ରଶାସନ, ଜମି ଏବଂ ସମ୍ବଳ ଭଳି ଶୀର୍ଷକ ଅଧୀନରେ ସୂଚାନାକୁ ମଧ୍ୟ ସଜାଇଥାଏ । ଶିକ୍ଷଣକୁ ସହଜ ଏବଂ ଆକର୍ଷଣୀୟ କରିବା ପାଇଁ ଏହା ଚାର୍ଟ, ମାନଚିତ୍ର ଏବଂ ଦୃଶ୍ୟ ବ୍ୟବହାର କରେ । AI କୃଷି, ବାଣିଜ୍ୟ ଏବଂ ଶାସନ ପରି ବିଭିନ୍ନ ଚିନ୍ତାଧାରାକୁ ମଧ୍ୟ ସଂଯୋଗ କରେ । ତେଣୁ, କାକତୀୟ ପ୍ରଣାଳୀ ପରି, AI ସୂଚନାକୁ ମଧ୍ୟ ସଂଗଠିତ କରିବା ଏବଂ ଶିକ୍ଷଣକୁ ସହଜ ଏବଂ ପ୍ରଭାବଶାଳୀ କରିବା ପାଇଁ ବର୍ଗୀକରଣ ଏବଂ ଢାଞ୍ଚା ବ୍ୟବହାର କରେ ।

AIଦ୍ୱାରା ଆଲୋଚନା:	କମ୍ପ୍ୟୁଟର ବ୍ୟବସ୍ଥା ପ୍ରୋଗ୍ରାମ୍ ହୋଇଥିବା ପଦକ୍ଷେପ ଏବଂ AIକୁ ବ୍ୟବହାର କରି ଭୂମି, ଜଳସେଚନ ଏବଂ ପ୍ରଶାସନ ଉପରେ ତଥ୍ୟ ବିଶ୍ଳେଷଣ କରେ ଏବଂ ତାପରେ ଏହାକୁ ସହଜରେ ବୁଝିବା ପାଇଁ ସଂଗଠିତ ବର୍ଗରେ ବର୍ଗୀକୃତ ଏବଂ ସଂରକ୍ଷଣ କରେ । ଅଧିକ ସୂଚନା ପାଇଁ QR କୋଡ୍ ସ୍କାନ୍ କର ।
ମୁଖ୍ୟ ଶବ୍ଦାବଳୀ :	**ତଥ୍ୟ ବର୍ଗୀକରଣ:** ତଥ୍ୟକୁ ବର୍ଗରେ ସଂଗଠିତ କରିବାର ପ୍ରକ୍ରିୟା ଯାହା ଦ୍ୱାରା ଏହାକୁ କମ୍ପ୍ୟୁଟର ବ୍ୟବସ୍ଥା ଦ୍ୱାରା ସହଜରେ ଗଚ୍ଛିତ, ପ୍ରବେଶ ଏବଂ ବିଶ୍ଳେଷଣ କରିପାରିବା ।

ମାର୍ଗଦର୍ଶନ: ଉଦାହରଣ ପଢାଇବା ସମୟରେ, ପ୍ରଥମେ ପାଠ୍ୟାଶଂ ଆଲୋଚନା, କାର୍ଯ୍ୟକଳାପ କିମ୍ବା ମାନଚିତ୍ର କାର୍ଯ୍ୟ, ସମୟରେଖା,ଚାର୍ଟ, ରୋଲ–ପ୍ଲେ, କିମ୍ବା ଉତ୍ସଗୁଡ଼ିକୁ ଶ୍ରେଣୀଭୁକ୍ତ କରିବା ଭଳି ସରଳ ମାଧ୍ୟମରେ ପାଠ୍ୟପୁସ୍ତକ ଧାରଣା ଉପରେ ଧ୍ୟାନ ଦିଅ । AI ପ୍ରୟୋଗ ଆରମ୍ଭ କରିବା ପୂର୍ବରୁ ଶିକ୍ଷାର୍ଥୀମାନେ ସମାଜ ପର୍ଯ୍ୟବେକ୍ଷଣ, ଅଞ୍ଚଳ ବର୍ଗୀକରଣ, ପ୍ରଶାସନ ସଂଗଠିତ କରିବା, ଉପନିବେଶବାଦୀ ପ୍ରଭାବକୁ ବୁଝିବା, ନିର୍ବାଚନ, ଉତ୍ପାଦନର କାରକ କିମ୍ବା ଶାସନ ଭଳି ସାମାଜିକ ବିଜ୍ଞାନ ଧାରଣାଗୁଡ଼ିକୁ ବୁଝିଛନ୍ତି କି ନାହିଁ ତାହା ନିଶ୍ଚିତ କର । ପ୍ରଥମେ ମାନଚିତ୍ର, ଟେବୁଲ, କେସ୍ ଷ୍ଟଡି ଏବଂ ଐତିହାସିକ ଉଦାହରଣ ସହିତ ଶ୍ରେଣୀଗୃହ କାର୍ଯ୍ୟକଳାପ ବ୍ୟବହାର କର । ପର୍ଯ୍ୟବେକ୍ଷଣ, ତୁଳନା, ବର୍ଗୀକରଣ ଏବଂ ସୂଚନା ସଂଗଠିତ କରିବା ଭଳି ମାନବ ପ୍ରକ୍ରିୟାଗୁଡ଼ିକ କିପରି ମେସିନଗୁଡ଼ିକ ତଥ୍ୟ ପରିଚାଳନା କରିବା ସହିତ ସମାନ ତାହା ନିଜ ଶବ୍ଦରେ ବର୍ଣ୍ଣନା କରିବାକୁ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କର ।

AI ସହିତ ଅନୁସନ୍ଧାନ

ସାମାଜିକ ବିଜ୍ଞାନ ଶିକ୍ଷଣରେ AI କୁ ବୁଝିବା

କୃତ୍ରିମ ବୁଦ୍ଧିମତା (AI) କମ୍ପ୍ୟୁଟରକୁ ସୂଚନାକୁ ବିଶ୍ଳେଷଣ କରିବା, ଢାଞ୍ଚା ଚିହ୍ନିବା ଏବଂ ସରଳ ଭାଷାରେ ବ୍ୟାଖ୍ୟା ଉପସ୍ଥାପନ କରିବାରେ ସକ୍ଷମ କରିଥାଏ । ସାମାଜିକ ଅଧ୍ୟୟନ ଶିକ୍ଷାରେ, AI ମାନଚିତ୍ର, ସମୟରେଖା, ଐତିହାସିକ ଘଟଣା, ସରକାରୀ ବ୍ୟବସ୍ଥା ଏବଂ ଅର୍ଥନୈତିକ କାର୍ଯ୍ୟକଳାପକୁ ବୁଝିବାରେ ସାହାଯ୍ୟ କରିଥାଏ । ଏହା ୪ମ ଶ୍ରେଣୀ ସାମାଜିକ ଶିକ୍ଷାର ପାଠ୍ୟ ସହିତ ଜଡିତ ଅଭ୍ୟାସ ପ୍ରଶ୍ନ, ସାରାଂଶ ଏବଂ ସରଳ ବ୍ୟାଖ୍ୟା ସୃଷ୍ଟି କରିପାରିବ । ତଥାପି, AI ଶିକ୍ଷକ, ଶ୍ରେଣୀଗୃହ ଆଲୋଚନା, ମାନଚିତ୍ର କାର୍ଯ୍ୟ କିମ୍ବା ପାଠ୍ୟପୁସ୍ତକକୁ ବଦଳାଇ ପାରିବ ନାହିଁ ।

ପାଠ୍ୟପୁସ୍ତକ ସାମାଜିକ ଶିକ୍ଷା ଜ୍ଞାନର ପ୍ରାଥମିକ ଏବଂ ନିର୍ଭରଯୋଗ୍ୟ ଉତ୍ସ ଭାବରେ ରହିଥାଏ । AI କେବଳ ଏକ ସହାୟକ ଶିକ୍ଷଣ ସାଧନ ଭାବରେ କାର୍ଯ୍ୟ କରେ ।

ସାମାଜିକ ବିଜ୍ଞାନ ଶିକ୍ଷଣରେ AI କୁ ବ୍ୟବହାର କରିବା

ଶିକ୍ଷକଙ୍କ ମାର୍ଗଦର୍ଶନରେ ବିଦ୍ୟାଳୟ କମ୍ପ୍ୟୁଟର ଲାବୋରେଟୋରୀ ମାଧ୍ୟମରେ କିମ୍ବା ପିତାମାତାଙ୍କ ତତ୍ତ୍ୱାବଧାନରେ ଘରେ ଡିଜିଟାଲ୍ ଉପକରଣ ମାଧ୍ୟମରେ AI ଉପକରଣଗୁଡିକ ବ୍ୟବହାର କରାଯାଇପାରିବ । ଇତିହାସ, ଭୂଗୋଳ, ନଗର ବିଜ୍ଞାନ ଏବଂ ଅର୍ଥନୀତି ସମ୍ବନ୍ଧୀୟ ଶିକ୍ଷାଗତ ଉଦ୍ଦେଶ୍ୟ ପାଇଁ AI ସର୍ବଦା ଦାୟିତ୍ୱବାନ ଏବଂ ସଠିକ ଭାବରେ ବ୍ୟବହୃତ ହେବା ଉଚିତ ।

AI ର ନିରାପଦ ଏବଂ ଦାୟିତ୍ୱପୂର୍ଣ୍ଣ ବ୍ୟବହାର

AI ଉପକରଣ ବ୍ୟବହାର କରିବା ସମୟରେ, ବ୍ୟକ୍ତିଗତ ସୂଚନା ଯେପରିକି ନାମ, ଠିକଣା, ସ୍କୁଲ୍ ବିବରଣୀ, କିମ୍ବା ପାସୱାର୍ଡଗୁଡିକ କଦାପି ସେୟର କରାଯିବା ଉଚିତ ନୁହେଁ । AI ପ୍ରତିକ୍ରିୟାଗୁଡିକ ନବୁଝୁଣୁ ସିଧାସଳଖ କପି କରାଯିବା ଉଚିତ୍ ନୁହେଁ । AI ଦ୍ୱାରା ସୃଷ୍ଟି ହୋଇଥିବା ସମସ୍ତ ସୂଚନା ସାମାଜିକ ଶିକ୍ଷା ପାଠ୍ୟପୁସ୍ତକ ସହିତ ଯାଞ୍ଚ କରାଯିବା ଉଚିତ । ପରୀକ୍ଷା ସମୟରେ AI ବ୍ୟବହାର କରାଯିବା ଅନୁଚିତ ।

AI ର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ସାମାଜିକ ବିଜ୍ଞାନରେ ଶୃଙ୍ଖଳା, ସଚ୍ଚୋଟତା ଏବଂ ଗୁରୁତ୍ୱପୂର୍ଣ୍ଣ ଚିନ୍ତାଧାରାକୁ ମଜବୂତ କରିଥାଏ

AI ର ଫଳାଫଳ ମୂଲ୍ୟାଙ୍କନ ପୁସ୍ତିକାର ଟୁଲ୍ 1 ଏବଂ ଟୁଲ୍ 3 ରେ ବ୍ୟବହାର କରାଯାଇପାରିବ । AI ଦ୍ୱାରା ସୃଷ୍ଟି ହୋଇଥିବା ସମସ୍ତ ପ୍ରତିକ୍ରିୟା ବୁଡାନ୍ତ ବୁଝାମଣା କିମ୍ବା ଦାଖଲ କରିବା ପୂର୍ବରୁ ସାମାଜିକ ଶିକ୍ଷା ପାଠ୍ୟପୁସ୍ତକ ସହିତ ଯାଞ୍ଚ କରାଯିବା ଉଚିତ ।

ସାମାଜିକ ବିଜ୍ଞାନରେ ପ୍ରଭାବଶାଳୀ ପ୍ରମ୍ପ୍ଟ ଲେଖିବା

ପ୍ରମ୍ପ୍ଟ ହେଉଛି AI ଉପକରଣକୁ ଦିଆଯାଇଥିବା ଏକ ନିର୍ଦ୍ଦେଶ କିମ୍ବା ପ୍ରଶ୍ନ ।

ଏକ ଭଲ ସାମାଜିକ ଶିକ୍ଷା ପ୍ରମ୍ପ୍ଟରେଏଗୁଡିକ ଅନ୍ତର୍ଭୁକ୍ତ ହେବା ଉଚିତ୍:

- ଶ୍ରେଣୀ ସ୍ତର (ଶ୍ରେଣୀ 8)
- ପାଠର ନାମ
- ସ୍ପଷ୍ଟ ବିଷୟ କିମ୍ବା ଅବଧାରଣା
- ଯଦି ଆବଶ୍ୟକ ହୁଏ ତେବେ ସରଳ କିମ୍ବା ପର୍ଯ୍ୟାୟକ୍ରମେ ବ୍ୟାଖ୍ୟା ପାଇଁ ଅନୁରୋଧ କରିବା ।

ଉଦାହରଣ ପ୍ରମ୍ପ୍ଟ : " ମୁଁ ଜଣେ ଅଷ୍ଟମ ଶ୍ରେଣୀର ଛାତ୍ର । ଦୟାକରି ଗୋଟିଏ ଉଦାହରଣ ଦେଇ ସରଳ ଭାଷାରେ ଭାରତୀୟ ରାଜ୍ୟଗୁଡ଼ିକର ପୁନର୍ଗଠନର କାରଣ ବୁଝାଅ ।"

ସାମାଜିକ ବିଜ୍ଞାନ ଶିକ୍ଷଣରେ ପ୍ରମ୍ପ୍ଟର ପ୍ରକାରଭେଦ

1. **ଧାରଣା ବୁଝିବା ପ୍ରମ୍ପ୍ଟ: ଏହି** ପ୍ରକାରର ପ୍ରମ୍ପ୍ଟ ସରଳ ଭାଷାରେ ଏକ ସାମାଜିକ ଶିକ୍ଷା ଧାରଣାକୁ ସ୍ପଷ୍ଟ ଭାବରେ ବୁଝିବା ପାଇଁ ବ୍ୟବହୃତ ହୁଏ ।

   ଉଦାହରଣ: " ମୁଁ ଜଣେ ଅଷ୍ଟମ ଶ୍ରେଣୀର ଛାତ୍ର । ଦୟାକରି ଗୋଟିଏ ଉଦାହରଣ ସହିତ ସରଳ ଭାଷାରେ ପ୍ରାକୃତିକ ସମ୍ପଦର ଅର୍ଥ ଏବଂ ସେଗୁଡ଼ିକର ମହତ୍ତ୍ୱ ବର୍ଣ୍ଣନା କର । "

2. **ତୁଳନା କମ୍ବା ବିଶ୍ଳେଷଣାତ୍ମକ ପ୍ରଶ୍ନ :** ଏହି ପ୍ରକାରର ପ୍ରଶ୍ନ ଦୁଇଟି ଘଟଣା, ପ୍ରଣାଳୀ କିମ୍ବା ଧାରଣାକୁ ତୁଳନା କରିବା କିମ୍ବା ସେମାନଙ୍କର ପାର୍ଥକ୍ୟ ଏବଂ ସମାନତାକୁ ବିଶ୍ଳେଷଣ କରିବା ପାଇଁ ବ୍ୟବହାର କରାଯାଏ ।
ଉଦାହରଣ: " ମୁଁ ଜଣେ ଅଷ୍ଟମ ଶ୍ରେଣୀର ଛାତ୍ର । ଦୟାକରି ଭାରତରେ ଔପନିବେଶିକ ଶାସନ ଏବଂ ସ୍ୱାଧୀନ ଶାସନ ମଧ୍ୟରେ ଥିବା ପାର୍ଥକ୍ୟକୁ ଦୁଇଟି ଅଂଶ ସହିତ ବୁଝାଅ " ଏହି ପ୍ରକାରର ପ୍ରଶ୍ନ ସାମାଜିକ ଶିକ୍ଷା ଜ୍ଞାନକୁ ଏକ କାର୍ଯ୍ୟକଳାପ କିମ୍ବା ବାସ୍ତବ ଜୀବନ ପରିସ୍ଥିତିରେ ପ୍ରୟୋଗ କରିବା ପାଇଁ ବ୍ୟବହୃତ ହୁଏ ।
3. **ପ୍ରୟୋଗାତ୍ମକ ପ୍ରଶ୍ନ :** ସାମାଜିକ ବିଜ୍ଞାନକୁ ବାସ୍ତବ ଜୀବନ ପରିସ୍ଥିତିରେ ଶିଖାଯାଇଥିବା ଜିନିଷକୁ ପ୍ରୟୋଗ କରିବା ପାଇଁ ବ୍ୟବହାର କରାଯାଏ ।
ଉଦାହରଣ: " ମୁଁ ଜଣେ ଅଷ୍ଟମ ଶ୍ରେଣୀର ଶିକ୍ଷାର୍ଥୀ । ମରାଠାମାନଙ୍କ ଉତ୍ଥାନ ସମୟରେ ଘଟିଥିବା ପ୍ରମୁଖ ଘଟଣାଗୁଡ଼ିକର ଏକ ସରଳ ସମୟରେଖା ପ୍ରସ୍ତୁତ କରିବା ଏବଂ ସେଗୁଡ଼ିକର ଗୁରୁତ୍ୱ ବୁଝାଇବା ପାଇଁ ମୋତେ ସାହାଯ୍ୟ କର ।"

AI ଭୂଲ କରେ କି ?

AI ବ୍ୟବସ୍ଥା ଉପଯୋଗୀ, କିନ୍ତୁ ସେଗୁଡ଼ିକ ସର୍ବଦା ସଠିକ୍ ନୁହେଁ । AI ଇତିହାସ, ସମାଜ କିମ୍ବା ମାନବିକ ମୂଲ୍ୟବୋଧକୁ ଲୋକଙ୍କ ପରି ବୁଝିପାରିବ ନାହିଁ । ଏହା ସମ୍ପୂର୍ଣ୍ଣ ଭାବରେ ଏହାକୁ ଦିଆଯାଇଥିବା ସୂଚନା (ତଥ୍ୟ) ଉପରେ ନିର୍ଭର କରେ । ଯଦି ଐତିହାସିକ ଘଟଣା, ମାନଚିତ୍ର କିମ୍ବା ସରକାରୀ ପ୍ରଣାଳୀ ବିଷୟରେ ତଥ୍ୟ ଅସମ୍ପୂର୍ଣ୍ଣ କିମ୍ବା ଭୁଲ ଅଟେ, ତେବେ AI ଭୁଲ କିମ୍ବା ବିଭ୍ରାନ୍ତିକର ଉତ୍ତର ଦେଇପାରେ । କେତେକ ସମୟରେ AI ଏପରି ଉତ୍ତର ସୃଷ୍ଟି କରିପାରେ ଯାହା ସଠିକ୍ ଲାଗୁଥିବ କିନ୍ତୁ ସଠିକ୍ ନୁହେଁ ।

ତେଣୁ, ସାମାଜିକ ବିଜ୍ଞାନରେ AI ରୁ ସୃଷ୍ଟି ହୋଇଥିବା ସମସ୍ତ ସୂଚନାକୁ ପାଠ୍ୟପୁସ୍ତକ ଏବଂ ଶିକ୍ଷକଙ୍କ ମାର୍ଗଦର୍ଶନ ସହିତ ଯତ୍ନର ସହ ଯାଞ୍ଚ କରାଯିବା ଉଚିତ । ଶିକ୍ଷଣକୁ ସମର୍ଥନ କରିପାରିବ, କିନ୍ତୁ ଏହା ପାଠ୍ୟ ପୁସ୍ତକ, ମାନଚିତ୍ର କାର୍ଯ୍ୟ, ଆଲୋଚନା କିମ୍ବା ସମାଲୋଚନାମୂଳକ ଚିନ୍ତାଧାରାକୁ ବଦଳାଇପାରିବ ନାହିଁ ।

କିମ୍ବଦନ୍ତୀ	ବାସ୍ତବିକତା
AI କେବଳ ବିଜ୍ଞାନ ବିଷୟଗୁଡ଼ିକରେ ଉପଯୋଗୀ ।	ମାନଚିତ୍ର, ଜନସଂଖ୍ୟା ଏବଂ ଇତିହାସ ଅଧ୍ୟୟନ କରିବା ପାଇଁ ସାମାଜିକ ବିଜ୍ଞାନରେ ମଧ୍ୟ A.Iକୁ ବ୍ୟବହାରକରାଯାଇପାରିବ ।
AI ହେଉଛି ଯାଦୁ ଯାହା ଅର୍ଥନୀତିର ଭବିଷ୍ୟତ ଜାଣେ ।	AI ଡାଟା ସେଟ୍ ରେ ଲୁକ୍କାୟିତ ସମ୍ପର୍କକୁ ଚିହ୍ନଟ କରେ (ଯେପରିକି ଇନପୁଟ୍ ବନାମ ଲାଭ) ଆମକୁ ଦେଖାଇବା ପାଇଁ ସଂଖ୍ୟା ଉପରେ ଆଧାର କରି କଣ ହୋଇପାରେ ଦର୍ଶାଏ ।

ତୁମେ ଜାଣିଛ କି ?

"ଡିଜିଟାଲ୍ ଆରେଷ୍ଟ" ହେଉଛି ଏକ ଅନଲାଇନ୍ ସ୍କାମ ଯେଉଁଠାରେ ଅପରାଧୀମାନେ ପୋଲିସ କିମ୍ବା ସରକାରୀ ଅଧିକାରୀ ବୋଲି ଛଳନା କରନ୍ତି ଏବଂ ଫୋନ୍ କିମ୍ବା ଭିଡିଓ କଲ୍ ମାଧ୍ୟମରେ ଲୋକଙ୍କୁ ଧମକ ଦିଅନ୍ତି । ଅଧିକ ସୂଚନା ପାଇଁ, ଏହି ବିଷୟରେ AI କୁ ପଚାରନ୍ତୁ ।

ମାର୍ଗଦର୍ଶନ:

କୌଣସି AI –ଆଧାରିତ କାର୍ଯ୍ୟକଳାପକୁ ଅନୁମତି ଦେବା ପୂର୍ବରୁ, ଶିକ୍ଷାର୍ଥୀମାନେ ପ୍ରଥମେ ପ୍ରାସଙ୍ଗିକ ସାମାଜିକ ଶିକ୍ଷା ପାଠକୁ ଭଲ ଭାବରେ ପଢ଼ିବା ଉଚିତ୍ । ଶ୍ରେଣୀ ସ୍ତର, ପାଠ୍ୟ ନାମ, ଏବଂ ବିଷୟ ଅନ୍ତର୍ଭୁକ୍ତ କରି ସ୍ପଷ୍ଟ, ବିଷୟ ଆଧାରିତ ପ୍ରଶ୍ନ କିପରି ଲେଖିବେ ତାହା ଛାତ୍ରମାନଙ୍କୁ ଦେଖାନ୍ତୁ । ଛାତ୍ରମାନେ କିପରି AI ଉପକରଣ ବ୍ୟବହାର କରନ୍ତି ତାହା ଉପରେ ନଜର ରଖନ୍ତୁ ଏବଂ ନିଶ୍ଚିତ କରନ୍ତୁ ଯେ ସମସ୍ତ ପ୍ରତିକ୍ରିୟା ସାମାଜିକ ବିଜ୍ଞାନ ପାଠ୍ୟପୁସ୍ତକ ସହିତ ଯାଞ୍ଚ କରାଯାଇଛି । ଏହା ସ୍ପଷ୍ଟ କରନ୍ତୁ ଯେ AI–ଉତ୍ପନ୍ନ ଉତ୍ତରଗୁଡିକ ନବୁଝୁଣୁ ସିଧାସଳଖ କପି କରାଯିବା ଉଚିତ ନୁହେଁ । ଦାୟିତ୍ୱବାନ ଡିଜିଟାଲ୍ ଆଚରଣ ଏବଂ ଶୈକ୍ଷିକ ସଚ୍ଚୋଟତାକୁ ଉତ୍ସାହିତ କର । AI କେବଳ ଇତିହାସ, ଭୂଗୋଳ, ନଗର ବିଜ୍ଞାନ ଏବଂ ଅର୍ଥନୀତିର ବୁଝାମଣାରେ ଉନ୍ନତି ଆଣିବା ପାଇଁ ବ୍ୟବହାର କରାଯିବା ଉଚିତ, ଏବଂ ଯାନ୍ତ୍ରିକ ଭାବରେ କାର୍ଯ୍ୟ ସମାପ୍ତ କରିବା ପାଇଁ ନୁହେଁ ।

ଅଧ୍ୟାୟ ଅନୁସାରେ AI ସମର୍ଥିତ ଅନୁସନ୍ଧାନ

AI ସହିତ ଅନୁସନ୍ଧାନ କରିବାକୁ ଶିକ୍ଷାର୍ଥୀମାନଙ୍କ ପାଇଁ କାର୍ଯ୍ୟ (ସାମାଜିକ ବିଜ୍ଞାନ – ସେମିଷ୍ଟାର 1)

ଅଧ୍ୟାୟ	ମୂଳ ସ୍ତର (Foundational)	ବିଶ୍ଳେଷଣାତ୍ମକ ସ୍ତର (Analytical)	ସୃଜନଶୀଳ ସ୍ତର (Creative)
ଅଧ୍ୟାୟ 1: ଭାରତ ଏବଂ ପୃଥିବୀ: ଭୂମି ଓ ମାନବ ପ୍ରାକୃତିକ ସମ୍ବଳ ଓ ତା'ର ବ୍ୟବହାର	• ମୁଖ୍ୟ ଭୂରୂପ ଏବଂ ପ୍ରାକୃତିକ ସମ୍ପଦ ଗୁଡିକ ଚିହ୍ନଟ କର । • ନବୀକରଣ ଯୋଗ୍ୟ ଏବଂ ନବୀକରଣ ଅଯୋଗ୍ୟ ସମ୍ବଳର ସଂଜ୍ଞା ଲେଖ ।	• ବିଭିନ୍ନ ପ୍ରକାରର ସମ୍ବଳ ଗୁଡିକ ତୁଳନା କର । • ଭୂମି ଏବଂ ସମ୍ବଳ ମାନବ ଜୀବନକୁ କିପରି ପ୍ରଭାବିତ କରିଥାଏ ବିଶ୍ଳେଷଣ କର ।	• ଭୂରୂପ ଓ ସମ୍ବଳ ଗୁଡିକ ଦର୍ଶାଉଥିବା ଡିଜିଟାଲ୍ ମାନଚିତ୍ର ପ୍ରସ୍ତୁତ କର । • କମ୍ପ୍ୟୁଟର୍ ଆଧାରିତ ସମ୍ବଳ ମ୍ୟାପିଂ ସହ ମାନବ ସମ୍ବଳ ବ୍ୟବହାର ତୁଳନା କର ।
ଅଧ୍ୟାୟ 2 : ଭାରତୀୟ ରାଜନୈତିକ ମାନଚିତ୍ରର ପୁନର୍ଗଠନ	• ଭାରତୀୟ ରାଜ୍ୟ ଏବଂ ଭାଷା ଗୁଡିକର ତାଲିକା ପ୍ରସ୍ତୁତ କର । • ରାଜ୍ଯିୟ ପୁନର୍ଗଠନର ସଂଜ୍ଞା ଲେଖ ।	• ପୁନର୍ଗଠନ ପୂର୍ବରୁ ଏବଂ ପରର ରାଜନୈତିକ ମାନଚିତ୍ର ତୁଳନା କର । • ଭାଷାଗତ ରାଜ୍ୟ ଗଠନର କାରଣ ବିଶ୍ଳେଷଣ କର ।	• ରାଜ୍ୟ ଗଠନ ଦର୍ଶାଉଥିବା ଏକ ସମୟରେଖା ସୃଷ୍ଟି କର । •ଅଞ୍ଚଳ ବର୍ଗୀକରଣରେ ମାନବ ଏବଂ କମ୍ପୁଟର ଆଧାରିତ ବର୍ଗୀକରଣ ମଧ୍ୟରେ ପାର୍ଥକ୍ୟ ତୁଳନାକର ।
ଅଧ୍ୟାୟ 3 : ମରାଠା ସାମ୍ରାଜ୍ୟର ଉତ୍‌ଥାନ	• ଶିବାଜୀ ଏବଂ ପ୍ରମୁଖ ଦୁର୍ଗଗୁଡିକ ଚିହ୍ନଟ କର । • ମରାଠା ପ୍ରଶାସନର ବୈଶିଷ୍ଟ୍ୟଗୁଡ଼ିକ ଲେଖ ।	• ସାମରିକ ଏବଂ ରାଜସ ବ୍ୟବସ୍ଥା ତୁଳନା କର । • ପ୍ରତିରକ୍ଷା କ୍ଷେତ୍ରରେ ଦୁର୍ଗର ଭୂମିକାକୁ ବିଶ୍ଳେଷଣ କର ।	• ବିଭିନ୍ନ ପ୍ରକାରର ଦୁର୍ଗର ଏକ ଚାର୍ଟ ପ୍ରସ୍ତୁତ କର । • ଐତିହାସିକ ପ୍ରଶାସନ ସହ ଡିଜିଟାଲ୍ ତଥ୍ୟ ସଂଗଠନ ତୁଳନା କର ।
ଅଧ୍ୟାୟ 4 : ଭାରତର ଔପନିବେଶିକ ଯୁଗ	• ପ୍ରମୁଖ ଔପନିବେଶିକ ନୀତିର ତାଲିକା ପ୍ରସ୍ତୁତ କର । • ବ୍ରିଟିଶ ଶାସନର ପ୍ରଭାବ ଗୁଡିକ ଚିହ୍ନଟ କର ।	• ଔପନିବେଶିକ ଶାସନ ପୂର୍ବରୁ ଏବଂ ପରର ଭାରତୀୟ ଅର୍ଥନୀତିକୁ ତୁଳନା କର । • କୃଷକ ଏବଂ ଶିଳ୍ପ ଉପରେ ଔପନିବେଶିକ ଶାସନର ପ୍ରଭାବ ବିଶ୍ଳେଷଣ କର ।	• ଔପନିବେଶିକ ଶୋଷଣର ଏକ ଫ୍ଲୋଚାର୍ଟ ପ୍ରସ୍ତୁତ କର । • ଐତିହାସିକ ପ୍ରଭାବ ସହ ଡିଜିଟାଲ୍ ସଂଗଠନ ତଥ୍ୟ ବିଶ୍ଳେଷଣ ସହ ତୁଳନା କର
ଅଧ୍ୟାୟ 5 : କାକତୀୟ ରାଜ୍ୟ	• ମୁଖ୍ୟ କାକତୀୟ ଶାସକମାନଙ୍କୁ ଚିହ୍ନଟ କର । • ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ଗୁଡିକର ତାଲିକା ପ୍ରସ୍ତୁତ କର ।	• ଦୁର୍ଗ ପ୍ରଶାସନ ଏବଂ ଜଳସେଚନ ପ୍ରଣାଳୀ ତୁଳନା କର ।. • ସାଂସ୍କୃତିକ ଏବଂ ଅର୍ଥନୈତିକ ବିକାଶକୁ ବିଶ୍ଳେଷଣ କର ।	• କାକତୀୟ ଶାସକମାନଙ୍କର ସମୟରେଖା ପ୍ରସ୍ତୁତ କର । • ଐତିହାସିକ ପ୍ରଶାସନ ସହ ଡିଜିଟାଲ୍ ରେକର୍ଡ ବ୍ୟବସ୍ଥାକୁ ତୁଳନା କର ।
ଅଧ୍ୟାୟ 6 : ସାର୍ବଜନୀନ ମତଦାନ ଓ ଭାରତରନିର୍ବାଚନ ବ୍ୟବସ୍ଥା	• ସାର୍ବଜନୀନ ସାବାଳକ ମତାଧିକାରର ସଂଜ୍ଞା ଲେଖ । • ନିର୍ବାଚନର ପର୍ଯ୍ୟାୟ ଗୁଡିକର ତାଲିକା କର ।	• ପ୍ରକ୍ରିୟା ପୂର୍ବରୁ ଏବଂ ପରର ଭୋଟ ଅଧିକାରକୁ ତୁଳନା କର । • ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନର ଗୁରୁତ୍ୱକୁ ବିଶ୍ଳେଷଣ କର ।	• ସ୍ୱାଧିନ ନିର୍ବାଚନ ପ୍ରକ୍ରିୟାର ଏକ ଡିଜିଟାଲ୍ ଚାର୍ଟ ପ୍ରସ୍ତୁତ କର । . • ମାନବ ଭୋଟିଂ ବିଧାନକୁ ଇଲେକ୍‌ଟ୍ରୋନିକ୍ ତଥ୍ୟ ପ୍ରକ୍ରିୟାକରଣ ସହ ତୁଳନା କର ।

ଅଧ୍ୟାୟ 7 : ସଂସଦୀୟ ବ୍ୟବସ୍ଥା : ବ୍ୟବସ୍ଥାପିକା ଏବଂ କାର୍ଯ୍ୟପାଳିକା	• ସଂସଦର ଅଙ୍ଗଗୁଡିକ ଚିହ୍ନଟ କର । • ବ୍ୟବସ୍ଥାପିକା ଏବଂ କାର୍ଯ୍ୟନିର୍ବାହୀର କାର୍ଯ୍ୟ ଗୁଡିକ ଲେଖ ।	• ଲୋକସଭା ଓ ରାଜ୍ୟସଭାକୁ ତୁଳନା କର । • ବ୍ୟବସ୍ଥାପିକା ଏବଂ କାର୍ଯ୍ୟନିର୍ବାହୀର ସମ୍ପର୍କ ଗୁଡିକ ବିଶ୍ଳେଷଣ କର ।	• ସରକାରଙ୍କ ଏକ ସାଂଗଠନିକ ଚାର୍ଟ ପ୍ରସ୍ତୁତ କର । • ମାନବ ଶାସନ ସହ ଡିଜିଟାଲ୍ ସୂଚନା ପ୍ରଣାଳୀ ସଂରଚନାକୁ ତୁଳନା କର ।
ଅଧ୍ୟାୟ 8 : ଉତ୍ପାଦନର କାରକ	• ଭୂମି, ଶ୍ରମ, ପୁଞ୍ଜି ଏବଂ ଉଦ୍ୟୋଗର ସଂଜ୍ଞା ଲେଖ । • ପ୍ରତ୍ୟେକ କାରକର ଉଦାହରଣ ଦିଅ ।	• ଉତ୍ପାଦନର ବିଭିନ୍ନ କାରକ ଗୁଡିକ ତୁଳନା କର । • ଅର୍ଥନୈତିକ କାର୍ଯ୍ୟକଳାପରେ ସେମାନଙ୍କର ଭୂମିକାକୁ ଅନ୍ୟ ସମୟ ସହ ବିଶ୍ଳେଷଣ କର ।	• ଉତ୍ପାଦନ କାରକଗୁଡ଼ିକର କନସେପ୍ଟ ମ୍ୟାପ ପ୍ରସ୍ତୁତ କର • ମାନବ ଉତ୍ପାଦନ ଯୋଜନା ସହ କମ୍ପ୍ୟୁଟର ଆଧାରିତ ଯୋଜନାକୁ ତୁଳନା କର ।

ଶିକ୍ଷାର୍ଥୀମାନେ ବାସ୍ତବ ଜୀବନ ପରିସ୍ଥିତିରେ ସାମାଜିକ ଶିକ୍ଷା ଶିକ୍ଷଣକୁ ପ୍ରୟୋଗ କରିବା ପାଇଁ ଶିକ୍ଷକ କିମ୍ବା ପିତାମାତାଙ୍କ ମାର୍ଗଦର୍ଶନରେ ଛୋଟ ସମ୍ପ୍ରଦାୟ–ଭିତ୍ତିକ ପ୍ରକଳ୍ପ ଗ୍ରହଣ କରିପାରିବେ । ସରଳ ଗ୍ରାମ କିମ୍ବା ୱାର୍ଡ ମାନଚିତ୍ର ପ୍ରସ୍ତୁତ କରିବା, ସ୍ଥାନୀୟ ସମ୍ବଳ ବିଷୟରେ ସୂଚନା ସଂଗ୍ରହ କରିବା, ସ୍ଥାନୀୟ ଇତିହାସର ସମୟସୀମା ତିଆରି କରିବା, ନିର୍ବାଚନ ପ୍ରକ୍ରିୟା ଉପରେ ନଜର ରଖିବା କିମ୍ବା ପଡ଼ୋଶୀର ବୃତ୍ତି ଅଧ୍ୟୟନ କରିବା ଭଳି କାର୍ଯ୍ୟକଳାପ ବୁଝାମଣା ଏବଂ ସାମାଜିକ ଦାୟିତ୍ୱକୁ ସୁଦୃଢ କରିବାରେ ସାହାଯ୍ୟ କରେ ।

ମାର୍ଗଦର୍ଶନ : ଶେଷ ଆଲୋଚନା ସମୟରେ, ଶିକ୍ଷାର୍ଥୀମାନଙ୍କୁ ଆଠଟି ପାଠ୍ୟ ଏକାଠି କିପରି ମୂଳ ସାମାଜିକ ବିଜ୍ଞାନ ଦକ୍ଷତା ବିକାଶିତ କରେ ସେ ବିଷୟରେ ଚିନ୍ତା କରିବାକୁ ମାର୍ଗଦର୍ଶନ କରନ୍ତୁ । ସମାଜର ପର୍ଯ୍ୟବେକ୍ଷଣ, ମାନଚିତ୍ର ପଢ଼ିବା ଏବଂ ବ୍ୟାଖ୍ୟା କରିବା, ଐତିହାସିକ ଘଟଣାଗୁଡ଼ିକର ତୁଳନା କରିବା, ସମ୍ବଳ ଏବଂ ଅନୁଷ୍ଠାନଗୁଡ଼ିକୁ ଶ୍ରେଣୀଭୁକ୍ତ କରିବା ଏବଂ ଶାସନ ପ୍ରଣାଳୀକୁ ବୁଝିବା ଉଭୟ ସାମାଜିକ ଶିକ୍ଷା ଶିକ୍ଷଣ ଏବଂ ବୁଦ୍ଧିମାନ ଡିଜିଟାଲ୍ ସିଷ୍ଟମରେ କିପରି ଆବଶ୍ୟକ ତାହା ପ୍ରକାଶ କରିବାରେ ସେମାନଙ୍କୁ ସାହାଯ୍ୟ କରନ୍ତୁ । ପାଠ୍ୟପୁସ୍ତକ ଜ୍ଞାନକୁ ଦୈନନ୍ଦିନ ଜୀବନରେ ପ୍ରୟୋଗ କରୁଥିବା ଛୋଟ, ତଦାରଖ ସମ୍ପ୍ରଦାୟ–ଆଧାରିତ କାର୍ଯ୍ୟକଳାପକୁ ଉତ୍ସାହିତ କରନ୍ତୁ । ଶୃଙ୍ଖଳିତ ଚିନ୍ତାଧାରା, ପ୍ରଯୁକ୍ତିର ନୈତିକ ବ୍ୟବହାର ଏବଂ ବିଶ୍ୱସନୀୟ ଉତ୍ସରୁ ସୂଚନାର ଯତ୍ନର ସହ ଯାଞ୍ଚକୁ ସୁଦୃଢ କର । ଦାୟିତ୍ୱପୂର୍ଣ୍ଣ ଭାବରେ ପ୍ରଯୁକ୍ତିବିଦ୍ୟା ପ୍ରୟୋଗଗୁଡ଼ିକୁ ଅନୁସନ୍ଧାନ କରିବା ସହିତ ଐତିହାସିକ, ଭୌଗୋଳିକ, ରାଜନୈତିକ ଏବଂ ଅର୍ଥନୈତିକ ବୁଝାମଣାକୁ ସୁଦୃଢ଼ କରିବା ଉପରେ ଧ୍ୟାନ ଦିଆଯିବା ଉଚିତ ।

ସାରାଂଶ: ଏହି ସେମିଷ୍ଟାରର ଆଠଟି ପାଠ ସମାଜକୁ ନିରୀକ୍ଷଣ କରିବା, ମାନଚିତ୍ର ପଢିବା ଏବଂ ବ୍ୟାଖ୍ୟା କରିବା, ଅଞ୍ଚଳ ଏବଂ ସମ୍ବଳକୁ ଶ୍ରେଣୀଭୁକ୍ତ କରିବା, ଐତିହାସିକ ଘଟଣାଗୁଡ଼ିକର ତୁଳନା କରିବା ଏବଂ ଶାସନ ଏବଂ ଉତ୍ପାଦନର ପ୍ରଣାଳୀ ବୁଝିବା ଭଳି ଅତ୍ୟାବଶ୍ୟକ ସାମାଜିକ ବିଜ୍ଞାନ ଦକ୍ଷତା ବିକାଶ କରିଥାଏ । ଏହି ସମାନ ଦକ୍ଷତା ଡିଜିଟାଲ୍ ଏବଂ ବୁଦ୍ଧିମାନ ପ୍ରଣାଳୀଗୁଡ଼ିକ କିପରି ସୂଚନା ସଂଗଠିତ କରନ୍ତି ଏବଂ ଢାଞ୍ଚା ଚିହ୍ନଟ କରନ୍ତି ତାହାର ମୂଳଦୁଆ ଗଠନ କରେ ।

ସାମାଜିକ ଅଧ୍ୟୟନ ଶିକ୍ଷା ଛାତ୍ରଛାତ୍ରୀମାନଙ୍କୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଲୋକ, ଭୂମି, ସରକାର ଏବଂ ଅର୍ଥନୀତି ବିଷୟରେ ତଥ୍ୟ କିପରି ସଂଗ୍ରହ, ବିଶ୍ଳେଷଣ ଏବଂ ଉପସ୍ଥାପନ କରାଯାଇପାରିବ ତାହା ବୁଝିବାକୁ ପ୍ରସ୍ତୁତ କରେ। ପାଠ୍ୟପୁସ୍ତକର ଯତ୍ନର ସହିତ ଅଧ୍ୟୟନ, ଡିଜିଟାଲ୍ ଉପକରଣର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ଏବଂ ଚିନ୍ତନଶୀଳ ଆଲୋଚନା ସହିତ, ସାମାଜିକ ଜ୍ଞାନ ଅତୀତକୁ ବୁଝିବା, ବର୍ତ୍ତମାନର ବ୍ୟାଖ୍ୟା କରିବା ଏବଂ ସମାଜରେ ଦାୟିତ୍ୱପୂର୍ଣ୍ଣ ଭାବରେ କାର୍ଯ୍ୟ କରିବା ପାଇଁ ଅର୍ଥପୂର୍ଣ୍ଣ ଏବଂ ଉପଯୋଗୀ ହୋଇଯାଏ ।

ପରିଭାଷା

ବିଚ୍ଛିନ୍ନତା: ଅଲଗା, ଅବାଞ୍ଛିତ କିମ୍ବା ଆଉ କୌଣସି ଜିନିଷର ଅଂଶ ନୁହେଁ ବୋଲି ଅନୁଭବ କରିବା ପାଇଁ ପ୍ରସ୍ତୁତ ।

ବୈଷୟିକ ଉପକରଣ: ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ସଂଗଠିତ ଅନୁଷ୍ଠାନ ଏବଂ ପ୍ରକ୍ରିୟାଗୁଡ଼ିକର ସମ୍ପୂର୍ଣ୍ଣ ସଂରଚନା, ଯେପରିକି ନିର୍ବାଚନ ପରିଚାଳନା ।

ସମ୍ମତି: ଆନୁଷ୍ଠାନିକ ଅନୁମୋଦନ କିମ୍ବା ଚୁକ୍ତିନାମା, ବିଶେଷକରି ରାଷ୍ଟ୍ରପତିଙ୍କ ଦ୍ୱାରା ଏକ ବିଲ୍ ଆଇନରେ ପରିଣତ ହେବା ପାଇଁ ।

ଲୋକଗାଥା: ଗୀତ ପରି କବିତା ଯାହା ଏକ କାହାଣୀ କହିଥାଏ, ପ୍ରାୟତଃ ମୌଖିକ ଭାବରେ ପାରିତ ହୋଇଥାଏ ।

ବେଲଟ୍ ପେପର: ନିର୍ବାଚନରେ ଭୋଟରମାନେ ସେମାନଙ୍କ ପସନ୍ଦକୁ ସୂଚାଇବା ପାଇଁ ପ୍ରାର୍ଥୀ କିମ୍ବା ଦଳକୁ ତାଲିକାଭୁକ୍ତ କରୁଥିବା ଏକ କାଗଜ ପର୍ଦ୍ଦ ।

ବର୍ବର: ଅତ୍ୟନ୍ତ ନିଷ୍ଠୁର କିମ୍ବା ନୃଶଂସତା, ସଭ୍ୟତା କିମ୍ବା ସଂସ୍କୃତିର ଅଭାବ ।

ଗ୍ରନ୍ଥସୂଚୀ: ବହି ପଢିବା ପାଇଁ ଆଗ୍ରହ ଥିବା ବା ବହି ସଂଗ୍ରହ କରୁଥିବା ବ୍ୟକ୍ତି ।

ଅମଲାତନ୍ତ୍ର: ସରକାରୀ ଅଧିକାରୀ ଯେଉଁମାନେ ନିର୍ବାଚିତ ନୁହଁନ୍ତି କିନ୍ତୁ ବିଭାଗ ଚଳାଇବାରେ ଏବଂ ଆଇନ ଏବଂ ନୀତି କାର୍ଯ୍ୟକାରୀ କରିବାରେ ସାହାଯ୍ୟ କରନ୍ତି ।

ଜ୍ଞାନଗତ ବିକାଶ: ଶିଶୁର ମସ୍ତିଷ୍କ କିପରି ବୃଦ୍ଧି ପାଇଥାଏ ଏବଂ ବିକଶିତ ହୁଏ ଯେତେବେଳେ ସେମାନେ ଚିନ୍ତା କରିବା, ବୁଝିବା ଏବଂ ସମସ୍ୟାର ସମାଧାନ କରିବା ଶିଖନ୍ତି ।

ରାଷ୍ଟ୍ରସଂଘ: ନେତା କିମ୍ବା ରାଜ୍ୟମାନଙ୍କର ଏକ ଗୋଷ୍ଠୀ ଯାହା ଏକ ସାଧାରଣ କାରଣ ପାଇଁ ଏକତ୍ରିତ ହୁଅନ୍ତି ।

କନ୍‌ସୋର୍ଟିୟମ୍: ଏକ ସାଧାରଣ ଉଦ୍ଦେଶ୍ୟ କିମ୍ବା ଲକ୍ଷ୍ୟ ପାଇଁ ଏକତ୍ରିତ ହୋଇଥିବା ପୃଥକ ସଂଗଠନ ଗୁଡିକର ଏକ ଗୋଷ୍ଠୀ ।

କର୍ପୋରେଟ୍ ସାମାଜିକ ଦାୟିତ୍ୱ: କେବଳ ଲାଭ ପାଇବା ଉଦ୍ଦେଶ୍ୟ ବ୍ୟତୀତ ସମାଜ ଏବଂ ପରିବେଶର କଲ୍ୟାଣରେ ଯୋଗଦାନ କରିବା ପାଇଁ ବ୍ୟବସାୟୀଙ୍କ ଦାୟିତ୍ୱ ।

ଡି ଫେକ୍ଟୋ: କୌଣସି ଆନୁଷ୍ଠାନିକ ଭାବରେ କୁହାଯାଇ ନ ଥିଲେ ମଧ୍ୟ ପ୍ରକୃତରେ କିମ୍ବା ଅଭ୍ୟାସରେ ଅଧିକାର ପାଇଥିବା ।

ଉପନିବେଶବାଦ ବିକେନ୍ଦ୍ରୀକରଣ: ଏକ ପ୍ରକ୍ରିୟା ଯାହା ଦ୍ୱାରା ଏକ ଦେଶ ବିଦେଶୀ ଶାସନରୁ ମୁକ୍ତ ହୁଏ ଏବଂ ନିଜର ନିୟନ୍ତ୍ରଣ, ପରିଚୟ ଏବଂ ଜୀବନଶୈଳୀ ପୁନରୁଦ୍ଧାର କରିବାକୁ ଆରମ୍ଭ କରେ ।

ଜନସଂଖ୍ୟାଗତ ସୂଚନା: ଲୋକଙ୍କ ଗୋଷ୍ଠୀ , ସେମାନଙ୍କର ବୟସ, ଲିଙ୍ଗ, ଆୟ, ଏବଂ ସେମାନେ କେଉଁଠାରେ ରୁହନ୍ତି ଇତ୍ୟାଦି ବିଷୟରେ ସୂଚନା ।

ଅପବିତ୍ର କରିବା: କୌଣସି ପବିତ୍ର ସ୍ଥାନ କିମ୍ବା ବସ୍ତୁକୁ କ୍ଷତି ପହଞ୍ଚାଇବା କିମ୍ବା ଅସମ୍ମାନ କରିବା ।

ଦେବନାଗରୀ: ସଂସ୍କୃତ, ହିନ୍ଦୀ, ମରାଠୀ ଏବଂ ଅନ୍ୟାନ୍ୟ ଭାରତୀୟ ଭାଷା ଲେଖିବା ପାଇଁ ବ୍ୟବହୃତ ଏକ ଲିପି ।

ଯୁଗ: ଇତିହାସ କିମ୍ବା କାହାର ଜୀବନରେ ମୁଖ୍ୟ କିମ୍ବା ଗୁରୁତ୍ୱପୂର୍ଣ୍ଣ ସମୟ ।

ଗରିଲା ଯୁଦ୍ଧ: ଏକ ଯୁଦ୍ଧ ଶୈଳୀ ଯେଉଁଠାରେ ଛୋଟ ଗୋଷ୍ଠୀ ବଡ଼ ସୈନ୍ୟବାହିନୀକୁ ପରାସ୍ତ କରିବା ପାଇଁ ଗତି, ଆଶ୍ଚର୍ଯ୍ୟ ଏବଂ ସ୍ଥାନୀୟ ଅଞ୍ଚଳ ବିଷୟରେ ଜ୍ଞାନ ବ୍ୟବହାର କରନ୍ତି ।

ପ୍ରେରଣା: ଏକ ଭାବନା କିମ୍ବା ଧାରଣା ଦ୍ୱାରା ଆଗକୁ ଚଲାଇବା

କ୍ରୋଧାନ୍ୱିତ : ଅତ୍ୟଧିକ ରାଗ କିମ୍ବା କ୍ରୋଧିତ ।

ଦେଶୀ: ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଜନ୍ମଗ୍ରହଣକାରୀ , ସେହି ଅଞ୍ଚଳରୁ ଉତ୍ପତ୍ତି କିମ୍ବା ପ୍ରାକୃତିକ ଭାବରେ ବିଦ୍ୟମାନ ।

ଅନପକାରୀ : କ୍ଷତିକାରକ, ଅପମାନଜନକ କିମ୍ବା ଉତ୍ତେଜନା ସୃଷ୍ଟିକରିବାର ସମ୍ଭାବନା ନାହିଁ ।

ପ୍ରତୀକ: ଏକ ରାଜ୍ୟ କିମ୍ବା ଶାସକଙ୍କୁ ପ୍ରତିନିଧିତ୍ୱ କରୁଥିବା ଏକ ପ୍ରତୀକ କିମ୍ବା ବ୍ୟାଜ୍ ।

କାଇଜେନ୍: ଛୋଟ ଛୋଟ କାର୍ଯ୍ୟ ଦ୍ୱାରା, ନିରନ୍ତର ଉନ୍ନତି କରିବା ଉପରେ ଧ୍ୟାନ ଦେଉଥିବାଏକ ଜାପାନୀ ଆଭିମୁଖ୍ୟ ।

ଉତ୍ତରାଧିକାରୀ: ପୂର୍ବ ସମୟର ହସ୍ତାନ୍ତର ହୋଇ ଆସିଥିବା କିଛି ମୂଲ୍ୟବାନ ଜ୍ଞାନ, ପରମ୍ପରା କିମ୍ବା ସଫଳତା ।

ଶହୀଦ: ବିଶେଷକରି ଧାର୍ମିକ କିମ୍ବା ନୈତିକ କାରଣ ପାଇଁ ମୃତ୍ୟୁ କିମ୍ବା ଯନ୍ତ୍ରଣା ଭୋଗିବା ।

ଭଡାଟିଆ ସୈନିକ: ଏକ ବିଦେଶୀ ସେନା ଗୋଷ୍ଠୀ କିମ୍ବା ସଂଗଠନରେ ସେବା କରିବା ପାଇଁ ନିଯୁକ୍ତ ସୈନିକ ।

ମଲ୍‌ଚିଙ୍ଗ୍:ମାଟିକୁ ସୁରକ୍ଷା ଦେବା ଏବଂ ଏହାର ଅବସ୍ଥାରେ ଉନ୍ନତି ଆଣିବା ପାଇଁ ନଡ଼ା କିମ୍ବା ପତ୍ର ସହିତ ଆଚ୍ଛାଦିତ ଏକ ସ୍ତର ।

କୁଖ୍ୟାତ: କିଛି ଖରାପ ପାଇଁ ପ୍ରସିଦ୍ଧ ।

ଅଳଙ୍କୃତ: ଅତ୍ୟଧିକ ସଜ୍ଜିତ , ପ୍ରାୟତଃ ଜଟିଳ ଏବଂ ଫ୍ୟାନ୍ସି ଡିଜାଇନ୍ ସହିତ ।

ନିର୍ଯ୍ୟାତନା: ଧର୍ମ, ଜାତି କିମ୍ବା ରାଜନୈତିକ ବିଶ୍ୱାସକୁ ଆଧାର କରି ଅନ୍ୟମାନଙ୍କ ସହ ଅନ୍ୟାୟ ଏବଂ ନିଷ୍ଠୁର ଭାବେ ବ୍ୟବହାର କରିବା ।

ପରୋପକାରୀ: ଲୋକଙ୍କ ଜୀବନରେ ଉନ୍ନତି ଆଣିବା ପାଇଁ ଅର୍ଥ, ସମୟ କିମ୍ବା ପ୍ରୟାସ ଦେଇ ଅନ୍ୟମାନଙ୍କୁ ସାହାଯ୍ୟ କରିବା ବ୍ୟକ୍ତି ।

ଲୁଣ୍ଠନ: ଯୁଦ୍ଧ କିମ୍ବା ଆକ୍ରମଣ ସମୟରେ ବଳପୂର୍ବକ ସାମଗ୍ରୀ ଚୋରି କରିବା ।

ପ୍ରିମିୟମ୍ ମୂଲ୍ୟ: ଏକ ଉତ୍ପାଦ କିମ୍ବା ସେବା ପାଇଁ ହାରାହାରି ମୂଲ୍ୟଠାରୁ ଅଧିକମୂଲ୍ୟ ।

ପ୍ରକ୍ସି ଭୋଟିଂ: ଅନ୍ୟ କାହା ବଦଳରେ ଭୋଟ୍ ଦେବା (ଯାହା ନିରପେକ୍ଷ ନିର୍ବାଚନରେ ଅନୁମୋଦିତ ନୁହେଁ)।

ପୁନରୁତ୍ଥାନ : ଅଳ୍ପ କିଛି କାର୍ଯ୍ୟକଳାପ ପରେ କୌଣସି ଜିନିଷର ଅବସ୍ଥାରେ ବୃଦ୍ଧି କିମ୍ବା ପ୍ରତ୍ୟାବର୍ତ୍ତନ ।

ପ୍ରତିଶୋଧ ନେବା: ଆକ୍ରମଣ କିମ୍ବା କ୍ଷତିକାରକ କାର୍ଯ୍ୟପାଇଁ କରାଯାଇଥିବା ପ୍ରତିକ୍ରିୟା ।


TAJIKISTAN
AFGHANISTAN
PAKISTAN
CHINA (TIBET)
NEPAL
BHUTAN
BANGLADESH
MYANMAR (BURMA)
SRI LANKA
INDIAN OCEAN
ARABIAN SEA
BAY OF BENGAL
LADAKH
Srinagar
Leh
JAMMU & KASHMIR
Jammu
HIMACHAL PRADESH
Shimla
PUNJAB
CHANDIGARH
Dehradun
UTTARAKHAND
HARYANA
DELHI
New Delhi
Jaipur
RAJASTHAN
UTTAR PRADESH
Lucknow
SIKKIM
Gangtok
ARUNACHAL PRADESH
Itanagar
Dispur
ASSAM
NAGALAND
Kohima
Shillong
MEGHALAYA
BIHAR
Patna
Imphal
MANIPUR
Agartala
TRIPURA
Aizawl
MIZORAM
JHARKHAND
Ranchi
WEST BENGAL
Kolkata
Gandhinagar
GUJARAT
Bhopal
MADHYA PRADESH
CHHATTISGARH
Raipur
Bhuvaneswar
ODISHA
Daman
DADRA & NAGAR HAVELI AND DAMAN & DIU
MAHARASHTRA
Mumbai
TELANGANA
Hyderabad
Yanam (Puducherry)
Amaravati
Panaji
GOA
ANDHRA PRADESH
KARNATAKA
Bengaluru
Chennai
Mahe (Puducherry)
PUDUCHERRY
LAKSHADWEEP (INDIA)
Kavaratti
KERALA
TAMIL NADU
Karaikal (Puducherry)
Thiruvananthapuram
ANDAMAN & NICOBAR ISLANDS (INDIA)
Port Blair
International Boundary
State/UT Boundary
Country Capital
State/UT Capital